# ରାଣୀ ରତ୍ନାବତୀ

ନର ବା ନାରୀ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କ ଭକ୍ତିର ଅଧିକାରୀ । ଭଗବତ୍ ଭକ୍ତି ଛଡ଼ା ମନୁଷ୍ୟଜୀବନ ବ୍ୟର୍ଥ, ଶୁଷ୍କ, ନିରାନନ୍ଦ, ଅଶାନ୍ତ, ଦୁଃଖଯାତନାମୟ । ଭଗବତ୍ ଭକ୍ତିରେହିଁ ମାନବଜନ୍ମ ସଫଳହୁଏ, ଜୀବନ ପରମ ଶାନ୍ତି, ପରମାନନ୍ଦମୟ ହୁଏ; ତା' ମଧ୍ୟରେ ନ୍ୟାୟ, ସତ୍ୟ, ଅହିଂସା, ସମତା, ଦୟା, କରୁଣା, ଶାନ୍ତି, ସନ୍ତୋଷାଦି ଦିବ୍ୟଗୁଣ ପ୍ରକାଶିତ ହୁଏ । ଭକ୍ତହିଁ ପ୍ରାଣୀମାତ୍ରର ପ୍ରିୟ, ସମସ୍ତେ ତା'ର ମିତ୍ର । ସେ ପ୍ରାଣୀମାତ୍ରରେ ନିଜ ଇଷ୍ଟଦେବଙ୍କୁ ଦର୍ଶନ କରେ । ଭଗବତ୍ ଶକ୍ତି ପ୍ରଭାବରେ ହିଂସ୍ରଜନ୍ତୁ ହିଂସା ତ୍ୟାଗ କରି ଭକ୍ତର ମିତ୍ର ହୋଇଯାନ୍ତି । ହିଂସ୍ରଜନ୍ତୁମାନେ ଭକ୍ତର ଭାବରେ ହିଂସା କିପରି ତ୍ୟାଗ କରନ୍ତି, ଆଜି ଆମ୍ଭେମାନେ ତାହା ପୂଜ୍ୟ ନାଭାଜି ମହାରାଜଙ୍କ ଲିଖିତ ଭକ୍ତମାଳର ରାଣୀ ରତ୍ନାବତୀଙ୍କ ଚରିତରୁ ଆଲୋଚନା କରିବା ।

ଆଁବେରର ପ୍ରସିଦ୍ଧ ମହାରାଜା ମାନସିଂହଙ୍କର ରାଜା ମାଧୋସିଂହ ଥିଲେ ଛୋଟ ଭାଇ । ମାଧୋସିଂହଙ୍କ ଧର୍ମପତ୍ନୀଙ୍କ ନାମ ଥିଲା ରତ୍ନାବତୀ । ରତ୍ନାବତୀଙ୍କ ରୂପ ଯେପରି ସୁନ୍ଦର ଥିଲା, ସେହିପରି ସେ ସଦ୍‌ଗୁଣରେ ବିଭୂଷିତା ଥିଲେ । ତାଙ୍କ ହୃଦୟ ଥିଲା ଶୁଦ୍ଧ, ପବିତ୍ର, ସୌହାର୍ଦ୍ଦ୍ୟରେ ପୂର୍ଣ୍ଣ । ସେ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସଦ୍‌ବ୍ୟବହାର କରୁଥିଲେ । ତାଙ୍କ ବ୍ୟବହାରରେ ପରିବାରର ସକଳ ବ୍ୟକ୍ତି ଏବଂ ଦାସଦାସୀ ମୁଗ୍ଧ ଥିଲେ । ତାଙ୍କର ସୁନ୍ଦର ବ୍ୟବହାର ଯୋଗୁଁ ଦାସୀମାନେ ତାଙ୍କ ସେବା ସକାଶେ ପ୍ରାଣ ଉତ୍ସର୍ଗ କରିବାକୁ କୁଣ୍ଠାବୋଧ କରୁ ନ ଥିଲେ । ସେ ଦାସୀମାନଙ୍କୁ ନିଜ ନିଜ କାର୍ଯ୍ୟରେ ସ୍ୱାତନ୍ତ୍ର୍ୟ ଦେଇଥିଲେ ।

ଭଗବାନ୍ ଭାବରେ ବଶ । ଭଗବାନଙ୍କ ଚରଣରେ ଯେ ନିଜକୁ ସମର୍ପଣ କରେ ସେ ତା'ର ନିଜର ହୋଇଯା'ନ୍ତି । ତାଙ୍କ ନିକଟରେ କେହି ଉଚ୍ଚ-ନୀଚ, ବଡ଼-ଛୋଟ ନ ଥା'ନ୍ତି । ସେ ଭକ୍ତର ଅଧୀନ, ଭକ୍ତ ତାଙ୍କର ସର୍ବସ୍ୱ । ଭକ୍ତ



ସଙ୍ଗେ ସେ ଛାୟା ସଦୃଶ ରହିଥା'ନ୍ତି । ରତ୍ନାବତୀଙ୍କ ମହଲରେ ଜଣେ ଦାସୀ ଶ୍ରୀକୃଷ୍ଣଙ୍କ ଭକ୍ତା ଥିଲେ । ସେ ଶ୍ରୀକୃଷ୍ଣଙ୍କର ଗୋଟିଏ ସୁନ୍ଦର ପ୍ରତିମା ରଖି ଏକାନ୍ତରେ ପୂଜା କରନ୍ତି । ଶ୍ରୀକୃଷ୍ଣଙ୍କ ମୂର୍ତ୍ତିକୁ ସ୍ନାନ କରାଇ, ବସ୍ତ୍ର-ଭୂଷଣ, ପୁଷ୍ପରେ ବିଭୂଷିତ କରି ଧୂପ, ଦୀପ, ନୈବେଦ୍ୟ ସମର୍ପଣ କରି ହାତ ଯୋଡ଼ି ପ୍ରାର୍ଥନା କରନ୍ତି । ସେ ସମୟରେ ତାଙ୍କ ନେତ୍ରରୁ ଅଶ୍ରୁ ପ୍ରବାହିତ ହୁଏ । ସେ କେବେ କେବେ ବାହ୍ୟଜ୍ଞାନଶୂନ୍ୟା ହୋଇଯା'ନ୍ତି । ସେହି ଅବସ୍ଥାରେ ରତ୍ନାବତୀ ଆସ୍ତେ ଆସ୍ତେ ତାଙ୍କ ପାଖକୁ ଯାଇ ଛିଡ଼ାହୋଇ ଦେଖନ୍ତି । ଦାସୀ ବାହ୍ୟଜ୍ଞାନପ୍ରାପ୍ତା ହେବା ସମୟରେ ତା'ର ଅଜାଣତରେ ସେ ପାଦ ଦାବି ଚାଲିଆସନ୍ତି, ଯେପରି ଦାସୀ ତାଙ୍କର ଦେଖିବା କଥା ଜାଣି ନ ପାରେ । ରତ୍ନାବତୀ ରାଜକନ୍ୟା ଥିଲେ । ଅଲିଅଳ ଜେମାରୂପେ ତାଙ୍କର ଲାଳନପାଳନ ହୋଇଥିଲା । ବାଲ୍ୟାବସ୍ଥାରୁ ସୁଖମୟ ଜୀବନ ବ୍ୟତୀତ ହୋଇ ଆସୁଥିଲା । ମନୁଷ୍ୟ ବିପଦ ବା ଦୁଃଖକଷ୍ଟରେ ପଡ଼ିଲେ କିଛି ଭାବେ, ସୁଖରେ କିଛି ଭାବିବା ଆବଶ୍ୟକ ହୁଏ ନାହିଁ । ରତ୍ନାବତୀଙ୍କ ଜୀବନରେ କେବେହେଲେ ଦୁଃଖ ଆସି ନ ଥିଲା । ସେଥିନେଇ ତାଙ୍କୁ କେବେ ବିଶେଷ କିଛି ଭାବିବାକୁ ହୋଇ ନ ଥିଲା । ତଥାପି ତାଙ୍କ ମଧ୍ୟରେ କୌଣସି ସତ୍ତା ଭଗବତ୍ ଭକ୍ତି ପ୍ରତି ଆକୃଷ୍ଟ ହୋଇଥିଲା । ସେ ଅଜ୍ଞାତରେ ଦାସୀର ଭଗବତ୍ ଭକ୍ତିରେ ମୁଗ୍ଧା ଥିଲେ । ଦାସୀକୁ ସେ କେବଳ ଭଲ ପାଉ ନ ଥିଲେ, ଅନ୍ତରରେ ସମ୍ମାନ କରୁଥିଲେ । ଦାସୀର ପୂଜା ସମୟରେ ସେ ପ୍ରାୟ ପ୍ରତ୍ୟହ ଯାଇ ଉହାଡ଼ରେ ଛିଡ଼ାହୋଇ ଦେଖୁଥିଲେ । ଦାସୀର ପୂଜା ଧ୍ୟାନ ତାଙ୍କୁ ଖୁବ୍ ଭଲ ଲାଗୁଥିଲା । ଦାସୀକୁ ସେ ଅନ୍ତରରେ ଉତ୍ତରୋତ୍ତର ସମ୍ମାନ କରିବାକୁ ଲାଗିଲେ । ଦାସୀକୁ କିଛି ନ କହି ତା'ର କାମ ଏତେ କମ୍ କରିଦେଲେ, ଯେପରି ସେ ଅଧିକ ସମୟ ଭଗବତ୍ ସେବାରେ ବ୍ୟତୀତ କରିପାରିବ ।

ଭଗବାନଙ୍କଠାରୁ ଯେ ଅନ୍ତରରେ ଯାହା ଚାହେଁ, ଭଗବାନ୍ ତାକୁ ତାହା ଦିଅନ୍ତି । କିନ୍ତୁ ଭାଗ୍ୟହୀନ ଲୋକ ଭଗବାନଙ୍କୁ ଭକ୍ତି କରନ୍ତି ନାହିଁ କିଂବା ଭଗବାନଙ୍କଠାରୁ ଅନ୍ତରରେ କିଛି ଚାହାନ୍ତି ନାହିଁ । ଯେ କେହି ସଂସାରୀ ଲୋକ

ଭଗବାନଙ୍କୁ ଡାକନ୍ତି ତାଙ୍କର ଫରମାସୀର ସୀମା ରହେ ନାହିଁ, କିନ୍ତୁ ଅନନ୍ୟ ଭକ୍ତଙ୍କୁ ସଂସାରର ଭୋଗ-ଐଶ୍ୱର୍ଯ୍ୟରେ ଆନନ୍ଦ ମିଳେ ନାହିଁ; ସେ ଚାହାନ୍ତି ଭଗବାନଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ଭକ୍ତି । ସେ ଭଗବାନଙ୍କ ନାନାବିଧ ଲୀଳା-ରସ ଆସ୍ୱାଦନ କରି ତାଙ୍କରି ଯନ୍ତ୍ର ହୋଇ ସମସ୍ତ କର୍ମ ତାଙ୍କରି ସେବାରୂପେ କରିବାକୁ ଚାହାନ୍ତି । ଭଗବାନ୍ ଭାବର ବଶ । ଭକ୍ତର ଚାହିଦା ପୂର୍ଣ୍ଣ କରିବା ତାଙ୍କ କାମ । ସେ ଭକ୍ତର ହୃଦୟରେ ମନୋମୁଗ୍ଧକାରୀ ନାନାପ୍ରକାର ଲୀଳା ପ୍ରକାଶ କରି ଭକ୍ତକୁ ଆନନ୍ଦ-ସମୁଦ୍ରରେ ବୁଡ଼େଇ ଦିଅନ୍ତି । ରତ୍ନାବତୀଙ୍କର ସେହି ଦାସୀଟି ସେହି କୋଟିର ଭକ୍ତା ଥିଲେ । ତାଙ୍କ ହୃଦୟରୁ ସାଂସାରିକ କାମନାବାସନା ଦୂର ହୋଇ ଯାଇଥିଲା । ସେ ଚାହୁଁଥିଲେ ପ୍ରେମାନନ୍ଦରେ ବୁଡ଼ି ରହିବାକୁ । ଭଗବାନ୍ ତାଙ୍କ ଇଚ୍ଛା ପୂର୍ଣ୍ଣ କରି, ତାଙ୍କ ସହିତ ମାନସ ଚେତନାର ଊର୍ଦ୍ଧ୍ୱରେ ବହୁପ୍ରକାର ଲୀଳା କରି ତାଙ୍କୁ ସୁଖ ଦେଉଥିଲେ । ଦାସୀ ସର୍ବଦା ଭଗବାନଙ୍କ ମାନସ ସେବାରେ ବିଭୋର ରହୁଥିଲେ । ଯେତେବେଳେ ସେ ହାତ ଯୋଡ଼ି 'ହା ନାଥ', 'ହା ପ୍ରାଣନାଥ' କହି ଡାକୁଥିଲେ ସେତେବେଳେ ତାଙ୍କ ହୃଦୟର ପ୍ରେମତରଙ୍ଗ ଉଚ୍ଛୁଳି ପଡ଼ି ତାଙ୍କ ପଶ୍ଚାତରେ ଛିଡ଼ା ହୋଇଥିବା ରାଣୀ ରତ୍ନାବତୀଙ୍କ ମାନସପଟରେ ଥିବା ଆବରଣକୁ ଭସାଇ ନେଇ ଯାଉଥିଲା । ଭାଗବତ ପ୍ରେମର ଅସାଧାରଣ ଆକର୍ଷଣଶକ୍ତି ଅଛି । ତାହାର ସ୍ପର୍ଶରେ ଆସିଲେ ମନୁଷ୍ୟହୃଦୟକୁ ତାହା ଅଧିକାର କରିନିଏ; ସେଥିରୁ ମନୁଷ୍ୟ ମୁକ୍ତ ହୋଇପାରେ ନାହିଁ । ଚୈତନ୍ୟ ମହାପ୍ରଭୁ ପ୍ରେମୋନ୍ମାଦ ଅବସ୍ଥାରେ ଯାହାକୁ ସ୍ପର୍ଶ କରିଦେଉଥିଲେ ସେ ଉନ୍ମତ୍ତ ହୋଇ ନୃତ୍ୟ କରିବାକୁ ଲାଗୁଥିଲା । ଦାସୀଙ୍କର ସେହି ଭଗବତ୍ ପ୍ରେମ ରାଣୀ ରତ୍ନାବତୀଙ୍କ ହୃଦୟକୁ ଅଧିକାର କରିନେଲା । ଦାସୀ ପ୍ରେମାବେଗରେ ଭଗବତ୍ ପ୍ରାର୍ଥନା କରିବା ସମୟରେ ରାଣୀଙ୍କ ନେତ୍ରରୁ ପ୍ରେମାଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଦାସୀର ଭଗବତ୍ ସେବା ସମୟକୁ ସେ ପ୍ରତୀକ୍ଷା କରିବାକୁ ଲାଗିଲେ । ସେ ସମୟରେ ସେ ସମସ୍ତ କାର୍ଯ୍ୟ ଛାଡ଼ି ଦାସୀଙ୍କ ଭଗବତ୍ ସେବା ତାଙ୍କ ଅଜ୍ଞାତରେ ନିୟମିତ ରୂପେ ଦେଖିବାକୁ ବାଦ୍ ଦେଲେ ନାହିଁ । ତାଙ୍କୁ ସେଥିରେ



ବଡ଼ ଆନନ୍ଦ ମିଳିଲା । ଭଗବତ୍ ଭକ୍ତିର ଶକ୍ତି ଠିକ୍ ଚୁମ୍ବକ ଶକ୍ତି ପରି । କୌଣସି ବ୍ୟକ୍ତି ହୃଦୟରେ କୌଣସି କୋଣ ଟିକିଏ ଯଦି ଭଗବାନଙ୍କ ପ୍ରତି ଉନ୍ମୁକ୍ତ ଥାଏ, ତେବେ ଭକ୍ତର ସଂସ୍ପର୍ଶରେ ଆସିବା ମାତ୍ରେ ସେ ଆକର୍ଷିତ ହୋଇଆସେ । କିନ୍ତୁ ଚୁମ୍ବକ ଯେପରି କାଠକୁ ଆକର୍ଷଣ କରିପାରେ ନାହିଁ, ସେହିପରି କାମନାବାସନାଦି ଦୁର୍ଗୁଣରେ ଯାହାର ହୃଦୟ ଆବୃତ ଥାଏ, ତାହାର ଆତ୍ମାକୁ  ଭଗବତ୍ ଭକ୍ତି ସ୍ପର୍ଶ କରିପାରେ ନାହିଁ । ରାଣୀ ରତ୍ନାବତୀଙ୍କ ହୃଦୟ ଥିଲା ଉନ୍ମୁକ୍ତ । ଭକ୍ତା ଦାସୀର ଭକ୍ତି-ସଂସ୍ପର୍ଶରେ ସେ ଆସି ଆକର୍ଷିତ ହୋଇ ଭଗବାନଙ୍କ ଚରଣରେ ନିଜକୁ ଉତ୍ସର୍ଗ କରିଦେଲେ । କ୍ରମଶଃ ଭକ୍ତିର ଆବେଗ ବୃଦ୍ଧି ହେବାକୁ ଲାଗିଲା । ଭକ୍ତିର ନିୟମ ହେଉଛି ତାହା ବୃଦ୍ଧିପ୍ରାପ୍ତ ହେଲେ ମନୋନିର୍ମିତ, ସମାଜ-ନିର୍ଦ୍ଧାରିତ ବଡ଼-ଛୋଟ ଧାରଣାର ସୀମାକୁ ଭାଙ୍ଗିଦିଏ । ଦିନେ ଦାସୀ ପୂଜାସେବା ଶେଷ କରି ପ୍ରାର୍ଥନା କରିବାକୁ ଲାଗିଲେ, ''ହେ ମନୋମୋହନ, ହେ ବ୍ରଜଚନ୍ଦ୍ର, ହେ ରାଧାପ୍ରାଣଧନ, ତୋ ବଂଶୀବିଭୂଷିତ, ସୁନ୍ଦର ଶ୍ରୀମୁଖ ଥରେ ଦେଖାଇ ଦେ । ତୁ କ'ଣ ମୋତେ ଅଧମ ଦାସୀ ଜାଣି ଦର୍ଶନ ଦେବାକୁ କୁଣ୍ଠିତ ହେଉଛୁ ? ନାହିଁ, ନାହିଁ, ନାଥ, ତୁ ତ ଦୀନଜନ ବନ୍ଧୁ, ଦରିଦ୍ରର ସଖା । ତୁ ଭକ୍ତିବଶରେ ସଦନା କଂସେଇ ଘରେ ରହି ତାକୁ ଆନନ୍ଦ ଦେଉଥିଲୁ । ଶବରୀର ଅଇଁଠା ଫଳ, ବିଦୁର ସ୍ତ୍ରୀର କଦଳୀ ଚୋପା ଖାଇଥିଲୁ । ତୋ ପାଖରେ ଛୋଟ ବଡ଼ ନାହିଁ । ତୁ ଭକ୍ତିର ବଶ । ହେ ନାଥ, ମୋର ଭକ୍ତି ନାହିଁ କିଂବା ତୋ ଚରଣରେ ଅନୁରାଗ ନାହିଁ । ତୁ କେବଳ ନିଜ କୃପାରେ ଦୟାପରବଶ ହୋଇ ମୋତେ ଥରେ ଦର୍ଶନ ଦେ ।'' ନେତ୍ରରୁ ଅଶ୍ରୁଧାରା ବହୁଥାଏ, ରୋମ ପୁଲକିତ, ଶରୀର କମ୍ପନରେ ଥାଏ, ଏତିକି କହିବା ପରେ ଦାସୀ ବାହ୍ୟଜ୍ଞାନଶୂନ୍ୟା ହୋଇଗଲା ।

ରାଣୀ ରତ୍ନାବତୀଙ୍କର ଆଜି ଭଗବତ୍ ପ୍ରେମ-ଭକ୍ତିରେ ହୃଦୟ ଗଦ୍‌ଗଦ୍ ହୋଇଗଲା । ସେ ଦାସୀକୁ ବହୁତ ସୌଭାଗ୍ୟବତୀ ମନେକରି ନିଜକୁ କହିଲେ, ''ତୋ ଶରୀରରେ ରାଣୀଚିହ୍ନ କେଉଁଠି ଅଛି ? ଯଦି ଥାଏ ଭଗବତ୍ ଭକ୍ତି ଛଡ଼ା ନିରର୍ଥକ । ଯେଉଁ ହୃଦୟରେ ଭଗବତ୍ ଭକ୍ତି ନାହିଁ ସେ ପଶୁ ତୁଲ୍ୟ । ଭଗବତ୍

ଭକ୍ତି ପ୍ରାପ୍ତିରେ ଯଦି ଏହି ରାଣୀତ୍ୱ ବାଧକ, ଆଜି ବର୍ତ୍ତମାନ ଏହାକୁ ତ୍ୟାଗ କରୁଛି ।'' ଏହି ବିଚାର ସଙ୍ଗେ ସଙ୍ଗେ ରାଣୀଙ୍କ ନେତ୍ରରୁ ଅଶ୍ରୁ ପ୍ରବାହିତ ହେଲା । ସେ ଭଗବତ୍ ଭକ୍ତିରେ ବିଭୋର ହୋଇ ବସିପଡ଼ି ଦାସୀଙ୍କୁ ସ୍ପର୍ଶ କଲେ । ରାଣୀଙ୍କ ସ୍ପର୍ଶରେ ଦାସୀ ବାହ୍ୟଜ୍ଞାନ ପ୍ରାପ୍ତ ହୋଇ ରାଣୀଙ୍କୁ ଭକ୍ତିବିଭୋର ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ତଥା ଲଜ୍ଜା-ସଙ୍କୋଚରେ ବିସ୍ମିତ ହୋଇ କହିଲେ, ''ମହାରାଣୀ, ଆପଣ ଏଠାକୁ କିପରି ଆସିଲେ ?''

ରାଣୀ ଉତ୍ତରରେ କହିଲେ, ''ଦାସୀ, ତୁ ପ୍ରକୃତରେ ଭାଗ୍ୟବତୀ । ମୋତେ କହ, ତୁ ଏପରି ଭଗବତ୍ ପ୍ରେମ-ଭକ୍ତି କେଉଁଠାରୁ ପାଇଲୁ ? ମୋତେ ଏହି ପ୍ରେମ-ଭକ୍ତି ମାର୍ଗ ତୁ ବତାଇ ଦେ ।''

ଦାସୀ ସରଳ ତଥା ନିଷ୍କପଟ ହୃଦୟରେ ଆଦର-ସମ୍ମାନପୂର୍ବକ ଉତ୍ତର ଦେଲେ, ''ମହାରାଣୀ, ଆପଣଙ୍କୁ ଘରସଂସାର କରିବାକୁ ହେବ । ଘରର ଦାୟିତ୍ୱ, ସମାଜର ପ୍ରତିଷ୍ଠା ନିର୍ଭର କରେ ଆପଣଙ୍କ ଉପରେ । ଭଗବତ୍ ଭକ୍ତିମାର୍ଗରେ ଥରେ ପ୍ରବେଶ କଲେ ସେଥିରୁ ବାହାରିବା ଯେପରି କଠିନ, ସେହିପରି ସମାଜ-ବନ୍ଧନରୁ ମୁକ୍ତ ହେବା କଠିନ । ଏହି ଦୁଇଟି ସମସ୍ୟାର ସଂଘର୍ଷ ଜୀବନରେ ଚାଲେ । ତା'ଛଡ଼ା ଆପଣ ଏମାର୍ଗରେ ପ୍ରବେଶ କଲେ ସମାଜ ତଥା ପରିବାର ଆପଣଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରି ଆପଣଙ୍କ ଜୀବନକୁ ସଂକଟାପନ୍ନ କରି ତୋଳିବ । ଆପଣଙ୍କ ପକ୍ଷେ ସବୁଠାରୁ ଭଲ ହେବ ଏ ମାର୍ଗରେ ପ୍ରବେଶ ନ କରି ଆମୋଦପ୍ରମୋଦରେ ଜୀବନ ବ୍ୟତୀତ କରିବା । ବୃଥାରେ ବିପଦକୁ ଡାକି ଆଣିବାରେ ଲାଭ କ'ଣ ? ତା'ଛଡ଼ା ଏକ ଦିଗରେ ଆସିବ ବିପତ୍ତି, ଅନ୍ୟ ଦିଗରେ ଭଗବତ୍ ପ୍ରାପ୍ତି ବି ଏତେ ସହଜ ନୁହେଁ । ଭଗବତ୍ ପ୍ରାପ୍ତି ମାର୍ଗରେ ନିଜ ମନ-ପ୍ରାଣ ସହିତ ବରାବର ସଂଗ୍ରାମ କରିବାକୁ ପଡ଼ିବ । ଭଗବାନ୍ ଦୂରରେ ଛିଡ଼ାହୋଇ କୌତୁକ ଦେଖୁଥିବେ, ଦେଖାଦେବେ ନାହିଁ କି ଧରାପଡ଼ିବେ ନାହିଁ । ନାନାପ୍ରକାର ଆମୋଦପ୍ରମୋଦ, ଭୋଗବିଳାସ ଛାଡ଼ି ଏହି ସଂଘର୍ଷପୂର୍ଣ୍ଣ ମାର୍ଗରେ କାହିଁକି ପ୍ରବେଶ କରିବେ ?''



ଏକଥା ଶୁଣି ରାଣୀ ରତ୍ନାବତୀଙ୍କର ଉତ୍କଣ୍ଠା ଆହୁରି ବଢ଼ିଗଲା । ସେ ଦାସୀର ହାତ ଧରି କହିଲେ, ''ତୋତେ ଯେଉଁ ଭଗବତ୍ ଭକ୍ତି ପ୍ରାପ୍ତ ହୋଇଛି ତାହାର ଏକ କଣା ଉଡ଼ିଆସି ମୋ ଉପରେ ପଡ଼ିଛି । ସେତିକିରେ ମୋତେ ଏହିସବୁ ସାଂସାରିକ ଭୋଗବିଳାସ, ଐଶ୍ୱର୍ଯ୍ୟ, ମାନ-ପ୍ରତିଷ୍ଠା ତୁଚ୍ଛ, ନିରସ, ସାରହୀନ ବୋଲି ପ୍ରତୀତ ହେଉଛି । ସେହି ଭଗବତ୍ ଭକ୍ତି ଅମୂଲ୍ୟ ରତ୍ନପ୍ରାପ୍ତି ମାର୍ଗରେ ଯେତେପ୍ରକାର ବାଧାବିପତ୍ତି, ଯେତେ ସଂଗ୍ରାମ ତୁ ବର୍ଣ୍ଣନା କଲୁ, ସେସବୁ ତୁଚ୍ଛ । ତାହା ସକାଶେ ଯଦି ନିଜ ହାତରେ ମସ୍ତକ କାଟି ଦେଇଦେବାକୁ ହୁଏ, ତାହା ବହୁତ ଶସ୍ତା ।''

ରାଣୀଙ୍କର ଏପରି ଦୃଢ଼ ସଂକଳ୍ପ, ନିଷ୍ଠା ଓ ଉତ୍ସାହ ଦେଖି ଦାସୀ ଭଗବତ୍ ଭକ୍ତିର ରହସ୍ୟ ଉପଦେଶ ଦେଲେ । ଦାସୀ ଆଉ ଦାସୀ ହୋଇ ରହିଲେ ନାହିଁ, ସେ ହେଲେ ରାଣୀଙ୍କର ଗୁରୁ । ଆମୋଦପ୍ରମୋଦ, ଭୋଗବିଳାସର ରାଣୀମହଲ ହେଲା ଭକ୍ତମାନଙ୍କ ସତ୍‌ସଙ୍ଗ ମନ୍ଦିର । ରାଣୀଙ୍କର ଭକ୍ତିଭାବର ପ୍ରଭାବ ପଡ଼ିଲା ଅନ୍ୟ ଦାସୀମାନଙ୍କ ଉପରେ । ରାଣୀ-ବାସରେ ଦିନରାତି ଭଗବତ୍ ଲୀଳା, ଭକ୍ତିର ରହସ୍ୟ, ଭଗବାନଙ୍କ କୃପା, ଦୟା, କରୁଣା ଚର୍ଚ୍ଚା ଚାଲିଲା । ହୃଦୟରେ ଭଗବତ୍ ପ୍ରେମାଗ୍ନିରେ ଭଗବତ୍ ବିଷୟକ ଚର୍ଚ୍ଚା ଘୃତାହୁତି ତୁଲ୍ୟ ହୋଇ ପ୍ରେମାଗ୍ନିକୁ ପ୍ରଜ୍ୱଳିତ କଲା । ଦାସୀ ସହିତ ଦିନରାତି ଶ୍ରୀକୃଷ୍ଣଙ୍କ ବାଲ୍ୟ-ମାଖନ ଚୋରି, ଗୋଚାରଣ, ରାସକ୍ରୀଡ଼ାର ଲଳିତ ମାଧୁର୍ଯ୍ୟ ଲୀଳା ଶ୍ରବଣ କରି ରାଣୀଙ୍କର ଶ୍ରୀକୃଷ୍ଣ ଦର୍ଶନ ସକାଶେ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ସେ ଅଧୈର୍ଯ୍ୟ ହୋଇ ଦାସୀକୁ କହିଲେ :

''କଛୁକ ଉପାୟ କୀଜୈ, ମୋହନ ଦିଖାୟ ଦୀଜୈ,
ତବ ହୀ ତୋ ଜୀଜୈ ୱେତୋ ଆନି ଉର ଅରେ ହୈଁ ।'' (ଭକ୍ତମାଳ)

''ଏପରି କିଛି ଉପାୟ କରି ମୋତେ ମୋହନର ଦର୍ଶନ କରାଇଦିଅ, ତେବେ ଏହି ଜୀବନ ରହିବ । ସେ ମୋ ହୃଦୟରେ ଆସି ଘର କରି ଗଲେଣି ।''

ଦାସୀ କହିଲେ :

''ଦରଶନ ଦୂର ରାଜ ଛୋଡ଼େ଼ ଲୋଟେ ଧୂର ପୈ ନ
ପାବ ଛବି ପୂର ଏକ ପ୍ରେମ ବସ କରେ ହେଁ ।'' (ଭକ୍ତମାଳ)

''ମହାରାଣୀ, ଦର୍ଶନ ସହଜ ନୁହେଁ, ଯେଉଁମାନେ ରାଜପାଟ ଛାଡ଼ି ଧୂଳିରେ ଲୋଟୁଛନ୍ତି, ସେମାନେ ଭଗବତ୍ ଦର୍ଶନ ପାଉ ନାହାନ୍ତି । କିନ୍ତୁ ଭଗବାନଙ୍କୁ ବଶ କରିବାର ଗୋଟିଏ ଉପାୟ 'ପ୍ରେମ' । ତୁମେ ତାଙ୍କୁ ପ୍ରେମରେ ବଶ କରିପାର ।''

ରାଣୀ ରତ୍ନାବତୀଙ୍କ ହୃଦୟରେ ଭଗବତ୍ ଭକ୍ତି ପ୍ରତିଷ୍ଠିତ ହୋଇ ସାରିଥିଲା । ଜୀବନର ପରମ ଫଳ ଭଗବତ୍ ପ୍ରାପ୍ତି ବୋଲି ସେ ହୃଦୟଙ୍ଗମ କରିସାରିଥିଲେ । ଭଗବତ୍ ପ୍ରାପ୍ତିରେ ସାଂସାରିକ ସମସ୍ତ ଐଶ୍ୱର୍ଯ୍ୟର ତ୍ୟାଗ, ପରଲୋକ ସକାଶେ ସମସ୍ତପ୍ରକାର ତପସ୍ୟା– ଯମ, ନିୟମ, ସଂଯମ, ଆସନ, ପ୍ରାଣାୟାମ, ଜ୍ଞାନ, ଯୋଗ ସମସ୍ତ ମୂଲ୍ୟହୀନ ବୋଲି ସେ ମନେକରିଥିଲେ । ତାଙ୍କ ପାଖରେ ଏପରି କୌଣସି ବସ୍ତୁ ନ ଥିଲା ଯାହାକୁ ଦେଇ ସେ ଭଗବତ୍ ଦର୍ଶନ ଦାବି କରିପାରିଥା'ନ୍ତେ । ଭଗବତ୍ ପ୍ରାପ୍ତିରେ ମନୁଷ୍ୟର ତପସ୍ୟା– ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା, ଯୋଗ, ଭକ୍ତି, ଜ୍ଞାନର ଅଭିମାନ ବାଧକ । ଅର୍ଥାତ୍ ବ୍ୟକ୍ତି ଯେପର୍ଯ୍ୟନ୍ତ ମନେକରେ ସେ ତପସ୍ୟା ତଥା ଯୌଗିକ କ୍ରିୟା, ଜ୍ଞାନ, ଭକ୍ତି ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରିପାରିବ, ସେପର୍ଯ୍ୟନ୍ତ ଭଗବାନ୍ ତା'ଠାରୁ ବହୁ ଦୂରରେ ରହନ୍ତି । ଭଗବତ୍ ପ୍ରାପ୍ତିର ଉପାୟ, ସଂସାରରେ କୌଣସି ସାଂସାରିକ ବସ୍ତୁ ନାହିଁ; ଏପରିକି ଅଧ୍ୟାତ୍ମ ସାଧନାରେ ବି ଭଗବତ୍ ପ୍ରାପ୍ତି ହୁଏ ନାହିଁ, ହୁଏ ଭଗବତ୍ କୃପାରେ ।*

* ପାଠକ ଏହାର ଯଥାର୍ଥ ଅର୍ଥ ନ ବୁଝି ଭୁଲ୍ ଅର୍ଥ କରିବେ ନାହିଁ । ଭଗବତ୍ ପ୍ରାପ୍ତିର ଉପାୟ ସାଧନା । ସାଧନା ଛଡ଼ା ଭଗବତ୍ ପ୍ରାପ୍ତି ହୁଏ ନାହିଁ । କାରଣ ସାଧନାରେହିଁ ମନ-ପ୍ରାଣ-ଶରୀରର ରୂପାନ୍ତର ସାଧିତ ହୁଏ, ତେବେହିଁ ଭଗବାନ୍ ପ୍ରକାଶ ହୁଅନ୍ତି ।



ରାଣୀ ରତ୍ନାବତୀ ଭଗବତ୍ ପ୍ରେମ-ଭକ୍ତି-ସମୁଦ୍ରରେ ବୁଡି ଯାଇଥିଲେ । ଭଗବାନ୍ ଥିଲେ ତାଙ୍କ ପ୍ରାଣର ପ୍ରିୟ । ଭଗବାନଙ୍କ ସକାଶେ ସେ ଐଶ୍ୱର୍ଯ୍ୟ, ଭୋଗ, ମୋକ୍ଷ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । ଦାସୀଙ୍କ କହିବା ଅନୁସାରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଗୋଟିଏ ଦିବ୍ୟ ବିଗ୍ରହ ରଖି ତନ-ମନ-ଧନରେ ତାଙ୍କର ସେବା-ପୂଜା ଆରମ୍ଭ କଲେ । ସମସ୍ତ ଦିନ ଭଗବତ୍ ସେବାନନ୍ଦରେ ନିମଗ୍ନ ରହିଲେ । ସ୍ୱପ୍ନରେ ଶ୍ରୀକୃଷ୍ଣଙ୍କ ଲୀଳାମାଧୁରୀରେ ବିଚରଣ କଲେ । ତାଙ୍କ ମନରେ ଉତ୍ସାହ ଦିନରେ ଦୁଇଗୁଣ ଓ ରାତିରେ ଚାରିଗୁଣ ବଢ଼ିବାକୁ ଲାଗିଲା । ତାଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣଙ୍କ ପ୍ରତିମା ଧାତୁନିର୍ମିତ ନ ଥିଲା, ଥିଲା ଜୀବନ୍ତ, ଜାଗ୍ରତ୍ ବିଗ୍ରହ । ସେ ଅତି ଉତ୍ସାହରେ ଭୋର ଚାରିଟାରୁ ଉଠି ସ୍ନାନ କରି ଶୟନ କରିଥିବା ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ପ୍ରେମରେ ଗୀତ ଗାଇ ଜାଗ୍ରତ୍ କରାନ୍ତି । ତାଙ୍କୁ ଅତର ଲଗାଇ ସୁବାସିତ ଜଳରେ ସ୍ନାନ କରାଇ ଦିଅନ୍ତି । ଦିବ୍ୟ ପୀତାମ୍ବର ବସନ ପରିଧାନ କରାଇ ଚରଣରୁ ମସ୍ତକ ପର୍ଯ୍ୟନ୍ତ ସମସ୍ତ ଅଙ୍ଗକୁ ଭୂଷଣରେ ସୁସଜ୍ଜିତ କରାନ୍ତି । ସ୍ୱୟଂ ପୁଷ୍ପମାଲ୍ୟ ଗୁନ୍ଥି ଶ୍ରୀକୃଷ୍ଣଙ୍କୁ ପିନ୍ଧାଇ ଦିଅନ୍ତି । ନାନାପ୍ରକାର ସୁସ୍ୱାଦୁ ଫଳ, ମିଷ୍ଟାନ୍ନ ଭୋଗ ଲଗାନ୍ତି । ସେ ଅନୁଭବ କରନ୍ତି ଯେ ସ୍ୱୟଂ ଶ୍ରୀକୃଷ୍ଣ ଭୋଜନ କରୁଅଛନ୍ତି । ପରେ ଆଳତି କରି ଭଗବତ୍ ପ୍ରେମରେ ବିଭୋର ହୋଇ, ତାଙ୍କ ଗୋଚାରଣ, ଗୋପବାଳକମାନଙ୍କ ସଙ୍ଗେ ଖେଳ, ବ୍ରଜ-

ସାଧନା କରିବାକୁ ହୁଏ, କିନ୍ତୁ ସାଧନାରେ ବ୍ୟକ୍ତିଗତ କର୍ତ୍ତବ୍ୟବୋଧ ଏବଂ ଅହଂକୁ ତ୍ୟାଗ କରିବାକୁ ହୁଏ । ଅହଂପୂର୍ଣ୍ଣ ଅବସ୍ଥାରେ ଭଗବତ୍ ପ୍ରାପ୍ତି ହୁଏ ନାହିଁ । ଅହଂର ସମର୍ପଣରେ ଭଗବତ୍ ପ୍ରାପ୍ତି ହୁଏ । ଯେତେବେଳେ ବ୍ୟକ୍ତି ନିଜେ ନିଜକୁ ଭଗବତ୍ ଚରଣରେ ସମର୍ପଣ କରିଦିଏ, ସେତେବେଳେ ସେ ଭଗବାନଙ୍କର ହୋଇଯାଏ, ତା' ମଧ୍ୟରେ ଭଗବତ୍ ଶକ୍ତି କ୍ରିୟା କରନ୍ତି, ଭଗବାନଙ୍କ ଦ୍ୱାରା ସେ ପରିଚାଳିତ ହୁଏ । ସେ ନିଜେ ଭଗବାନଙ୍କ ବସ୍ତୁ ହୋଇଯିବାରୁ ତା'ର ସମସ୍ତ ସାଧନା ଭଗବାନଙ୍କର ହୋଇଯାଏ । ତା'ର ନିଜର ସାଧନା ବା ଅନ୍ୟ କୌଣସି ବସ୍ତୁ ନ ଥାଏ । ଏଥିରେ ମନୁଷ୍ୟର ଅହଂ ବିଲୁପ୍ତ ହୁଏ । ତେବେହିଁ ଭଗବାନ୍ ପ୍ରାପ୍ତ ହୁଅନ୍ତି । ଏହି ରହସ୍ୟ ଭକ୍ତହିଁ ବୁଝିପାରନ୍ତି ।

ବ୍ରାହ୍ମଣୀଙ୍କଠାରୁ ଭୋଜନ-ଭିକ୍ଷା, ଗୋପୀମାନଙ୍କ ସଙ୍ଗେ ପ୍ରେମ-ଦ୍ୱନ୍ଦ୍ୱ, ସର-ଲବଣି ଖାଇବାକୁ ଗୋପୀମାନଙ୍କ ଗାନ ତଥା ତାଳିରେ ନୃତ୍ୟ ଇତ୍ୟାଦି ଗୀତ ଗାନ କରନ୍ତି । ସେ ଅନୁଭବ କରନ୍ତି, ଶ୍ରୀକୃଷ୍ଣ ସେହିସବୁ ଲୀଳା ତାଙ୍କ ସମ୍ମୁଖରେ ଯେପରି କରୁଅଛନ୍ତି । ତାଙ୍କ ମନ-ଭ୍ରମର ଶ୍ରୀକୃଷ୍ଣଙ୍କ ଲଳିତ-ଲୀଳା-ପ୍ରସ୍ଫୁଟିତ କୁସୁମ-କାନନରେ ଭ୍ରମଣ କରୁଥାଏ, ସେ ଆନନ୍ଦବିଭୋର ହୋଇ ଶ୍ରୀକୃଷ୍ଣଙ୍କ ସକାଶେ ନାନାପ୍ରକାର ଖାଦ୍ୟଦ୍ରବ୍ୟ ରୋଷାଇ କରନ୍ତି, ଭୋଗ ଲଗାନ୍ତି, ପରେ ତାମ୍ବୁଳ ଦେଇ ଶୟନ କରାନ୍ତି । ଏହିପରି ତାଙ୍କର ସମସ୍ତ ଇନ୍ଦ୍ରିୟ ଶ୍ରୀକୃଷ୍ଣଙ୍କ ସେବାରେ ଲାଗିଥାଏ । ମନୁଷ୍ୟ ଯେପରି ଯେଉଁ କାର୍ଯ୍ୟ କରେ ତା'ର ଚେତନା ସେହିପରି ହୋଇଯାଏ । ଚେତନା ଏକ, ମନୁଷ୍ୟ ଜାଗ୍ରତ୍ ଅବସ୍ଥାରେ ଯେଉଁ କାର୍ଯ୍ୟ କରେ, ସ୍ୱପ୍ନରେ ମଧ୍ୟ ତାହାହିଁ ଦେଖେ । ରାଣୀ ରତ୍ନାବତୀ ଜାଗ୍ରତ୍ ଅବସ୍ଥାରେ ଶ୍ରୀକୃଷ୍ଣଙ୍କ ଲୀଳାରେ ତନ୍ମୟ ହୋଇଯାନ୍ତି, ସ୍ୱପ୍ନରେ ମଧ୍ୟ ସେହି ଲୀଳାରେ ସ୍ୱପ୍ନରାଜ୍ୟରେ ବିଚରଣ କରନ୍ତି । ଜାଗ୍ରତ୍ ତଥା ସ୍ୱପ୍ନରେ ତାଙ୍କ ଚେତନା ଶ୍ରୀକୃଷ୍ଣମୟ ହୋଇଥାଏ ।

ଯଦି କେହି ଭଗବାନଙ୍କ ଛଡ଼ା ଅନ୍ୟ କିଛି ନ ଚାହେଁ, ଭଗବାନ୍ ତା' ପାଖରେ ସର୍ବଦା ନିବାସ କରନ୍ତି । ତାକୁ ଅଗ୍ନିପରୀକ୍ଷା ମଧ୍ୟ ଦେଇ ଗତି କରିବାକୁ ହୁଏ । ପରୀକ୍ଷାରେ ପୂର୍ଣ୍ଣତଃ ଭଗବାନଙ୍କର ସହାୟତା ରହିଥାଏ । ଭକ୍ତର ସୁଯଶଃ ବିସ୍ତାର ସକାଶେ ଭକ୍ତର ପରୀକ୍ଷାରେ ଭଗବାନ୍ ସମ୍ମତି ଦିଅନ୍ତି । ରାଣୀଙ୍କର ପରୀକ୍ଷା ସମୟ ଆସିଲା । ରାଜଧାନୀକୁ ବରାବର ସାଧୁସନ୍ଥ ଆସନ୍ତି କିନ୍ତୁ ରାଣୀ ରତ୍ନାବତୀ ଦର୍ଶନ କରିପାରନ୍ତି ନାହିଁ । ତାଙ୍କ ଦର୍ଶନର ତୀବ୍ର ଇଚ୍ଛା ମନରେହିଁ ରହିଯାଏ ।

ଥରେ ଜଣେ ଭଗବତ୍ ପ୍ରେମୀ ସିଦ୍ଧ ମହାତ୍ମା ରାଜଭବନରେ ଆସି ପହଞ୍ଚିଲେ । ତାଙ୍କର ଭକ୍ତିଭାବ ରାଜମହଲରେ ଚର୍ଚ୍ଚା ହେଲା । ଦାସୀମାନେ ରାଣୀଙ୍କୁ ଖବର ଦେଲେ । ରାଣୀ ମହାତ୍ମାଙ୍କ ଦର୍ଶନ ସକାଶେ ବ୍ୟଗ୍ର ହୋଇପଡ଼ିଲେ । ଦାସୀ (ଗୁରୁ)ଙ୍କୁ ପଚାରିଲେ :



''ପୂଛୀ ବା ଖବାସୀ ସୋଁ ଜୁ 'ରାନୀ' କୌନ ଅଙ୍ଗ ଜାକେ,
ଇତନୀ ଅଟକ ସଙ୍ଗ-ଭଙ୍ଗ ସୁଖ ଭାରିୟେ ।'' (ଭକ୍ତମାଳ)

''କୁହ ମୋ ଶରୀରର କେଉଁ ଅଙ୍ଗଟି ରାଣୀ, ଯାହା ସକାଶେ ମୋତେ ସନ୍ଥଦର୍ଶନ ତଥା ସତ୍‌ସଙ୍ଗଜନିତ ମହାନ୍ ସୁଖରୁ ବଞ୍ଚିତ ହେବାକୁ ପଡୁଛି ।''

ରାଣୀ ଏତିକି କହି ରାଜପରିବାରର ନିୟମ ଭଙ୍ଗ କରି ଯାଇ ମହାତ୍ମାଙ୍କୁ ଦର୍ଶନ କଲେ ଏବଂ ମହାତ୍ମାଙ୍କ ସତ୍‌ସଙ୍ଗରେ ବହୁତ ଆନନ୍ଦିତ ହେଲେ । ପୂର୍ବରୁ ରାଜଭବନକୁ ବରାବର ସାଧୁସନ୍ଥ ଆସୁଥିଲେ, କିନ୍ତୁ ରାଣୀଙ୍କ ପ୍ରେମ-ଭକ୍ତି କାରଣରୁ ଅଧିକ ସଂଖ୍ୟାରେ ସାଧୁସନ୍ଥ ଆସିବାକୁ ଆରମ୍ଭ କଲେ । ରାଣୀ ରତ୍ନାବତୀ ନିଃସଂକୋଚରେ ସନ୍ଥମାନଙ୍କଠାରୁ ଭଗବତ୍ ଚର୍ଚ୍ଚା ଶୁଣି ପରମ ଆନନ୍ଦିତ ହେଲେ । ରାଣୀଙ୍କର ଏପରି ମର୍ଯ୍ୟାଦାଭଙ୍ଗ ସମଗ୍ର ରାଜ୍ୟରେ ଚର୍ଚ୍ଚା ହେବାକୁ ଲାଗିଲା । ଯେତେ ମୁଖ ସେତେ କଥା । କେହି ପ୍ରଶଂସା କରୁଥାଏ ତ କେହି ନିନ୍ଦା କରୁଥାଏ । ରାଜପରିବାରର କେତେକ ବ୍ୟକ୍ତିଙ୍କୁ ରାଣୀ ରତ୍ନାବତୀଙ୍କ ଆଚରଣ ଦୁର୍ବିନୀତ ବୋଧ ହେଲା । ତାହା ସେମାନେ ବରଦାସ୍ତ କରିପାରିଲେ ନାହିଁ । ରାଜା ମାଧୋସିଂହ ସେ ସମୟରେ ଦିଲ୍ଲୀ ଦରବାରରେ ଥିଲେ । ରାଜପରିବାରର ସେହି ଲୋକମାନେ ମାଧୋସିଂହଙ୍କ ପାଖକୁ କିଛି ବାହୁଲ୍ୟ କରି ଏ ବିଷୟରେ ପତ୍ର ଲେଖି ଲୋକ ପଠାଇଦେଲେ । ରାଜା ମାଧୋସିଂହ ସେହି ପତ୍ର ପଢ଼ି ତଥା ପ୍ରେରିତ ବ୍ୟକ୍ତିଠାରୁ ରାଣୀଙ୍କର ଏପରି ଆଚରଣ ଶୁଣି କ୍ରୋଧରେ ଜର୍ଜରିତ ହୋଇଗଲେ । ତାଙ୍କର ଆଖି ଲାଲ ହୋଇଗଲା, ଶରୀର କମ୍ପିବାକୁ ଲାଗିଲା । ସେହି ସମୟରେ ରାଣୀ ରତ୍ନାବତୀଙ୍କ ଗର୍ଭରୁ ଜାତ ରାଜକୁମାର ପ୍ରେମସିଂହ ଆସି ପିତା ମାଧୋସିଂହଙ୍କ ଚରଣରେ ପ୍ରଣାମ କଲେ । ମା'ଙ୍କ ଆଚରଣ ସନ୍ତାନ ଉପରେ ପଡ଼ିବା ସ୍ୱାଭାବିକ । ସେ ଗର୍ଭରେ ଥିବା ସମୟରୁ ଭଗବତ୍ ଭକ୍ତିର ପ୍ରଭାବ ତାଙ୍କ ଅସ୍ଥିମଜ୍ଜା ସହିତ ଓତପ୍ରୋତଭାବେ

ଜଡ଼ିତ ହୋଇଯାଇଛି । ବାଲ୍ୟାବସ୍ଥାରୁ ମା'ଙ୍କ ଭକ୍ତି-ପ୍ରେମର ତତ୍ତ୍ୱ ମା'ଙ୍କ ଦୁଗ୍ଧ ପାନ ସଙ୍ଗେ ଗ୍ରହଣ କରି ଆସିଛନ୍ତି । ଶିଶୁ ଅବସ୍ଥାର ସଂସ୍କାର, ଭକ୍ତି ବାତାବରଣ ପ୍ରଭାବରୁ ଉତ୍ତରୋତ୍ତର ବିକଶିତ ହୋଇଚାଲିଛି । ତାଙ୍କ ହୃଦୟରେ ଭାଗୀରଥୀ ତୁଲ୍ୟ ଭଗବତ୍ ଭକ୍ତି ପ୍ରବାହିତ ହେଉଅଛି । ମୁଖରେ ଅମୃତମୟ ନାମ, ଲଲାଟରେ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ, ଗଳାରେ ତୁଳସୀମାଳା ଶୋଭା ପାଉଅଛି । ସେତେବେଳେ ତାଙ୍କର ବୟସ ୨୧ ବର୍ଷ । ପୁତ୍ରର ଏହା ନୂତନ ବେଶ ନୁହେଁ, ସେ ବାଲ୍ୟାବସ୍ଥାରୁ ଏହି ବେଶରେ ଦେଖି ଆସୁଛନ୍ତି । କିନ୍ତୁ ରାଣୀ କୁଳମର୍ଯ୍ୟାଦା ଲଙ୍ଘନ କରି ସାଧୁସନ୍ଥଙ୍କୁ ଦର୍ଶନ କରୁଥିବା, ସେମାନଙ୍କ ସତ୍‌ସଙ୍ଗ ବାର୍ତ୍ତା ଶୁଣୁଥିବା ଖବରରେ ସେ କ୍ରୋଧରେ ହତଜ୍ଞାନ ହୋଇଥିଲେ । ବର୍ତ୍ତମାନ ପୁତ୍ରର ବୈଷ୍ଣବ ବେଶ ଅଗ୍ନିରେ ଘୃତାହୁତିରୂପେ କାର୍ଯ୍ୟ କଲା । ପୁତ୍ର ଚରଣ ସ୍ପର୍ଶ କରିବା ଦେଖି ସେ କ୍ରୋଧରେ ପ୍ରଜ୍ୱଳିତ ହୋଇ ତିରସ୍କାର ସହ ବ୍ୟଙ୍ଗସୂଚକ ଶବ୍ଦରେ ପୁତ୍ରକୁ ଅପମାନିତ କରିବା ଉଦ୍ଦେଶ୍ୟରେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ସମ୍ବୋଧନ କରି କହିଲେ, ''ଆ, ସାଧୁଆଣୀ ପୁତ୍ର !'' ଏଥିରେ ରାଜକୁମାର ବହୁତ ଦୁଃଖ ଅନୁଭବ କଲେ । ସେ ନୀରବରେ ସେଠାରୁ ଚାଲିଆସିଲେ । ପିତାଙ୍କ ଦୁର୍ବ୍ୟବହାର କାରଣ ଲୋକଙ୍କଠାରୁ ଜାଣି ସେ ଭାବିଲେ, ''ଏହା ପିତାଙ୍କର ତିରସ୍କାର ନୁହେଁ, ବରଦାନ । ପିତା ମୋତେ ସାଧୁଆଣୀ ପୁତ୍ର ବୋଲି କହିଛନ୍ତି, ଏବେ ମୋତେ ଯଥାର୍ଥରେ ସାଧୁଆଣୀ ପୁତ୍ର 'ସାଧୁ' ହେବାକୁ ହେବ ।''

ପୁତ୍ର ପ୍ରେମସିଂହ ନିଜ ମାତା ରତ୍ନାବତୀଙ୍କ ପାଖକୁ ପତ୍ର ଲେଖିଲେ, ''ମାତାଜି, ତୁମେ ଧନ୍ୟ, ତୁମ ହୃଦୟରେ ଭଗବାନଙ୍କ ଭକ୍ତି ଜାଗ୍ରତ୍ ହୋଇଅଛି, ତୁମ ମନ ନିରନ୍ତର ଭଗବାନଙ୍କ ଚରଣାରବିନ୍ଦ-ମକରନ୍ଦ-ସୁଧା ପାନ କରୁଅଛି । ଏହା ଭଗବାନଙ୍କର ଅପାର କରୁଣା । ତୁମ ପରି ଭଗବତ୍ ଭକ୍ତିପରାୟଣା ଜନନୀଙ୍କ ଗର୍ଭରୁ ଜାତ ହୋଇ ମୁଁ ମଧ୍ୟ ଧନ୍ୟ ହୋଇଗଲି । କିନ୍ତୁ ମା, ପ୍ରାଣ ଚାଲିଯାଉ, ଭକ୍ତିର ନିଷ୍ଠା ଓ ଭକ୍ତିର ଟେକରେ ଆଞ୍ଚ ନ ଲାଗୁ । ପିତାଜି ମୋତେ ପୂର୍ଣ୍ଣ ସଭାରେ ସାଧୁଆଣୀର ପୁତ୍ର ବୋଲି କହିଛନ୍ତି, ମୁଁ ଠିକ୍ ଠିକ୍ ସାଧୁଆଣୀର



ପୁତ୍ର ହୋଇ ରହିବାକୁ ଚାହେଁ । ଦେଖ ମା, ମୋର ଏହି ପ୍ରାର୍ଥନା ଯେପରି ବ୍ୟର୍ଥ ନ ହୁଏ ।''

ପୁତ୍ରର ଏହି ପତ୍ର ପଢ଼ି ମା'ଙ୍କ ହୃଦୟ ଭକ୍ତିରେ ପୂର୍ଣ୍ଣ ହୋଇଗଲା । ସେ ଆନନ୍ଦରେ ମଗ୍ନ ହୋଇଗଲେ । ପୁତ୍ରର ଏପରି ଭକ୍ତିନିଷ୍ଠାକୁ ଭଗବାନଙ୍କ କୃପା ବୋଲି ଅନୁଭବ କରି ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ପୁତ୍ରକୁ ସୁପୁତ୍ର ମନେକଲେ । ଭାବିଲେ, ''ଯଥାର୍ଥରେ ସୁପୁତ୍ର ସେହି ଯେ ଭଗବତ୍ ଭକ୍ତ ହୋଇ ନିଜକୁ ଉଦ୍ଧାର କରେ, ପିତାମାତାଙ୍କର ସୁଯଶଃ ବଢ଼ାଏ । ଭଗବତ୍ ଭକ୍ତି ଛଡ଼ା ମନୁଷ୍ୟର ହୃଦୟ ମନ ଶୁଦ୍ଧ ହୁଏ ନାହିଁ । ସେ ନିଜର ତଥା ଅନ୍ୟର ଯଥାର୍ଥ ହିତ କରିବା ପରିବର୍ତ୍ତେ ଅହିତ କରେ । ଅନ୍ୟାୟ ଅପଯଶଃ କାର୍ଯ୍ୟ କରି ପିତାମାତାଙ୍କ ଯଶଃରେ କଳଙ୍କ ଲଗାଏ ତଥା ସେମାନଙ୍କ ସୁକୃତ କ୍ଷୟ କରେ । ପୁତ୍ର ଭଗବତ୍ ଭକ୍ତ ନ ହେଲେ ମା ବରଂ ବନ୍ଧ୍ୟା ରହିବା ଭଲ ।''

ମାତା ସୁମିତ୍ରା ପୁତ୍ର ଲକ୍ଷ୍ମଣଙ୍କୁ କହିଥିଲେ :

''ପୁତ୍ରବତୀ ଯୁବତୀ ଜଗ ସୋଇ ।
ରଘୁପତି ଭଗତୁ ଜାସୁ ସୁତୁ ହୋଈ ॥
ନତରୁ ବାଁଝ ଭଲି ବାଦି ବିଆନି,
ରାମ ବିମୁଖ ସୁତ ତେ ହିତ ଜାନୀ ।''
(ରାମଚରିତମାନସ, ଅଯୋଧ୍ୟାକାଣ୍ଡ, ଦୋ-୭୫)

ଅର୍ଥ : ଯେଉଁ ମା'ର ପୁତ୍ର ଭଗବତ୍ ଭକ୍ତ ହୁଏ ସେହି ମା ଯଥାର୍ଥରେ ପୁତ୍ରବତୀ । ପୁତ୍ର ବିନା ମା ବନ୍ଧ୍ୟା ରହିବା ଭଲ, କିନ୍ତୁ ରାମବିମୁଖ ସୁତ ପ୍ରସବ କରିବା ଭଲ ନୁହେଁ ବରଂ ଏପରି ପୁତ୍ର ଦ୍ୱାରା ନିଜ ହିତ-ସୁକୃତିରେ ହାନି ହୁଏ ।

ରାଣୀ ରତ୍ନାବତୀଙ୍କର ଭଗବତ୍ ଭକ୍ତି-ସ୍ରୋତ ବହୁଦିନ ପୂର୍ବରୁ ଭୋଗ-ବାସନାକୁ ଭସାଇ ନେଇ ସାରିଥିଲା । କେବଳ କୁଳପରମ୍ପରା ରୀତିରେ ବିନା

ଇଚ୍ଛାରେ ସେ ରାଜକୀୟ ବେଶଭୂଷା ଧାରଣ କରୁଥିଲେ । ପୁତ୍ରର ପତ୍ର ପାଇବା ମାତ୍ରେ ରାଜକୀୟ ଭୂଷଣ, ବସନ, ଅତର, ପୁଷ୍ପାଦି ତ୍ୟାଗ କରି ସାଦା ରେଶମୀ ବସ୍ତ୍ର ପରିଧାନ କଲେ । ଦିନରାତି ଭଗବତ୍ ପୂଜନ-ଭଜନରେ ସମୟ ବ୍ୟତୀତ କଲେ । ସେ ପୁତ୍ର ପାଖକୁ ଲେଖିଲେ :

''ଭଇ ମୋଡ଼ି ଆଜ, ତୁମ ହିତ କରି ଜାଁଚିୟେ ।'' (ଭକ୍ତମାଳ)

ଅର୍ଥ : ''ମୁଁ ସତକୁ ସତ ସାଧୁଆଣୀ (ମୋଡ଼ି) ହୋଇଛି, ତୁ ଆସି ଦେଖିପାରୁ ।''

ଏହି ପତ୍ର ପାଇ ପୁତ୍ର ପ୍ରେମସିଂହ ଆନନ୍ଦରେ ବିଭୋର ହୋଇଗଲେ । ଏ ଖବର ପାଇବା ମାତ୍ରେ ରାଜା ମାଧୋସିଂହ କ୍ଷୁଧାର୍ତ୍ତ ସିଂହ ସଦୃଶ ରାଗରେ ହତଜ୍ଞାନ ହୋଇଗଲେ । ପୁତ୍ର ପଠାଇଥିବା ପତ୍ର ଫଳରେ ରାଣୀ ସାଧୁଆଣୀ ବେଶ ଧାରଣ କରିଥିବା ଘଟଣାକୁ ପିତାଙ୍କର ପୁତ୍ର ପ୍ରତି ଅପମାନର ପ୍ରତିକ୍ରିୟା ଜାଣି ମାଧୋସିଂହ ପୁତ୍ରକୁ ବଧ କରିବାକୁ ତୟାର ହୋଇଗଲେ । ପୁତ୍ର ଏ ଖବର ପାଇ ଏହାର ପ୍ରତିରୋଧ ସକାଶେ ମଧ ତୟାର ହେଲେ । କିନ୍ତୁ ମନ୍ତ୍ରୀମାନେ ରାଜାଙ୍କୁ ବୁଝାଇ ତାଙ୍କୁ ଏ କାର୍ଯ୍ୟରୁ କ୍ଷାନ୍ତ କରାଇଲେ । କିନ୍ତୁ ରାଜାଙ୍କର ରାଣୀଙ୍କ ପ୍ରତି ଯେଉଁ କ୍ରୋଧ ଥିଲା ତାହା ଶାନ୍ତ ହେଲା ନାହିଁ । ସେ ରାଣୀଙ୍କୁ ମାରିବା ସକାଶେ ଦିଲ୍ଲୀରୁ ରାଜଧାନୀକୁ ଚାଲିଆସିଲେ । ରାଜା ମାଧୋସିଂହ ନିଜ ଲୋକଙ୍କୁ ରାଣୀଙ୍କ ସମ୍ବନ୍ଧେ ପଚାରିଲେ । ସ୍ୱଭାବ ଅନୁସାରେ ଲୋକେ କିଛି ବାହୁଲ୍ୟ କରି କହିଲେ । ସେଥିରେ ରାଜାଙ୍କର ଭୟଙ୍କର ରାଗ ହେଲା । ସେ ରାଣୀଙ୍କୁ ବଧ କରିବାକୁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ତାଙ୍କ ହିତାକାଙ୍କ୍ଷୀ ଲୋକମାନେ କହିଲେ, ''ପ୍ରତ୍ୟକ୍ଷଭାବେ ରାଣୀଙ୍କୁ ବଧ କରିବାରେ ରାଜକୁମାର ଘୋର ପ୍ରତିବାଦ କରିବେ, ତେଣୁ କୌଣସି ଗୁପ୍ତ ଉପାୟରେ ରାଣୀଙ୍କୁ ବଧ କରିବା ଉଚିତ । ରାଣୀଙ୍କୁ ବଧ କରିବା ବିଷୟରେ ବହୁତ ପ୍ରକାର



ପରାମର୍ଶ ରାଜାଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା । ଶେଷରେ ଗୋଟିଏ ପରାମର୍ଶ ରାଜାଙ୍କୁ ଯୁକ୍ତିଯୁକ୍ତ ମନେହେଲା । ପରାମର୍ଶଟି ହେଲା,– ''ରାଣୀ ପୂଜନ କରିବା ସମୟରେ ସିଂହ-ପିଞ୍ଜରା ଆଣି ରାଣୀଙ୍କ ବାସଗୃହରେ ଛାଡ଼ି ଦିଆଯାଉ; ସିଂହ ରାଣୀଙ୍କୁ ଖାଇବା ପରେ ପ୍ରଚାର କରିଦିଆ ହେବ ଯେ ସିଂହ ପିଞ୍ଜରାରୁ ବାହାରି ରାଣୀଙ୍କୁ ଖାଇଗଲା ।'' ଏହାହିଁ ଯଥାର୍ଥ ଉପାୟ ବୋଲି ରାଜାଙ୍କୁ ମନେ ହେଲା ।

ରାଣୀ ରତ୍ନାବତୀ ଭଗବତ୍ ଭକ୍ତିରେ ନିମଗ୍ନ ହୋଇ ଭଗବାନଙ୍କ ବିଗ୍ରହ ପୂଜା କରୁଥା'ନ୍ତି । ସେ ଏକେବାରେ ଭଗବତ୍ ପ୍ରେମରେ ବିଭୋର । ତାଙ୍କର ସମସ୍ତ ଇନ୍ଦ୍ରିୟ ଭଗବନ୍ମୟ ହୋଇଯାଇଅଛି । ସେହି ସମୟରେ ଜଣେ ଦାସୀ ଭୟତ୍ରସ୍ତ ସ୍ୱରରେ କହିଲା, ''ମହାରାଣୀ, ସିଂହ ଆସିଲା ।'' ରାଣୀ ସେ ସମୟରେ ବାହ୍ୟଜ୍ଞାନଶୂନ୍ୟା । ପୁନରାୟ ରାଣୀଙ୍କୁ ସ୍ପର୍ଶ କରି ଦାସୀ କହିଲା, ''ସିଂହ ଆସିଗଲା ।'' ସେତେବେଳକୁ ସିଂହ ଆସି ପୂଜାଗୃହରେ ପ୍ରବେଶ କରି ସାରି ଲାଣି । ଦାସୀମାନେ ଏଣେତେଣେ ପଳାଇଲେ । ରାଣୀ ଅନ୍ତଶ୍ଚେତନାରେ ଭଗବତ୍ ଭକ୍ତିରେ ତନ୍ମୟ ଥିଲେ । ଦାସୀର ସ୍ପର୍ଶ ଯୋଗୁଁ ହଠାତ୍ ଆଖି ଖୋଲିଲେ ମଧ ତାଙ୍କର ବୃତ୍ତିଚୟ ଅନ୍ତର୍ମୁଖୀ ଥିଲା । ସେ ଅର୍ଦ୍ଧ-ବାହ୍ୟ-ଜ୍ଞାନ ଅବସ୍ଥାରେ ଆଖି ଖୋଲି ଦେଖିଲେ ସିଂହ ତାଙ୍କ ସମୀପରେ ଠାକୁରଙ୍କ ସମ୍ମୁଖରେ ଛିଡ଼ା ହୋଇଅଛି । ସେ ନିର୍ଭୟରେ ଧୀର, ସ୍ଥିର, ଶାନ୍ତ, ଭଗବତ୍ ଭାବରେ ବିଭୋର ହୋଇ କହିଲେ, ''ଆଜି ମୋର ବଡ଼ ଭାଗ୍ୟ, ପ୍ରହ୍ଲାଦର ପ୍ରଭୁ ନରସିଂହ ଭଗବାନ୍ ମୋ ପୂଜା ସ୍ୱୀକାର କରିବାକୁ ଆସିଛନ୍ତି ।'' ସେ ସମୟରେ ଠାକୁରଙ୍କ ପାଖରେ ସମସ୍ତ ପୂଜାର ସାମଗ୍ରୀ ବିଦ୍ୟମାନ ଥିଲା । ସିଂହ ସେଠାରେ ବସିଗଲା । ସେ ପ୍ରେମରେ ବିଭୋଳ ହୋଇ ପ୍ରଥମେ ସିଂହକୁ ଊର୍ଦ୍ଧ୍ୱପୁଣ୍ଡ୍ର ତିଳକ ଲେପନ କଲେ, ଗଳାରେ ପୁଷ୍ପମାଳା ପିନ୍ଧାଇ ଦେଲେ, ଆଳତି କରି ନରସିଂହ ପ୍ରଭୁଙ୍କ ରୂପରେ ସିଂହକୁ ସ୍ତୁତି କଲେ । ଏହି ଘଟଣା ସମସ୍ତଙ୍କ ସମ୍ମୁଖରେ ବହୁତ ସମୟ ପର୍ଯ୍ୟନ୍ତ ହେଉଥିଲା । ଯେଉଁ ଷଡ଼ଯନ୍ତ୍ରକାରୀମାନେ

ସିଂହର ପିଞ୍ଜରା ଆଣି ଖୋଲି ଦେଇଥିଲେ, ସେହିମାନେ ପୁନରାୟ ସିଂହକୁ ପିଞ୍ଜରାରେ ବନ୍ଦ କରିବା ଉଦ୍ଦେଶ୍ୟରେ ଛିଡ଼ାହୋଇ ଅପେକ୍ଷା କରିଥିଲେ । ରାଣୀ ରତ୍ନାବତୀଙ୍କ ପୂଜା ସମାପ୍ତ ହେବା ପରେ ସିଂହ ପୂଜାଗୃହରୁ ବାହାରି ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ଯମପୁରୀକୁ ପଠାଇ ଦେଇ ପିଞ୍ଜରାରେ ପ୍ରବେଶ କଲା ।

ରାଜା ମାଧୋସିଂହ ରାଣୀଙ୍କ ମୃତ୍ୟୁ ଖବର ପାଇ ନିଜ କ୍ରୋଧକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ଅପେକ୍ଷା କରି ବସିଥିଲେ । କିନ୍ତୁ ରାଣୀଙ୍କ ଦ୍ୱାରା ସିଂହର ପୂଜା ଓ ଷଡ଼ଯନ୍ତ୍ରକାରୀଙ୍କ ମୃତ୍ୟୁ ଯେଉଁମାନେ ସ୍ୱଚକ୍ଷୁରେ ଦେଖିଥିଲେ ସେମାନେ ରାଜାଙ୍କୁ ସମସ୍ତ ଘଟଣା ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଶୁଣାଇ ଦେଲେ । ଏହି ଖବରରେ ରାଜାଙ୍କ ରାଗ କ୍ଷଣକରେ ଉଡ଼ିଗଲା; ରାଣୀଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଉତ୍ପନ୍ନ ହେଲା । ସୁତରାଂ ରାଣୀଙ୍କ ପ୍ରତି କରିଥିବା ଅପରାଧରେ ତାଙ୍କୁ ବହୁତ ପଶ୍ଚାତ୍ତାପ ହେଲା । ରାଣୀଙ୍କ ପ୍ରତି ତାଙ୍କର ସ୍ତ୍ରୀ ଭାବ ପରିବର୍ତ୍ତେ ଭଗବତ୍ ଭକ୍ତା, ପୂଜ୍ୟା, ଦେବୀ ଭାବ ଉତ୍ପନ୍ନ ହେଲା । ସେ ନିଜ ଅପରାଧ କ୍ଷମା ସକାଶେ ତତ୍‌କ୍ଷଣାତ୍ ରାଣୀଙ୍କ ପୂଜାଗୃହକୁ ଆସିଲେ ।

ଭଗବାନ୍ ସିଂହ ରୂପରେ ରାଣୀଙ୍କ ପୂଜା-ସେବା ସ୍ୱୀକାର କରୁଥିବାରୁ ସେ ଭଗବାନଙ୍କ ପ୍ରତି କୃତଜ୍ଞତା ତଥା ପ୍ରେମରେ ସ୍ତୁତି କରୁ କରୁ ପ୍ରେମରେ ବିଭୋର ହୋଇଯାଇଥିଲେ, ସେହି ସମୟରେ ରାଜା ଆସି ପ୍ରଣାମ କଲେ । ଦାସୀମାନେ କହିଲେ, ''ମହାରାଣୀ, ମହାରାଜା ଆସି ପ୍ରଣାମ କରୁଅଛନ୍ତି ।'' ରାଣୀ ଉତ୍ତର ଦେଲେ, ''ସେ ନନ୍ଦଲାଲଙ୍କୁ ପ୍ରଣାମ କରୁଅଛନ୍ତି ।'' ରାଜା କହିଲେ, ''ମୋ ଆଡ଼କୁ ଥରେ ଦୃଷ୍ଟି ଫେରାଅ ।'' ରାଣୀ ଉତ୍ତର ଦେଲେ, ''ମୁଁ କ'ଣ କରିବି, ମୋ ଆଖି ଶ୍ୟାମସୁନ୍ଦରଙ୍କ ଚରଣରେ ଆବଦ୍ଧ ହୋଇଛି ।'' ରାଜା କହିଲେ, ''ରାଜ୍ୟ, ସମ୍ପତ୍ତି, ଦାସଦାସୀ ସବୁକିଛି ତୁମରି, ବର୍ତ୍ତମାନ ତୁମେ ଯାହା ଚାହଁ, ତାହା କର ।'' ରାଣୀ କହିଲେ, ''ମୋର ରାଜ୍ୟ, ସମ୍ପତ୍ତି, ଧନ, ଐଶ୍ୱର୍ଯ୍ୟ ସବୁକିଛି ଏହି ଶ୍ୟାମସୁନ୍ଦର । ମୋତେ ଏହାଙ୍କୁ ସେବା କରିବାକୁ



ଅନୁମତି ଦିଅ ।'' ରାଜା ଆନନ୍ଦରେ ଗଦ୍‌ଗଦ ହୋଇ କହିଲେ, ''ତୁମକୁ ଯହିଁରେ ପ୍ରସନ୍ନତା ତାହାହିଁ କର । ତୁମ ପ୍ରତି ମୋର ଯେଉଁ ଦୁର୍ବ୍ୟବହାର ଥିଲା, ତାହା ଭୁଲିଯାଅ ।'' ରାଣୀ କହିଲେ, ''ମୋ ଶ୍ୟାମସୁନ୍ଦରଙ୍କ ଇଚ୍ଛା ବ୍ୟତୀତ ଅନ୍ୟ କାହାରି ଇଚ୍ଛା ପୂର୍ଣ୍ଣ ହୁଏ ନାହିଁ । ତୁମେ ଯାହା କରିଛ, ତହିଁରେ ଶ୍ୟାମସୁନ୍ଦରଙ୍କ ଅନୁମତି ଥିବ । ତୁମର କୌଣସି ଦୋଷ ନାହିଁ ।'' ଏହା ଶୁଣି ରାଜା ଭଗବତ୍ ଭକ୍ତିରେ ତନ୍ମୟ ହୋଇଗଲେ । ଏହା ରାଣୀଙ୍କ ଭଗବତ୍ ଭକ୍ତିର ପ୍ରଭାବ ଥିଲା ।

ଦିନେ ମହାରାଜା ମାନସିଂହ ତଥା ମାଧୋସିଂହ ଦୁଇଭାଇ ନଦୀ ପାର ହେଉଥିଲେ । ତାଙ୍କ ସଙ୍ଗେ ଅମାତ୍ୟବର୍ଗ ଓ ସେନା ମଧ ଥିଲେ । କେତେକ ନୌକା ପାର ହୋଇ ସାରିଥିଲା, କେତେକ ପଛରେ ଥିଲା । କିନ୍ତୁ ମହାରାଜା ମାନସିଂହଙ୍କ ନୌକା ନଦୀର ମଝିଧାରରେ ପହଞ୍ଚିଥିଲା । ସେହି ସମୟରେ ଭୟଙ୍କର ଝଡ଼ତୋଫାନ ହେବାରୁ ନୌକା ଜଳ-ଆବର୍ତ୍ତରେ ପଡ଼ି ଆଗକୁ କିଂବା ପଛକୁ ଯାଇ ପାରିଲା ନାହିଁ । ନୌକାରେ କେତେ ଝଲକା ଜଳ ପଶିଗଲା । ନୌକା ଠିକ୍ ବୁଡ଼ିବା ଅବସ୍ଥାରେ । ମହାରାଜା ମାନସିଂହ ବ୍ୟଗ୍ର ହୋଇ ଛୋଟଭାଇଙ୍କୁ କହିଲେ, ''ମାଧୋ, ଏବେ ଜୀବନର ଶେଷ ସମୟ ଆସିଗଲା ।'' ମାଧୋସିଂହ ଉତ୍ତର ଦେଲେ, ''ନାହିଁ ମହାରାଜା, ଆପଣଙ୍କ ଭ୍ରାତୃବଧୂ ଭଗବାନଙ୍କର ଅନନ୍ୟା ଭକ୍ତା, ତାଙ୍କୁ ସ୍ମରଣ କଲେ ଆମ୍ଭେମାନେ ବଞ୍ଚିଯିବା ।'' ଦୁଇଭାଇ ରତ୍ନାବତୀଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ନୌକା ଆଖି ପିଛୁଳାକେ ମଝିଧାରର ଆବର୍ତ୍ତରୁ ବାହାରି ତୀବ୍ର ବେଗରେ କୂଳକୁ ଚାଲିଗଲା । ଏ ଘଟଣାରେ ମହାରାଜା ମାନସିଂହ ବିସ୍ମୟାଭିଭୂତ ହୋଇଗଲେ । ଭ୍ରାତୃବଧୂଙ୍କ ପ୍ରତି ତାଙ୍କର ବହୁତ ଶ୍ରଦ୍ଧା ତଥା ସମ୍ମାନ ଉଦ୍ରେକ ହେଲା । ସେ ସମୟର ପ୍ରଥା ଅନୁସାରେ ଛୋଟଭାଇର ସ୍ତ୍ରୀକୁ ଦେଖିବା ଅଥବା କଥାବାର୍ତ୍ତା କରିବା ସାମାଜିକ ନିୟମର ବିରୁଦ୍ଧ ଥିଲା । କିନ୍ତୁ ମହାରାଜା ମାନସିଂହଙ୍କର ରାଣୀ ରତ୍ନାବତୀଙ୍କ ପ୍ରତି ଭ୍ରାତୃବଧୂ ଭାବ ନ ଥିଲା । ସେ ତାଙ୍କୁ ଭଗବତ୍ ଭକ୍ତା ଦେବୀରୂପେ ସମ୍ମାନ କରୁଥିଲେ । ବହୁତ ଆଗ୍ରହ ସହକାରେ ଛୋଟଭାଇ

ମାଧୋସିଂହଙ୍କ ସହ ଯାଇ ରାଣୀ ରତ୍ନାବତୀଙ୍କୁ ମହାରାଜା ମାନସିଂହ ଦର୍ଶନ କରି ବହୁତ ଆନନ୍ଦିତ ହେଲେ । ରାଣୀ ରତ୍ନାବତୀଙ୍କ ଭକ୍ତିର ପ୍ରଭାବରୁ ରାଜା ତଥା ରାଜପରିବାରର ସମସ୍ତେ ନିଜ ନିଜକୁ ଗୌରବାନ୍ୱିତ ମନେକଲେ ।

ଏପରି ଭଗବତ୍ ଭକ୍ତା ଦେବୀ ସବୁ ସମୟରେ ବନ୍ଦନୀୟା ଏବଂ ପୂଜ୍ୟା । ଏପରି ଭକ୍ତଙ୍କ ଦର୍ଶନ ଏବଂ ଉପଦେଶରେ ଅସଂଖ୍ୟ ନରନାରୀ ଉଦ୍ଧାର ହୁଅନ୍ତି । ସେମାନେ ଇହସଂସାର ତ୍ୟାଗ କରିବା ପରେ ମଧ ସେମାନଙ୍କ ଭକ୍ତି ଓ ପ୍ରେମ ଏହି ବାୟୁମଣ୍ଡଳରେ ଉପସ୍ଥିତ ଥାଏ, ସେମାନଙ୍କ ଚରିତ ଅଧ୍ୟୟନ କରିବା ଦ୍ୱାରା ସେମାନଙ୍କ ଭକ୍ତି ଓ ପ୍ରେମର ସ୍ପର୍ଶରେ ପାଠକମାନଙ୍କ ହୃଦୟ ପ୍ଲାବିତ ହୋଇଯାଏ । ଭକ୍ତମାନେ ଜୀବିତ ଅବସ୍ଥାରେ ଏବଂ ଶରୀରତ୍ୟାଗ କରିବା ପରେ ବି ଅନ୍ୟର ହିତସାଧନ କରନ୍ତି । ଏପରି ଭକ୍ତମାନଙ୍କ ଚରଣରେ ବାରଂବାର ଆନ୍ତରିକ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇ ଆମ୍ଭେମାନେ କୃତକୃତ୍ୟ ହେବା ।

ବୋଲ ଭକ୍ତ ଏବଂ ଭଗବାନଙ୍କର ଜୟ ।

# ନିର୍ମଳା

ନିର୍ମଳା ପଣ୍ଡିତ ବିଶ୍ୱନାଥଙ୍କ ଏକମାତ୍ର କନ୍ୟା ଥିଲା । ପଣ୍ଡିତ ବିଶ୍ୱନାଥ ଗୁଜୁରାଟୀ ଗୌଡ଼ ବ୍ରାହ୍ମଣ ଥିଲେ । ସେ ଗୁଜୁରାଟରୁ ଆସି କାଶୀରେ ବସବାସ କରିଥିଲେ । ବିଶ୍ୱନାଥଙ୍କର ପ୍ରଚୁର ସମ୍ପତ୍ତି ବା ଭୋଗବିଳାସର ବସ୍ତୁ ନ ଥିଲା । ତଥାପି ସାଧାରଣଭାବେ ଚଳିବାରେ କୌଣସି ଅସୁବିଧା ନ ଥିଲା ।  ସେ ବଡ଼ ବିଦ୍ୱାନ୍ ଥିଲେ । ତାଙ୍କର ସଂସ୍କୃତ ପାଠଶାଳା ଥିଲା । ସେ ବିଦ୍ୟାର୍ଥୀମାନଙ୍କୁ ବଡ଼ ଶ୍ରଦ୍ଧାରେ ବ୍ୟାକରଣ, ନ୍ୟାୟ, ମୀମାଂସାଦି ଦର୍ଶନ ଶିକ୍ଷା ଦେଉଥିଲେ । ସେ ଦର୍ଶନଶାସ୍ତ୍ର ତଥା ବ୍ୟାକରଣରେ ମହାନ୍ ପଣ୍ଡିତ ଥିବା ସତ୍ତ୍ୱେ ଶୁଷ୍କ ପୋଥିପଢ଼ା ବକ୍ତା ନ ଥିଲେ । ତାଙ୍କ ହୃଦୟରେ ଭଗବତ୍-ଭକ୍ତି-ଭାଗୀରଥୀ-ସ୍ରୋତ ପ୍ରବାହିତ ହେଉଥିଲା । ସେ ପ୍ରତିଦିନ ସନ୍ଧ୍ୟା ସମୟରେ ବାଲ୍ମୀକି ରାମାୟଣ କଥା କହୁଥିଲେ । ତାଙ୍କ କଥା ଏପରି ଲାଳିତ୍ୟପୂର୍ଣ୍ଣ, ମନୋମୁଗ୍ଧକର ହେଉଥିଲା ଯେ କୌଣସି ଶ୍ରୋତା ଥରେ ତାଙ୍କ ପୁରାଣ କଥା ଶୁଣିଲେ ଆଉ ତାଙ୍କ ପାଖକୁ ନ ଆସି ରହିପାରୁ ନ ଥିଲା । ସେ କଥା କହିବା ସମୟରେ କହୁଥିବା ବିଷୟ ସହିତ ଏକେବାରେ ତନ୍ମୟ ହୋଇ ଯାଉଥିଲେ । ବୀରରସ ପ୍ରସଂଗରେ ତାଙ୍କ ଚେହେରା ତଥା ଶବ୍ଦରେ ବୀରରସ ଫୁଟି ଉଠୁଥିଲା; ଶୋକ ପ୍ରସଂଗରେ ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହେଉଥିଲା । ଭଗବତ୍ ଭକ୍ତି ପ୍ରସଂଗରେ ସେ ଏକେବାରେ ମସ୍ତ ହୋଇ ଭଗବତ୍ ପ୍ରେମରେ ବିଭୋର ହୋଇ ଯାଉଥିଲେ । ଶ୍ରୀରାମଙ୍କ ବନଗମନ, ସୀତାହରଣ ପ୍ରସଙ୍ଗରେ ଶୋକକୁ ସମ୍ବରଣ କରିବା ତାଙ୍କ ପକ୍ଷେ ଅସାଧ୍ୟ ଥିଲା ।

ପଣ୍ଡିତ ବିଶ୍ୱନାଥଙ୍କ ଧର୍ମପତ୍ନୀ ସଦାଚାରିଣୀ, ପତିବ୍ରତା, ଭଗବତ୍ ଭକ୍ତା ଥିଲେ । ପତି-ଆଦେଶ, ପତିସେବା ତାଙ୍କର ବ୍ରତ ଥିଲା । ତାଙ୍କର ନିର୍ମଳା ଛଡ଼ା ଆଉ କୌଣସି ସନ୍ତାନ ନ ଥିଲେ । ସେମାନଙ୍କ ଘର ଯଥାର୍ଥରେ ଥିଲା ଋଷି

ଆଶ୍ରମ । ପିତାମାତା ଭକ୍ତ ତଥା ଚରିତ୍ରବାନ୍ ହେଲେ ସେମାନଙ୍କ ପ୍ରଭାବ ସନ୍ତାନ ଉପରେ ମାତା ଗର୍ଭରୁ ପଡ଼େ । ମନୁଷ୍ୟ ଯେଉଁ ବାତାବରଣରେ ବାସକରେ, ଶ୍ୱାସପ୍ରଶ୍ୱାସରେ ସେହି ତତ୍ତ୍ୱ ଗ୍ରହଣ କରେ । ସେହି ଅନୁସାରେ ତା'ର ଚରିତ୍ର ଗଠିତ ହୁଏ । ନିର୍ମଳା ବାଲ୍ୟକାଳରୁ ପିତାଙ୍କଠାରୁ ବାଲ୍ମୀକି ରାମାୟଣ ଚରିତ ଶୁଣୁଥିଲା; ପିତାମାତାଙ୍କ ଧ୍ୟାନ-ପୂଜନ ଦେଖୁଥିଲା । ଏହିସବୁ ପ୍ରଭାବରେ ବାଲ୍ୟାବସ୍ଥାରୁ ନିର୍ମଳା ହୃଦୟରେ ଗୋଟିଏ କ୍ଷୀଣ ଭକ୍ତି-ସ୍ରୋତ ପ୍ରବାହିତ ହେଲା । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବାତାବରଣର ପ୍ରଭାବ, ପିତାମାତାଙ୍କ ପ୍ରଭାବରୁ ତା' ହୃଦୟରେ ଥିବା କ୍ଷୀଣ ଭକ୍ତି-ସ୍ରୋତ କ୍ରମଶଃ ବୃଦ୍ଧି ହୋଇ ଜଗତପ୍ଲାବିନୀ ଭାଗୀରଥୀରେ ପରିଣତ ହେଲା । ପିତା ତାକୁ ସଂସ୍କୃତ ପଢ଼ାଇଦେଲେ, କେତେକ ଭଗବତ୍ ସ୍ତୁତି ମୁଖସ୍ଥ କରାଇଦେଲେ । ସେ ଭଗବତ୍ ସ୍ତୁତି ଗାନ କରି ଏକେବାରେ ତନ୍ମୟ ହୋଇ ଯାଉଥିଲା ।

ନିର୍ମଳାର ନାମ ଅନୁସାରେ ତା'ର ଗୁଣ ଥିଲା । କଳିଯୁଗର କାଳିମା ତାକୁ ସ୍ପର୍ଶ କରି ନ ଥିଲା । ନିର୍ମଳାର ରୂପ ଯେପରି ସୁନ୍ଦର ଥିଲା ତା' ଅପେକ୍ଷା ଅଧିକ ସୁନ୍ଦର ଓ ପବିତ୍ର ଥିଲା ତା'ର ମନ, ପ୍ରାଣ, ହୃଦୟ । ସେ ନାରୀ ରୂପରେ ସ୍ୱର୍ଗର ଦିବ୍ୟ ଦେବୀ, ଭକ୍ତିର ବିଗ୍ରହ, ବୈରାଗ୍ୟର ମୂର୍ତ୍ତି ଥିଲା । ତା'ର କୌଣସି ବସ୍ତୁରେ ଆସକ୍ତି ନ ଥିଲା, କୌଣସି ବସ୍ତୁ ସେ ଚାହୁଁ ନ ଥିଲା । ତା'ର ଏକମାତ୍ର ଲକ୍ଷ୍ୟ, ଏକମାତ୍ର ପ୍ରେମ, ଏକମାତ୍ର ଆସକ୍ତି, ଏକମାତ୍ର ଭକ୍ତି ଥିଲା ଶ୍ରୀରାମଙ୍କ ଚରଣରେ । ସେ ପ୍ରାଣରୁ ଅଧିକ ଭଲ ପାଉଥିଲା ଶ୍ରୀରାମଙ୍କୁ । ତାଙ୍କରି ଚରଣରେ ସେ ନିଜର ସର୍ବସ୍ୱ ମନ, ପ୍ରାଣ, ଶରୀରକୁ ସମର୍ପଣ କରି ସାରିଥିଲା । ତାଙ୍କରି ଇଚ୍ଛାରେହିଁ ସେ ବଞ୍ଚି ରହିଥିଲା ଓ ତାଙ୍କ ଇଚ୍ଛାରେ ମୃତ୍ୟୁକୁ ବରଣ କରିବାକୁ ପ୍ରସ୍ତୁତ ଥିଲା । ସଂସାରର ଭୋଗବାସନା ତାକୁ ସ୍ପର୍ଶ କରି ନ ଥିଲା । ଶରୀରକୁ ବସ୍ତ୍ରଭୂଷଣ, ଅତର, କୁସୁମରେ ସୁସଜ୍ଜିତ କରିବା ତା'ର କଳ୍ପନାତୀତ ଥିଲା । ସେ ଭୋର ଚାରିଟାରୁ ଉଠି ସ୍ନାନ କରି ଶ୍ରୀରାମଙ୍କ ଧ୍ୟାନ, ପୂଜନ କରେ, ପରେ ଶ୍ରୀରାମଙ୍କ ସେବାରୂପେ ଝାଡ଼ୁ ଦେବା, ଚୌକା ଲଗାଇବା,



ରୋଷେଇ କରିବା, ରନ୍ଧନଦ୍ରବ୍ୟ ପରଷିବା କାର୍ଯ୍ୟରେ ଲାଗିପଡ଼େ । ଏକ ପ୍ରହର ରାତ୍ରିରେ ତା'ର ସମସ୍ତ କାର୍ଯ୍ୟ ସମାପ୍ତ ହୁଏ ।

ନିର୍ମଳା ପରିଷ୍କାର ମୋଟା ଶାଢ଼ି ପରିଧାନ କରେ । ଅଖା ଉପରେ ଶୁଏ । ଅବଧ ପ୍ରାନ୍ତରେ ଭୟଙ୍କର ଶୀତ ହୁଏ । ଦୁଇ, ତିନୋଟି କମ୍ବଳ ହେଲେ ବ୍ୟକ୍ତି ନିଶ୍ଚିନ୍ତ ହୋଇ ଶୋଇପାରେ । ଏପରି ଶୀତରେ ଭୂଇଁ ଥଣ୍ଡା ହେବା ସ୍ୱାଭାବିକ । କମ୍ବଳ ଛଡ଼ା ଅନ୍ୟ ବିଛଣା ଶୀତ ସମ୍ଭାଳି ପାରେ ନାହିଁ । ଅନ୍ୟ କିଛି ବିଛଣାରେ ଲୋକ ଶୋଇଲେ ତା'ର ଓଠ ଓ ଆଣ୍ଠୁ ଥଣ୍ଡାରେ ଏକତ୍ର ହୋଇଯାଏ । କିନ୍ତୁ ସେହି ଶୀତରୁ ରକ୍ଷା ପାଇବାକୁ ନିର୍ମଳାର ବିଶେଷ କିଛି ନ ଥିଲା, ଥିଲା କେବଳ ବିଛଣା ପାଇଁ ଝୋଟବୁଣା ଚଟ, ଘୋଡ଼ି ହେବାକୁ ଗୋଟିଏ କମ୍ବଳ ଓ ପିନ୍ଧିବାକୁ ଗୋଟିଏ ତୁଳାଦାର କୋଟ୍ ।

ନିର୍ମଳା ରାତିରେ ଘର କାମ କରିସାରିବା ପରେ ଭୂଇଁରେ ଝୋଟଚଟ ଉପରେ କୁଶ ଆସନ ବିଛାଇ ବସି ଧ୍ୟାନ, ପୂଜନ, ସ୍ତୁତିଗାନ କରେ । ପରେ କୁଶ ଆସନ ଉଠାଇ ଦେଇ ଖାଲି ଚଟ ଉପରେ ଶ୍ରୀରାମଙ୍କୁ ଧ୍ୟାନ କରି ତାଙ୍କରି ନାମ ଜପ କରୁ କରୁ ଶୋଇପଡ଼େ । ଭୋର ଚାରିଟା ପୂର୍ବରୁ ନିଦ୍ରାଭଙ୍ଗ ସଙ୍ଗେ ସଙ୍ଗେ ଶ୍ରୀରାମଙ୍କ ନାମ ଜପ କରୁ କରୁ ଉଠି ବସେ ଏବଂ ଧ୍ୟାନ ଆରମ୍ଭ କରିଦିଏ । ଶୋଇବା ପୂର୍ବରୁ ଜପ, ଧ୍ୟାନ କରୁ କରୁ ଶୋଇ ଉଠିବା ସଙ୍ଗେ ସଙ୍ଗେ ଜପ, ଧ୍ୟାନ କଲେ ନିଦ୍ରା ସମୟ ବ୍ୟର୍ଥରେ ଯାଏ ନାହିଁ । ସେ ସମୟ ମଧ୍ୟ ଭଗବତ୍ ସ୍ମରଣର ଅନ୍ତର୍ଗତ ହୁଏ । କାରଣ ଶୋଇବା ସମୟରେ ବ୍ୟକ୍ତିର ଯେଉଁ ଚେତନା ଥାଏ ନିଦ୍ରା ଅବସ୍ଥାରେ ସେ ସେହି ଚେତନା ସ୍ତରରେ ବିଚରଣ କରେ । ପରେ ଚାରିଟା ବାଜିଲେ ଶୌଚ-ସ୍ନାନକୁ ଯାଏ । ବାଲ୍ୟାବସ୍ଥାରୁ ନିର୍ମଳାର ମନ ଭଗବାନଙ୍କ ଚରଣାରବିନ୍ଦରେ ଯେପରି ଅନୁରକ୍ତ ଥିଲା ସେହିପରି ଉତ୍ସାହର ସହିତ ଶରୀରରେ ଭଗବତ୍ ସେବା କରୁଥିଲା । ଭଗବତ୍ ଭକ୍ତିରେ ତା' ମନ-ପ୍ରାଣ ନିର୍ମଳ ହୋଇଥିବାରୁ ତା'ର ବ୍ୟବହାର ପ୍ରତ୍ୟେକ ପ୍ରାଣୀ ସହିତ ନିଷ୍କପଟ ଏବଂ ସ୍ନେହପୂର୍ଣ୍ଣ ଥିଲା । ସେଥିପାଇଁ ସେ ପ୍ରତ୍ୟେକ ପ୍ରାଣୀଙ୍କୁ ଭଲ ପାଉଥିଲା, ପ୍ରତ୍ୟେକ ପ୍ରାଣୀ ତାକୁ ମଧ୍ୟ ଭଲ ପାଉଥିଲେ ।

ନିର୍ମଳାର ଭଗବତ୍ ଭକ୍ତି ବୃଦ୍ଧି ହେବାକୁ ଲାଗିଲା । ସଂସାର ନିୟମ ଅନୁସାରେ ବିବାହ ମନୁଷ୍ୟର ଗୋଟାଏ ଅନିବାର୍ଯ୍ୟ ଅଙ୍ଗ ବୋଲି ସମାଜର ପରମ୍ପରାଗତ ଧାରଣା । ସନ୍ତାନକୁ ବିବାହ ନ ଦେଲେ ତା' ଜୀବନର ଗୋଟାଏ କିଛି କମ୍ ରହିଯାଏ ବୋଲି ପିତାମାତା ଭାବନ୍ତି । ଏହି ଧାରଣା ଭ୍ରମାତ୍ମକ । ମନୁଷ୍ୟ ଜୀବନରେ ସୁଖ ଚାହେଁ, ବୈବାହିକ ଜୀବନରେ ସୁଖ ଆଶା କରେ, କିନ୍ତୁ ଯଥାର୍ଥ ସୁଖ ସେଥିରେ ମିଳେ ନାହିଁ, ତାହାର ଅଭାବ ରହିଯାଏ । ସେ ଅଭାବ ପୂର୍ଣ୍ଣ ହୁଏ ଭଗବତ୍ ଭକ୍ତିରେ । ଅତଏବ ଜୀବନର ପ୍ରଧାନ ଉଦ୍ଦେଶ୍ୟ, ବୈବାହିକ ଜୀବନ ନୁହେଁ, ଭଗବତ୍ ଭକ୍ତି । ନିର୍ମଳାକୁ ତାହା ସୁଲଭ ଥିଲା । ତାହାର ବିବାହର ଆବଶ୍ୟକତା ନ ଥିଲା । କିନ୍ତୁ ତା'ର ପିତାମାତାଙ୍କ ଆଗ୍ରହ ତଥା ସାମାଜିକ ନିୟମ ବିରୋଧରେ ସେ ପ୍ରତିବାଦ କଲା ନାହିଁ । ଗୋଲାପ ରାଓ ନାମରେ ସୁଶୀଳ, ସଦାଚାରୀ, ଭକ୍ତିମାନ୍ ଯୁବକ ସହିତ ତା'ର ବିବାହ ପିତାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଗଲା । ଗୋଲାପ ରାଓ ଯଥାର୍ଥରେ କେବଳ ରୂପରେ ଗୋଲାପ ପରି ନ ଥିଲେ, ସଦାଚାରରେ ମଧ୍ୟ ଗୋଲାପ ସଦୃଶ ଥିଲେ ।

ବିଶ୍ୱନାଥ ମହାନ୍ ପଣ୍ଡିତ ଥିବା ସତ୍ତ୍ୱେ ଭଗବାନଙ୍କର ଅନନ୍ୟ ଭକ୍ତ । ମନୁଷ୍ୟଜୀବନରେ ଏହା ସୁବର୍ଣ୍ଣରେ ସୁଗନ୍ଧ । ସାଧାରଣତଃ ବିଦ୍ୱାନ୍ ପଣ୍ଡିତ ଅହଂକାରର ପ୍ରତିମୂର୍ତ୍ତି ହୁଅନ୍ତି । କିନ୍ତୁ ବିଶ୍ୱନାଥଙ୍କ ହୃଦୟରେ ଭଗବତ୍-ଭକ୍ତି-ଭାଗୀରଥୀ ପ୍ରବାହିତ ହୋଇଥିବାରୁ ତାଙ୍କ ବିଦ୍ୟାକୁ ସୁଶୋଭିତ କରୁଥିଲା ନିଷ୍କପଟ ବିନୟ । ତା' ସଙ୍ଗେ ଥିଲା ଲୋଭରହିତ ନିସ୍ପୃହା । ପଣ୍ଡିତ ହୋଇ ଲୋଭ ତ୍ୟାଗ କଲେ କିପରି ସମ୍ମାନ ମିଳେ ତାହାର ଉଦାହରଣ ଥିଲେ ପଣ୍ଡିତ ବିଶ୍ୱନାଥ । ସେ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଦାନ କରି ସେମାନଙ୍କଠାରୁ ଅର୍ଥ ଗ୍ରହଣ କରିବା ଦୂରେ ଥାଉ ସେମାନଙ୍କ ଶାରୀରିକ ସେବା ସ୍ୱୀକାର କରୁ ନ ଥିଲେ । ଯେ ଆଶା ତ୍ୟାଗ କରେ ତା' ପାଖକୁ ସବୁକିଛି ଆସେ । ଲୋକେ ବିଶ୍ୱନାଥଙ୍କ ସେବା କରିବାକୁ ଚାହୁଁଥିଲେ, କିନ୍ତୁ ତାଙ୍କର ନିସ୍ପୃହା ଓ ନିର୍ଲୋଭତା ଯୋଗୁଁ ସେମାନଙ୍କ ଇଚ୍ଛା ମନ ମଧ୍ୟରେ ରହି ଯାଉଥିଲା । ବହୁ ଦିନରୁ ଆଶା ରଖିଥିବା



ବ୍ୟକ୍ତିଙ୍କର ଆଶା ପୂର୍ଣ୍ଣ ହେବାର ସମୟ ଆସିଲା । ବିଶ୍ୱନାଥଙ୍କର ଏକମାତ୍ର କନ୍ୟା ନିର୍ମଳାର ବିବାହ ଉତ୍ସବରେ ମିତ୍ର ତଥା ଶୁଭେଚ୍ଛୁ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିବା ସ୍ୱାଭାବିକ । ସେଥିରେ ବିଶ୍ୱନାଥ ନିଷେଧ କରିବାରେ ଅସମର୍ଥ ଥିଲେ । ଲୋକେ ଉତ୍ସାହ ସହିତ ନିଜ ନିଜ ଶକ୍ତି ଅନୁସାରେ ଉଦାର ହୃଦୟରେ ଡାଲି, ଚାଉଳ, ପନିପରିବା, ଲୁଗାପଟା, ତେଲ, ଘିଅ, ଟଙ୍କାପଇସା, ଅଳଙ୍କାର ଓଗେର ନାନାଦି ଦ୍ରବ୍ୟ ଉପହାର ସହ ଉପସ୍ଥିତ ହେଲେ । କାର୍ଯ୍ୟର ବ୍ୟବସ୍ଥା ସେହିମାନଙ୍କର । ବିଶ୍ୱନାଥଙ୍କୁ ବିଶେଷ କିଛି ପରିଶ୍ରମ କରିବାକୁ ହେଲା ନାହିଁ । ବିବାହ ଖୁବ୍ ଧୁମ୍‌ଧାମ୍, ସମାରୋହରେ ହେଲା । ମିଷ୍ଟାନ୍ନ ତଥା ଅନ୍ନ ଉଭୟପ୍ରକାର ଭୋଜନ ତିଆରି ହୋଇଥିଲା । ନିଜ ନିଜ ରୁଚି ଅନୁସାରେ ବ୍ୟକ୍ତି ଭୋଜନ କରୁଥିଲେ । ଯେ କେହି ଆସୁଥିଲା ଭୋଜନ ନ କରି ଫେରୁ ନ ଥିଲା । ଆଗନ୍ତୁକମାନେ ଏପରି ସମାରୋହପୂର୍ଣ୍ଣ ବିବାହ ଏବଂ ସୁନ୍ଦର ବ୍ୟବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଲେ । ବିଶ୍ୱନାଥଙ୍କର ଅନ୍ୟ ସନ୍ତାନ ନ ଥିବାରୁ ଗୋଲାପ ଓ ନିର୍ମଳା ତାଙ୍କ ଘରେ ରହିଲେ ।

ବିଧାତାର ବିଧାନ ବିଚିତ୍ର । ସେ ହୃଦୟହୀନ ବ୍ୟକ୍ତି ସଦୃଶ ସ୍ୱତନ୍ତ୍ର । ବିଧାତାର ବିଧାନକୁ ଅନ୍ୟଥା କରିବାକୁ କାହାର ଶକ୍ତି ନାହିଁ । ପୁଷ୍ପକଳିକା ପ୍ରସ୍ଫୁଟିତ ହୋଇ ତା'ର ସୌରଭ ପ୍ରକାଶ କରିବା ପୂର୍ବରୁ ତୁଷାର ଦ୍ୱାରା ଝାଉଁଳି ନଷ୍ଟ ହୋଇଯାଏ । ବାଳକ ସଦ୍‌ଗୁଣ ଗ୍ରହଣ କରି ଯୁବାବସ୍ଥାରେ ପଦାର୍ପଣ କରି ସଂସାରକ୍ଷେତ୍ରରେ କର୍ମପ୍ରସାର କରିବା ସମୟରେ ମୃତ୍ୟୁ ମୁଖରେ କବଳିତ ହୁଏ । ତା'ର ପିତାମାତା, ଭାଇବନ୍ଧୁ ମଥା ପିଟି ମରନ୍ତି । ବିଧାତାକୁ ସେ ଦୁଃଖ ସ୍ପର୍ଶ କରେ ନାହିଁ । ବିଧାତା କି ଦାରୁଣ ! ଏପରି କରିବାର ଥିଲେ ସେ ଜନ୍ମ ଦିଏ କାହିଁକି ?

ଗୋଲାପ ରାଓ ତଥା ନିର୍ମଳାର ଦାମ୍ପତ୍ୟ ସୁଖ ବିଧାତା ସହି ପାରିଲା ନାହିଁ । ବିବାହର ଏକ ବର୍ଷ ପରେ ହଇଜା ରୋଗରେ ଗୋଲାପ ରାଓ ସଂସାରରୁ ବିଦା ହୋଇ ଚାଲିଗଲେ । କିନ୍ତୁ ବିଶ୍ୱନାଥଙ୍କ ଉପରେ ବଜ୍ରପାତ ହେଲା । ନିର୍ମଳା

ଛଡ଼ା ତାଙ୍କ ଆଗ ପଛରେ କେହି ନ ଥିଲେ । ନିର୍ମଳା ଥିଲା ତାଙ୍କରି ଏକମାତ୍ର କନ୍ୟା । ତା' ମଧରେ ଭଗବଦ୍ ଭକ୍ତି, ଶାନ୍ତି, ନିଃସ୍ୱାର୍ଥପରତା, ନିରହଂକାର ଭାବ, ଦୟା, ତ୍ୟାଗ ଆଦି ସମସ୍ତ ସଦ୍‌ଗୁଣ ବିଦ୍ୟମାନ ଥିଲା । ସନ୍ତାନ ପ୍ରତି ପିତାମାତାଙ୍କର ସ୍ୱାଭାବିକ ସ୍ନେହ ଥାଏ; ସଦ୍‌ଗୁଣଯୁକ୍ତ ସନ୍ତାନ ପିତାମାତାଙ୍କର ପ୍ରାଣରୁ ଅଧିକ ପ୍ରିୟ ହୁଏ । ମନୁଷ୍ୟ ନିଜ ଦାରୁଣ ବେଦନା ସହ୍ୟ କରିପାରେ । କିନ୍ତୁ ସ୍ନେହପାତ୍ରର ସାଧାରଣ ଦୁଃଖକୁ ବରଦାସ୍ତ କରିବାରେ ଅସମର୍ଥ ହୁଏ । ନବ ବିବାହିତା କନ୍ୟାର ପତିବିୟୋଗରେ ପଣ୍ଡିତ ବିଶ୍ୱନାଥଙ୍କୁ ବହୁତ ଦୁଃଖ ଲାଗିଲା । କିନ୍ତୁ ଭଗବାନଙ୍କ କୃପାରୁ ତାହା ବହୁତ ସମୟ ସ୍ଥାୟୀ ନ ହୋଇ ଭଗବାନଙ୍କ ସ୍ମରଣରେ ପରିବର୍ତ୍ତିତ ହୋଇଗଲା । ସେହି ବ୍ୟଥିତ ଅବସ୍ଥାରେ ତାଙ୍କ ପରମାରାଧ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ପ୍ରାର୍ଥନା କଲେ, ''ହେ କରୁଣାମୟ, ମୋତେ ତଥା ତୁମ ସେବିକା ବାଳିକାକୁ ଦୁଃଖ-ସାଗରରୁ ଉଦ୍ଧାର କର । ତୁମ ଛଡ଼ା ଏ ସଂସାରରେ ମୋର ଅନ୍ୟ କେହି ନାହିଁ । ତୁମେ ମୋର ମାତା, ପିତା, ବନ୍ଧୁ, ସଖା, ସର୍ବସ୍ୱ । ତୁମରି ନିର୍ଦ୍ଦେଶରେ ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ ନିଜ ନିଜ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ତୁମରି ନେତ୍ରନିର୍ଦ୍ଦେଶ 'ଅଘଟନ-ଘଟନ-ପଟୀୟସୀ', ତୁମ ମାୟା ସଂସାର ସର୍ଜନା, ପାଳନ, ସଂହାର କରୁଅଛି । ତୁମେ ପାହାଡ଼କୁ ଧୂଳିକଣା କରିପାର, ଧୂଳିକଣାକୁ ମଧ ପାହାଡ଼ କରିପାର । ତୁମେ ସର୍ବଶକ୍ତିମାନ୍ । ପ୍ରଭୁ, ମୋ ଉପରେ ଦୟା କରି ଦର୍ଶନ ଦିଅ ଏବଂ ଏହି ଦୁଃଖରୁ ଉଦ୍ଧାର କର ।'' ଏହିପରି ପ୍ରାର୍ଥନା କରୁ କରୁ ପଣ୍ଡିତ ବିଶ୍ୱନାଥ ବେହୋସ ହୋଇ ପଡ଼ିଗଲେ । ବ୍ୟାକୁଳତାରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, କଣ୍ଠ ରୁଦ୍ଧ ହୋଇଗଲା । ଭଗବାନ୍ ଭକ୍ତ ସଙ୍ଗେ ସଙ୍ଗେ ଛାୟା ସଦୃଶ ରହିଥାଆନ୍ତି । ଭକ୍ତର ଦୁଃଖ ଦୂର କରିବା ତାଙ୍କର ସ୍ୱଭାବ । ଭଗବାନ୍ ନିଜ ଶକ୍ତି ସୀତାଦେବୀଙ୍କ ସଙ୍ଗେ ଦିବ୍ୟ ସ୍ୱରୂପରେ ସିଂହାସନ ସହିତ ବିଶ୍ୱନାଥଙ୍କ ସମ୍ମୁଖରେ ପ୍ରଘଟ ହେଲେ, ଅଭୟ କରକମଳ ସ୍ପର୍ଶ କରି ଉଠେଇ ଦେଲେ । ବିଶ୍ୱନାଥ ଭଗବାନଙ୍କ ଅଭୟ କରକମଳ ସ୍ପର୍ଶରେ ନୂତନ ଜନ୍ମ ପାଇ ନେତ୍ର ଖୋଲି ସମ୍ମୁଖରେ



ଚିରଅଭିଳଷିତ ପ୍ରଭୁଙ୍କ ଦର୍ଶନ ପାଇ କୃତକୃତ୍ୟ ହୋଇଗଲେ । ତାଙ୍କର ସମସ୍ତ ଦୁଃଖ ଦୂର ହୋଇଗଲା । ସେ ଆନନ୍ଦରେ ବିଭୋର ହୋଇ ସୀତାରାମଙ୍କ ଯୁଗଳଚରଣରେ ଦଣ୍ଡାକାର ପଡ଼ିଗଲେ । ଭଗବାନ୍ ନିଜ କରୁଣା ଗୁଣରେ ବିଶ୍ୱନାଥଙ୍କୁ ଦର୍ଶନ ଦେଲେ । ଏହି କୃତଜ୍ଞତା ଏବଂ ଭଗବାନଙ୍କ କୃପାକୁ ସ୍ମରଣ କରି ତାଙ୍କ ହୃଦୟ ଦ୍ରବିତ ହୋଇ ନେତ୍ରରୁ ଆନନ୍ଦାଶ୍ରୁ ପ୍ରବାହିତ ହେଲା । ଶ୍ରୀରାମ ମେଘଗମ୍ଭୀର, କୋମଳ ଶବ୍ଦରେ କହିଲେ, ''ବିଶ୍ୱନାଥ, ତୁ ମୋ ଭକ୍ତ, ତୁ କ'ଣ ଜାଣୁ ନାହିଁ ମୋର ପ୍ରତ୍ୟେକ ବିଧାନ ଭକ୍ତର କଲ୍ୟାଣ ସକାଶେ । ନିର୍ମଳା ବିଧବା ହେବାରେ ତା'ର ଓ ତୋର କଲ୍ୟାଣ ନିହିତ ଅଛି । ପୂର୍ବଜନ୍ମ ଘଟଣା ଶୁଣ ।''

## ବିଶ୍ୱନାଥ ଓ ନିର୍ମଳାର ପୂର୍ବଜନ୍ମ ଘଟଣା

''ପୂର୍ବଜନ୍ମରେ ତୁ ସଦାଚାରୀ ବ୍ରାହ୍ମଣ ଥିଲୁ; ନିର୍ମଳା ତୋର କନ୍ୟା ଥିଲା । ତୋ ନାମ ଥିଲା ଜଗଦୀଶ, ନିର୍ମଳାର ନାମ ଥିଲା ସରସ୍ୱତୀ । ତୋର ତଥା ସରସ୍ୱତୀର ସମସ୍ତ ସଦ୍‌ଗୁଣ ଥିଲା । ତୋ ପଡ଼ୋଶୀ ଗୋଟିଏ କ୍ଷତ୍ରିୟ ଥିଲା । ସେ ଥିଲା ଖୁବ୍ ଦୁଷ୍ଟ ତଥା ତା'ର ବୁଦ୍ଧି ଥିଲା ବହୁତ ତୀବ୍ର ଓ କପଟପୂର୍ଣ୍ଣ । ଠକିବା ବିଦ୍ୟାରେ ସେ ଥିଲା ବହୁତ ଚତୁର । ତା'ର କୁଦୃଷ୍ଟି ଥିଲା ସରସ୍ୱତୀ ଉପରେ । ସୁତରାଂ ସେ ତୋ ସହିତ କପଟ ମିତ୍ରତା ସ୍ଥାପନ କରି ତୋର ସହୃଦୟ ହୋଇଗଲା । ମନ ମଧରେ ଦୂଷିତ ଭାବ ରଖି ଉପରେ ସାତ୍ତ୍ୱିକ ଭାବ ଦେଖାଇ ସରସ୍ୱତୀ ସହିତ ମିତ୍ରତା ସ୍ଥାପନ କଲା । ସରସ୍ୱତୀର ନିଜ ପତି ସହିତ ବୈମନସ୍ୟ ଉତ୍ପନ୍ନ କରିବା ଉଦ୍ଦେଶ୍ୟରେ ବହୁପ୍ରକାର ଷଡ଼ଯନ୍ତ୍ର କଲା । ପରିଣାମରେ ସରସ୍ୱତୀ ନିଜ ପତିକୁ ତିରସ୍କାର କଲା ଏବଂ ତୁ ସରସ୍ୱତୀର କର୍ତ୍ତବ୍ୟକୁ ସମର୍ଥନ କରୁଥିଲୁ । ପିତାପୁତ୍ରୀଙ୍କ ଦୁର୍ବ୍ୟବହାରରେ ସରସ୍ୱତୀର ପତି ଅତ୍ୟନ୍ତ ଦୁଃଖିତ ହୋଇ ତୋତେ ତଥା ସରସ୍ୱତୀକୁ ଅଭିଶାପ ଦେଲା । ଅଭିଶାପ

ଦେବା ଅବଶ୍ୟ ପାପ, କିନ୍ତୁ ମନୁଷ୍ୟ ବ୍ୟଥିତ ହେଲେ ତା'ର ଜ୍ଞାନ ନଷ୍ଟ ହୋଇଯାଏ । ମନୁଷ୍ୟ ରାଗରେ ଈର୍ଷାବଶ ହୋଇ ହଜାର ଗାଳି ଦେଲେ ତା'ର ପ୍ରଭାବ ପଡ଼େ ନାହିଁ, କିନ୍ତୁ ପୀଡ଼ିତ ହୋଇ ଅନ୍ତଃକରଣରୁ ଅଭିଶାପ ଦେଲେ ତା'ର ପ୍ରଭାବ ପଡ଼େ । ଶେଷରେ ସରସ୍ୱତୀ ସହିତ ତା' ପତିର ଘୋର ବିରୋଧ ହେବା ପରେ ସେହି ଛଦ୍ମଭାବାପନ୍ନ ବ୍ୟକ୍ତି ସରସ୍ୱତୀ ପ୍ରତି ଅସତ୍ ପ୍ରସ୍ତାବ ପ୍ରକାଶ କଲା । ସେଥିରେ ସରସ୍ୱତୀ ବହୁତ ବିସ୍ମିତ ତଥା ପଶ୍ଚାତ୍ତାପ କରି ତା' ମିତ୍ରତା ତ୍ୟାଗ କଲା; ଏକପତିନିଷ୍ଠାରେ କଳଙ୍କ ଲାଗିବାକୁ ଦେଇ ନ ଥିଲା । ସରସ୍ୱତୀର ସମସ୍ତ ସଦ୍‌ଗୁଣ ଥିବା ସତ୍ତ୍ୱେ ତା'ର ଏତିକିମାତ୍ର ଅପରାଧ ଥିଲା— ସେ ବିନା ଅପରାଧରେ ନିଜ ପତିକୁ ଅପମାନ ତଥା ତିରସ୍କାର କରିଥିଲା । ତୁ ତୋ'ର କନ୍ୟାର ଅନ୍ୟାୟକୁ ସମର୍ଥନ କରିଥିଲୁ । ସେହି କାରଣରୁ ତୁମ ଦୁହିଙ୍କୁ ପୁନରାୟ ଏହି ଦୁଃଖ ଭୋଗ କରିବାକୁ ପଡ଼ିଲା । ଯେ ମୋ ଆଶ୍ରୟ ନିଏ ତା'ର କୌଣସି ବିପଦ ସ୍ଥାୟୀ ହୋଇ ରହେ ନାହିଁ । ଯାହା ହୃଦୟରେ ମୋ ପ୍ରତି ଭକ୍ତି ଥାଏ ତାକୁ ସେ ସମସ୍ତ ବାଧାବିପତ୍ତିରୁ ମୁକ୍ତ କରି ମୋ ସମୀପରେ ପହଞ୍ଚାଇ ଦିଏ । ମୋ ଭକ୍ତ ଅପରାଧ କଲେ ତା'ର ଫଳ ତାକୁ ଭୋଗିବାକୁ ପଡ଼େ । କିନ୍ତୁ ମୋ ଭକ୍ତି ପ୍ରଭାବରେ ସେହି ଦୁଃଖ ଆନନ୍ଦରେ ପରିଣତ ହୁଏ । ଯଦ୍ୟପି ତୋ କନ୍ୟା ପୂର୍ବଜନ୍ମ ଦୋଷରୁ ବୈଧବ୍ୟକୁ ପ୍ରାପ୍ତ ହୋଇଅଛି ତଥାପି ବୈଧବ୍ୟରେ ସ୍ତ୍ରୀମାନଙ୍କୁ ଯେଉଁ ଅନୁତାପ କରିବାକୁ ହୁଏ ମୋ ଭକ୍ତି ପ୍ରଭାବରୁ ତାକୁ ତାହା ସ୍ପର୍ଶ କରିପାରି ନାହିଁ । ଏକମାତ୍ର କନ୍ୟାର ବୈଧବ୍ୟ ଯୋଗୁଁ ଯେଉଁ ବ୍ୟାକୁଳତା ତୋତେ ସମସ୍ତ ଜୀବନବ୍ୟାପୀ ଅଭିଭୂତ କରିଥାଆନ୍ତା, ମୋ କୃପାରୁ ତାହା ଅଳ୍ପକ୍ଷଣ ପରେ ଦୂର ହୋଇଗଲା । ମୋର ଭକ୍ତିଦେବୀଙ୍କୁ ଯେ ଆହ୍ୱାନ କରେ ସେ ସମସ୍ତ ବିପଦ-ଆପଦରୁ ରକ୍ଷାକରି ମୋତେ ତା' ହୃଦୟରେ ପ୍ରତିଷ୍ଠା କରିଦିଏ । ମୁଁ ସବୁକିଛି ତ୍ୟାଗ କରିପାରେ, କିନ୍ତୁ ଭକ୍ତକୁ ତ୍ୟାଗ କରିପାରେ ନାହିଁ । ଭକ୍ତ ସଙ୍ଗେ ଦିବାନିଶି ରହିଥାଏ । ମୁଁ ଯେଉଁଠାରେ ଥାଏ ସେଠାକୁ ବିପଦ ଆସେ ନାହିଁ । ଯେଉଁ ବିପଦ ଆସେ ତାହା ଅନିଷ୍ଟ ନ କରି ପରମ ସୁଖ



ଆଡ଼କୁ ନେଇଯାଏ । ତୁମ୍ଭମାନଙ୍କର ଏହି ଦୁଃଖରେ ଭକ୍ତିଦେବୀଙ୍କ କୃପା ବିଦ୍ୟମାନ । ଏହାରି ଦ୍ୱାରା ତୁମ୍ଭମାନଙ୍କର ଚିରଦିନ ସକାଶେ ସମସ୍ତ ଦୁଃଖ ଦୂର ହୋଇଯିବ ।'' ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ଏହା ଥିଲା ପ୍ରତ୍ୟକ୍ଷ ଘଟଣା । କିନ୍ତୁ ବିଶ୍ୱନାଥ ଭଗବତ୍ ଆନନ୍ଦରେ ଏପରି ତନ୍ମୟ ହୋଇଯାଇଥିଲେ ଯେ ଭଗବାନ୍ ଅନ୍ତର୍ଦ୍ଧାନ ହେବା ପରେ ତାଙ୍କୁ ସ୍ୱପ୍ନ ସଦୃଶ ପ୍ରତୀତ ହେଲା । ସେହି ସମୟରେ ନିର୍ମଳା ପିତାଙ୍କ ପାଖକୁ ଆସିଲା । ନିର୍ମଳାର ବୈଧବ୍ୟ ରୂପ ଦେଖି ବିଶ୍ୱନାଥଙ୍କ ହୃଦୟ ପୁନରାୟ ବ୍ୟାକୁଳ ହୋଇ ପଡ଼ିଲା । କିନ୍ତୁ ନିର୍ମଳାର ସାଧନା ବିଶ୍ୱନାଥଙ୍କଠାରୁ ବହୁତ ଉଚ୍ଚ ଭୂମିକାରେ ଥିଲା । ସେଠାରେ ବୈଧବ୍ୟ ବେଦନା ପହଞ୍ଚି ପାରୁ ନ ଥିଲା । ସେ ପିତାଙ୍କୁ କହିଲା, ''ପିତାଜି, ତୁମେ ବ୍ୟାକୁଳ ହେଉଛ କାହିଁକି ? ପୃଥିବୀ କର୍ମଭୂମି, ମୃତ୍ୟୁପୁରୀ, ଏଠାକୁ ବ୍ୟକ୍ତି ଆସନ୍ତି କର୍ମ କରିବାକୁ, ନିଜ ନିଜ କର୍ମ ସମାପ୍ତ ହେଲେ ଚାଲିଯାଆନ୍ତି । ହାଟକୁ ଯାଇଥିବା ବ୍ୟକ୍ତିମାନଙ୍କ ବସ୍ତୁ ବିକ୍ରୟ ହୋଇଗଲେ କ'ଣ କିଏ କାହାକୁ ଅପେକ୍ଷା କରେ ? ସମସ୍ତେ ନିଜ ନିଜ ମାର୍ଗରେ ଚାଲିଯାଆନ୍ତି । ଏହି ସଂସାର ହାଟ ସଦୃଶ । ଭିନ୍ନ ଭିନ୍ନ ପରିବାରରେ ବ୍ୟକ୍ତିମାନେ ଏକତ୍ରିତ ହୁଅନ୍ତି; କର୍ମ ଶେଷ ହେଲେ ଏଠାର ସମ୍ବନ୍ଧ ଛାଡ଼ି ଅନ୍ୟ ପରିବାରରେ ଜନ୍ମ ହୋଇ ନୂତନ ସମ୍ବନ୍ଧ ସ୍ଥାପନ କରନ୍ତି । ଏହା ଏକେବାରେ ସତ୍ୟ ଏବଂ ପ୍ରତ୍ୟକ୍ଷରୂପେ ଦୃଷ୍ଟିଗୋଚର ହେବା ସତ୍ତ୍ୱେ ମନୁଷ୍ୟ ମୋହ ଅଜ୍ଞାନବଶରେ 'ମୁଁ' 'ମୋର' ଭାବ ରଖି ମିଥ୍ୟା ବିପଦ ନିଜ ଉପରେ ଆରୋପ କରି ନିଜେ ପୀଡ଼ିତ ହୁଏ । ମନୁଷ୍ୟର ମୃତ୍ୟୁ ପରେ ତା'ର ସମସ୍ତ ତତ୍ତ୍ୱ ବିଶ୍ୱତତ୍ତ୍ୱ ସଙ୍ଗେ ମିଶିଯାଏ । ଆତ୍ମା ଅମର, ତା'ର କେବେ ବି ନାଶ ହୁଏ ନାହିଁ, ବ୍ୟକ୍ତି ଏହା ଜାଣି ମଧ୍ୟ ମୃତ ବ୍ୟକ୍ତି ସକାଶେ ଶୋକ କରେ । ଏହି ଅଜ୍ଞାନ ଦୂର ହୁଏ ଭଗବତ୍ କୃପାରୁ ତାଙ୍କ ଭକ୍ତି ପ୍ରଭାବରେ ଅଥବା ପରମ ଜ୍ଞାନ ପ୍ରାପ୍ତିରେ । ପିତାଜି, ତୁମେ ଭଗବତ୍ ଭକ୍ତ ଏବଂ ଜ୍ଞାନୀ, ତୁମେ ଶୋକ କରୁଛ କାହିଁକି ? ଯଥାର୍ଥରେ ପତିର ପରମ ପତି, ପରମାତ୍ମା, ପରମେଶ୍ୱର ଶ୍ରୀରାମଚନ୍ଦ୍ରଜି ସର୍ବାବସ୍ଥାରେ ମୋ ସଙ୍ଗେ

ଅଛନ୍ତି । ତାଙ୍କର କେବେ ବି ବିୟୋଗ ହୁଏ ନାହିଁ, ଫେର୍ ଶୋକ କରିବାର କ'ଣ ଅଛି ? ପତି ଭୋଗ୍ୟବସ୍ତୁ ନୁହନ୍ତି, ଭଗବତ୍ ପ୍ରାପ୍ତିର ସହାୟକ ବା ଉପାୟ । ଲକ୍ଷ୍ୟପ୍ରାପ୍ତି ପର୍ଯ୍ୟନ୍ତ ଉପାୟର ଆବଶ୍ୟକ ଥାଏ । ଲକ୍ଷ୍ୟ ଭଗବାନ୍, ଭଗବତ୍ ପ୍ରାପ୍ତି ପରେ ଉପାୟର ଆବଶ୍ୟକତା ନ ରହିଲେ ଭଗବାନ୍ ତାହା ଦୂର କରିଦିଅନ୍ତି । ଏହା ତୁମେ ଭଲଭାବେ ଜାଣ । ଭଗବାନ୍ ଯାହା କରନ୍ତି ସବୁ ଭକ୍ତର ମଙ୍ଗଳ ସକାଶେ । ଭଗବାନଙ୍କ ପ୍ରତ୍ୟେକ ବିଧାନରେ ମଙ୍ଗଳ ଓତପ୍ରୋତଭାବେ ଜଡ଼ିତ ଥାଏ । ତାହା ବାହ୍ୟ ଦୃଷ୍ଟିରେ ଭୟଙ୍କର ପ୍ରତୀତ ହେବା ସତ୍ତ୍ୱେ ତା' ମଧ୍ୟରେ ନିହିତ ଥାଏ କଲ୍ୟାଣ, ଭଗବାନଙ୍କ କୃପା । ପିତାଜି, ବିଶ୍ୱାସ କରନ୍ତୁ, ଏଥିରେହିଁ ଆମ୍ଭମାନଙ୍କର ପରମ କଲ୍ୟାଣ ହେବ ।''

ବିଶ୍ୱନାଥ ଯେଉଁ କନ୍ୟା ନିର୍ମଳାର ବୈଧବ୍ୟରେ ମର୍ମାହତ ହୋଇଥିଲେ ସେହି କନ୍ୟାର ଏପରି ଜ୍ଞାନ, ବୈରାଗ୍ୟ, ଭକ୍ତିଯୁକ୍ତ ବାଣୀ ଶୁଣି, ତା'ର ଦୃଢ଼ ଭଗବତ୍ ଶ୍ରଦ୍ଧା ଦେଖି ବହୁତ ସନ୍ତୁଷ୍ଟ ହେଲେ । ତାଙ୍କ ହୃଦୟ ଭଗବତ୍ ଭକ୍ତି-ସିନ୍ଧୁରେ ତରଙ୍ଗାୟିତ ହେବାକୁ ଲାଗିଲା । ସେ କହିଲେ, ''ନିର୍ମଳା, ତୁ ଭଗବାନଙ୍କର ବିଭୂତି, ଭଗବତ୍ ସାମୀପ୍ୟପ୍ରାପ୍ତ ନିତ୍ୟକୋଟିର ଦେବୀ । ମୁଁ ତୋତେ କନ୍ୟାରୂପେ ପାଇ 'ପିତା' ଶବ୍ଦର ସାର୍ଥକତା ଲାଭ କରିଛି । ତୋ ମାତାକୁ ଧନ୍ୟ, ସେ ତୋତେ ଗର୍ଭରେ ଧାରଣ କରି ଲାଳନପାଳନ କରିଥିଲା । ତୁ ମୋର କନ୍ୟା ନୋହୁ, ଜ୍ଞାନ-ଭକ୍ତିରେ ମାତା ।'' ବିଶ୍ୱନାଥଙ୍କ ପତ୍ନୀ ମଧ୍ୟ ଭକ୍ତା ଏବଂ ପତିବ୍ରତା ଥିଲେ । ପିତା-ପୁତ୍ରୀଙ୍କର ଏପରି ଭାବ ଦେଖି ତାଙ୍କର ମଧ୍ୟ ଶୋକ ଦୂର ହୋଇଗଲା । ପିତାମାତାଙ୍କ ସହିତ ନିର୍ମଳା ଭଗବତ୍ ଭକ୍ତିରେ ନିମଗ୍ନ ହୋଇ ଆନନ୍ଦରେ ନିବାସ କଲା ।

ଘରେ ଶ୍ରୀରାମସୀତାଙ୍କ ବିଗ୍ରହ ଥିଲା । ନିର୍ମଳା ନିୟମିତରୂପେ ବ୍ରାହ୍ମମୁହୂର୍ତ୍ତରେ ଉଠି ସ୍ନାନାଦି କ୍ରିୟା ଶେଷ କରି ଜପ, ଧ୍ୟାନ ତଥା ଭଗବତ୍ ସେବା-ପୂଜା କରେ । ଭଗବାନଙ୍କ ନିମିତ୍ତ ଘରର ସମସ୍ତ କାର୍ଯ୍ୟ ଏବଂ ରୋଷାଇ କରେ । ବୃଦ୍ଧ ପିତାମାତାଙ୍କ ସେବା କରେ । ଏଥିରେହିଁ ତାକୁ ପରମାନନ୍ଦ ମିଳେ ।



ଯାହା ହୃଦୟରେ ଭକ୍ତି-ଭାଗୀରଥୀ-ସ୍ରୋତ ପ୍ରବାହିତ ହେଉଥାଏ ସେ ପ୍ରତ୍ୟେକ ଅବସ୍ଥାରେ ପରମାନନ୍ଦ ଅନୁଭବ କରେ ।

କିଛି ବର୍ଷ ପରେ ପିତାମାତା ଭଗବାନ୍ ସୀତାରାମଙ୍କ ନାମ ସ୍ମରଣ କରୁ କରୁ ଏକହି ଦିନରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଅମର ଧାମକୁ ଯାତ୍ରା କଲେ । ନିର୍ମଳାକୁ ଭଗବାନଙ୍କ ନିତ୍ୟ ସାନ୍ନିଧ ପ୍ରାପ୍ତି ନିର୍ଭୟ, ରସମୟ, ଆନନ୍ଦମୟ, ଭକ୍ତିମୟ, ଜ୍ଞାନମୟ, ଦିବ୍ୟ, ଚିନ୍ମୟ କରି ଦେଇଥିଲା । ସର୍ବାବସ୍ଥାରେ ତା'ର ଏହି ସ୍ଥିତି ବିଦ୍ୟମାନ ରହୁଥିଲା । ସେଥିନେଇ ପିତା-ମାତାଙ୍କ ବିୟୋଗ-ଦୁଃଖ ତାକୁ ସ୍ପର୍ଶ କରିପାରିଲା ନାହିଁ । ସେ ବହୁତ ଉତ୍ସାହରେ ପିତାମାତାଙ୍କ ସଂସ୍କାର ଗଙ୍ଗା ତଟରେ ବହୁ ସମାରୋହରେ କରାଇଲା । ସେମାନଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଘରର ସମସ୍ତ ସମ୍ପତ୍ତି ବ୍ୟୟ କରିଦେଲା । ଘରର ସମସ୍ତ ବସ୍ତୁ ଦାନ ଦେବା ପରେ କାଶୀର କିଛି ଦୂରରେ ଗଙ୍ଗା କୂଳରେ ଗୋଟିଏ କୁଟୀରରେ ଭଗବାନଙ୍କ ଭଜନ-ଧ୍ୟାନରେ ତିରିଶ ବର୍ଷ ବ୍ୟତୀତ କରି ନଶ୍ୱର ଶରୀରକୁ ଗଙ୍ଗାମାତାଙ୍କ କୋଳରେ ଛାଡ଼ି ଶ୍ରୀରାମସୀତାଙ୍କ ଦିବ୍ୟ ସାକେତରେ ତାଙ୍କ ସେବା ପ୍ରାପ୍ତ ହେଲା । ଦିବ୍ୟଦେବୀ, ନିତ୍ୟମୁକ୍ତ ନିର୍ମଳା ନଶ୍ୱର ଶରୀର ତ୍ୟାଗ କରି ଏହି ସଂସାରରୁ ଚାଲିଗଲେ, କିନ୍ତୁ ତାଙ୍କ ସ୍ମୃତି ଆଜି କେତେ ନରନାରୀଙ୍କୁ ଭଗବଦଭିମୁଖୀ ହେବାରେ ସାହାଯ୍ୟ କରୁଅଛି ।

ବୋଲ ଭକ୍ତିମତୀ ନିର୍ମଳାଦେବୀଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

# ଭଉଣୀ ସରସ୍ୱତୀ

କେତେ ଶହ ବର୍ଷ ପୂର୍ବର ଘଟଣା । ଗୋଟିଏ ନଗରରେ ମତିମାନ ଏବଂ ଶ୍ରୀକୀର୍ତ୍ତି ନାମରେ ଧର୍ମପରାୟଣ ଭଗବତ୍ ଭକ୍ତ ପତିପତ୍ନୀ ବାସ କରୁଥିଲେ । ଘର ଧନସମ୍ପଦରେ ପୂର୍ଣ୍ଣ ଥିଲା । ସେବକସେବିକା ଆଜ୍ଞାକାରୀ ଥିଲେ । ଏମାନେ ସଦାଚାରୀ ଭଗବତ୍ ଭକ୍ତ ଥିବାରୁ କାହା ସହିତ ଅସଦ୍‌ବ୍ୟବହାର କରୁ ନ ଥିଲେ । ଏମାନଙ୍କର କେହି ଶତ୍ରୁ ନ ଥିବାରୁ ଜୀବନ ସୁଖଶାନ୍ତିରେ ବ୍ୟତୀତ ହେଉଥିଲା । ଗୃହର ଶୋଭା ଶିଶୁ । ଯଦ୍ୟପି ସେମାନଙ୍କର ପୁତ୍ରସନ୍ତାନ ନ ଥିଲା ତଥାପି ଏକମାତ୍ର ଶିଶୁକନ୍ୟା ସରସ୍ୱତୀ ଉପରେ ପିତାମାତାଙ୍କର ସମସ୍ତ ସ୍ନେହ କେନ୍ଦ୍ରିତ ହୋଇଥିଲା ।

ପତିପତ୍ନୀ ଦୁଇଜଣଯାକ ଥିଲେ ଶ୍ରୀକୃଷ୍ଣଙ୍କର ଭକ୍ତ । ଘରେ ଶ୍ରୀ ଗୋପାଳଜିଙ୍କ ସୁବର୍ଣ୍ଣ ପ୍ରତିମା ସ୍ଥାପନ କରିଥିଲେ । ତାଙ୍କ ସେବା-ପୂଜା ସକାଶେ ଶ୍ରୁତଦେବ ନାମକ ଜଣେ ଭଗବତ୍ ଭକ୍ତ ବୃଦ୍ଧ ବ୍ରାହ୍ମଣ ନିଯୁକ୍ତ ହୋଇଥିଲେ । ଶ୍ରୁତଦେବଙ୍କର କୌଣସି ସନ୍ତାନ ନ ଥିଲେ । ସେ ବାଳଗୋପାଳଙ୍କୁ ବାତ୍ସଲ୍ୟ ମମତାରେ ନିଜର ଶିଶୁ ସନ୍ତାନ ମନେକରି ପରମ ସ୍ନେହରେ ସେବା-ପୂଜା କରୁଥିଲେ । ତାଙ୍କ ଦୃଷ୍ଟିରେ ଗୋପାଳଜି ସୁବର୍ଣ୍ଣ ଧାତୁ ପ୍ରତିମା ନ ଥିଲେ, ଥିଲେ ସାକ୍ଷାତ୍ ନନ୍ଦନନ୍ଦନ ବୃନ୍ଦାବନଚନ୍ଦ୍ର, ଯଶୋଦାପ୍ରାଣପ୍ରିୟ ବାଳଗୋପାଳ । ସେ ଶୀତ ଦିନେ ବାଳଗୋପାଳଙ୍କ ସକାଶେ ତୁଳାଶେଯ ତିଆରି କରି ଶୀତ ନିବୃତ୍ତି ସକାଶେ ଘୋଡ଼ାଇ ଦିଅନ୍ତି, ଗରମ ଦିନେ ମଳୟ-ଚନ୍ଦନ ଲେପ ଦେଇ କୁଶ ଚେରରେ ପରଦା ତିଆରି କରି ଜଳରେ ଓଦା କରି ଝୁଲାନ୍ତି ଏବଂ ପଙ୍ଖା କରନ୍ତି । ପ୍ରତ୍ୟେକ ଋତୁର ପ୍ରଥମ ଫଳ ଗୋପାଳଜିଙ୍କୁ ଭୋଗ ଦିଅନ୍ତି । ଗୋପାଳଜି ଛୋଟ ପିଲା, ତାଙ୍କୁ ଭୋକ ଲାଗେ, ସେଥିପାଇଁ ସମୟ ସମୟରେ ଫଳ ଅଥବା ମିଠାଇ ଭୋଗ ଲଗାନ୍ତି । କୌଣସି ଖେଳନା ବିକ୍ରି ଆସିଲେ



ପ୍ରଥମେ ଗୋପାଳଜିଙ୍କ ସକାଶେ କିଣା ହୁଏ; କେହି ବଜାର ହାଟକୁ ଗଲେ ଗୋପାଳଜିଙ୍କ ମନୋରଞ୍ଜନ ସକାଶେ ନୂଆ ନୂଆ ଜିନିଷ ମଗାନ୍ତି ।

ଭଗବାନ୍ ଭାବଗ୍ରାହୀ । ସେ ଭକ୍ତର ଭାବରେ ବଶ । ଭକ୍ତ ସକାଶେ ସେ ସମସ୍ତ ଐଶ୍ୱର୍ଯ୍ୟ ଭୁଲି ଭକ୍ତର ଭାବାନୁସାରେ ତା'ର ପ୍ରଭୁ, ପିତା, ସଖା, ଶିଶୁସନ୍ତାନ ହୋଇ ଆନନ୍ଦ ଦିଅନ୍ତି । ଶ୍ରୁତଦେବଙ୍କ ବାତ୍ସଲ୍ୟଭାବ ଥିଲା ନିଷ୍କପଟ ଏବଂ ଦୃଢ଼ । ଭଗବାନ୍ ତାଙ୍କ ଭାବରେ ବଶ ହୋଇ ପ୍ରତ୍ୟକ୍ଷ ଶିଶୁ ରୂପେ ତାଙ୍କ ପାଖରେ ଖେଳନ୍ତି, ତାଙ୍କ ହାତରେ ଅର୍ପିତ ଭୋଗ ଆଗ୍ରହରେ ଗ୍ରହଣ କରନ୍ତି । କୌଣସି ଜିନିଷ ସକାଶେ ଅଳି କଲେ ନ ନେଇ ଛାଡ଼ନ୍ତି ନାହିଁ । ଭକ୍ତ ଓ ଭଗବାନଙ୍କ ଭାବ ଅଗମ୍ୟ । ବେଦ, ପୁରାଣ ତାହା ବର୍ଣ୍ଣନା କରିପାରେ ନାହିଁ । ଋଷିମୁନିଙ୍କ ଘୋର ତପସ୍ୟାରେ ଏକ ମୁହୂର୍ତ୍ତ ସକାଶେ ଭଗବାନଙ୍କ ଦର୍ଶନ ଦୁର୍ଲଭ ହୁଏ । କିନ୍ତୁ ଭକ୍ତର ଭାବ ନିଷ୍କଳଙ୍କ ହେଲେ ସେ ଭକ୍ତ ସଙ୍ଗେ ସଙ୍ଗେ ଥାଆନ୍ତି । ଧନ୍ୟ ଭକ୍ତବତ୍ସଳ ଭଗବାନ୍ ! ଶ୍ରୁତଦେବଙ୍କ ବାତ୍ସଲ୍ୟ ଲୀଳା ସମ୍ବନ୍ଧେ ମତିମାନ ଏବଂ ଶ୍ରୀକୀର୍ତ୍ତି କିଛି ଜାଣନ୍ତି ନାହିଁ । କେବଳ ଶ୍ରୁତଦେବ ଗୋପାଳଜିଙ୍କ ପ୍ରତିମାର ସେବକ ବୋଲି ଜାଣିଥାଆନ୍ତି ।

ସରସ୍ୱତୀ କ୍ରମଶଃ ଗୁରୁଣ୍ଡିବାକୁ ଆରମ୍ଭ କଲା । ବେଳେବେଳେ ସେ ଆଣ୍ଠୁରେ ଚାଲି ଚାଲି ଗୋପାଳଜିଙ୍କ ପୂଜାଗୃହରେ ପ୍ରବେଶ କରେ ଏବଂ ଚପଳତା ଛାଡ଼ି ଶାନ୍ତ ଭାବରେ ବସି ପୂଜା ଦେଖେ ଏବଂ କେବେ କେବେ ଗୋପାଳଜିଙ୍କ ପ୍ରତିମାଙ୍କୁ ଦେଖି ଆନନ୍ଦିତ ହୁଏ । କିଛି ଦିନ ପରେ ସରସ୍ୱତୀ କାନ୍ଥ ଭରାଦେଇ ଚାଲିଲା । ଶ୍ରୁତଦେବଙ୍କ ପୂଜା ସମୟରେ ନିୟମିତରୂପେ ଆସିବାକୁ ଆରମ୍ଭ କଲା । ସରସ୍ୱତୀ ଶିଶୁ, ତା' ହୃଦୟ ଚନ୍ଦ୍ରମା ସଦୃଶ ସ୍ୱଚ୍ଛ, ନେତ୍ର ପବିତ୍ର, ଆକୃତିରେ ଶାନ୍ତି ବିଦ୍ୟମାନ । ଶିଶୁ ପ୍ରତି ପବିତ୍ର ସ୍ନେହ ହେବା ସ୍ୱାଭାବିକ । କିନ୍ତୁ ଶିଶୁ ମଧ୍ୟରେ ଯଦି ବାଲ୍ୟକାଳରୁ ସଦ୍‌ଗୁଣ ପରିଲକ୍ଷିତ ହୁଏ, ତେବେ ତାକୁ ପ୍ରତ୍ୟେକ ବ୍ୟକ୍ତି ସ୍ନେହ ନ କରି ରହିପାରନ୍ତି ନାହିଁ । ପୂଜାରୀ ଶ୍ରୁତଦେବଙ୍କର ବାଳଗୋପାଳଙ୍କ ପ୍ରତି ପୁତ୍ରଭାବ, ସରସ୍ୱତୀ ପ୍ରତି କନ୍ୟା ଭାବ ସ୍ୱତଃସ୍ଫୂର୍ତ୍ତ ଭାବେ

ଉତ୍ପନ୍ନ ହେଲା । ସରସ୍ୱତୀ ଆସ୍ତେ ଆସ୍ତେ ଚାଲିଲା ଏବଂ ଅସ୍ପଷ୍ଟ ଶବ୍ଦରେ କଥା କହିଲା । ଏବେ ସରସ୍ୱତୀ ଅଧିକାଂଶ ସମୟରେ ଗୋପାଳଜିଙ୍କ ମନ୍ଦିରରେ ରହେ, ପୂଜା, ଆଳତି ଦେଖେ; ଶ୍ରୁତଦେବଙ୍କ ସଙ୍ଗରେ ସ୍ତୁତି ଗାନ କରେ । ଶ୍ରୁତଦେବ ଗୋପାଳଜିଙ୍କ ପାଖରେ ଭୋଗ ଲଗାଇ ସରସ୍ୱତୀକୁ ପ୍ରସାଦ ଦେଇଦିଅନ୍ତି । ସରସ୍ୱତୀ ଅତି ଉତ୍ସାହରେ ଗୋପାଳଜିଙ୍କ ପ୍ରସାଦ ପାଏ । ଗୋପାଳଜିଙ୍କ ପ୍ରସାଦ ଛଡ଼ା ତା' ପିତାମାତା ଉତ୍ତମ ମିଷ୍ଟାନ୍ନ ଦେଲେ ମଧ୍ୟ ସେ ଖାଏ ନାହିଁ ।

ସରସ୍ୱତୀର କ୍ରମଶଃ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା' ଅନ୍ତରରୁ ଗୋପାଳଜିଙ୍କ ପ୍ରତି ଭ୍ରାତୃଭାବ ଉତ୍ପନ୍ନ ହେଲା । ଭାଇ ଗୋପାଳଜିଙ୍କୁ ଭୋଗ ଲଗାଇବାକୁ ଏବଂ ତାଙ୍କ ସଙ୍ଗେ ଖେଳିବାକୁ ତା'ର ତୀବ୍ର ଇଚ୍ଛା ହେଲା । ସେ ଦିନେ ପୂଜାରୀଙ୍କୁ କହିଲା, ''ମହାରାଜ, ଆଜି ମୁଁ ଗୋପାଳ ଭାଇଙ୍କୁ ଭୋଗ ଦେବି ।'' ଏଥିରେ ଶ୍ରୁତଦେବ ସମ୍ମତ ହେଉ ନ ଥିଲେ । ଗୋପାଳଜି ସ୍ୱୟଂ କହିଲେ, ''ସରସ୍ୱତୀ ଭୋଗ ଦେବାକୁ ଚାହୁଁଛି, ଆଜି ସେ ଭୋଗ ଦେଉ ।'' ଶ୍ରୁତଦେବ ବହୁତ ପ୍ରସନ୍ନତା ସହିତ ସରସ୍ୱତୀକୁ ଭୋଗ ଲଗାଇବାକୁ ଅନୁମତି ଦେଲେ । ସେ ଦିନ ଗୋପାଳଜି ସରସ୍ୱତୀ ହାତର ଭୋଗ ବହୁତ ଆନନ୍ଦରେ ଗ୍ରହଣ କଲେ ଏବଂ ଶେଷ ପ୍ରସାଦ ସରସ୍ୱତୀକୁ ଦେଲେ । ଗୋପାଳଜି ଓ ସରସ୍ୱତୀଙ୍କ ମଧ୍ୟରେ ଭାଇଭଉଣୀ ଭାବ ଦେଖି ଶ୍ରୁତଦେବ ବହୁତ ଖୁସିହେଲେ ତଥା ସରସ୍ୱତୀକୁ ନିଜର ପୁତ୍ରଠାରୁ ଅଧିକ ସ୍ନେହ କଲେ ।

ସରସ୍ୱତୀ ଆଉ ପିତାମାତାଙ୍କ ପାଖରେ ଅଧିକ ସମୟ ରହେ ନାହିଁ କିଂବା ଘର ବାହାରକୁ କେବେ ବି ଅନ୍ୟମାନଙ୍କ ସହିତ ଖେଳିବାକୁ ଯାଏ ନାହିଁ । ଗ୍ରାମର ଅନ୍ୟ ବାଳକ ତଥା ବାଳିକାମାନେ ସରସ୍ୱତୀ ସହିତ ଖେଳିବାକୁ ଆସନ୍ତି, କିନ୍ତୁ ତା'ର ଅସମ୍ମତି ଦେଖି ନିରାଶ ହୋଇ ଫେରି ଯାଆନ୍ତି । ସରସ୍ୱତୀ ସବୁ ସମୟରେ ଭାଇ ଗୋପାଳଜିଙ୍କ ସଙ୍ଗେ ବହୁପ୍ରକାର ବାଲ୍ୟ ଖେଳ ଖେଳେ, କେତେ କଥାବାର୍ତ୍ତା କରେ, ଗୋପାଳଜିଙ୍କ ଛଡ଼ା ଏକ ମୁହୂର୍ତ୍ତ ତା' ପକ୍ଷେ ଯୁଗ ଭଳି ପ୍ରତୀତ ହୁଏ ।



ସରସ୍ୱତୀର ଗୋପାଳ ଭାଇଙ୍କ ସଙ୍ଗେ ଖେଳ ବିଷୟ ତା'ର ପିତାମାତା ଜାଣନ୍ତି ନାହିଁ । ଜାଣନ୍ତି କେବଳ ପୂଜାରୀ ଶ୍ରୁତଦେବ । ସରସ୍ୱତୀର ଗୋପାଳ ଭାଇ ପ୍ରତି ସ୍ନେହ ବୃଦ୍ଧି ହୋଇ ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା । ଭଉଣୀ ସରସ୍ୱତୀର ହୃଦୟରେ ଗୋପାଳ ଭାଇଙ୍କ ମୂର୍ତ୍ତି, ମନରେ ଗୋପାଳ ଭାଇଙ୍କ ଚିନ୍ତା, ହାତରେ ଗୋପାଳ ଭାଇଙ୍କ ସେବା ଛଡ଼ା ଆଉ ତା'ର କିଛି ନ ଥିଲା । ଜାଗ୍ରତରେ ଗୋପାଳ ଭାଇଙ୍କ ସଙ୍ଗେ ଖେଳ, ସ୍ୱପ୍ନରେ ତାଙ୍କରି ସଙ୍ଗେ ନିବାସ । ସରସ୍ୱତୀର ମନ-ପ୍ରାଣ ଜାଗ୍ରତ୍ ତଥା ସ୍ୱପ୍ନରେ ଗୋପାଳ ଭାଇମୟ ହୋଇଗଲା । ସେ ଖୁବ୍ ଭୋରରୁ ଉଠି ସ୍ନାନ କରେ । ବଗିଚାରୁ ଗୋପାଳ ଭାଇଙ୍କ ସକାଶେ ସୁନ୍ଦର ସୁନ୍ଦର ପୁଷ୍ପ, ତୁଳସୀ ଉତାରି ଆଣେ । ଅତି ସ୍ନେହରେ ଫୁଲମାଳ ଗୁନ୍ଥି ଗୋପାଳ ଭାଇଙ୍କ ଗଳାରେ ପିନ୍ଧାଇ ଦିଏ । ଗୋପାଳ ଭାଇଙ୍କ ସେବା-ପୂଜା ପରେ ତାଙ୍କୁ ନିଜ ହାତରେ ଖୁଆଇ ଦିଏ, ତାଙ୍କ ସଙ୍ଗେ କିଛି ସମୟ ଖେଳି, କଥାବାର୍ତ୍ତା କରି ଗୋପାଳ ଭାଇଙ୍କ ରୋଷେଇରେ ଶ୍ରୁତଦେବଙ୍କୁ ସାହାଯ୍ୟ କରେ । ଗୋପାଳଜିଙ୍କୁ ଭୋଗ ଦେବା ପରେ ଶ୍ରୁତଦେବ ତାଙ୍କୁ ଶୟନ କରାଇ ଦିଅନ୍ତି । ସେହି ସମୟରେ ସରସ୍ୱତୀ ଗୋପାଳ ଭାଇଙ୍କ ପ୍ରସାଦ ସେବନ କରେ ଏବଂ ପରେ ବିଶ୍ରାମ କରେ । ଗୋପାଳ ଭାଇ ଯେପର୍ଯ୍ୟନ୍ତ ନିଦ୍ରା ନ ଯାଆନ୍ତି ସେପର୍ଯ୍ୟନ୍ତ ସରସ୍ୱତୀ ତାଙ୍କ ମନ୍ଦିରରେ ଥାଏ ।

ସରସ୍ୱତୀର ବୁଦ୍ଧି ବହୁତ ତୀବ୍ର ଥିଲା । ସେ ଶ୍ରୁତଦେବଙ୍କଠାରୁ ଘରେ ବିଦ୍ୟାଶିକ୍ଷା କରିଥିଲା । ସେଇଥିରେହିଁ ସେ ଏପରି ଯୋଗ୍ୟତା ପ୍ରାପ୍ତ କରିଥିଲା ଯେ ଶ୍ରୁତଦେବ ତାକୁ ଗୀତା, ରାମାୟଣ ଏବଂ ଅନ୍ୟାନ୍ୟ ଶାସ୍ତ୍ର ପଢ଼ାଇ ପାରିଲେ । ସରସ୍ୱତୀ ଶ୍ରୁତଦେବଙ୍କୁ ପିତାଠାରୁ ଅଧିକ ସମ୍ମାନ କରେ, ତାଙ୍କରି ଆଜ୍ଞା ତଥା ଉପଦେଶାନୁସାରେ ସମସ୍ତ କର୍ମ କରେ ଏବଂ ଭଗବାନଙ୍କ ବିଷୟରେ ବହୁତ କଥା ପଚାରେ । ଶ୍ରୁତଦେବ ବହୁତ ସ୍ନେହରେ ତାକୁ ବୁଝାଇ ଦିଅନ୍ତି । ସରସ୍ୱତୀର ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତି ଥିବାରୁ ତା'ର ମନ ସଂସାର ଆସକ୍ତିରୁ ମୁକ୍ତ ଥିଲା । କିନ୍ତୁ ସେ ପିତାମାତାଙ୍କର ଏକମାତ୍ର ସନ୍ତାନ ଥିବାରୁ ସେମାନଙ୍କ

ସ୍ନେହ-ସଲିଳ ସରସ୍ୱତୀ ଉପରେ ପ୍ରବାହିତ ହେଉଥିଲା । ସରସ୍ୱତୀର ବୟସ ହେଲା ବାର । ସେ ସମୟରେ କୁମାରୀ କନ୍ୟାର ବିବାହ ପ୍ରଥା ଥିଲା । ପିତାମାତା ସରସ୍ୱତୀର ବିବାହ ପାଇଁ ସ୍ଥିର କଲେ । ସରସ୍ୱତୀର ମନ ଗୋପାଳ ଭାଇ ଛଡ଼ା ଅନ୍ୟ କୌଣସି ବସ୍ତୁରେ ଆସକ୍ତ ନ ଥିଲା । ତେଣୁ ବିବାହ ପ୍ରସ୍ତାବ ତା'ର ପସନ୍ଦ ନ ହେବା ସ୍ୱାଭାବିକ ଥିଲା । ତା'ର ତ ସର୍ବସ୍ୱ ଗୋପାଳ ଭାଇ, ତା'ର ବିବାହରେ ଅସମ୍ମତି କଥା ଗୋପାଳଭାଇଙ୍କୁ କହିଲା । କିନ୍ତୁ ଗୋପାଳଭାଇଙ୍କ ଆଗ୍ରହ ତଥା ଆଦେଶରେ ସେ ବିବାହ କରିବାକୁ ପିତାମାତାଙ୍କ ପ୍ରସ୍ତାବରେ ବିରୋଧ କଲା ନାହିଁ । ଗୋପାଳ ଭାଇଙ୍କ ସଙ୍ଗେ ସର୍ତ୍ତ ରଖାଗଲା ଯେ ଭଉଣୀ ସରସ୍ୱତୀ ଯେତେବେଳେ ସ୍ମରଣ କରିବ ସେତେବେଳେ ଗୋପାଳ ଭାଇ ପହଞ୍ଚିଯିବେ । ପିତାମାତାଙ୍କ ବ୍ୟବସ୍ଥାନୁସାରେ ଗୋଟିଏ କୁଳୀନ ବଂଶରେ ସୁଦର୍ଶନ ନାମକ ଯୁବକଙ୍କ ସହିତ ସରସ୍ୱତୀର ବିବାହ ହୋଇଗଲା । ବିବାହରେ ବରଯାତ୍ରୀ ତଥା ସେମାନଙ୍କର ଅନ୍ୟ ଲୋକଙ୍କର ଆଦର-ସତ୍କାର, ଭୋଜନ ଆଶ୍ଚର୍ଯ୍ୟଜନକଭାବେ ହେଲା । ବ୍ୟବସ୍ଥାପକ ଏବଂ କର୍ମକର୍ତ୍ତା କିଏ କେଉଁଠୁ ଆସିଲେ, ପଦାର୍ଥ ସବୁ କିଏ ଆଣିଲା, ଚର୍ଚ୍ଚା କିଏ କଲା, କେହି କାହାକୁ ଚିହ୍ନନ୍ତି ନାହିଁ, ସୁତରାଂ କାର୍ଯ୍ୟ ସୁଚାରୁରୂପେ ଚାଲୁଥାଏ । ସରସ୍ୱତୀର ପନ୍ଦର ବର୍ଷ ବୟସରେ ପତିଗୃହକୁ ଗମନ ସମୟରେ ଏହିପରି ମଧ୍ୟ ହେଲା । ଯୌତୁକ ବସ୍ତୁର ହିସାବ ନ ଥିଲା । କିଏ ଆଣି ଥିଲା କେହି ଜାଣନ୍ତି ନାହିଁ । ସବୁ ଥିଲା ଗୋପାଳ ଭାଇଙ୍କ କରାମତି ।

ବିବାହ ପରେ ପତିଗୃହକୁ ପୁନରାଗମନ ପର୍ଯ୍ୟନ୍ତ ସରସ୍ୱତୀ ପିତୃଗୃହରେ ରହିଥିଲା । ପିତାମାତାଙ୍କ ପାଖରେ ଧନସମ୍ପତ୍ତି ପୂର୍ଣ୍ଣ ଥିଲା, ସେବା କରିବାକୁ ଦାସଦାସୀଙ୍କର ଅଭାବ ନ ଥିଲା । ଭୋଗବିଳାସର ବସ୍ତୁ ସରସ୍ୱତୀର ଆବଶ୍ୟକ ନ ଥିବା ସତ୍ତ୍ୱେ କେବଳ ମା'ର ଆଗ୍ରହ ତଥା ମା'ର ପ୍ରସନ୍ନତା ସକାଶେ ସୁନ୍ଦର, ମୂଲ୍ୟବାନ୍ ବସ୍ତ୍ର, ବହୁମୂଲ୍ୟ ଅଳଙ୍କାର, ସୁଗନ୍ଧିତ ତୈଳ ଇତ୍ୟାଦି ବ୍ୟବହାର କରୁଥିଲା ।



ସରସ୍ୱତୀର ପୁନରାଗମନ ସମୟରେ ଗୋପାଳ ଭାଇ ଗୁପ୍ତରୂପେ ଭଉଣୀ ସଙ୍ଗେ ତା' ପତିଗୃହକୁ ଯାଇଥିଲେ । ସେଠାରେ ଦୁଇଦିନ ରହି ସରସ୍ୱତୀକୁ ବହୁତପ୍ରକାର ସାନ୍ତ୍ୱନା ଦେଇ ବିଦାୟ ନେଲେ ।

ସରସ୍ୱତୀର ପତି ସୁଦର୍ଶନ ବହୁତ ଧାର୍ମିକ ସଦାଚାରୀ ଭଗବତ୍ ଭକ୍ତ ଥିଲେ । ତାଙ୍କ ପିତାମାତା ମଧ୍ୟ ପୁତ୍ର ଭଳି ଧାର୍ମିକ ବ୍ୟକ୍ତି ଥିଲେ । ସରସ୍ୱତୀର ଭଗବତ୍ ପ୍ରେମର କୌଣସି ପ୍ରତିକୂଳ ବସ୍ତୁ ନ ଥିଲା ।

ସରସ୍ୱତୀ ସ୍ମରଣ କରିବା ମାତ୍ରେ ଗୋପାଳ ଭାଇ ଦର୍ଶନ ଦିଅନ୍ତି । ଦିନେ ସରସ୍ୱତୀ ଭାଇ ଗୋପାଳଙ୍କୁ ପଚାରିଲା, ''ଭାଇ, ଯେତେବେଳେ ମୁଁ ବହୁତ ଛୋଟ ଥିଲି, ମନ୍ଦିରକୁ ଯାଇ ପୂଜା ଦେଖୁଥିଲି ସେତେବେଳେ ମନେ ହେଉଥିଲା ଯେପରି ତୁମେ ମୋତେ ଦେଖି ବହୁତ ପ୍ରସନ୍ନତାପୂର୍ବକ ହସୁଥିଲ । ପୂଜାରିଜି ଭୋଗ ଲଗାଇବା ସମୟରେ ମୋର ମନେ ହେଉଥିଲା ଯେପରି ତୁମେ ଖାଉଥିଲ । ମନ୍ଦିର ଛଡ଼ା ମୋତେ ଅନ୍ୟ କେଉଁଠି ଭଲ ଲାଗୁ ନ ଥିଲା । ଦିନେ ଯେବେ ମୁଁ ଭୋଗ ଲଗାଇବାକୁ ବହୁତ ଆଗ୍ରହ ପ୍ରକାଶ କରୁଥିଲି କିନ୍ତୁ ପୂଜାରିଜି ମନା କରୁଥିଲେ ସେତେବେଳେ ମୁଁ ଅନୁଭବ କଲି ଯେପରି ତୁମେ ପୂଜାରିଜିଙ୍କୁ କହିଲ, 'ସରସ୍ୱତୀ ଭୋଗ ଲଗାଇବାକୁ ଚାହୁଁଛି, ତାକୁ ଭୋଗ ଲଗାଇବାକୁ ଦିଅ । ତା' ହାତରେ ଭୋଗ ଗ୍ରହଣ କରିବାରେ ମୋତେ ବହୁତ ଆନନ୍ଦ ମିଳେ ।' ସେ ତୁମ କଥା ଶୁଣିଲେ କି ନା, କିନ୍ତୁ ମୋତେ ଭୋଗ ଲଗାଇବାକୁ ଅନୁମତି ଦେଇ ସେ ମନ୍ଦିରରୁ ବାହାରି ଗଲେ । ମୁଁ ଭୋଗ ରଖିଲି, ପରଦା ପକାଇଦେଲି, କିନ୍ତୁ ତୁମେ ଖାଇଲ ନାହିଁ । ଭାଇ, ସେଦିନ ମୋତେ ବହୁତ ଦୁଃଖ ହେଲା । ମୁଁ ଭାବିଲି, 'ପୂଜାରିଜି ଭୋଗ ଲଗାଇବାର ବିଧିବିଧାନ ସବୁ ଜାଣନ୍ତି । ସେଥିନେଇ ଗୋପାଳ ଭାଇ ପ୍ରସନ୍ନତାପୂର୍ବକ ଭୋଗ ଗ୍ରହଣ କରନ୍ତି, ମୁଁ ଅବୋଧ ବାଳିକା, ଭୋଗ ଲଗାଇବା ଜାଣେ ନାହିଁ, ସେହି ସକାଶେ ଗୋପାଳ ଭାଇ ଖାଉ ନାହାନ୍ତି ।' ମୁଁ ଅପେକ୍ଷା କରି ବସିରହିଲି । ତୁମେ ନ ଖାଇବାରୁ ମୋତେ କାନ୍ଦ ମାଡ଼ିଲା । ମୋ କାନ୍ଦିବା ଦେଖି ତୁମେ ପ୍ରତିମାରୁ

ପ୍ରକଟ ହୋଇ ଭୋଜନ କଲ । ମୋତେ ଖୁସି ଲାଗିଲା । ପରେ ବରାବର କଥାବାର୍ତ୍ତା ହେଲା, ଆମେ ଦୁଇଜଣ ଖେଳିଲୁ । ତୁମେ ମୋର ବଡ଼ ଭାଇ ବୋଲି ପୂଜାରିଜି ଚିହ୍ନେଇ ଦେଇଥିଲେ । କିନ୍ତୁ ତୁମେ ମନା କରିଥିଲ ବୋଲି ତୁମ ବିଷୟରେ ମୁଁ ମା ତଥା ବାପାଙ୍କୁ କହି ନ ଥିଲି । ତୁମ କହିବାନୁସାରେ ମୁଁ ଏଠାକୁ ଚାଲି ଆସିଲି । ସୁତରାଂ ତୁମ ଛଡ଼ା ମୋତେ ଆଉ କୌଣସି ବସ୍ତୁ ଆନନ୍ଦ ଦେଇ ପାରିବ ନାହିଁ । ଏବେ ମୋତେ ଜାଣିବାକୁ ବହୁତ ଆଗ୍ରହ ହେଉଛି ପ୍ରକୃତରେ ତୁମେ କିଏ । ପିତାମାତାଙ୍କ ପାଖରେ ଧାତୁ ପ୍ରତିମା ରୂପରେ ସିଂହାସନରେ ବସିଥାଅ । ମୋ ସହିତ କଥାବାର୍ତ୍ତା, ଖେଳ କରିବା କଥା ମୋ ପିତାଙ୍କ ପାଖରେ ଗୁପ୍ତ ରଖିଥାଅ । ଆଜି ମୋତେ ସତ କଥା କୁହ, ପ୍ରକୃତରେ ତୁମେ କିଏ ? ତୁମେ ଯଦି ଭଗବାନ୍ ହୋଇଥାଅ, ତେବେ ମୋ ଭାଇ ହେବ କିପରି ? ତୁମେ ମୋ ଭାଇ ବୋଲି ଯଦି ସ୍ୱୀକାର ନ କର ତେବେ ମୋର ଧୈର୍ଯ୍ୟ ରହିବ ନାହିଁ, ମୁଁ ଆଉ ବଞ୍ଚିପାରିବି ନାହିଁ ।''

ଛୋଟ ଭଉଣୀ ସରସ୍ୱତୀର ସରଳ ଓ ନିଷ୍କପଟ ପ୍ରଶ୍ନର ଉତ୍ତରରେ ଗୋପାଳଭାଇ କହିଲେ, ''ସରସ୍ୱତୀ, ପ୍ରକୃତରେ ମୁଁ ତୋ ଭାଇ, ତଥାପି ମୁଁ ଭଗବାନ୍ । ଏହି ସମସ୍ତ ସଂସାର ମୁହିଁ ସର୍ଜନା କରିଛି, ମୋରି ମାୟା ଦ୍ୱାରା ତାହା ପରିଚାଳିତ ହୁଏ । ଭକ୍ତମାନେ ମୋତେ ରାମ, କୃଷ୍ଣ, ବିଷ୍ଣୁ, ଶିବ ରୂପରେ ଭଗବାନ୍ ବୋଲି ମାନି ପୂଜା କରନ୍ତି । ଜ୍ଞାନୀମାନେ ନିରାକାର, ନାମରୂପରହିତ ନିର୍ବିଶେଷ ସତ୍ତାରୂପେ ଚିନ୍ତନ କରି ସେହି ସତ୍ତା ସଙ୍ଗେ ଏକତ୍ୱ ପ୍ରାପ୍ତ କରନ୍ତି । ସୁତରାଂ ମୋର ଯଥାର୍ଥ ସ୍ୱରୂପ କେହି ବି ଜାଣନ୍ତି ନାହିଁ । ରାମ, କୃଷ୍ଣ, ବିଷ୍ଣୁ, ଶିବ ତଥା ନିର୍ବିଶେଷ ସତ୍ତାରୂପେ ମଧ୍ୟ ମୁଁ ବିଦ୍ୟମାନ । ମୁହିଁ ଏକ ସମୟରେ ରାମ, କୃଷ୍ଣ, ବିଷ୍ଣୁ, ଶିବ ଏବଂ ନିର୍ବିଶେଷ ସତ୍ତା ତଥା ଏହି ଉଭୟର ଧର୍ତ୍ତା ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦ । ମୋରି ପରାତ୍ପର ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱରେହିଁ ସଗୁଣ ଏବଂ ନିର୍ଗୁଣ ବିଦ୍ୟମାନ । ମୁଁ ସକଳ ରୂପରେ ପ୍ରକଟ ହୋଇଥିବା ସତ୍ତ୍ୱେ ନିରାକାର, ମୁଁ ସମସ୍ତ କର୍ମ କରି ମଧ୍ୟ ନିଷ୍କ୍ରିୟ । ସଂସାରରେ



ଯାହାକିଛି ଦୃଶ୍ୟମାନ ବସ୍ତୁ ସମସ୍ତ କିଛି ମୋରି ସ୍ୱରୂପ । ମୁହିଁ ଭିନ୍ନ ଭିନ୍ନ ରୂପେ ପ୍ରଘଟ ହୋଇଛି । ମୋ ଛଡ଼ା ସଂସାରରେ ଅନ୍ୟ କିଛି ନାହିଁ । ତୁ ମଧ୍ୟ ମୋର ଅଂଶବିଶେଷ । ତୋର ମନ-ପ୍ରାଣ-ଶରୀରର ତତ୍ତ୍ୱ ମୋର ବିକୃତ ରୂପ, ତୋର ଆତ୍ମା ଯେ କି ମୋର ପ୍ରତିଭୂ ବା ଅଂଶ ସେ ସ୍ୱରୂପରେ ସ୍ଥିତ । ତୁ ଯେଉଁ ବ୍ରହ୍ମାଣ୍ଡ ଦେଖୁଛୁ ସେ ବି ମୋରି ରୂପ । ଏହିପରି କୋଟି କୋଟି ବ୍ରହ୍ମାଣ୍ଡ ମୋର ପ୍ରତି ଲୋମରେ ଲାଗି ରହିଅଛି ।''

ଏକଥା ଶୁଣି ସରସ୍ୱତୀ ଭୟରେ କାତର ହୋଇ ଦୁଇ ହାତରେ ଆଖି ବୁଜିପକାଇ କହିଲା, ''ଗୋପାଳ ଭାଇ, ତୁମେ ଏଡ଼େ ଐଶ୍ୱର୍ଯ୍ୟଶାଳୀ, ପୁଣି ମୋ ପରି ଅଜ୍ଞାନୀ ବାଳିକାର ଭାଇ ହୋଇ ସ୍ନେହରେ ଏପରି କଥା କହୁଛ କିପରି ?'' ଗୋପାଳ ଭାଇ ହସି କହିଲେ, ''ସରସ୍ୱତି, ତୁ ପାଗଳୀ; ମୋତେ ଯିଏ ଯେଉଁ ଭାବରେ ଭଜେ ମୁଁ ତାକୁ ସେହି ରୂପରେ ପ୍ରାପ୍ତ ହୁଏ । ତୁ ଜାଣି ନାହୁଁ, ରାଜା ତା'ର ସମସ୍ତ ପ୍ରଜାଙ୍କୁ ଶାସନ କରେ, ଦଣ୍ଡ ଦିଏ, ତାକୁ ସମସ୍ତେ ପ୍ରଭୁ ବୋଲି ମାନନ୍ତି । କିନ୍ତୁ ତା'ର ନିଜ ଛୋଟ ଶିଶୁ ପାଖରେ ସେ ଘୋଡ଼ା ହୁଏ, ତା' ଶିଶୁ ତା' ପିଠିରେ ସବାର ହୁଏ । ତା' ଆଖିରେ ଆଙ୍ଗୁଳି ପୂରାଏ । ଶିଶୁର ପିତା ସ୍ନେହବଶରେ ଶିଶୁକୁ ଏହି କାର୍ଯ୍ୟରେ ଉତ୍ସାହ ଦିଏ । ତାକୁ ଏଥିରେ ଅପାର ଆନନ୍ଦ ମିଳେ । ସେହିପରି ମୁଁ । ମୁଁ ଭକ୍ତର ଭାବରେ ବଶ । ଭକ୍ତର ଭାବ ଅନୁସାରେ ମୋତେ ରୂପ ଧାରଣ କରିବାକୁ ହୁଏ । ଭକ୍ତ ମୋର ପ୍ରିୟ । ଭକ୍ତ ପଛେ ପଛେ ମୁଁ ଛାୟା ସଦୃଶ ଥାଏ । ଭକ୍ତ ଛଡ଼ା ମୋତେ ବୈକୁଣ୍ଠ ବି ଭଲ ଲାଗେ ନାହିଁ । ମୋତେ ଯିଏ ସବୁକିଛି ଦେଇ ମୋର ହୋଇଯାଏ ତାକୁ ଦେବା ପାଇଁ ମୋ ପାଖରେ କିଛି ନ ଥାଏ, କୌଣସି ବସ୍ତୁ ତା'ର ଯୋଗ୍ୟ ହୁଏ ନାହିଁ, ମୁଁ ନିଜକୁ ତାକୁ ଦେଇଦିଏ । ଭଉଣୀ ସରସ୍ୱତୀ, ତୋର ନିଷ୍କପଟ ପବିତ୍ର ପ୍ରେମ ମୋତେ କିଣି ନେଇଛି । ତୋ ସକାଶେ ମୋ ତୁଳନାରେ ତୋର ପିତାମାତା, ପତିପୁତ୍ର, ଧନସଂପଦ, ମାନସମ୍ମାନ, ସ୍ୱର୍ଗ-ମୋକ୍ଷ କିଛି ବି ନାହିଁ । ତୁ କେବଳ ମୋତେ ଚାହୁଁଅଛୁ । ମୁଁ ତୋର ସର୍ବସ୍ୱ । ମୋ ଛଡ଼ା ସଂସାରରେ

କୌଣସି ବସ୍ତୁ ତୋତେ ସୁଖ ଦେଇପାରିବ ନାହିଁ । ତୋ ଅନନ୍ୟ ପ୍ରେମଭକ୍ତିରେ ମୁଁ ବଶ ହୋଇଛି । ବ୍ୟକ୍ତି ନାନାପ୍ରକାର ବ୍ରତ, ଉପବାସ, ଦାନ, ଯଜ୍ଞ କରି ମୋତେ ପାଏ ନାହିଁ, କିନ୍ତୁ ଭକ୍ତର ପ୍ରେମ-ରଜ୍ଜୁ ମୋତେ ବାନ୍ଧି ପକାଏ । ଭଉଣୀ ସରସ୍ୱତୀ, ମୋ ଭକ୍ତିପ୍ରଭାବରେ ମୋ ସ୍ୱରୂପ ତୋ ପାଖରେ ଅବିଦିତ ରହିବ ନାହିଁ । ଯେ କେହି କେବଳ ଭକ୍ତିଯୋଗ ଦ୍ୱାରା ମୋତେ ସର୍ବସ୍ୱ ଅର୍ପଣ କରିଦିଏ, ତାକୁ ସମସ୍ତକିଛି ପ୍ରାପ୍ତ ହୁଏ । କିନ୍ତୁ ତୁ ମୋର ସ୍ୱରୂପ ଜାଣିବା ପରେ ବି ମୁଁ ତୋର ଗୋପାଳ ଭାଇ, ତୁ ମୋର ଭଉଣୀ ସରସ୍ୱତୀ, ଏହି ଭାଇଭଉଣୀ ଭାବ ରହିବ । ଏହି ପବିତ୍ର ଭାବ ଅତ୍ୟନ୍ତ ମଧୁର ।

ଏହା କହି ଭଉଣୀ ସରସ୍ୱତୀ ମସ୍ତକରେ ଗୋପାଳ ଭାଇ ନିଜ ହସ୍ତ ଆଙ୍ଗୁଳି ସ୍ପର୍ଶ କରିଦେଲେ । ସରସ୍ୱତୀର ଚେତନା ଏକ ଉଚ୍ଚତର ଚେତନା ସଙ୍ଗେ ଏକ ହୋଇଗଲା । ସେ ଦେଖିଲେ କୋଟି କୋଟି ବ୍ରହ୍ମାଣ୍ଡ ଗୋପାଳ ଭାଇଙ୍କ ଗୋଟିଏ ଗୋଟିଏ ଲୋମରେ ଲାଗି ରହିଅଛି । ତାଙ୍କରି ମଧ୍ୟରେ ସମସ୍ତ ପାହାଡ଼, ପର୍ବତ, ନଦନଦୀ ବିଦ୍ୟମାନ । ସେ ଅନୁଭବ କଲେ ଯେ ତରୁ-ତୃଣ, ନଦୀ-ହ୍ରଦ, ପଶୁ-ପକ୍ଷୀ, ଚର-ଅଚର, ମନୁଷ୍ୟ, ଦେବତାଦି ସବୁକିଛି ଏକ ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱର ଭିନ୍ନ ଭିନ୍ନ ରୂପ । ସେହି ଏକହି ତତ୍ତ୍ୱ ନାନା ରୂପ ଧାରଣ କରିଅଛନ୍ତି । ସେହି ଏକହି ତତ୍ତ୍ୱରେ ଆତ୍ମାରାମ ମୁନି ରମଣ କରୁଅଛନ୍ତି, ଅଭେଦ୍ୟ ମନୀଷୀ ସେହି ନିର୍ବିଶେଷ ନିରାକାର ନିଷ୍କ୍ରିୟ ସତ୍ତାରେ ନାମ ରୂପ ବିଲୀନ କରି ଅଭେଦ୍ୟ ଏକ ହୋଇଅଛନ୍ତି । ସେହି ତତ୍ତ୍ୱକୁ ଭକ୍ତମାନେ ନିଜ ଇଷ୍ଟଦେବ ସୌନ୍ଦର୍ଯ୍ୟ, ଦୟା, କରୁଣା, ଭକ୍ତବତ୍ସଳତା, ଦିବ୍ୟଗୁଣଗଣାଳୟ, ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, ଦୁର୍ଗାରୂପେ ପୂଜା କରୁଅଛନ୍ତି, ଭକ୍ତି କରୁଅଛନ୍ତି, ଆତ୍ମସମର୍ପଣ କରୁଅଛନ୍ତି, ତାଙ୍କରି ହୋଇ ତାଙ୍କରି ଦିବ୍ୟାନନ୍ଦ, ପ୍ରେମ, ପରାଭକ୍ତିରେ ନିଜକୁ ନିମଜ୍ଜନ କରୁଅଛନ୍ତି । ଅନ୍ୟ କେହି ଭକ୍ତ ତାଙ୍କୁ ସମସ୍ତ ସତ୍ତା ପୂର୍ଣ୍ଣରୂପେ ସମର୍ପଣ କରୁଅଛନ୍ତି । ତାଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇ ତାଙ୍କରି ଯନ୍ତ୍ରରୂପେ ପରିଚାଳିତ ହେଉଅଛନ୍ତି । ତାଙ୍କରି ସଂକଳ୍ପ ସେମାନଙ୍କ



ମଧ୍ୟରେ କ୍ରିୟାଶୀଳ ହେଉଅଛି । ସେମାନଙ୍କ ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୋଇଅଛି । ଭଗବାନଙ୍କ ଆନନ୍ଦ, ଜ୍ଞାନ, ଶାନ୍ତି, ସମତା, ଭକ୍ତି, ଶକ୍ତିର ସ୍ରୋତ ସେମାନଙ୍କ ମଧ୍ୟରେ ପ୍ରବାହିତ ହେଉଅଛି । ଏହାସବୁ ଦେଖିବା ପରେ ଗୋପାଳ ଭାଇ ତାଙ୍କ ହସ୍ତ ଅଙ୍ଗୁଳି ସରସ୍ୱତୀ ମସ୍ତକରୁ ଉଠେଇ ନେଲେ ।

ସରସ୍ୱତୀର ସମାଧି ଭଙ୍ଗହେଲା । ସେ ଗୋପାଳ ଭାଇଙ୍କ ଚରଣରେ ମସ୍ତକ ରଖି କହିଲେ, ''ଭାଇ, ଆଜିପର୍ଯ୍ୟନ୍ତ ମୁଁ ତୁମ୍ଭଙ୍କୁ କେବଳ ମୋ ଭାଇ ବୋଲି ଜାଣିଥିଲି । କିନ୍ତୁ ତୁମେ ତ ସବୁକିଛି, ତୁମ ଛଡ଼ା ଅନ୍ୟ କିଛି ବି ନାହିଁ । ଏହି ଜ୍ଞାନ ତୁମ୍ଭ କୃପାରୁ ପ୍ରାପ୍ତ ହେଲା । କିନ୍ତୁ ଭାଇ, ଏହି ଜ୍ଞାନ ଥିବା ସତ୍ତ୍ୱେ ତୁମେ ମୋତେ ଗୋପାଳ ଭାଇରୂପେ ବହୁତ ଭଲ ଲାଗୁଛ । ତୁମ୍ଭରି କୃପାରୁ ତୁମ୍ଭ ପ୍ରତି ଏହି ଭ୍ରାତୃଭାବ ରହିଥାଉ ।'' ଗୋପାଳ ଭାଇ ଏଥିରେ ସମ୍ମତ ହୋଇ କହିଲେ, ''ମୁଁ ପୂର୍ବରୁ ଏହା କହିଅଛି ।''

ଗୋପାଳ ଭାଇ କହିଲେ, ''ସରସ୍ୱତୀ, ତୋର ପତି ମୋର ପୁରାତନ ଭକ୍ତ । ପୂର୍ବେ ଏ ଅବନ୍ତିକା ପୁରୀରେ ବ୍ରାହ୍ମଣ ଥିଲା । ତୁ ତା'ର ଧର୍ମପତ୍ନୀ ଥିଲୁ । ଦୁଇଜଣ ମୋର ପରମ ଭକ୍ତ ଥିଲ । ମୋ ବିଧାନ ଅନୁସାରେ ଏଠାରେ ତୁମ ଦୁହିଙ୍କୁ ଜନ୍ମନେବାକୁ ହୋଇଛି । ମୋତେ ଭକ୍ତି କରି ତୁମ ଜନ୍ମ ସାର୍ଥକ ହେଲା । ତୁମେ ମୋ ପରମ ଧାମକୁ ପ୍ରାପ୍ତ ହେବ । ଏହା ମୋର ସଂକଳ୍ପ, ଯେ ମୋତେ ଥରେ ଭକ୍ତି କରେ ସେ ସର୍ବଦା ମୋର ହୋଇ ରହିଥାଏ । ମୁଁ ତାକୁ କେବେ ବି ତ୍ୟାଗ କରେ ନାହିଁ । ଫେର୍ ତୁମ୍ଭେମାନେ ଯେପରି ଭାଗ୍ୟବାନ୍ ଭକ୍ତ ମୋ ସକାଶେ ସମସ୍ତ ଭୋଗ, ଆସକ୍ତି, ମାନସମ୍ମାନ, କାମନାବାସନା ଇତ୍ୟାଦି ତ୍ୟାଗ କରିଅଛ, ମୁଁ ତୁମ୍ଭମାନଙ୍କୁ କେବେ ବି ଛାଡ଼ି ରହିପାରିବି ନାହିଁ ।'' ଭଗବାନ୍ ଏତିକି କହି ସରସ୍ୱତୀକୁ କୃପାଦୃଷ୍ଟିରେ ଚାହିଁ ଅନ୍ତର୍ଦ୍ଧାନ ହୋଇଗଲେ ।

ସେହି ସମୟଠାରୁ ସରସ୍ୱତୀର ମୁଖାକୃତି, ଶରୀରର ତେଜଃ, କହିବା, ଶୁଣିବା, ବ୍ୟବହାର କରିବାରେ ବିଲକ୍ଷଣ ପରିବର୍ତ୍ତନ ଆସିଲା । ଦେଖିଲେ ମନେ ହେଉଥିଲା ଯେପରି ସରସ୍ୱତୀ ଦିବ୍ୟଲୋକର ବିଗ୍ରହ । ଭଗବାନଙ୍କ ପ୍ରେରଣାରେ

ତାଙ୍କ ପତିଙ୍କର ପୂର୍ବ ଜନ୍ମର ସମସ୍ତ ଘଟଣା ସ୍ମରଣ ହୋଇ ଆସିଲା । ଭଗବାନ୍ କୃପା କରି ତାଙ୍କୁ ଦର୍ଶନ ଦେଲେ । ପତିପତ୍ନୀ ଦୁହେଁ ଆନନ୍ଦରେ ଜୀବନ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ସେବା-ପୂଜା କରି ଦିବ୍ୟାନନ୍ଦରେ ବିଭୋର ହୋଇ ଶେଷରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମକୁ ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

# ଭକ୍ତିମତୀ ଲୀଳାବତୀ

ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଭକ୍ତିମତୀ ଲୀଳାବତୀ ଜନ୍ମଗ୍ରହଣ କରିଥିଲେ ଚନ୍ଦନନଗର ନିକଟ ମଧୁପୁର ନାମକ ଗୋଟିଏ ଛୋଟ ଗ୍ରାମରେ । ତାଙ୍କ ପିତାଙ୍କ ନାମ ଥିଲା ନାରାୟଣକାନ୍ତ, ମାତାଙ୍କ ନାମ ଥିଲା ରତ୍ନେଶ୍ୱରୀ । ସେମାନେ ଥିଲେ ବ୍ରାହ୍ମଣ, କିନ୍ତୁ ଯଥାର୍ଥରେ ବ୍ରାହ୍ମଣ । ବ୍ରାହ୍ମଣୋଚିତ ସମସ୍ତ ଗୁଣ ନାରାୟଣକାନ୍ତଙ୍କଠାରେ ବିଦ୍ୟମାନ ଥିଲା । ସେ ଧାର୍ମିକ, ନିର୍ଲୋଭ, ସନ୍ତୋଷୀ, ସଦାଚାରୀ, ସଂଯମୀ ଏବଂ ବିଦ୍ୱାନ୍ ପଣ୍ଡିତ ଥିଲେ । ତାଙ୍କ ହୃଦୟ-ଉଦ୍ୟାନରେ ଭକ୍ତିଦେବୀ ବିହାର କରୁଥିଲେ । ଗ୍ରାମରେ ଗୋଟିଏ ସଂସ୍କୃତ ପାଠଶାଳା ଥିଲା । ସେଥିରେ ନାରାୟଣକାନ୍ତ ଅଧ୍ୟାପକ ଥିଲେ । ସେଥିରୁ ଯାହା ପ୍ରାପ୍ତ ହେଉଥିଲା ସେଥିରେ ପତିପତ୍ନୀ ଆନନ୍ଦରେ ଜୀବିକାନିର୍ବାହ କରୁଥିଲେ । ଭୋକୀ, ଶୋଷୀ, ଅତିଥି-ଅଭ୍ୟାଗତ ତାଙ୍କ ଦ୍ୱାରରୁ ନିରାଶାରେ ଫେରୁ ନ ଥିଲେ ।

ନାରାୟଣକାନ୍ତ ଯେପରି ସନ୍ତୋଷୀ, ସଦାଚାରୀ, ଭଗବତ୍ ଭକ୍ତ ଥିଲେ, ସେହିପରି ତାଙ୍କ ଧର୍ମପତ୍ନୀ ରତ୍ନେଶ୍ୱରୀ ନିର୍ଲୋଭା, ପତିପରାୟଣା, ଭଗବତ୍‌ଭକ୍ତିରତା, ପରିଶ୍ରମୀ ଥିଲେ । ଅୟସଆରାମ, ଭୋଗବିଳାସ, ଜାକଜମକ ତାଙ୍କ ହୃଦୟକୁ ସ୍ପର୍ଶ କରି ନ ଥିଲା । ନାରାୟଣକାନ୍ତ ବ୍ରାହ୍ମମୁହୂର୍ତ୍ତରୁ ଉଠି ସ୍ନାନ ସନ୍ଧ୍ୟା ସମାପ୍ତ କରି ଗାୟତ୍ରୀ ମନ୍ତ୍ର ଜପ, ବେଦପାଠ ଏବଂ ଧ୍ୟାନରେ ନିମଗ୍ନ ରହୁଥିଲେ । ରତ୍ନେଶ୍ୱରୀ ପତିଙ୍କ ସ୍ନାନ ପୂର୍ବରୁ ନିଜେ ସ୍ନାନ କରି ପତିଙ୍କ ପୂଜାପାତ୍ର ସବୁ ମାଜି ଧୋଇ ରଖି ଦେଉଥିଲେ । ତାଙ୍କ ପୂଜାର ସମସ୍ତ ସାମଗ୍ରୀ ଏକତ୍ର କରି ତାଙ୍କ ପୂଜାଗୃହରେ ରଖି ଘରଦ୍ୱାର, ତୁଳସୀଚଉରା ଲିପାପୋଛା କରି, ତୁଳସୀରେ ଜଳ ଦେଇ ଭଗବାନଙ୍କ ଧ୍ୟାନରେ ବସିଯାଉଥିଲେ । ପତିଦେବଙ୍କ ପୂଜା ସମାପ୍ତ ହେବା ପୂର୍ବରୁ ସେ ଧ୍ୟାନରୁ ଉଠି ତାଙ୍କ ସକାଶେ ରୋଷେଇ କାର୍ଯ୍ୟରେ ଲାଗି ପଡୁଥିଲେ । ପତିଦେବଙ୍କ ପୂଜାପାଠ ଶେଷ ହେବା

ସଙ୍ଗେ ସଙ୍ଗେ ତାଙ୍କୁ ଭୋଜନ ପରଷି ଦେଇ ପାଖରେ ବସି ପଙ୍ଖା କରୁଥିଲେ । ପତିଦେବଙ୍କ ଯିବା ପରେ ତାଙ୍କରି ଥାଳିରେ ଭୋଜନ କରି କଂସାବାସନ ଧୋଇ ପରିଷ୍କାର କରି ଦେଉଥିଲେ । ଘରେ ମାତ୍ର ଦୁଇ ପ୍ରାଣୀ, ପିଲା ଝିଲାର ଅଳି ନ ଥାଏ । ଦିନରାତି ଭଗବାନଙ୍କ ସେବାରୂପେ ଘର କାମ ସବୁ କରି ଭଗବତ୍ ଭକ୍ତିରେ ବ୍ରାହ୍ମଣଦମ୍ପତି ଆନନ୍ଦରେ ଦିନ କଟାଉଥିଲେ । ରତ୍ନେଶ୍ୱରୀଙ୍କ ହୃଦୟ ଯେପରି ସରଳ, ନିଷ୍କପଟ, ପବିତ୍ର ଥିଲା ତାଙ୍କ ଘର ମଧ୍ୟ ସେହିପରି ପରିଷ୍କାରପରିଚ୍ଛନ୍ନ ଥିଲା । ମନୁଷ୍ୟ ହୃଦୟ ଯେପରି ପବିତ୍ର ଥାଏ, ତା'ର କାର୍ଯ୍ୟ ମଧ୍ୟ ସେହିପରି ପବିତ୍ର ହୁଏ ।

ନାରାୟଣକାନ୍ତ ପାଠଶାଳା ଚାଲିଯିବା ପରେ ରତ୍ନେଶ୍ୱରୀ ଘରେ ବସିରହନ୍ତି ନାହିଁ କିଂବା ସାହିପଡ଼ିଶା ଘର ଯାଇ ପରନିନ୍ଦା, ପରଚର୍ଚ୍ଚାରେ ହୃଦୟକୁ କଳୁଷିତ କରିବା ତାଙ୍କର ପ୍ରବୃତ୍ତି ନ ଥାଏ । ବ୍ରାହ୍ମଣୀ ପରିଷ୍କାରପରିଚ୍ଛନ୍ନ ଦୁଆରେ କେତୋଟି ବଡ଼ କପାଗଛ ଲଗାଇଥା'ନ୍ତି । ସେଥିରୁ ବାରମାସ କପା ଆମଦାନି ହେଉଥାଏ । ସେହି କପା ତୁଳାରୁ ବ୍ରାହ୍ମଣୀ ସୂତା କାଟନ୍ତି, ପଣ୍ଡିତଜି ଯଜ୍ଞୋପବୀତ ତିଆରି କରନ୍ତି । ତାଙ୍କ ଯଜମାନ ଏବଂ ବ୍ରାହ୍ମଣ ଶାସନରେ ତାଙ୍କ ଯଜ୍ଞୋପବୀତର ଖୁବ୍ ଆଦର ଥାଏ । ସେଥିରୁ କିଛି ପଇସା ମିଳେ । ସେମାନଙ୍କର ଆବଶ୍ୟକତା କମ୍ ଥିଲା, ଜୀବନ ଅୟସଆରାମରୁ ଦୂରରେ ଥିଲା; ଦୁଇଜଣ ପରିଶ୍ରମ କରୁଥିଲେ ଏବଂ ଆନନ୍ଦରେ ରହୁଥିଲେ । ମନୁଷ୍ୟ ପରିଶ୍ରମ କରନ୍ତି ନାହିଁ, ସିଗାରେଟ୍, ବିଡ଼ି, ପାନ, ଚା' କୁଅଭ୍ୟାସର ଦାସ ହୋଇ ଆବଶ୍ୟକତା ବଢ଼ାନ୍ତି । ଧନ ଅଭାବ ହୁଏ, ଦୁଃଖକଷ୍ଟ ଭୋଗି ଜୀବନ ଅଶାନ୍ତିରେ କଟାନ୍ତି; ଆବଶ୍ୟକତା ପୂର୍ଣ୍ଣ କରିବା ସକାଶେ ଅନ୍ୟାୟରେ ଧନ ଉପାର୍ଜନ କରି ଜୀବନକୁ ଦ୍ୱନ୍ଦ୍ୱମୟ କରନ୍ତି । ଏହା ହୁଏ ଭଗବତ୍ ଭକ୍ତିର ଅଭାବ ଓ ବିବେକହୀନତାରୁ । ପ୍ରତ୍ୟେକ ଗୃହସ୍ଥ ବ୍ୟକ୍ତି ଏହି ଭକ୍ତଦମ୍ପତିଙ୍କ ଆଦର୍ଶକୁ ଗ୍ରହଣ କରିବା ଉଚିତ ।

ବ୍ରାହ୍ମଣୀ ସମସ୍ତ ଦିନ କାମରେ ଲାଗିରହି ମୁଖରେ ସୀତାରାମ ନାମ ଜପ କରୁଥା'ନ୍ତି । କେବେ କେବେ ଭଗବାନଙ୍କ ଲୀଳା ଗୀତ ଗାଇ ତନ୍ମୟ



ହୋଇଯା'ନ୍ତି । କେବେ କେବେ ଅନୁରାଗରେ ଲୟ ସହ ଗା'ନ୍ତି :

''ମେରେ ମନ ରାମହିଁ ରାମ ରଟେରେ ।
ରାମ ନାମ ଜପ ଲୀଜୈ ମନୁଆଁ,କୋଟିକ ପାପ କଟେରେ ।।''

ଅର୍ଥାତ୍, ହେ ମନ, ତୁ ରାମ ନାମ ରଟ, ତୁ ରାମ ନାମ ଜପ କଲେ ତୋର କୋଟି କୋଟି ପାପ କଟିଯିବ ।

ବ୍ରାହ୍ମଣୀ ଭଗବତ୍ ଭକ୍ତିରେ ମସ୍ତ ହୋଇ ସମସ୍ତ କର୍ମ କରୁଥା'ନ୍ତି । ସନ୍ଧ୍ୟା ପୂର୍ବରୁ ପତିଦେବ ଆସିବା ମାତ୍ରେ ହର୍ଷ ସହିତ ପିଢ଼ା ପାଣି ଆଣି ପିଢ଼ାରେ ପତିଦେବଙ୍କ ପାଦ ରଖି ଜଳରେ ଧୋଇଦିଅନ୍ତି, ନିଜ ପଣତ କାନିରେ ପତିଙ୍କ ପାଦ ପୋଛି ତାଙ୍କ ହାତରୁ ବହିପତ୍ର ନେଇ ରଖିଦିଅନ୍ତି । ଘରେ ଯାହା ଥାଏ, ତାଙ୍କୁ ଭୋଜନ କରିବାକୁ କିଛି ଦେଇ ମିଠା ମିଠା ଦୁଇ, ଚାରି କଥା କହି ନିଜ କାର୍ଯ୍ୟରେ ଲାଗନ୍ତି । ସନ୍ଧ୍ୟା ସମୟରେ ପତିଦେବ ସନ୍ଧ୍ୟା କରନ୍ତି; ବ୍ରାହ୍ମଣୀ ତୁଳସୀ ଚୌରାରେ ସଞ୍ଜ ଦେଇ ରୋଷେଇରେ ଲାଗିପଡ଼ନ୍ତି ।

## ସନ୍ତାନକାମନା

ଏହିପରି ଭଗବତ୍ ଭକ୍ତିର ଆନନ୍ଦରେ ବ୍ରାହ୍ମଣ ପରିବାର କେତେବର୍ଷ ବ୍ୟତୀତ କଲେ । କ୍ରମଶଃ ଯୌବନ ଅବସ୍ଥା ହ୍ରାସ ହୋଇ ବୃଦ୍ଧତ୍ୱ ଆଗମନର ସଙ୍କେତ ମିଳିଲା । ପଣ୍ଡିତ ନାରାୟଣକାନ୍ତ ଜ୍ଞାନୀ ତଥା ଭକ୍ତ ଥିଲେ । ସଂସାର ନଶ୍ୱର, ଭଗବତ୍ ପ୍ରାପ୍ତି ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ସେ ହୃଦୟଙ୍ଗମ କରିଥିଲେ । କିନ୍ତୁ ବ୍ରାହ୍ମଣୀ ଯଦ୍ୟପି ଭଗବତ୍ ଭକ୍ତା ଥିଲେ ତଥାପି ସନ୍ତାନଲାଳସା ତାଙ୍କ ମାତୃହୃଦୟରେ କେବେ କେବେ ମେଘରେ ବିଜୁଳି ସଦୃଶ ଚମକି ଯାଉଥିଲା । ସେ ତୁଳସୀ ଚଉରାରେ ସଞ୍ଜ ଦେବାକୁ ଯିବା ସମୟରେ ଭାବୁଥିଲେ,

''ଗୋଟିଏ ଛୋଟ ଶିଶୁ ଥିଲେ ମୋ ପଣତ ଧରି ଅସ୍ପଷ୍ଟ ଶବ୍ଦରେ କ'ଣ କ'ଣ କହି ଆସୁଥାଆନ୍ତା । ମୁଁ ସଞ୍ଜ ଦେଇ ପ୍ରଣାମ କରିବା ସମୟରେ ସେ ବି ପ୍ରଣାମ କରୁଥାଆନ୍ତା । ଯେତେବେଳେ ସେ ଅସ୍ପଷ୍ଟ ଶବ୍ଦରେ କିଛି କହି ମୋ ବେକରେ ଓହଳି ପଡୁଥାଆନ୍ତା, ସେତେବେଳେ ମୁଁ ସମସ୍ତ ଦୁଃଖ ଭୁଲି ଆନନ୍ଦ ଅନୁଭବ କରନ୍ତି ।'' ଏହି କାମନା ତାଙ୍କର କ୍ରମଶଃ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ସେ ବୃନ୍ଦାବତୀଙ୍କ ପାଖରେ ସନ୍ତାନ ସକାଶେ ବରାବର ପ୍ରାର୍ଥନା କରନ୍ତି । କିନ୍ତୁ ତାଙ୍କର ପ୍ରାର୍ଥନା ସଫଳ ହୁଏ ନାହିଁ । କେତେଥର ପତିଦେବଙ୍କୁ ମନର ବାସନା କହିବାକୁ ସଂକଳ୍ପ କରି, ଲଜ୍ଜା ତଥା ସଂକୋଚରେ ମନର କଥା ମନରେ ରଖନ୍ତି । ଏପରି ଦ୍ୱନ୍ଦ୍ୱ ବେଶୀ ଦିନ ଚାଲିଲା ନାହିଁ । ଶେଷରେ ସାହସ କରି ନିଜର ମନର ବେଦନା ପତିଦେବଙ୍କ ଚରଣରେ ନିବେଦନ କରିବାକୁ ବାଧ୍ୟ ହେଲେ । ପଣ୍ଡିତ ନାରାୟଣକାନ୍ତ ପତ୍ନୀ କଥାକୁ କୌଣସି ମୂଲ୍ୟ ନ ଦେଇ ହସି କରି କହିଲେ, ''ସନ୍ତାନଟିଏ ହେଲେ ପିତାମାତାଙ୍କୁ ସିଧା ବୈକୁଣ୍ଠକୁ ପଠାଇଦେବ ? ପାଗଳି, ତୁ କ'ଣ ଦେଖୁ ନାହୁଁ ଯେଉଁମାନଙ୍କର ସନ୍ତାନ ଅଛି ସେମାନେ କେତେ ସୁଖରେ ଅଛନ୍ତି ? ପରମ ସୁଖ କେବଳ ଭଗବତ୍ ଭକ୍ତି ତଥା ଭଗବତ୍ ଜ୍ଞାନରେ । ଆମ୍ଭମାନଙ୍କ ସକାଶେ ଉଚିତ ହେବ ଭଗବାନଙ୍କ ବିଧାନକୁ ମାନି ସେଥିରେ ସନ୍ତୁଷ୍ଟ ରହିବା । ଆମ୍ଭମାନଙ୍କର ଯେଉଁଥିରେ ଯଥାର୍ଥରେ ମଙ୍ଗଳ ହେବ ସେ ଜାଣନ୍ତି ତଥା ତାଙ୍କ କୃପାରୁ ସେହି ଉପାୟ ମଧ୍ୟ ଜଣାପଡ଼େ । ଭଗବାନଙ୍କ ପ୍ରତି କେବେ ବି ଅବିଶ୍ୱାସ କର ନାହିଁ ।'' ଏଥିରେ ବ୍ରାହ୍ମଣୀ ସନ୍ତୁଷ୍ଟ ହେଲେ ନାହିଁ । କିନ୍ତୁ ପତିଙ୍କ ସଙ୍ଗେ ପ୍ରତିବାଦ କରିବା ଠିକ୍ ମନେ ନ କରି ଚୁପ୍ ରହିଗଲେ । ନାରାୟଣକାନ୍ତ ପତ୍ନୀର ମନୋଭାବ ବୁଝିପାରି କିଛି ସମୟ ଗମ୍ଭୀର ହୋଇ ବିଚାର କଲେ । କହିଲେ, ''ଆଚ୍ଛା, ତୋର ସନ୍ତାନ ସକାଶେ ଯଦି ଏପରି କାମନା ତେବେ ଭଗବାନଙ୍କ ଚରଣରେ ନିବେଦନ କରିବା । ସେ ସର୍ବଶକ୍ତିମାନ୍ ପ୍ରଭୁ । ତାଙ୍କରି କୃପାରେ ଅସମ୍ଭବ ସମ୍ଭବ ହୋଇପାରେ ।'' ସନ୍ତାନ ସକାଶେ ପ୍ରଭୁଙ୍କ ଆରାଧନା କି ଉପାୟରେ କରାହେବ, ଚିନ୍ତା କରିବାକୁ ଲାଗିଲେ ।



ଭଗବାନଙ୍କର କାମ ଭକ୍ତର ମନସ୍କାମନା ପୂର୍ଣ୍ଣ କରିବା । ତାଙ୍କରି ପ୍ରେରଣାରେ ଜଣେ ବ୍ୟକ୍ତି ହଠାତ୍ ଆସି ବ୍ରାହ୍ମଣଦମ୍ପତିଙ୍କୁ କହିଲେ, ''ଯେଉଁମାନେ କୌଣସି କାମନା ସିଦ୍ଧି ସକାଶେ 'ଶ୍ରୀବୈଦ୍ୟନାଥ'ଙ୍କ ପାଖରେ ରହି ନିୟମ ପାଳନପୂର୍ବକ ଅନୁଷ୍ଠାନ କରନ୍ତି, ଶ୍ରୀ ବୈଦ୍ୟନାଥ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରନ୍ତି ଅଥବା ମନା କରିଦିଅନ୍ତି ।'' ଏକଥା ଶୁଣି ବ୍ରାହ୍ମଣଦମ୍ପତି ବହୁତ ପ୍ରସନ୍ନ ହେଲେ । ସେମାନେ ଭଗବାନଙ୍କ ପ୍ରେରଣା ବୋଲି ମନେକରି ବୈଦ୍ୟନାଥ ଧାମ ଯାଇ ସେଠାରେ ରହି ଅନୁଷ୍ଠାନ କରିବାକୁ ସଂକଳ୍ପ କଲେ ।

## ଅନୁଷ୍ଠାନ

ସେ ଯୁଗରେ ରେଳଗାଡ଼ି, ବସ୍ ପ୍ରଭୃତି ଯାନବାହନ ନ ଥିଲା । ହଜାର ହଜାର କୋଶ ରାସ୍ତା ପଦଯାତ୍ରା କରିବାକୁ ହେଉଥିଲା । ବ୍ରାହ୍ମଣଦମ୍ପତି ତିନିମାସରେ ବୈଦ୍ୟନାଥ ଧାମରେ ପହଞ୍ଚିଲେ । ବୈଦ୍ୟନାଥଙ୍କ ମନ୍ଦିର ପାଖରେ ଏମାନେ ନିବାସ କଲେ । ଦୁଇଜଣଯାକ ତପସ୍ୟା ଆରମ୍ଭ କଲେ । ଅନ୍ନ ତ୍ୟାଗ କରି ଚବିଶ ଘଣ୍ଟା ମଧ୍ୟରେ ମଧ୍ୟାହ୍ନ ସମୟରେ କିଛି କ୍ଷୀର ତଥା ଫଳ ଆହାର କରିବା ପାଇଁ ଶପଥ ନେଲେ । ପତିପତ୍ନୀ ବ୍ରାହ୍ମମୁହୂର୍ତ୍ତରେ ସ୍ନାନ କରନ୍ତି । ରତ୍ନେଶ୍ୱରୀ ପତିଙ୍କ ପୂଜନ ସାମଗ୍ରୀ ସବୁ ଯୋଗାଇ ଦିଅନ୍ତି । ନାରାୟଣକାନ୍ତ ସନ୍ଧ୍ୟାବନ୍ଦନ, ଜପ ସମାପ୍ତ କରି ସଂକଳ୍ପ ସହ ଗୋପାଳ ସହସ୍ର ନାମ ଅନୁଷ୍ଠାନ ନିୟମରେ ବିଧିବିଧାନ ଅନୁସାରେ ପଢ଼ନ୍ତି । ରତ୍ନେଶ୍ୱରୀ ବସି ପ୍ରେମ, ଭକ୍ତି ସହିତ ଶୁଣନ୍ତି । ସଂକଳ୍ପ ଅନୁସାରେ ଗୋପାଳ ସହସ୍ର ନାମ ଅନୁଷ୍ଠାନ ପୂରା ପାଞ୍ଚ ମାସରେ ସମାପ୍ତ ହେଲା । ଅନୁଷ୍ଠାନ ପୂର୍ଣ୍ଣ ହେବା ପରେ ନିୟମାନୁସାରେ ହୋମ ଏବଂ ବ୍ରାହ୍ମଣ ଭୋଜନ କରାହେଲା । କିନ୍ତୁ ଭଗବାନ୍ ବୈଦ୍ୟନାଥଙ୍କର କୌଣସି ଆଦେଶ ମିଳିଲା ନାହିଁ । ଦମ୍ପତି ବହୁତ ଚିନ୍ତାଗ୍ରସ୍ତ ହୋଇ ବ୍ୟାକୁଳ ହୃଦୟରେ ବୈଦ୍ୟନାଥଙ୍କୁ ପ୍ରାର୍ଥନା କରି ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ

ନେଲେ । ସେହି ଦମ୍ପତିଙ୍କୁ ସ୍ୱପ୍ନରେ ଆଦେଶ ହେଲା : ତୁମ୍ଭେମାନେ ଘରକୁ ଫେରିଯାଅ । ଆଜିଠାରୁ ଏଗାର ମାସ ଶେଷରେ ତୁମ୍ଭର ଗୋଟିଏ ସୁନ୍ଦରୀ, ସଦ୍‌ଗୁଣବତୀ, ଭଗବତ୍ ଭକ୍ତା କନ୍ୟା ଜାତ ହେବ । ସେ ପିତା ତଥା ପତିକୁଳକୁ ପବିତ୍ର କରିବ । ସ୍ୱପ୍ନ ପରେ ନିଦ୍ରାଭଙ୍ଗ ହେବାରୁ ପରସ୍ପରଙ୍କ କଥାବାର୍ତ୍ତାରୁ ଉଭୟଙ୍କୁ ଏକହି ପ୍ରକାର ସ୍ୱପ୍ନ ହେବା ଜାଣି ଦୁହେଁ ବହୁତ ଆନନ୍ଦିତ ହେଲେ ଏବଂ ବାରଂବାର ଭଗବାନଙ୍କ ଚରଣରେ କୃତଜ୍ଞତା ଜ୍ଞାପନ କଲେ । ପ୍ରାତଃକାଳରେ ଶୌଚସ୍ନାନ ଶେଷ କରି ବାବା ବୈଦ୍ୟନାଥଙ୍କୁ ଦର୍ଶନ କରି ପୂଜାରୀମାନଙ୍କଠାରୁ ବିଦାୟ ନେଇ ଅତି ହର୍ଷରେ ଗୃହକୁ ଯାତ୍ରା କଲେ । କିଛି ମାସ ପରେ ଗ୍ରାମରେ ପହଞ୍ଚିବାରୁ ବନ୍ଧୁବାନ୍ଧବ, ସାହିପଡ଼ିଶା, ଇଷ୍ଟମିତ୍ରମାନେ ଆସି ଦେଖି ବହୁତ ଖୁସିହେଲେ ।

## ଲୀଳାବତୀଙ୍କ ଜନ୍ମ ଓ ବାଲ୍ୟାବସ୍ଥା

ଯଥାସମୟରେ ରତ୍ନେଶ୍ୱରୀଙ୍କ ଗର୍ଭରୁ ଗୋଟିଏ ସଦ୍‌ଗୁଣଯୁକ୍ତା ସୁନ୍ଦରୀ କନ୍ୟା ଜାତ ହେଲା । ବୈଦ୍ୟନାଥଙ୍କ ପ୍ରସାଦସ୍ୱରୂପ କନ୍ୟା ଜାତ ହୋଇ ଥିବାରୁ ତା' ସକାଶେ ଗ୍ରାମଲୋକମାନେ ଆନନ୍ଦ ଉତ୍ସାହରେ କୀର୍ତ୍ତନ, ଗାନ, ଭୋଜନାଦି କାର୍ଯ୍ୟ ଖୁବ୍ ସମାରୋହରେ କଲେ । କନ୍ୟାର ନାମ ରଖାହେଲା ଲୀଳାବତୀ । ବ୍ରାହ୍ମଣଦମ୍ପତି ବହୁତ କଷ୍ଟରେ କନ୍ୟାରତ୍ନ ପାଇଥିବାରୁ ସେମାନଙ୍କ ଆନନ୍ଦର ସୀମା ରହୁ ନ ଥାଏ । ରତ୍ନେଶ୍ୱରୀ ଘରର ସମସ୍ତ କର୍ମ କରୁଥା'ନ୍ତି କିନ୍ତୁ ମନ ଥାଏ କନ୍ୟା ପାଖରେ । ମଝିରେ ମଝିରେ ସମୟ ପାଇ କାମ ଛାଡ଼ି ଆସି କନ୍ୟାକୁ ଦେଖି ଯାଉଥା'ନ୍ତି । କନ୍ୟାର ଅସ୍ପଷ୍ଟ ଶବ୍ଦ, ସୁନ୍ଦର ହସରେ ରତ୍ନେଶ୍ୱରୀ ଆନନ୍ଦବିଭୋର ହୋଇ ସ୍ୱର୍ଗସୁଖକୁ ତୁଚ୍ଛ ମନେ କରୁଥା'ନ୍ତି । ଲୀଳାବତୀର ଶିଶୁ ଅବସ୍ଥାରେ ଦିବ୍ୟଗୁଣ ପରିଲକ୍ଷିତ ହେଉଥିଲା । ସେ କମ୍ କାନ୍ଦୁଥିଲା । ପିତାଙ୍କ ପୂଜା ସମୟରେ ସେ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଶାନ୍ତଭାବେ ନୀରବରେ ପିତାଙ୍କ ପାଖରେ ବସି ଏକ ଦୃଷ୍ଟିରେ ଶାଳଗ୍ରାମ ବିଗ୍ରହକୁ ନିରେଖି ଦେଖୁଥିଲା ।



ସନ୍ଧ୍ୟା ସମୟରେ ମା ବୃନ୍ଦାବତୀଙ୍କୁ ସଞ୍ଜ ଦେବା ସମୟରେ ସେ ଆଣ୍ଠେଇ ଚାଲିଯାଏ, ମା କାନିକୁ ଧରି ଛିଡ଼ାହୁଏ ଏବଂ ଦୀପ ନେବାକୁ ହାତ ବଢ଼ାଏ । ମା ସ୍ନେହରେ କୋଳରେ ନେଇ ତା ହାତରେ ଦୀପ ଧରେଇ ଦେଇ ବୃନ୍ଦାବତୀଙ୍କ ପାଖରେ ରଖେଇ ଦିଅନ୍ତି । ଲୀଳାବତୀର ମସ୍ତକ ତୁଳସୀ ଚଉରାରେ ରଖି ତା' ସକାଶେ ମା ପ୍ରାର୍ଥନା କରନ୍ତି, ''ଏହାକୁ ଭଲ ଘର, ଭଲ ବର ପ୍ରାପ୍ତ ହେଉ, ଏହାର ହୃଦୟ ଶୁଦ୍ଧ ପବିତ୍ର ହେଉ, ଏ ଭଗବତ୍ ଆଶ୍ରୟରେ ଜୀବନ ସୁଖରେ ବ୍ୟତୀତ କରୁ ।''

କ୍ରମଶଃ ଲୀଳାବତୀ ବଡ଼ ହେବାକୁ ଲାଗିଲା । ସେ ମା'ର ଥିଲା ସ୍ନେହର ପ୍ରତିମା । ତା'ର ହସିବା, ଖେଳିବା ଦେଖି ମା' ଆନନ୍ଦିତ ହେଉଥିଲେ । ଲୀଳାବତୀ ମା ସଙ୍ଗେ ଖୁବ୍ ଭୋରରୁ ସ୍ନାନ କରି ପିତାଙ୍କ ଶାଳଗ୍ରାମ ପୂଜା ଲାଗି ବାଡ଼ିବଗିଚାରୁ ତୁଳସୀ, ପୁଷ୍ପ ଆଣୁଥିଲା । ଫୁଲମାଳ ଗୁନ୍ଥି ଶାଳଗ୍ରାମଙ୍କ ସିଂହାସନରେ ପିନ୍ଧାଇବା ସକାଶେ ପିତାଙ୍କୁ ଦେଉଥିଲା । ପିତା ଶାଳଗ୍ରାମକୁ ସ୍ନାନ କରାଇ, ଚନ୍ଦନ ଲଗାଇ, ଫୁଲ, ତୁଳସୀ ଅର୍ପଣ କରିବା ବେଳେ ଲୀଳାବତୀ ସେଠାରେ ବସି ରହୁଥିଲା । ଭୋଗ ଲଗାଇବା ପରେ ଆଳତି ସମୟରେ ହାତ ଯୋଡ଼ି ଛିଡ଼ା ହେଉଥିଲା । ପିତାମାତାଙ୍କ ସହିତ ଠାକୁରଙ୍କୁ ସ୍ତୁତିଗାନ ମଧ୍ୟ କରୁଥିଲା । ନାରାୟଣକାନ୍ତ ଗାୟତ୍ରୀ ଜପ ଏବଂ ଧ୍ୟାନ କରିବା ପରେ ନିୟମିତ ରୂପେ ଗୋପାଳ ସହସ୍ର ନାମ ପଢୁଥିଲେ । ଲୀଳାବତୀ ପ୍ରତିଦିନ ବସି ଶୁଣୁଥିଲା । ସେ ଶୁଣି ଶୁଣି ଅନୁଷ୍ଟୁପ ଛନ୍ଦର କେତେକ ସରଳ ଶ୍ଳୋକ ମୁଖସ୍ଥ କରି ମଧୁର ସ୍ୱରରେ ଗାନ କରୁଥିଲା । ପିତାମାତାଙ୍କ ସଙ୍ଗେ ଅନୁରାଗ ଯୁକ୍ତ ଲାଳିତ୍ୟ ସ୍ୱରରେ କୀର୍ତ୍ତନ କରିବା ସମୟରେ ଶୁଣିବା ଲୋକଙ୍କ ମନ ମୁଗ୍ଧ ହୋଇଯାଉଥିଲା ।

ଜମିବାଡ଼ି, ଘର, ଧନସଂପତ୍ତି ପ୍ରତ୍ୟେକ ପିତାମାତା ନିଜ ସନ୍ତାନ ସକାଶେ ଛାଡ଼ିଯାଆନ୍ତି । କିନ୍ତୁ ନାରାୟଣକାନ୍ତ ତଥା ରତ୍ନେଶ୍ୱରୀଙ୍କ ସଦୃଶ କେତେକ ପିତାମାତା ଅଛନ୍ତି ଯେ ନିଜ ସନ୍ତାନକୁ ସତ୍‌ମାର୍ଗର ପଥିକ କରି, ତା' ଜୀବନକୁ ଶାନ୍ତିମୟ, ସରସ, ଆନନ୍ଦମୟ କରି ତା' ସକାଶେ ଭଗବତ୍

ଭକ୍ତି ରୂପ ଅମୂଲ୍ୟ ନିଧି ସଂପଦ ଛାଡ଼ିଯାଆନ୍ତି । ପ୍ରାୟ ସମସ୍ତ ପିତାମାତା ଏହାର ବିପରୀତ, ସଂସାରରେ ଅଧିକାଧିକ ବନ୍ଧନରେ ପଡ଼ିବାର ଉପାୟ କରନ୍ତି । ସେମାନେ ଭାବନ୍ତି, ''ସନ୍ତାନ ଭଗବତ୍ ଭକ୍ତ ହେଲେ ଘର ଛାଡ଼ି ବାବାଜି ହୋଇ ଚାଲିଯିବ ।'' ଏପରି ପିତାମାତା ଯଥାର୍ଥରେ ଭୁଲ୍ କରନ୍ତି ଏବଂ ସନ୍ତାନର ଅହିତ କରି ତା' ଜୀବନ-ଉନ୍ନତିର ମାର୍ଗ ରୁଦ୍ଧ କରନ୍ତି । ନାରାୟଣକାନ୍ତ ବିଦ୍ୱାନ୍ ତଥା ଭକ୍ତ ଥିଲେ; ଭଗବତ୍ ଭକ୍ତିରେ ଜୀବନ ସାର୍ଥକ ଏବଂ ସୁଖମୟ ହେବାର ଜ୍ଞାନ ତାଙ୍କୁ ପ୍ରାପ୍ତ ଥିଲା । ସେଥିପାଇଁ ନିଜ କନ୍ୟାକୁ ଯଥାର୍ଥରେ ସୁଖୀ କରିବା ସକାଶେ ସେ ତାକୁ ବାଲ୍ୟାବସ୍ଥାରୁ ଭଗବତ୍ ଭକ୍ତିର ଶିକ୍ଷା ଦେଇଥିଲେ । ଲୀଳାବତୀ ପିତାମାତାଙ୍କ ସ୍ନେହ ତଥା ଭଗବତ୍ ଭକ୍ତିପୂର୍ଣ୍ଣ ବାତାବରଣରେ ଲାଳିତପାଳିତ ହୋଇ ବିବାହଯୋଗ୍ୟା ହେଲା ।

## ବିବାହ

ଜଣେ କବି ଲେଖିଛନ୍ତି, ''ବିନାଶ୍ରୟଂ ନ ବର୍ତନ୍ତେ କବିତାବନିତାଲତାଃ ।'' କବିତା ତଥା ଲତା ସକାଶେ ଆଜିପର୍ଯ୍ୟନ୍ତ ସେହି ନିୟମ ଚାଲି ଆସୁଅଛି । କିନ୍ତୁ ବନିତା ସକାଶେ ପୂର୍ବକାଳର ସେ ନିୟମ ଆଉ ନାହିଁ । ସାମାଜିକ ପ୍ରଥା ଅନୁସାରେ ଲୀଳାବତୀର ଗୋଟିଏ ସମୃଦ୍ଧିଶାଳୀ କୁଳୀନ ପରିବାରରେ ସୁଯୋଗ୍ୟ ପାତ୍ର ସହିତ ବିବାହ ହେଲା । ବିବାହ ଖୁବ୍ ଆନନ୍ଦ ସହକାରେ ସଂପନ୍ନ ହେଲା । ହୃଦୟ-ହାର ଏକମାତ୍ର ସ୍ନେହମୟୀ କନ୍ୟାର ବିଦାୟ ସମୟରେ ପିତାମାତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା । ଘର ଯେପରି ଶୂନ୍ୟ ଥିଲା ପୁଣି ସେହିପରି ଶୂନ୍ୟ ହେଲା । ବ୍ରାହ୍ମଣଦମ୍ପତି କେତେ ଦୁଃଖକଷ୍ଟ ସହି ତପସ୍ୟା କରି କନ୍ୟାଟି ପାଇ ସମସ୍ତ ମାୟାମମତା ତାହାଠାରେ କେନ୍ଦ୍ରିତ କରିଥିଲେ । ସେହି କନ୍ୟା ଘର ଶୂନ୍ୟ କରି ପର ଘର ଚାଲିଯିବା ଦୁଃଖ ଏମାନଙ୍କୁ ବିଚଳିତ କରି ପକାଇଲା । କିନ୍ତୁ ପତିଗୃହରେ କନ୍ୟାର ଶୋଭା, ସେଠାରେ



ସେ ସୁଖରେ ରହିବ, ଏହା ଭାବି ବ୍ରାହ୍ମଣଦମ୍ପତି ନିଜ ମନକୁ ବୁଝାଇ ଧୈର୍ଯ୍ୟ ଧରି ରହିଲେ ।

## ଗାର୍ହସ୍ଥ୍ୟ ଜୀବନ

ଭଗବାନଙ୍କ ମାୟା ବଡ଼ ପ୍ରବଳ । ବଡ଼ ବଡ଼ ମୁନିଋଷି ମାୟାଚକ୍ରରେ ପଡ଼ି ଘୂର୍ଣ୍ଣାୟମାନ ହେଉଥାଆନ୍ତି । କାଷ୍ଠପୁତ୍ତଳିକା ସଦୃଶ ସମସ୍ତ ସଂସାରକୁ ଭଗବାନଙ୍କ ମାୟା ନଚାଉଥାଏ । ଜୀବନ-ପଥରେ ଏକ ପରେ ଅନ୍ୟ ଏକ ମାୟାଜାଲ ବିଛା ହୋଇଥାଏ । କେହି କେହି ପରିବାରର ମୋହଜାଲରୁ ଉଦ୍ଧାର ହୋଇ କାମିନୀକାଞ୍ଚନ ଜାଲରେ, କେହି କେହି ଏଥିରୁ ଉଦ୍ଧାର ହୋଇ ଯଶକୀର୍ତ୍ତି ଜାଲରେ ପଡ଼ନ୍ତି । କିନ୍ତୁ ଭଗବତ୍ କୃପାରୁ କେହି କେହି ସମସ୍ତ ମାୟାଜାଲକୁ କାଟି ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପାରନ୍ତି । ହେ ପ୍ରଭୁ, କୃପା କର, କେବଳ ତୁମ୍ଭରି କୃପାରୁ ତୁମ୍ଭ ମାୟାରୁ ପରିତ୍ରାଣ ମିଳିପାରେ ।

ଲୀଳାବତୀର ପତି ରାଜପୁରୋହିତ ଥିଲେ । ଘରେ ଧନର ଅଭାବ ନ ଥିଲା । ସେବା କରିବାକୁ ଦାସଦାସୀ ପ୍ରସ୍ତୁତ ଥିଲେ । ଶରୀର ସୁବେଶ କରିବା ସକାଶେ ନାନାପ୍ରକାର ରେଶମୀ ବସ୍ତ୍ର, ବହୁମୂଲ୍ୟ ଅଳଙ୍କାର, ତୈଳ ଅତର ଆଦି ସୁଗନ୍ଧ ଦ୍ରବ୍ୟମାନ ସୁଲଭ ଥିଲା । ଭୋଜନ ସକାଶେ ଦ୍ରବ୍ୟର ମଧ୍ୟ ଅଭାବ ନ ଥିଲା । ଏହିସବୁ ଭୋଗବିଳାସ ବସ୍ତୁ ମଧ୍ୟରେ ଲୀଳାବତୀ ବୁଡ଼ିଗଲା । ତା'ର ପୂର୍ବ ଉତ୍ତମ ସଂସ୍କାର ସାଂସାରିକ ବିଷୟରେ ଆବୃତ ହୋଇଗଲା ! ପାଞ୍ଚ, ସାତ ବର୍ଷ ମଧ୍ୟରେ ଲୀଳାବତୀର ଗୋପାଳକୃଷ୍ଣ ନାମରେ ଗୋଟିଏ ପୁତ୍ର ଏବଂ କାଳିନ୍ଦୀ ନାମରେ ଗୋଟିଏ କନ୍ୟା ଜାତ ହେଲେ । ଏପରି ଭୋଗବିଳାସ ମଧ୍ୟରେ ସନ୍ତାନ ହେଲେ ମା'ର ଆଉ କାମ କ'ଣ ? ଲୀଳାବତୀର ନିଜ ତୃପ୍ତି, ପତିର ସନ୍ତୁଷ୍ଟି ସକାଶେ ପତିସେବା ତଥା ଶିଶୁଙ୍କ ଲାଳନପାଳନରେ ସମସ୍ତ ଇନ୍ଦ୍ରିୟକୁ ନିୟୋଜିତ କରିବା ଛଡ଼ା ଆଉ ଅନ୍ୟ କାମ କିଛି ନ ଥିଲା । ମନୁଷ୍ୟ

ଭୋଗବିଳାସରେ ଲିପ୍ତ ହେଲେ ତାହାର ଯେଉଁ ଅବସ୍ଥା ହୁଏ ଲୀଳାବତୀର ତାହାହିଁ ହେଲା । ସେ ଭୋରରୁ ଉଠିବା ପ୍ରାୟ ଭୁଲିଗଲା । ଘରର କାମ ସବୁ ଦାସଦାସୀ କରନ୍ତି । ତା' ପ୍ରେମରେ ପତି ବଶୀଭୂତ ହୋଇ ତା'ର ନିର୍ଦ୍ଦେଶରେ ଯନ୍ତ୍ରବତ୍ ପରିଚାଳିତ ହୁଅନ୍ତି । ସେ ଯାହା କହେ ପତିଦେବ ତାହାହିଁ କରନ୍ତି । ଏହା ତ ଆସକ୍ତିର ମହିମା । ଯେଉଁ ଭ୍ରମର ଶୁଖିଲା କାଠକୁ କାଟିପାରେ ସେହି ଭ୍ରମର ଆସକ୍ତିବଶରେ ପଦ୍ମଫୁଲ ମଧ୍ୟରେ ବନ୍ଦୀ ହୋଇପଡ଼େ । ଯାହାର ଇନ୍ଦ୍ରିୟର ସଂଯମ ନାହିଁ, ଯେଉଁ ଇନ୍ଦ୍ରିୟର ଯେଉଁ ବିଷୟ ପ୍ରତି ଆବେଗ ବା ପ୍ରବୃତ୍ତି ହୁଏ ସେହି ପ୍ରବୃତ୍ତି ବଳଦ ନାକରେ ଦୌଡ଼ି ବାନ୍ଧି ଟାଣିନେଲା ପରି ମନୁଷ୍ୟକୁ ଟାଣି ନେଇଯାଏ । ଏହି ଇନ୍ଦ୍ରିୟର ବଶ୍ୟତା ସ୍ୱୀକାର କରିବା ହେଉଛି ଭୋଗ । ଭୋଗରେ କେବେ ବି ତୃପ୍ତି ନ ଥାଏ, ସନ୍ତୋଷ ନ ଥାଏ; ସବୁ ସମୟରେ ଅଭାବହିଁ ଅନୁଭୂତ ହେଉଥାଏ; ନୂତନ ନୂତନ କାମନାବାସନା ଉତ୍ପନ୍ନ ହୋଇ ମନୁଷ୍ୟର ସ୍ଥିରତା ନଷ୍ଟ କରି ବ୍ୟତିବ୍ୟସ୍ତ କରେ । ଗୋଟିଏ ବାସନା ପୂର୍ଣ୍ଣ ନ ହେଉଣୁ ଅନ୍ୟଟି ଉପସ୍ଥିତ ହୁଏ । ଭୋଗ-ଜୀବନ ଯଥାର୍ଥରେ ଦୁଃଖମୟ ଏବଂ ପୂର୍ଣ୍ଣରୂପେ ଇନ୍ଦ୍ରିୟର ଅଧୀନ । ଯଥାର୍ଥରେ ସୁଖ ଓ ଆନନ୍ଦମୟ ଜୀବନ ଇନ୍ଦ୍ରିୟ କବଳରୁ ମୁକ୍ତି ଏବଂ ଇନ୍ଦ୍ରିୟର ସଂଯମ ତଥା ଇନ୍ଦ୍ରିୟ ଉପରେ ପ୍ରଭୁତ୍ୱ ସ୍ଥାପନରେ । ଯେଉଁ ମୁଖରେ ଭଗବତ୍ ନାମ ନାହିଁ, ଶରୀରରେ ଭଗବତ୍ ସେବା ନାହିଁ, ସେ ଜୀବନର ଯଥାର୍ଥ ଉପଯୋଗିତା ନାହିଁ । ଜୀବନଧାରଣ କରିବାର ଏକମାତ୍ର ସାର୍ଥକତା ଏବଂ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । କିନ୍ତୁ ମନୁଷ୍ୟ ଏହା ତେବେ ବୁଝିପାରେ ଯେବେ ଅନେକ ଜନ୍ମରୁ ଦୁଃଖକଷ୍ଟ ଭୋଗରେ ତା'ର ଇନ୍ଦ୍ରିୟ ଜର୍ଜରିତ ହୋଇଥାଏ ଅଥବା ଭଗବାନ୍ ଅହେତୁକୀ କୃପା କରନ୍ତି । ଅନ୍ୟଥା ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅସହାୟରୂପେ ବାରଂବାର ଜନ୍ମଗ୍ରହଣ-ଚକ୍ରରେ ଭ୍ରମୁଥାଏ ଏବଂ ଦୁଃଖକଷ୍ଟ ଭୋଗ କରୁଥାଏ ।



## ଭଗବତ୍ କୃପା

ଲୀଳାବତୀ ବିଷୟାରେ ଆବଦ୍ଧ ହୋଇ ମାୟାଜାଲରେ ଦୃଢ଼ ଭାବରେ ବନ୍ଦୀ ହୋଇଗଲା । ତା'ର ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧେ କୌଣସି ଜ୍ଞାନ ନ ଥିଲା । କିନ୍ତୁ ଭଗବାନ୍ ଦୟାମୟ । ଯାହାକୁ ଥରେ ସ୍ୱୀକାର କରନ୍ତି ତାକୁ କେବେହେଲେ ଛାଡ଼ନ୍ତି ନାହିଁ । ବ୍ୟକ୍ତି ଯଦି ଅଜ୍ଞାନବଶତଃ ଭଗବାନଙ୍କୁ ଛାଡ଼ିଦିଏ ତେବେ ଭଗବାନ୍ ତା'ର ମୋହାବୃତ ଆବରଣର ପଶ୍ଚାତ୍‌ରେ ଅନୁକୂଳ ସମୟର ପ୍ରତୀକ୍ଷାରେ ଥାଆନ୍ତି । ବ୍ୟକ୍ତି ଯେତେବେଳେ ସଚେତ ହୋଇ ତାଙ୍କୁ ଡାକେ ସେ ଦୌଡ଼ି ଆସନ୍ତି ।

ଦିନେ ଲୀଳାବତୀର ପୁତ୍ର ଗୋପାଳକୃଷ୍ଣ ଏବଂ କନ୍ୟା କାଳିନ୍ଦୀକୁ ହଇଜା ହେଲା । ଅଳ୍ପ କେତେ ଘଣ୍ଟା ପରେ ସେମାନଙ୍କ ଅବସ୍ଥା ବହୁତ ଖରାପ ହୋଇଗଲା । କୌଣସିପ୍ରକାର ଔଷଧ କାମ କରୁ ନ ଥିଲା । ଶେଷରେ ବଞ୍ଚିବାର ଆଶା ବି ରହିଲା ନାହିଁ । ପିଲାମାନଙ୍କ ମୁଖ ଦେଖି ଲୁହ ବୁହାଇବା ଛଡ଼ା ଲୀଳାବତୀର କୌଣସି ଉପାୟ ନ ଥିଲା । ମୋହଗ୍ରସ୍ତ ଜୀବର ଧନସଂପତ୍ତି, ସନ୍ତାନସନ୍ତତିହିଁ ସର୍ବସ୍ୱ । ଏହିସବୁର ବିୟୋଗ ଅଥବା ବିୟୋଗର ସମ୍ଭାବନାରେ ମନୁଷ୍ୟର ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଲୀଳାବତୀର ଅବସ୍ଥା ଠିକ୍ ଏହିପରି । କେଉଁ ମୁହୂର୍ତ୍ତରେ ପ୍ରାଣପ୍ରିୟ ପୁତ୍ରକନ୍ୟା ଆଖି ବୁଜିଦେବେ, ଏହି ଭୟରେ ତା' ଛାତି ଫାଟି ଯାଉଥାଏ । ଏହି ଦୁଃଖସାଗରରୁ ପାର ହେବା ପାଇଁ ତା' ପାଖରେ କୌଣସି ଉପାୟ ନ ଥିଲା । ସେ କେଉଁଆଡୁ ଥଳକୂଳ ନ ପାଇ ବିପଦର ମଝି ନଈରେ ବୁଡି ଯାଉଥିଲା ।

ଭକ୍ତ ମୋହଗ୍ରସ୍ତ ହୋଇ ଭଗବାନଙ୍କୁ ଭୁଲିଯାଏ, କିନ୍ତୁ ଭଗବାନ୍ ଭକ୍ତକୁ ଭୁଲନ୍ତି ନାହିଁ । ଯଥାର୍ଥ ସମୟକୁ ଅପେକ୍ଷା କରିଥାଆନ୍ତି । ବର୍ତ୍ତମାନ ଲୀଳାବତୀର ଠିକ୍ ସମୟ ଆସିଛି । ସେ ଆଉ ଭୋଗବିଳାସର ଜାଲରେ ଆବଦ୍ଧ ହୋଇ ନାହିଁ । କଠୋର ବିପଦ ସମୟ ହେଉଛି ଭଗବାନଙ୍କର ଶରଣାପନ୍ନ ହେବାର

ଉପଯୁକ୍ତ ସମୟ । ଏହି ସମୟରେ ନାସ୍ତିକମାନେ ମଧ୍ୟ ଭଗବାନଙ୍କୁ ଡାକନ୍ତି । ଅନୁକୂଳ ବାତାବରଣ ପାଇ ଭଗବାନ୍ ନିଜ କୃପାଜ୍ୟୋତିଃ ଲୀଳାବତୀ ହୃଦୟରେ ପ୍ରକାଶ କରିଦେଲେ । ତା'ର ପୂର୍ବ ସଂସ୍କାର ଜାଗ୍ରତ୍ ହୋଇଉଠିଲା । ସେ ଦୁଃଖସାଗରରେ ବୁଡ଼ି ନିଶ୍ୱାସରୁଦ୍ଧ ହେଉଥିବା ସମୟରେ ତାକୁ ଆଶ୍ରୟ ମିଳିଗଲା । ତା'ର ହୃଦୟରୁ ତୀବ୍ର ବେଦନା, ଆକୁଳତା ଅଥଚ ଦୃଢ଼ ବିଶ୍ୱାସଯୁକ୍ତ ଶବ୍ଦ ସ୍ୱତଃ ଉଦ୍‌ଗାର ହେଲା, ''ହେ ଭଗବାନ୍, ମୋତେ ଏହି ଦୁଃଖସାଗରରୁ ତୁ ହିଁ ପାରିକର । ଏହି ଦୁଇଟି ସନ୍ତାନଙ୍କୁ ତୋ ଚରଣରେ ସମର୍ପଣ କରିଦେଉଛି । ଏମାନେ ବର୍ତ୍ତମାନଠାରୁ ତୋର । ମୋତେ ତୋ ଚରଣରେ ସେବିକାରୂପେ ସ୍ୱୀକାର କର । ପ୍ରଭୁ, ମୁଁ କୃତଘ୍ନ, ପାପୀ, ମୋହଗ୍ରସ୍ତ, ବିଷୟକୀଟ । ମୁଁ ବିଷୟରେ ମଜ୍ଜି ତୋତେ ଏକେବାରେ ଭୁଲିଯାଇଛି । ପ୍ରଭୁ, ତୁ କରୁଣାମୟ, ଦୀନବନ୍ଧୁ, କୃପାର ସାଗର । ତୁ ମୋ ଦୋଷ ଦେଖିଲେ ମୁଁ କେବେ ବି ଉଦ୍ଧାର ହୋଇପାରିବି ନାହିଁ । ନିଜ ଅହେତୁକୀ କୃପାରେ ଏହି ଅନାଥା, ନିରାଶ୍ରୟା, ଦୀନହୀନାକୁ ନିଜ ସେବାରେ ସ୍ୱୀକାର କରି ନେ, ମୋ ପ୍ରଭୁ ।'' ଭଗବାନଙ୍କ ପାଖରେ ବ୍ୟାକୁଳ ପ୍ରାର୍ଥନା ପହଞ୍ଚିବାରେ ବିଳମ୍ବ ହୁଏ ନାହିଁ । ତତ୍‌କ୍ଷଣାତ୍ ଗୋପାଳକୃଷ୍ଣ ଓ କାଳିନ୍ଦୀ ଆଖି ଖୋଲି ମା'କୁ ଦେଖିବାକୁ ଲାଗିଲେ ଏବଂ ସେମାନଙ୍କ ଚେହେରା ପରିବର୍ତ୍ତନ ହୋଇଗଲା । କିଛି ସମୟ ପରେ ଏକେବାରେ ସୁସ୍ଥ ହୋଇଗଲେ । ଏଥିରେ ଲୀଳାବତୀ ଅତ୍ୟନ୍ତ ଖୁସି ହେଲା । ଭଗବାନ୍ ଭକ୍ତବତ୍ସଳ, ସେ ଭକ୍ତକୁ ବିଷୟ-ଦୁଃଖ-ଯାତନା-କୂପରୁ ଉଦ୍ଧାର କରିବାକୁ ସର୍ବଦା ଚାହାନ୍ତି । ସେହି କାରଣରୁ ଭଗବାନ୍ ଭକ୍ତକୁ ବୈଭବ ଦିଅନ୍ତି ନାହିଁ । ଯଦି ଦିଅନ୍ତି ସେଥିରେ ଗର୍ବ ଖର୍ବ କରିବାର ଉପାୟ ବି ରଖିଥାଆନ୍ତି । ସ୍ତ୍ରୀ ସୁନ୍ଦରୀ ହେଲେ ତା'ର ବାକ୍ୟ କର୍କଶ ହୋଇଥାଏ । ଏପରିକି ଭକ୍ତ ଯେଉଁ ବିଷୟରେ ମୋହିତ ହୋଇପାରେ ସେଥିରେ ଏପରି ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ଯେ ସେ ସେହି ବିଷୟ ଆସକ୍ତିକୁ ତ୍ୟାଗ କରିବାକୁ ବାଧ୍ୟ ହୁଏ । କିନ୍ତୁ ଗୋଟିଏ ନିୟମ ପ୍ରତ୍ୟେକ ଭକ୍ତଙ୍କ ସକାଶେ ନୁହେଁ । ଭକ୍ତର ସ୍ୱଭାବ ଏବଂ ପରିସ୍ଥିତି ଅନୁସାରେ ଭଗବାନ୍



ବ୍ୟବସ୍ଥା କରନ୍ତି । ସେ ଯାହାକୁ ଥରେ ସ୍ୱୀକାର କରିନିଅନ୍ତି, ତାକୁ ଛାଡ଼ନ୍ତି ନାହିଁ । ଦୁଃଖକଷ୍ଟ ମଧ୍ୟଦେଇ ହେଉ ବା ସୁଖସମ୍ଭୋଗ ମଧ୍ୟଦେଇ ହେଉ ଛାଇ ପରି ତା' ସଙ୍ଗେ ଲାଗିରହନ୍ତି । ତାଙ୍କ ଦୃଷ୍ଟିରେ ଉଚ୍ଚ ନୀଚ ନାହିଁ, ସେ ଚାହାନ୍ତି କେବଳ ନିଷ୍କପଟ ପ୍ରେମ । ପ୍ରେମ ଯେଉଁଠି ସେ ସେଇଠି । ବିଦୁର ସ୍ତ୍ରୀର ପ୍ରେମରେ କଦଳୀ ଚୋପା ଖାଇ ସେଥିରେ ଅମୃତ ଅପେକ୍ଷା ଅଧିକ ସ୍ୱାଦ ଅନୁଭବ କରିଥିଲେ । ମୋଚି ରାମଦାସ ପାଖରେ ରହି ତା'ର ଗୀତଗୋବିନ୍ଦ ଆନନ୍ଦରେ ଶୁଣୁଥିଲେ । ଜନାବାଈ ସଙ୍ଗେ ଗହମ ଚୂରିବାରେ ତାଙ୍କୁ ଅତି ଆନନ୍ଦ ବୋଧ ହେଉଥିଲା । ଧନା ଜାଠର ଗାଈ ନ ଦୁହିଁଲେ ତାଙ୍କୁ ତୃପ୍ତି ହେଉ ନ ଥିଲା । ଭକ୍ତର ପ୍ରେମରେ ସେ ସମସ୍ତ ଐଶ୍ୱର୍ଯ୍ୟ ଭୁଲି ଯାଉଥିଲେ । ଯଥାର୍ଥରେ ମନୁଷ୍ୟ ପରମାନନ୍ଦ, ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ କରେ ଏବଂ ସମସ୍ତ ସଂସାରରୁ ତଥା ତ୍ରୈଲୋକ୍ୟରୁ ନିର୍ଭୟ ହୁଏ ଭଗବାନଙ୍କର ପ୍ରାପ୍ତିରେ । ଭଗବତ୍ ପ୍ରାପ୍ତି ଛଡ଼ା ମନୁଷ୍ୟ ସଂସାରରେ ସବୁକିଛି ପାଇଥିଲେ ସୁଦ୍ଧା କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷରୂପ ଅଗ୍ନିରେ ଦିବାଶର୍ବରୀ ଦଗ୍‌ଧ ହେଉଥାଏ; ଯଥାର୍ଥ ସୁଖରୁ ବହୁ ଦୂରରେ ଥାଏ ।

## ସାଧନା

ଲୀଳାବତୀ ନିଜ ଅତୀତ ଜୀବନ ପାଇଁ ଘୋର ଅନୁତାପ କଲା । ଏତେ ଦିନ ଭଗବାନଙ୍କ ସ୍ମରଣ, ଚିନ୍ତନ ବିନା ବ୍ୟତୀତ ହେଲା, ଏହା ଭାବି ତା'ର ହୃଦୟ ଦଗ୍‌ଧ ହେବାକୁ ଲାଗିଲା, ତା ନେତ୍ରରୁ ଅଶ୍ରୁଧାରା ପ୍ରବାହିତ ହୋଇ ହୃଦୟକୁ ସିକ୍ତ କରିଦେଲା । ଯଥାର୍ଥ ଅନୁତାପ ହୃଦୟକୁ ନିର୍ମଳ କରିବାରେ ଅମୋଘ ଉପାୟ । ଯେବେ ମନୁଷ୍ୟ ଭୋଗବିଳାସ, ବିଷୟରେ ମୋହିତ ହୋଇ ଭଗବାନଙ୍କୁ ଭୁଲିଯାଏ, ଦୁଃଖଦ୍ୱନ୍ଦ୍ୱରୂପ ନିଦାରୁଣ ବେତ୍ରାଘାତରେ ସେ ସଚେତ ହୁଏ । ସେ ଅନୁତାପ ରୂପ ତୀର୍ଥଜଳରେ ସ୍ନାନ କରି ପବିତ୍ର ହୁଏ । ତେବେ ନିଜ ଭ୍ରମ ସେ ବୁଝିପାରେ । ସେ କହେ, ''ହେ ଭଗବାନ୍, ସୁନ୍ଦର ଜିହ୍ୱା ପାଇ ତୁମ

ଗୁଣଗାନ କରିପାରି ନାହିଁ, ଶ୍ରବଣ ପାଇ ତୁମ ଗୁଣ ଚରିତ ଶୁଣି ନାହିଁ, ହସ୍ତ ପାଇ ତୁମ ସେବାରୁ ବିମୁଖ ହୋଇଛି, ପାଦ ପାଇ ତୁମ ଭକ୍ତ ସନ୍ଥଙ୍କ ଦର୍ଶନ ବା ସ୍ପର୍ଶ ପାଇ ପବିତ୍ର ହେବାକୁ ଯାଇ ନାହିଁ । କେବଳ ଏହି କ୍ଷଣଭଙ୍ଗୁର, ନଶ୍ୱର ଶରୀରର ପାଳନପୋଷଣ, ବାସନାକାମନା ତୃପ୍ତି ସକାଶେ ସମସ୍ତ ଜୀବନ ବ୍ୟର୍ଥରେ ନଷ୍ଟ କରିଛି । ହେ ଦୟାମୟ, ଏବେ ତୁ ନିଜ କରୁଣାରେ ଏହି ଅଧମ ପାପୀକୁ ଉଦ୍ଧାର କର ।'' ମନୁଷ୍ୟ ଯେବେ ସତ୍ୟ ଭାବରେ ବ୍ୟାକୁଳ ହୋଇ ଭଗବାନଙ୍କୁ ଡାକେ ସେ ତତ୍‌କ୍ଷଣାତ୍ ଶୁଣନ୍ତି ଏବଂ ଅଭୟ ବାହୁର ଆଶ୍ରୟ ଦେଇ ନିର୍ଭୟ ପ୍ରଦାନ କରନ୍ତି ।

ଲୀଳାବତୀର ଜୀବନଧାରା ବିପରୀତ ଦିଗକୁ ପ୍ରବାହିତ ହେବାର ସୁଯୋଗ ଆସିଛି । ଲୀଳାବତୀ ଅତୀତ ଜୀବନ ସକାଶେ ପଶ୍ଚାତ୍ତାପ ଏବଂ ବର୍ତ୍ତମାନ ପ୍ରଭୁଙ୍କ ଦୟା ଦେଖି ଭଗବାନଙ୍କ ପ୍ରତି କୃତଜ୍ଞତାରେ ତା' ହୃଦୟ ବିଦୀର୍ଣ୍ଣ ହେଉଅଛି । ସେହି ସମୟରେ ତା'ର ଦାଣ୍ଡରେ ଜଣେ ସନ୍ଥ ଉଚ୍ଚସ୍ୱରରେ ଗାନ କରୁଛନ୍ତି :

''ରାମ କହତ ଚଲୋ, ରାମ କହତ ଚଲୋ,
ରାମ କହତ ଚଲୋ ବାଇ ରେ ।
ନାହିଁ ତୋ ଭବ ବେଗାରମହ ପରୀହେ
ଛୁଟତ ଅତି କଠିନାଇରେ ॥''
(ବିନୟ ପତ୍ରିକା– ତୁଳସୀଦାସ)

''ହେ ବାଇ, ହେ ପାଗଳ, ତୁ ରାମନାମ ସ୍ମରଣ କରି ଜୀବନନିର୍ବାହ କର । ଏପରି ନ କଲେ ଜନ୍ମମରଣରୂପ ସଂସାର-ବେଠିରେ ପଡ଼ିବୁ, ସେଥିରୁ ଉଦ୍ଧାର ହେବା ଖୁବ୍ କଠିନ ହୋଇ ପଡ଼ିବ ।''

ପ୍ରକୃତରେ ଏହି ଜନ୍ମମରଣ ଭୟଙ୍କର ଯନ୍ତ୍ରଣାଦାୟକ ବେଠି । ମନୁଷ୍ୟ



ସଂସାର-ବେଠିରେ ପଡ଼ିଲେ ଆଉ ସହଜରେ ମୁକ୍ତ ହେବାର ଉପାୟ ନ ଥାଏ । ଏହା ଭାଲୁ ପରି ନିର୍ଦୟଭାବେ ମନୁଷ୍ୟକୁ ଚିରି ଫାଡ଼ି ତା' ପ୍ରାଣ ନେଇନିଏ । ଏଥିରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ହେଲା ଭଗବତ୍ ଭକ୍ତି ।

ଲୀଳାବତୀର ଅନ୍ତର୍ଦୃଷ୍ଟି ଖୋଲିଯାଇଛି । ଯାହାର ଅନ୍ତର୍ଦୃଷ୍ଟି ଖୋଲିଯାଏ, ସେ ଆନ୍ତର ଲୀଳାରେ ଏପରି ଆନନ୍ଦିତ ହୁଏ ଯେ ଫେର ବାହ୍ୟଦୃଷ୍ଟିରେ ସଂସାର ବସ୍ତୁ ଦେଖିବା ଅସହ୍ୟ ହୋଇଯାଏ । ଲୀଳାବତୀ ବାଳ-ଗୋପାଳଙ୍କର ଗୋଟିଏ ସ୍ୱର୍ଣ୍ଣ ପ୍ରତିମା ତିଆରି କରାଇ ପ୍ରାଣପ୍ରତିଷ୍ଠା କରାଇ ନିଜ ଘରେ ରଖି ତାଙ୍କ ସେବା-ପୂଜାରେ ସମସ୍ତ ସମୟ ବ୍ୟତୀତ କଲା । ସେ ପ୍ରାତଃକାଳରୁ ଉଠି ଶୌଚ ସ୍ନାନ ସମାପ୍ତ କରି ଠାକୁରଙ୍କ ଗୃହରେ ପ୍ରବେଶ କରେ । ଧାତୁ ପ୍ରତିମାରେ ସେ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କ ଉପଲବ୍ଧି କରେ । ପ୍ରାତଃକାଳରେ ତାଙ୍କର ନିଦ୍ରାଭଙ୍ଗ ପାଇଁ ସେ ପ୍ରେମରେ ଗୀତ ଗାଏ । ଛୋଟ ଶିଶୁ ଭାବି ପ୍ରଥମେ ତାଙ୍କୁ କ୍ଷୀରପାନ କରାଇ ପରେ ସୁବାସିତ ଜଳରେ ସ୍ନାନ କରାଏ । ବସ୍ତ୍ର ପିନ୍ଧାଇ ବହୁପ୍ରକାର ଅଳଙ୍କାରରେ ବିଭୂଷିତ କରେ । ମସ୍ତକର ଛୋଟ ଛୋଟ କେଶରେ ଅତର ଲଗାଇ ସୁନ୍ଦରଭାବେ କୁଣ୍ଡେଇ ଦିଏ । ଆଖିରେ କଜ୍ଜଳ, ଲଲାଟରେ ତିଳକ ଲଗାଇ ସୁନ୍ଦର ପୁଷ୍ପମାଳ ପିନ୍ଧାଇ ଦିଏ । ପରେ ସରଲବଣି, ମିଷ୍ଟାନ୍ନ ଖୁଆଇ ଦେଇ ଆଳତି ଉତାରେ । ବାଳଗୋପାଳ ଖାଇପିଇ ସୁସ୍ଥ ହେଲେ କୋଳରେ ନେଇ ଗେଲ କରି ମୁଖରେ ଚୁମ୍ବନ ଦେଇ କୋଳରେ ଶୁଆଇ ଦିଏ । ଏହା ଦ୍ୱାରା ଲୀଳାବତୀର ପ୍ରତିମା ପୂଜା ସହ ମାନସିକ ପୂଜା ଚାଲୁଥାଏ । ଅର୍ଥାତ୍ ହାତରେ ପ୍ରତିମା ପୂଜା କରେ, ମନରେ ନିଜ ହୃଦୟ-ମନ୍ଦିରରେ ମନର କଳ୍ପନାରେ ମାନସିକ ପୂଜା କରୁଥାଏ ।

ଏହାପରେ ସେ ଘର କାର୍ଯ୍ୟରେ ଲାଗେ । ବାଳଗୋପାଳଙ୍କୁ ହୃଦୟମନ୍ଦିରରେ ରଖି ତାଙ୍କ ସହିତ ବହୁପ୍ରକାର ଲୀଳା କରେ ମାନସ କଳ୍ପନାରେ । ଗୋପାଳଜିଙ୍କ ସେବା ଭାବନାରେ ହାତରେ ଘର ପହଁରେ, ଚୌକା ଲଗାଏ, ପରିବା କାଟେ, ରୋଷେଇ କରେ । ସେ ଭାବେ ଏହି ଘର ଗୋପାଳଜିଙ୍କ

ମନ୍ଦିର, ଏହି ସମସ୍ତ କାମ ମନ୍ଦିରର ସେବା । ସେ ସବୁ ସମୟରେ ଗୋପାଳଜିଙ୍କ ବାଲ୍ୟଲୀଳାରେ ବିଭୋର ଥାଏ । ସେ ଏତେ କାମ କରିବା ସତ୍ତ୍ୱେ ଟିକିଏ ବି ଥକେ ନାହିଁ । ମନୁଷ୍ୟ କାମରେ ଥକେ ନାହିଁ, ମନରେ ଥକେ । ତା' ମନ ଗୋପାଳଜିଙ୍କ ଲୀଳାରେ ଆନନ୍ଦବିଭୋର ହୋଇଥାଏ, ସେ ଥକିବ କାହିଁକି ? ମନୁଷ୍ୟ ସଂସାରମୋହରେ ବଶ ହୋଇ କର୍ମ କରେ । ସେହି କର୍ମର ଫଳ ଭୋଗିବା ପାଇଁ ଜନ୍ମ-ମୃତ୍ୟୁ-ଚକ୍ରରେ ଭ୍ରମୁଥାଏ; କର୍ମରୁ ଛୁଟି ମିଳେ ନାହିଁ । କିନ୍ତୁ ସେହି କର୍ମ ଭଗବତ୍ ସେବାରୂପେ କଲେ ସେଥିରେ ପରମ ଆନନ୍ଦ ମିଳେ ତଥା ସେହି କର୍ମ ଜନ୍ମମରଣ-ଦ୍ୱନ୍ଦ୍ୱରୁ ଉଦ୍ଧାର କରେ ।

ଲୀଳାବତୀର ଗୃହକାର୍ଯ୍ୟ, ପତିସେବା, ପିଲାଙ୍କ ଲାଳନପାଳନରେ କୌଣସି ତ୍ରୁଟି ନ ଥାଏ, ବହୁତ ଉତ୍ସାହ ସହ ସେ ଏସବୁ କରେ । ନିରନ୍ତର ତା' ରସନା ଶ୍ରୀକୃଷ୍ଣଙ୍କ ନାମାମୃତ ପାନ କରୁଥାଏ, ହୃଦୟରେ ଶ୍ରୀକୃଷ୍ଣଙ୍କ ବାଲ୍ୟଚପଳ ଲୀଳା ତା' ମନକୁ ଅଧିକାର କରି ରଖିଥାଏ । ସେ ନିୟମିତ ରୂପେ ବିଷ୍ଣୁସହସ୍ରନାମ ପଢ଼େ । ଏହି ଭଗବତ୍ ଲୀଳା, ନାମଜପର ସ୍ୱାଦ ଥରେ ମିଳିଗଲେ ବ୍ୟକ୍ତି ଆଉ ଛାଡ଼ିପାରେ ନାହିଁ । କ୍ରମଶଃ ତାହା ବୃଦ୍ଧି ହେଉଥାଏ ।

## ଭଗବତ୍ ପ୍ରାପ୍ତି

ଲୀଳାବତୀର ଅନ୍ତର୍ମୁଖୀ ବୃତ୍ତି କ୍ରମଶଃ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ସେ ଶରୀରରେ ବାଳଗୋପାଳଙ୍କ ସକାଶେ କାମ କରୁଥାଏ, ନିଜ ହୃଦୟ-ମନ୍ଦିରରେ ବାଳଗୋପାଳଙ୍କୁ ମାନସ ପୂଜାରେ କେତେବେଳେ ପୟଃପାନ କରାଏ, କେବେ ଝୁଲଣାରେ ଝୁଲାଏ, କେବେ ମସ୍ତକର ଛୋଟ ଛୋଟ ବାଳ କୁଣ୍ଡାଇ, ପୀତ ଝିଙ୍ଗୁଲି ପିନ୍ଧାଇ, ଆଖିରେ କଜ୍ଜ୍ୱଳ ଦେଇ ସୁନ୍ଦର ମୁଖକୁ ଦେଖି ଆନନ୍ଦରେ ବିଭୋର ହୋଇଯାଏ । ଲୀଳାବତୀର ପୁତ୍ରକନ୍ୟା ବଡ଼ ବଡ଼ ହୋଇଯାଇଥିଲେ । ପତିଦେବ ତା'ର ଭକ୍ତିଭାବରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ



ଏବଂ ହୃଦୟରେ ଦେବୀରୂପେ ସମ୍ମାନ କରୁଥିଲେ । ସେ ବରାବର ତା'ର ଭକ୍ତିଭାବ ବୃଦ୍ଧି ହେବାରେ ସାହାଯ୍ୟ କରୁଥିଲେ । ଲୀଳାବତୀର ଘରର ଦାୟିତ୍ୱ ନ ଥିଲା, ଭଗବତ୍ ଭକ୍ତିରେ ମନର ଦ୍ୱନ୍ଦ୍ୱ ନିବୃତ୍ତ ହୋଇସାରିଥିଲା । ଏକମାତ୍ର ଲାଳସା ଥିଲା ବାଳଗୋପାଳଙ୍କ ବାତ୍ସଲ୍ୟଲୀଳା-ସମୁଦ୍ରରେ ବୁଡିଯିବାକୁ, ଏକେବାରେ ଲୀନ ହୋଇଯିବାକୁ ।

ଭଗବାନ୍ ବାଞ୍ଛା କଳ୍ପତରୁ । ଭକ୍ତ ଯେତେବେଳେ ଭଗବାନ୍ ତଥା ଭଗବାନଙ୍କ ସହିତ ଧନସମ୍ପତ୍ତି, ମାନଯଶଃ ଚାହେଁ, ସେତେବେଳେ ଭଗବାନ୍ ତା'ର ଚାହିଁବା ବସ୍ତୁ ଦେଇ ଦୂରରେ ଥାଆନ୍ତି । ଯେବେ ଭକ୍ତ ସବୁକିଛି ଛାଡ଼ି କେବଳ ଭଗବାନଙ୍କୁ ଚାହେଁ, ସେତେବେଳେ ଭଗବାନ୍ ଭକ୍ତର ଅଧୀନ ହୋଇଯା'ନ୍ତି । ତା' ପାଖରେ ରହି ତା' ମନ ଯୋଗାଉଥାନ୍ତି ।

ଲୀଳାବତୀଙ୍କ ମନ-ଭ୍ରମର ବାଳଗୋପାଳଙ୍କ ଲାଳିତ୍ୟ ବାଳଲୀଳା-କମଳ-ବନରେ ନିରନ୍ତର ଭ୍ରମଣ କରୁଥାଏ । ଭକ୍ତ ମାନସିକ ଲୀଳାରେ ମଗ୍ନ ହେବା ପରେ ପ୍ରତ୍ୟକ୍ଷ ଲୀଳା ସକାଶେ ବ୍ୟାକୁଳ ହୋଇପଡ଼େ । ଲୀଳାବତୀ ଆଉ ମାନସିକ ଲୀଳାରେ ସନ୍ତୁଷ୍ଟ ହେଲା ନାହିଁ । ପ୍ରତ୍ୟକ୍ଷରୂପେ ବାଳଗୋପାଳଙ୍କୁ କ୍ଷୀରପାନ କରାଇବା ପାଇଁ ତା'ର ହୃଦୟ ବ୍ୟାକୁଳ ହୋଇପଡ଼ିଲା ।

ଦେବୋତ୍ଥାନ ଏକାଦଶୀର ରାତି । ଘରେ ଶ୍ରୀ ବାଳକୃଷ୍ଣ ପ୍ରତିମାକୁ ସୁନ୍ଦର ବସ୍ତ୍ର ପିନ୍ଧାଇ, ଅଳଙ୍କାର ଏବଂ ପୁଷ୍ପରେ ମଣ୍ଡନ କରା ହୋଇଥିଲା । ପ୍ରେମୀ ଭକ୍ତ ମିଳି ବାଳକୃଷ୍ଣଙ୍କ ବାଳଲୀଳା ସୁସ୍ୱରରେ ତାଳ ବାଦ୍ୟ ସହ ଗାନ କଲେ । ସମସ୍ତ ବ୍ୟକ୍ତି ପ୍ରେମଭକ୍ତିରେ ବିଭୋର ହୋଇଥିଲେ । ଭୋଗ ଲଗାହେଲା, ଆଳତି ହେଲା, ଶେଷରେ ଗୋପାଳଜିଙ୍କ ଚରଣାମୃତ ତଥା ପ୍ରସାଦ ବିତରଣ ହେଲା । ପରେ ସବୁ ଲୋକ ଆନନ୍ଦରେ ନିଜ ନିଜ ଘରକୁ ଚାଲିଗଲେ । ଲୀଳାବତୀର ପତି ତଥା ପୁତ୍ରକନ୍ୟା ଭୋଜନ କଲେ । କିନ୍ତୁ ଲୀଳାବତୀର ପ୍ରଗାଢ଼ ପ୍ରେମବିଭୋର ଅବସ୍ଥା ଦେଖି ତା'ର ଭୋଜନ ସକାଶେ କେହି ଆଗ୍ରହ କଲେ ନାହିଁ । ଲୀଳାବତୀର ତୀବ୍ର ଇଚ୍ଛା ହେଲା ବାଳଗୋପାଳଙ୍କୁ ପ୍ରତ୍ୟକ୍ଷରୂପେ

ନିଜ ସ୍ତନ୍ୟ ପାନ କରାଇବା ପାଇଁ । ବାଳଗୋପାଳ ଲୀଳାବତୀର ପ୍ରେମ-ପାଶରେ ବନ୍ଦୀ ଥିଲେ । ସେ ତା’ ମନସ୍କାମନା ପୂର୍ଣ୍ଣ ନ କରି ରହିପାରିଲେ ନାହିଁ । ଲୀଳାବତୀ ପ୍ରେମରେ ବାହ୍ୟଜ୍ଞାନ ଶୂନ୍ୟା ହୋଇ ଗୋପାଳଜିଙ୍କୁ କୋଳରେ ଧରି କ୍ଷୀରପାନ କରାଇବା ପାଇଁ ହସ୍ତ ପ୍ରସାର କରି ରଖିଅଛି । ସିଂହାସନରେ ଥିବା ବାଳଗୋପାଳଙ୍କ ସୁବର୍ଣ୍ଣ ପ୍ରତିମା ପ୍ରତ୍ୟକ୍ଷ ବାଳଗୋପାଳରେ ପରିଣତ ହୋଇଗଲେ । ଗୋଡ଼ହାତ ହଲାଇ ଅସ୍ପଷ୍ଟ ଶବ୍ଦରେ କିଛି କହିବାକୁ ଲାଗିଲେ । ତାଙ୍କରି ଶବ୍ଦରେ ଲୀଳାବତୀର ପ୍ରେମ-ସମାଧି ଭାଙ୍ଗିଗଲା ଏବଂ ସେ ଆଖି ଖୋଲି ବାଳଗୋପାଳଙ୍କ ସୁନ୍ଦର ବାଳକ ରୂପର ହାସ୍ୟ ମୁଖ ଦେଖି ନିଜର ତନ, ମନ, ଶରୀର, ସର୍ବସ୍ୱ ସମର୍ପଣ କରିଦେଲେ । ତା’ର ହୃଦୟର ପ୍ରେମ-ସ୍ରୋତ ତା’ର ଜନ୍ମାନ୍ତରର କଳୁଷକୁ ଧୋଇଦେଲା । ସେ ଆତ୍ମହରା ହୋଇ ବାଳଗୋପାଳଙ୍କୁ ଉଠେଇ କୋଳରେ ଧରି କ୍ଷୀରପାନ କରାଇଲା । ଗୋପାଳଜିଙ୍କ ମୁଖରେ ସ୍ତନ ଦେବା ମାତ୍ରେ କ୍ଷୀର ବୋହିବାକୁ ଲାଗିଲା । ସେଥିରେ ଲୀଳାବତୀର ବକ୍ଷସ୍ଥଳ ତଥା ବସ୍ତ୍ର ଓଦା ହୋଇଗଲା । ଲୀଳାବତୀ ବାଳଗୋପାଳଙ୍କୁ କୋଳରେ ଧରି ପ୍ରେମାନନ୍ଦରେ ସମାଧିସ୍ଥ ହୋଇଗଲା । ସେ ସେହି ଦିବ୍ୟ ସମାଧିରେ ଏକେବାରେ ନିମଗ୍ନ ରହିଲା, ଆଉ ତା’ର ସେ ସମାଧି ଭଙ୍ଗ ହେଲା ନାହିଁ ।

ତହିଁଆର ଦିନ ଲୀଳାବତୀ ସମାଧି ଅବସ୍ଥାରେ ବାଳଗୋପାଳଙ୍କୁ କ୍ଷୀରପାନ କରାଉଥିବାର ସମସ୍ତ ବ୍ୟକ୍ତି ଦେଖିଲେ । କିନ୍ତୁ ସେମାନେ ଶ୍ରୀକୃଷ୍ଣଙ୍କର ବାସ୍ତବ ବାଳସ୍ୱରୂପ ଦେଖିପାରିଲେ ନାହିଁ, ଦେଖିଲେ ଶ୍ରୀକୃଷ୍ଣଙ୍କ ସୁବର୍ଣ୍ଣ ପ୍ରତିମା । ଲୀଳାବତୀ ସେହି ପ୍ରେମ-ସମାଧିରେ ନଶ୍ୱର ଶରୀର ତ୍ୟାଗ କରି ଗୋଲୋକରେ ବାଳଗୋପାଳଙ୍କ ସେବା ପ୍ରାପ୍ତ ହେଲା ।

ବୋଲ ଭକ୍ତ ଆଉ ଭକ୍ତବତ୍ସଳ ଭଗବାନଙ୍କର ଜୟ ।

(‘ମହିଳା-ରତ୍ନ’ ଆଧାରରେ ଲିଖିତ)

# ଭକ୍ତିମତୀ ହସିନା ଓ ହମିଦା

ଭଗବାନଙ୍କ ଭକ୍ତିର ଅଧିକାରୀ ସମସ୍ତ ପ୍ରାଣୀ । ସେ ପୁରୁଷ ହେଉ ବା ସ୍ତ୍ରୀ ହେଉ । ଶରୀରରେ କେବଳ ଭିନ୍ନତା । ଶରୀରରେ ସ୍ଥିତ ଆତ୍ମା ଏକ, ଭଗବାନଙ୍କ ଦିବ୍ୟତତ୍ତ୍ୱର ଅଂଶ ଅଥବା ପ୍ରତିଭୂ । ଆତ୍ମା ଦିବ୍ୟ, ସେ ବିକୃତ ମନ-ପ୍ରାଣ-ଶରୀରର ଆଶ୍ରୟରେ ଏହି ପୃଥିବୀକୁ ଆସିଥାଏ ମନ-ପ୍ରାଣ-ଶରୀରକୁ ନିଜ ଦିବ୍ୟତ୍ୱରେ ରୂପାନ୍ତର କରି ଭଗବାନଙ୍କୁ ପ୍ରଘଟ କରିବା ସକାଶେ । କିନ୍ତୁ ଭଗବତ୍ ମାୟା ପ୍ରବଳ । ମନୁଷ୍ୟ ମୋହଗ୍ରସ୍ତ ହୋଇ ନିଜ ଯଥାର୍ଥ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ଛାଡ଼ି ବିଷୟରେ ଭ୍ରମି ଦୁଃଖ-ଯାତନା ଭୋଗ କରେ । କିନ୍ତୁ ଭଗବାନ୍ କରୁଣାସିନ୍ଧୁ । ତାଙ୍କ କୃପାଦୃଷ୍ଟି ଯେଉଁ ପ୍ରାଣୀ ଉପରେ ପଡ଼େ ସେ ଭଗବତ୍ ଭକ୍ତି ଦ୍ୱାରା ମୋହ-ଆବରଣରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତ କରି ଜନ୍ମମରଣର ଘୋର ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ।

ଭାରତରୁ ବହୁଦୂର ଆରବ ଦେଶରେ ହସିନା ଓ ହମିଦା ନାମକ ଦୁଇ କନ୍ୟା ଜନ୍ମଗ୍ରହଣ କରି ସେମାନେ କିପରି ଶ୍ରୀକୃଷ୍ଣଙ୍କ ଭକ୍ତି ପ୍ରାପ୍ତ କରି ଜନ୍ମ-ମରଣ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଥିଲେ ଆଜି ସେହି ବିଷୟ ଆଲୋଚନା କରିବା ।

ଆରବ ଦେଶରେ ଖସ ନାମରେ ଗୋଟିଏ ବିରାଟ କୁଟୁମ୍ବ ଅଥବା ଜାତି ଥିଲା । ତା’ର ସର୍ଦାର ଥିଲେ ବାଣିଜ୍ୟରେ ଦକ୍ଷ, ଧନଧାନ୍ୟସମ୍ପନ୍ନ, ଐଶ୍ୱର୍ଯ୍ୟଶାଳୀ, ସମ୍ଭ୍ରାନ୍ତ ବ୍ୟକ୍ତି । କିନ୍ତୁ ସେ ଥିଲେ ଈଶ୍ୱରଭକ୍ତ । ତାଙ୍କର ଧର୍ମପତ୍ନୀଙ୍କ ଗର୍ଭରୁ ସର୍ବସଦ୍‌ଗୁଣସଂପନ୍ନା କନ୍ୟାଟିଏ ଜନ୍ମଗ୍ରହଣ କରିଥିଲା । ତା’ ନାମ ରଖାଯାଇଥିଲା ହସିନା । ହସିନାର ରୂପ ଯେପରି ସୁନ୍ଦର, ଗୁଣ ସେହିପରି ପ୍ରଶଂସନୀୟ । ତୁଳସୀ ଦୁଇପତ୍ରରୁ ବାସେ । ହସିନାର ସଦ୍‌ଗୁଣ ବାଲ୍ୟାବସ୍ଥାରୁ ପ୍ରକାଶ ହେବାକୁ ଲାଗିଲା । ସୁନ୍ଦର ରୂପରେ ସଦ୍‌ଗୁଣ ପ୍ରକାଶ ହେଲେ ସୁନାରେ ସୁଗନ୍ଧ ସଦୃଶ ଲୋକପ୍ରିୟ ହୁଏ । ବାଲ୍ୟାବସ୍ଥାରେ ହସିନାର

ମୃଦୁହାସ୍ୟ ଥରେ ଯେଉଁ ବ୍ୟକ୍ତି ଦେଖେ, ସେ ତାକୁ ଭୁଲିପାରେ ନାହିଁ । ହସିନାର ସମବୟସ୍କା ହମିଦା ନାମରେ ଗୋଟିଏ ସଖୀ ଥିଲା । ସେ ଦୁଇଜଣଙ୍କର ରୂପରେ ଯେପରି ସାଦୃଶ୍ୟ, ଗୁଣରେ ମଧ୍ୟ ସେହିପରି । ଦୁଇଜଣଙ୍କ ମଧ୍ୟରେ ଘନିଷ୍ଠ ମିତ୍ରତା ଥିଲା । ଖାଇବା-ପିଇବା, ଲେଖିବା-ପଢ଼ିବା, ବୁଲିବା-ଚାଲିବାରେ ଦୁଇଜଣଙ୍କର ଅନ୍ତର ନ ଥିଲା । ସେମାନେ ସନ୍ଧ୍ୟା ସମୟରେ ସମୀପସ୍ଥ ପୁଷ୍ପ ବାଟିକାରେ ବୁଲନ୍ତି, ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି ଏବଂ ଖେଳନ୍ତି । ସେଠାରୁ ଫେରି ହସିନାର ପିତାଙ୍କ ମୁଖରୁ ''ଅମରିଲ କୈସ'' ନାମକ ଧର୍ମଗ୍ରନ୍ଥ ମନୋଯୋଗ ସହକାରେ ଶୁଣନ୍ତି । ପିତାମାତାଙ୍କ ଆଚରଣର ପ୍ରଭାବ ତଥା ଅଧ୍ୟାତ୍ମ ଗ୍ରନ୍ଥ ଶ୍ରବଣ ଦ୍ୱାରା ସେମାନଙ୍କ ମଧ୍ୟରେ ବାଲ୍ୟକାଳରୁ ଭଗବତ୍ ଭକ୍ତି ଉତ୍ପନ୍ନ ହେଲା ଏବଂ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ର ବିକାଶ ମଧ୍ୟ ହେଲା ।

ସମୟ ବସି ରହେ ନାହିଁ । ଦେଖୁ ଦେଖୁ ହସିନା, ହମିଦାର ବୟସ ସତର, ଅଠର ହୋଇଗଲା । ସେହି ସମୟରେ ଭାରତରୁ ଶ୍ରୀକୃଷ୍ଣପ୍ରେମୀ ଭକ୍ତ କେତେଜଣ ଆରବ ଭ୍ରମଣ କରିବାକୁ ଯାଇଥିଲେ । ଦୈବଯୋଗରେ ହସିନାର ପିତାଙ୍କ ସହିତ ସେମାନଙ୍କର ଦେଖାହେଲା । ସେ ସେମାନଙ୍କୁ ବହୁତ ଆଦର ସତ୍କାରରେ ନିଜ ଘରକୁ ଡାକିଆଣିଲେ । ପରସ୍ପର ମଧ୍ୟରେ ହେଲା ଭଗବତ୍ ଚର୍ଚ୍ଚା । ଭାରତୀୟ ଭକ୍ତମାନେ ଶ୍ରୀକୃଷ୍ଣପ୍ରେମରେ ବିଭୋର ହୋଇ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ମଧୁର ଲୀଳା କହିବାକୁ ଲାଗିଲେ । ହସିନା, ହମିଦା ମଧ୍ୟ ପିତାଙ୍କ ସହିତ ବସି ଶୁଣୁଥିଲେ । ସେମାନେ ଶ୍ରୀକୃଷ୍ଣଙ୍କ ବୃନ୍ଦାବନଲୀଳା ଶୁଣି ଏକେବାରେ ତନ୍ମୟ ହୋଇଗଲେ । ସେମାନଙ୍କ ବାହ୍ୟଜ୍ଞାନ ଲୋପ ପାଇଗଲା । ସେମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ନିଜ ଅନ୍ତରର ଗଭୀରତାରେ ବୁଡ଼ିଗଲେ । ସେମାନଙ୍କ ଅନ୍ତରରୁ କେହି କହିଲା, ''ତୁମ୍ଭେ ବୃନ୍ଦାବନ ଚାଲ ।''

ସତ୍‌ସଙ୍ଗ ସମାପ୍ତ ହେଲା । ହସିନାର ପିତା ଭାରତୀୟ ଭକ୍ତମାନଙ୍କୁ ଆଦର ସତ୍କାର ସହ ବିଦାୟ ଦେଲେ । କିନ୍ତୁ ହସିନା, ହମିଦାର ଅବସ୍ଥା ସେହି ସମୟରୁ ଏକେବାରେ ପରିବର୍ତ୍ତିତ ହୋଇଗଲା । ସେମାନଙ୍କ ନେତ୍ରରୁ ଅନବରତ



ପ୍ରେମାଶ୍ରୁ ବୃଷ୍ଟି ହେଉଥାଏ । ସେମାନେ ଯେଉଁଠି ବସନ୍ତି, ''ହା ନାଥ, ହା ପ୍ରାଣନାଥ, ହା ଶ୍ରୀକୃଷ୍ଣ'', ଏହିପରି କହି ବ୍ୟାକୁଳ ହୋଇପଡ଼ନ୍ତି । ଶ୍ରୀକୃଷ୍ଣଙ୍କ ଦର୍ଶନ-ଉତ୍କଣ୍ଠା ଦିନକୁ ଦିନ ତୀବ୍ରଭାବେ ବଢ଼ିବାକୁ ଲାଗିଲା । ସେମାନେ ଶ୍ରୀକୃଷ୍ଣଙ୍କ ବିରହରେ ଭୋଜନ ତ୍ୟାଗ କରିଦେଲେ । ଶୀତ, ଗ୍ରୀଷ୍ମର ଧାରଣା ରହିଲା ନାହିଁ, ଶରୀର କ୍ଷୀଣ ହେବାକୁ ଲାଗିଲା । ଶରୀରରେ ରହିଲା ଅସ୍ଥିଚର୍ମ । ସେମାନଙ୍କୁ ନିଜ ପିତାମାତାମାନେ ବହୁତ ବୁଝାଇବା ସତ୍ତ୍ୱେ କୌଣସି ପରିବର୍ତ୍ତନ ଆସିଲା ନାହିଁ । ଏଥିରେ ପିତାମାତାମାନେ ବହୁତ ଚିନ୍ତିତ ହେଲେ । ଦିନେ ହସିନା ନିଜ ପିତାଙ୍କୁ କହିଲେ, ''ପିତା, ଯଦି ମୋତେ ସ୍ନେହ କର, ମୋର କଲ୍ୟାଣ ଚାହଁ, ମୋତେ ଜୀବିତ ରଖିବାକୁ ଚାହଁ, ତେବେ ମୋତେ ବୃନ୍ଦାବନରେ ପହଞ୍ଚାଇ ଦିଅ, ଅନ୍ୟଥା ଏ ଶରୀର ଆଉ ଅଧିକ ଦିନ ରହିବ ନାହିଁ ।'' ପ୍ରଥମରେ ପିତା ଏ ପ୍ରସ୍ତାବରେ ସମ୍ମତ ହେଲେ ନାହିଁ । ସେ ଥିଲେ ଭଗବତ୍ ଭକ୍ତ ଏବଂ ଉଦାରହୃଦୟ ବ୍ୟକ୍ତି । ସୁତରାଂ ଶେଷରେ କନ୍ୟାର ନିଷ୍କଳଙ୍କ ବୈରାଗ୍ୟ, ନିଷ୍କପଟ ଭଗବତ୍ ପ୍ରେମ ଦେଖି ସେମାନଙ୍କ ପ୍ରସ୍ତାବ ସ୍ୱୀକାର କଲେ । ଭାରତ ଯାଉଥିବା ଗୋଟିଏ ବାଣିଜ୍ୟ ଜାହାଜରେ ନିଜ ପୁତ୍ର ସହିତ ହସିନା ଓ ହମିଦାକୁ ବିଦାୟ ଦେବାର ପ୍ରସ୍ତାବ କଲେ । ହସିନା, ହମିଦା ନିଜ ନିଜ ପିତାମାତାଙ୍କ ଚରଣ ବନ୍ଦନ କରି ଶ୍ରୀକୃଷ୍ଣଙ୍କ ଦର୍ଶନାନନ୍ଦ ଅଭିଳାଷରେ ଭାଇ ସହିତ ଯାତ୍ରା କଲେ । ସେସମୟରେ ଆଗନ୍ତୁକମାନଙ୍କର ବହୁତ ଭିଡ଼ ହେଲା । ଜ୍ଞାତି, ବନ୍ଧୁବାନ୍ଧବ, ଇଷ୍ଟମିତ୍ର, ଅନ୍ୟାନ୍ୟ ଆଗନ୍ତୁକଙ୍କ ସହିତ ପିତାମାତା ସମୁଦ୍ର କୂଳସ୍ଥିତ ଜାହାଜ ଘାଟକୁ ବିଦାୟ ଦେବାକୁ ଆସିଲେ । ସମସ୍ତ ବ୍ୟକ୍ତିଙ୍କ ନେତ୍ର ଅଶ୍ରୁପୂର୍ଣ୍ଣ । ଜାହାଜ ଛାଡ଼ିବାର ସମୟ ଆସିଲା । ହସିନା ଓ ହମିଦା ପିତାମାତା ତଥା ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ଶେଷ ବିଦାୟ ନେଇ ଜାହାଜରେ ବସିଲେ । ଜାହାଜ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ଦର୍ଶକମାନେ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଥିଲେ, ପରେ ଆଖିରୁ ଲୁହ ବୁହାଇ ଘରକୁ ଫେରିଲେ ।

ବାଗ୍‌ଦାଦର ଗୋଟିଏ ସ୍ଥାନରେ ଜାହାଜ ଲାଗିଲା । ଶରତ୍ ଋତୁର

ଚାନ୍ଦିନୀ ରାତ୍ରି । ପ୍ରାକୃତିକ ମନୋମୁଗ୍‌ଧକର ଶୋଭା ଥିଲା ସେଠାରେ । ନିକଟରେ କୌଣସି ଗ୍ରାମ ନ ଥିଲା । ସମୁଦ୍ର ତଟସ୍ଥ ବନ ଉପବନ ବହୁତ ଶୋଭିତ ଥିଲା । ନାନାପ୍ରକାର ରଙ୍ଗ ବେରଙ୍ଗ ପୁଷ୍ପ ପ୍ରସ୍ଫୁଟିତ ହୋଇଥିଲା । ସେ ସ୍ଥାନ ଏପରି ରମଣୀୟ ଥିଲା ଯେ ଦେଖିବା ମାତ୍ରେ ମନ ମୁଗ୍‌ଧ ହୋଇ ଯାଉଥିଲା । ଜାହାଜରୁ ଉତରି ଯାତ୍ରୀମାନେ ନୌକା ଯୋଗେ କୂଳକୁ ଆସି ଆନନ୍ଦରେ ଭ୍ରମଣ କରିବାକୁ ଲାଗିଲେ । ହସିନା ଓ ହମିଦା ନିରନ୍ତର ଦିବ୍ୟ ବୃନ୍ଦାବନ ଶ୍ରୀକୃଷ୍ଣଙ୍କ ମାଧୁରୀ ଲୀଳାରେ ବିଭୋର ରହୁଥା'ନ୍ତି । ସେହି ପ୍ରାକୃତିକ ଶୋଭା ଦେଖି ସେମାନଙ୍କ ଅବସ୍ଥା ଆହୁରି ତୀବ୍ର ହୋଇଗଲା । ସେମାନେ ଗୋଟିଏ ଦୂର ଉପବନକୁ ଚାଲିଗଲେ । ସେମାନେ ଭାବାବେଶରେ ନିଜକୁ ଏକେବାରେ ଭୁଲିଗଲେ । ସେଠାକାର ଉପବନ ଦେଖିବା ମାତ୍ରେ ସେମାନଙ୍କର ବୃନ୍ଦାବନର ସ୍ମୃତି ତୀବ୍ରଭାବେ ଜାଗ୍ରତ୍ ହେଲା । ସେମାନେ ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ରାସଲୀଳାରେ ଏକେବାରେ ତନ୍ମୟ ହୋଇଗଲେ । ଶରୀରଜ୍ଞାନ ରହିଲା ନାହିଁ । ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ମହାରାସ ଲୀଳାରେ ସମ୍ମିଳିତ ହୋଇଗଲେ । ସେଥିରେ ସେମାନଙ୍କର ହୋଇଗଲା ପ୍ରେମ-ସମାଧି । ସେହି ସମାଧିରେ ରାତ୍ରି ସମାପ୍ତ ହୋଇଗଲା ।

ଏକେବାରେ ବୀଭତ୍ସ ଦୃଶ୍ୟ । ରକ୍ତାକ୍ତ ମୃତପିଣ୍ଡରେ ସ୍ଥାନ ପରିପୂର୍ଣ୍ଣ । ଜାହାଜ ଲାଗିବାର କିଛି ସମୟ ପରେ ଗୋଟିଏ ଡକାଏତ ଦଳ ଅସ୍ତ୍ରଶସ୍ତ୍ର ସହ ଆସି ଯାତ୍ରୀମାନଙ୍କୁ ଆକ୍ରମଣ କଲେ । ପରସ୍ପର ମଧ୍ୟରେ ହେଲା ଯୁଦ୍ଧ । କିନ୍ତୁ ଡକାଏତଙ୍କ ଦ୍ୱାରା ଯାତ୍ରୀ ତଥା ବେପାରୀମାନେ ମୃତ୍ୟୁମୁଖରେ ପଡ଼ିଲେ । ଡକାଏତମାନେ ସମସ୍ତ ଧନ ଲୁଟି ନେଇଗଲେ । କେବଳ ହସିନାର ଭାଇ ଏବଂ ଅଳ୍ପ କେତେ ଜଣ ପଳାଇଯାଇ ଜଙ୍ଗଲରେ ଲୁଚି ରହିଥିଲେ । ଡକାଏତମାନେ ଚାଲିଯିବା ପରେ ସେମାନେ ସେ ସ୍ଥାନକୁ ଆସି ଭୟଙ୍କର ହତ୍ୟାକାଣ୍ଡ ଦେଖି ଉଚ୍ଚ ଶବ୍ଦରେ କାନ୍ଦିବାକୁ ଲାଗିଲେ । ସେମାନଙ୍କ କ୍ରନ୍ଦନ ଶବ୍ଦରେ ହସିନା ଓ ହମିଦାର ପ୍ରେମ-ସମାଧି ଭଙ୍ଗ ହେଲା । ସେମାନେ ସେ ସ୍ଥାନକୁ ଆସି ମୃତପିଣ୍ଡକୁ ଦେଖିବା ମାତ୍ରେ ଶୋକରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ସେହି ନିକଟରେ ଆଉ



କେତେ ଡକାଏତ ଲୁଚି ରହିଥିଲେ ଏହି ଦୁଇ ସୁନ୍ଦରୀ କନ୍ୟାଙ୍କୁ ଦେଖି ବଳାତ୍କାର ଧରି ନେଇଯିବାକୁ ଚାହିଁଲେ । ସେମାନେ ଭୟଭୀତ ଏବଂ ତ୍ରାସିତ ହୋଇ ନିଜ ଇଷ୍ଟ ଭଗବାନଙ୍କୁ ସ୍ମରଣ କରି କାନ୍ଦିବାକୁ ଲାଗିଲେ । ଏ ଦୃଶ୍ୟ ଦେଖି ହସିନାର ଭାଇ ତଥା ଅନ୍ୟ ବଞ୍ଚିଥିବା ବ୍ୟକ୍ତିମାନେ ଚିତ୍କାର କଲେ । ଯେ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ, ତା'ର ଯୋଗକ୍ଷେମ ବହନ କରନ୍ତି ଭଗବାନ୍ । ତା' ସଙ୍ଗେ ରହନ୍ତି ଛାୟା ସଦୃଶ । ତାକୁ ସମସ୍ତ ଆପଦବିପଦରୁ ଉଦ୍ଧାର କରି ଇହଲୋକରେ ଦିଅନ୍ତି ସୁଖ, ଶାନ୍ତି, ପରମାନନ୍ଦ, ପରଲୋକରେ ଦିଅନ୍ତି ନିଜ ଶାଶ୍ୱତ ଦିବ୍ୟଲୋକରେ ବାସ । ଭଗବତ୍ ଆଶ୍ରିତକୁ କୌଣସି ଭୟ ନ ଥାଏ । ହସିନା, ହମିଦାର ବିଳାପ ତଥା ବଞ୍ଚି ରହିଥିବା ବ୍ୟକ୍ତିଙ୍କ ଆର୍ତ୍ତ ଚିତ୍କାର ଶୁଣି ସେଠାକାର ଦୂର ବାସିନ୍ଦା ଏବଂ ପୁଲିସ ସେ ସ୍ଥାନରେ ଉପସ୍ଥିତ ହେଲେ, ଅତ୍ୟାଚାରୀ ଆତତାୟୀ ଡକାଏତଙ୍କୁ ବନ୍ଦୀ କଲେ, ହାଜର କଲେ ବାଗ୍‌ଦାଦର ଖଲିଫାଙ୍କ ସମ୍ମୁଖରେ ।

ଖଲିଫା ଯେପରି ଧାର୍ମିକ, ନ୍ୟାୟବାନ୍, ସେହିପରି ଦୟାଳୁ । ଅବଳା ତଥା ଯାତ୍ରୀମାନଙ୍କ ଉପରେ ଅତ୍ୟାଚାର ଦେଖି ସେ ବିସ୍ମିତ ଏବଂ କୋପାନ୍ୱିତ ହେଲେ । ବନ୍ଦୀ ଡକାଏତଙ୍କଠାରୁ ସନ୍ଧାନ ପାଇ ଅବଶିଷ୍ଟ ଡାକୁଦଳକୁ ଧରି କଠୋର ଦଣ୍ଡ ଦେଲେ । ହସିନାର ଭାଇ ତଥା ଅନ୍ୟ ଲୋକଙ୍କଠାରୁ ସମସ୍ତ ଘଟଣା ବୁଝି ହସିନା, ହମିଦାକୁ ଯତ୍ନ ସହିତ ରହିବାର ସୁବ୍ୟବସ୍ଥା କରିଦେଲେ । ହସିନା, ହମିଦା ବୃନ୍ଦାବନ ଯିବା ବିଷୟ ଜାଣି ହସିନାର ଭାଇ ସମ୍ମୁଖରେ ଖଲିଫା ଏବଂ ତାଙ୍କ ସ୍ତ୍ରୀ ସେ ଦୁଇ କନ୍ୟାଙ୍କୁ ବହୁତ ବୁଝାଇ ଘରକୁ ଫେରିଯିବାକୁ ଅନୁରୋଧ କଲେ । କିନ୍ତୁ ସେମାନଙ୍କ ଦୃଢ଼ନିଷ୍ଠା ଦେଖି ସେମାନଙ୍କ ପ୍ରତି ତାଙ୍କର ସ୍ୱଭାବତଃ ଦୟା ଉପୂନ୍ନ ହେଲା । ହସିନାର ଭାଇ ତଥା ହସିନା, ହମିଦାକୁ ଗୋଟିଏ ଜାହାଜରେ ଭାରତ ପଠାଇଦେଲେ । ସେମାନଙ୍କ ରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ସୁସଜ୍ଜିତ କେତେକ ଯୁଦ୍ଧବିଶାରଦ ଯୋଦ୍ଧାଙ୍କୁ ମଧ୍ୟ ନିଯୁକ୍ତ କଲେ । ଭାରତଭୂମିରେ ପହଞ୍ଚି ହସିନା ଓ ହମିଦାର ଆନନ୍ଦର ସୀମା ରହିଲା ନାହିଁ । ସେମାନେ ଆନନ୍ଦରେ

ବ୍ରଜଧାମରେ ପହଞ୍ଚିଗଲେ । ହସିନାର ଭାଇ ତଥା ରକ୍ଷାରେ ଆସିଥିବା ସିପାହିମାନଙ୍କୁ ହସିନା, ହମିଦା ବହୁତ ଅନୁନୟ ବିନୟ କରି ବିଦାୟ ଦେଲେ । ସେମାନେ ଗଲେ ଜାହାଜ ଘାଟକୁ । ଏମାନେ ଶ୍ୟାମସୁନ୍ଦରଙ୍କ ଦର୍ଶନ ଆତୁରତାରେ ଆନନ୍ଦିତ ହୋଇ ବ୍ରଜ ମଧ୍ୟରେ ପ୍ରବେଶ କଲେ ।

ବ୍ରଜ ଶ୍ୟାମସୁନ୍ଦରଙ୍କ ଲୀଳାଭୂମି । ସେଠାରେ ଶ୍ୟାମସୁନ୍ଦରଙ୍କ ପ୍ରେମ ବିଚ୍ଛୁରିତ ହୋଇଅଛି । ସେ ଭୂମି ସ୍ପର୍ଶ କରିବା ମାତ୍ରେ ଭଗବତ୍‌ପ୍ରେମୀ ହୃଦୟରେ ପ୍ରେମ-ସ୍ରୋତ ଉଦ୍‌ବେଳିତ ହୋଇ ବ୍ୟକ୍ତିର ଚେତନାକୁ ପ୍ରବାହିତ କରିଦିଏ, ହୃଦୟ ପରିପୂର୍ଣ୍ଣ ହୋଇ ଅଶ୍ରୁ, ରୋମାଞ୍ଚ, କମ୍ପ, ପୁଲକରୂପେ ବାହାରେ ଉଛୁଳି ପଡ଼େ । ଏହି ଦଶା ହେଲା ହସିନା, ହମିଦାର । ବ୍ରଜରଜ ସ୍ପର୍ଶ କରିବା ମାତ୍ରେ ଦେହର ଶୁଦ୍ଧି ରହିଲା ନାହିଁ । ଆନନ୍ଦରେ ଉନ୍ମତ୍ତପ୍ରାୟ ହୋଇ ବ୍ରଜରଜରେ ଗଡ଼ିବାକୁ ଲାଗିଲେ । ନେତ୍ରରୁ ଅଶ୍ରୁପାତ ହେଲା । ଶରୀରରେ ରୋମାଞ୍ଚ, କମ୍ପ, ପୁଲକ, ହୃଦୟରେ ଶ୍ୟାମାଶ୍ୟାମଙ୍କ ମୁନିମନୋହାରୀ ସୁନ୍ଦର ରୂପ ।

ସେହି ଆନନ୍ଦରେ ଉନ୍ମତ୍ତ ହୋଇ ଭକ୍ତିମତୀ ହସିନା ହମିଦା ବୃନ୍ଦାବନରେ ଉପସ୍ଥିତ ହେଲେ । ଯମୁନାର କାଳିନ୍ଦୀହ୍ରଦରେ ସ୍ନାନ କରି ବିଶେଷ ଉତ୍ସାହରେ ଗୋଟିଏ ମନ୍ଦିର ପ୍ରାଙ୍ଗଣରେ ଉପନୀତ ହେଲେ । ଶ୍ୟାମସୁନ୍ଦରଙ୍କ ଦର୍ଶନ ଆଶାରେ ହୃଦୟ ବ୍ୟାକୁଳ । ବିଦେଶୀ କନ୍ୟାମାନଙ୍କ ଆଗମନର ଖବର ପାଇ ପୂଜାରୀ ବାହାରକୁ ଆସିଲେ । ବେଶଭୂଷାରୁ ଯବନ କନ୍ୟା ବୋଲି ଜାଣିବାରେ ପୂଜାରୀଙ୍କୁ ଅସୁବିଧା ହେଲା ନାହିଁ । କିନ୍ତୁ ଗୋମାଂସଭକ୍ଷୀ ଯବନ କନ୍ୟାଙ୍କୁ ମନ୍ଦିର ପ୍ରାଙ୍ଗଣରେ ଦେଖି ପୂଜାରୀଙ୍କ ହୃଦୟ ରାଗରେ ଜର୍ଜରିତ ହୋଇଗଲା । କେବଳ ନିରାଶ୍ରିତା ଅବଳା ଦେଖି ରାଗକୁ ସଂଯମ କରିବାକୁ ପଡ଼ିଲା । ସେମାନଙ୍କୁ ପଚାରି ସମସ୍ତ ଘଟଣା ଜାଣି ଆନନ୍ଦିତ ହେଲେ । ଭାବିଲେ, ‘‘ଯବନ କନ୍ୟା ହେଲେ କ’ଣ ହେଲା, ଏମାନେ ଭଗବଦ୍‌ଭକ୍ତ, କେତେ ଦୁଃଖ ସ୍ୱୀକାର କରି ଏଠାକୁ ଦର୍ଶନ ସକାଶେ ଆସିଛନ୍ତି । ଏହା ସତ୍ୟ । କିନ୍ତୁ ଜାତିରେ ଯବନ । ମନ୍ଦିରରେ ପ୍ରବେଶ ଶାସ୍ତ୍ରବିରୁଦ୍ଧ ।’’ ସେ କହିଲେ, ‘‘କନ୍ୟାମାନେ, ତୁମ୍ଭେମାନେ



ବଡ଼ ଭାଗ୍ୟବତୀ, ତୁମ୍ଭମାନଙ୍କ ହୃଦୟରେ ଭଗବତ୍ ଭକ୍ତି ଉତ୍ପନ୍ନ ହୋଇଅଛି । ଭଗବାନ୍ କେବଳ ଭକ୍ତି ପ୍ରିୟ । ସେ ଜାତିଫାତି ଦେଖନ୍ତି ନାହିଁ । ଆମ୍ଭେମାନେ ମନୁଷ୍ୟ । ଶାସ୍ତ୍ର ଅନୁସାରେ ଚଳୁ । ଏ ସକାଶେ ତୁମ୍ଭେମାନେ ମନ୍ଦିର ଭିତରକୁ ଆସିପାରିବ ନାହିଁ । ଅମୁକ ସ୍ଥାନରେ ମୁଁ ରହିବାର ବ୍ୟବସ୍ଥା କରିଦେବି, ସେଠାରେ ରହ, ଏଠାରେ ପ୍ରତିଦିନ ପ୍ରସାଦ ସେବନ କର ।’’ ସେମାନେ ହାତ ଯୋଡ଼ି ବିନୀତ ଭାବରେ କହିଲେ, ‘‘ମହାରାଜ, ଆମ୍ଭମାନଙ୍କୁ ଶ୍ରୀକୃଷ୍ଣଙ୍କ ଦର୍ଶନ ମିଳିବ ନାହିଁ ?’’ ପୂଜାରିଜି ଉତ୍ତର ଦେଲେ, ‘‘ଦର୍ଶନ ହେବ, ନିଶ୍ଚୟ ହେବ, ଭଗବାନ୍ ଶ୍ୟାମସୁନ୍ଦର ସ୍ୱୟଂ ଆସି ଦର୍ଶନ ଦେବେ, କିନ୍ତୁ ମନ୍ଦିରରେ ନୁହେଁ ।’’

ଏହା ଶୁଣି ସେମାନେ ଅତ୍ୟନ୍ତ ପ୍ରେମଭକ୍ତିଭରେ ମାଟିରେ ମସ୍ତକ ରଖି ପୂଜାରୀଙ୍କ ଚରଣରେ ପ୍ରଣାମ କଲେ । ସେଠାରୁ ବିଦା ହୋଇ ଯମୁନା କୂଳକୁ ଫେରିଆସିଲେ । ଯମୁନା ପୁଳିନରେ ଗୋଟିଏ କଦମ୍ବ ଗଛ ମୂଳରେ ବସିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ଲୀଳାରେ ଏକେବାରେ ତନ୍ମୟ ହୋଇଗଲେ । ବାହ୍ୟଜ୍ଞାନଶୂନ୍ୟ ହୋଇ ପ୍ରେମ-ସମାଧିରେ ବୁଡ଼ିଗଲେ । ଏହି ଅବସ୍ଥାରେ ଅର୍ଦ୍ଧ ରାତ୍ରି ବ୍ୟତୀତ ହୋଇଗଲା । ହଠାତ୍ ଦୁଇ ଜଣଙ୍କର ପ୍ରେମ-ସମାଧିଭଙ୍ଗ ହେଲା । ଆଖି ଖୋଲିବା ମାତ୍ରେ ଯମୁନା ସ୍ରୋତରେ ବହୁ ଦୂରରେ ଦେଖିଲେ ଗୋଟିଏ ଅଲୌକିକ ଅତ୍ୟନ୍ତ ସୁନ୍ଦର ବିରାଟ ନୌକା । ନୌକା ମଧ୍ୟରେ ମଣିମାଣିକ୍ୟରେ ନିର୍ମିତ ଗୋଟିଏ ସିଂହାସନ । ସେଥିରେ ବିରାଜମାନ ଥିଲେ ଅଲୌକିକ ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଦିବ୍ୟଗୁଣବିଭୂଷିତ ଶ୍ୟାମସୁନ୍ଦର, ତାଙ୍କ ସଙ୍ଗେ ବସିଥିଲେ ଅତୁଳନୀୟ ସୌନ୍ଦର୍ଯ୍ୟର ବିଗ୍ରହ ମହାରାଣୀ ରାଧିକା । ଶ୍ରୀକୃଷ୍ଣ ପରିଧାନ କରିଥିଲେ ପୀତାମ୍ବର । ମହାରାଣୀ ରାଧା ଧାରଣ କରିଥିଲେ ନୀଳ ଶାଢ଼ି । ଶ୍ରୀକୃଷ୍ଣଙ୍କ ଶ୍ୟାମବର୍ଣ୍ଣ ଚରଣ ଅଙ୍ଗୁଳିରେ ଦେଦୀପ୍ୟମାନ ନଖ ନୀଳ ଆକାଶରେ ତାରାମଣ୍ଡଳୀ ସଦୃଶ ଶୋଭା ପାଉଥିଲା । କଟୀରେ ସୁବର୍ଣ୍ଣ ମେଖଳା, ହୃଦୟରେ ହୀରାନୀଳାର ହାର, ତା’ ଉପରେ ଆଣ୍ଠୁ ପର୍ଯ୍ୟନ୍ତ ବନମାଳ ଲମ୍ବିଥିଲା । ମସ୍ତକରେ ମୟୂର ମୁକୁଟ ଦର୍ଶନାର୍ଥୀଙ୍କ ଦୃଷ୍ଟିକୁ ବଳପୂର୍ବକ ଆକର୍ଷଣ କରୁଥିଲା ।

ମହାରାଣୀ ଶ୍ରୀମତୀ ରାଧିକାଙ୍କର ତ ଅତୁଳନୀୟ ଶୋଭା । ସେ ଶୋଭାର ଉପମା ନାହିଁ । ଲଳିତା, ବିଶାଖାଦି ସଖୀ ଛତ୍ର, ଚାମରାଦି ସେବାବସ୍ତୁ ନେଇ ଚତୁଃପାର୍ଶ୍ୱରେ ଛିଡ଼ା ହୋଇଥିଲେ । ଦେଖୁ ଦେଖୁ ନୌକା ନିକଟରେ ଉପନୀତ ହେଲା । କ୍ରମଶଃ କୂଳରେ ଲାଗିଲା । ହସିନା, ହମିଦା ଦିବ୍ୟଦର୍ଶନରେ ମନ୍ତ୍ରମୁଗ୍ଧ ପରି ଅପଲକ ଦୃଷ୍ଟିରେ ପ୍ରସ୍ତରଖଣ୍ଡ ସଦୃଶ ଚାହିଁଥା'ନ୍ତି । ଦିବ୍ୟ-ରୂପ-ସମୁଦ୍ରରେ ସମସ୍ତ ଇନ୍ଦ୍ରିୟ ନିମଜ୍ଜିତ ହେଲା । ଶରୀରଜ୍ଞାନ ରହିଲା ନାହିଁ । ଗୋଟିଏ ସଖୀ ନୌକାରୁ ଉତରି ଆସି ଏମାନଙ୍କ ସମ୍ମୁଖରେ ଛିଡ଼ା ହେଲେ । ଦିବ୍ୟ ଦେବୀଙ୍କ ସାମୀପ୍ୟ ପାଇବା ମାତ୍ରେ ଏମାନଙ୍କ ଶରୀରରେ ବିଜୁଳି ସଦୃଶ ଗୋଟିଏ ଦିବ୍ୟ ପ୍ରଭାବ ପ୍ରବେଶ କରିଗଲା । ଏମାନେ ବାହ୍ୟଜ୍ଞାନ ପ୍ରାପ୍ତ ହୋଇ ଦିବ୍ୟ ଦେବୀଙ୍କୁ ସମ୍ମୁଖରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କିଛିକ୍ଷଣ ପରେ ସାବଧାନ ହୋଇ ପ୍ରଣାମ କଲେ । ଦିବ୍ୟ ଦେବୀଙ୍କ ପ୍ରଶ୍ନରେ ବୃନ୍ଦାବନକୁ ଆସିବାର ସମସ୍ତ ବୃତ୍ତାନ୍ତ ନିବେଦନ କଲେ । ସେହି ଦିବ୍ୟ ଦେବୀ ଅତ୍ୟନ୍ତ କୋମଳ ମୃଦୁ ମଧୁର ବାଣୀରେ ଉତ୍ତର ଦେଲେ, ''ଭାଗ୍ୟବତୀ ହସିନା, ହମିଦା, ତୁମ୍ଭମାନଙ୍କ ବିଷୟ ଶ୍ୟାମସୁନ୍ଦର, ମହାରାଣୀ ରାଧିକା ପୂର୍ଣ୍ଣରୂପେ ଜାଣନ୍ତି । ସେ କରୁଣାସିନ୍ଧୁ ତୁମ୍ଭମାନଙ୍କ ଉପରେ ଦୟା କରି ତୁମ୍ଭମାନଙ୍କୁ ଦର୍ଶନ ଦେବା ସକାଶେ ଆସିଅଛନ୍ତି । ତୁମ୍ଭେମାନେ ଆସ, ନୌକାରେ ଶ୍ୟାମାଶ୍ୟାମଙ୍କୁ ଦର୍ଶନ କର । ତୁମ୍ଭମାନଙ୍କର ଚିର ଅଭିଳାଷ ପୂର୍ଣ୍ଣ ହେଉ । ଏକଥା ଶୁଣିବା ମାତ୍ରେ ହସିନା, ହମିଦାର ଆନନ୍ଦ ସୀମାତୀତ ହୋଇଗଲା । ପ୍ରେମବିହ୍ୱଳରେ ଉଠି ତତ୍‌କ୍ଷଣାତ୍ ନୌକାରେ ଉପସ୍ଥିତ ହେଲେ । ଶ୍ରୀ ଶ୍ୟାମସୁନ୍ଦର ଓ ଶ୍ରୀମତୀ ରାଧାରାଣୀଙ୍କୁ ଦର୍ଶନ କରି ଆନନ୍ଦ-ସମୁଦ୍ରରେ ଏପରି ବୁଡ଼ିଗଲେ ଯେ ଆଉ କୌଣସି କିଛିର ହୋସ୍ ରହିଲା ନାହିଁ । ସେମାନଙ୍କୁ ଡାକି ଆଣିଥିବା ଦେବୀ ସେମାନଙ୍କ ମସ୍ତକ ଧରି ନୁଆଁଇ ପ୍ରଣାମ କରିବାକୁ ସଙ୍କେତ ଦେଲେ । ଦୁଇ ସଖୀ ଶ୍ୟାମାଶ୍ୟାମଙ୍କ ଚରଣରେ ପ୍ରଣାମ କରିବା ସମୟରେ ଶ୍ରୀକୃଷ୍ଣ ଶ୍ରୀରାଧା ଅଭୟ କରକମଳ ସେହି ଦୁହିଙ୍କ ମସ୍ତକ ଉପରେ ରଖିଦେଲେ । ହସିନା, ହମିଦା ଦିବ୍ୟପ୍ରେମରେ



ସମାଧିସ୍ଥ ହୋଇଗଲେ । ସେହି ସମାଧି ଅବସ୍ଥାରେ ରାତ୍ରି ବ୍ୟତୀତ ହୋଇଗଲା । ଆକାଶରେ ସୂର୍ଯ୍ୟଦେବ ପ୍ରକାଶିତ ହେଲେ । ହସିନା, ହମିଦାର ସମାଧି ଭଙ୍ଗ ହେଲା । ସେମାନଙ୍କ ଜୀବନ ସଫଳ ହେଲା । ଭଗବତ୍ ଦର୍ଶନରେ ସେମାନେ କୃତକୃତ୍ୟ ହେଲେ । ବୃନ୍ଦାବନରେ ବାସ କରି ଶ୍ରୀକୃଷ୍ଣପ୍ରେମରେ ଜୀବନ ବ୍ୟତୀତ କଲେ । ଶେଷରେ ନଶ୍ୱର ଶରୀର ତ୍ୟାଗ କରି ନିତ୍ୟ ଗୋଲୋକରେ ଶ୍ରୀରାଧାକୃଷ୍ଣଙ୍କ ଦିବ୍ୟସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଆଉ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

# ଭକ୍ତିପରାୟଣା କୁଅଁର ରାଣୀ

ରାଜପୁତାନାର ଗୋଟିଏ ସମ୍ଭ୍ରାନ୍ତ ପରିବାରରେ କୁଅଁର ରାଣୀ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାମାତାଙ୍କର ଅନେକ ବୟସ ହୋଇଯିବା ପରେ ସେମାନେ କୁଅଁର ରାଣୀକୁ କନ୍ୟାରୂପେ ପାଇଥିଲେ । ସେମାନଙ୍କର ସମସ୍ତ ସ୍ନେହମମତାର ଅଧିକାରିଣୀ ହୋଇଥିଲେ କୁଅଁର ରାଣୀ । ଘରେ ଧନଧାନ୍ୟର ଅଭାବ ନ ଥିଲା । ପିତାମାତା ଥିଲେ ଉଦାର, ଧାର୍ମିକ ଏବଂ ଭକ୍ତ । ଭୋକୀ, ଶୋଷୀ, ଅତିଥି, ଅଭ୍ୟାଗତଙ୍କ ପ୍ରତି ଆଦର ଥିଲା । ଘରେ ''ରାମାୟଣ-କଥା'' ବରାବର ହୁଏ । ପିତାମାତା ଭଗବାନଙ୍କ ନାମଜପ ଓ କୀର୍ତ୍ତନ କରନ୍ତି । କେବେ କେବେ ସାଧୁସନ୍ଥ ଆସିଗଲେ ଭଗବତ୍ ଚର୍ଚ୍ଚା ହୁଏ । ଘରଟି ଅଧ୍ୟାତ୍ମ ବାତାବରଣରେ ପରିପୂର୍ଣ୍ଣ ହୋଇଥାଏ ।

ଘରେ ଦୁଇ ପ୍ରାଣୀ । କନ୍ୟା ଛଡ଼ା ଆଉ କେହି ଆଗକୁ ନା ପଛକୁ ! କୁଅଁର ରାଣୀକୁ ବହୁତ ସ୍ନେହଶ୍ରଦ୍ଧାରେ ଲାଳନପାଳନ କରୁଥା'ନ୍ତି । କନ୍ୟାକୁ ଖୁଆଇ ଦେବା ସମୟରେ, ସ୍ନାନ କରାଇବା ସମୟରେ, ଝୁଲାରେ ଝୁଲାଇବା ସମୟରେ ମା ଭଗବାନଙ୍କ ନାମ କୀର୍ତ୍ତନ କରନ୍ତି ଅଥବା ଭଗବତ୍ ଚରିତ୍ର ଗାନ କରନ୍ତି । ଶିଶୁ ଯାହା ଶୁଣେ, ଯାହା ଦେଖେ, ତାହାହିଁ କହେ, ତାହାହିଁ କରେ, ତା'ର ରକ୍ତ ସହିତ ସେହି ପ୍ରଭାବ ମିଶି ସଂସ୍କାରରେ ପରିଣତ ହୁଏ । କୁଅଁର ରାଣୀଙ୍କର ତାହାହିଁ ହେଲା । ସେ କଥା କହିବା ଆରମ୍ଭ କଲେ ଅସ୍ପଷ୍ଟ ଶବ୍ଦରେ ଭଗବାନଙ୍କ ନାମ ଏବଂ ଗୋଟିଏ ଗୋଟିଏ ଭଗବାନଙ୍କ ଚରିତ୍ରର ପଦ, ଯେଉଁ ପଦ ତାଙ୍କ ମା ଗାନ କରୁଥିଲେ ।

ପିତାମାତାଙ୍କ ପ୍ରଭାବରେ କୁଅଁର ରାଣୀଙ୍କ ପୂର୍ବ ସଂସ୍କାର ଶୀଘ୍ର ବିକଶିତ ହେବାକୁ ଲାଗିଲା । କ୍ରମଶଃ ତାଙ୍କର ଚାରି, ପାଞ୍ଚ ବର୍ଷ ବୟସ ହୋଇଗଲା । ସେ ପିତାମାତାଙ୍କ ସଙ୍ଗେ ଭଗବାନଙ୍କ ନାମ କୀର୍ତ୍ତନ କରିବାକୁ ଲାଗିଲେ ଏବଂ



ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ମୁଖରୁ ସର୍ବଦା ନାମ ଉଚ୍ଚାରିତ ହେଲା । ସେ ମା ପାଖରେ ବସି ରାମାୟଣ ଶୁଣନ୍ତି । ରାମାୟଣ ତାଙ୍କୁ ଖୁବ୍ ଭଲ ଲାଗେ । ଆଉ ଟିକିଏ ବଡ଼ ହୋଇଗଲା ପରେ ସେ ରାମାୟଣ ପଢ଼ିବାକୁ ଆରମ୍ଭ କଲେ । ହିନ୍ଦୀ ଭକ୍ତି-ସାହିତ୍ୟରେ ରାମାୟଣର ସ୍ଥାନ ଅଦ୍ୱିତୀୟ । ସେଥିରେ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କ ଲଳିତ ଲୀଳା ସହିତ ହୃଦୟସ୍ପର୍ଶୀ ଭକ୍ତି, କର୍ମ ଓ ଜ୍ଞାନର ବର୍ଣ୍ଣନ ହୋଇଅଛି । କୌଣସି ସରସହୃଦୟ ବ୍ୟକ୍ତି ରାମାୟଣ ପଢ଼ି ଅଥବା ଶୁଣି ଭଗବତ୍ ଭକ୍ତ ନ ହୋଇ ରହିପାରେ ନାହିଁ । କୁଅଁର ରାଣୀଙ୍କ ଭକ୍ତି-ଲତା ରାମାୟଣ-ଜଳ ସିଞ୍ଚନରେ ଦ୍ରୁତ ଗତିରେ ବୃଦ୍ଧିଲାଭ କଲା । ବୟସର ବିକାଶ ସଙ୍ଗେ ସଙ୍ଗେ ତାଙ୍କ ହୃଦୟରେ ଭକ୍ତି-ଭାଗୀରଥୀର ପବିତ୍ର ସ୍ରୋତ ପ୍ରବାହିତ ହେଲା । ଭଗବାନଙ୍କ ସୁନ୍ଦର ସ୍ୱରୂପ ଧ୍ୟାନ, ମୁଖରେ ଭଗବାନଙ୍କ ନାମ, ମନରେ ଭଗବାନଙ୍କ ଚରିତ୍ର ଚିନ୍ତନ କରିବାରେ ତାଙ୍କୁ ବିଶେଷ ଆନନ୍ଦ ପ୍ରାପ୍ତ ହେଉଥିଲା । ଭଗବତ୍ ଭକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ଥିବା ଦୋଷତ୍ରୁଟି କ୍ରମଶଃ କ୍ଷୀଣ ହୋଇଗଲା । ତାଙ୍କର ଅଧିକ ସମୟ ଭଗବାନଙ୍କ ସ୍ମରଣ, ଭଗବାନଙ୍କ ନାମଜପ, କୀର୍ତ୍ତନ ତଥା ପୂଜନରେ ବ୍ୟୟିତ ହେଉଥିଲା ।

ସମୟ ଅତୀତ ହେବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ କୁଅଁର ରାଣୀଙ୍କ ବୟସ ହେଲା ଚଉଦ । ପିତାମାତା ବଡ଼ ଉତ୍ସାହରେ ବିଶେଷ ସମାରୋହ ସହକାରେ କୁଅଁର ରାଣୀକୁ ଗୋଟିଏ ସୁଯୋଗ୍ୟ ସୁନ୍ଦର ଯୁବକ ସହିତ ବିବାହ କରାଇଦେଲେ । ଗୋଟିଏ ମାତ୍ର କନ୍ୟାକୁ ବିଦାୟ ଦେବାରେ ପିତାମାତାଙ୍କୁ ଅସହନୀୟ ଦାରୁଣ ବେଦନା ହେଲା । କିନ୍ତୁ କନ୍ୟାର ଶୋଭା ପତିଗୃହରେ, ପିତୃଗୃହରେ ନୁହେଁ । ସେହି ଧର୍ମଭାବନାରେ ହୃଦୟକୁ ପାଷାଣ କରି ଉଦାରଚିତ୍ତରେ ନିଜ ସକାଶେ ଅଳ୍ପ ସଂପତ୍ତି ରଖି ବାକୀ ଟଙ୍କାପଇସା, ସୁନାରୁପା, ଲୁଗାପଟା, ଖଟପଲଙ୍କ, ଗୋରୁଗାଈ ସମସ୍ତ କିଛି ଯୌତୁକରେ କୁଅଁର ରାଣୀକୁ ଦେଇ ବିଦା କଲେ ।

ସକାଳେ ହେଲା କୁଅଁର ରାଣୀଙ୍କ ବିଦାୟ । ଘରେ ରହିଥିଲେ ବିବାହ

ଉତ୍ସବରେ ଆଗତ ବନ୍ଧୁବାନ୍ଧବ, ଇଷ୍ଟମିତ୍ର । ସନ୍ଧ୍ୟାରେ ହେଲା କୁଅଁର ରାଣୀଙ୍କ ପିତାମାତାଙ୍କୁ ହଇଜା । ଦୁଇଜଣ ଭଗବାନଙ୍କ ନାମ କୀର୍ତ୍ତନ କରୁ କରୁ ନଶ୍ୱର ଶରୀର ତ୍ୟାଗ କଲେ । ଏ ଖବର କୁଅଁର ରାଣୀଙ୍କୁ ଅଜ୍ଞାତ ଥିଲା । ସେ ପତିଗୃହରେ ପହଞ୍ଚିଲେ ସତ କିନ୍ତୁ ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଏବଂ ସେମାନଙ୍କ ବିଚ୍ଛେଦରେ ତାଙ୍କୁ ବହୁତ କଷ୍ଟ ହେଲା । ଅଳ୍ପ ଦିନରେ ପୁନର୍ମିଳନକୁ ପ୍ରତୀକ୍ଷା କରି ଦିନ ଗଣୁଥିଲେ । ସେ ସମୟରେ ରାଜପୁତାନାରେ ବିବାହର ଅଳ୍ପ ଦିନ ପରେ କନ୍ୟା ପିତାଗୃହକୁ ଫେରିଆସେ । କୁଅଁର ରାଣୀ ପିତାଗୃହକୁ ଯିବା ସକାଶେ ଅତି ତ୍ୱରାରେ ପ୍ରତୀକ୍ଷା କରିଥିଲେ । ବିଧାତାର ଗତି ବିଚିତ୍ର । କୁଅଁର ରାଣୀ ପିତାମାତାଙ୍କ ସହିତ ଦେଖା କରିବା ସକାଶେ ବ୍ୟଗ୍ର ହୋଇ ରାସ୍ତା ଦେଖୁଥା'ନ୍ତି, ସେହି ସମୟରେ ତାଙ୍କ ପିତାମାତାଙ୍କ ମୃତ୍ୟୁ ଖବର ପାଇଲେ ବାରିକଠାରୁ । ଏହି ଦାରୁଣ ଅପ୍ରିୟ ଖବରରେ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ସେ ଶୋକରେ ନିମଗ୍ନ ହୋଇଗଲେ । ତାଙ୍କୁ ଘରର ଗୁରୁଜନ, ଶାଶୂଶ୍ୱଶୁର ବହୁତପ୍ରକାର ବୁଝାଇ ସାନ୍ତ୍ୱନା ଦେଲେ । ତାଙ୍କ ଶ୍ୱଶୁର ତଥା ପତି ତାଙ୍କୁ ସଙ୍ଗରେ ନେଇ ତାଙ୍କ ପିତାଗୃହକୁ ଗଲେ । ସେଠାରେ କୁଅଁର ରାଣୀ ତାଙ୍କ ପିତାମାତାଙ୍କ ଶ୍ରାଦ୍ଧ ଶାସ୍ତ୍ରବିଧି ମୁତାବକ କରି ହୃଦୟ ଖୋଲି ଦାନ କଲେ । ବନ୍ଧୁବାନ୍ଧବଙ୍କୁ ଭଲଭାବେ ସତ୍କାର କଲେ । ଅଧିକ ସଂପତ୍ତି ଗରିବଙ୍କୁ ବାଣ୍ଟି ଶେଷରେ ପତି ଏବଂ ଶ୍ୱଶୁରଙ୍କ ସହିତ ପତିଗୃହକୁ ଫେରିଆସିଲେ ।

ବିଧାତାଙ୍କ ବିଧାନ ବହୁତ ଜଟିଳ । ମନୁଷ୍ୟର ବୁଦ୍ଧିରେ ବୁଝିହୁଏ ନାହିଁ । ବହୁତ ସ୍ଥଳେ ଦେଖାଯାଏ ଲୋକେ ଅନ୍ୟାୟ ଅତ୍ୟାଚାର କରି ମାନସମ୍ମାନ, ପୁତ୍ରପୌତ୍ର, ଧନଧାନ୍ୟରେ ପୂର୍ଣ୍ଣ ଥା'ନ୍ତି । ଫେର ଧାର୍ମିକ ଭଗବଦ୍ ଭକ୍ତଙ୍କ ଉପରେ ବିପତ୍ତି ଉପରେ ବିପତ୍ତି ଆସେ । କୁଅଁର ରାଣୀ ପିତାମାତାଙ୍କ ସଂପୂର୍ଣ୍ଣ ସ୍ନେହର ଅଧିକାରିଣୀ ହୋଇ ବାଲ୍ୟାବସ୍ଥାରୁ ଲାଳିତପାଳିତ ହୋଇଥିଲେ । ବିବାହ ପରେ ସେମାନଙ୍କ ବିୟୋଗବେଦନାରେ ହୃଦୟ ବିଦୀର୍ଣ୍ଣ ହୋଇ ଯାଇଥିଲା । ବିବାହର ଛ'ମାସ ପରେ ଅକସ୍ମାତ୍ ତାଙ୍କ ମସ୍ତକରେ ବଜ୍ର ପଡ଼ିଲା । ତାଙ୍କ



ପତିଙ୍କୁ ହଠାତ୍ ସର୍ପ ଦଂଶନ କଲା, କେତେପ୍ରକାର ଉପଚାର କରିବା ସତ୍ତ୍ୱେ ଘଣ୍ଟାକ ମଧ୍ୟରେ ତାଙ୍କ ପ୍ରାଣବାୟୁ ଉଡ଼ିଗଲା । ଏହି ଦୁଃଖଦାବାନଳରେ ତାଙ୍କ ହୃଦୟ ଜଳିବାକୁ ଲାଗିଲା । ଶାଶୂଶ୍ୱଶୁର ବୃଦ୍ଧ ହୋଇଥିଲେ, ପିତାମାତା ମୃତ୍ୟୁମୁଖରେ ପଡ଼ିଲେ; ଥିଲା କେବଳ ପତିଙ୍କର ଆଶ୍ରୟ । ସେ କୁଅଁର ରାଣୀଙ୍କୁ ଚଉଦ ବର୍ଷ ବୟସରେ ଅନାଥିନୀ କରି ଇହଧାମରୁ ବିଦାୟ ନେଲେ । ସେ କାହା ଆଶ୍ରୟରେ ଧୈର୍ଯ୍ୟ ଧରି ରହନ୍ତେ ? ସେ ଏକେବାରେ ହତବୁଦ୍ଧି ହୋଇ ଶୋକ-ସମୁଦ୍ରରେ ବୁଡ଼ିଗଲେ । ତୀବ୍ର ବେଦନା ବରଦାସ୍ତ କରି ନ ପାରି ବାରଂବାର ମୂର୍ଚ୍ଛିତ ହେବାକୁ ଲାଗିଲେ । ତାଙ୍କ ପ୍ରାଣ-ପକ୍ଷୀ ଶରୀର-ବୃକ୍ଷକୁ ତ୍ୟାଗ କରିବା ସକାଶେ ତୟାର ହେବାକୁ ଲାଗିଲା ।

ଭଗବାନ୍ ଭକ୍ତବତ୍ସଳ । ଭକ୍ତ ହୃଦୟରେ ତାଙ୍କର ନିବାସ । ଭକ୍ତ ସଙ୍ଗେ ଛାୟା ସଦୃଶ ରହି ତାଙ୍କୁ ରକ୍ଷା କରନ୍ତି । ଭକ୍ତ ଯଦି ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହୋଇ ତ୍ରିତାପରେ ତପ୍ତ ହୋଇ ଭଗବାନଙ୍କୁ ସ୍ମରଣ କରି ନ ପାରେ ତେବେ ଭଗବାନ୍ ସ୍ୱୟଂ ଭକ୍ତକୁ ସ୍ମରଣ କରନ୍ତି । ଭଗବାନ୍ ଭକ୍ତକୁ ଛାଡ଼ି ରହିପାରନ୍ତି ନାହିଁ । ଭଗବାନ୍ କୃପା କରି କୁଅଁର ରାଣୀଙ୍କ ହୃଦୟ-ଆକାଶରେ ଜ୍ଞାନ-ସୂର୍ଯ୍ୟ ପ୍ରକାଶ କରିଦେଲେ । ତାଙ୍କ ମୋହ-ତିମିର-କୁହେଳିକା ଦୂର ହୋଇଗଲା । ସେ ନିଜେ ଭଗବତ୍ ସ୍ୱରୂପ, ଆତ୍ମା ବୋଲି ନିଜକୁ ଜାଣିପାରିଲେ । ସେ ସ୍ପଷ୍ଟରୂପେ ଦେଖିଲେ ସଂସାର କେବଳ ମିଥ୍ୟା-ମାୟା-ମୋହ-ପାଶର ବନ୍ଧନ । କିଏ କାହାର ସ୍ୱାମୀ ବା କିଏ କାହାର ସ୍ତ୍ରୀ ? ପ୍ରତ୍ୟେକ ଜୀବ ନିଜ ନିଜ ବିକାଶ ସକାଶେ ଏହି ସଂସାରକୁ ଆସି ଧର୍ମଶାଳାରେ ରାତ୍ରିରେ ବିଶ୍ରାମ କରିବା ସଦୃଶ ଏକତ୍ର ହୋଇଥା'ନ୍ତି । ରାତ୍ରି ଶେଷରେ ଅର୍ଥାତ୍ ନିଜ ବିକାଶ କାର୍ଯ୍ୟ ଶେଷ ହେଲେ ଏହି ପୃଥିବୀର ମାୟା, ମମତା, ପ୍ରିୟ ପରିବାର, ଧନସଂପତ୍ତି ଛାଡ଼ି ଚାଲିଯାନ୍ତି । ଏହି ଜ୍ଞାନ ପ୍ରକାଶ ହେବା ମାତ୍ରେ ତାଙ୍କ ହୃଦୟରୁ ଶୋକ ଦୂର ହୋଇଗଲା । ସେ ମହାନ୍ ଆନନ୍ଦ ତଥା ମହାନ୍ ଶାନ୍ତି ଅନୁଭବ କଲେ । ଏହା ଶାଶୂଶ୍ୱଶୁରଙ୍କୁ ବୁଝାଇ ସେମାନଙ୍କ ଶୋକ ଦୂର କରିଦେଲେ । ବୋହୂର ଏପରି

ସାହସ ଏବଂ ଧୈର୍ଯ୍ୟ ତଥା ଜ୍ଞାନବାଣୀ ଶୁଣି ସେମାନଙ୍କ ମନରେ ବଳ ଆସିଗଲା । କୁଅଁର ରାଣୀ ପତିଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମାପ୍ତ କରି ଭଗବାନଙ୍କ ସେବା ଭାବରେ ଶାଶୂଶ୍ୱଶୁରଙ୍କୁ ଉତ୍ତମରୂପେ ସେବା କଲେ । ସେ ମନେ ମନେ ଭାବିଲେ, ‘‘ଭଗବାନ୍ ଯଥାର୍ଥରେ ଦୟାମୟ, କିନ୍ତୁ ମୋହଗ୍ରସ୍ତ ଜୀବନ ଭଗବାନଙ୍କ ଦୟାକୁ ବୁଝିପାରେ ନାହିଁ । ମୋ ଉପରେ ଭଗବାନଙ୍କ ଏହି ଅସୀମ କୃପାକୁ ମୁଁ ବିପଦ ବୋଲି ଭାବିଥିଲି । ଯଥାର୍ଥରେ ଭଗବତ୍ କୃପା ଆସିଥିଲା ବିପଦ ରୂପରେ । ସ୍ୱାମୀଙ୍କ ସହିତ ଜାଗତିକ ଅସ୍ଥାୟୀ ବିକୃତ ସୁଖଦୁଃଖ, ଆମୋଦପ୍ରମୋଦରେ ଭଗବାନଙ୍କୁ ଭୁଲି ଯାଇଥାନ୍ତି । ସନ୍ତାନ ହୋଇଥାନ୍ତେ, ସେମାନଙ୍କ ଲାଳନପାଳନଜନିତ ସୁଖଦୁଃଖରେ ମୋତେ ହର୍ଷ-ବିଷାଦ ପ୍ରାପ୍ତ ହୋଇଥାନ୍ତା । ସେମାନଙ୍କ ରୋଗ ତଥା ମୃତ୍ୟୁରେ ଦାରୁଣ ଶୋକ ହୋଇଥାନ୍ତା, ସୁଖଦୁଃଖରେ ମନ ସର୍ବଦା ଚିନ୍ତିତ ରହିଥାନ୍ତା ।

‘‘ମନ ଗୋଟାଏ । ସେ ଲତା ସଦୃଶ ଅନ୍ୟର ଆଶ୍ରିତ । ଯାହାର ଆଶ୍ରୟ ନିଏ ତାକୁ ଛାଡ଼େ ନାହିଁ । ଯେପରି ଦୁଇଟି ତରବାରି ଗୋଟିଏ ଖୋଳରେ ରହିପାରେ ନାହିଁ ସେହିପରି ସଂସାର ଆସକ୍ତି ଏବଂ ଭଗବତ୍ ଭକ୍ତି ଏକସଙ୍ଗେ ରହିପାରେ ନାହିଁ । ହିମ (ଶୀତ) ଏବଂ ଅଗ୍ନି ସଦୃଶ ଏହା ପରସ୍ପରବିରୋଧୀ । ମନୁଷ୍ୟହୃଦୟ ପାତ୍ର ସଦୃଶ । ତାହା ସର୍ବଦା ପୂର୍ଣ୍ଣ ଥାଏ । ବସ୍ତୁ ନ ଥିଲେ ଥାଏ ବାୟୁ । ବସ୍ତୁ ପ୍ରବେଶ କଲେ ବାୟୁ ବାହାରି ଯାଏ । ମନୁଷ୍ୟହୃଦୟ ପାତ୍ର ସଦୃଶ ଜାଗତିକ ମାୟାମମତାରେ ପୂର୍ଣ୍ଣ ଥାଏ । ଭଗବତ୍ ପ୍ରେମ ପ୍ରବେଶ କଲେ ତାହା କ୍ରମଶଃ ବାହାରିଯାଏ । ମନୁଷ୍ୟ ଜନ୍ମଜନ୍ମାନ୍ତର କର୍ମର ସଂସ୍କାର ପ୍ରଭାବରେ ବିଷୟରେ ଆସକ୍ତ । ସେ ଭଗବତ୍ କୃପା ସାହାଯ୍ୟରେ ପ୍ରଯତ୍ନ କଲେ ଭଗବତ୍ ପ୍ରେମ ପାଏ । ଏହାହିଁ ଜୀବନର ସାରତତ୍ତ୍ୱ । ଏହାକୁ ପ୍ରାପ୍ତ ହେଲେ ସେ ଜନ୍ମମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ । ମାୟା ଖୁବ୍ ପ୍ରବଳ । ବହୁତ ବ୍ୟକ୍ତି ଏହା ମନର ଉପରି ଭାଗରେ ଜାଣନ୍ତି, କଥାରେ କହନ୍ତି, କିନ୍ତୁ ତ୍ୟାଗ କରି ପାରନ୍ତି ନାହିଁ । ଭଗବାନ୍ କୃପା କଲେ ମନୁଷ୍ୟ ଯଥାର୍ଥରେ ଜାଣେ ଏବଂ ଭଗବାନଙ୍କ



ସାହାଯ୍ୟରେ ସେଥିରୁ ମୁକ୍ତ ହୁଏ । ମୋ ପ୍ରତି ଭଗବାନଙ୍କର ଅସୀମ କୃପା । ସେ ଦୟାକରି ମୋର ବିଷୟାସକ୍ତ ସମସ୍ତ ବସ୍ତୁ ଦୂର କରିଦେଲେ । ମନୁଷ୍ୟକୁ ପ୍ରତ୍ୟେକ ଜନ୍ମରେ ଏହି ବିଷୟ ପ୍ରାପ୍ତ ହୁଏ, ସେଥିରେ ସେ ତୃପ୍ତ ହୁଏ ନାହିଁ; ଲାଭରେ ଲୋଭୀର ଲୋଭ ସଦୃଶ ଲାଳସା ବଢୁଥାଏ ।’’

କୁଅଁର ରାଣୀଙ୍କ ହୃଦୟରେ ଭଗବତ୍ କୃପାର ଜ୍ଞାନ ଉଦ୍ଭାସିତ ହୋଇଅଛି । ସେ ସଂସାର ମାୟାର ସ୍ୱରୂପ ବୋଲି ହୃଦୟଙ୍ଗମ କରିଅଛନ୍ତି । ତାଙ୍କ ଦୃଷ୍ଟିରେ ଜାଗତିକ ମୋହମମତା ମୃଗତୃଷ୍ଣାବତ୍ ମିଥ୍ୟାମାୟା ପ୍ରତୀତ ହେଉଅଛି । ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ । ସେ ଆନନ୍ଦରେ ଉନ୍ମତ୍ତ । ତାଙ୍କ ଦୃଷ୍ଟିରେ ସବୁକିଛି ଭଗବାନ୍ । ଘର ତାଙ୍କରି, ଶାଶୂଶ୍ୱଶୁର ତାଙ୍କରି ସ୍ୱରୂପ; ସେ ନିଜେ ଏବଂ ତାଙ୍କର ସମସ୍ତ କିଛି ଭଗବାନଙ୍କର । ଭଗବାନଙ୍କ ଦୟା, କରୁଣା, ଶାନ୍ତି, ସନ୍ତୋଷ, ଜ୍ଞାନ, ଭକ୍ତି ଇତ୍ୟାଦି ସମସ୍ତ ଦିବ୍ୟଗୁଣ ତାଙ୍କ ହୃଦୟରେ ପ୍ରକାଶିତ ।

ଏପରି ଜ୍ଞାନ ଏବଂ ଭକ୍ତି ଅବସ୍ଥାରେ ଶରୀର ଆସକ୍ତିର ସ୍ଥାନ କେଉଁଠି ? ତାଙ୍କ ବୟସ ମାତ୍ର ଚଉଦ । ଯୌବନ ଅବସ୍ଥାରେ ପଦାର୍ପଣ କରିବାର ସମୟ । ଏହି ସମୟରେ ମନୁଷ୍ୟ ବିବେକଶୂନ୍ୟ ହେଲେ ସମସ୍ତ ଅନୁଚିତ କାର୍ଯ୍ୟ କରେ । କିନ୍ତୁ ଏହି ସମୟରେ ଯଦି ବ୍ୟକ୍ତିର ବିବେକଜ୍ଞାନ ଉତ୍ପନ୍ନ ହୁଏ ସେ ଭଗବାନଙ୍କୁ ସହଜରେ ପ୍ରାପ୍ତ କରିପାରେ । କୁଅଁର ରାଣୀଙ୍କୁ ବିବେକଜ୍ଞାନ ଦିବ୍ୟଗୁଣ ପ୍ରାପ୍ତ ହୋଇଅଛି । ତାଙ୍କ ହୃଦୟରେ ଭଗବାନ୍ ନିବାସ କରି ସତ୍ୟ ପଥରେ ପରିଚାଳନା କରୁଅଛନ୍ତି । ତାଙ୍କ ମନ-ଭ୍ରମର ଭଗବାନଙ୍କ ଚରଣ-କମଳମକରନ୍ଦ ପାନରେ ମୁଗ୍ଧ ହୋଇଅଛି । ତାଙ୍କ ମାର୍ଗନିର୍ଦ୍ଦେଶକ ଭଗବାନ୍ । ବିପଥଗାମୀ ହେବାର କୌଣସି ଭୟ ନାହିଁ । ବ୍ୟକ୍ତି ନିଜର ସମସ୍ତ କିଛି ଭଗବାନଙ୍କୁ ଅର୍ପଣ କରିଦେଲେ ମାତା ଛୋଟ ଶିଶୁକୁ କୋଳରେ ନେବା ସଦୃଶ ଭଗବାନ୍ ଭକ୍ତର ସମସ୍ତ ଭାର ନେଇନିଅନ୍ତି । ତା'ର କୌଣସି ଭୟ ନ ଥାଏ ।

କୁଅଁର ରାଣୀଙ୍କ ସମସ୍ତ ଭାର ଭଗବାନଙ୍କ ଉପରେ । ସେ ଭଗବାନଙ୍କ

ଆଶ୍ରୟରେ ନିର୍ଭୟ । ଶରୀର ଆସକ୍ତିରୁ ସେ ମୁକ୍ତ । ଯେଉଁ ବୟସରେ ଝିଅମାନେ ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସକାଶେ ନାନାପ୍ରକାର ସିଙ୍ଗାର କରନ୍ତି, ସେହି ବୟସରେ କୁଅଁର ରାଣୀ ଶରୀରର ପ୍ରଧାନ ଶୋଭା କେଶ କାଟି ପକାଇଲେ । ସ୍ୱଚ୍ଛ ପରିଷ୍କାର ମୋଟା ଲୁଗା ପିନ୍ଧିବାକୁ ଆରମ୍ଭ କଲେ । ହର୍ଷରେ ଗ୍ରହଣ କଲେ ନିୟମିତ କଠୋର ବ୍ରତ ।

ସେ ପ୍ରାତଃକାଳ ତିନିଟା ସମୟରେ ଉଠନ୍ତି । ଘରଦ୍ୱାର ପହଁରି, କଂସାବାସନ ମାଜି, ଚୌକା ଲଗାଇ, ଶୌଚ ସ୍ନାନ କରି ଘରକୁ ଆସନ୍ତି । ଘରେ ଭଗବାନଙ୍କ ବିଗ୍ରହ ସ୍ଥାପନ କରିଥା'ନ୍ତି । ତାଙ୍କ ସେବା-ପୂଜା, ଭୋଗ, ଆଳତି କରି ଧ୍ୟାନରେ ବସିଯା'ନ୍ତି । କିଛି ଧର୍ମଗ୍ରନ୍ଥ ମଧ୍ୟ ଅଧ୍ୟୟନ କରନ୍ତି । ତିନି, ଚାରି ଘଣ୍ଟା ମଧ୍ୟରେ ତାଙ୍କର ସମସ୍ତ କାର୍ଯ୍ୟ ଶେଷ ହୁଏ । ଶାଶୂଶ୍ୱଶୁର ଉଠିବା ପୂର୍ବରୁ ସେ ତାଙ୍କ ସକାଶେ ଦାନ୍ତକାଠି ଏବଂ ଜଳ ରଖିଦିଅନ୍ତି । କୂଅରୁ ପାଣି କାଢ଼ି ସେମାନଙ୍କୁ ସ୍ନାନ କରାଇ ଦିଅନ୍ତି । ଗୋରୁଗାଈଙ୍କ ସେବା କରିବା ପରେ ରୋଷେଇ ଆରମ୍ଭ କରନ୍ତି । ଭଗବାନଙ୍କୁ ଭୋଗ ଲଗାଇ, ଶାଶୂଶ୍ୱଶୁରଙ୍କୁ ଭୋଜନ କରାଇ ସେମାନଙ୍କ ବିଶ୍ରାମ ସକାଶେ ବିଛଣା କରିଦିଅନ୍ତି । ସେମାନେ ବିଶ୍ରାମ କରିବାକୁ ଯିବା ପରେ କୁଅଁର ରାଣୀ ଭୋଜନ କରି, କଂସାବାସନ ଧୋଇ, ଚୌକା ଲଗାଇ ଘରର ଅନ୍ୟାନ୍ୟ କାର୍ଯ୍ୟ କରନ୍ତି । ସନ୍ଧ୍ୟା ଚାରିଟାରେ ସ୍ନାନ କରିଆସି ରାମାୟଣ, ଗୀତା, ଭାଗବତ, ଭକ୍ତମାନଙ୍କ ଚରିତ ପଢ଼ି ଶାଶୂଶ୍ୱଶୁରଙ୍କୁ ଶୁଣାନ୍ତି ଏବଂ ବୈରାଗ୍ୟ ତଥା ଭଗବତ୍ ଭକ୍ତି ବିଷୟ ଉଦାହରଣ ଦେଇ ଭଲଭାବେ ବୁଝାଇ ଦିଅନ୍ତି । ଗ୍ରାମର ଲୋକମାନେ ଶୁଣିପାରି କ୍ରମଶଃ ତାଙ୍କ କଥା ଶୁଣିବାକୁ ଆସିଲେ । ଯେଉଁମାନେ ତାଙ୍କ କଥା ଶୁଣୁଥିଲେ ସେମାନେ ଆନନ୍ଦ ଏବଂ ଭଗବତ୍ ଭକ୍ତି ଗ୍ରହଣ କରି ଫେରୁଥିଲେ । କଥା ସମାପ୍ତ ହେବା ପରେ ଘରର ଅନ୍ୟାନ୍ୟ କାର୍ଯ୍ୟର ବ୍ୟବସ୍ଥା, ରୋଷେଇ ସକାଶେ ପରିବା, ଚାଉଳ, ଅଟାର ବ୍ୟବସ୍ଥା କରୁଥିଲେ । ତାଙ୍କ ଘରକୁ ଆସୁଥିବା ଆଗନ୍ତୁକମାନଙ୍କୁ ମଧ୍ୟ ଆଦର ସତ୍କାର କରୁଥିଲେ । ରାତ୍ରିରେ ରୋଷେଇ ସମାପ୍ତ କରି,



ଶାଶୂଶ୍ୱଶୁରଙ୍କୁ ଭୋଜନ କରାଇ, ନିଜେ ଭୋଜନ କରି, କଂସାବାସନ ମାଜି ସାଢ଼େ ନ'ଟାରେ ଘରର ସମସ୍ତ କାର୍ଯ୍ୟ ସମାପ୍ତ କରି ଦେଉଥିଲେ । ପୂର୍ବରୁ ଶାଶୂଶ୍ୱଶୁରଙ୍କ ସକାଶେ ବିଛଣା ତିଆରି କରି ଦେଇଥାନ୍ତି, ସେମାନେ ଭୋଜନ ପରେ ବସି ଭଗବାନଙ୍କ ନାମ ସ୍ମରଣ କରନ୍ତି ଅଥବା ବିଛଣାରେ ବିଶ୍ରାମ କରନ୍ତି । କୁଅଁର ରାଣୀଙ୍କ କାର୍ଯ୍ୟ ଶେଷ ହେବା ପରେ ସେ ଶାଶୂଶ୍ୱଶୁରଙ୍କୁ ସେବା କରି ନିଜେ ଭଗବତ୍ ନାମ ସ୍ମରଣ, ଧ୍ୟାନ କରି ଶୋଇପଡ଼ନ୍ତି ।

ତାଙ୍କ ଦିନଚର୍ଯ୍ୟା ଥିଲା ଅସାଧାରଣ । ସେ ଲୁଣ ତଥା ମିଠା ଖାଇବା ତ୍ୟାଗ କଲେ । ମୋଟା କିନ୍ତୁ ସ୍ୱଚ୍ଛ ବସ୍ତ୍ର ପିନ୍ଧନ୍ତି । ସବୁ ସମୟରେ ପରିଷ୍କାରପରିଚ୍ଛନ୍ନ ଓ ଶୁଦ୍ଧ ରହନ୍ତି । ଯାହାର ଭିତରରେ ଶୁଦ୍ଧତା ଥାଏ, ତାହା ସ୍ୱତଃସିଦ୍ଧଭାବେ ପ୍ରକାଶିତ ହୁଏ ବାହାରେ । ହାତ ଅଙ୍ଗୁଳିର ନଖ ବଢ଼ିବା ପୂର୍ବରୁ କାଟନ୍ତି; ଅନ୍ୟଥା ନଖ ଭିତରେ ମଇଳା ଜମା ହୁଏ, ରୋଷେଇର ଖାଦ୍ୟଦ୍ରବ୍ୟରେ ମିଶେ । ରାଜପୁତାନାରେ ଯେପରି ଭୟଙ୍କର ଶୀତ ସେହିପରି ଗ୍ରୀଷ୍ମ । ଶୀତ ଦିନରେ ଖଣ୍ଡିଏ ପଶମ ସ୍ୱେଟର୍ ପିନ୍ଧି ସମସ୍ତ କାର୍ଯ୍ୟ କରନ୍ତି । ଶୁଅନ୍ତି କାଠ ଚୌକିରେ ଗୋଟିଏ କମ୍ବଳ ବିଛଣା କରି । ଘୋଡ଼ି ହୁଅନ୍ତି ଗୋଟିଏ କମ୍ବଳ । ସେ ଘରର ସମସ୍ତ କର୍ମ ଓ ଶାଶୂଶ୍ୱଶୁରଙ୍କ ସେବା କରନ୍ତି ଅତ୍ୟନ୍ତ ଶ୍ରଦ୍ଧା ଏବଂ ଭକ୍ତି ସହ ଭଗବାନଙ୍କ ପ୍ରୀତ୍ୟର୍ଥେ । ସମସ୍ତ କର୍ମ ଅର୍ପଣ କରନ୍ତି ଭଗବାନଙ୍କ ଚରଣରେ । ସେ କର୍ମର ପ୍ରତିଦାନ ପ୍ରଶଂସା ବା ଶାଶୂଶ୍ୱଶୁରଙ୍କ ସ୍ନେହ ଚାହାନ୍ତି ନାହିଁ, ଚାହାନ୍ତି କେବଳ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବା । ମନୁଷ୍ୟ ଏହିଠାରେ ଭୁଲ୍ କରେ । କର୍ମ କରି ପ୍ରତିଦାନ ଚାହେଁ, ସାମାନ୍ୟ ପ୍ରତିଦାନରେ କର୍ମକୁ ବିକି ଦିଏ । ବ୍ୟକ୍ତି ସେହି କର୍ମର ପ୍ରତିଦାନ ନ ଚାହିଁ ଭଗବାନଙ୍କ ଚରଣରେ ଅର୍ପଣ କଲେ ପ୍ରତିଦାନ ଆସିବାକୁ ବାଧ୍ୟ ହୁଏ, ଅନିବାର୍ଯ୍ୟରୂପେ ଆସେ କିନ୍ତୁ ତାହା ସଙ୍ଗେ ସଙ୍ଗେ ଆସେ ଜୀବନର ପରମ ଲକ୍ଷ୍ୟ ଦିବ୍ୟାତିଦିବ୍ୟ ଭଗବତ୍ ଭକ୍ତି, ପରମ ଆନନ୍ଦ, ପରମ ଶାନ୍ତି ଯାହା କୌଣସି ସାଂସାରିକ ଐଶ୍ୱର୍ଯ୍ୟରେ କଦାପି ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟ କେତେ

ହତଭାଗା, କର୍ମ ପରିଣାମ ଏପରି ପରମ ଦିବ୍ୟଫଳ ଛାଡ଼ି ସାମାନ୍ୟ ସାଂସାରିକ କର୍ମରଫଳକୁ ମଣି ବଦଳରେ କାଚ ନେବା ସଦୃଶ ଗ୍ରହଣ କରେ । ବ୍ୟକ୍ତି ମୂର୍ଖ ହେଉ ବା ପଣ୍ଡିତ ହେଉ, ଧନୀ ହେଉ ବା ଦରିଦ୍ର ହେଉ, ସେ ଯଦି ଭଗବତ୍ ଅଭିମୁଖୀ ହୁଏ ତେବେ ସେ ଯଥାର୍ଥ ଏବଂ ଅଯଥାର୍ଥ ସ୍ପଷ୍ଟରୂପେ ବୁଝିପାରେ ତଥା ଆଚରଣ କରେ । ଭଗବତ୍ ବିମୁଖ ବ୍ୟକ୍ତି ବହୁତ ବଡ଼ ପଣ୍ଡିତ ହୋଇପାରେ, ତା'ର ବୁଦ୍ଧି ବହୁତ ଉନ୍ନତ ହୋଇପାରେ, ସେ ସଂସାରରେ ଅସାଧାରଣ କାର୍ଯ୍ୟ କରି ନାମ ଯଶଃ ଅର୍ଜନ କରିପାରେ, ଯୁକ୍ତିତର୍କରେ ଦିନକୁ ରାତି ସାବ୍ୟସ୍ତ କରିପାରେ, ନିଜ ଭାଷଣ, ଶାସ୍ତ୍ରଜ୍ଞାନ, ବୁଦ୍ଧି, ଯୁକ୍ତି ଚାତୁର୍ଯ୍ୟରେ ହଜାର ହଜାର ବ୍ୟକ୍ତିଙ୍କୁ ମୁଗ୍ଧ କରିପାରେ । କିନ୍ତୁ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରି ନ ଥିଲେ ନିଜର ଯଥାର୍ଥ କଲ୍ୟାଣ କରିପାରେ ନାହିଁ କିଂବା ତାହାଦ୍ୱାରା ଅନ୍ୟର କଲ୍ୟାଣ ବି ହୁଏ ନାହିଁ ।

କୁଅଁର ରାଣୀ ସେପରି ବିଦୂଷୀ ନ ଥିଲେ । ତାଙ୍କ ବୁଦ୍ଧି ବିଚକ୍ଷଣ ନ ଥିଲା । ସେ ଶାସ୍ତ୍ରଜ୍ଞାନ ଯୁକ୍ତିତର୍କରେ ବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବାରେ ସମର୍ଥ ନ ଥିଲେ । ସେ ଥିଲେ ସାଧାରଣ ଗୋଟିଏ ଚଉଦ ବର୍ଷର ବାଳିକା, ଯେଉଁ ବୟସରେ ଅଧିକାଂଶ ଝିଅମାନେ ପ୍ରାଣର ଶିକାର ହୋଇ ଜୀବନକୁ ନଷ୍ଟ କରନ୍ତି । କିନ୍ତୁ ତାଙ୍କ ମଧ୍ୟରେ ଥିଲା ଭଗବତ୍ ଭକ୍ତିର ଦିବ୍ୟସୂର୍ଯ୍ୟ । ସେହି ଦିବ୍ୟସୂର୍ଯ୍ୟ ତାଙ୍କ ବୁଦ୍ଧିକୁ ଉଦ୍ଭାସିତ କରିଥିଲା, ତାଙ୍କ ପ୍ରାଣକୁ ପବିତ୍ର କରିଥିଲା । ସେହି ସକାଶେ ସେ ସାଧାରଣ ଝିଅ ନ ଥିଲେ । ତାଙ୍କ ମଧ୍ୟରେ ଥିଲା ମହାନ୍ ଆତ୍ମବଳ । ସେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ କରିଥିଲେ, ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେଉଥିଲେ, ଭଗବାନଙ୍କ ଦିବ୍ୟଗୁଣ ଶାନ୍ତି, ସନ୍ତୋଷ, ଆନନ୍ଦ ତାଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା । ସେ ଥିଲେ ନିର୍ଭୀକା । ତାଙ୍କ ଶରୀରସ୍ଥ ଏହି ଦିବ୍ୟଗୁଣର ରଶ୍ମି ନିରନ୍ତର ତାଙ୍କ ସଂପର୍କରେ ଆସୁଥିବା ବ୍ୟକ୍ତିଙ୍କୁ ଉଦ୍ଭାସିତ କରୁଥିଲା । ତାଙ୍କ ସାନ୍ନିଧ୍ୟକୁ ଆସିଥିବା ହଜାର ହଜାର ବ୍ୟକ୍ତି ଭଗବତ୍‌ପରାୟଣ ହୋଇଥିଲେ । ଏହାହିଁ ବ୍ୟକ୍ତିତ୍ୱର ପ୍ରଭାବ । ବ୍ୟକ୍ତି ଯଦି ଭଗବାନଙ୍କ ସହିତ



ସଂପର୍କ ସ୍ଥାପନ କରିପାରେ, ଭଗବାନଙ୍କ ଦିବ୍ୟଗୁଣ ଯଦି ତା' ମଧ୍ୟରେ ପ୍ରତିଷ୍ଠିତ ହୁଏ ତେବେ ସେ ଶବ୍ଦରେ କିଛି ନ କହିଲେ ମଧ୍ୟ ତାଙ୍କ ସଂପର୍କପ୍ରାପ୍ତ ବ୍ୟକ୍ତି, ତାଙ୍କ ସାମୀପ୍ୟପ୍ରାପ୍ତ ବ୍ୟକ୍ତି ଓ ତାଙ୍କୁ ସ୍ମରଣ କରିବା ବ୍ୟକ୍ତି ମଧ୍ୟରେ ଦିବ୍ୟଭାବ ଉତ୍ପନ୍ନ ହୁଏ ।

ଶାଶୂଶ୍ୱଶୁର ଯେପର୍ଯ୍ୟନ୍ତ ଜୀବିତ ଥିଲେ କୁଅଁର ରାଣୀ ତନମନରେ ସେମାନଙ୍କ ସେବାଶୁଶ୍ରୂଷା କଲେ । ସେମାନଙ୍କ ମୃତ୍ୟୁ ପରେ ଘରେ ଥିବା ସମସ୍ତ ସଂପତ୍ତି ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଦାନ କରିଦେଲେ । ଶେଷରେ ଗୃହଦାନ କରି ପବିତ୍ର ଧାମ ବୃନ୍ଦାବନକୁ ଚାଲିଗଲେ । ସେ ସମୟରେ ବୃନ୍ଦାବନ ଥିଲା ବୈରାଗ୍ୟବାନ୍ ଭଗବତ୍ ଭକ୍ତଙ୍କର କେନ୍ଦ୍ର, ସୁରମ୍ୟ ବୃକ୍ଷଲତାରେ ମଣ୍ଡିତ ମନୋମୁଗ୍ଧକର ପ୍ରେମାପ୍ଲୁତ ପବିତ୍ର ଭୂମି । ବୃକ୍ଷଲତା, ପଶୁପକ୍ଷୀ ମଧ୍ୟରେ ଭଗବତ୍ ପ୍ରେମ ପ୍ରବାହିତ ହେଉଥିଲା । ଭଗବତ୍‌ପ୍ରେମୀ ଭକ୍ତମାନେ ବୃକ୍ଷଲତା ଆଶ୍ରୟରେ ରହି ଦିବ୍ୟ ଆନନ୍ଦ ଉପଭୋଗ କରୁଥିଲେ । ସେହି ଦିବ୍ୟ ବୃନ୍ଦାବନରେ କୁଅଁର ରାଣୀ ସନ୍ନ୍ୟାସିନୀ ରୂପେ ଭଗବତ୍ ପ୍ରେମ ସମୁଦ୍ରରେ ନିମଗ୍ନ ହୋଇଗଲେ । ତାଙ୍କ ମୁଖରେ ଭଗବତ୍ ନାମ ନିରନ୍ତର ଉଚ୍ଚାରିତ ହେଉଥିଲା । ସେ ଭଗବତ୍ ଦିବ୍ୟ ଲୀଳାରେ ବିଚରଣ କରୁଥିଲେ । ଶେଷ ଜୀବନରେ ତାଙ୍କ ମନ-ପ୍ରାଣ ଭଗବନ୍ମୟ ହୋଇଗଲା । ସେ ନିତ୍ୟଲୀଳା ବୃନ୍ଦାବନରେ ନଶ୍ୱର ଶରୀର ତ୍ୟାଗ କରି ଦିବ୍ୟଧାମ ଗୋଲୋକରେ ଭଗବତ୍ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

# ଭକ୍ତିପରାୟଣା ଅଣ୍ଡାଳ ବା ରଙ୍ଗନାୟିକା

ଭାବରେ ବଶ ଭଗବାନ୍ । ଯେ ଯେଉଁ ଭାବରେ ଭଜନ୍ତି ଭଗବାନ୍ ସେହି ଭାବରେ ପ୍ରାପ୍ତ ହୁଅନ୍ତି । ଭଗବାନଙ୍କ ପାଖରେ ବଡ଼ସାନ, ଉଚ୍ଚନୀଚ କେହି ନାହିଁ । ଭାବୁକ ଭକ୍ତ ପାଖରେ ଭଗବାନ୍ ନିଜ ଐଶ୍ୱର୍ଯ୍ୟ ଭୁଲିଯା'ନ୍ତି । ଭାବବଶ ହୋଇ ଭଗବାନ୍ ଧନାର ଗୋରୁ ଚରାଇଥିଲେ, ଦୁଧ ଦୁହିଁଦେଇଥିଲେ, ନାପିତ ସେନ ଭକ୍ତରୂପେ ରାଜାର ସେବା କରିଥିଲେ । ଶବରୀର ଶୁଖିଲା ଫଳ, ବିଦୁର ପତ୍ନୀର କଦଳୀ ଚୋପାରେ ଅଲୌକିକ ସ୍ୱାଦ ଅନୁଭବ କରିଥିଲେ । ପୁରୀ ମାହାତ୍ମା ମାଧବ ଦାସଙ୍କ ଲେଙ୍ଗୁଟି ଧୋଇଥିଲେ । ଦାମାଜି ପନ୍ତଙ୍କ ଚାକର ସାଜି, ଫଟା କମ୍ବଳ କାନ୍ଧରେ ପକାଇ, ମୁଣ୍ଡରେ ପଗଡ଼ି ବାନ୍ଧି ମୁସଲମାନ ବାଦଶାହକୁ ସଲାମ କରିଥିଲେ । ଭାବୁକ ଭକ୍ତର ହୃଦୟରେ ନିବାସ ତାଙ୍କର । ସେ ବରାବର ଭକ୍ତ ସଙ୍ଗେ ଛାୟା ସଦୃଶ ରହି ତାକୁ ମନ ଯୋଗାଉଥାନ୍ତି । ଭକ୍ତର ପ୍ରସନ୍ନତାରେ ସେ ସୁଖୀ । ଭକ୍ତକୁ ଛାଡ଼ି ସେ ରହିପାରନ୍ତି ନାହିଁ । ଭକ୍ତ ଭାବରେ ଭଗବାନ୍ କିପରି ବଶ ହୁଅନ୍ତି, ତାହା ଆଜି ପରମ ଭକ୍ତା ରଙ୍ଗନାୟିକାଙ୍କ ଚରିତ୍ରରୁ ଜାଣିପାରିବା ।

ବହୁ ବର୍ଷ ପୂର୍ବର ଏକ ନିରାଟ ସତ୍ୟ ଘଟଣା । ଦକ୍ଷିଣ ଭାରତର କାବେରୀ ନଦୀ କୂଳରେ ବିଷ୍ଣୁଚିତ୍ ନାମରେ ଜଣେ ଧାର୍ମିକ, ସଦାଚାରୀ, ଭଗବାନଙ୍କ ଅନନ୍ୟ ବ୍ରାହ୍ମଣ ଭକ୍ତ ପତ୍ନୀଙ୍କ ସହିତ ବାସ କରୁଥିଲେ । ବାଲ୍ୟକାଳରୁ ତାଙ୍କ ହୃଦୟରେ ପ୍ରେମ-ଭକ୍ତି-ଭାଗୀରଥୀ ପ୍ରବାହିତ ହେଉଥିଲା । ତାଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ । ଶରୀରନିର୍ବାହ ସକାଶେ ଧନସଂପତ୍ତି ପର୍ଯ୍ୟାପ୍ତ ଥିଲା । ଭଗବତ୍ ସେବାପୂଜା, ଭୋଗ-ଆଳତି ତଥା ଭଗବାନଙ୍କ ବଗିଚାରେ ତୁଳସୀ, ପୁଷ୍ପ ଲଗାଇବାରେ ଏବଂ ଜଳସିଞ୍ଚନ କରିବାରେ ତାଙ୍କର ସମୟର ସଦୁପଯୋଗ ହେଉଥିଲା । ମୁଖରେ ଭଗବାନଙ୍କ ନାମ, ଶରୀରରେ ଭଗବାନଙ୍କ ସେବା ତାଙ୍କର ଦିନଚର୍ଯ୍ୟା ଥିଲା ।



ମହାତ୍ମା ବିଷ୍ଣୁଚିତ୍ ପ୍ରାତଃ ତିନିଟା ସମୟରେ ଉଠିପଡ଼ନ୍ତି । ସ୍ନାନଶୌଚ ସମାପ୍ତ କରି ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ଗାୟତ୍ରୀ ମନ୍ତ୍ର ଜପ ତଥା ନାରାୟଣ ଅଷ୍ଟାକ୍ଷରୀ ମନ୍ତ୍ର ଜପ ସହ ଭଗବାନଙ୍କ ଧ୍ୟାନରେ ତଲ୍ଲୀନ ହୋଇଯାଆନ୍ତି । ସୂର୍ଯ୍ୟ ପ୍ରକାଶ ପୂର୍ବରୁ ବଗିଚାରୁ ପୁଷ୍ପ, ତୁଳସୀ ତୋଳିଆଣି ବଡ଼ ପ୍ରେମରେ ହାର ଗୁନ୍ଥି ଶ୍ରୀରଙ୍ଗଙ୍କ ମନ୍ଦିରରେ ଉପସ୍ଥିତ ହୁଅନ୍ତି । ମାଳା, ତୁଳସୀ ଶ୍ରୀରଙ୍ଗଜିଙ୍କ ପୂଜାରୀଙ୍କୁ ଦେଇ ଭଗବତ୍ ଭାବରେ ନିମଗ୍ନ ହୋଇ ମନ୍ଦିରରେ ବସିରହନ୍ତି । ଭଗବାନଙ୍କ ଆଳତି ହେବା ସମୟରେ ଭଗବାନଙ୍କ ଦର୍ଶନାନନ୍ଦରେ ବିଭୋର ହୋଇଯା'ନ୍ତି । ଆଳତି ପରେ ବହୁତ ସମୟ ପର୍ଯ୍ୟନ୍ତ ଭଗବାନଙ୍କୁ ଏକ ଦୃଷ୍ଟିରେ ନିରୀକ୍ଷଣ କରି ଘରକୁ ଫେରନ୍ତି ।

ନିତ୍ୟ ନିୟମ ଅନୁସାରେ ଦିନେ ପ୍ରାତଃ କାଳରେ ତୁଳସୀ, ପୁଷ୍ପ ତୋଳିବା ସମୟରେ ପୁଷ୍ପ ବାଟିକାରେ ଗୋଟିଏ ଅନୁପମ ଅତ୍ୟନ୍ତ ଶୋଭାଯୁକ୍ତ ନବଜାତ କନ୍ୟାକୁ ଦେଖିଲେ । କନ୍ୟା ଭଗବାନଙ୍କ ଦତ୍ତ ମନେକରି ହର୍ଷ ସହିତ ଉଠାଇ ଆଣିଲେ ଏବଂ ବଟପତ୍ରଶାୟୀ ଭଗବାନ୍ ନାରାୟଣଙ୍କ ଚରଣରେ ରଖି କହିଲେ, ''ପ୍ରଭୁ, ଏହି କନ୍ୟା ତୁମ୍ଭ ଚରଣରେ ଅର୍ପଣ କରୁଛି, ଏହି କନ୍ୟା ତୁମ୍ଭ ସେବା ସକାଶେ ଆସିଅଛି । ଏହାକୁ ଶ୍ରୀଚରଣରେ ଆଶ୍ରୟ ଦିଅ ।'' ମୂର୍ତ୍ତିଙ୍କଠାରୁ ଶବ୍ଦ ହେଲା– ''ଏହି କନ୍ୟାର ନାମ 'କୋଦଇ' ରଖ ଏବଂ ଏହାକୁ ନିଜ କନ୍ୟାରୂପେ ଲାଳନପାଳନ କର ।'' ତାମିଲ ଶବ୍ଦ 'କୋଦଇ'ର ଅର୍ଥ ପୁଷ୍ପମାଳା ସଦୃଶ କମନୀୟ । ଏହି କନ୍ୟା ଭଗବତ୍ ପ୍ରେମ ପ୍ରାପ୍ତ ହେବା ପରେ 'ଅଣ୍ଡାଳ' ଅଥବା 'ରଙ୍ଗନାୟିକା' ନାମରେ ପ୍ରସିଦ୍ଧ ହେଲେ । ଏହି କନ୍ୟା ସମ୍ବନ୍ଧରେ ଭଗବତ୍ ବିଗ୍ରହ କହିଥିବା ବିଷୟ ବିଷ୍ଣୁଚିତ୍ ତାଙ୍କର ସ୍ତ୍ରୀଙ୍କୁ କହିଲେ ଏବଂ ରାତ୍ରିରେ ବିଷ୍ଣୁଚିତ୍ ଶୋଇବା ଅବସ୍ଥାରେ ସ୍ୱପ୍ନରେ ନାରାୟଣ ତାଙ୍କୁ କହିଲେ, ''ବରାହ ଅବତାରରେ ପୃଥିବୀକୁ ଉଦ୍ଧାର କରିବା ସମୟରେ ପୃଥିବୀଦେବୀ ମୋତେ ପଚାରିଥିଲେ, 'ତୁମର କେଉଁପ୍ରକାର ପୂଜା ପରମ ପ୍ରିୟ ?' ଉତ୍ତରରେ ମୁଁ କହିଥିଲି, 'ନାମସ୍ମରଣ ଏବଂ କୀର୍ତ୍ତନ ତଥା ପ୍ରେମ-

ଅନୁରାଗରେ ପତ୍ର-ପୁଷ୍ପ-ଫଳ-ତୋୟ ପୂଜା ମୋର ବିଶେଷ ପ୍ରିୟ ।' ମୋର ସେହି କଥାକୁ ଧାରଣ କରି ପୃଥିବୀଦେବୀ କନ୍ୟାରୂପେ ତୋ ଘରକୁ ଆସିଛି, ଏହି କନ୍ୟାକୁ ପାଳନ କରିବା ଦ୍ୱାରା ତୁ ପରମ ପଦ ପ୍ରାପ୍ତ ହେବୁ ।'' ଭଗବାନଙ୍କ ବାକ୍ୟ ସମାପ୍ତ ହେବା ସଙ୍ଗେ ସଙ୍ଗେ ବିଷ୍ଣୁଚିତ୍‌ଙ୍କ ନିଦ୍ରାଭଙ୍ଗ ହେଲା । ସେ ଉଠି ବସିପଡ଼ିଲେ । ତାଙ୍କ ସମ୍ମୁଖରେ ଭଗବାନଙ୍କ ସେହି କମନୀୟ ସ୍ୱରୂପ, କାନରେ ସେହି ଦିବ୍ୟବାଣୀର ଗୁଞ୍ଜନ, ହୃଦୟ ଦିବ୍ୟାନନ୍ଦରେ, ମନ-ପ୍ରାଣ ପ୍ରସନ୍ନତାରେ ପୂର୍ଣ୍ଣ ଥିଲା । ସେ ଏକେବାରେ ଆନନ୍ଦରେ ବିଭୋର ଥିଲେ । ସେହି ସ୍ୱପ୍ନ ଜାଗ୍ରତ୍ ଦୃଶ୍ୟ ସଦୃଶ ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ଥିଲା । ତାଙ୍କ ନେତ୍ରରୁ ଆନନ୍ଦାଶ୍ରୁ ପ୍ରବାହିତ ହେଲା । ସେ ଯେଉଁ ସ୍ୱରୂପ ସ୍ୱପ୍ନରେ ଦେଖିଥିଲେ ସେହି ସ୍ୱରୂପଙ୍କ ଧ୍ୟାନାନନ୍ଦରେ ସମାଧିସ୍ଥ ହୋଇଗଲେ । ନିତ୍ୟ ନିୟମ ଅନୁସାରେ ସ୍ନାନର ସମୟ ହୋଇଯିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ସମୟର ସ୍ମରଣ କରାଇଦେଲେ ।

ତାଙ୍କ ଚେତନା ଭଗବନ୍ମୟ ହୋଇଥିଲା । ତାଙ୍କ ମନ-ପ୍ରାଣ ଆନନ୍ଦରେ ବିଭୋର ହୋଇଗଲା । ସେ ଯନ୍ତ୍ରବତ୍ ଶାରୀରିକ କ୍ରିୟା ସମାପ୍ତ କଲେ । ବସିଲେ ଧ୍ୟାନରେ । ସେ ଦିନର ଧ୍ୟାନ ଅନ୍ୟ ଦିନର ଧ୍ୟାନଠାରୁ ଥିଲା ବିଲକ୍ଷଣ । ପୁଷ୍ପ, ତୁଳସୀ ନେଇ ସେ ମନ୍ଦିରକୁ ଗଲେ । ସେ ଦିନର ଦର୍ଶନ ଅନ୍ୟ ଦିନର ଦର୍ଶନଠାରୁ ଥିଲା ଆନନ୍ଦଦାୟକ । ମନ୍ଦିରରୁ ଫେରି ସ୍ୱପ୍ନର ଘଟଣା ସ୍ତ୍ରୀକୁ ଶୁଣାଇଦେଲେ । ସ୍ତ୍ରୀ ବିଶେଷ ଆନନ୍ଦିତ ହୋଇ କନ୍ୟାର ଲାଳନପାଳନରେ ତତ୍ପର ରହିଲେ । କନ୍ୟାର ହେଲା ଜାତକର୍ମ । ଶୁକ୍ଳପକ୍ଷ ଚନ୍ଦ୍ରମା ସଦୃଶ କନ୍ୟା ବଢ଼ିବାକୁ ଲାଗିଲା । କନ୍ୟାର ଥିଲା ଅଲୌକିକ ସୁନ୍ଦର ରୂପ । ବାଲ୍ୟ ଚପଳତାରେ କିଛି ଅସ୍ପଷ୍ଟ ଶବ୍ଦ କହି ହସରେ ସେ ଦର୍ଶନାର୍ଥୀଙ୍କୁ ମୁଗ୍ଧ କରୁଥିଲେ । ପିତାମାତା କନ୍ୟାର ଲାଳନପାଳନରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । କନ୍ୟା କଥା କହିବାକୁ ଆରମ୍ଭ କରିଥିଲେ ଭଗବାନଙ୍କ ନାମରେ ।

ସୁଖର ସମୟ ବ୍ୟତୀତ ହେବାରେ ବିଳମ୍ବ ହୁଏ ନାହିଁ । ଦେଖୁ ଦେଖୁ କନ୍ୟାର ବୟସ ଚାରି, ପାଞ୍ଚ ବର୍ଷ ହେବାକୁ ଲାଗିଲା । ପ୍ରତିଦିନ ସେ ପିତାଙ୍କ



ସଙ୍ଗେ ବଗିଚାକୁ ଯାଇ ଫୁଲ ତୋଳନ୍ତି, ପିତାଙ୍କ ସହ ମାଳା ଗୁନ୍ଥନ୍ତି । ଏହି କାର୍ଯ୍ୟରେ ତାଙ୍କୁ ବଡ଼ ଆନନ୍ଦ ମିଳେ । ଫୁଲ ତୋଳିବା ସମୟରେ, ହାର ଗୁନ୍ଥିବା ସମୟରେ, ସ୍ନାନ କରିବା, ଚାଲିବା ବୁଲିବା ସମୟରେ ସେ ସ୍ୱତଃସ୍ଫୂର୍ତ୍ତ ଭାବେ ଭଗବାନଙ୍କ ନାମ ଏପରି ଉଚ୍ଚାରଣ କରୁଥିଲେ ଅଥବା ଭଗବାନଙ୍କ ସ୍ତୁତି ଗୀତରୂପେ ଏପରି ଗାନ କରୁଥିଲେ, ଯେପରି ତାଙ୍କୁ ମାତୃଗର୍ଭରେ କେହି ପଢ଼ାଇଥିଲେ ।

କୋଦଇର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଭଗବତ୍ ପ୍ରେମ ବଢ଼ିବାକୁ ଲାଗିଲା । ଭଗବାନଙ୍କ ନାମ, ଭଗବାନଙ୍କ ସ୍ତୁତି ଛଡ଼ା ଆଉ କିଛି କହିବା, ଆଉ କିଛି ଶୁଣିବା ତାଙ୍କୁ ଭଲ ଲାଗିଲା ନାହିଁ । ପିତାଙ୍କ ଉଠିବା ସଙ୍ଗେ ସଙ୍ଗେ ସେ ନିଦ୍ରା ତ୍ୟାଗ କରି ଉଠିପଡ଼ନ୍ତି, ଶୌଚ ସ୍ନାନାଦି ସମାପ୍ତ କରି ପିତାଙ୍କ ଯିବା ପୂର୍ବରୁ ପୁଷ୍ପବାଟିକାକୁ ଯାଇ ତୁଳସୀ ପୁଷ୍ପ ଉତାରି ଆଣନ୍ତି, ଭଗବାନଙ୍କ ସକାଶେ ଅତ୍ୟନ୍ତ ସୁନ୍ଦର ମାଳା ଗୁନ୍ଥନ୍ତି । ପିତା ମନ୍ଦିର ଯିବା ପରେ ସେ ପୁଷ୍ପବାଟିକାକୁ ଚାଲିଯାଇ ସେହିଠାରେ ଭଗବାନଙ୍କ ନାମଗୁଣ ଗାନ କରନ୍ତି । ତାଙ୍କ ହାତରେ ଭଗବାନଙ୍କର ସେବା, ମୁଖରେ ନାମଗୁଣ ଗାନ ନିରନ୍ତର ଚାଲିଥାଏ ।

କୋଦଇକୁ 'ଅଣ୍ଡାଳ' ନାମରେ ଲୋକେ ଡାକିବାକୁ ଆରମ୍ଭ କଲେ । ଅଣ୍ଡାଳଙ୍କ ବୟସ କ୍ରମଶଃ ବୃଦ୍ଧି ହୋଇ କୈଶୋର ଅବସ୍ଥାକୁ ପ୍ରାପ୍ତ ହେଲା । ଅଣ୍ଡାଳ ଏବେ ଭଗବାନଙ୍କୁ ପତି ରୂପେ ପ୍ରେମ କରନ୍ତି । ସ୍ନାନ କରିବା ପରେ ସୁନ୍ଦର ବସ୍ତ୍ର ପରିଧାନ କରି ଗୋଡ଼ରେ ଅଳତା, ଆଖିରେ ଅଞ୍ଜନ, ଲଲାଟରେ ସିନ୍ଦୂର ଏବଂ ଅନ୍ୟାନ୍ୟ ଅଳଙ୍କାର ପରିଧାନ କରି ନିଜ ମୁଖ ଦର୍ପଣରେ ଦେଖନ୍ତି । ମନେ ମନେ କହନ୍ତି, ''ଏ ଶରୀର ଭଗବାନଙ୍କ ସେବା ସକାଶେ ।'' କେବେ କେବେ ଭଗବାନଙ୍କ ପ୍ରେମରେ ଏପରି ଏକାତ୍ମ ହୋଇଯାନ୍ତି ଯେ ଭଗବାନଙ୍କଠାରୁ ପାର୍ଥକ୍ୟବୋଧ ବିଲୁପ୍ତ ହୋଇଯାଏ । ଭଗବାନଙ୍କ ସକାଶେ ତିଆରି କରିଥିବା ପୁଷ୍ପମାଳା ନିଜେ ଧାରଣ କରି ନିଜ ଶୋଭାକୁ ନିଜେ ନିଜେ ପ୍ରଶଂସା କରନ୍ତି । ନିଜେ ଧାରଣ କରିଥିବା ମାଳା ଭଗବାନଙ୍କ ସକାଶେ ପଠାଇ ଦିଅନ୍ତି ।

ଦିନେ ପୂଜାରିଜି ଭଗବାନଙ୍କୁ ମାଳା ଧାରଣ କରାଇବା ସମୟରେ ସେଥିରେ ଦେଖିଲେ ଗୋଟିଏ କେଶ । ସେ ତତ୍‌କ୍ଷଣାତ୍ ମାଳାଟିକୁ ବିଷ୍ଣୁଚିତ୍‌ଙ୍କୁ ଫେରାଇ ଦେଇ ସେଥିରେ କେଶଟିଏ ଥିବା କହିଦେଲେ । ଭଗବାନଙ୍କ ସେବାରେ ମାଳା ଲାଗିପାରିଲା ନାହିଁ, ଏହି ଦୁଃଖରେ ବିଷ୍ଣୁଚିତ୍ ମାଳାକୁ ନେଇ ଘରକୁ ଫେରିଲେ । ଅଣ୍ଡାଳଙ୍କୁ ଡାକି କହିଲେ, ''ମା, ଟିକିଏ ସାବଧାନରେ ମାଳା ଗୁନ୍ଥିବୁ, ଆଜି ମାଳାରେ ଗୋଟିଏ କେଶ ଥିଲା, ସେହି ସକାଶେ ଭଗବାନଙ୍କ ସେବାରେ ଲାଗିପାରିଲା ନାହିଁ ।'' ଅଣ୍ଡାଳ ମଥା ପୋତି ଶୁଣି ଚାଲିଗଲେ । ଆଉ ଦିନେ ପୂଜାରୀ ବିଷ୍ଣୁଚିତ୍‌ଙ୍କୁ କହିଲେ, ''ଆଜିକାଲି ମାଳା ଝାଉଁଳି ପଡୁଛି କାହିଁକି ?''

କିଛି ଦିନ ପରେ ଅଣ୍ଡାଳ ମାଳା ତିଆରି କରିବା ସମୟରେ, ଏହି ମାଳା ତାଙ୍କ ପ୍ରିୟତମ ଧାରଣ କରିବେ, ଏହି ଭାବରେ ସେ ଏକେବାରେ ତନ୍ମୟ ହୋଇଗଲେ । ନିଜକୁ ଶ୍ରୀରଙ୍ଗ ମନେକରି ମାଳା ଧାରଣ କରି ସେ ଦର୍ପଣ ସମ୍ମୁଖରେ ଛିଡ଼ାହୋଇ ନିଜ ରୂପକୁ ପ୍ରଶଂସା କରିବାକୁ ଲାଗିଲେ । ଠିକ୍ ଏହି ସମୟରେ ବିଷ୍ଣୁଚିତ୍ ହଠାତ୍ ଘରକୁ ପଶିଆସିଲେ । ଭଗବାନଙ୍କୁଅର୍ପିତ ହେବା ପୂର୍ବରୁ ଭଗବାନଙ୍କ ମାଳା ନିଜ କନ୍ୟା ଧାରଣ କରିଥିବା ଦେଖି ବିଷ୍ଣୁଚିତ୍ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଅଣ୍ଡାଳ, ତୁ କ'ଣ କଲୁ ? ଭଗବାନଙ୍କ ଅମଣିଆ ମାଳା ତୁ ନଷ୍ଟ କରିଦେଲୁ ।'' ଦକ୍ଷିଣୀ ବ୍ରାହ୍ମଣମାନେ ଭଗବାନଙ୍କ ପୂଜାରେ ବିଶେଷ ନିଷ୍ଠାବାନ୍ । ସେମାନେ ଶାସ୍ତ୍ରବିଧିବିଧାନରେ, ପ୍ରେମ ଅନୁରାଗରେ ଭଗବାନଙ୍କୁ ପୂଜା କରନ୍ତି । ଭଗବଦ୍ ପୂଜାନିଷ୍ଠା ପ୍ରଣାଳୀ ଅନୁସାରେ ଅଣ୍ଡାଳଙ୍କର ଏହି କାର୍ଯ୍ୟ ତାଙ୍କ ଦୃଷ୍ଟିରେ ବହୁତ ଅନୁଚିତ ଥିଲା । ସେ ନୂତନ ପୁଷ୍ପମାଳା ତିଆରି କରିନେଇ ପୂଜାରୀଙ୍କୁ ଦେଲେ ।

ଯେ ଭଗବାନଙ୍କ ଚରଣରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରି ତାଙ୍କରି ପ୍ରେମ-ଭକ୍ତି-ସମୁଦ୍ରରେ ବୁଡିଯାଏ, ଭଗବାନ୍ ତା'ଠାରୁ କ୍ଷଣକ ସକାଶେ ବି ପୃଥକ୍ ହୁଅନ୍ତି ନାହିଁ, ତା'ର ମନ-ପ୍ରାଣ-ଅନ୍ତରରେ ବାସ କରନ୍ତି । ସେ



ଶରୀରରେ ଭଗବାନଙ୍କଠାରୁ ଥାଏ ପୃଥକ୍ କିନ୍ତୁ ଚେତନାରେ ହୁଏ ଏକ । ଅଣ୍ଡାଳଙ୍କର ନିଜସ୍ୱ କିଛି ନ ଥିଲା । ତାଙ୍କ ମନ, ପ୍ରାଣ, ଚେତନା, କାମନା, ବାସନା, ଭାବନା ତଥା ଚାଲିବା, ବୁଲିବା, ଖାଇବା, ପିଇବା ସମସ୍ତ କର୍ମରେ ସେ ଭଗବାନଙ୍କ ସହିତ ଓତପ୍ରୋତ ଥିଲେ, ଭଗବାନଙ୍କଠାରୁ କ୍ଷଣେ ହେଲେ ପୃଥକ୍ ହେଉ ନ ଥିଲେ । ତାଙ୍କର ସମସ୍ତ ଗତିବୃତ୍ତି ଭଗବନ୍ମୟ ହୋଇ ଯାଇଥିଲା । ଏହିପରି ଅବସ୍ଥାରେ ଭଗବାନ୍ ଭକ୍ତ ମୁଖରେ କହନ୍ତି, ଭକ୍ତ ମୁଖରେ ଭୋଜନ କରନ୍ତି, ଭକ୍ତ ଅଙ୍ଗରେ କର୍ମ କରନ୍ତି, ଭକ୍ତର ପରିଧାନରେ ସେ ସ୍ୱୟଂ ପରିଧାନ କରନ୍ତି, ଭକ୍ତ ଏବଂ ଭଗବାନ୍ ଶରୀରରେ ପୃଥକ୍ ହେବା ସତ୍ତ୍ୱେ ଯଥାର୍ଥରେ ଏକ ଓ ଅଭିନ୍ନ ଥା'ନ୍ତି ।

ସେହିଦିନ ରାତ୍ରିରେ ବିଷ୍ଣୁଚିତ୍‌ଙ୍କୁ ଭଗବାନ୍ ସ୍ୱପ୍ନରେ କହିଲେ, ''ଅଣ୍ଡାଳ ଧାରଣ କରିଥିବା ମାଳା ମୋର ବହୁତ ପ୍ରିୟ, ତାହାରି ମାଳା ମୋତେ ପ୍ରତିଦିନ ଧାରଣ କରାଅ ।'' ଏହାଦ୍ୱାରା ବିଷ୍ଣୁଚିତ୍‌ଙ୍କୁ କନ୍ୟା ପ୍ରାପ୍ତ ହୋଇଥିବା ରାତ୍ରିରେ ଭଗବାନଙ୍କ ସ୍ୱପ୍ନାଦେଶ ସ୍ମରଣ ହୋଇଗଲା । ସେ ନିଜ କନ୍ୟାର ମହତ୍ତ୍ୱ ବୁଝିପାରି ବଡ଼ ଆନନ୍ଦିତ ହେଲେ ।

କ୍ରମଶଃ ଅଣ୍ଡାଳଙ୍କ ପ୍ରେମ-ବିରହ ବୃଦ୍ଧି ହେବାକୁ ଲାଗିଲା । କେବଳ ମାନସିକ ଆନ୍ତର ଚେତନାରେ ଭଗବାନଙ୍କ ମିଳନରେ ତାଙ୍କୁ ସନ୍ତୋଷ ହେଲା ନାହିଁ । ସେ ପ୍ରତ୍ୟକ୍ଷ ମିଳନ ସକାଶେ ବ୍ୟାକୁଳ ହୋଇପଡ଼ିଲେ । ରାତ୍ରିରେ ନିଦ ନାହିଁ, ଦିନରେ ଶାନ୍ତି ନାହିଁ । ଯେଉଁଠି ବସନ୍ତି, ସେଠି ''ହା ନାଥ, ହା ପ୍ରାଣନାଥ, ଏ ଅଭାଗିନୀକୁ ଦର୍ଶନ ଦେବୁ ନାହିଁ ?''– ଏହିପରି କହି ନେତ୍ରରୁ ଅଶ୍ରୁଧାରା ବର୍ଷଣ କରନ୍ତି । ଶରୀରର କୌଣସି ଖବର ନାହିଁ । କେତେବେଳେ ଖାଇବେ, କେତେବେଳେ ଶୋଇବେ, କେତେବେଳେ ମାଳା ଗୁନ୍ଥିବେ, କିଛି ଜ୍ଞାନ ନାହିଁ । କେବଳ ପୂର୍ବ ଅଭ୍ୟାସବଶତଃ ଯାନ୍ତ୍ରିକରୂପେ ଶାରୀରିକ କ୍ରିୟା ହେଉଥାଏ । ସେ ପ୍ରାଣନାଥଙ୍କ ବିରହବ୍ୟଥାରେ ଛଟପଟ ହେଉଥା'ନ୍ତି । ଦିନ ଏହିପରି କଦର୍ଥନରେ ବିତେ, ରାତ୍ରିରେ ବି ଶାନ୍ତି ନ ଥାଏ । ବିଛଣାରେ ଶୋଇ ନେତ୍ରରୁ

ଅଶ୍ରୁଧାରା ବୁହାଇ ରାତ୍ରି ଶେଷ କରନ୍ତି । ଟିକିଏ ନିଦ୍ରା ଆସିଲେ ପ୍ରାଣନାଥଙ୍କ ମିଳନ ସ୍ୱପ୍ନରେ ହୁଅନ୍ତା, କିନ୍ତୁ ଏହା ବି ହୁଏ ନାହିଁ । ନିଦ୍ରାଦେବୀ ସପତ୍ନୀ ବୈରରେ ତାଙ୍କ ନେତ୍ରକୁ ତ୍ୟାଗ କରି ଚାଲିଯାଇଥାନ୍ତି । ଯେତେବେଳେ ବିରହବେଦନାରେ ଚେତନା ଲୟ ହୋଇଯାଏ, ସେହି ସମୟରେ ହୃଦୟଦେବତା ଆସି ହୃଦୟରେ ଆଲିଙ୍ଗନ କରି କହନ୍ତି, ''ତୁ ଏତେ ବ୍ୟାକୁଳ ହେଉଛୁ କାହିଁକି, ମୁଁ ତୋଠାରୁ କ'ଣ ଦୂରରେ ଅଛି ?'' ଅଣ୍ଡାଳ ଚମକି ପଡ଼ି ସଚେତ ହୋଇ ନେତ୍ର ଖୋଲି ଦେଖିବାରେ ପ୍ରାଣନାଥ ନଅ ଦୁଇ ଏଗାର ହୋଇଯାନ୍ତି । ତାଙ୍କର ଏହି ନିଷ୍ଠୁର ସ୍ୱଭାବ । ପାଖକୁ ଆସିବେ ନାହିଁ, ଦୂରରେ ରହି ତାମସା ଦେଖିବେ । ଅଣ୍ଡାଳ ତାଙ୍କ ସକାଶେ ପ୍ରାଣ ଦେଉଥା'ନ୍ତି କିନ୍ତୁ ସେ ଦୂରରେ ରହି ହସୁଥା'ନ୍ତି । ତାଙ୍କୁ ଏହିପରି ଲୁଚକାଳି ଖେଳରେ ଆନନ୍ଦ ମିଳେ ।

କନ୍ୟାର ଭଗବାନଙ୍କ ପ୍ରତି ପ୍ରେମ ଓ ବିରହ ଭାବ ଦେଖି ବିଷ୍ଣୁଚିତ୍ ବହୁତ ଆନନ୍ଦିତ ହୁଅନ୍ତି ଏବଂ ନିଜକୁ ବଡ଼ ସୌଭାଗ୍ୟବାନ୍ ମନେକରନ୍ତି । ଭାବନ୍ତି, ''ଭଗବାନଙ୍କର ମୋ ପ୍ରତି ଅସୀମ କୃପା । ଭଗବତ୍ ପ୍ରେମର ମୂର୍ତ୍ତିମାନ୍ ବିଗ୍ରହକୁ କନ୍ୟାରୂପେ ସେବା କରିବାର ସୌଭାଗ୍ୟ ମୋତେ ଦୟାକରି ଭଗବାନ୍ ଦେଇଛନ୍ତି ।'' ଏହା ଭାବିବା ମାତ୍ରେ ତାଙ୍କ ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଯାଏ । ନେତ୍ରରୁ ଅଶ୍ରୁ ବର୍ଷା ହୁଏ । କନ୍ୟାକୁ ଦେଖିବା ମାତ୍ରେ ଭଗବତ୍ ଭକ୍ତି ତାଙ୍କ ହୃଦୟରେ ଖେଳିଯାଏ । କନ୍ୟାକୁ ସନ୍ତୋଷ ଦେବା ସକାଶେ କେବେ କେବେ ପାଖରେ ବସାଇ ଭଗବାନଙ୍କ ଲୀଳା ବର୍ଣ୍ଣନ କରନ୍ତି । ସେଥିରେ ଅଣ୍ଡାଳ ବହୁତ ଆନନ୍ଦିତ ହୁଅନ୍ତି । ଦିନେ କଥାପ୍ରସଙ୍ଗରେ ଭଗବାନଙ୍କ ଧାମ ବର୍ଣ୍ଣନ କରିବାକୁ ଲାଗିଲେ । କହିଲେ, ''ଭଗବାନ୍ ସର୍ବତ୍ର ବିଦ୍ୟମାନ ଥିବା ସତ୍ତ୍ୱେ ଭକ୍ତକୁ ଆନନ୍ଦ ଦେବା ସକାଶେ ଶ୍ରୀ ବୈକୁଣ୍ଠ ଧାମରେ ଭଗବାନ୍ ବାସୁଦେବ, ଆମୋଦ ଲୋକରେ ଶଙ୍କର୍ଷଣ, ପ୍ରମୋଦ ଲୋକରେ ପ୍ରଦ୍ୟୁମ୍ନ ଏବଂ ଅନିରୁଦ୍ଧ, ଗୋଲୋକରେ ଶ୍ରୀରାଧାଙ୍କ ସହିତ ଶ୍ରୀକୃଷ୍ଣ, ସାକେତରେ ଶ୍ରୀ ସୀତାଦେବୀଙ୍କ ସହ ଶ୍ରୀରାମ, ଶ୍ୱେତ ଦ୍ୱୀପରେ ଭଗବାନ୍ କ୍ଷୀରଶାୟୀ ନାରାୟଣ ନିବାସ କରନ୍ତି ।



ଏହି ପୃଥିବୀ ଲୋକରେ ପ୍ରତିମା ବିଗ୍ରହରୂପେ ବଦ୍ରିନାଥରେ ନରନାରାୟଣ, ମୁକ୍ତିନାଥରେ ଭଗବାନ୍ ଶାଳଗ୍ରାମ, ଅଯୋଧ୍ୟାରେ ଚାରିଭାଇଙ୍କ ସହ ଶ୍ରୀସୀତାରାମ, ମଥୁରାରେ ଶ୍ରୀକୃଷ୍ଣ, ବୃନ୍ଦାବନରେ ରାଧାକୃଷ୍ଣ, ଗୋବର୍ଦ୍ଧନରେ ଗିରିଧରଲାଲ, ନନ୍ଦଗାଁରେ କୃଷ୍ଣଚନ୍ଦ୍ର, ଗୋକୁଳରେ ବାଳକୃଷ୍ଣ, କାଳିନ୍ଦୀରେ ଗୋବିନ୍ଦ ନିବାସ କରନ୍ତି । କାଶୀରେ ଶ୍ରୀ ବିଶ୍ୱନାଥ ରହି ମୃତ୍ୟୁ ସମୟରେ କାଶୀବାସୀଙ୍କୁ ରାମତାରକ ମନ୍ତ୍ର ଉପଦେଶ ଦେଇ ଉଦ୍ଧାର କରନ୍ତି । ହରିଦ୍ୱାରରେ ଯଦୁପତି, ପ୍ରୟାଗରେ ବେଣୀମାଧବ, ଗୟାରେ ଗଦାଧର, ଗଙ୍ଗାସାଗରରେ କପିଳ ମୁନି, ପଣ୍ଡରପୁରରେ ଶ୍ରୀ ବିଟ୍‌ଠଲ, ପୁରୀରେ ଶ୍ରୀଜଗନ୍ନାଥ, ଦକ୍ଷିଣ ସେତୁବନ୍ଧରେ ଶ୍ରୀରାମେଶ୍ୱର, କାବେରୀ ତଟ ଶ୍ରୀରଙ୍ଗମ୍‌ରେ ଶ୍ରୀରଙ୍ଗନାଥଜି ବିରାଜମାନ ହୋଇ କଳିଜୀବଙ୍କୁ ଉଦ୍ଧାର କରୁଅଛନ୍ତି ।''

ଶ୍ରୀରଙ୍ଗଙ୍କ ନାମ ଶୁଣିବା ମାତ୍ରେ ଅଣ୍ଡାଳଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହୋଇପଡ଼ିଲା, ରୋମାଞ୍ଚ ହୋଇଆସିଲା; ସେ ବିହ୍ୱଳ ହୋଇ ଗଦ୍‌ଗଦ ସ୍ୱରରେ କହିଲେ, ''ପିତା, ରଙ୍ଗନାଥ ମୂର୍ତ୍ତି କେଉଁଠୁ ଆସିଲେ, କେବେ ପ୍ରତିଷ୍ଠିତ ହେଲେ ?'' ବିଷ୍ଣୁଚିତ୍ କହିଲେ, ''ରଙ୍ଗନାଥଜି ବହୁତ ପ୍ରାଚୀନ ବିଗ୍ରହ । ଅଯୋଧ୍ୟାର ସୂର୍ଯ୍ୟବଂଶୀ ମହାନ୍ ପ୍ରତାପୀ ରାଜା ଇକ୍ଷ୍ୱାକୁଙ୍କ ଯଜ୍ଞପୂର୍ଣ୍ଣ ହେବା ସକାଶେ ପିତାମହ ବ୍ରହ୍ମାଙ୍କ ପ୍ରାର୍ଥନାରେ ଭଗବାନ୍ ବିଷ୍ଣୁ ପ୍ରକଟ ହେଲେ; ବିଷ୍ଣୁଙ୍କ ଦର୍ଶନରେ ରାଜା କୃତାର୍ଥ ହୋଇଗଲେ । ତାଙ୍କର ତପସ୍ୟା କରିବାର ସ୍ୱତଃ ପ୍ରବୃତ୍ତି ହେଲା । ବ୍ରହ୍ମାଙ୍କଠାରୁ ଉପଦେଶ ନେଇ ପୁଣ୍ୟତୋୟା ମାନସନନ୍ଦିନୀ ସରଯୂ କୂଳରେ ତପସ୍ୟା କଲେ । ତାଙ୍କ ତପସ୍ୟାରେ ବ୍ରହ୍ମା ବହୁତ ପ୍ରସନ୍ନ ହୋଇ ବର ମାଗିବାକୁ କହିଲେ । ତାଙ୍କ କୁଳରେ ଭଗବାନ୍ ଅବତାର ନେବେ ଏବଂ ତାଙ୍କ କୁଳର ଇଷ୍ଟଦେବରୂପେ ପ୍ରାପ୍ତ ହେବାର ବରଦାନ ରାଜା ବିନୀତଭାବେ ପ୍ରାର୍ଥନା କଲେ । ରାଜାଙ୍କ ନିଷ୍କପଟ ତପସ୍ୟାରେ ବ୍ରହ୍ମା ବହୁତ ପ୍ରସନ୍ନ ଥିଲେ । ରାଜାଙ୍କ ପ୍ରାର୍ଥନା ଶେଷ ହେବା ସଙ୍ଗେ ସଙ୍ଗେ ବ୍ରହ୍ମା 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନ୍ ସେହିଦିନଠାରୁ ଶେଷଶାୟୀ ନାରାୟଣ ରାଜାଙ୍କୁ

ଇଷ୍ଟଦେବ ରୂପେ ପାଷାଣ ବିଗ୍ରହରେ ପ୍ରାପ୍ତ ହେଲେ । ତାଙ୍କ ନାମ ରଖାହେଲା ଶ୍ରୀରଙ୍ଗ । ଇକ୍ଷ୍ୱାକୁ ରାଜାଙ୍କ ସମୟରୁ ସୂର୍ଯ୍ୟବଂଶରେ ଏହି ଶ୍ରୀରଙ୍ଗ ଇଷ୍ଟଦେବ ରୂପେ ବରାବର ପୂଜିତ ହେଉଥିଲେ ।

''ବହୁ ବର୍ଷ ପରେ ଇକ୍ଷ୍ୱାକୁଙ୍କ ସୂର୍ଯ୍ୟବଂଶରେ ମହାନ୍ ପ୍ରତାପୀ ରାଜା ଦଶରଥ ଜାତ ହେଲେ । ତାଙ୍କର ପୁତ୍ର ନ ଥିବାରୁ ତାଙ୍କ ଗୁରୁ ବଶିଷ୍ଠଙ୍କ ସଂରକ୍ଷଣରେ ଋଷ୍ୟଶୃଙ୍ଗ ମୁନିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ଭଗବାନଙ୍କ ପ୍ରୀତ୍ୟର୍ଥେ ଅନୁଷ୍ଠାନ କଲେ । ରାଜା ଦଶରଥଙ୍କ ଭକ୍ତିଭାବପୂର୍ଣ୍ଣ ଯଜ୍ଞରେ ଭଗବାନ୍ ସନ୍ତୁଷ୍ଟ ହୋଇ ପୁତ୍ରରୂପେ ଉତ୍ପନ୍ନ ହେଲେ ଏବଂ ତାଙ୍କ ନାମ ହେଲା ଶ୍ରୀରାମ । ଶ୍ରୀରାମଙ୍କ ବିମାତା କୈକେୟୀ ରାଜାଙ୍କଠାରୁ କପଟ ବରଦାନ ନେଇ ଶ୍ରୀରାମଙ୍କୁ ବନବାସ ଦେଲେ । ଦଣ୍ଡକାରଣ୍ୟରେ ଶ୍ରୀରାମଙ୍କ ଧର୍ମପତ୍ନୀ ଆଦ୍ୟାଶକ୍ତି ମା ସୀତାଙ୍କୁ ରାବଣ ହରଣ କରି ଲଙ୍କା ନେଇଯିବାରୁ ଶ୍ରୀରାମ ସମୁଦ୍ର ପାରି ହୋଇ ରାବଣର ସବଂଶ ଧ୍ୱଂସ କରି ସୀତାଦେବୀଙ୍କୁ ଫେରାଇ ଆଣିଲେ । ବିଭୀଷଣ ଥିଲେ ରାବଣର ଛୋଟ ଭାଇ, କିନ୍ତୁ ଭଗବାନଙ୍କର ପରମ ଭକ୍ତ । ଯୁଦ୍ଧ ପୂର୍ବରୁ ଶ୍ରୀରାମଙ୍କ ସହ ଯୁଦ୍ଧ ନ କରି ସୀତାଙ୍କୁ ଫେରାଇ ଦେବାକୁ ବିଭୀଷଣ କହିବାରୁ ରାବଣ କ୍ରୋଧାନ୍ୱିତ ହୋଇ ତାଙ୍କୁ ଲଙ୍କାରୁ ନିର୍ବାସିତ କଲେ । ସେ ହେଲେ ଶ୍ରୀରାମଙ୍କ ଶରଣାପନ୍ନ । ରାବଣ ବଧ ପରେ ସମସ୍ତ କପିସେନା, ସେନାପତି ତଥା ବିଭୀଷଣଙ୍କ ସହିତ ଶ୍ରୀରାମ, ସୀତାଦେବୀ ଅଯୋଧ୍ୟାକୁ ଫେରିଆସିଲେ । କିଛିଦିନ ପରେ ସମସ୍ତ ସେନା ନିଜ ନିଜ ରାଜ୍ୟକୁ ଫେରିଗଲେ । କିନ୍ତୁ ବିଭୀଷଣ ଶ୍ରୀରାମଙ୍କ ସେବା ଛାଡ଼ି ଲଙ୍କା ଯିବାକୁ ଚାହିଁଲେ ନାହିଁ । ବିଭୀଷଣଙ୍କୁ ନିଜର ପ୍ରତିନିଧିରୂପେ ଶ୍ରୀରଙ୍ଗଙ୍କ ବିଗ୍ରହ ଦେଇ ଶ୍ରୀରାମଚନ୍ଦ୍ର ତାଙ୍କୁ ବିଦାୟ ଦେଲେ । ବିଭୀଷଣ ଶ୍ରୀରାମଙ୍କ ଆଜ୍ଞାରେ ଶ୍ରୀରଙ୍ଗଙ୍କୁ ମସ୍ତକରେ ଧାରଣ କରି ଲଙ୍କା ଅଭିମୁଖେ ଯାତ୍ରା କଲେ । ପଥଶ୍ରାନ୍ତ ଯୋଗୁଁ ବିଭୀଷଣ ଶ୍ରୀରଙ୍ଗ ବିଗ୍ରହକୁ କାବେରୀ କୂଳରେ ଏହି ସ୍ଥାନରେ ରଖି କିଛି ସମୟ ବିଶ୍ରାମ କଲେ । ପୁନରାୟ ଲଙ୍କା ଅଭିମୁଖରେ ଯାତ୍ରା କରିବା ଉଦ୍ଦେଶ୍ୟରେ ଶ୍ରୀରଙ୍ଗଙ୍କ ବିଗ୍ରହକୁ ଉଠାଇବା ସମୟରେ ଶ୍ରୀରଙ୍ଗ ଆଉ କୌଣସିମତେ ଉଠିଲେ ନାହିଁ । ବହୁ ଚେଷ୍ଟା ବ୍ୟର୍ଥ ହେବା ପରେ ଶ୍ରୀରଙ୍ଗ ଏହି ସ୍ଥାନରେ ରହିବା ସେ ଅନୁଭବ କରି ଏହି ସ୍ଥାନରେ ମନ୍ଦିର ନିର୍ମାଣ କଲେ । ସେହିଦିନଠାରୁ ଶ୍ରୀରଙ୍ଗଙ୍କ ସେବା-ପୂଜା ଏହିଠାରେ ହେଉଅଛି । ଲୋକପରମ୍ପରା କିମ୍ବଦନ୍ତୀ ଅଛି,— ବିଭୀଷଣ ଶ୍ରୀରଙ୍ଗଙ୍କୁ ଦର୍ଶନ କରିବାକୁ ପ୍ରତିଦିନ ଲଙ୍କାରୁ ଆସନ୍ତି ।''



ରଙ୍ଗନାଥଜିଙ୍କ ଚରିତ ଶୁଣିବା ଦିନଠାରୁ ଅଣ୍ଡାଳଙ୍କର ବିରହବେଦନା ବହୁତ ତୀବ୍ର ହୋଇଗଲା । ସେ ଆଉ ଭଗବାନଙ୍କ ବିୟୋଗ ବରଦାସ୍ତ କରିପାରିଲେ ନାହିଁ । ଦିନରାତି ଭଗବାନଙ୍କ ମିଳନ ଲାଳସାରେ ଅଶ୍ରୁପାତ କଲେ । ଶରୀରର ବାହ୍ୟଜ୍ଞାନ ଏକେବାରେ ଶୂନ୍ୟ ହୋଇଗଲା । କେବେ ସୂର୍ଯ୍ୟ ଉଦୟ ହୋଇ ଅସ୍ତାଚଳକୁ ଯାଆନ୍ତି, ତାଙ୍କର ଏହି ଜ୍ଞାନ ନ ଥାଏ । ରାତ୍ରିଦିନର ପ୍ରଭେଦ ନାହିଁ, ଭୋକଶୋଷର ଜ୍ଞାନ ନାହିଁ, ସର୍ବତ୍ର ଭଗବାନଙ୍କ ବିଗ୍ରହ । ଆଖି ବନ୍ଦ କଲେ ହୃଦୟରେ ଦର୍ଶନ ଦେଉଥିଲେ କିନ୍ତୁ ଆଲିଙ୍ଗନ କରିବାକୁ ଚାହିଁଲେ ଅଦୃଶ୍ୟ ହୋଇଯାଉଥିଲେ । ଅଣ୍ଡାଳଙ୍କ ସମସ୍ତ ସତ୍ତା ଯଦ୍ୟପି ଭଗବନ୍ମୟ ହୋଇଥିଲା, ତଥାପି ସେ ପ୍ରତ୍ୟକ୍ଷ ମିଳନ ସକାଶେ ଅତ୍ୟନ୍ତ ବ୍ୟାକୁଳ ଥିଲେ । ଏହି ବ୍ୟାକୁଳ ଅବସ୍ଥାରେ କେବେ କେବେ ସେ ଭଗବତ୍ ଲୀଳାରେ ଏକେବାରେ ତନ୍ମୟ ହୋଇଯା'ନ୍ତି । ଭାବାବେଶରେ ଯମୁନାରେ ଗୋପୀମାନଙ୍କ ସହିତ ସ୍ନାନ କରିବା ସମୟରେ ଶ୍ରୀକୃଷ୍ଣ ଲୁଚି ଲୁଚି ଆସି ଗୋପୀମାନଙ୍କ ବସ୍ତ୍ର ସହିତ ତାଙ୍କ ବସ୍ତ୍ର ନେଇ କଦମ୍ବ ଡାଳରେ ବାନ୍ଧନ୍ତି । ସେ ବସ୍ତ୍ର ପାଇବା ସକାଶେ ବହୁତ ଅନୁନୟ ବିନୟ କରି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରନ୍ତି । କେବେ ଗୋପୀ ଭାବରେ ଶୋଇଥା'ନ୍ତି, ଶ୍ରୀକୃଷ୍ଣ ଆସି ତାଙ୍କ ମସ୍ତକର କେଶକୁ ବିଛଣାରେ ବାନ୍ଧି ଲୁଚି ଛିଡ଼ା ହୋଇଥା'ନ୍ତି । ସେ ଉଠିବା ସଙ୍ଗେ ସଙ୍ଗେ ତାଙ୍କ ସହିତ ବିଛଣା ଉଠେ । ଶ୍ରୀକୃଷ୍ଣ ଏହା ଦେଖି ତାଳିମାରି ହସନ୍ତି । ଅଣ୍ଡାଳ ବି ହସିଦିଅନ୍ତି । ଏହିପରି ଗୋପୀଭାବରେ ଅଣ୍ଡାଳ ବରାବର ତନ୍ମୟ ରହୁଥା'ନ୍ତି । କେତେବେଳେ ଶ୍ରୀକୃଷ୍ଣଙ୍କ ବିୟୋଗରେ ଅଶ୍ରୁବର୍ଷଣ କରନ୍ତି, କେତେବେଳେ ଶ୍ରୀକୃଷ୍ଣ ଲୀଳାରେ ଠୋ ଠୋ ହୋଇ ହସିଉଠନ୍ତି ।

ଏହିପରି ଭଗବତ୍ ଲୀଳାରେ ତନ୍ମୟତା ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ଭଗବତ୍ ଦର୍ଶନର ଉତ୍କଣ୍ଠା ଅତ୍ୟଧିକ ଭାବେ ତୀବ୍ର ହେବାକୁ ଲାଗିଲା । ଭଗବତ୍ ସାକ୍ଷାତ୍ ମିଳନ ଛଡ଼ା ଶରୀର ରହିବା ଆଉ ସମ୍ଭବ ହେଲା ନାହିଁ । ଯଦ୍ୟପି ସେ ଭୂଦେବୀ ଥିଲେ ତଥାପି ସେ ଏହି ବିଶ୍ୱତତ୍ତ୍ୱରୁ ମନ-ପ୍ରାଣ-ଶରୀରତତ୍ତ୍ୱ ଗ୍ରହଣ କରିଥିଲେ । ସେଥିରେ ଅଶୁଦ୍ଧି ହେବା ସ୍ୱାଭାବିକ ଥିଲା । କିନ୍ତୁ ଭଗବତ୍ ବିରହାଗ୍ନିରେ ସମସ୍ତ ଅଶୁଦ୍ଧି ଭସ୍ମୀଭୂତ ହୋଇ ଶୁଦ୍ଧ ହୋଇଗଲା । ଭକ୍ତ ଭଗବାନଙ୍କ ସଙ୍ଗେ ସାକ୍ଷାତ କରିବାକୁ ଯେପରି ବ୍ୟଗ୍ର ହୁଏ, ଭଗବାନ୍ ମଧ୍ୟ ତା'ଠାରୁ ଅଧିକ ବ୍ୟଗ୍ର ହୁଅନ୍ତି । କିନ୍ତୁ ଭଗବାନଙ୍କ ଶୁଦ୍ଧ ସ୍ୱରୂପରେ ସାକ୍ଷାତ୍ ଦର୍ଶନକୁ ଅଶୁଦ୍ଧ ଅବସ୍ଥାରେ ଆଧାର ବରଦାସ୍ତ କରିପାରେ ନାହିଁ । ସେ ନେଇ ଉପଯୁକ୍ତ ସମୟକୁ ଭଗବାନ୍ ଅପେକ୍ଷା କରିଥା'ନ୍ତି ।

ଭାଗ୍ୟବତୀ ଅଣ୍ଡାଳଙ୍କ ପାର୍ଥିବ ମନ-ପ୍ରାଣ-ଶରୀରର ଅଶୁଦ୍ଧି ଭଗବାନଙ୍କ ବିରହାଗ୍ନିରେ ଭସ୍ମୀଭୂତ ହୋଇସାରିଛି । ଭଗବାନ୍ ଏବଂ ଜୀବ ମଧ୍ୟରେ ଥିବା ଅଜ୍ଞାନ ଆବରଣ ଦୂର ହୋଇଛି । ଅଣ୍ଡାଳଙ୍କ ମନ-ପ୍ରାଣ-ଶରୀରର ବାସନା, କାମନା, ଲୋଭ, ମୋହମାୟାର ବାଧା ନାହିଁ । ଭଗବାନଙ୍କ ପ୍ରାପ୍ତିର ଉପଯୁକ୍ତ ଆଧାର ତିଆରି ହୋଇଛି । ଅଣ୍ଡାଳ ଆଉ ଭଗବାନଙ୍କଠାରୁ ଦୂରରେ ରହି ଶାନ୍ତି-ସନ୍ତୋଷରେ ରହିବାର ସମୟ ବ୍ୟତୀତ ହୋଇଯାଇଛି । ବର୍ତ୍ତମାନ ଅବସ୍ଥାରେ ଗୋଟିଏ ସର୍ତ୍ତ । ଭଗବାନଙ୍କ ମିଳନ ଅଥବା ଶରୀର ତ୍ୟାଗ । ଅଣ୍ଡାଳଙ୍କ ମନ-ପ୍ରାଣ-ଶରୀରର ରୋମ ରୋମ ଭଗବନ୍ମୟ ହୋଇଯାଇଛି । ଏ ଅବସ୍ଥାରେ ଭଗବାନ୍ ଦୂରରେ ରହିବେ କିପରି ? ଏହାହିଁ ଭଗବାନଙ୍କ ସହ ମିଳନର ଉପଯୁକ୍ତ ଅବସ୍ଥା ।

କୌଣସି ସମୟରେ ଅକସ୍ମାତ୍ କିଛିକ୍ଷଣ ନିଦ୍ରା ଆସିଲେ ଭଗବାନ୍ ଅଣ୍ଡାଳଙ୍କ ପାଖରେ ଉପସ୍ଥିତ । କେତେ କଥା କହି କେତେ ହାବଭାବ କରି ଆଲିଙ୍ଗନ କରନ୍ତି । ଅଣ୍ଡାଳ ଆଖି ଖୋଲିବା ମାତ୍ରେ ଅନ୍ତର୍ଦ୍ଧାନ ।

ଅଣ୍ଡାଳ ଆଉ ବିରହବେଦନା ସହ୍ୟ କରିପାରିଲେ ନାହିଁ । ବିକଳ ବିହ୍ୱଳ



ହୋଇ କହିଲେ, ''ପ୍ରଭୁ, ତୁମ ବିରହ ଦ୍ୱାରା ନେତ୍ରରୁ ଅଶ୍ରୁ ବର୍ଷା ହୋଇ ଜ୍ୟୋତିଃ ନଷ୍ଟ ହେଉଛି, ରାତ୍ରିରେ ନିଦ ନାହିଁ, ଦିନରେ ଶାନ୍ତି ନାହିଁ, ତୁମ ବିୟୋଗରେ ହୃଦୟ ଜଳିଯାଉଛି । ତୁମେ ନିର୍ଦ୍ଦୟ ନିଷ୍ଠୁର ହୋଇ ଦୂରରେ ଛିଡ଼ାହୋଇ ତାମସା ଦେଖୁଛ । ଏପରି କଦର୍ଥନରେ ଛଟପଟ କରି କାହିଁକି ମାରୁଛ ? ଏହି ଶରୀରରୁ ପ୍ରାଣ ନେଇନିଅ । ପ୍ରଭୁ, ତୁମେ କରୁଣାମୟ, ତୁମ ଆଶ୍ରିତର ଦୁଃଖକଷ୍ଟ ତୁମେ ସହିପାର ନାହିଁ, ଦ୍ରୌପଦୀର ଲଜ୍ଜା ନିବାରଣ ସକାଶେ ତୁମେ ସ୍ୱୟଂ ବସ୍ତ୍ର ଅବତାର ନେଲ । ଦଶହଜାର ହସ୍ତୀର ବଳପ୍ରାପ୍ତ ଦୁଃଶାସନ ବସ୍ତ୍ର ଟାଣି ଥକିଗଲା । କିନ୍ତୁ ବସ୍ତ୍ର ଶେଷ ହେଲା ନାହିଁ । ସୀତାଦେବୀଙ୍କ ସକାଶେ ସମୁଦ୍ରରେ ବନ୍ଧ ବାନ୍ଧି ରାବଣର ସବଂଶ ବଧ କରି ତାଙ୍କୁ ଉଦ୍ଧାର କଲ । ରୁକ୍ମିଣୀଙ୍କ କାତର ପ୍ରାର୍ଥନାରେ ବଳଶାଳୀ ରାଜାମାନଙ୍କ ରକ୍ଷାରେ ଥିବା ସମୟରେ ତାଙ୍କୁ ହରଣ କରି ଆଣିଥିଲ । ମୋ ସକାଶେ ତୁମ ହୃଦୟ କ'ଣ ପାଷାଣ ହୋଇଗଲା ?'' ପ୍ରାର୍ଥନା କରୁ କରୁ ତାଙ୍କୁ ବିରହ ସମାଧି ଅଥବା ଭଗବାନଙ୍କ ପ୍ରେରଣାରେ ନିଦ୍ରା ଆସିଗଲା । ଭଗବାନ୍ ଆସି ଅଣ୍ଡାଳଙ୍କ ବିଛଣାରେ ବସିଗଲେ । ତାଙ୍କ ମସ୍ତକକୁ ଆଉଁଶି କହିଲେ, ''ପ୍ରିୟା ଅଣ୍ଡାଳ, ତୁ ଏପରି ବ୍ୟାକୁଳ ହେଉଛୁ କାହିଁକି ? ମୁଁ କ'ଣ ତୋଠାରୁ କେବେ ଅନ୍ତର ଥାଏ ? ସବୁ ସମୟରେ ତୋ ସଙ୍ଗରେ ଥାଏ । ତୋ ପ୍ରେମରେ ମୁଁ ବନ୍ଦୀ, ତୋତେ ଛାଡ଼ି ମୁଁ ରହିପାରେ ନାହିଁ । ତୋର ମନସ୍କାମ ପୂର୍ଣ୍ଣ ହେଲା । ମୁଁ ତୋ ପାଣି ଗ୍ରହଣ କରୁଅଛି ।'' ଏହା କହି ଅଣ୍ଡାଳଙ୍କୁ ହୃଦୟରେ ଆଲିଙ୍ଗନ କରିବା ସମୟରେ ଅଣ୍ଡାଳଙ୍କ ନେତ୍ର ଖୋଲିଗଲା । ତାଙ୍କ ମନ-ପ୍ରାଣ-ଶରୀର ଦିବ୍ୟାନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ବହୁ ଦିନର ତୃଷିତ ନେତ୍ର ଅଲୌକିକ ରୂପସୌନ୍ଦର୍ଯ୍ୟରେ ନିମଜ୍ଜିତ ହେଲା । ଭଗବାନ୍ ଅନ୍ତର୍ହିତ ହୋଇଗଲେ ।

ସେହି ସମୟରେ ବିଷ୍ଣୁଚିତ୍‌ଙ୍କୁ ତଥା ମନ୍ଦିରର ଅଧିକାରୀଙ୍କୁ ସ୍ୱପ୍ନରେ ଆଦେଶ ଦେଲେ, ''ମୋର ପ୍ରିୟତମା ଅଣ୍ଡାଳ ସହିତ ମୋର ବିବାହ କରାଅ, ମୁଁ ତା'ର ପାଣି ଗ୍ରହଣ କରିବାକୁ ଚାହେଁ ।'' ଭଗବାନଙ୍କ ଆଦେଶ ପରେ

ବିଷ୍ଣୁଚିତ୍ ତଥା ଶ୍ରୀରଙ୍ଗନାଥଙ୍କ ମନ୍ଦିରର ଅଧିକାରୀଙ୍କ ନିଦ୍ରା ଭଙ୍ଗ ହେଲା । ସେମାନେ ସ୍ୱପ୍ନ ଘଟଣାକୁ ପ୍ରତ୍ୟକ୍ଷ ଅନୁଭବ କଲେ । ବିଷ୍ଣୁଚିତ୍ ପ୍ରାତଃକାଳରେ ଉଠିବା ସଙ୍ଗେ ସଙ୍ଗେ ସ୍ୱପ୍ନ ଘଟଣା ଅଣ୍ଡାଳଙ୍କୁ ଶୁଣାଇଦେଇ ବିବାହର ଆୟୋଜନ କରିବାକୁ ଲାଗିଲେ । ଶ୍ରୀରଙ୍ଗନାଥଙ୍କ ମନ୍ଦିରର ଅଧିକାରୀ ଅତି ଆନନ୍ଦରେ ଉଠି ସେବକମାନଙ୍କୁ ଡକାଇ ବିବାହସାମଗ୍ରୀ ଏକତ୍ର କରିବାକୁ ଆଦେଶ ଦେଲେ ଏବଂ ବିଷ୍ଣୁଚିତ୍‌ଙ୍କ ପାଖକୁ ମନ୍ଦିରର ପୂଜାରୀଙ୍କୁ ପଠାଇ ଭଗବାନଙ୍କ ସ୍ୱପ୍ନ ଘଟଣା ଜଣାଇ ଦେଲେ । ଶ୍ରୀରଙ୍ଗନାଥଙ୍କ ପାଲିଙ୍କି ଆସିଲେ ଅଣ୍ଡାଳଙ୍କୁ ନେଇ ମନ୍ଦିରକୁ ଯିବା ସକାଶେ ବିଷ୍ଣୁଚିତ୍‌ଙ୍କୁ ସତର୍କ କରାଇ ଦେଇଗଲେ ।

ବିଷ୍ଣୁଚିତ୍‌ଙ୍କ ଆନନ୍ଦର ସୀମା ନାହିଁ । ତାଙ୍କ ଇଷ୍ଟଦେବ ଭଗବାନ୍ ଶ୍ରୀରଙ୍ଗନାଥଙ୍କୁ ସେ ପାଇବେ ଜାମାତାରୂପେ । ତାଙ୍କ ଗୋଡ଼ ତଳେ ଲାଗିଲା ନାହିଁ । ଅଣ୍ଡାଳଙ୍କୁ କନ୍ୟାରୂପେ ପାଇ ତାଙ୍କ ଜୀବନ ସାର୍ଥକ ହୋଇଗଲା । ତାଙ୍କର ଯାହା ସମ୍ପତ୍ତି ଥିଲା ସବୁ ଅଣ୍ଡାଳଙ୍କୁ ଯାନିଯୌତୁକରେ ଦେଇଦେଲେ । ଘରେ, ଗ୍ରାମରେ ଧୁମ୍‌ଧାମରେ ହେଲା ବିବାହ-ଉତ୍ସବ । ଗ୍ରାମର ମହିଳାମାନେ ଆସି ବିଷ୍ଣୁଚିତ୍‌ଙ୍କ ଘରେ ବିବାହ ଗୀତ ଗାଇଲେ । ବନ୍ଧୁବାନ୍ଧବ, ସାହିପଡ଼ିଶା, ଇଷ୍ଟମିତ୍ର ଓ ଦେଖଣାହାରୀଙ୍କର ହେଲା ଭିଡ଼ । ନାନାପ୍ରକାର ଅନ୍ନ-ବ୍ୟଞ୍ଜନ ତିଆରି ହେଉଥାଏ, ଭୋଜନାର୍ଥୀଙ୍କ ଭୋଜନ ଚାଲୁଥାଏ । ସମସ୍ତ ବ୍ୟବସ୍ଥା ହେଉଥାଏ ସ୍ୱତଃସ୍ଫୂର୍ତ୍ତଭାବେ । ଏହା ଥିଲା ଭଗବାନଙ୍କ ମହାଶକ୍ତିର ପ୍ରଭାବ ।

ଗ୍ରାମର ମହିଳାମାନଙ୍କର ସହିତ ସ୍ୱର୍ଗର ଦେବୀମାନେ ମନୁଷ୍ୟ ରୂପରେ ଆସି ଅଣ୍ଡାଳଙ୍କୁ ସିଙ୍ଗାର କଲେ । ବହୁମୂଲ୍ୟ ଶାଢ଼ି ପରିଧାନ କରାଇ, କେଶରେ ସୁଗନ୍ଧିତ ତୈଳ ଲଗାଇ ଦକ୍ଷିଣୀ ପ୍ରଥାନୁସାରେ ବେଣୀ ଗୁନ୍ଥିଲେ । ମସ୍ତକରେ ସିନ୍ଦୂର ଏବଂ ପୁଷ୍ପ ମଣ୍ଡନ କଲେ । ଅଙ୍ଗପ୍ରତ୍ୟଙ୍ଗ ସୁବର୍ଣ୍ଣ ଅଳଙ୍କାର ଦ୍ୱାରା ସୁସଜ୍ଜିତ କରି ଗୋଡ଼ରେ ଅଳତା, ନେତ୍ରରେ ଅଞ୍ଜନ, ଲଲାଟରେ ସିନ୍ଦୂରବିନ୍ଦୁ ଦେଲେ । ଭଗବାନଙ୍କ ଚିର ଅର୍ଦ୍ଧାଙ୍ଗିନୀ ଭୂଦେବୀଙ୍କ ଅଲୌକିକ ସୌନ୍ଦର୍ଯ୍ୟରେ ବସ୍ତ୍ରାଳଙ୍କାର ଶୋଭାପ୍ରାପ୍ତ ହେଲେ ।



ବହୁତ ସମାରୋହ, ନୃତ୍ୟ, ଗୀତ, ବାଦ୍ୟ ସହିତ ଆସିଲା ଶ୍ରୀରଙ୍ଗନାଥଙ୍କ ପାଲିଙ୍କି । ଉମା, ରମା ଛଦ୍ମ ନାରୀରୂପେ ଆସି ଅଣ୍ଡାଳଙ୍କୁ ପାଲିଙ୍କିରେ ବସାଇଲେ । ବାଦ୍ୟ, ଶଙ୍ଖ, ଭେରୀ, ତୂରୀରେ ପୃଥିବୀ କମ୍ପିବାକୁ ଲାଗିଲା । ସର୍ବତ୍ର ଲୋକାରଣ୍ୟ । ସୋରିଷଟିଏ ତଳେ ପଡ଼ିବାର ସ୍ଥାନ ନ ଥିଲା । ବହୁତ ସମାରୋହରେ ଅଣ୍ଡାଳଙ୍କ ସବାରି ଶ୍ରୀରଙ୍ଗନାଥଙ୍କ ମନ୍ଦିରରେ ପହଞ୍ଚିଲା । ବସ୍ତ୍ର ବିଛଣା କରି ମା ଅଣ୍ଡାଳଙ୍କୁ ସେବକମାନେ ଶ୍ରୀରଙ୍ଗଙ୍କ ସିଂହାସନ ସମୀପକୁ ନେଇଗଲେ । ମନ୍ଦିରରେ ପହଞ୍ଚିବା ମାତ୍ରେ ଅଣ୍ଡାଳ ଦୌଡ଼ିଯାଇ ଶ୍ରୀରଙ୍ଗଙ୍କ ସିଂହାସନରେ ଉଠିଗଲେ ଏବଂ ଶ୍ରୀରଙ୍ଗଙ୍କ ମୂର୍ତ୍ତିକୁ ଆଲିଙ୍ଗନ କଲେ । ସମସ୍ତଙ୍କ ସମ୍ମୁଖରେ ମନ୍ଦିରରେ ବିଜୁଳି ସଦୃଶ ଗୋଟିଏ ପ୍ରକାଶ ହେଲା । ଅଣ୍ଡାଳ ଭଗବାନଙ୍କ ବିଗ୍ରହ ସହିତ ଏକ ହୋଇଗଲେ । ଅଣ୍ଡାଳଙ୍କ ଶରୀର ନ ଥିଲା, ଥିଲା କେବଳ ତାଙ୍କ ବସ୍ତ୍ର ବିଗ୍ରହଙ୍କ ଉପରେ । ସେହିଦିନଠାରୁ ତାଙ୍କ ନାମ ରଙ୍ଗନାୟିକା ନାମରେ ପ୍ରସିଦ୍ଧ ହେଲା ।

ଆଜି ବି ଦକ୍ଷିଣ ପ୍ରଦେଶରେ ପ୍ରାୟ ସମସ୍ତ ବିଷ୍ଣୁ ମନ୍ଦିରରେ, ବିଶେଷତଃ ଶ୍ରୀରଙ୍ଗଜିଙ୍କ ମନ୍ଦିରରେ, ଅଣ୍ଡାଳଙ୍କ ବିବାହ ଉତ୍ସବ ବହୁ ସମାରୋହରେ ପାଳିତ ହେଉଅଛି । ଆଜିପର୍ଯ୍ୟନ୍ତ ଅଣ୍ଡାଳଙ୍କ ମୂର୍ତ୍ତିକୁ ପ୍ରଥମେ ପୁଷ୍ପମାଳା ଅର୍ପଣ କରାହୋଇ ସେହି ମାଳା ଶ୍ରୀରଙ୍ଗନାଥଙ୍କୁ ଧାରଣ କରାହେଉଅଛି । କାବେରୀ କୂଳରେ କୃଷ୍ଣାପଲ୍ଲୀରେ ଯେଉଁ ଶ୍ରୀରଙ୍ଗ ବିଗ୍ରହ ଅଛନ୍ତି, ସେହି ପ୍ରତିମୂର୍ତ୍ତି ଶ୍ରୀରଙ୍ଗ ବିଗ୍ରହ ବୃନ୍ଦାବନରେ ଅଛନ୍ତି । ମୂର୍ତ୍ତି ଯେପରି ବିଶାଳ, ମନ୍ଦିର ସେହିପରି ଆକାଶଚୁମ୍ବୀ, ଉନ୍ନତ । ଗରୁଡ଼ ସ୍ତମ୍ଭରେ ସୁବର୍ଣ୍ଣ ମଡ଼ା ହୋଇଅଛି । ସେ ମନ୍ଦିରରେ ବହୁତ ଉତ୍ସବ ହୁଏ, କିନ୍ତୁ ସବୁଠାରୁ ଅଧିକ ସମାରୋହରେ ଅଣ୍ଡାଳଙ୍କ ବିବାହ ଉତ୍ସବ ହୁଏ । ଦକ୍ଷିଣ ଦେଶରୁ ଅଣ୍ଡାଳଙ୍କ ଧାରଣ ମାଳା ଆସେ, ସେହି ମାଳାକୁ ରଙ୍ଗନାଥଙ୍କୁ ଧାରଣ କରାହୁଏ ଏବଂ ବିବାହ ଉତ୍ସବ ବିଧିବିଧାନରେ ହୁଏ । ହୋମ ହୁଏ, ବୈଦିକ ମନ୍ତ୍ରରେ ବିବାହ ହୁଏ ।

ପ୍ରାୟ ୧୯୩୭-୩୮ ମସିହାର ଘଟଣା । ମୁଁ ପାଞ୍ଚ, ଛ ମାସ

ବୃନ୍ଦାବନରେ ଥିଲି । ସେହି ସମୟରେ ବିରକ୍ତ ରାମାନୁଜୀ ବୈଷ୍ଣବ ରାମାନୁଜ ଆଚାର୍ଯ୍ୟ ନାମରେ ମହାନ୍ ସଂସ୍କୃତ ପଣ୍ଡିତ ଅଣ୍ଡାଳ (ରଙ୍ଗନାୟିକା)ଙ୍କ ଜୀବନଚରିତ ସଂସ୍କୃତ ଲିଖିତ ଗ୍ରନ୍ଥରୁ ବ୍ୟାଖ୍ୟା କରୁଥିଲେ । ମୁଁ ନିୟମିତ ରୂପେ ଶୁଣିବାକୁ ଯାଉଥିଲି । ମୁଁ ତାଙ୍କୁ ପଚାରିଲି, ''କ'ଣ ଆଜିକାଲି ଦକ୍ଷିଣ ପ୍ରାନ୍ତରୁ ଭୂଦେବୀ ଅଣ୍ଡାଳଙ୍କ ପ୍ରସାଦମାଳା ରଙ୍ଗନାଥଙ୍କ ମନ୍ଦିରକୁ ଆସେ ଏବଂ ବିବାହ ଉତ୍ସବ ହୁଏ ?'' ସେ ଉତ୍ତର ଦେଲେ, ''ପୂର୍ବେ ପ୍ରତିବର୍ଷ ନିୟମିତରୂପେ ଭୂଦେବୀ ଅଣ୍ଡାଳଙ୍କ ମାଳା ଦକ୍ଷିଣ ପ୍ରାନ୍ତ ଶ୍ରୀରଙ୍ଗମ୍‌ରୁ ବିଧିବିଧାନ ଅନୁସାରେ ପାଲିଙ୍କିରେ ରଖି ସେବକମାନେ ପାଲିଙ୍କି କାନ୍ଧେଇ ନେଇ ଆସୁଥିଲେ । ପାଲିଙ୍କି ସଙ୍ଗେ ଆସୁଥିଲେ ପୁରୋହିତ, ପୂଜାରୀ, ବାଦ୍ୟକାର ଏବଂ ଶଙ୍ଖ, ତୂରୀ, ଭେରୀ ଇତ୍ୟାଦି । ସେମାନେ ଦକ୍ଷିଣରୁ ବୃନ୍ଦାବନ ଚାଲି ଚାଲି ଆସୁଥିଲେ । କିନ୍ତୁ ଆଜିକାଲି ସିଂହାସନରେ ମାଳା ରଖି ସେବକମାନେ ରେଳରେ ଆସନ୍ତି । ସେହି ମାଳା ଶ୍ରୀରଙ୍ଗନାଥଙ୍କୁ ଧାରଣ କରାହୁଏ ଏବଂ ବିବାହ ଉତ୍ସବ ସମାରୋହରେ ହୁଏ ।'' ଏହି ସତ୍ୟ ଘଟଣା ରାମାନୁଜୀ ବୈଷ୍ଣବ ସମାଜରେ ବିଶେଷରୂପେ ବିଦିତ । ପ୍ରତ୍ୟେକ ରାମାନୁଜୀ ବୈଷ୍ଣବଙ୍କ ଆଶ୍ରମରେ ରଙ୍ଗନାୟିକାଙ୍କ ବିବାହ-ଉତ୍ସବ ଆଜି ମଧ୍ୟ ବହୁତ ସମାରୋହରେ ପାଳିତ ହେଉଅଛି । ଶ୍ରୀରଙ୍ଗନାୟିକାଙ୍କ ଜୀବନଚରିତ ବହୁତ ବିସ୍ତାର ଭାବରେ ସଂସ୍କୃତ ଗ୍ରନ୍ଥରେ ବର୍ଣ୍ଣିତ ଅଛି । ଏଠାରେ ବହୁତ ସଂକ୍ଷେପରେ ତାହା ଆଲୋଚନା କରାଗଲା । 'ମହିଳା-ରତ୍ନ' ଗ୍ରନ୍ଥରୁ ମଧ୍ୟ କିଛି ଅଂଶରେ ସାହାଯ୍ୟ ନେଇ ଏହି ଲେଖାଟି ସମାପ୍ତ କରାହେଲା ।

ଭଗବାନ୍ ଶ୍ରୀରଙ୍ଗନାଥ, ଜଗଜ୍ଜନନୀ ଭୂଦେବୀ ମାତା ରଙ୍ଗନାୟିକାଙ୍କ ଜୟ । ଏହି ଲେଖାଟି ମା'ଙ୍କ ଶକ୍ତିର ସାହାଯ୍ୟରେ ଲେଖି ମା'ଙ୍କ ଚରଣରେ ସମର୍ପଣ କରୁଅଛି ।

# ମୀରାବାଈ

''ସଦୃଶ ଗୋପିନ ପ୍ରେମ ପ୍ରଗଟ କଳିଯୁଗ ହୀ ଦିଖୟୋ ।
ନିର-ଅଁକୁଶ ଅତି ନିଡର ରସିକ-ୟସ ରସନା ଗାୟୋ ॥
ଦୁଷ୍ଟନ ଦୋଷ ବିଚାରି ମୃତ୍ୟୁକୋ ଉଦ୍ୟମ କିୟୋ ।
ବାର ନା ବାଁକୋ ଭୟୋ ଗରଳ ଅମୃତ ଜ୍ୟୋ ପୀୟୋ ॥
ଭକ୍ତିନିସାନ ବଜାଇକୈ, କାହୁତେ ନାହୀ ଲଜୀ ।
ଲୋକଲାଜ କୁଲଶୃଙ୍ଖଲା ତଜୀ ମୀରା ଗିରିଧର ଭଜୀ ॥''
(ନାଭାଜି)

''ମୀରାଜୀ ଏହି କଳିଯୁଗରେ ଗୋପୀ ସଦୃଶ ପ୍ରେମ ପ୍ରକଟ କରିଅଛନ୍ତି । ନିରଙ୍କୁଶ ଓ ଅତ୍ୟନ୍ତ ନିର୍ଭୟ ହୋଇ ରସିକଶିରୋମଣି ଭଗବାନ୍ ଶ୍ରୀକୃଷ୍ଣଙ୍କର ଯଶୋଗାନ କରିଅଛନ୍ତି । ଦୁଷ୍ଟଲୋକମାନେ ତାଙ୍କୁ ମାରିବାକୁ ଚେଷ୍ଟା କରିଥିଲେ ଏବଂ ଷଡ଼ଯନ୍ତ୍ର କରି ବିଷ ପାନ କରିବାକୁ ଦେଇଥିଲେ । ସେ ବିଷକୁ ଅମୃତ ସଦୃଶ ପାନ କରିଥିଲେ, ତଦ୍ଦ୍ୱାରା ତାଙ୍କର କିଛିମାତ୍ର କ୍ଷତି ହୋଇ ନ ଥିଲା । ନିଃସଂକୋଚରେ ଭକ୍ତିନାଗରା ବଜାଇ ଲୋକଲଜ୍ଜା ତଥା କୁଳଶୃଙ୍ଖଳା ତ୍ୟାଗ କରି ମୀରାଜୀ ଗିରିଧରଲାଲଙ୍କୁ ଉପାସନା କରିଥିଲେ ।''

ପ୍ରାତଃସ୍ମରଣୀୟା, ଭକ୍ତିପରାୟଣା ମୀରାବାଈଙ୍କୁ ଭାରତବର୍ଷର ଧାର୍ମିକ ଓ ଅଧ୍ୟାତ୍ମପରାୟଣ ବ୍ୟକ୍ତିଙ୍କ ମଧ୍ୟରେ କିଏ ନ ଜାଣେ ? ଯେଉଁ ଭକ୍ତଶିରୋମଣି ରାଜପୁତକୁଳଭୂଷଣା ଦେବୀଙ୍କ ଚରିତ ପଠନ ତଥା ତାଙ୍କ ସ୍ୱରଚିତ ଭଗବତ୍ ପ୍ରେମପୂର୍ଣ୍ଣ ଗୀତ ଗାନ କରି ହଜାର ହଜାର ନରନାରୀ ଭଗବତ୍ ପ୍ରେମରେ ବିଭୋର ହେଉଅଛନ୍ତି, ସେହି ଭଗବତ୍ ଭକ୍ତିପରାୟଣା, ପୁଣ୍ୟଶ୍ଳୋକା, ଭଗବତ୍ ପ୍ରେମର ପ୍ରତ୍ୟକ୍ଷ ମୂର୍ତ୍ତିମତୀ ଦେବୀଙ୍କ ପରମ ପାବନ ଯଶଃ ଯତ୍‌କିଞ୍ଚିତ୍ ଉଲ୍ଲେଖ

କରି ଲେଖନୀ ସାର୍ଥକ କରିବାକୁ ପ୍ରୟାସୀ ହେବା । ମୀରାବାଈ ଭଗବତ୍ ପ୍ରେମର ଯେପରି ମୂର୍ତ୍ତିମତୀ ବିଗ୍ରହ, ତାଙ୍କ ପୂତ ଚରିତକୁ ଲେଖନୀ ମୁନରେ ରୂପ ଦେବା ଜଣେ ସାମାନ୍ୟ ବ୍ୟକ୍ତି ପକ୍ଷେ ଅସମ୍ଭବ । ତଥାପି ଭଗବତ୍ ଭକ୍ତଙ୍କ ଚରିତ ଅପାର ଆନନ୍ଦସିନ୍ଧୁସ୍ୱରୂପ, ସେଥିରୁ ଯତ୍କିଞ୍ଚିତ୍ ଲେଖନୀରେ ପ୍ରକାଶ ହୋଇପାରିଲେ ଲେଖକ ତଥା ପାଠକମାନେ ଅପାର ଆନନ୍ଦ ଅନୁଭବ କରିପାରିବେ । ଏହି ଆଶାରେ ଦିବ୍ୟଜନନୀଙ୍କର କୃପାରୁ ଏହି ଦୁରୂହ କାର୍ଯ୍ୟଟି କରିବାକୁ ପ୍ରୟାସୀ ହୋଇଅଛି । ଭକ୍ତମାନଙ୍କ ଭାବକୁ ବାସ୍ତବରୂପେ ପ୍ରକାଶ କରିବା ଦୁଃସାଧ ।

ଭାରତୀୟ ନାରୀଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି ତନ୍ମଧ୍ୟରୁ ମୀରାବାଈ ଅନ୍ୟତମ । ମାରବାଡ଼ ଯୋଦ୍ଧପୁର ରାଜ୍ୟ ଅନ୍ତର୍ଗତ କୁଡ଼କୀ ନାମକ ଗ୍ରାମରେ ସମ୍ଭବତଃ ସମ୍ବତ୍ ୧୫୫୮ ରେ ମୀରାବାଈ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ରାଠୌର ଶ୍ରୀରତନ ସିଂହ । ମୀରା ଥିଲେ ପିତାମାତାଙ୍କର ଏକମାତ୍ର କନ୍ୟା । ସେ ବହୁତ ଅଲିଅଳରେ ପିତାମାତାଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ପିତାମାତା ଥିଲେ ଭଗବତ୍ ଭକ୍ତ । ବାଲ୍ୟକାଳରୁ ଭଗବାନଙ୍କ ପ୍ରତି ମୀରାଙ୍କର ସ୍ୱତଃସ୍ଫୂର୍ତ୍ତଭାବେ ଅନୁରକ୍ତି ଉତ୍ପନ୍ନ ହୋଇଥିଲା । ରାଜପୁତାନାରେ ଭକ୍ତିସ୍ରୋତ ବରାବର ପ୍ରବାହିତ ହେଉଥାଏ । ଅଧିକାଂଶ ରାଜା ଓ ପ୍ରଜା ଭଗବତ୍ ଭକ୍ତିପରାୟଣ । ସେଠାରେ ସାଧୁସନ୍ଥଙ୍କର ସର୍ବଦା ଆଦରସମ୍ମାନ ଥାଏ । ସାଧାରଣତଃ ଯେଉଁଠାରେ ଭକ୍ତିଦେବୀଙ୍କର ସାମ୍ରାଜ୍ୟ ତଥା ସାଧୁସନ୍ଥଙ୍କର ଆଦର ସେଠାକୁ ସବୁ ପ୍ରାନ୍ତରୁ ସାଧୁସନ୍ଥ ଆସନ୍ତି । ସନ୍ଥମାନେ ସର୍ବଦେଶୀ । ରାଜପୁତାନାକୁ ପ୍ରାୟ ସାଧୁସନ୍ଥ ତଥା ବିତରାଗ ସନ୍ନ୍ୟାସୀ ଆସୁଥିଲେ । ମୀରାବାଈଙ୍କର ପିତାମାତା ଧର୍ମପରାୟଣ ଥିବାରୁ ମାରବାଡ଼ ଆସୁଥିବା ସାଧୁମାନେ ତାଙ୍କ ଗୃହକୁ ଆସନ୍ତି । ଦିନେ ଜଣେ ସନ୍ଥ ମୀରାବାଈଙ୍କ ଗୃହକୁ ଆସିଲେ । ତାଙ୍କ ପାଖରେ ଥିଲା ଭଗବାନ୍ ଶ୍ରୀକୃଷ୍ଣଙ୍କର ଗୋଟିଏ ସୁନ୍ଦର ଧାତୁବିଗ୍ରହ । ମହାତ୍ମା ଠାକୁରଙ୍କୁ ସ୍ନାନ କରାଇ ଉତ୍ତମରୂପେ ସୁନ୍ଦର ବସ୍ତ୍ରାଳଙ୍କାର ପିନ୍ଧାଇ ପୁଷ୍ପଚନ୍ଦନରେ ମଣ୍ଡନ କଲେ । ଭୋଗ



ଲଗାଇ ଆଳତି ଉତାରିଲେ । ମୀରାବାଈଙ୍କର ବୟସ ସେତେବେଳେ ଦଶ ବର୍ଷ । ସେ ସେଠାରେ ରହି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଠାକୁରପୂଜା ଦେଖିଲେ । ତାଙ୍କ ଚକ୍ଷୁ ଓ ମନ ଶ୍ରୀକୃଷ୍ଣଙ୍କ ମନୋମୋହନ ଲାବଣ୍ୟ ରୂପରେ ସମାହିତ ହୋଇଗଲା । ସେ ସେହି ଲାବଣ୍ୟ ବିଗ୍ରହଠାରୁ ପୃଥକ୍ ହେବାକୁ ଚାହୁଁ ନ ଥିଲେ । ସେ ଅତି ବିନୀତ ଭାବରେ ମହାତ୍ମାଙ୍କଠାରୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପ୍ରାର୍ଥନା କଲେ । ମହାତ୍ମାଜି ପ୍ରଥମେ ମୀରାଙ୍କୁ ଛୋଟ ବାଳିକା ଜାଣି ଶ୍ରୀକୃଷ୍ଣ ବିଗ୍ରହ ଦେବାକୁ ନାରାଜ ହେଲେ, କିନ୍ତୁ ତାଙ୍କ ହୃଦୟର ପବିତ୍ର, ଶୁଦ୍ଧ, ପରମପାବନ ଭକ୍ତିସ୍ରୋତ ଦେଖି ସେହି ମନୋମୋହନ, ଶ୍ରୀକୃଷ୍ଣ ବିଗ୍ରହ ସହର୍ଷେ ପ୍ରଦାନ କଲେ ଏବଂ କହିଲେ, ''ଏହି ବିଗ୍ରହ ହେଉଛନ୍ତି ଭଗବାନ୍ ସ୍ୱୟଂ ଶ୍ରୀକୃଷ୍ଣଚନ୍ଦ୍ର । ଏହାଙ୍କ ନାମ ଶ୍ରୀ ଗିରିଧରଲାଲଜି । ତୁ ପ୍ରତିଦିନ ଏହାଙ୍କୁ ନିୟମିତରୂପେ ପୂଜା କରିବୁ ।'' ଏହିପରି କହି ପୂଜାବିଧି ବତାଇ ସ୍ୱୟଂ ଆଉ ଥରେ ତାଙ୍କ ଆଗରେ ଯଥାବିଧି ପୂଜା କରି ଦେଖାଇଦେଲେ । ମହାତ୍ମାଜି ଦିନେ ଦୁଇଦିନ ରହିବା ପରେ ଅନ୍ୟତ୍ର ଚାଲିଗଲେ ।

ମୀରା ଗିରିଧରଲାଲଙ୍କୁ ପାଇ ବିଶେଷ ଆନନ୍ଦିତ ହେଲେ । ଦିନସାରା ଠାକୁରଙ୍କୁ ସ୍ନାନ କରାଇବା, ଚନ୍ଦନ ଲଗାଇବା, ବସ୍ତ୍ର ପରିଧାନ କରାଇବା, ଅଳଙ୍କାର ତଥା ବିବିଧ ପୁଷ୍ପରେ ସୁସଜ୍ଜିତ କରିବା, ଭୋଗ ଲଗାଇ ଆଳତି କରିବା ଏବଂ ମନରେ ସ୍ୱତଃସ୍ଫୂର୍ତ୍ତଭାବେ ଯେଉଁ ପଦସ୍ଫୁରିତ ହୁଏ ତାହା ଗାଇବାରେ ଲାଗି ରହିଥାଆନ୍ତି । ତା'ଛଡ଼ା ସୁରଦାସଙ୍କର ଗୋଟିଏ ଗୀତ ମୁଖସ୍ଥ କରି ଅଧିକାଂଶ ସମୟରେ ତାହା ଗାନ କରନ୍ତି ।

''ଜୋ ବିଧନା ନିଜ ବଶ କରି ପାଉଁ ।
ତୋ ସବ କହୋ ହୋୟ ସଖି ମେରୋ,
ଅପନୀ ସାଧ ପୂରାଉଁ ॥
ଲୋଚନ ରୋମ-ରୋମ ପ୍ରତି ମାଁଗୌ,
ପୁନି ପୁନି ତ୍ରାସ ଦିଖାଉଁ ।

ଇକଟକ ରହେ ପଲକ ନହିଁ ଲାଗେ,
ପଦ୍ଧତି ନଈ ଚଲାଉଁ ॥
କହା କରୌ ଛବିରାଶି ଶ୍ୟାମଘନ,
ଲୋଚନ ଦ୍ୱେ ନ ଅଘାଉଁ ।
ୟେତେ ପରାୟେ ନିମିଷ 'ସୁର' ସୁନୁ
ୟହ ଦୁଃଖ କାହି ସୁନାଉଁ ॥''

''ସୁରଦାସ କହୁଛନ୍ତି, ଯଦି ମୁଁ 'ବିଧି' ବ୍ରହ୍ମାଙ୍କୁ ବଶ କରିପାରନ୍ତି, ତେବେ ହେ ସଖି, ମୁଁ ଯାହା କହୁଛି ସବୁ ହୋଇପାରନ୍ତା, ମୋର ସାଧ (ଇଚ୍ଛା) ପୂର୍ଣ୍ଣ କରିପାରନ୍ତି । ପ୍ରତିଲୋମରେ ବିଧାତାଠାରୁ ଲୋଚନ ମାଗି ନିଅନ୍ତି । ଆଉ ମଧ ତ୍ରାସ ଦେଖାଇ ପଲକପାତ ବନ୍ଦ କରି ଅପଲକ ନୟନରେ ଦେଖନ୍ତି । ଅପଲକ ନୟନରେ ଚାହିଁବା ଏହି ନୂତନ ପଦ୍ଧତି ପ୍ରଚଳନ କରନ୍ତି । କ'ଣ କହିବି ! ସୌନ୍ଦର୍ଯ୍ୟର ରାଶି ହେଉଛନ୍ତି ଶ୍ୟାମଘନ, ମାତ୍ର ଦୁଇଟି ନୟନରେ ମୋତେ ସନ୍ତୋଷ ହେଉ ନାହିଁ । ଏଥିରେ ପୁଣି ପଲକ ପଡ଼ି ବହୁ ବାଧା ସୃଷ୍ଟି କରୁଅଛି । ସୁର କହୁଛନ୍ତି ଏ ଦୁଃଖ କାହାକୁ କହିବି ?''

ମୀରା ଏହି ଗୀତ ଗାଇବା ସମୟରେ ବହୁବାର ବେହୋସ ହୋଇ ଯାଆନ୍ତି । ବୋଧହୁଏ ସେତେବେଳେ ତାହା ତାଙ୍କର ପ୍ରେମସମାଧି । ଏହିପରି ଭଗବାନଙ୍କ ସେବାପୂଜାରେ ମୀରାଙ୍କର ପ୍ରେମ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ ଶ୍ରୀକୃଷ୍ଣଙ୍କ ପ୍ରେମରେ ମଗ୍ନ ହୋଇଯିବାରୁ ବାହ୍ୟ କାର୍ଯ୍ୟ ପ୍ରତି ତାଙ୍କର ଆଗ୍ରହ ରହିଲା ନାହିଁ । କେବଳ ଶ୍ରୀକୃଷ୍ଣଙ୍କ ମୁନିମନୋହାରୀ ସୁମଧୁର ଲୀଳାମୃତ ସ୍ୱତଃସ୍ଫୂର୍ତ୍ତଭାବେ ଗୀତ ରୂପେ ତାଙ୍କ ହୃଦୟରେ ପ୍ରବାହିତ ହେଲା । ସେ ସ୍ୱରଚିତ ଗୀତ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଗାଇ ପ୍ରେମ-ସମୁଦ୍ରରେ ବୁଡିଗଲେ । ତାହା ଗୀତ ନ ଥିଲା, ଥିଲା ତାଙ୍କ ହୃଦୟର ପ୍ରେମ-ପ୍ରବାହ । ଯେଉଁ ବ୍ୟକ୍ତି ତାଙ୍କର ସେହି ପ୍ରେମାପ୍ଲୁତ ସଙ୍ଗୀତ ଶ୍ରବଣ କରନ୍ତି ବା ଗାନ କରନ୍ତି ସେମାନେ



ମଧ ପ୍ରେମବିଭୋର ହୋଇଯାଆନ୍ତି । ପିତୃଗୃହରେ ଏହିପରି ଭଗବତ୍ ପ୍ରେମରେ ପାଞ୍ଚ ବର୍ଷ ବ୍ୟତୀତ ହୋଇଗଲା । ସମ୍ୱତ୍ ୧୫୭୩ ରେ ପଞ୍ଚଦଶ ବର୍ଷ ବୟସରେ ଚିତ୍ତୋରର ସୀସୋଦିଆ ବଂଶର ମହାରାଣା ସାଙ୍ଗାଜୀଙ୍କ ଜ୍ୟେଷ୍ଠ ରାଜକୁମାର ଭୋଜରାଜଙ୍କ ସହିତ ତାଙ୍କର ବିବାହ ହେଲା ।

ମୀରାବାଈ ବିବାହ କରିବାକୁ ଆଦୌ ଚାହିଁ ନ ଥିଲେ । ସେ ବହୁପୂର୍ବରୁ ଶ୍ରୀକୃଷ୍ଣଙ୍କୁ ପତିରୂପେ ଗ୍ରହଣ କରିସାରିଥିଲେ । କିନ୍ତୁ ରାଜବଂଶ ପ୍ରଥା ଏବଂ ପିତାମାତାଙ୍କ ଆଗ୍ରହ ଯୋଗୁଁ ତାଙ୍କୁ ବାହ୍ୟରୂପେ ବିବାହ କରିବାକୁ ହୋଇଥିଲା । ସୁତରାଂ ବିବାହ ସମୟରେ ବିବାହ ମଣ୍ଡପରେ ଶ୍ରୀ ଗିରିଧରଲାଲଙ୍କ ବିଗ୍ରହ ବିରାଜମାନ କରାହେଲା ଏବଂ ମୀରାଜୀ ଭୋଜରାଜଙ୍କ ସହିତ ପରିକ୍ରମା ବା ଭାମରୀ ଦେବା ସମୟରେ ଶ୍ରୀ ଗିରିଧରଲାଲଜିଙ୍କୁ ସଙ୍ଗରେ ନେଇନେଲେ । ତାଙ୍କୁ ଏଥିରେ ସନ୍ତୋଷ ହେଲା । ସେ ମନେକଲେ ଯେ ତାଙ୍କର ଭଗବାନଙ୍କ ସହିତ ପୁରୋହିତ ଦ୍ୱାରା ବୈଦିକ ମନ୍ତ୍ରରେ ବିବାହ ହୋଇଗଲା । ଏ ଘଟଣା ମୀରାଜୀଙ୍କ ମାତାଙ୍କୁ ଅଜଣା ନ ଥିଲା । ସେ କହିଲେ, ''ମୀରା, ତୁ କ'ଣ କଲୁ ?''

ମୀରାଜୀ ମନ୍ଦହାସ୍ୟରେ କହିଲେ—

''ମାଇ ମୈଁନେ ସୁପନେମେ ବରୀ ଗୋପାଲ ।
ରାତୀ ପୀତୀ ଚୁନରୀ ଓଢ଼ୀ ମେହଁଦୀ ହାଥ ରସାଲ ॥
କାଇଁ ଔରକୋ ବରୁଁ ଭାଁବରୀ ଯାଁକେ ଜଗଜଞ୍ଜାଲ ।
ମୀରାକେ ପ୍ରଭୁ ଗିରିଧରନାଗର କରୋ ସଗାଇ ହାଲ ॥''

''ଲାଲ ଏବଂ ପୀତବର୍ଣ୍ଣ ଚୁନରୀ* ବା ଓଢ଼ଣୀ ପକାଇ ରସାଳ ମେହେନ୍ଦୀ ହାତରେ ଲଗାଇ ସ୍ୱପ୍ନରେ ଗୋପାଳଜିଙ୍କୁ ପତିରୂପେ ବରଣ କରିଛି ।

* ମାରବାଡ଼ ପ୍ରାନ୍ତରେ ମହିଳାମାନେ ମସ୍ତକ ତଥା ଶରୀର ଉପରେ ଗୋଟିଏ ପତଳା ତଥା ସୁନ୍ଦର ଓଢ଼ଣୀ ପକାଇଥାଆନ୍ତି । ତାକୁହିଁ କହନ୍ତି ଚୁନରୀ ।

ଅନ୍ୟକୁ କାହିଁକି ବରଣ କରି ଭାମରୀ ଦିଅନ୍ତି ? ସେସବୁ ଜଗଜଞ୍ଜାଳ । ମୀରା ପ୍ରଭୁ ଗିରିଧରନାଗରଙ୍କୁ ବିବାହ କରିବା ଭଲ ।''

ମୀରାଙ୍କ ମା ଭକ୍ତିପରାୟଣା ଥିଲେ । ମୀରାଙ୍କର ଏପରି ଭଗବତ୍ ଭାବ ଜାଣି ସେ ବିଶେଷ ପ୍ରସନ୍ନ ହେଲେ । ଏ ଘଟଣା ମୀରାବାଈଙ୍କର ସାଙ୍ଗସାଥୀମାନେ ଜାଣି ପରିହାସରେ ଶ୍ରୀ ଗିରିଧରଲାଲଙ୍କୁ ପତିରୂପେ ବରଣ କରିବାର କାରଣ ପଚାରିଲେ । ମୀରାବାଈ ଉତ୍ତର ଦେଲେ–

''ଏସେ ବରକୋ କେ ବରୁଁ ଜୋ ଜନ୍ମେ ଔର ମରଜାୟ ।
ବର ବରିୟେ ଗୋପାଳଜି ହମାରୋ ଚୁଡ଼ଲୋ ଅମର ହୋଜାୟ ॥''

''ଏପରି ବରକୁ କାହିଁକି ବରୁ ଯେ ଜନ୍ମେ ଆଉ ମରେ, ଗୋପାଳଜିଙ୍କୁ ବରରୂପେ ବରଣ କଲେ ମୋ ଚୁଡ଼ି ଅମର ହେବ ।''

ପିତାମାତାଙ୍କର ମୀରା ଥିଲେ ଏକମାତ୍ର କନ୍ୟା । ସମସ୍ତ ସ୍ନେହ କେନ୍ଦ୍ରିତ ହୋଇଥିଲା ତାଙ୍କରି ଉପରେ । ସେ ଥିଲେ ସେମାନଙ୍କର ପ୍ରାଣ । ତାଙ୍କୁ ଯାନିଯୌତୁକ ଅକୁଣ୍ଠିତ ହୃଦୟରେ ଦେଲେ । କିନ୍ତୁ ମୀରାବାଈଙ୍କୁ ପ୍ରସନ୍ନ ନ ଦେଖି ସ୍ନେହମୟୀ ଜନନୀ ନିଜ ପ୍ରାଣସମ କନ୍ୟା ମୀରାଙ୍କୁ ପଚାରିଲେ, ''ମା, ତୁ ଯାହା ଚାହୁଁ ତା' କହ, ମୁଁ ତୋତେ ଦେବି । ଏ ସମ୍ପତ୍ତି ତୋର ।'' ମୀରାଜୀ କହିଲେ, ''ମା, ମୋର ଏହି ସମ୍ପତ୍ତିର କୌଣସି ପ୍ରୟୋଜନ ନାହିଁ, ମୋତେ ଗିରିଧରଲାଲଜିଙ୍କୁ ଦେଇ ଦେ ।''

''ଦେ ରୀ ମାଇ ଅବ ମହଁ କୋ ଗିରିଧରଲାଲ ।
ପ୍ୟାରେ ଚରଣକୀ ଆନ କରତି ହୌ,
ଔର ନ ଦେ ମଣିଲାଲ ॥
ନାତୋ ସାଗୋ ପରିବାରୋ ସାରୋ,
ମନ ଲଗେ ମାନୋ କାଲ ।



ମୀରାକେ ପ୍ରଭୁ ଗିରିଧରନାଗର,
ଛବି ରଖି ଭଇ ନିହାଲ ॥''

''ହେ ମା, ମୋତେ ଗିରିଧରଲାଲଙ୍କୁ ଦେଇ ଦେ । ଯେଉଁ ମଣିମାଣିକ୍ୟ ପ୍ରିୟତମ ଚରଣରୁ ଦୂର କରିଦିଏ ତାହା ଦେ ନାହିଁ । ଗିରିଧରଲାଲଙ୍କ ବ୍ୟତୀତ କୁଟୁମ୍ବ-ସମ୍ବନ୍ଧ, ପରିବାର ସମସ୍ତ କାଳ ସଦୃଶ ପ୍ରତୀତ ହେଉଅଛି । ମୀରା କହୁଛନ୍ତି, ମୁଁ ପ୍ରଭୁ ଗିରିଧରନାଗରଙ୍କ ସୁନ୍ଦର ରୂପ ନିରୀକ୍ଷଣ କରି କୃତାର୍ଥ ହୋଇଗଲି ।''

ମୀରାବାଈଙ୍କ ଭଗବତ୍ ଭକ୍ତି ଦେଖି ତାଙ୍କ ମା'ଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ମୀରାଙ୍କୁ ଗର୍ଭରେ ଧାରଣ କରି ନିଜ ଜୀବନକୁ ସାର୍ଥକ କରିଥିବା ଅନୁଭବ କଲେ ଏବଂ ବିଶେଷ ପ୍ରସନ୍ନତାପୂର୍ବକ ମୀରାଙ୍କୁ ଠାକୁରଜିଙ୍କୁ ଦେଇଦେଲେ । ସ୍ନେହମୟୀ ଜନନୀ ବାତ୍ସଲ୍ୟମମତାରେ ମୀରାଜୀଙ୍କୁ ହୃଦୟରେ ଲଗାଇ ନୟନରୁ ଅଶ୍ରୁବର୍ଷଣ କରି ବିଦାୟ ଦେଲେ ଏବଂ ସଖୀଗଣ ମୀରାଙ୍କୁ ସବାରିରେ ବସାଇଦେଲେ । ମୀରାବାଈ ଗିରିଧରଲାଲଙ୍କ ସିଂହାସନ ସବାରିରେ ରଖି ତାଙ୍କ ଦୃଷ୍ଟିରେ ଦୃଷ୍ଟି ନିବଦ୍ଧ କରି ଶ୍ୱଶୁରାଳୟକୁ ଯାତ୍ରାକଲେ । ପ୍ରାଣପ୍ରିୟ ଭଗବାନଙ୍କୁ ପାଇ ମୀରାବାଈଙ୍କ ହୃଦୟ ଆନନ୍ଦରେ ଉଚ୍ଛୁଳି ପଡ଼ିଲା । ରାଜକୁମାର ଓ ବରଯାତ୍ରୀସମେତ ମୀରାବାଈଙ୍କ ସବାରି ଶ୍ୱଶୁରାଳୟରେ ପହଞ୍ଚିଲା । ଶାଶୂ, ନଣନ୍ଦ ଓ ବନ୍ଧୁବାନ୍ଧବ, ପଡ଼ିଶାର ମହିଳାମାନେ ରୂପଗୁଣସମ୍ପନ୍ନା ନବବଧୂଙ୍କୁ ଦେଖି ବିଶେଷ ଆନନ୍ଦିତ ହେଲେ । କୁଳରୀତି ଅନୁସାରେ ବରକନ୍ୟାଙ୍କୁ ରାଜମହଲକୁ ନେଇଗଲେ । ରାଜଧାନୀରେ ପ୍ରତ୍ୟେକ ଘରେ ମଙ୍ଗଳ ଉତ୍ସାହରେ ମିଷ୍ଟାନ୍ନ, ବସ୍ତ୍ରାଦି ବଣ୍ଟାହେଲା । ରାଜପୁତାନାରେ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ବରକନ୍ୟା ଫେରିବା ପରେ କମ୍‌ବେଶୀ ପରିମାଣରେ ଗ୍ରାମର ପଡ଼ୋଶୀ ଘରେ ମିଷ୍ଟାନ୍ନ ଓ ବସ୍ତ୍ର ବଣ୍ଟାହୁଏ ଏବଂ ପ୍ରତ୍ୟେକ ଘରେ ମଙ୍ଗଳ ଉତ୍ସବ କରାହୁଏ । ରାଜପୁତାନା ତଥା ରାଜକୁଳର ପ୍ରଥା ଅନୁସାରେ ବର ଦୀର୍ଘଜୀବୀ ହେବା

ସକାଶେ ବର ଓ ବଧୂ ଗୌରୀଦେବୀଙ୍କୁ ପୂଜା କରନ୍ତି । ଏହି ନିୟମ ଅନୁସାରେ ଶାଶୂ ଏବଂ ଅନ୍ୟାନ୍ୟ ମାନ୍ୟ ସ୍ତ୍ରୀଲୋକ ବର ଦ୍ୱାରା ଦେବୀପୂଜନ କରାଇ ମୀରାଜୀଙ୍କୁ ଦେବୀପୂଜନ କରିବା ସକାଶେ ଅନୁରୋଧ କଲେ । ସକଳ ପୂଜନସାମଗ୍ରୀ ବିଦ୍ୟମାନ ଥିଲା । କିନ୍ତୁ ଦେବୀ ପୂଜା କରିବା ପାଇଁ ମୀରାଜୀ ଅସ୍ୱୀକାର କରିବାରୁ ତାଙ୍କ ଶାଶୂ ତାଙ୍କୁ ବୁଝାଇ କହିଲେ, ''ମା, ଦେବୀଙ୍କୁ ପୂଜା କଲେ ସୌଭାଗ୍ୟ ବୃଦ୍ଧି ହୁଏ, ତୁ ଜିଦ୍ ଛାଡ଼ି ଦେବୀଙ୍କୁ ପୂଜା କର ।'' ମୀରାଜୀ ଦୃଢ଼ତା ସହ ଉତ୍ତର ଦେଲେ, ''ଏହି ଶିର ଗିରିଧରଲାଲଜୀଙ୍କ ଚରଣରେ ବିକି ଦେଇଛି, ଆଉ କୌଣସି ଦେବାଦେବୀଙ୍କ ଚରଣରେ ନତ ହୋଇପାରିବ ନାହିଁ ।'' ପୁଣି ମୀରାଜୀ ଏହି ଦୁହାଟି କହିଲେ—

''ନା ମେହଁ ପୂଜା ଗୌରଜ୍ୟାନୀ ନା ପୂଜା ଆନ ଦେବ ।
ମେହଁ ପୂଜା ରଣଛୋଡ଼ଜି ଶାଶୂଥେ କାଁହ ଜାଣୋଭେଦ ॥''

''ମୁଁ ଗୌରୀଜୀ ବା ଅନ୍ୟ କୌଣସି ଦେବଦେବୀଙ୍କୁ ପୂଜା କରିବି ନାହିଁ । ମୁଁ ତ ରଣଛୋଡ଼ଜିଙ୍କୁ ପୂଜା କରୁଛି, ଏହି ଭାବ ଶାଶୂ କିପରି ଜାଣିବେ ?'' ଏହି ଉତ୍ତରରେ ସମବୟସ୍କା ଅନ୍ୟାନ୍ୟ ବୋହୂଝିଅ କହିଲେ, ''ଏହି ପୂଜା ସୁହାଗ ସକାଶେ, ପ୍ରତ୍ୟେକେ କରିବା ଉଚିତ ।'' ମୀରାଜୀ ଉତ୍ତର ଦେଲେ, ''ଭଉଣୀମାନେ, ଯାହାର ସୁହାଗରେ ସନ୍ଦେହ ଥିବ ସେମାନେ ପୂଜା କରିପାରନ୍ତି । ମୋର ସୁହାଗ ଅଚଳ, ମୋର ଲେଶମାତ୍ର ସନ୍ଦେହ ନାହିଁ ।''

ଏହି ଉତ୍ତରରେ ଶାଶୂ, ନଣନ୍ଦ ପ୍ରଭୃତି ବହୁତ ଅସନ୍ତୁଷ୍ଟ ହେଲେ । ଶାଶୂ ବିଶେଷ କ୍ରୁଦ୍ଧା ହୋଇ ପତିଙ୍କୁ କହିଲେ, ''ନୂତନ ବଧୂ ବହୁତ ଜିଦ୍‌ଖୋର, ଘରେ ଗୋଡ଼ ଦେଉ ଦେଉ ମୋ କଥା ମାନୁ ନାହିଁ, ଭବିଷ୍ୟତରେ କ'ଣ କରିବ ?'' ଏଥିରେ ମହାରାଜ ମଧ୍ୟ ଅତ୍ୟନ୍ତ ଅସନ୍ତୁଷ୍ଟ ହେଲେ ।

ମୀରାବାଈଙ୍କ ମନ ଭଗବାନଙ୍କ ଚରଣରେ ଲାଗିଯାଇଥିଲା । ସେ ଭଗବତ୍ ପ୍ରେମରେ ନିଜକୁ ଭୁଲିଯାଇଥିଲେ । ସଂସାର ବିଷୟ ତାଙ୍କୁ ବିଷବତ୍



ପ୍ରତୀତ ହେଉଥିଲା । ମୀରାଙ୍କୁ ସଂସାର ବିଷୟରେ ଉଦାସୀନା ଦେଖି ତାଙ୍କ ପତି ଭୋଜରାଜ ପ୍ରଥମେ ତାଙ୍କ ଉପରେ ଅସନ୍ତୁଷ୍ଟ ହେଲେ । କିନ୍ତୁ ମୀରାବାଈଙ୍କର ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ତଥା ତାଙ୍କ ପ୍ରତି ନିଷ୍କପଟ ବ୍ୟବହାର ଦେଖି ସେ ବିଶେଷ ପ୍ରସନ୍ନ ହେଲେ ଏବଂ ତାଙ୍କ ଭକ୍ତିଭାବରେ କୌଣସି ବାଧା ନ ଦେଇ ପୂର୍ଣ୍ଣତଃ ସହାୟତା କଲେ । ମୀରାବାଈ ପତିଙ୍କର କୌଣସି ସେବା କରିପାରୁ ନ ଥିବାରୁ ସେ ସ୍ୱୟଂ ଆଗ୍ରହ କରି ତାଙ୍କୁ ବିବାହ କରାଇଦେଲେ ଏବଂ ସଂସାର କାର୍ଯ୍ୟରୁ ମୁକ୍ତ ହୋଇ ଗିରିଧରଲାଲଜିଙ୍କ ପ୍ରେମରେ ମଗ୍ନ ରହିଲେ ।

ମୀରାବାଈଙ୍କ ଭକ୍ତି ତଥା କବିତା ରଚନାରେ କୁମାର ଭୋଜରାଜ ନିଜକୁ ଗୌରବାନ୍ୱିତ ମନେକରୁଥିଲେ । ମୀରାଜୀଙ୍କ ଭକ୍ତିଭାବରେ କୌଣସି ବାଧାବିଘ୍ନ ନ ଆସିବା ପାଇଁ ରଣଛୋଡ଼ଜିଙ୍କର ଗୋଟିଏ ପୃଥକ୍ ମନ୍ଦିର ତିଆରି କରାଇଦେଲେ । ମୀରାବାଈଙ୍କ ଭକ୍ତିଭାବାପନ୍ନ ମୁଖଚନ୍ଦ୍ର ଦେଖି ସେ ବିଶେଷ ଆନନ୍ଦିତ ହେଉଥିଲେ । ସେ ଯେତେବେଳେ ନୂତନ କବିତା ରଚନା କରି ଭଗବାନଙ୍କ ସମ୍ମୁଖରେ ଗାନ କରନ୍ତି, ଭୋଜରାଜଙ୍କ ହୃଦୟ ସେତେବେଳେ ଭଗବତ୍ ପ୍ରେମରେ ପୁଲକିତ ହୋଇଉଠେ । ମୀରାବାଈଙ୍କ ହୃଦୟକୁ ଯଦ୍ୟପି ଭଗବାନ୍ ପୂର୍ଣ୍ଣ ରୂପେ ଅଧିକାର କରିନେଇଥିଲେ, ତାଙ୍କ ମନ ଯଦ୍ୟପି ଭଗବାନଙ୍କ ଚରଣରେ ବିକି ହୋଇଯାଇଥିଲା, ତଥାପି ସେ ଲୌକିକ ପତି ଭୋଜରାଜଙ୍କୁ କେବେ ବି ଅସନ୍ତୁଷ୍ଟ କିଂବା ଅସମ୍ମାନ କରୁ ନ ଥିଲେ । ମୀରାବାଈଙ୍କ ଭଗବତ୍ ଭକ୍ତି, ସେବାପୂଜା ତଥା ସାଧୁସନ୍ଥଙ୍କ ସମାଗମରେ ରାଜବଂଶର ବ୍ୟକ୍ତିମାନେ ଅସନ୍ତୁଷ୍ଟ ହେଉଥିଲେ । କିନ୍ତୁ ଭୋଜରାଜଙ୍କ ଭୟରେ କେହି କିଛି କହିପାରୁ ନ ଥିଲେ କି କରିପାରୁ ନ ଥିଲେ । ମୀରାବାଈ ନିର୍ଦ୍ୱନ୍ଦ୍ୱରେ ଭଜନ, କୀର୍ତ୍ତନ, ସତ୍‌ସଙ୍ଗରେ ସମୟ ବ୍ୟତୀତ କରୁଥିଲେ । ତାଙ୍କର ଭଗବତ୍ ପ୍ରେମ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ କେତେବେଳେ ଭଗବାନଙ୍କ ଧ୍ୟାନରେ ସମାଧିସ୍ଥ ହୋଇଯାଆନ୍ତି, କେବେ ଭଗବତ୍ ଚରିତ ଗାନରେ ଅପାର ଆନନ୍ଦରେ ବିଭୋର ହୋଇଯାଆନ୍ତି, ଅନବରତ ନୟନରୁ ଅଶ୍ରୁ ବର୍ଷା ହେଉଥାଏ,

ଆଉ କେତେବେଳେ ଭଗବାନଙ୍କ ଲୀଳାଦର୍ଶନରେ ଠୋ ଠୋ ହୋଇ ହସିଉଠନ୍ତି; ଏହି ଅବସ୍ଥାରେ ସେ ତାଙ୍କ ଶରୀରର ବାହ୍ୟଜ୍ଞାନ ତଥା ଖାଇବା ପିଇବା ଭୁଲିଯାଆନ୍ତି । ଭଗବତ୍ ଦର୍ଶନ ସକାଶେ କାତର ପ୍ରାର୍ଥନାରେ ରାତ୍ରି ବ୍ୟତୀତ ହୋଇଯାଏ, ନିଦ ଆସେ ନାହିଁ । କେବେ କେବେ କେତେଦିନ ପର୍ଯ୍ୟନ୍ତ ନ ଖାଇ ନ ପିଇ ପ୍ରେମସମାଧିରେ ସମାଧିସ୍ଥ ହୋଇ ରହନ୍ତି । ଶରୀର ବହୁତ ଦୁର୍ବଳ ହୋଇଗଲା, ରକ୍ତର ହ୍ରାସ ଯୋଗୁଁ ଶରୀର ଶ୍ୱେତବର୍ଣ୍ଣ ହୋଇଗଲା । ଲୋକେ ଆସି ନାନାପ୍ରକାର ବୁଝାଇ ଭଗବତ୍ ପ୍ରେମ ପରିତ୍ୟାଗ କରିବାକୁ କହିଲେ, ଯେଉଁଥିରେ ସ୍ୱାସ୍ଥ୍ୟର ସୁଧାର ହେବ । କିନ୍ତୁ ମୀରାବାଈଙ୍କୁ ସେସବୁ ଆଦୌ ଭଲ ଲାଗୁ ନ ଥିଲା । ସେମାନଙ୍କ ଉତ୍ତରରେ ସେ କେବଳ ଭଗବାନଙ୍କ ଚରିତ କହୁଥିଲେ । ମୀରାବାଈଙ୍କର ଏହି ଅବସ୍ଥା ଦେଖି ତାଙ୍କୁ ରୋଗ ହୋଇଥିବା ଆଶଙ୍କାରେ ବୈଦ୍ୟ ଡକାହେଲା । ବୈଦ୍ୟ ଆସି ମୀରାବାଈଙ୍କୁ ପରୀକ୍ଷା କଲେ । ବୈଦ୍ୟ ବିଚାରା ଏ ରୋଗର ଔଷଧ ଆଣିବ କେଉଁଠୁ !

ମୀରାବାଈ କହିଲେ—

''ହେରୀ ମୈଁ ରାମ ଦିବାନୀ,
ମେରୋ ଦରଦ ନ ଜାଣେ କୋୟ ।
ସୂଳି ଉପର ସେଜ ହମାରୀ,
କିସ ବିଧ ସୋଣା ହୋୟ ॥
ଗଗନମଁଡଲପୈ ସେଜ ପିୟାକୀ,
କିସ ବିଧ ମିଲଣା ହୋୟ ॥
ଘାୟଲକୀ ଗତି ଘାୟଲ ଜାନେ,
କି ଜିନ ଲାଇ ହୋୟ ॥
ଜୌହରକୀ ଗତି ଜୌହରି ଜାନେ,
କି ଜିନ ଜୌହର ହୋୟ ।



ଦରଦକୀ ମାରୀ ବନ ବନ ଡୋଲୁଁ,
ବୈଦ୍ୟ ମିଲ୍ୟା ନହି କୋୟ ॥
ମୀରାକୀ ପ୍ରଭୁ ପୀର ମିଟୈଜବ,
ବୈଦ୍ୟ ସାଁ ବଲିୟା ହୋୟ ।''

ଅର୍ଥାତ୍, ''ହେ ସଖି, ମୁଁ ତ ରାମଦେବାନୀ ଅର୍ଥାତ୍ ମୁଁ ବହୁତ ଦୁଃଖିନୀ, ମୋ ପୀଡ଼ା କେହି ଜାଣନ୍ତି ନାହିଁ, ମୋ ଶେଯ ଶୂଳି ଉପରେ, ସେଥିରେ କିପରି ଶୋଇବା ସମ୍ଭବ ? ପ୍ରିୟତମଙ୍କ ଶେଯ ଆକାଶରେ, ତାଙ୍କ ସଙ୍ଗେ ମିଳନ ବା କିପରି ହେବ ? ଯେ ଘାୟଲ ହୋଇଥାଏ, ସେ ଘାୟଲର ଅବସ୍ଥା ଜାଣିପାରେ, ଯେ ଜୌହରି (ଅନୁଭବୀ) ହୋଇଥାଏ ସେ ଜୌହର ଗତି ଜାଣିପାରେ, ବିରହବ୍ୟଥା ଯୋଗୁଁ ମୁଁ ବନେ ବନେ ବୁଲେ, କିନ୍ତୁ କୌଣସି ବୈଦ୍ୟ ମିଳିଲେ ନାହିଁ । ବୈଦ୍ୟ ଶ୍ୟାମ ଆସିଲେ ମୀରାର ପୀଡ଼ା ମେଣ୍ଟିପାରେ ।''

ମୀରାବାଈ ତାଙ୍କ ରୋଗ ବିଷୟରେ ହୃଦୟର ବିରହ ଭାବ ଯେଉଁ କବିତାରେ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ତାହାର ଭାବାର୍ଥ ନିମ୍ନରେ ପ୍ରଦତ୍ତ ହେଲା—

''ମୋ ଶରୀର ରକ୍ତ କମ୍ ଯୋଗୁଁ ଶ୍ୱେତ ହୋଇଅଛି ବୋଲି ଲୋକେ ପାଣ୍ଡୁରୋଗ ବୋଲି କହୁଅଛନ୍ତି, କିନ୍ତୁ ରାମମିଳନ ଯୋଗରେ ଭଗବାନଙ୍କ ବିରହରେ ଏହି ଅବସ୍ଥା ହୋଇଅଛି । ଅଜ୍ଞାନ ବୈଦ୍ୟ ଏହି ରହସ୍ୟ ଜାଣେ ନାହିଁ, ଏ ରୋଗ ଶରୀରର ନୁହେଁ, ହୃଦୟ ଗଭୀରର । ହେ ବୈଦ୍ୟ, ଏ ରୋଗ ଭଗବତ୍ ବିରହର, ଏହି ରୋଗ କେବଳ ଛାଡ଼ିବ ଭଗବତ୍ ମିଳନରେ । ତୁମ ଔଷଧରେ କୌଣସି ଲାଭ ହେବ ନାହିଁ । ଏହି ରୋଗରେ ଶରୀରର ମାଂସ ମିଳାଇ ଗଲାଣି ।'' ପୁଣି ସେ ବିରହରେ ଉନ୍ମାଦିନୀ ହୋଇ କୋଇଲିକୁ ସମ୍ବୋଧନ କରି କହୁଅଛନ୍ତି, ''ହେ କୋଇଲି, ତୁ ମୋ ପ୍ରିୟତମ ଗିରିଧରଲାଲଙ୍କ ନାମ ଉଚ୍ଚାରଣ କର ନାହିଁ । ହେ କାକ, ମୁଁ ମୋ କଲିଜା ବାହାର କରିଦେଉଛି, ତୁ ନେଇ ଯା, ମୋ ପ୍ରିୟତମ ଶ୍ରୀକୃଷ୍ଣ ଯେଉଁ ଦେଶରେ ଥିବେ ତାଙ୍କ ଆଗରେ

ବସି ଖାଇବୁ । ମୋର ସଂପର୍କ ଅନ୍ୟ କାହା ସହିତ ନାହିଁ, କେବଳ ଭଗବାନଙ୍କ ନାମ ସହିତ । ହେ ପ୍ରିୟତମ, ବିକଳା, ଦୀନା, ବିରହିଣୀ ମୀରାକୁ ଦର୍ଶନ ଦିଅ ।''

ଭଗବତ୍ ପ୍ରାପ୍ତି ସକାଶେ କି ତୀବ୍ର ଉତ୍କଣ୍ଠା, କି ତୀବ୍ର ଅଭୀପ୍ସା, କିପରି ମନୋମୁଗ୍ଧକର ଶୁଦ୍ଧପୂତ ଲାଳସା ! ଭଗବାନ୍ ଏହି ପ୍ରକାରର ବିରହଭକ୍ତିରେ ନିଜକୁ ଭୁଲିଯାଆନ୍ତି । ତାଙ୍କ ଐଶ୍ୱର୍ଯ୍ୟର ବିସ୍ମରଣ ହୋଇଯାଏ । ସେ ଭକ୍ତ ସଙ୍ଗେ ଛାୟା ସଦୃଶ ରହନ୍ତି । ଭକ୍ତର ପ୍ରେମପାଶରେ ବନ୍ଦୀ ହୋଇ ପଡ଼ନ୍ତି । ଭକ୍ତ ଭଗବାନ୍ ଉଭୟ ନିଜ ନିଜକୁ ଭୁଲିଯାଆନ୍ତି, ପୃଥକ୍ ଥାଇ ଏକ ହୋଇଯାଆନ୍ତି । ଏହି ଅନୁପମ, ଅମୂଲ୍ୟ, ଅତୁଳନୀୟ, ଅଲୌକିକ, ଦିବ୍ୟ, ଭାଗବତ ପ୍ରେମାମୃତ କେହି ଥରେ ଆସ୍ୱାଦନ କଲେ ସେ ଆଉ ଛାଡ଼ିପାରେ ନାହିଁ । ସଂସାରର ବିଶେଷ ପ୍ରଲୋଭନ ତା' ପାଖରେ ନୀରସ ପ୍ରତୀତ ହୁଏ । ମୀରା ସେହି ଭଗବତ୍ ପ୍ରେମାମୃତ ପାନ କରି ନିଜ ଜୀବନ ସାର୍ଥକ କରିଅଛନ୍ତି । ଏହି ଦିବ୍ୟ ପ୍ରେମରେ ଉନ୍ମାଦିନୀ ମୀରାବାଈ ବିବାହ ପରେ ଅନେକ ବର୍ଷ ବ୍ୟତୀତ କଲେ । ମୀରାବାଈଙ୍କ ଭଗବତ୍ ପ୍ରେମଭକ୍ତିରେ ପରିବାରର ଲୋକ ଅସନ୍ତୁଷ୍ଟ ଥିବା ସତ୍ତ୍ୱେ କୁମାର ଭୋଜରାଜଙ୍କ ପ୍ରଭାବରେ ତାଙ୍କୁ କେହି ବାଧା ଦେଉ ନ ଥିଲେ । ସେ ନିର୍ଦ୍ୱନ୍ଦ୍ୱରେ ଭଗବତ୍ ପ୍ରେମରେ ନିମଗ୍ନ ରହୁଥିଲେ ।

ବିଧାତାର ବିଧାନ ବିଚିତ୍ର । ଭକ୍ତ ସରଳ ମାର୍ଗରେ ଭଗବାନଙ୍କ ପାଖକୁ ଯାଇପାରେ ନାହିଁ । ପ୍ରତିଟି ପଦକ୍ଷେପ ଅତିକ୍ରମ କରିବାକୁ ହୁଏ ଭୀଷଣ ପରୀକ୍ଷାର ସମ୍ମୁଖୀନ ହୋଇ । ସୁବର୍ଣ୍ଣ ସଦୃଶ ପରୀକ୍ଷାଗ୍ନିରେ ତପ୍ତ ହେଲେ ଭକ୍ତର ଆଧାର ଶୁଦ୍ଧପୂତ ହୁଏ; ତେବେ ଭଗବାନଙ୍କର ନିବାସ ସକାଶେ ସିଂହାସନ ପ୍ରସ୍ତୁତ ହୁଏ । ମୀରାବାଈଙ୍କର ଆସିଲା ପରୀକ୍ଷାର ସମୟ ।

ମୀରାବାଈଙ୍କ ବିବାହର ଦଶ ବର୍ଷ ପରେ ଭୋଜରାଜ ସମ୍ବତ୍ ୧୫୮୩ ରେ ନଶ୍ୱର ଶରୀର ତ୍ୟାଗ କଲେ । ସେହି ଅଳ୍ପ କେତେ ମାସ ମଧ୍ୟରେ ମହାରାଣା ସାଙ୍ଗାଜି, ମୀରାବାଈଙ୍କ ଶ୍ୱଶୁର ମଧ୍ୟ ପରଲୋକ ଗମନ କଲେ । ରାଜଗାଦି



ପ୍ରାପ୍ତ ହେଲା ମୀରାବାଈଙ୍କ ଦେବର ବିକ୍ରମାଦିତ୍ୟଙ୍କୁ । ପ୍ରଥମରୁ ମୀରାବାଈଙ୍କ ଭକ୍ତିପ୍ରଭାବରେ ତାଙ୍କ ପାଖକୁ ସାଧୁସନ୍ଥ ଆସୁଥିଲେ । ସେମାନଙ୍କ ସଂପର୍କ ମୀରାବାଈଙ୍କୁ ଅତ୍ୟନ୍ତ ଆନନ୍ଦ ଦେଉଥିଲା । ଯେଉଁମାନେ ଭଗବାନଙ୍କ ଭକ୍ତ ସେମାନେ ଭକ୍ତମାନଙ୍କ ସଂପର୍କରେ ଭଗବାନଙ୍କ ଚରିତ ଶୁଣନ୍ତି ଏବଂ ସାଧନାର ଗୁପ୍ତ ରହସ୍ୟ ହୃଦୟଙ୍ଗମ କରନ୍ତି । ଏଥିରେ ସାଧନା ମାର୍ଗରେ ବିଶେଷ ସହାୟତା ମିଳେ । ସେ ସକାଶେ ଭକ୍ତମାନଙ୍କୁ ଭକ୍ତଙ୍କ ସଙ୍ଗ ବିଶେଷ ପ୍ରିୟ ହୁଏ ।

ମୀରାବାଈଙ୍କର ଭଗବତ୍ ପ୍ରେମ-ସୌରଭ ସନ୍ଥମାନଙ୍କ ଦ୍ୱାରା ଦୂରଦୂରାନ୍ତକୁ ବିଚ୍ଛୁରିତ ହୋଇଗଲା । କ୍ରମଶଃ ସାଧୁସନ୍ଥମାନଙ୍କର ସମାଗମ ବୃଦ୍ଧିପ୍ରାପ୍ତ ହେଲା । ପୂର୍ବରୁ ରାଜମହଲର ଲୋକମାନେ ମୀରାବାଈଙ୍କର ଏପରି ସାଧୁସମାଗମକୁ ପସନ୍ଦ କରୁ ନ ଥିଲେ, ଏହାର ବୃଦ୍ଧି ହେବାରୁ ସେମାନେ ବିଶେଷ ଅସନ୍ତୁଷ୍ଟ ହେଲେ । ମୀରାବାଈଙ୍କ ନଣନ୍ଦ ଉଦାବାଈ ତାଙ୍କୁ କହିଲେ–

''ଭାବୀ (ଭାଉଜ), ତୁମେ ସଚେତ ଏବଂ ସାବଧାନ ହୋଇ ବିଚାର କର । ଆମ ରାଜବଂଶର ମହାନ୍ ଉଜ୍ଜ୍ୱଳ କୀର୍ତ୍ତିଧ୍ୱଜା ବହୁକାଳରୁ ଉଡ଼ି ଆସୁଅଛି । ତୁମ ପିତୃକୁଳ ମଧ୍ୟ ସେହିପରି । କିନ୍ତୁ ସାଧୁମାନଙ୍କ ସଙ୍ଗେ ବସି କୀର୍ତ୍ତନ କରିବା, ନୃତ୍ୟ କରିବା ଆମ୍ଭ କୁଳର ବିପରୀତ ଆଚରଣ । ଏହାଦ୍ୱାରା ଆମ୍ଭ କୁଳ ତଥା ତୁମ ପିତୃକୁଳକୁ ବିଶେଷ ଅପବାଦ ହେଉଅଛି । ଏଥିରେ ନିର୍ମଳ କୁଳରେ କଳଙ୍କକାଳିମା ଲାଗୁଛି । ତା'ଛଡ଼ା, ରାଜା ହେଉଛନ୍ତି ରାଜ୍ୟର ଶ୍ରେଷ୍ଠ ଓ ଆଦର୍ଶ । ତାଙ୍କ କୁଳରେ ଏ ପ୍ରକାର ଅସମ୍ମାନସୂଚକ ଆଚରଣରେ ତାଙ୍କୁ ବହୁତ ଲଜ୍ଜା ହେଉଅଛି । ତୁମେ ଭଗବାନଙ୍କୁ ଭକ୍ତି କର, କିଏ ମନା କରୁଛି ? କିନ୍ତୁ ସାଧୁମାନଙ୍କ ସଂପର୍କ ତ୍ୟାଗ କର ।''

ମୀରାବାଈ ଉତ୍ତର ଦେଲେ, ''ଉଦା, ଯେଉଁ ସନ୍ଥମାନଙ୍କ ଦର୍ଶନରେ ଭଗବାନଙ୍କ ପ୍ରେମ ବୃଦ୍ଧି ହୁଏ, ସେମାନଙ୍କୁ ମୁଁ କିପରି ତ୍ୟାଗ କରିବି ? ଅସତ୍ କାର୍ଯ୍ୟ ସର୍ବଥା ତ୍ୟାଜ୍ୟ, କିନ୍ତୁ ଯେଉଁଥିରେ ଜୀବନ ସାର୍ଥକ ହୁଏ, ତାହା କିପରି ଏବଂ କାହିଁକି ତ୍ୟାଗ କରିବାକୁ ହେବ ?''

ଏହି ଉତ୍ତରରେ ଉଦାବାଈ ନିରାଶ ହୋଇ ମହାରାଜ ବିକ୍ରମାଦିତ୍ୟଙ୍କୁ ସମସ୍ତ ଘଟଣା କହିଦେଲେ । ମହାରାଜ ଭୟଙ୍କରଭାବେ କ୍ରୋଧବଶ ହୋଇ ମୀରାବାଈଙ୍କୁ ହତ୍ୟା କରିବାକୁ ନିଶ୍ଚୟ କଲେ । ଗୋଟିଏ କଟରାରେ ବିଷ ରଖି ଉଦାବାଈଙ୍କ ଦ୍ୱାରା ମୀରାବାଈଙ୍କ ପାଖକୁ ପଠାଇଦେଲେ । ସେ ମୀରାବାଈଙ୍କୁ କହିଲେ, ''ଏହି ପାତ୍ରରେ ଭଗବାନଙ୍କ ଚରଣାମୃତ ତୁମ ନିମିତ୍ତ ମହାରାଜ ପଠାଇଛନ୍ତି ।'' ମୀରାବାଈ ସେମାନଙ୍କର ଗୁପ୍ତ ଷଡ଼ଯନ୍ତ୍ର ବୁଝିପାରିଥିଲେ । କିନ୍ତୁ ଭଗବାନଙ୍କ ଚରଣାମୃତ ନାମ ଶୁଣି ସହର୍ଷରେ ପାତ୍ରସ୍ଥ ବିଷକୁ ଉଦାଙ୍କ ସମ୍ମୁଖରେ ପାନ କଲେ । ସେହି ବିଷ ଭଗବତ୍ କୃପାରୁ ମୀରାବାଈଙ୍କ ସକାଶେ ଅମୃତରେ ପରିଣତ ହୋଇଗଲା । ତାଙ୍କ ଶରୀର ବିଶେଷତଃ ମୁଖମଣ୍ଡଳ ଏକ ଅପୂର୍ବ ଦିବ୍ୟଜ୍ୟୋତିଃରେ ଉଦ୍ଭାସିତ ହେବାର ପରିଲକ୍ଷିତ ହେଲା । ସେ ଭଗବତ୍ ପ୍ରେମରେ ବିଭୋର ହୋଇ ଗାଇଥିଲେ–

''ରାଣାଜି ଜହ ଦିୟୋ ମୈଁ ଜାନୀ ।  
ଜିନ ହରି ମେରୋ ନାମ ନିବେର୍‌ୟୋ,  
ଛର୍‌ୟୋ ଦୁଦ୍ଧ ଔର ପାନୀ ॥  
ଜବଲଗି କଞ୍ଚନ କସୟିତ ନହୀଁ,  
ହୋତନ ବାହର ବାନୀ ॥  
ଅପନେ କୁଳକେ ପରଦୋ କରିୟୋ,  
ମୈଁ ଅବଲା ବୀରାନୀ ॥  
ଶ୍ୱପଚ ଭକ୍ତ ବାରୌ ତନ-ମନତେ,  
ହୌଁ ହରି ହାଥ ବିକାନୀ ॥  
ମୀରାପ୍ରଭୁ ଗିରିଧର ଭଜିବକୋ,  
ସନ୍ତ ଚରଣ ଲିପଟାନୀ ॥''



ଭାବାର୍ଥ– ''ରାଣାଜି ଜହର ଦେଇଛନ୍ତି ମୁଁ ଜାଣେ । କିନ୍ତୁ ଯେଉଁ ହରି ଦୁଗ୍ଧରୁ ଜଳ ପୃଥକ୍ କରିବା ସଦୃଶ ମୋତେ ସକଳ ବିପଦରୁ ରକ୍ଷା କରିଅଛନ୍ତି, ସେହି ହରି ଆଜି ବି ମୋତେ ରକ୍ଷା କରିବେ । ଯେପର୍ଯ୍ୟନ୍ତ ସୁବର୍ଣ୍ଣ ଅଗ୍ନିରେ ତପ୍ତ ନ ହୁଏ ସେପର୍ଯ୍ୟନ୍ତ ତା'ର ପ୍ରକୃତ ରଙ୍ଗ ପ୍ରକାଶିତ ହୁଏ ନାହିଁ, ସେହିପରି ବିପଦ ନ ଆସିଲେ ଭଗବତ୍ କୃପା ଅନୁଭୂତ ହୁଏ ନାହିଁ । ମୁଁ ପରଦାପ୍ରଥା ରକ୍ଷା ନ କରିବାରୁ ମହାରାଜଙ୍କର ଅପ୍ରିୟ ହେଉଛି, କିନ୍ତୁ ମୁଁ ତ ଅନ୍ୟର ଅବଳା ଅର୍ଥାତ୍ ଭଗବାନଙ୍କର, ସୁତରାଂ ସେ ନିଜ କୁଳନାରୀମାନଙ୍କୁ ପରଦାରେ ରଖନ୍ତୁ । ମୁଁ ତ ଭଗବାନଙ୍କ ହାତରେ ବିକିଯାଇଛି, ଭକ୍ତ ଚଣ୍ଡାଳ ହେଲେ ମଧ୍ୟ ତାକୁ ତନ-ମନ ସହର୍ଷରେ ସମର୍ପଣ କରିବାକୁ ପ୍ରସ୍ତୁତ; କାରଣ ଗିରିଧରଙ୍କୁ ଭଜିବା ସକାଶେ ମୀରା ସନ୍ଥମାନଙ୍କ ଚରଣରେ ଲୋଟୁଛି ।''

ମୀରାବାଈ ଭଗବତ୍ କୃପା ଅନୁଭବ କରି ପ୍ରେମରେ ଉନ୍ମତ୍ତ ହୋଇ ପଦ ରଚନା କରି ଗାଇଲେ ଏବଂ ଭଗବାନଙ୍କ ସମ୍ମୁଖରେ ନୃତ୍ୟ କରିବାକୁ ଲାଗିଲେ । ଏହି ଦୃଶ୍ୟ ଦେଖି ଦାସୀମାନେ ମହାରାଜଙ୍କୁ ଆଦ୍ୟପ୍ରାନ୍ତ ସବୁ କଥା କହିଦେଲେ । ରାଜା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଭାବିଲେ– ''ମୀରା କ'ଣ କଳିଯୁଗର ପ୍ରହ୍ଲାଦ ! ଏପରି ବିଷର ପ୍ରଭାବ ଏକେବାରେ ନିଷ୍ଫଳ ହେଲା !''

ମୀରାବାଈଙ୍କ ଭଗବତ୍ ପ୍ରେମ ଅବିରତ ବୃଦ୍ଧି ହେବାରେ ଚାଲିଛି । ସେ ସମସ୍ତ ଦିନ ଭଗବାନଙ୍କ ସାମନାରେ କେବେ ନୃତ୍ୟ କରନ୍ତି, କେବେ ଗାନ କରନ୍ତି, କେବେ ପ୍ରେମସମାଧିରେ କେତେ ସମୟ ଧରି ପଡ଼ିରହନ୍ତି । ଆଖିରୁ ଅବିରାମ ଗତିରେ ପ୍ରେମାଶ୍ରୁ ବର୍ଷା ହେଉଥାଏ । ଖାଇବା, ପିଇବା ଆଦି ବାହ୍ୟ କ୍ରିୟାର ଜ୍ଞାନ ଆଦୌ ସ୍ମରଣ ନ ଥାଏ । ରାତ୍ରିରେ ନିଦ୍ରା ନ ଥାଏ, କେବଳ 'ହା ନାଥ' 'ହା ପ୍ରାଣନାଥ' କହି କହି ରାତ୍ରି କଟାନ୍ତି ।

କେବେ କେବେ ମୀରାବାଈ ଠାକୁରଙ୍କ ଦ୍ୱାର ବନ୍ଦ କରି ଉନ୍ମତ୍ତ ହୋଇ ନୃତ୍ୟ କରନ୍ତି ଏବଂ କଥାବାର୍ତ୍ତା କରନ୍ତି, ଯେପରି ଭଗବାନ୍ ପ୍ରତ୍ୟକ୍ଷ ରୂପେ

ତାଙ୍କ ସଙ୍ଗେ କଥା କହନ୍ତି । ଏହି ସମ୍ବାଦ ରାଜମହଲରେ ବ୍ୟାପିଗଲା । ଯେତେ ମୁହଁ ସେତେ କଥା । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ମାନସିକ ଶୁଦ୍ଧି, ଅଶୁଦ୍ଧି ଅନୁସାରେ ମୀରାବାଈଙ୍କ ଉପରେ ନିଜ ନିଜ ଅଭିମତ ବ୍ୟକ୍ତ କଲେ । କେହି ତାଙ୍କୁ ପ୍ରଶଂସା କଲେ ତ କେହି ତାଙ୍କୁ ଦୂଷଣ ଦେବାକୁ ଲାଗିଲେ । ମୀରାବାଈଙ୍କର ସମବୟସ୍କା କେତେକ ନାରୀ ସାହସ କରି ମୀରାବାଈଙ୍କୁ ସ୍ପଷ୍ଟ ରୂପେ କହିଦେଲେ, ''ମୀରା, ତୁମେ ଯୁବତୀ ସ୍ତ୍ରୀ, ସମସ୍ତ ଦିନ ଅନ୍ୟମନସ୍କ ହୋଇ ବସୁଛ । କାହା ଅପେକ୍ଷାରେ ଲୋତକ ବର୍ଷା କରୁଛ ? ଏପରି ଅବସ୍ଥାରେ ଲୋକଙ୍କର ସନ୍ଦେହ ହେବା ସ୍ୱାଭାବିକ । ଏଥିରେ କୁଳମର୍ଯ୍ୟାଦା ହାନି ହେଉଛି । ଏପରି ଆଉ କର ନାହିଁ ।'' ଗୋଟିଏ ପଦ୍ୟରେ ମୀରାଜୀ ଏହାର ଉତ୍ତର ଦେଇଅଛନ୍ତି–

''ଦରସ ବିନ ଦୁଃଖନ ଲାଗେ ଜୈନ ଜବସେ
ତୁମ ବିଛୁରେ ମେରେ ପ୍ରଭୁଜି କବହୁଁ ନ ପାୟୋ ଚୈନ ।
ଶବ୍ଦ ସୁନତ ମେରେ ଛାତିୟାଁ କାମ୍ପୈ ମୀଠେ ଲାଗୈ ବୈନ ।
ଏକଟକଟକୀ ପଁଥ ନିହାରୁଁ ଭଈ ଛମାସୀ ରୈନ ॥
ବିରହ ବିଥା କାସୂଁ କହୁଁ ସଜନୀ,
ବହ ଗଈ କରବତ ନୈନ ।
ମୀରାକେ ପ୍ରଭୁ କବରେ ମିଲୋଗେ,
ଦୁଃଖ ମେଟନ ସୁଖ ଦୈନ ॥''

ସଖୀମାନେ କହିଲେ, ''ମୀରାଜୀ, ଏହା ଠିକ୍, କିନ୍ତୁ ଲୋକେ ତ ଏହା ବୁଝିବେ ନାହିଁ, କୁଳକୁ କଳଙ୍କ ଦେବେ ।'' ମୀରାଜୀ କହିଲେ, ''ହେ ସଖି, ମୁଁ କ'ଣ କରିବି, ଏଥିରେ ମୋର ଆୟତ୍ତ ନାହିଁ ।''



''ଆଲୀ ରୀ, ମେରେ ନୈନ ନ ବାନ ପଡ଼ୀ ।
ଚିତ୍ତ ଚଢ଼ୀ ମେରେ ମାଧୁରୀ ମୂରତ,
ଉର ବିଚ ଆନ ଅଡ଼ୀ ।
ମୀରା ଗିରିଧର ହାଥ ବିକାନୀ,
ଲୋକ କହେଁ ବିଗଢ଼ୀ ॥''

ଭାବାର୍ଥ– ''ସଖି, ମୋ ନୟନର ଏହି ସ୍ୱଭାବ ହୋଇଯାଇଛି, ମୋ ହୃଦୟ ମଧ୍ୟରେ ସେ ଆସି  ବଳପୂର୍ବକ ନିବାସ କରିଅଛନ୍ତି, ଅଥବା ମୋ ହୃଦୟ ପ୍ରେମପାଶରେ ସେ ଅଟକି ପଡ଼ିଛନ୍ତି, ମୁଁ ତାଙ୍କ ଦର୍ଶନ ସକାଶେ କେବେଠାରୁ ଛିଡ଼ାହୋଇ ତାଙ୍କ ପଥ ଚାହିଁଅଛି । ସେ ମୋ ହୃଦୟରୁ ବାହାରି ଆସିପାରୁ ନାହାନ୍ତି । ମୁଁ ତ ଗିରିଧରଲାଲଙ୍କ ହାତରେ ବିକିଯାଇଛି । କିନ୍ତୁ ଲୋକେ କହୁଛନ୍ତି ମୀରା ବିଗଡ଼ିଯାଇଛି ।''

ମୀରାବାଈଙ୍କ ହୃଦୟର ଉଚ୍ଛ୍ୱାସ କବିତାରେ କିପରି ହୃଦୟସ୍ପର୍ଶୀ ଓ ପବିତ୍ରଭାବେ ଅଙ୍କିତ ହୋଇଅଛି ତାହା ମୂଳ ରଚନା ପଢ଼ିଲେ ବେଶ୍ ବୁଝାଯାଏ । ଶବ୍ଦରେ ବ୍ୟାଖ୍ୟା ବା ଅନୁବାଦ କରିବାରେ ସେ ଭାବ ପରିସ୍ଫୁଟ ହେବା ଅସମ୍ଭବ । ମନୁଷ୍ୟର ବୁଦ୍ଧି ବହୁତ ସୀମିତ, ସୂକ୍ଷ୍ମ ତଥା ବ୍ୟାପକ ଦୃଷ୍ଟିର ଅଭାବ । ନିଜର ପ୍ରବୃତ୍ତି ଅଥବା ଅବସ୍ଥା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଏହି ଘଟଣାକୁ ବିଚାର କରନ୍ତି । ଦିବ୍ୟପ୍ରେମର ଭାବକୁ ସେ ଅଶୁଦ୍ଧ, ସୀମିତ ବୁଦ୍ଧିରେ କଳ୍ପନା କରିପାରନ୍ତି ନାହିଁ । ମୀରାବାଈଙ୍କର ଅଲୌକିକ ଦିବ୍ୟ ପ୍ରେମକୁ କଳୁଷିତ, ବିଷୟୀ ଲୋକ ବୁଝିପାରିଲେ ନାହିଁ । ନାନାପ୍ରକାର ସନ୍ଦେହ ଆରୋପ କରି ରାଣାଙ୍କୁ ଖବର ଦେଲେ, ''ମୀରାବାଈ ଦ୍ୱାର ବନ୍ଦ  କରି ବହୁ ସମୟ ପର୍ଯ୍ୟନ୍ତ ନୃତ୍ୟ କରି ଗାନ କରନ୍ତି, କାହା ସଙ୍ଗେ ଆମୋଦପ୍ରମୋଦରେ କଥାବାର୍ତ୍ତା କରି ହସନ୍ତି, କେବେ କେବେ ପଶା ଖେଳିବାର ଶବ୍ଦ ଶୁଣାଯାଏ ।''

ଏକଥା ଶୁଣି ରାଣା ବିକ୍ରମାଦିତ୍ୟଙ୍କ ହୃଦୟ କ୍ରୋଧରେ ଜଳିଗଲା ।

ସେ ଗୁପ୍ତଚର ନିଯୁକ୍ତ କରି କଠୋର ଆଦେଶ ଦେଲେ, ''ଯେତେବେଳେ ମୀରାବାଈ ଅନ୍ୟ ପୁରୁଷ ସଙ୍ଗେ କଥାବାର୍ତ୍ତା ଓ ଖେଳତାମସା କରୁଥିବ ସେହି ସମୟରେ ମୋତେ ଡାକିଦେବ ।'' ଗୁପ୍ତଦୂତ ବହୁ ସାବଧାନତାର ସହିତ ପହରା ଦେଲେ ।

କିନ୍ତୁ ମୀରାବାଈଙ୍କର ସେଥିରେ କ'ଣ ଅଛି ? ସେ ତ ଭଗବତ୍ ପ୍ରେମରେ ମଗ୍ନ । ତାଙ୍କର ରକ୍ଷକ ଭଗବାନ୍ । ସେ ପୁଣି କାହାକୁ ଭୟ କରିବେ ? ଦିନରାତି ସେ ଭଗବତ୍ ପ୍ରେମାନନ୍ଦରେ ବୁଡିଯାଆନ୍ତି । ରାତ୍ରିରେ କବାଟ ବନ୍ଦ କରି କେତେବେଳେ ଭଗବାନଙ୍କ ସଙ୍ଗେ ଖେଳନ୍ତି, କେତେବେଳେ ଆମୋଦପ୍ରମୋଦରେ ଥଟ୍ଟା କରି ହସନ୍ତି । ଗୁପ୍ତଚର ଏସବୁ ଶବ୍ଦ ଶୁଣି ନିଶ୍ଚୟ କଲେ ଯେ ଘର ମଧ୍ୟରେ କୌଣସି ପୁରୁଷ ଅଛି । ଅର୍ଦ୍ଧରାତ୍ରି । ରାଣାଙ୍କ ଆଦେଶାନୁସାରେ ଗୁପ୍ତଚର ତାଙ୍କୁ ଖବର ଦେଲେ । ରାଣା ଏହା ଶୁଣିବାମାତ୍ରେ କ୍ରୋଧଜର୍ଜରିତ ହୋଇ ନଗ୍ନ ତରବାରି ହାତରେ ଧରି ମୀରାବାଈଙ୍କ ଦ୍ୱାରରେ ଉପସ୍ଥିତ ହେଲେ । କାନ ଦେଇ ସ୍ପଷ୍ଟରୂପେ ଶୁଣିପାରିଲେ ପଶାଖେଳର ଶବ୍ଦ ଓ ନାନାପ୍ରକାର ହସକୌତୁକର କଥାବାର୍ତ୍ତା । ତାଙ୍କ କ୍ରୋଧ ଦ୍ୱିଗୁଣିତ ହୋଇଗଲା । ସେ ଅସମ୍ଭାଳ ହୋଇ କ୍ରୋଧାନ୍ୱିତ ସ୍ୱରରେ ବଜ୍ରପାତ ସଦୃଶ କହିଲେ, ''ମୀରା, ଶୀଘ୍ର କବାଟ ଖୋଲ ।'' ମୀରାବାଈ ତତ୍କ୍ଷଣାତ୍ କବାଟ ଖୋଲିଦେଲେ । ଚକ୍ ଚକ୍ କରୁଥିବା ଖୋଲା ତରବାରି ରାଣା ହାତରେ ନେଇ ଘର ଭିତରେ ପ୍ରବେଶ କଲେ । ଘରର ଚାରିଆଡ଼େ କୋଣ ବିକୋଣରେ ଦୃଷ୍ଟି ପକାଇ କାହାକୁ ନ ଦେଖି ପଚାରିଲେ, ''ତୁ ଯେଉଁ ପୁରୁଷ ସଙ୍ଗେ କଥାବାର୍ତ୍ତା କରୁଥିଲୁ, ହସୁଥିଲୁ, ଥଟ୍ଟା କରୁଥିଲୁ, ସେ କାହିଁ ?'' ମୀରାଜୀ ସଧୀରେ ଉତ୍ତର ଦେଲେ, ''ସେ ପୁରୁଷ ତୁମକୁ ଲଜ୍ଜା କରନ୍ତି ନାହିଁ । (ଗିରିଧରଲାଲଙ୍କ ପ୍ରତିମାଙ୍କୁ ନିର୍ଦ୍ଦେଶ କରି) ସେ ତୁମ ସମ୍ମୁଖରେ ବିଦ୍ୟମାନ, ଭଲ କରି ଦେଖିନିଅ ।'' ରାଣାଜି ଅବାକ୍ । ଚିତ୍ରପଟ ସଦୃଶ ନିଃସ୍ପନ୍ଦ, ନିସ୍ତବ୍ଧ । ମୀରାବାଈଙ୍କ ହୃଦୟରୁ ଗୋଟିଏ ପଦ ସ୍ୱତଃସ୍ଫୂର୍ତ୍ତଭାବେ ଉଦ୍‌ଗାରିତ ହେଲା –



''ରାଣାଜି ! ମୈଁ ସାଁବର ରଙ୍ଗ ରାଚୀ ।
ସଜ ସିଣଗାର ପଦ ବାଁଧ ଘୁଁଘରୁ,
ଲୋକଲାଜ ତଜି ନାଚି ॥
ଗଈ କୁମତି ଲହି ସାଧୁକୀ ସଙ୍ଗତି, ଭକ୍ତିରୂପ ଭଈଁ ସାଁଚୀ
ଗାୟ ଗାୟ ହରିକେ ଗୁଣ ନିଶିଦିନ,
କାଳବ୍ୟାଳ ତେଁ ବାଁଚୀ ॥
ଉନ ବିନୁ ସବ ଜଗ ଖାରୋ ଲାଗତ,
ଔର ବାତ ସବ କଁଚୀ
ମୀରାକେ ପ୍ରଭୁ ଗିରିଧରନାଗର, ଭକ୍ତିରସୀଲୀ ଜାଁଚୀ ॥''

''ରାଣାଜି, ମୁଁ ଶ୍ୟାମ ରଙ୍ଗରେ ରଙ୍ଗିଯାଇଛି । ମୁଁ ସିଙ୍ଗାର କରି ଗୋଡ଼ରେ ଘୁଙ୍ଗୁର ବାନ୍ଧି ଲୋକଲଜ୍ଜା ତ୍ୟାଗ କରି ମୋ ପ୍ରଭୁଙ୍କ ସାମନାରେ ନାଚୁଛି । ସତ୍‌ସଙ୍ଗ ଦ୍ୱାରା ମୋର କୁମତି ନାଶ ହୋଇଯିବାରୁ ଭକ୍ତିର ଯାଥାର୍ଥ ରୂପ ମୋତେ ପ୍ରାପ୍ତ ହୋଇଛି । ମୁଁ ନିଶିଦିନ ହରିଙ୍କ ଗୁଣଗାନ କରି କାଳ (ସର୍ପ) କବଳରୁ ମୁକ୍ତ ହୋଇଛି । ଭଗବାନଙ୍କ ଛଡ଼ା ମୋତେ ସମସ୍ତ ସଂସାର ତିକ୍ତ ଲାଗୁଅଛି । ଭଗବାନଙ୍କ ଭକ୍ତ ଛଡ଼ା ଆଉ ସମସ୍ତ କଥା କଞ୍ଚା, ଅର୍ଥାତ୍ ନିରର୍ଥକ । ମୀରା ଗିରିଧରନାଗରଙ୍କୁ କେବଳ ରସଯୁକ୍ତ ଭକ୍ତି ମାଗୁଅଛି ।''

ଅନ୍ୟ ପଦ ଗାଇଲେ–
''ବସୋ ମେରେ ନୈନନ ମେଁ ନନ୍ଦଲାଲ
ମୋହିନୀ ମୂରତି ସାଁବରି ସୂରତି, ନୈନା ବନେ ବିଶାଲ ।
ଅଧର-ସୁଧାରସ ମୁରଲୀରାଜତ, ଉର ବୈଜୟନ୍ତୀ ମାଲ ॥
ଛୁଦ୍ରଘଟିକା କଟିତଟଶୋଭିତ, ନୂପୁର ଶବ୍ଦ ରସାଲ ।
ମୀରାପ୍ରଭୁ ସନ୍ତନ ସୁଖଦାୟୀ, ଭକ୍ତବସଲ ଗୋପାଲ ॥''

ରାଣାଜି ନିସ୍ତବ୍ଧ ହୋଇ ଠିଆହୋଇ ମୀରାବାଈଙ୍କର ହୃଦୟସ୍ପର୍ଶୀ ଗାନ ଶୁଣିଲେ । ବୋଧହୁଏ ସେତେବେଳେ ତାଙ୍କ ହୃଦୟରେ ବିଶେଷ ପ୍ରଭାବ ପଡ଼ିଥିବ । ଅନ୍ୟଥା ତାଙ୍କ କ୍ରୋଧ ଶାନ୍ତ ହୋଇ ନ ଥାନ୍ତା କିଂବା ସେ ସଧୈର୍ଯ୍ୟେ ମୀରାବାଈଙ୍କର ପ୍ରେମପୂର୍ଣ୍ଣ ଗୀତ ଶୁଣିବାକୁ ଛିଡ଼ାହୋଇ ନ ଥାନ୍ତେ । କିନ୍ତୁ ତାହା ସ୍ଥାୟୀ ହୋଇ ରହିଲା ନାହିଁ । ସେ ବିସ୍ମିତ ହୋଇ ଫେରି ଆସିଲେ । ମନୁଷ୍ୟର ହୃଦୟ ଉନ୍ମୀଳିତ ନ ହେଲେ ହଠାତ୍ ଭଗବତ୍ କୃପାକୁ ସ୍ଥାୟିରୂପେ ସେ ଧାରଣ କରିପାରେ ନାହିଁ । ଭଗବତ୍ କୃପା ପରଶରେ ହୃଦୟ କିଛି ଅଂଶରେ ଶୁଦ୍ଧ ହୋଇଯାଏ । ରାଣାଙ୍କର ମଧ୍ୟ ସେଇଯା ହେଲା ।

ମୀରାବାଈଙ୍କର ଭକ୍ତିର ବୃଦ୍ଧି ସଙ୍ଗେ ସଙ୍ଗେ ସାଧୁସନ୍ଥଙ୍କର ସମାଗମ ମଧ୍ୟ ବୃଦ୍ଧି ହେଲା । ସବୁବେଳେ ଅସଲି ବସ୍ତୁ ସହିତ ନକଲି ବସ୍ତୁ ରହିଥାଏ । ତାହା ଅବଶ୍ୟ ଅସଲି ବସ୍ତୁର ଯଥାର୍ଥ ମୂଲ୍ୟ ନିରୂପଣ କରେ । ଦିନେ ଜଣେ ଭଣ୍ଡ ତପସ୍ୱୀ ସାଧୁବେଶ ଧାରଣ କରି ମୀରାବାଈଙ୍କ ମନ୍ଦିରକୁ ଆସିଲେ ଏବଂ ତାଙ୍କୁ କହିଲେ, ''ତୁମକୁ ରତିରସରେ ଆନନ୍ଦ ଦେବା ସକାଶେ ଶ୍ୟାମସୁନ୍ଦର ମୋତେ ତୁମ ପାଖକୁ ପଠାଇଅଛନ୍ତି ।'' ମୀରାବାଈ ଉତ୍ତର ଦେଲେ, ''ବହୁତ ଭଲ କଥା, ତୁମେ ଆଗେ ଭୋଜନ କର, ପରେ ଭଗବାନଙ୍କ ଆଦେଶ ପାଳନ କରିବ ।'' ତାଙ୍କୁ ସାଦରେ ଅନ୍ୟ ସନ୍ଥମାନଙ୍କ ସହିତ ଭୋଜନ କରାଇ ଦିଆଗଲା । ଭଗବାନଙ୍କ ସାମନାରେ କୀର୍ତ୍ତନ ତଥା ସତ୍‌ସଙ୍ଗ ହେଉଥିବା ସ୍ଥାନରେ ମୀରାବାଈଙ୍କ ପ୍ରେରଣାରେ ପଲଙ୍କ ପଡ଼ିଲା, ଶେଯ ବିଛା ହେଲା । ସମସ୍ତ ସନ୍ଥ ସେଠାରେ ସତ୍‌ସଙ୍ଗ ଏବଂ କୀର୍ତ୍ତନ ସକାଶେ ଏକତ୍ରିତ ହେଲେ । ସେହି ସମୟରେ ମୀରାଜୀ ସେହି ଭଣ୍ଡ ତପସ୍ୱୀଙ୍କୁ କହିଲେ, ''ଆସ, ପଲଙ୍କରେ ବିରାଜମାନ ହୁଅ, ଏବଂ ଭଗବାନଙ୍କ ନିର୍ଦ୍ଦେଶ ଚରିତାର୍ଥ କର ।'' ଏକଥା ଶୁଣି ଦୁରାତ୍ମା ଭଣ୍ଡ ସାଧୁ ମୀରାବାଈଙ୍କ କାନରେ କହିଲେ, ''ତାହା କେବଳ ଏକାନ୍ତରେ ହୋଇପାରେ, ଏତେ ଲୋକଙ୍କ ଆଗରେ କିପରି ?'' ମୀରାବାଈ ଉଚ୍ଚ ସ୍ୱରରେ କହିଲେ, ''ଏପରି କୌଣସି ସ୍ଥାନ ଅଛି ଯେ ଯେଉଁଠି ମୋ ଗିରିଧରଲାଲ



ନାହାନ୍ତି ? ମୁଁ ସର୍ବ କାଳରେ ସର୍ବ ସ୍ଥାନରେ ସେହି ଶ୍ୟାମସୁନ୍ଦରଙ୍କୁ ଦେଖୁଅଛି, ଆଖି ବନ୍ଦ କଲେ ଭିତରେ, ଆଖି ଖୋଲିଲେ ବାହାରେ । ସେ ବିଦ୍ୟମାନ ରହିଛନ୍ତି ସମସ୍ତ ପ୍ରାଣୀର ହୃଦୟରେ, ସକଳ ବସ୍ତୁର ମଧ୍ୟରେ । ତା'ଛଡ଼ା ଏହି ଶରୀରରେ ବହୁତ ଦେବତାଙ୍କର ନିବାସ, ଆମ୍ଭମାନଙ୍କର କର୍ମର ସାକ୍ଷୀ, ଆମ୍ଭମାନଙ୍କର କର୍ମର ଟିକିନିଖି ହିସାବ ଯମରାଜଙ୍କ ପାଖରେ ଲେଖାହୋଇ ରହୁଛି । ଯଦି ଏତେ ବ୍ୟକ୍ତି ଦେଖିବେ, ତେବେ ଏହି ସାଧୁମଣ୍ଡଳୀଙ୍କୁ ତୁମର ଲଜ୍ଜା କାହିଁକି ?'' ସମସ୍ତଙ୍କ ସମ୍ମୁଖରେ ମୀରାବାଈଙ୍କଠାରୁ ଏପରି ଉତ୍ତର ପାଇ ଭଣ୍ଡ ସାଧୁ ବିଶେଷ ଲଜ୍ଜିତ ହେଲେ । ମୀରାବାଈଙ୍କ ହୃଦୟର ପବିତ୍ରତା ତଥା ଭଗବତ୍ ଭକ୍ତିର ପ୍ରଭାବରେ ତାଙ୍କ ଭଣ୍ଡାମି ଦୂର ହୋଇଗଲା, ସେ ନିଜ ଅପରାଧକୁ ବୁଝିପାରି ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ସମସ୍ତଙ୍କ ସମ୍ମୁଖରେ ମୀରାବାଈଙ୍କ ଚରଣରେ ପଡ଼ି ନିଜ ଅପରାଧର କ୍ଷମା ତଥା ନିଜ ଉଦ୍ଧାର ସକାଶେ ବ୍ୟାକୁଳ ହୋଇ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାର ଉତ୍ତରରେ ମୀରାଜୀ ଏହି ପଦ୍ୟଟି ଗାଇଥିଲେ–

''ମନରେ, ପରସି ହରିକେ ଚରଣ ॥
ସୁଭଗ ଶୀତଳ କମଳ କୋମଳ ତ୍ରିବିଧଜ୍ୱାଳାହରଣ ।
ଜିନ ଚରନ ପ୍ରହ୍ଲାଦ ପରସେ ଇନ୍ଦ୍ର-ପଦବୀ-ଧରଣ ॥
ଜିନ ଚରନ ଧ୍ରୁବ ଅଟଳ କୀହ୍ନେ, ରାଖି ଅପନୀ ଶରଣ ।
ଜିନ ଚରନ ବ୍ରହ୍ମାଣ୍ଡ ଭେଁଟ୍ୟୋ ନଖସିଖା ସିରୀଧରଣ ॥
ଜିନ ଚରନ ପ୍ରଭୁ ପରସି ଲୀନୋଁ ତରୀ ଗୋତମ-ଧରଣ ।
ଜିନ ଚରନ କାଳୀ-ନାଗ ନାଥ୍ୟୋ ଗୋପ-ଲୀଳା-କରଣ ॥
ଜିନ ଚରନ ଗୋବର୍ଦ୍ଧନ ଧାର୍‌ୟୋ ଗର୍ବ ମଘବା ହରଣ ।
ଦାସୀ ମୀରା ଲାଲଗିରିଧର ଅଧମ ତାରଣ ତରଣ ॥''

ମୀରାଜୀଙ୍କର ଉପଦେଶରେ ଛଦ୍ମବେଶଧାରୀ ସାଧୁ ଯଥାର୍ଥରେ ସାଧୁ ହୋଇଗଲେ ।

ମୀରାବାଈଙ୍କର ଗୀତରଚନା ତଥା ଭଗବତ୍ ଭକ୍ତିଭାବ କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ ହେଲା । ବାଦଶାହ ଆକବର ଏ ଖବର ପାଇ ମୀରାବାଈଙ୍କ ଦର୍ଶନ ସକାଶେ ବିଶେଷ ଉତ୍କଣ୍ଠିତ ହୋଇଉଠିଲେ । ଦିନେ ତାନ୍‌ସେନ୍‌ଙ୍କ ସହିତ ବୈଷ୍ଣବ ବେଶରେ ମୀରାବାଈଙ୍କ ଦର୍ଶନକୁ ଆସିଥିଲେ । ମୀରାବାଈଙ୍କ ଭକ୍ତିଭାବ ଦେଖି, ତାଙ୍କ ପ୍ରେମପୂର୍ଣ୍ଣ ଗାନ ଶୁଣି ସେ ଅତୀବ ମୁଗ୍ଧ ହୋଇଥିଲେ । କିଛି ଭେଟି ଦେବାକୁ ତାଙ୍କର ବିଶେଷ ଆଗ୍ରହ ଜନ୍ମିଲା । କିନ୍ତୁ ସେ ଜାଣିଥିଲେ ଯେ ତାଙ୍କ ଆଗ୍ରହ ବ୍ୟର୍ଥ ହେବ । ସେଥିନେଇ ସେ ଗୋଟିଏ ବହୁମୂଲ୍ୟ ହାର ଗିରିଧରଲାଲଙ୍କୁ ଅର୍ପଣ କରି ଚାଲିଗଲେ । ଆକବର ଛଦ୍ମବେଶରେ ଆସିଥିବା କଥା ମୀରାବାଈ ଜାଣି ନ ଥିଲେ । ବହୁମୂଲ୍ୟ ହାର ଦେବାରୁ ଲୋକେ ବାଦଶାହ ଆକବର ବୋଲି ଅନୁମାନ କଲେ । ରାଣା ବିକ୍ରମାଦିତ୍ୟ ଏ ଖବର ପାଇ ବିଶେଷ କ୍ରୁଦ୍ଧ ହେଲେ ଏବଂ ମୀରାଜୀଙ୍କୁ ହତ୍ୟା କରି ଅପବାଦରୁ ମୁକ୍ତ ହେବାକୁ ନିଶ୍ଚୟ କଲେ । ଗୋଟିଏ ଗୋଖର ସାପକୁ ଗୋଟିଏ ପେଟାରୀରେ ବନ୍ଦ କରି ସେଥିରେ ଶାଳଗ୍ରାମ ଅଛି ବୋଲି କହି ସେ ମୀରାବାଈଙ୍କ ପାଖକୁ ପଠାଇଦେଲେ । ମୀରାବାଈ ଶାଳଗ୍ରାମ ନାମ ଶୁଣି ସ୍ନାନ କରି ସହର୍ଷରେ ପେଟାରୀ ଖୋଲିଲେ ଏବଂ ସାପ ପରିବର୍ତ୍ତେ ସେ ଗୋଟିଏ ଫୁଲମାଳ ସହ ଶାଳଗ୍ରାମ ମୂର୍ତ୍ତି ପାଇଲେ । ଭଗବାନଙ୍କ କୃପାରୁ ସର୍ପ ଶାଳଗ୍ରାମରେ ପରିଣତ ହେଲା । ଯିଏ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦିଏ ଭଗବାନ୍ ତା' ସହିତ ଛାୟା ସଦୃଶ ରହି ତାକୁ ରକ୍ଷା କରନ୍ତି । ଯାହାର ରକ୍ଷକ ଭଗବାନ୍ ତା'ର ଅନିଷ୍ଟ କରିବ କିଏ ? ସାପ ପେଟାରୀରେ କେବେ ବି ଶାଳଗ୍ରାମ ରଖାଯାଏ ନାହିଁ । ମୀରାବାଈ ଅବଶ୍ୟ ସମସ୍ତ ଘଟଣା ବୁଝିପାରିଥିଲେ । କିଛି ସମୟ ପରେ ଲୋକଙ୍କ ଦ୍ୱାରା ମଧ୍ୟ ଏହା ପ୍ରମାଣିତ ହୋଇଗଲା । ମୀରାବାଈ ଆନନ୍ଦବିଭୋର ହୋଇ ଗାଇଲେ—



''ମୀରା ମଗନ ଭଈ ହରିକେ ଗୁଣ ଗାୟ ॥
ସାଁପ ପିଟାରା ରାଣା ଭେଜ୍ୟା, ମୀରା ହାଥ ଦିୟାଜାୟ ।
ନହାୟ ଧୋୟ ଜବ ଦେଖନ ଲାଗୀ,
ସାଳି ଗରାମ ଗୟୀ ପାୟ ॥''

* * *

''ମୀରାକେ ପ୍ରଭୁ ସଦା ସହାଈ, ରାଖେ ବିଘ୍ନ ହଟାୟ ।
ଭଜନ ଭାବମେଁ ମସ୍ତ ଡୋଲତୀ,
ଗିରିଧର ପୈ ବଲିଜାୟ ॥''

ରାଣାଜି ବହୁ ଉପାୟ ଅବଲମ୍ବନ କରି ସୁଦ୍ଧା ମୀରାଜୀଙ୍କୁ ତାଙ୍କ ନିଷ୍ଠାରୁ ତିଳେମାତ୍ର ଟଳାଇପାରିଲେ ନାହିଁ । କିନ୍ତୁ ବହୁ କଷ୍ଟ ଦେଲେ । ଶେଷରେ ମୀରାଜୀ ତୁଳସୀଦାସଙ୍କୁ ଗୋଟିଏ ପତ୍ର ଲେଖି ପଠାଇଥିଲେ—

''ସ୍ୱସ୍ତି ଶ୍ରୀ ତୁଳସୀ ଗୁଣଭୂଷଣ ଦୂଷହରଣ ଗୋସାଇଁ ।
ବାରହିଁ ବାର ପ୍ରଣାମ କରହୁଁ ଅବ ହରହୁ ଶୋକ ସମୁଦାଈ ॥
ଘରକେ ସ୍ୱଜନ ହମାରେ ଜେତେ ସବନ ଉପାଧି ବଢ଼ାଈ ।
ସାଧୁସଙ୍ଗ ଔର ଭଜନ କରତ ମୋହିଁ ଦେତ କଳେଶ ମହାଈ ॥
ସେତୋ ଅବ ଛୁଟତ ନହିଁ କ୍ୟୋଁହୁଁ ଲଗୀ ଲଗନ ବରିୟାଈ ।
ବାଲପନେମେଁ ମୀରା କୀହ୍ନୀ ଗିରିଧରଲାଲ ମିତାଈ ॥
ମେରେ ମାତ ତାତ ସମ ତୁମ ହୋ ହରିଭକ୍ତନ ସୁଖଦାଈ ।
ମୋକୌଁ କହା ଉଚିତ କରିବୌଁ ଅବ ସୋ ଲିଖିୟେ ସମୁଝାଈ ॥''

ଗୋସ୍ୱାମୀ ତୁଳସୀଦାସ ମହାରାଜ ମୀରାବାଈଙ୍କ ପତ୍ରର ଉତ୍ତରରେ ଏହି ପ୍ରସିଦ୍ଧ ପଦଟି ଲେଖିଥିଲେ—

''ଜାକେ ପ୍ରିୟ ନ ରାମବୈଦେହୀ ।
ସୋ ଛାଁଡ଼ିୟେ କୋଟି ବୈରୀ ସମ
ଯଦ୍ୟପି ପରମ ସନେହୀ ॥
ନାତେଁ ନେହ ରାମକେ ମନିୟତ ସୁହୃଦ ସୁସେବ୍ୟ ଜହାଁ ଲୌଁ ।
ଅଞ୍ଜନ କହା ଆଁଖ ଜେହି ଫୁଟେ ବହୁତ କହୌଁ କହାଁ ଲୌଁ ॥
ତୁଲସୀ ସୋ ସବ ଭାଁତି ପରମହିତ ପୂଜ୍ୟପ୍ରାଣ ତେଁ ପ୍ୟାରୋ ।
ଜାସୌଁ ହୋୟ ସନେହ ରାମପଦ ୟେତୋ ମତୋ ହମାରୋ ॥''*

ମୀରାବାଈ ଗୋସ୍ୱାମୀ ତୁଳସୀଦାସଙ୍କର ଉପଦେଶାତ୍ମକ ପତ୍ର ପାଇ ଅତ୍ୟନ୍ତ ହର୍ଷଭରେ ବୃନ୍ଦାବନ ଯାତ୍ରାକଲେ । କିନ୍ତୁ ମୀରାଜୀଙ୍କ ଯାତ୍ରା ସ୍ଥଗିତ କରିବା ସକାଶେ ବହୁତ ଲୋକ ଆଗ୍ରହ ତଥା ପ୍ରୟତ୍ନ କରିଥିଲେ । କିନ୍ତୁ ସେ କାହାରି କଥା ନ ଶୁଣି ରାଜଧାନୀ ପରିତ୍ୟାଗ କରି ବୃନ୍ଦାବନ ଚାଲିଗଲେ ।

ବୃନ୍ଦାବନ ଶ୍ରୀରାଧାକୃଷ୍ଣଙ୍କ ପ୍ରେମର ମନ୍ଦିର । ସେ ସ୍ଥାନର ବୃକ୍ଷଲତା, ପଶୁପକ୍ଷୀ, ପ୍ରତି ଧୂଳିକଣାରେ ମଧ ଶ୍ରୀକୃଷ୍ଣପ୍ରେମ ଓତପ୍ରୋତଭାବେ ଜଡ଼ିତ । ପ୍ରେମୀ ଭକ୍ତ ସକାଶେ ସେ ସ୍ଥାନ ସାକ୍ଷାତ୍ ଗୋଲୋକ । ମୀରାବାଈ ସେଠାରେ ପହଞ୍ଚି ଦିବ୍ୟାନନ୍ଦରେ ବୁଡିଗଲେ । ତାଙ୍କ ଦୃଷ୍ଟିରେ ଥିଲା କେବଳ ଶ୍ରୀକୃଷ୍ଣଙ୍କ ନୀଳଲାବଣ୍ୟ ନଟବର ରୂପ ଏବଂ ତାଙ୍କର ଲଳିତ ଲୀଳା । ସେ ଶ୍ରୀକୃଷ୍ଣପ୍ରେମରେ ଉନ୍ମତ୍ତ ହୋଇଗଲେ । ପ୍ରେମମୂର୍ତ୍ତି ସାଧୁସନ୍ଥଙ୍କ ଦର୍ଶନରେ ତାଙ୍କୁ ଅପାର ଆନନ୍ଦ ପ୍ରାପ୍ତ ହେଲା । ସେତେବେଳେ ଚୈତନ୍ୟ ମହାପ୍ରଭୁଙ୍କ ଶିଷ୍ୟ ଶ୍ରୀ ଜୀବଗୋସ୍ୱାମୀ ପ୍ରସିଦ୍ଧ ସିଦ୍ଧମହାତ୍ମା ଥିଲେ । ତାଙ୍କ ଦର୍ଶନ ଲାଭ ନିମିତ୍ତ ମୀରାବାଈ ଗଲେ । ଜୀବଗୋସ୍ୱାମୀଙ୍କ ଶିଷ୍ୟ ମୀରାବାଈଙ୍କୁ କହିଲେ, ''ଆମ୍ଭ ଗୁରୁଦେବ କୌଣସି

* ଐତିହାସିକ ପଣ୍ଡିତମାନେ କହନ୍ତି ଯେ ମୀରାଜୀଙ୍କର ଗୋସ୍ୱାମୀ ତୁଳସୀଦାସଙ୍କ ସହିତ କୌଣସି ପତ୍ରବିନିମୟ ହୋଇ ନ ଥିଲା । କିନ୍ତୁ ସନ୍ଥମାନଙ୍କ ପରମ୍ପରାରେ ଏହି ଦୁଇଟି ପତ୍ରର ଆଦାନପ୍ରଦାନ ହୋଇଥିବା ପ୍ରସିଦ୍ଧ ।



ସ୍ତ୍ରୀଙ୍କୁ ଦର୍ଶନ ଦିଅନ୍ତି ନାହିଁ ।'' ମୀରାଜୀ ଉତ୍ତର ଦେଲେ, ''ମୁଁ ଜାଣିଥିଲି, ବୃନ୍ଦାବନରେ ଏକମାତ୍ର ପୁରୁଷ ଶ୍ରୀକୃଷ୍ଣ, ଦ୍ୱିତୀୟ ପୁରୁଷ ତୁମ୍ଭ ଗୁରୁଦେବ ପ୍ରଘଟ ହେବାର ଆଜି ତୁମ୍ଭଠାରୁ ଶୁଣୁଛି ।'' ଶିଷ୍ୟଠାରୁ ଜୀବଗୋସ୍ୱାମୀ ଏକଥା ଶୁଣି ଅତ୍ୟନ୍ତ ହର୍ଷରେ ସ୍ୱୟଂ ଆସି ମୀରାଜୀଙ୍କ ସହିତ ସାକ୍ଷାତ୍ କଲେ । ମୀରାଜୀ ବୃନ୍ଦାବନରେ ଭଗବତ୍‌ପ୍ରେମୀ ସନ୍ଥମାନଙ୍କ ଦର୍ଶନରେ ବିଶେଷ ଆନନ୍ଦିତ ହେଲେ । ସେ ବୃନ୍ଦାବନର ବୃକ୍ଷଲତା, ପଶୁପକ୍ଷୀ ପ୍ରଭୃତିରେ ପ୍ରେମବିଗ୍ରହ ଶ୍ରୀକୃଷ୍ଣଙ୍କୁ ଉପଲବ୍ଧି କରୁଥିଲେ । ମୀରାବାଈ ଯଦ୍ୟପି ସବୁ ସମୟରେ ଭିତରେ ତଥା ବାହାରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରୁଥିଲେ ତଥାପି ବୃନ୍ଦାବନରେ ବୃନ୍ଦାବନବିହାରୀଙ୍କ ସାକ୍ଷାତ୍ ଦର୍ଶନ ସକାଶେ ବ୍ୟାକୁଳ ହୋଇପଡ଼ିଲେ । ଦିବାନିଶି କେବଳ ଦର୍ଶନବିରହରେ ତାଙ୍କ ନୟନରୁ ଅଶ୍ରୁବର୍ଷଣ ହେଉଥାଏ, ସେ ନୃତ୍ୟ ତଥା ପ୍ରେମପୂର୍ଣ୍ଣ ସଙ୍ଗୀତ ଗାନ କରି ବାହ୍ୟଜ୍ଞାନଶୂନ୍ୟ ହୋଇଯାଆନ୍ତି ।

ଭଗବାନଙ୍କ ଦର୍ଶନ ପାଇଁ ବ୍ୟାକୁଳ ହେଲେ ଭଗବାନ୍ ଧୈର୍ଯ୍ୟ ଧରି ରହିପାରନ୍ତି ନାହିଁ । ସେ ଭକ୍ତକୁ ଦର୍ଶନ ଦେବାକୁ ଦୌଡ଼ି ଆସନ୍ତି । ସେ ତ ଭକ୍ତ ସହିତ ଛାୟା ସଦୃଶ ଲାଗି ରହିଥାଆନ୍ତି । ଭକ୍ତର ପ୍ରେମ ବୃଦ୍ଧି କରାଇବା ସକାଶେ ଲୁଚକାଳି ଖେଳନ୍ତି । କିନ୍ତୁ ଭକ୍ତର ପ୍ରେମ-ପାଶରୁ ମୁକ୍ତ ହେବାର ଶକ୍ତି ତାଙ୍କର ନ ଥାଏ । ତାଙ୍କ ପାଖରେ ସମସ୍ତ ବ୍ରହ୍ମାଣ୍ଡ ହାରିଯାଏ, ସେ ହାରନ୍ତି ଭକ୍ତ ପାଖରେ । ମୀରାବାଈଙ୍କ ପାଖରେ ତାଙ୍କୁ ହାର୍ ମାନିବାକୁ ହେଲା । ସେ ମୀରାଜୀଙ୍କର ଉତ୍କଟ ପ୍ରେମର ଆକର୍ଷଣରେ ସାକ୍ଷାତ୍ ଭାବେ ପ୍ରକଟ ହୋଇ ତାଙ୍କୁ ଦର୍ଶନ ଦେଲେ । ତାଙ୍କ ଦର୍ଶନରେ ବିଭୋର ହୋଇ ମୀରାଜୀ ଗୀତ ଗାଇ ନୃତ୍ୟ କଲେ—

''ଅଜୁ ମୈଁ ଦେଖ୍ୟୋ ଗିରିଧାରୀ ।
ସୁନ୍ଦର ବଦନ ମଦନକୀ ଶୋଭା ଚିତ୍ତବନ ଅନିବାରୀ ॥
ବଜାବତ ବଂଶୀ କୁଞ୍ଜନମେଁ ।
ଗାବତ ମାଲ ତରଙ୍ଗ ରଙ୍ଗ ଧ୍ୱନି ନଚତ ଗ୍ୱାଲ ଗନମେଁ ॥

ମାଧୁରୀ ମୂରତି ବହପ୍ୟାରୀ ।
ବସୀ ରହେ ନିଶିଦିନ ହିରଦୈ ବିଚ ଟରେ ନହିଁ ଟାରୀ ॥
ବାହିପର ତନମନ ହେ ବାରୀ ।
ବହ ମୂରତି ମୋହିନୀ ନିହାରତ ଲୋକଲାଜ ଡାରୀ ॥
ତୁଲସୀ ବନ କୁଞ୍ଜନ ସଂଚାରୀ ।
ଗିରିଧରଲାଲ ନବଲ ନଟନାଗର ମୀରା ବଲିହାରୀ ॥''

ପୁନଶ୍ଚ ଗାଇଥିଲେ–

''ମେରେ ତୋ ଗିରିଧର-ଗୋପାଲ ଦୂସରୋ ନ କୋଈ ॥
ଜାକେ ସିର ମୋର ମୁକୁଟ, ମେରୋ ପତି ସୋଈ ।
ତାତ ମାତ ଭ୍ରାତ ବନ୍ଧୁ, ଆପନୋ ନ କୋଈ ॥
ଛାଁଡ଼ ଦଈ କୁଲକୀ କାନ, କାକରିହେଁ କୋଈ ।
ସଁତନ ଢିଗ ବୈଠି ବୈଠି, ଲୋକଲାଜ ଖୋଈ ॥
ଚୁନରୀକେ କିୟେ ଟୂକ, ଓଢ଼ାଲୀହ୍ନି ଲୋଈ ।
ମୋତୀ ମୂଗେ ଉତାର, ବନମାଲା ପୋଈ ॥
ଆଁସୁବନ ଜଲ ସୀଞ୍ଚ, ପ୍ରେମ-ବେଲି ବୋଈ ।
ଅବତୋ ବେଲି ଫୈଲ ଗଈ, ହୋନୀ ହୋ ସୋ ହୋଈ ॥
ଦୁଧକୀ ମଥନିୟାଁ ବଡ଼େ ପ୍ରେମସେ ବିଲୋଈ ।
ମାଖନ ଜବ କାଢ଼ି ଲିୟୋ, ଛାଛ ପିୟେ କୋଈ ॥
ଆଈ ମୈଁ ଭକ୍ତି କାଜ, ଜଗତ୍ ଦେଖ ମୋହୀ ।
ଦାସୀ ମୀରା ଗିରିଧର ପ୍ରଭୁ, ତାରୋ ଅବ ମୋହୀ ॥''

ମୀରାଜୀ ବୃନ୍ଦାବନରେ କିଛିଦିନ ରହି ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିଥିଲେ । ତାଙ୍କର ଅଭୀପ୍ସା ପୂର୍ଣ୍ଣ ହେଲା । ସେ ଶେଷଜୀବନ ଦ୍ୱାରିକାନାଥଙ୍କ ସାମୀପ୍ୟରେ



ବ୍ୟତୀତ କରିବା ଉଦ୍ଦେଶ୍ୟରେ ଦ୍ୱାରକା ଯାତ୍ରା କଲେ । ଦ୍ୱାରିକାନାଥଙ୍କ ନିକଟରେ ଆନନ୍ଦରେ ନିବାସ କଲେ ।

ମୀରାବାଈ ଗୃହତ୍ୟାଗ କରି ଆସିବା ପରେ ରାଜ୍ୟକୁ ଶତ୍ରୁ ଆକ୍ରମଣ କଲା ଏବଂ ନାନାପ୍ରକାର ବାଧାବିପତ୍ତି ପଡ଼ିଲା । ବିପଦ ଆସିଲେ ମନୁଷ୍ୟର ସଦ୍‌ବୁଦ୍ଧି ଆସେ । ସଦ୍‌ବୁଦ୍ଧି ଦ୍ୱାରା ବ୍ୟକ୍ତି ଯଥାର୍ଥ-ଅଯଥାର୍ଥ ବୁଝିପାରେ । ରାଣାଜି ବୁଝିପାରିଲେ ଯେ ପରମଭକ୍ତା ମୀରାଜୀଙ୍କ ପ୍ରତି ତାଙ୍କର ଦୁର୍ବ୍ୟବହାର ଏବଂ ମୀରାଜୀଙ୍କ ରାଜ୍ୟତ୍ୟାଗ ଯୋଗୁଁ ବାଧାବିଘ୍ନ ଉପଦ୍ରବ ହୋଇଛି । ଭକ୍ତିମତୀ ମୀରାବାଈଙ୍କ ପ୍ରତି କରିଥିବା ଦୁର୍ବ୍ୟବହାର ଯୋଗୁଁ ରାଣାଙ୍କ ହୃଦୟ ପଶ୍ଚାତ୍ତାପ ଅଗ୍ନିରେ ଦଗ୍‌ଧ ହେବାକୁ ଲାଗିଲା । ମୀରାଜୀଙ୍କୁ ରାଜ୍ୟକୁ ଫେରାଇ ଆଣିଲେ ଏହି ଦୋଷର ପ୍ରାୟଶ୍ଚିତ୍ତ ହୋଇପାରିବ, ଏହାଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ସେ ନିଶ୍ଚୟ କଲେ । ତାଙ୍କର କୁଳପୂଜ୍ୟ, ବିଦ୍ୱାନ୍, ସଦାଚାରୀ ବ୍ରାହ୍ମଣମାନଙ୍କୁ ଦ୍ୱାରକା ପଠାଇ ମୀରାଜୀଙ୍କୁ ଫେରାଇ ଆଣିବାକୁ ବିନୀତ ଭାବେ କହିଲେ । ବ୍ରାହ୍ମଣମାନେ ମୀରାଜୀଙ୍କ ପାଖରେ ପହଞ୍ଚି ରାଣାଙ୍କର ବିନୀତ ଅନୁରୋଧ ଜଣାଇ ରାଜ୍ୟକୁ ଫେରିଯିବାକୁ ବିଶେଷ ଆଗ୍ରହ କଲେ । ମୀରାଜୀ ଭଗବତ୍ ପ୍ରେମାନନ୍ଦରେ ସର୍ବଦା ବୁଡି ରହୁଥିଲେ । ତାଙ୍କ ମନରେ ରାଗଦ୍ୱେଷର ସ୍ଥାନ ନ ଥିଲା, ରାଣାଙ୍କ ପ୍ରତି ବା ଅସନ୍ତୋଷ ଧାରଣା ଆସିବ କେଉଁଠୁ ? କିନ୍ତୁ ମନ ଭଗବତ୍ ପ୍ରେମରେ ନିମଗ୍ନ ଥିବାରୁ ସେ ଦ୍ୱାରକା ଛାଡ଼ି ପୁନଶ୍ଚ ଘରକୁ ଯିବାକୁ ଅସ୍ୱୀକାର କଲେ । ଏଥିରେ ବ୍ରାହ୍ମଣମାନେ ମୀରାଜୀଙ୍କୁ ଫେରାଇନେବା ଉଦ୍ଦେଶ୍ୟରେ ଅନଶନବ୍ରତ ଅବଲମ୍ବନ କଲେ । ଏପରିସ୍ଥଳେ ମୀରାଜୀ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅନିଚ୍ଛା ସତ୍ତ୍ୱେ ଦ୍ୱାରକାନାଥଙ୍କଠାରୁ ବିଦାୟ ନେବା ସକାଶେ ମନ୍ଦିରକୁ ଗଲେ । ଗୀତ ଗାଇ ନୃତ୍ୟ କରୁ କରୁ ତାଙ୍କ ଚେତନା ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ଏକତ୍ୱପ୍ରାପ୍ତ ହେଲା । ସେ ଭଗବାନଙ୍କ ବିଗ୍ରହ ସମୀପକୁ ଚାଲିଗଲେ । ସେହିଠାରୁ ସେ ହେଲେ ଅଦୃଶ୍ୟା । ତାଙ୍କ ଶାଢ଼ି ରହିଲା ଭଗବାନଙ୍କ ବିଗ୍ରହରେ, ତାଙ୍କ ଶରୀର ବିଲୀନ ହୋଇଗଲା ଭଗବାନଙ୍କ ବିଗ୍ରହ ସହିତ । ଏହା ଥିଲା ମୀରାଜୀଙ୍କ ପ୍ରେମଭକ୍ତିର ପ୍ରତ୍ୟକ୍ଷ ପ୍ରମାଣ ।

ଆନୁମାନିକ ସମ୍ବତ୍ ୧୬୩୦ ରେ ମୀରାଜୀଙ୍କ ଶରୀର ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ ହୋଇଥିଲା । ମୀରାଜୀ ଯେତେ ଗ୍ରନ୍ଥ ରଚନା କରିଛନ୍ତି ତାହାସବୁ ବିଲୁପ୍ତ ହୋଇଯାଇଛି । ତାଙ୍କ ରଚିତ ଯେତେଗୁଡ଼ିଏ ଗୀତ ପ୍ରାପ୍ତ ଅଛି ସେଥିରେ ଭଗବତ୍ ପ୍ରେମ ଓତପ୍ରୋତ ହୋଇରହିଅଛି । ସେ ପଦ୍ୟ ଶୁଣିବା ମାତ୍ରେ ହୃଦୟରେ ଦିବ୍ୟ ପ୍ରେମର ସ୍ରୋତ ପ୍ରବାହିତ ହୁଏ, ଶୁଷ୍କ, ନୀରସ ହୃଦୟରେ ମଧ ଭକ୍ତିରସ ସଞ୍ଚାରିତ ହୁଏ । ତାଙ୍କ ରଚିତ ପଦ୍ୟ ଗାଇ କେତେ ଭକ୍ତ ପ୍ରେମଭକ୍ତି ଲାଭ କରିଅଛନ୍ତି । ଭକ୍ତସମାଜକୁ ଏହା ତାଙ୍କର ମହାନ୍ ଦାନ । ଏପରି ପବିତ୍ର ଭଗବଦ୍‌ଭକ୍ତା ଚିରସ୍ମରଣୀୟା ମୀରାଜୀଙ୍କ ଗ୍ରନ୍ଥ ପାଠକମାନେ ପଢ଼ି ବିଶେଷ ଉପକୃତ ହେବେ ।

ବୋଲ ଭକ୍ତ ଏବଂ ଭଗବାନଙ୍କୁ ଜୟ ।

(ଏହି ଚରିତ ଚିତ୍ରଣ କରିବାରେ ନାଭାଜିଙ୍କ ପ୍ରସିଦ୍ଧ 'ଭକ୍ତମାଳ' ତଥା ହନୁମାନ ପ୍ରସାଦ ପୋଦାରଙ୍କ ଲିଖିତ 'ଭକ୍ତନାରୀ'ରୁ ସାହାଯ୍ୟ ନିଆ ହୋଇଅଛି ।)

# ଭକ୍ତିଦେବୀ ଫୂଲୀବାଈ

ଧନ-ମାନ-ଯଶଃ-ବିଦ୍ୟା-ବୁଦ୍ଧି-ସମ୍ପନ୍ନ ଅଭିମାନୀ ଏବଂ ଛଳ-କପଟ-ଯୁକ୍ତ, ମାନ-ପ୍ରତିଷ୍ଠା-ପିପାସୁ, ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପାଖକୁ ଭକ୍ତିଦେବୀ କେବେ ଭୁଲରେ ବି ଯାଆନ୍ତି ନାହିଁ; ଯାହାର ହୃଦୟ ଭାବପୂର୍ଣ୍ଣ, ଯେ ଅଭିମାନରହିତ, ସେ ଗରିବ ହେଉ ଅଥବା ଧନୀ ହେଉ ତାହାରି ହୃଦୟରେ ଭକ୍ତିଦେବୀ ନିବାସ କରନ୍ତି । ଫୂଲୀବାଈଙ୍କ ହୃଦୟ ଥିଲା ଶୁଦ୍ଧପୂତ, ଛଳ-କପଟ-ଦମ୍ଭ-ଅଭିମାନ-ଶୂନ୍ୟ । ସେହି ଶୁଦ୍ଧ ହୃଦୟ ମଧରେ ଭକ୍ତିଦେବୀ ନିବାସ କରିଥିଲେ । ସମ୍ବତ୍ ୧୬୯୪ ରୁ ୧୭୩୪ ମଧରେ ଫୂଲୀବାଈ ଏହି ଇହଧାମରେ ତାଙ୍କର ପବିତ୍ର ଜୀବନଯାପନ କରିଥିଲେ । ସେତେବେଳେ ଯୋଦ୍ଧପୁରର ମହାପ୍ରତାପୀ, ସାହିତ୍ୟିକ, ତତ୍ତ୍ୱଜ୍ଞାନୀ, ଭକ୍ତ ମହାରାଜ ଯଶୋବନ୍ତ ସିଂହ ଥିଲେ । ଫୂଲୀବାଈଙ୍କର ଜନ୍ମସ୍ଥାନ ହେଉଛି ଯୋଦ୍ଧପୁରର ଏକ ଛୋଟ ଗ୍ରାମରେ । ସେ ଲାଳିତପାଳିତ ହୋଇଥିଲେ ତାଙ୍କ ମାମୁଁଅଜାଙ୍କ ମାଁଝବାସ ଗ୍ରାମରେ । ମାମୁଁଅଜା ତାଙ୍କର କୃଷକ ଥିଲେ । ସେଠାକାର କୃଷକମାନେ କୃଷିକ୍ଷେତ୍ରରେ ଗୋଟିଏ ଗୋଟିଏ କୁଡ଼ିଆ ତିଆରି କରି ରହନ୍ତି, ଭୋଜନାଦିର ବ୍ୟବସ୍ଥା ସେହିଠାରେ ହୋଇଥାଏ ଅଥବା ସେମାନଙ୍କ ଗୃହରୁ ଭୋଜନ ପ୍ରସ୍ତୁତ ହୋଇ ସେମାନଙ୍କ ନିକଟରେ ପହଞ୍ଚାଇ ଦିଆଯାଏ । ଶସ୍ୟ ଆମଦାନି ହୋଇଯିବା ପରେ ତାହା ନେଇ ସେମାନେ ଘରକୁ ଫେରନ୍ତି କିଂବା ଘରର କୌଣସି ଲୋକ ସେଠାରେ ବରାବର ରହନ୍ତି । ଫୂଲୀବାଈଙ୍କ ମାମୁଁଅଜା କୁଡ଼ିଆରେ ରହୁଥିଲେ, ବାଲ୍ୟାବସ୍ଥାରେ ମଧ ଫୂଲୀବାଈଙ୍କୁ ସେହି କୃଷିକ୍ଷେତ୍ରସ୍ଥ କୁଡ଼ିଆ ମଧରେ ସମୟ କଟାଇବାକୁ ହୋଇଥିଲା । ସେ ଟିକିଏ ବଡ଼ ହେଲା ପରେ କ୍ଷେତ୍ରସ୍ଥ ବ୍ୟକ୍ତିମାନଙ୍କ ନିମିତ୍ତ ଘରୁ ଭୋଜନ ନେଇ ଆସୁଥିଲେ । ଦିନେ ଘରୁ ଭୋଜନ ନେଇ ଆସୁଥିବା ସମୟରେ ଭଗାଁଣା ଗ୍ରାମର ସୁପ୍ରସିଦ୍ଧ ସନ୍ଥ ଜ୍ଞାନିଜିଙ୍କୁ ବାଟରେ ଦର୍ଶନ କରିବାର

ସୁଯୋଗ ପାଇଲେ । ଫୁଲୀବାଈଙ୍କ ହୃଦୟସ୍ଥ ଅପ୍ରକାଶ୍ୟ ଭକ୍ତି ଏବଂ ତାଙ୍କ ଭବିଷ୍ୟତ୍ ଜୀବନ ଜ୍ଞାନିଜି ସ୍ପଷ୍ଟରୂପେ ଦେଖିପାରିଲେ । ଜ୍ଞାନିଜି କହିଲେ, ''ବାଈ, ମୁଁ ଭୋଖିଲା ହୋଇଛି । କିଛି ଭୋଜନ ଚାହେଁ ।'' ଫୁଲୀବାଈ ଏଥିରେ ବହୁତ ଖୁସି ହୋଇ ଶ୍ରଦ୍ଧା-ଭକ୍ତି ସହ ଭୋଜନ ତାଙ୍କ ସମ୍ମୁଖରେ ରଖି ତାଙ୍କ ଚରଣ ତଳେ ନିଜ ମସ୍ତକ ନତ କରିଦେଲେ । ଜ୍ଞାନିଜି ବହୁତ ପ୍ରସନ୍ନ ହୋଇ ଫୁଲୀବାଈଙ୍କ ମସ୍ତକରେ ବରଦ ହସ୍ତ ରଖିଦେଲେ । ଭୋଜନ କରିସାରି ଆଚମନ କରି ସେହି ସ୍ଥାନରେ ଫୁଲୀବାଈଙ୍କୁ ରାମନାମ ଦୀକ୍ଷା ଦେଲେ । ଦୀକ୍ଷା ଗ୍ରହଣ କରିବା ମାତ୍ରେ ତାଙ୍କର ସୁପ୍ତ ଚେତନା ଜାଗ୍ରତ୍ ହୋଇଉଠିଲା । ଆନନ୍ଦରେ ତାଙ୍କ ହୃଦୟ ଭରିଗଲା । ସେ ନୀରବରେ ଗୁରୁଦେବଙ୍କ ଚରଣରେ ମସ୍ତକ ରଖିଦେଲେ । ଗୁରୁଦେବ ଉପଯୁକ୍ତ ଶିଷ୍ୟା ପାଇ ଆନନ୍ଦରେ ପୁନର୍ବାର ଆଶୀର୍ବାଦପୂର୍ବକ ତାଙ୍କ ମସ୍ତକରେ ହସ୍ତ ରଖି ବିଦାୟ ଦେଲେ ।

ସେହିଦିନଠାରୁ ଫୁଲୀବାଈଙ୍କର ଜୀବନଧାରା ପରିବର୍ତ୍ତିତ ହେଲା । ତାଙ୍କ ହୃଦୟରେ ଏକ କ୍ଷୀଣ କିନ୍ତୁ ତୀବ୍ର ଭକ୍ତି-ସ୍ରୋତ ପ୍ରବାହିତ ହେବାକୁ ଲାଗିଲା । ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ଅନ୍ତରରୁ ରାମନାମ ଉଚ୍ଚାରିତ ହେଲା । କ୍ରମଶଃ ଗୋଟି ଗୋଟି ହୋଇ ମୋହାବରଣସବୁ ଦୂର ହେଉଥିଲା । ଭଗବାନଙ୍କ ପ୍ରତି ତାଙ୍କ ବୃତ୍ତିଚୟ ସ୍ୱଭାବତଃ ଆକୃଷ୍ଟ ହେବାକୁ ଲାଗିଲା । ସେ ସମୟ ପାଇବା ମାତ୍ରେ ଭଗବତ୍ ଧ୍ୟାନରେ ମଗ୍ନ ହୋଇ ଯାଉଥିଲେ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଭଗବତ୍ ଭକ୍ତି-ସ୍ରୋତ ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ଫଳରେ ସାଂସାରିକ ଭୋଗବିଳାସ ପ୍ରତି ବିତୃଷ୍ଣା ଭାବ ଜାଗ୍ରତ ହେଲା । ମୋହମାୟା, ଆସକ୍ତି, ସକଳପ୍ରକାର ପାର୍ଥିବ ପ୍ରକୃତି ସେହି ଭକ୍ତି-ସ୍ରୋତରେ ଲୀନ ହୋଇଗଲା ।

ପୁତ୍ରକନ୍ୟାମାନେ ଉପଯୁକ୍ତ ବୟସ ପ୍ରାପ୍ତ ହେଲେ ମୋହମାୟାରୂପ ବିବାହ-ଜଞ୍ଜିରରେ ସେମାନଙ୍କୁ ବନ୍ଦି କରିଦେବା ପିତାମାତାଙ୍କର ଧର୍ମ ବୋଲି ବିବେଚିତ ହୁଏ । ତାହା ସେମାନଙ୍କର ସନ୍ତାନ ପ୍ରତି ଯଥାର୍ଥ କର୍ତ୍ତବ୍ୟ ବୋଲି ସେମାନେ ମନେକରନ୍ତି । ନିଜେ ଯେଉଁ ମାର୍ଗରେ ଯାଇଥା'ନ୍ତି ସେହି ମାର୍ଗ



ତାଙ୍କ ସମ୍ମୁଖରେ ଥାଏ ସିଧାସଳଖ । ସେହି ସିଧାମାର୍ଗ ଛାଡ଼ି ସନ୍ତାନମାନଙ୍କୁ ଅନ୍ୟ ମାର୍ଗ ଦେଖାଇବେ ବା କେଉଁଠୁ ? ପୁଣି ସନ୍ତାନ ସେ ମାର୍ଗକୁ ଯଦି ସ୍ୱୀକାର ନ କରେ, ତେବେ ତାହା ପିତାମାତାଙ୍କର ଚିନ୍ତାର ବିଷୟ ହୋଇଉଠେ । ନାନାପ୍ରକାର କଳକୌଶଳ କରି ସେହି ମାର୍ଗକୁ ଆଣିବାକୁ ସେମାନେ ସତତ ଚେଷ୍ଟା କରନ୍ତି । ସେହି ବିପଦ ଆସିଲା ଫୁଲୀବାଈଙ୍କ ସମ୍ମୁଖରେ । ଏ ପ୍ରକାର ବିପଦ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ପକ୍ଷେ ଅଧିକ ହୋଇଥାଏ । ପିତାମାତା ମନେକରନ୍ତି ପୁଅ ଅପେକ୍ଷା ଝିଅ ଉପରେ ସେମାନଙ୍କ ଅଧିକାର ବେଶୀ । ଝିଅର ଅନିଚ୍ଛା ସତ୍ତ୍ୱେ ତା' ଉପରେ ଜୋର୍ କରି ଏହି ବିବାହ-ବୋଝ ଲଦି ଦିଆଯାଏ । ଅବଶ୍ୟ ଆଧୁନିକ ଯୁଗରେ ଏ ପ୍ରକାର ଜୋର୍ ଜବରଦସ୍ତି ନାହିଁ । ଆଜି ଶିକ୍ଷାର ପ୍ରସାର ହୋଇଛି ଏବଂ ନାରୀଶିକ୍ଷା ସେଥିରେ ଅବିଚ୍ଛେଦ୍ୟ ଅଙ୍ଗରୂପେ ଗୃହୀତ ହୋଇଛି । ଆଉ ନାରୀ ସ୍ୱାଧୀନ ମତ ପ୍ରକାଶ କରିବାର ଯଥେଷ୍ଟ ସୁଯୋଗ ପାଇଛି । କିନ୍ତୁ ଏ ପ୍ରକାର ସ୍ୱାଧୀନତାକୁ ସେ ଯେ କିପରିଭାବେ ବିନିଯୋଗ କରିବ ତା' ନିର୍ଭର କରେ ତା' ଉପରେ । ସେ ଯାହାହେଉ, ବର୍ତ୍ତମାନ ସେସବୁ ବିଷୟ ଆଲୋଚନା କରିବା ପାଇଁ ଏଠାରେ ସମୟ ନାହିଁ । ଦୀର୍ଘ ଦୁଇ ଅଢ଼େଇ ଶହ ବର୍ଷ ତଳେ ନାରୀର କି ଅଧୋଗତି ହୋଇଥିଲା ତାହା ସମସ୍ତେ ଜାଣିଥିବେ । ନାରୀ ତା'ର ସ୍ୱାଧୀନତା ସଂପୂର୍ଣ୍ଣ ରୂପେ ହରାଇ ବସିଥିଲା । ସେତେବେଳେ ବାଲ୍ୟାବସ୍ଥାରେ ପିତା, ଯୌବନ ଅବସ୍ଥାରେ ପତି ଓ ପରିଣତ ବୟସରେ ପୁତ୍ର, ଏହିମାନଙ୍କର ଅଧୀନ ହୋଇ ସେ ତା'ର ଜୀବନ ବିତାଉ ଥିଲା । ସେ ନିଜର ମତ ପ୍ରକାଶ ନ କରିବାହିଁ ସେତେବେଳର ଧର୍ମ ଥିଲା । ପିତାମାତା କନ୍ୟାର କୌଣସି ମତ ନ ଚାହିଁ ନିଜ ଇଚ୍ଛାନୁସାରେ ତାକୁ ସଂସାରକ୍ଷେତ୍ରରେ ଦୁଃଖଜଞ୍ଜାଳରୂପ ବିବାହ ବନ୍ଧନରେ ବାନ୍ଧି ଦେଉଥିଲେ । ଫୁଲୀବାଈଙ୍କର ବିବାହପ୍ରସ୍ତାବ ଏହି ନିୟମାନୁସାରେ ସ୍ଥିର ହେଲା । ବିବାହର ନିର୍ଦ୍ଦିଷ୍ଟ ଦିବସରେ ବର ମଧ୍ୟ ଗ୍ରାମ ନିକଟରେ ଆସି ପହଞ୍ଚିଲା । ପୂର୍ବରୁ ଯଦିଓ ଫୁଲୀବାଈ ବିବାହ ନ କରିବା ପାଇଁ ନିଶ୍ଚୟ କରିଥିଲେ, ତଥାପି କ'ଣ କରିବାକୁ

ହେବ, କେଉଁ ଉପାୟରେ ପ୍ରସ୍ତାବ ରଦ୍ଦ କରିଦେବାକୁ ହେବ, ସେ ବିଷୟରେ ଚିନ୍ତା କରିପାରି ନ ଥିଲେ । ଏକେ ତ ଚଉଦ ବର୍ଷର ଗୋଟିଏ ନିରକ୍ଷରା ବାଳିକା, ପୁଣି ସାମାଜିକ ନିୟମର ଦୁଃସହ ଚାପ । ସେ କେବଳ ଭଗବାନଙ୍କୁ ପ୍ରାର୍ଥନା କରୁଥା'ନ୍ତି । କିନ୍ତୁ ବର ଆସିବାର ଖବର ପାଇ ସେ ଅତିଶୟ ବ୍ୟାକୁଳ ହୋଇପଡ଼ିଲେ । ଭୟ, ଚିନ୍ତା ଓ ବ୍ୟାକୁଳତାରେ ତାଙ୍କର ସମସ୍ତ ଇନ୍ଦ୍ରିୟ ଶିଥିଳ ହୋଇପଡ଼ିଲା । ସେ କେଉଁଆଡୁ ଥଳକୂଳ ନ ପାଇ ଅତ୍ୟନ୍ତ କାତରତାର ସହିତ ଭଗବାନଙ୍କୁ ଡାକିଲେ– ''ହେ କରୁଣାମୟ, ଦୀନବନ୍ଧୁ, ତୁ ଦ୍ରୌପଦୀଙ୍କୁ ରକ୍ଷା କରିଛୁ, ଗଜକୁ ଉଦ୍ଧାର କରିଛୁ, କେତେ ପାପୀତାପୀଙ୍କୁ ପରମପଦ ପ୍ରଦାନ କରିଛୁ, ମୁଁ ଅନାଥା ବାଳିକା, ମୋର ଅନ୍ୟ ଭରସା ନାହିଁ, ତୋରି ଚରଣରେ ମୁଁ ନିଜକୁ ସମର୍ପଣ କରିଦେଇଛି, ତୁ ମୋତେ ଏହି ବିପଦରୁ ରକ୍ଷା କର ।'' ଏହିପରି ପ୍ରାର୍ଥନା କରୁ କରୁ ବ୍ୟାକୁଳତାରେ ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । ସେ ନିସ୍ତେଜ ହୋଇ ପଡ଼ିଗଲେ । ହୃଦୟରେ ତାଙ୍କର ହଠାତ୍ ଜ୍ଞାନଜ୍ୟୋତିଃ ପ୍ରକାଶ ହୋଇଗଲା । ଅନ୍ତରରୁ ବାଣୀ ଆସିଲା– ''ମୁଁ ତୋର ସହାୟକ, ତୋତେ ମୁଁ ରକ୍ଷା କଲି ।'' ଏହି ଆନ୍ତର ପ୍ରେରଣାରେ ତାଙ୍କ ବିଚାରବୁଦ୍ଧି ପ୍ରକାଶିତ ହେଲା । ସାହସ, ଧୈର୍ଯ୍ୟ ଓ ନିର୍ଭୀକତା ଇତ୍ୟାଦି ଗୁଣ ତାଙ୍କୁ ପ୍ରାପ୍ତ ହେଲା । ନିଜ ମାତୃଭାଷାରେ ତାଙ୍କ ଅନ୍ତରରୁ ସ୍ୱତଃସ୍ଫୂର୍ତ୍ତଭାବେ କବିତା ନିଃସୃତ ହେଲା ଏବଂ ସେ ଦୃଢ଼ତା ସହିତ ଏହି କବିତାଟି ମାମୁଁଅଜାଙ୍କୁ କହିଦେଲେ–

ଜାନୀ ଆନା ଗୋରବେ, ଫୂଲୀ କିୟୋ ବିଚାର ।
ସବ ସଂନ୍ତାଁରୋ ସାହିବୋ, ସୋ ମେରୋ ଭରତାର ॥
(ଫୂଲୀବାଈ)

''ବର ଆସିବା ଜାଣି ଫୂଲୀ ବିଚାର କଲା ସମସ୍ତ ସନ୍ଥମାନଙ୍କର ଯେ ସାହେବ ସେହିଁ ମୋର ପତି ।''

ସେ କହିଲେ, ''ଯେ ଆଜି ଅଛି କାଲି ମରିବ, ଏପରି ପତିକୁ ମୁଁ କାହିଁକି ବିବାହ କରିବି ? ଯେ କେବେ ମରେ ନାହିଁ, ସମସ୍ତ ସନ୍ଥଙ୍କର ସ୍ୱାମୀ ତାଙ୍କୁହିଁ ମୁଁ ପତିରୂପେ ବରଣ କରିଛି ।''



''ଫୂଲୀ କୟୋ କୁଁବାରୀ ପରଣୈ,
ମୈଁ ତୋ ପାରବ୍ରହ୍ମ ପତି ଶରଣୈ ।''

''ବିବାହ କରେ କୁମାରୀ, ମୋର ପତି ପରଂବ୍ରହ୍ମ, ପୁଣି ମୁଁ କିପରି ଅନ୍ୟକୁ ବିବାହ କରିବି ?''

ସେହି କଠିନ ସମୟରେ ନିରକ୍ଷରା ଚଉଦ ବର୍ଷର ବାଳିକା ଫୂଲୀବାଈ ଦୃଢ଼ ସଂକଳ୍ପ ସହ ସେ ସମୟର ବନ୍ଧନ ଭାଙ୍ଗି ଗୋଟିଏ ନୂତନ ପଦକ୍ଷେପ ନେଲେ । ଦୃଢ଼ ନିଶ୍ଚୟତା ସହ ନିର୍ଭୀକ ଭାବରେ ଅପ୍ରତିହତ ସଂକଳ୍ପରେ ସେ ବିବାହ କରିବାକୁ ଅସ୍ୱୀକାର କଲେ । ଏଥିରେ ଗୁରୁଜନ, ସାହିପଡ଼ିଶା ତଥା ସମାଜକୁ ଭୟଙ୍କର ଧକ୍‌କା ଲାଗିଲା । ଗୁରୁଜନମାନେ ନାନାପ୍ରକାର ଯୁକ୍ତି ତଥା ଭୟ ଦେଖାଇ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ । କିନ୍ତୁ ତାଙ୍କର ଦୃଢ଼ ନିଷ୍ପତ୍ତି ଟଳିବାର ନୁହେଁ । ସେମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା ।

ଶେଷରେ ମାମୁଁଅଜା ଭୀଷଣ ରାଗିଯାଇ କହିଲେ, ''କହ ତୋ ପତି କେଉଁଠି ଅଛି ?'' ଫୂଲୀବାଈ ଦୃଢ଼ଭାବେ କହିଲେ–

''ଫୂଲୀକୋ ପରମେସର ଐସୋ,
ବେଦପୁରାଣ ନ ଜାଣୈ କୈସୋ ।
ଜନମ ମରଣ ମୈଁ ନାହିନ ପ୍ୟାରୋ,
ସୋ ହୈ ଫୂଲୀକୋ ଭରତାରୋ ॥''

''ଯେଉଁ ପରମେଶ୍ୱରଙ୍କୁ ବେଦପୁରାଣ ଜାଣିପାରେ ନାହିଁ, ଯାହାଙ୍କର ଜନ୍ମମରଣ ନାହିଁ ସେହିଁ ଫୂଲୀର ପତି ।''

ଫୂଲୀବାଈ ନିଜ ସଂକଳ୍ପରେ ହିମାଳୟ ସମ ଅଚଳ ରହିଲେ । ବରଯାତ୍ରୀମାନେ ଫେରିଗଲେ । ଫୂଲୀବାଈଙ୍କର ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ସେ ମହାଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଭଗବାନଙ୍କ ଭଜନ-ସ୍ମରଣରେ ଲାଗିପଡ଼ିଲେ । ଭଗବତ୍ ଭକ୍ତି, ଭଗବତ୍ ଅନୁରାଗ ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ହୃଦୟରେ ଭଗବତ୍ ଧ୍ୟାନ, ମନରେ ଭଗବତ୍ ସ୍ମରଣ, ଶରୀରରେ ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କରି ସେ ଭଗବାନଙ୍କ ଚରଣରେ ଅର୍ପଣ କରୁଥିଲେ । ଅଳ୍ପ ଦିନରେ ଫୂଲୀବାଈଙ୍କ ଭକ୍ତିରୂପକ ଲତା ପଲ୍ଲବ ଧାରଣ କରିବା ସଙ୍ଗେ ସଙ୍ଗେ ପ୍ରସ୍ଫୁଟିତ ପୁଷ୍ପ ଦ୍ୱାରା ମଣ୍ଡିତ ହେଲା । ସେହି ସୁବାସିତ କୁସୁମରାଜିର ସୁଗନ୍ଧ ଚତୁର୍ଦ୍ଦିଗ ବ୍ୟାପିଗଲା । ବିଭିନ୍ନ ସ୍ଥାନରୁ ଭକ୍ତ ଓ ସନ୍ଥଗଣ ଆସିବାକୁ ଲାଗିଲେ । ସେମାନଙ୍କଠାରୁ ସେ ଅଧ୍ୟାତ୍ମ ସତ୍ୟର ଗୂଢ଼ ରହସ୍ୟର ସନ୍ଧାନ ପାଇପାରିଲେ । ତାଙ୍କ ଅନ୍ତରର ପରଦା ସକଳ ସନ୍ଥମାନଙ୍କ କୃପାରୁ ଉନ୍ମୋଚିତ ହୋଇଗଲା । ସେ ଆନ୍ତର ଚେତନାରେ ଭଗବତ୍ ଆନନ୍ଦ ରୂପକ ଅଗାଧ ସାଗର ମଧ୍ୟରେ ନିଜକୁ ବୁଡ଼ାଇଦେଲେ । ସନ୍ଥମାନଙ୍କର ଗତି ସର୍ବତ୍ର । ସନ୍ଥମାନଙ୍କ ଦ୍ୱାରା ଫୂଲୀବାଈଙ୍କର ଭକ୍ତିକୀର୍ତ୍ତି ପ୍ରସାରିତ ହେଲା । ତାଙ୍କର ଦର୍ଶନ ତଥା ସତ୍‌ସଙ୍ଗ ଲାଭ ନିମିତ୍ତ ଦୂରଦୂରାନ୍ତରୁ ସନ୍ଥମଣ୍ଡଳୀ ଆସିବାକୁ ଲାଗିଲେ । ଯଦିଓ ସେ ଲେଖାପଢ଼ା ଜାଣି ନ ଥିଲେ, ତଥାପି ଦିବ୍ୟଜ୍ଞାନର ପ୍ରଭାବରେ ସେ ସଦାଦୀପ୍ତ ଥିଲେ । ଗ୍ରାମ୍ୟ ଭାଷାରେ କବିତା ଓ ସ୍ତୋତ୍ର ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ଅନ୍ତରରୁ ଉଦ୍‌ଭୂତ ହେଉଥିଲା । ଆଧ୍ୟାତ୍ମିକ ଗୂଢ଼ ରହସ୍ୟକୁ ସେ ସହଜ ଓ ସାବଲୀଳଭାବେ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କରିପାରୁଥିଲେ । ସନ୍ଥମାନଙ୍କ ସମାଗମ ତାଙ୍କୁ ବିଶେଷ ଆନନ୍ଦ ଦେଉଥିଲା । ତାଙ୍କ ଦର୍ଶନ, ତାଙ୍କ ଅଭ୍ରାନ୍ତ ତଥା ସରଳ ରହସ୍ୟମୟ ବାକ୍ୟରେ ସନ୍ଥମାନେ ମୁଗ୍ଧ ହେଉଥିଲେ । ଯେକେହି ଦର୍ଶନାର୍ଥୀ ଆସୁଥିଲା ସେ ଆନନ୍ଦରେ କୃତକୃତ୍ୟ ହୋଇ ଫେରୁଥିଲା ।

ଥରେ କେତେକ ସାଧୁ ଫୂଲୀବାଈଙ୍କ ନିକଟରୁ ଫେରି କାବୁଲ ଆଡ଼କୁ



ଯାଉଥିଲେ । ସେହି ରାସ୍ତାରେ ମହାରାଜ ଯଶୋବନ୍ତ ସିଂହ ସୈନ୍ୟ ସହ ଫେରୁଥିଲେ । କଥାପ୍ରସଙ୍ଗରେ ଜଣେ ସାଧୁ କହିଲେ, ''ମହାରାଜ ଯଶୋବନ୍ତ ସିଂହ ମହାପ୍ରତାପୀ ତଥା ବିଦ୍ୱାନ୍ । କିନ୍ତୁ ସେ ଖାଲି ଶୁଷ୍କ ବିଦ୍ୱାନ୍ ନା ତାଙ୍କ ହୃଦୟରେ ଭକ୍ତିରସ ଅଛି ?'' ଅନ୍ୟ ସାଧୁ କବିତାରେ ଉତ୍ତର ଦେଲେ–

''ଆପ ଆପ ମତ ବୋଲିୟୋ,
ଜସବଁତ ବଡ଼ୋ ନରେସ ।
ଇଣ ରାଜାକୋ ରାଜ ବାଁ,
ଜାଁ ଫୂଲୀକୋ ଦେସ ॥''

''ଯେଉଁ ଭାଗ୍ୟବାନ୍ ରାଜାଙ୍କ ରାଜ୍ୟରେ ଫୂଲୀବାଈ ପରି ଅନନ୍ୟା ଭକ୍ତିମତୀଙ୍କର ନିବାସ, ସେହି ରାଜା ଯଶୋବନ୍ତଙ୍କୁ ଏପରି କହିବା ଉଚିତ ନୁହେଁ ।'' ଏକଥା ଶୁଣି ଜଣେ ରାଜଦୂତ ରାଜାଙ୍କୁ ତାହା ଜଣାଇଦେଲା । ମହାରାଜ ସାଗ୍ରହରେ ସନ୍ଥମଣ୍ଡଳୀଙ୍କୁ ଡକାଇ ସତ୍କାର କଲେ ଏବଂ ଫୂଲୀବାଈଙ୍କ ବିଷୟ ଜାଣିବାକୁ ଚାହିଁଲେ । ସନ୍ଥମାନଙ୍କଠାରୁ ଫୂଲୀବାଈଙ୍କ ଭକ୍ତିପ୍ରଭାବ ଜାଣି ମହାରାଜ ସନ୍ଥମାନଙ୍କଠାରୁ ବିଦାୟ ନେଇ ସୈନ୍ୟମାନଙ୍କ ସହିତ ଫୂଲୀବାଈଙ୍କ ଗ୍ରାମାଭିମୁଖେ ଯାତ୍ରା କଲେ । ଗ୍ରାମ ବାହାରେ ସୈନ୍ୟମାନଙ୍କୁ ରଖି ମହାରାଜ ସବାରି ବିନା ଚାଲିକରି ଏକା ଫୂଲୀବାଈଙ୍କ ଘରକୁ ଗଲେ । ସେତେବେଳେ ଫୂଲୀବାଈ ଭଗବତ୍ ଭକ୍ତିରେ ମଗ୍ନ ହୋଇ ଗୋବର ଚକଟି ଘସି ପାରୁଥିଲେ । ସେ ମହାରାଜଙ୍କୁ ଦୂରରୁ ଦେଖିଥିଲେ ମଧ୍ୟ ନ ଦେଖିଲା ପରି ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ । ରାଜା ଆସି ସେହି ଅପରିଷ୍କାର ସ୍ଥାନରେ, ଯେଉଁଠି ଫୂଲୀବାଈ ଘସି ପାରୁଥିଲେ, ଠିଆ ହୋଇ ଫୂଲୀବାଈଙ୍କ ସହ କଥାବାର୍ତ୍ତା କରିବା ପାଇଁ ଅପେକ୍ଷା କଲେ । ଫୂଲୀବାଈ ଘସି ପାରିବା ସମୟରେ ଗୋବର ଛିଟା ମହାରାଜ ପରିଧାନ କରିଥିବା ପୀତାମ୍ବରରେ ପଡ଼ିଲା । ସେ ରାଗିଯାଇ କଟମଟ ଆଖିରେ

ଫୂଲୀବାଈଙ୍କ ଆଡ଼କୁ ଚାହିଁଲେ । ସେତିକିବେଳେ ଫୂଲୀବାଈ ମୁଣ୍ଡ ଟେକି ରାଜାଙ୍କୁ ଦେଖି କହିଲେ–

''ରଜୋଗୁଣ ତୋ ନହିଁ ଗୟୋ
ଆୟୋ କରଣ ସମାଜ,
ଊଁଚୋ ପୀଛୋ କହା କରୈଁ,
ନିହଚଲ କର ଲୈ ମନ ।
ଝୁଗ୍‌ଗୋ, ସିରକୀ ପାଗଡ଼ି, ମାଟୀମିଲସୀ ତନ ॥
ମାଟୀ ସୂ ହୀ ଉପଜ୍ୟୋ, ଫିର ମାଟୀ ହୁୟଜାୟ
ଫୂଲୀ କହୈ ରାଜା ସୁଣୋ,
କରଲ୍ୟୋ ଭଜନ-ଉପାୟ
ସ୍ୱାନ-କାଗ-ଜମ୍ବୁକ ଭଖୈ,
ଜଲ-ବଲ ହୋସୀ ଖେହ ।
ୖସୀ ଗନ୍ଦୀ ଦେହକୂଁ ଊଁଚୋ କରିୟୋ କେହ ॥''

''ରଜୋଗୁଣ ଯାଇ ନାହିଁ, ପୁଣି କେଉଁ ବଳରେ ମୋ ସଙ୍ଗେ ଦେଖା କରିବାକୁ ଆସିଛ ? ଉଚ୍ଚ ଧାରଣା ମୃତ୍ୟୁ ପରେ କୌଣସି କାମ ଦେବ ନାହିଁ । ମନକୁ ନିଶ୍ଚଳ କର ଯେଉଁ ଶରୀରରେ ସୁନ୍ଦର ପୋଷାକ, ସୁନ୍ଦର ପଗଡ଼ି ଅଛି, ସେହି ଶରୀର ମାଟିରୁ ଆସିଛି, ମାଟିରେ ମିଶିଯିବ । ହେ ମହାରାଜ, ଫୂଲୀ କହୁଛି, ଶରୀର ମାଟିରେ ମିଶିଯିବା ପୂର୍ବରୁ ଭଗବତ୍ ଭଜନ ଉପାୟ କରିନିଅ । ଅନ୍ୟଥା ଏହି ଶରୀର ଦିନେ ଜଳିପୋଡ଼ି ପାଉଁଶ ହୋଇଯିବ ଅଥବା ଶ୍ୱାନ, ଶୃଗାଳ, କାକ ଭକ୍ଷଣ କରିବେ । ଏହି ନଶ୍ୱର ଶରୀରକୁ ମହାନ୍ ମନେକରିବା ଉଚିତ ନୁହେଁ ।''

ଫୂଲୀବାଈଙ୍କର ନିଷ୍କପଟ ତଥା କର୍କଶ ମର୍ମସ୍ପର୍ଶୀ ସତ୍ ବାକ୍ୟରେ



ମହାରାଜ ରାଗିଗଲେ ନାହିଁ ବରଂ ଆନ୍ତରିକତା ସହ ତାହା ଗ୍ରହଣ କରି ଭଗବତ୍ ଭଜନରେ ପ୍ରବୃତ୍ତ ହେବାକୁ ସଂକଳ୍ପ କଲେ । କିନ୍ତୁ ପରୀକ୍ଷା ନେବା ଉଦ୍ଦେଶ୍ୟରେ ସେ ପଚାରିଲେ, ''ତୁମ ନାମ ଫୂଲୀ କାହିଁକି ହୋଇଛି ।'' ଫୂଲୀବାଈ ଉତ୍ତର ଦେଲେ, ''ମହାରାଜ, 'ଫୂଲୀ' ଗୋଟିଏ ନାମ । କେତେ ନାମ, କେତେ ଶରୀର ବରାବର ମିଳୁଥାଏ ଯେପର୍ଯ୍ୟନ୍ତ ସେହି ପରମାତ୍ମାଙ୍କ ସହିତ ଆତ୍ମାର ମିଳନ ନ ହୁଏ ।''

ଏହି ଉତ୍ତରରେ ମହାରାଜ ଖୁବ୍ ଖୁସି ହୋଇ କହିଲେ, ''ଫୂଲୀ, ତୁ ଆଜିଠାରୁ ମୋର ଧର୍ମର ଭଉଣୀ ।'' ଏହା କହି ସେ କିଛି ସୁନା ମୋହର ଦେବାକୁ ଲାଗିଲେ । ଫୂଲୀବାଈ କହିଲେ, ''ମହାରାଜ, ଏହା ହୋଇପାରିବ ନାହିଁ, ତୁମେ ଭଉଣୀ ଘର ଆସିଛ, ଯାହା ଶାଗ-ପାଣି ଅଛି ତାହାହିଁ ସେବା କର, ଯଦିଓ ତୁମ ଭଳି ମହାରାଜଙ୍କୁ ମୋ ଭଳି ଗରିବ ରାଜକୀୟ ସମାରୋହରେ ଅଭ୍ୟର୍ଥନା ଜଣାଇବାକୁ ଅକ୍ଷମ, ତଥାପି ତୁମକୁ ଭାଇ ହିସାବରେ ଯତ୍‌କିଞ୍ଚିତ୍ ପ୍ରାପ୍ତ ହେବ ତାକୁ ସ୍ୱୀକାର କରିବାକୁ ହେବ ।'' ମହାରାଜ ମୋହର ଦେବାକୁ ଆଗ୍ରହ ନ କରି ସେଦିନ ଫୂଲୀବାଈଙ୍କର ଆତିଥ୍ୟ ସ୍ୱୀକାର କଲେ ।

ପାକସମ୍ପାଦିକା ଥିଲେ ଫୂଲୀବାଈ ଏକା, ଅନ୍ୟର ସାହାଯ୍ୟ ନ ଥିଲା । ମହାରାଜ ଓ ତାଙ୍କର ସୈନ୍ୟଗଣଙ୍କ ପାଇଁ ଅଳ୍ପ ସମୟ ମଧ୍ୟରେ ଭୋଜନ ପ୍ରସ୍ତୁତ କରି ସେମାନଙ୍କୁ ଭୋଜନ କରାଇଦେଲେ । ପ୍ରତ୍ୟେକ ବ୍ୟକ୍ତି ଦେଖୁଥା'ନ୍ତି ଫୂଲୀବାଈ ତାଙ୍କୁହିଁ ପରଷୁଛନ୍ତି, ଅର୍ଥାତ୍ ଯେତେ ସେନା ଥିଲେ ସେତେ ଫୂଲୀବାଈ ସେମାନଙ୍କୁ ପରଷୁ ଥିଲେ । ଏପରି ଅଲୌକିକ ଘଟଣାରେ ମହାରାଜ ବିଶେଷରୂପେ ପ୍ରଭାବିତ ହେଲେ ।

''ଜେତା ମାଣସ ତେତୀ ଫୂଲୀ,
ପାତଲ, ପାତଲ ପୁରସୈଥିଲୀ ।
ରାଜା ଜଶବଁତ ଇତଉତ ଝାଁକୈ,
ୟା ସାଧାଁ ପତ ସାହବ ରାଖୈ ॥''

''ଯେତେ ବ୍ୟକ୍ତି ଥିଲେ ସେତେ ଫୂଲୀବାଈ ପରଷୁଥିବାର ଦେଖି ରାଜା ଯଶୋବନ୍ତ ସିଂହ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଏଣେତେଣେ ଚାହିଁବାକୁ ଲାଗିଲେ । ସନ୍ଥଙ୍କ ମାନ ସର୍ବଦା ଭଗବାନ୍ ରଖନ୍ତି ।'' ଏପରି ଆଶ୍ଚର୍ଯ୍ୟ ଘଟଣା ଦେଖି ରାଜାଙ୍କ ମୁକୁଟମଣ୍ଡିତ ମସ୍ତକ ଫୂଲୀବାଈଙ୍କ ଚରଣରେ ଝୁଙ୍କିଗଲା । ରାଜା ହାତ ଯୋଡ଼ି କହିଲେ, ''ଭଉଣି, ମୋ ସଙ୍ଗରେ ଯାଇ ରାଜମହଲକୁ ପବିତ୍ର କର ଏବଂ ଦିବ୍ୟ ଉପଦେଶରେ ରାଣୀମାନଙ୍କୁ ଉଦ୍ଧାର କର ।'' ରାଜାଙ୍କ ଅନୁରୋଧ ରକ୍ଷା କରି ଫୂଲୀବାଈ ତାଙ୍କ ସହିତ ରାଜଧାନୀ ଯୋଦ୍ଧପୁରକୁ ଗଲେ ।

ଫୂଲୀବାଈଙ୍କ ଆଗମନବାର୍ତ୍ତା ରାଜମହଲରେ ପହଞ୍ଚିଲା । ରାଜା ସ୍ୱୟଂ ଫୂଲୀବାଈଙ୍କ ଆତିଥ୍ୟ ସ୍ୱୀକାର କରିଥିଲେ ଅର୍ଥାତ୍ ସମ୍ମାନର ସହିତ ଫୂଲୀବାଈ ତାଙ୍କର ଆତିଥ୍ୟ ସତ୍କାର କରିଥିଲେ, ଏକଥା ଗୁପ୍ତ ନ ଥିଲା । ତେଣୁ ରାଣୀଗଣ ଫୂଲୀବାଈଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ବିଶେଷ ବ୍ୟବସ୍ଥା କରିଥିଲେ । କିନ୍ତୁ ଫୂଲୀବାଈ ସାଧାରଣ ଶାଢ଼ି ପିନ୍ଧିଥିଲେ, ତାଙ୍କ ଶାଢ଼ି ପାଦ ତଳଯାଏ ଲୋଟି ନ ଥିଲା; ମସ୍ତକର କେଶ ତୈଳବିହୀନ ହୋଇ ମୁକୁଳିତ ଅବସ୍ଥାରେ ଜଟା ପରି ହୋଇଥିଲା । ଏକେବାରେ ଗ୍ରାମ୍ୟ ସ୍ତ୍ରୀମାନଙ୍କ ପରି ସାଧାରଣ ଭାବରେ ରାଜମହଲରେ ପ୍ରବେଶ କଲେ । ରାଣୀ ତଥା ଦାସୀଗଣ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାଙ୍କର ମଫସଲ ସ୍ତ୍ରୀମାନଙ୍କ ପରି କଥାବାର୍ତ୍ତା ଅଶୁଦ୍ଧ ଦେଖି ଭାବିଲେ, ''ଜଣେ ସାଧାରଣ ଗାଉଁଲୀ ସ୍ତ୍ରୀଲୋକ ପାଇଁ ଏତେ ସମ୍ମାନର ଆୟୋଜନ !'' କିନ୍ତୁ ଫୂଲୀବାଈ ରାଜମହଲର ଚମକଦମକ ତଥା ରାଣୀ ଓ ଦାସଦାସୀମାନଙ୍କର ମୂଲ୍ୟବାନ୍ ବେଶଭୂଷାରେ କିଞ୍ଚିତ୍ ମାତ୍ର ପ୍ରଭାବିତ ନ ହୋଇ ନିର୍ଭୀକ ତଥା ନିଃସଙ୍କୋଚରେ ସେମାନଙ୍କ ମଧ୍ୟରେ ବସିପଡ଼ିଲେ । ଫୂଲୀବାଈ ଯଦିଓ ଜୀବନରେ କେବେ ରାଜମହଲର ଜାକଜମକ ଦେଖି ନ ଥିଲେ ତଥାପି ତାଙ୍କ ଦୃଷ୍ଟି ଏହି ଐହିକ ଐଶ୍ୱର୍ଯ୍ୟ ଦ୍ୱାରା ଆକର୍ଷିତ ହୋଇ ନ ଥିଲା, ଅର୍ଥାତ୍ ତାଙ୍କୁ ଏହା ମୂଲ୍ୟହୀନ ପରି ବୋଧ ହେଉଥିଲା । ସେ ପରମାନନ୍ଦ ଓ ପରମୈଶ୍ୱର୍ଯ୍ୟରେ ନିରନ୍ତର ନିବାସ କରୁଥିଲେ । ରାଣୀ ଓ ଦାସୀମାନଙ୍କ ବାହ୍ୟ



ଐଶ୍ୱର୍ଯ୍ୟର ପଶ୍ଚାତ୍‌ରେ ଥିବା ଆନ୍ତର ଅବସ୍ଥା– କାମ, କ୍ରୋଧ, ଲୋଭ, ମୋହ, ଆସକ୍ତି ତଥା ସେଥିରୁ ଉତ୍ପନ୍ନ ହେଉଥିବା ଦୈନ୍ୟତାକୁ ସ୍ପଷ୍ଟରୂପେ ସେ ଦେଖି ପାରୁଥିଲେ । ସେଥିନେଇ ସେ ସେମାନଙ୍କୁ ଉପଦେଶ ଛଳରେ କହିଲେ–

''ଟଗମଗ ଟଗମଗ ଥେ କାଁଇ ଜୋବୋ ।
ଜନମ ଅମୋଲକ ଥେ କ୍ୟୁଁ ଖୋବୋ ।
ଗହଣୋ-ଗାଁଠୋ ତନକୀ ସୋଭା,
କାୟା କାଁଚୋ ଭାଁଡ଼ୋ ॥
ଫୂଲୀ କହୈ ଥେ ରାମ ଭଜୋ ନିତ,
ଔର ଉପାଧୀ ଛାଁଡ଼ୋ ॥
ରାମ ଭଜ ହେ ରାଣିୟାଁ, କହ୍ୟୋ ହମାରା ମାନ ।
ଭଜନ ବିନା ଭବମେଁ ସଭି, ସୂକର ଶ୍ୱାନ ସମାନ ॥
ଚେତନ ଭାଁଡୋ ଫୁଟସୀ, କହା କୀଜୈ ସିଣଗାର ।
ଇଣ ତ୍ରିଷଣା ରେ କାରଣୈ ।
ଫେରା ଫେରୌ ଅପାର ॥
କ୍ୟା ଇନ୍ଦର କ୍ୟା ରାଜବୀ,
କ୍ୟା ସୂକର କ୍ୟା ସ୍ୱାନ ।
ଫୂଲୀ ତୀନୂଁ ଲୋକମେଁ,
କାମୀ ଏକ ସମାନ ॥
ରାମ ସବଦ ସାଚୋ ସଦା,
ଔର ସବଦ ସବ କୂଡ଼ ।
ଫୂଲୀ କହୈ ଇଣ ସବଦ ବିନ,
ପଡ଼ସୀ ସିରପର ଧୂଡ଼ ॥
ସାଗର ଉପର ସିଲା ସିଲା ତିରାଣୀ ।
ଫୂଲୀକା ପତି ସୁଣ ଜ୍ୟୋ ରାଣୀ ।''

‘‘ତୁମ୍ଭେମାନେ ଟୁକୁରୁ ଟୁକୁରୁ କରି କ’ଣ ଦେଖୁଅଛ ? ତୁମ୍ଭମାନଙ୍କର ଏହି ଅମୂଲ୍ୟ ମାନବ ଜନ୍ମ ବ୍ୟର୍ଥରେ କାହିଁକି ନଷ୍ଟ କରୁଅଛ ? କଚା ମାଟି-ଘଟ ସଦୃଶ ଏହି ଶରୀର କେତେବେଳେ ଭାଙ୍ଗିଯାଇ ପାରେ, ଏହିପରି ନଶ୍ୱର ଶରୀରକୁ ଅଳଙ୍କାର ତଥା ମୂଲ୍ୟବାନ୍ ବସ୍ତ୍ରରେ ସୁଶୋଭିତ କରିବାରେ କ’ଣ ଲାଭ ? ଫୂଲୀ କହୁଛି, ହେ ରାଣୀମାନେ, ନିତ୍ୟ ଶ୍ରୀରାମଙ୍କୁ ଭଜନ କର ଏବଂ ସମସ୍ତ ଦ୍ୱନ୍ଦ୍ୱ ତ୍ୟାଗ କର । ହେ ରାଣୀଗଣ, ମୋ କଥା ମାନି ତୁମ୍ଭେମାନେ ଶ୍ରୀରାମଙ୍କୁ ଭଜନ କର, ଭଜନ ଛଡ଼ା ଏ ସଂସାରରେ ସମସ୍ତ ବ୍ୟକ୍ତି ଶୂକର ତଥା ଶ୍ୱାନ ସଦୃଶ । ଏହି ଶରୀର-ଘଡ଼ା ଅବଶ୍ୟ ଫାଟିଯିବ; ଏହାକୁ ବେଶଭୂଷା କରିବାରେ ଲାଭ କ’ଣ ? ଏହି ତୃଷ୍ଣା ଏବଂ ଆସକ୍ତି କାରଣରୁ ବାରଂବାର ଜନ୍ମ ନେଇ ଦୁଃଖକଷ୍ଟ ସହିବାକୁ ହୁଏ । ଅର୍ଥାତ୍ ଏହିସବୁ ଆସକ୍ତି ଯେପର୍ଯ୍ୟନ୍ତ ଥାଏ ସେପର୍ଯ୍ୟନ୍ତ ମନୁଷ୍ୟ ଜନ୍ମ-ମରଣ-ଚକ୍ରରେ ଭ୍ରମୁଥାଏ । ଏହି ଆସକ୍ତି ଦୂର ହୁଏ ଭଗବତ୍ ପ୍ରାପ୍ତିରେ । କାମାସକ୍ତ ସ୍ୱର୍ଗର ଇନ୍ଦ୍ର, ମର୍ତ୍ତ୍ୟର ରାଜା, ଶୂକର ତଥା ଶ୍ୱାନ ସମସ୍ତେ ସମାନ । କାରଣ କାମନାବାସନା ଇନ୍ଦ୍ରକୁ ଯେପରି ନଚାଏ, ରାଜାକୁ ସେହିପରି ନଚାଏ ଏବଂ ଶୂକର ଓ କୁକୁରଙ୍କୁ ମଧ୍ୟ ସେହିପରି ନଚାଏ । କାମନାବାସନାହିଁ ଜନ୍ମମୃତ୍ୟୁର କାରଣ । କେବଳ ‘ରାମ’ ଶବ୍ଦ ସର୍ବଥା ସତ୍ୟ, ବାକୀ ସବୁକିଛି ମିଥ୍ୟା । ଫୂଲୀ କହୁଛି, ଏହି ‘ରାମ’ ଶବ୍ଦ ଛଡ଼ା ମୁଣ୍ଡରେ ଧୂଳି ପଡ଼ିବ । ଫୂଲୀର ପତି ସେହି ଅବିନାଶୀ ପରମାତ୍ମା ଯେ ସମୁଦ୍ରରେ ଶିଳା ଭସାଇଥିଲେ ।’’

ଫୂଲୀବାଈଙ୍କର ଅମୂଲ୍ୟ ଉପଦେଶ ଭୋଗବିଳାସରେ ଆସକ୍ତ, ମାୟାରେ ମୋହିତ ରାଣୀମାନେ ଗ୍ରହଣ କରିପାରିଲେ ନାହିଁ । ଫୂଲୀବାଈ ନିରାଶ ହୋଇ ଫେରିଯିବାକୁ ବାହାରିଲେ । ଏହି ଖବର ରାଜା ଶୁଣି ତତ୍କ୍ଷଣାତ୍ ଆସି କହିଲେ, ‘‘ଭଉଣି, ତୁମେ ରାଣୀମାନଙ୍କ ସହିତ କଥାବାର୍ତ୍ତା କରୁଥିଲ, ମୁଁ ତୁମ୍ଭ ସହ କଥାବାର୍ତ୍ତା କରି ନାହିଁ, ତୁମ୍ଭେ ଯିବ କିପରି ?’’ ତାଙ୍କୁ ଅନୁନୟ ବିନୟ କରି ରଖିଲେ । ମହାରାଜ ଥିଲେ ସାଂଖ୍ୟ ଦର୍ଶନରେ ପଣ୍ଡିତ, କିନ୍ତୁ ଅନୁଭୂତି



ପ୍ରାପ୍ତ ହୋଇ ନ ଥିଲା । ଫୂଲୀବାଈଙ୍କର ଶାସ୍ତ୍ରଜ୍ଞାନ ନ ଥିଲା, କିନ୍ତୁ ଅନୁଭବଜ୍ଞାନ ଥିଲା । ଉଭୟଙ୍କ ମଧ୍ୟରେ କଥୋପକଥନ ଚାଲିଲା । ଅନୁଭୂତିରେ ପ୍ରାପ୍ତ ଜ୍ଞାନ ଓ ଶାସ୍ତ୍ରଜ୍ଞାନ ମଧ୍ୟରେ ପ୍ରଭେଦ ମିଷ୍ଟାନ୍ନ ଭୋଜନ କରିଥିବା ବ୍ୟକ୍ତି ଓ ମିଷ୍ଟାନ୍ନ ଭୋଜନ ନ କରି କେବଳ ତା’ର ସ୍ୱାଦ ବଖାଣିବା ବ୍ୟକ୍ତି ମଧ୍ୟରେ ପ୍ରଭେଦ ସଦୃଶ । ଫୂଲୀ ସ୍ପଷ୍ଟରୂପେ କହିଦେଲେ ଯେ ଶାସ୍ତ୍ରଜ୍ଞାନ ଦ୍ୱାରା କିଛି ହୁଏ ନାହିଁ ଯେପର୍ଯ୍ୟନ୍ତ ସତ୍ୟକୁ ଅଭିବ୍ୟକ୍ତ କରା ନ ହୁଏ । ଫୂଲୀବାଈ କହିଲେ—

‘‘ସୌ ବାତାଁକୀ, ଏକହୀ, ସୁଣଲେ ରାଜା ବୀର
ସୁରତ ତାର ମେଁ ପୋୟଲେ, ରାମନାମକା ହୀର ॥’’

‘‘ହେ ମହାବୀର ରାଜନ୍, ଶୁଣ । ଶହେରୁ ଏକ କଥା କହୁଛି, ଅର୍ଥାତ୍ ସକଳ ସାଧନାର ସାରତତ୍ତ୍ୱ କହୁଛି, ସୁରତି-ତାରରେ ରାମ-ନାମ-ମଣି ଗୁନ୍ଥିନେ, ଅର୍ଥାତ୍ ରାମ ନାମରେ ଚିତ୍ତବୃତ୍ତିକୁ ଲଗାଇ ଦେ ।’’

ଫୂଲୀବାଈଙ୍କ ଉପଦେଶକୁ ମହାରାଜ ନତ ମସ୍ତକରେ ସ୍ୱୀକାର କରିନେଲେ ଏବଂ ସାଧନାରେ ପ୍ରବୃତ୍ତ ହେଲେ । ଫୂଲୀବାଈ କିଛି ଦିନ ରହି ତାଙ୍କୁ ସାଧନାରେ ସାହାଯ୍ୟ କଲେ । ସେ ଘରକୁ ଫେରିଯିବା ପାଇଁ ଆଗ୍ରହୀ ହେବାରୁ ରାଜାସାହେବ ସେଥିରେ ଆଉ ବିରୋଧ କଲେ ନାହିଁ । ତାଙ୍କ ସମ୍ମାନ ରକ୍ଷା କରିବା ସକାଶେ ଉଚ୍ଚପଦସ୍ଥ କର୍ମଚାରୀ, ସିପାହିମାନଙ୍କ ସହ ସବାରିରେ ତାଙ୍କୁ ବିଦାୟ ଦେଲେ । ଆଉ ନିଜେ ମଧ୍ୟ କିଛି ଦୂର ସଙ୍ଗରେ ଯାଇଥିଲେ । ଫୂଲୀବାଈ ଥିଲେ ଉଚ୍ଚକୋଟୀର ସାଧିକା । ସେ ଦିବ୍ୟାନନ୍ଦରେ ସର୍ବଦା ନିମଜ୍ଜିତ ହୋଇ ରହୁଥିଲେ । ଭୌତିକ ସିଦ୍ଧି ତଥା ଭୌତିକ ବସ୍ତୁ ତାଙ୍କ ପାଖରେ ତୁଚ୍ଛ ମନେ ହେଉଥିଲା । ସେ ଯଥା ସମୟରେ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ପରମ ଧାମକୁ ପ୍ରାପ୍ତ ହୋଇଥିଲେ ।

ମହାତ୍ମା କୃଷ୍ଣଦାସ ଫୂଲୀବାଈଙ୍କ ଚରିତ କବିତାରେ ରଚନା କରିଥିଲେ । ସେ କହିଛନ୍ତି—

‘‘ଧନ ଧନ ଫୂଲୀ ଦେଶ ଘର,
ଧନ ବହ ଶହର ମୁକାମ ।
ଜସବଁତକୋ ସଂସୟ ମିଟ୍ୟୋ,
ନିରଭୈ ପାୟୋ ରାମ ।’’

‘‘ଫୂଲୀ ଯେଉଁ ଦେଶରେ ଥିଲେ, ଯେଉଁ ଘରେ ଥିଲେ, ଯେଉଁ ସହରରେ ଥିଲେ, ସେ ସମସ୍ତ ଧନ୍ୟ । ସେହି ଫୂଲୀବାଈଙ୍କ ଦ୍ୱାରା ରାଜା ଯଶୋବନ୍ତ ସିଂହଙ୍କର ସଂଶୟ ମୋଚନ ହୋଇଗଲା, ସେ ଭଗବାନଙ୍କୁ ପ୍ରାପ୍ତ କରି ନିର୍ଭୟ ହୋଇଗଲେ ।’’

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

(‘ମହିଳା-ରତ୍ନ’ ଆଧାରରେ ଲିଖିତ)

# ଜନାବାଈ

ଭଗବାନ୍ ଭକ୍ତିପ୍ରିୟ । ଭକ୍ତର ଅନନ୍ୟ ଭକ୍ତିରେ ଭଗବାନ୍ ବଶ ହୋଇଯାଆନ୍ତି । ପ୍ରେମଭକ୍ତିରେ ଡାକିଲେ ଭଗବାନ୍ ନ ଆସି ରହିପାରନ୍ତି ନାହିଁ । ଭଗବାନ୍ ଜାତି, କୁଳ, ଗୋତ୍ର, ଉଚ୍ଚ, ନୀଚ, ମାନ, ମର୍ଯ୍ୟାଦା ଦେଖନ୍ତି ନାହିଁ; ଦେଖନ୍ତି କେବଳ ନିଷ୍କାମ, ନିଷ୍କପଟ, କାମନା-ବାସନା-କଳଙ୍କରୁ ମୁକ୍ତ ଶୁଦ୍ଧ ପ୍ରେମ । ଯେଉଁଠି ପବିତ୍ର ପ୍ରେମ ସେଇଠି ଭଗବାନ୍ । ଷଡ଼ୈଶ୍ୱର୍ଯ୍ୟକୁ ସେ ସେଠାରେ ଭୁଲିଯାଆନ୍ତି । ସେ ଭକ୍ତର ପ୍ରେମପାଶରେ ବାନ୍ଧି ହୋଇ କେବେ ତା’ର ସାଥୀରୂପେ, କେବେ ତା’ର ଅନୁଚରରୂପେ କାର୍ଯ୍ୟ କରିଥା’ନ୍ତି । ଏହି ସକାଶେ ଭଗବାନଙ୍କୁ ଭକ୍ତବତ୍ସଳ ବୋଲି କୁହାଯାଏ ।

ଜନାବାଈ ମହାରାଷ୍ଟ୍ରର ପ୍ରସିଦ୍ଧ ଭକ୍ତ ନାମଦେବଙ୍କର ଗୃହକାର୍ଯ୍ୟ କରୁଥିଲେ । ନାମଦେବଙ୍କ ଗୃହରେ ପ୍ରାୟ ଭକ୍ତମାନଙ୍କର ମେଳା ଲାଗି ରହିଥାଏ । ବିଶେଷତଃ ପର୍ବପର୍ବାଣିରେ ବିଶେଷ ଉତ୍ସବ ଓ ସଂକୀର୍ତ୍ତନ ହେଉଥାଏ । ନାମଦେବଙ୍କ ଗୃହ ଭକ୍ତମାନଙ୍କ ଭଗବତ୍ ନାମ-ସଂକୀର୍ତ୍ତନ, ଗୁଣଗାନ, ସତ୍‌ସଙ୍ଗ ଦ୍ୱାରା ଦିବ୍ୟ ଧାମରେ ପରିଣତ ହୋଇଥିଲା । ସେଠାରେ ଭଗବାନଙ୍କର ପ୍ରତ୍ୟକ୍ଷ ଉପସ୍ଥିତି ଥିଲା । ପରନିନ୍ଦା, ପରଚର୍ଚ୍ଚା, ଅନ୍ୟର ଅନିଷ୍ଟ, ହିଂସା, ଦ୍ୱେଷାଦି ଏହି ଆସୁରୀ ଶକ୍ତିର ପ୍ରଭାବ ସେଠାରେ ପ୍ରବେଶ କରିପାରୁ ନ ଥିଲା । ଯେଉଁ ବ୍ୟକ୍ତିର ହୃଦୟ କଳୁଷ-ପଙ୍କରେ ମଳିନ, ସେ ଯଦି ସେ ସ୍ଥାନରେ ପ୍ରବେଶ କରୁଥିଲା ତା’ର କଲ୍ମଷ ଦୂର ହୋଇ ତା’ର ହୃଦୟ ମଧ୍ୟରେ ଗୋଟିଏ ସଦ୍‌ଭାବନାର ସ୍ରୋତ ପ୍ରବାହିତ ହେଉଥିଲା । ଏହିପରି ଦିବ୍ୟ ବାତାବରଣଯୁକ୍ତ ଗୃହର ସେବିକା ଥିଲେ ଜନାବାଈ ।

ଜନାବାଈ ଘରେ ଝାଡୁଦିଅନ୍ତି, ପରିବା କାଟନ୍ତି, ଲୁଗା ଧୁଅନ୍ତି, ନାମଦେବ ଓ ତାଙ୍କ ଭକ୍ତମାନଙ୍କ ଭୋଜନ ପରେ ସେମାନଙ୍କ ବାସନ ମାଜନ୍ତି,

ଗହମ ଚୂରନ୍ତି, ଗୁହାଳ ପୋଛନ୍ତି, ଗୋବର ଘଷି ପାରନ୍ତି— ଅର୍ଥାତ୍ ଗୃହର ସକଳ କର୍ମ କରନ୍ତି । ଭକ୍ତମାନଙ୍କର ବିଶେଷ ସମାଗମ ହେଲେ ଅଥବା କୀର୍ତ୍ତନ ବା ଉତ୍ସବ ହେଲେ ବିଶ୍ରାମ ନେବାକୁ ସମୟ ମିଳେ ନାହିଁ ।

ନାମଦେବଙ୍କର ସେବା ତଥା ଶୁଦ୍ଧ ବାତାବରଣ ଏବଂ ଭକ୍ତମାନଙ୍କ ସଂପର୍କରେ ରହିବା ସୁଯୋଗରୁ ଜନାବାଈଙ୍କ ହୃଦୟରେ ଭଗବତ୍ ଭକ୍ତିର ଅଙ୍କୁର ଉତ୍ପନ୍ନ ହୋଇ ସତ୍‌ସଙ୍ଗ, କୀର୍ତ୍ତନ, ସେବାରୂପ ଶୀତଳ ଜଳ ସିଞ୍ଚନରେ କ୍ରମଶଃ ତାହା ବୃଦ୍ଧି ହେବାକୁ ଲାଗିଲା ଏବଂ ପୁଷ୍ପ ତଥା ଫଳରେ ମଣ୍ଡିତ ହେଲା । ଜନାବାଈଙ୍କର ଭକ୍ତି-ଲତାର ବୃଦ୍ଧି ସଙ୍ଗେ ସଙ୍ଗେ ସେବାକାର୍ଯ୍ୟରେ ତାଙ୍କର ଅତ୍ୟନ୍ତ ଆଗ୍ରହ ବା ରୁଚି ଉତ୍ପନ୍ନ ହେଲା । ସେ ସମସ୍ତ କାର୍ଯ୍ୟରେ ବିଶେଷ ଆନନ୍ଦ ଅନୁଭବ କଲେ । ଦିନରାତି ସେହି ସେବାକାର୍ଯ୍ୟରେ ଲିପ୍ତ ରହିବାରୁ ତାଙ୍କ ହୃଦୟ ଆନନ୍ଦରେ ନାଚି ଉଠୁଥିଲା । ସେ କାର୍ଯ୍ୟରେ ମଗ୍ନ ହୋଇ ଦିନରାତି ଭୁଲିଗଲେ । ଏତେ କାର୍ଯ୍ୟ କରି ମଧ୍ୟ ତାଙ୍କ ଶରୀର କ୍ଳାନ୍ତ ହେଉ ନ ଥିଲା । ଉତ୍ସାହ ସହିତ କାର୍ଯ୍ୟ କଲେ ଶକ୍ତି ଦିଅନ୍ତି ଭଗବାନ୍ । ସେ ମୁଖରେ ଭଗବତ୍ ନାମ ସ୍ମରଣ କରନ୍ତି, ତାଙ୍କ ସମ୍ମୁଖରେ ଥାଏ ଭଗବାନଙ୍କ କମନୀୟ ରୂପ, ଶରୀରରେ ସମ୍ପାଦନ କରନ୍ତି ଭଗବତ୍ ସେବାରୂପେ ଗୃହ କାର୍ଯ୍ୟ । ଯଦ୍ୟପି ସେ ପଢ଼ାଲେଖା ଜାଣି ନ ଥିଲେ, ତଥାପି ତାଙ୍କ ହୃଦୟ ଭକ୍ତିରେ ପୂର୍ଣ୍ଣ ହୋଇଥିବାରୁ ଭଗବାନଙ୍କ ଲୀଳା କବିତା ରୂପରେ ତାଙ୍କ ମୁଖରୁ ସ୍ୱତଃ ନିଃସୃତ ହେଉଥିଲା । ଭଗବାନଙ୍କ ଲୀଳାମାଧୁରୀରେ ତାଙ୍କ ମନ ଓ ହୃଦୟ ଏକେବାରେ ବୁଡ଼ିଗଲା ।

ପ୍ରତି ଏକାଦଶୀ ଦିନ ନାମଦେବଙ୍କ ଗୃହରେ ବହୁ ସାଧୁସନ୍ଥ ଏକତ୍ର ହୋଇ କୀର୍ତ୍ତନ କରନ୍ତି । ଥରେ ଏକାଦଶୀ ଦିନ ବହୁତ ଭକ୍ତ ଏକତ୍ର ହୋଇ କୀର୍ତ୍ତନ ଆରମ୍ଭ କଲେ । କିଛି ସମୟ ପରେ ଭକ୍ତମାନେ ଭଗବଦ୍‌ଭକ୍ତିରେ ବିଭୋର ହୋଇଗଲେ । କେହି ଗାନ କଲେ, କେହି ନୃତ୍ୟ କଲେ, କାହା ନେତ୍ରରୁ ପ୍ରେମାଶ୍ରୁ ବର୍ଷା ହେଲା, କେହି ପ୍ରେମ-ସମାଧିରେ ବାହ୍ୟ ଜ୍ଞାନଶୂନ୍ୟ ହୋଇ ପଡ଼ିରହିଲେ । ସେ ସ୍ଥାନ ହୋଇଗଲା ଭଗବତ୍ ପ୍ରେମର ସାଗର । ସେହି



ପ୍ରେମସାଗରରେ ସକଳ ଭକ୍ତ ବୁଡ଼ିଗଲେ । ଜନାବାଈ ଯଦିଓ କୀର୍ତ୍ତନ କରୁ ନ ଥିଲେ ତଥାପି ଏହିସବୁ ଦୃଶ୍ୟରେ ତାଙ୍କ ଚେତନା ପାର୍ଥିବ ବାତାବରଣକୁ ଭେଦ କରି ଊର୍ଦ୍ଧ୍ୱତନ ଅଲୌକିକ ଭଗବତ୍ ଲୀଳାରେ ବିଚରଣ କରୁଥିଲା । ସେ ଚିତ୍ରବତ୍ ଛିଡ଼ାହୋଇ ରହିଗଲେ । ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେଉଥିଲା; ଏହି ଆନନ୍ଦରେ ସମସ୍ତ ରାତ୍ରି ବ୍ୟତୀତ ହୋଇଗଲା । ଭକ୍ତମାନେ କୀର୍ତ୍ତନ ସମାପ୍ତ କରି ନିଜ ନିଜ ସ୍ଥାନକୁ ଫେରିଲେ । ଜନାବାଈ ସେହି ଦିବ୍ୟାନନ୍ଦର ଉନ୍ମାଦରେ ସେହି ସ୍ଥାନରେ ପଡ଼ିରହିଲେ । ତାହା ତାଙ୍କର ନିଦ୍ରା ବା ପ୍ରେମ-ସମାଧି ଥିଲା ତାହା କହିବା କଠିନ । ସେ ଉଠିବା ବେଳକୁ ସୂର୍ଯ୍ୟ ପ୍ରକାଶ ହୋଇ ସାରିଛି । ଗୃହର ସମସ୍ତ କାର୍ଯ୍ୟ ବାକି । ଗୋଟିଏ କାମ ପଛରେ ଗୋଟିଏ କାମ ଲାଗିଥାଏ । ଗୋଟିଏ କାର୍ଯ୍ୟରେ ବିଳମ୍ବ ହେଲେ ସମସ୍ତ କାର୍ଯ୍ୟରେ ବିଶୃଙ୍ଖଳା ଘଟେ । ଘର ନ ପହଁରି ଚୌକା ଦେଇ ହେବ ନାହିଁ । ଚୌକା ନ ଦେଇ ରୋଷେଇ ବନ୍ଦୋବସ୍ତ କରିବା ସମ୍ଭବ ନୁହେଁ । ଜନାବାଈ ଅସ୍ତବ୍ୟସ୍ତ ହୋଇ ଉଠି ଘର ପହଁରି ଚୌକା ଲଗାଇବା ସମୟରେ ତାଙ୍କ ସମ୍ମୁଖରେ ଆସିଲା ଲୁଗା ଧୋଇବା କାମ । ଚୌକା ଲଗାଇବା ଛାଡ଼ି ଚନ୍ଦ୍ରଭାଗା ନଦୀକୁ ଦୌଡ଼ିଲେ ଲୁଗା ଧୋଇବାକୁ । ଲୁଗା ଧୋଇବା ସମୟରେ ମନେପଡ଼ିଲା, ''ଚୌକା ଲଗା ହୋଇ ନାହିଁ, ନାମଦେବ ଓ ଭକ୍ତମାନେ ବସିବେ କିପରି ?'' ଏହି ଚିନ୍ତାରେ ସେ ବହୁତ ଅସ୍ତବ୍ୟସ୍ତ ହୋଇପଡ଼ିଲେ । ସେହି ସମୟରେ ଜଣେ ବୃଦ୍ଧା ଆସିଲେ । ସେ କହିଲେ, ''ଭଉଣି, ତୁ ଆଜି ବହୁତ ବ୍ୟସ୍ତରେ ଥିବା ମନେହେଉଛି ।'' ଜନାବାଈ ଉତ୍ତର ଦେଲେ, ''ହଁ ଭଉଣି, ଆଜି ଉଠିବାରେ ବିଳମ୍ବ ହେଲା, ଚୌକା ଲଗା ହୋଇ ନାହିଁ, ନାମଦେବଜି ଏବଂ ଭକ୍ତମାନେ ଆସି ବସିପାରିବେ ନାହିଁ । ଏହି କାରଣରୁ ମୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଛି ।'' ବୃଦ୍ଧା କହିଲେ, ''ଭଉଣି, ମୁଁ ଲୁଗା ଧୋଇ ଦେଉଛି, ତୁ ଯା ଘରକାମ ସମାପ୍ତ କର ।'' ବୃଦ୍ଧା ଅପରିଚିତା ହେଲେହେଁ ତାଙ୍କ କଥାରେ ଏତେ ସ୍ନେହ ଓ ସୌହାର୍ଦ୍ଦ୍ୟ ଥିଲା ଯେ ଜନାବାଈ ଆଉ କିଛି କହି ନ ପାରି ଘରକୁ କାମ କରିବା ସକାଶେ ଚାଲିଗଲେ । ନଦୀରେ ଲୁଗା

ଧୋଇବା କାର୍ଯ୍ୟରେ ଲାଗିପଡ଼ିଲେ ନବାଗତା ଅଲୌକିକ ବୃଦ୍ଧା । ତାଙ୍କର କାର୍ଯ୍ୟ ହେଲା ଆଶ୍ରିତ ଜନର ମନ ଓ ହୃଦୟରୁ ମଳିନତା ଦୂର କରିବା । ଆଜି ଆଶ୍ରିତ ଜନଙ୍କ ଲୁଗାରୁ ମଳିନତା ଦୂର କରିବା ତାଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଘଟଣା ନ ଥିଲା । ଜନାବାଈ ଯାଇ ଘରକାମ କଲେ । କିନ୍ତୁ ତାଙ୍କ ମନ ଲାଗି ରହିଥିଲା ବୃଦ୍ଧାଙ୍କ କୋମଳ ବାକ୍ୟ ଓ ନିର୍ହେତୁକୀ ସହାନୁଭୂତି ସ୍ମରଣ କରିବାରେ । ସେ ଘରକାମ ଶେଷ କରି ନଦୀଘାଟକୁ ଆସିଲେ । ବୃଦ୍ଧାଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ କହିଲେ, ''ଭଉଣି, ତୁମେ ବଡ଼ ଦୟାଶୀଳା, ଅପରିଚିତ ଅବସ୍ଥାରେ ଆସି ମୋତେ ସାହାଯ୍ୟ କଲ ।'' ଏକଥା ଶୁଣି ବୃଦ୍ଧା ସ୍ମିତହାସ୍ୟରେ କହିଲେ, ''ଏ ତ ମୋର କାମ, ସେ ସକାଶେ ଚିନ୍ତା କରିବାର କୌଣସି କାରଣ ନାହିଁ । ଲୁଗା ନେ, ଘରକୁ ଯା, କେବେ କେବେ ତୋ କାମରେ ମୁଁ ସାହାଯ୍ୟ କରୁଥିବି ।'' ଏକଥା କହି ସେ ଜନାବାଈଙ୍କୁ ଲୁଗା ଦେଇ ଚାଲିଗଲେ । ଜନାବାଈ ମଧ୍ୟ ଲୁଗା ଧରି ଘରକୁ ବାହାରିଲେ । ଚାରିଖୋଜ ଆସି ଭାବିଲେ, ''ବୃଦ୍ଧା ଭାରି ପରୋପକାରିଣୀ । ଅଜଣା ଅଚିହ୍ନା ଅବସ୍ଥାରେ ଆସି ମୋତେ ସାହାଯ୍ୟ କଲେ । ତାଙ୍କ ନାମ, ତାଙ୍କ ବାସସ୍ଥାନ ପଚାରିନିଏ, କେବେ ତାଙ୍କ ଘରକୁ ଯାଇ ତାଙ୍କ କାମ କରି ଆସିବି ।'' ଏହା ଭାବି ପଛକୁ ଫେରିଲେ । ବୃଦ୍ଧାଙ୍କର ଚିହ୍ନବର୍ଣ୍ଣ ନାହିଁ । ''ସେ ଗଲେ କୁଆଡ଼େ ? ସେ ପକ୍ଷୀ ନୁହନ୍ତି ଯେ ଉଡ଼ିଯିବେ । ଯିବେ ତ ଚାଲିକରି, ମୁଁ ମାତ୍ର ଆସିଚି ଚାରିଖୋଜ । ଏହି ଚାରିଖୋଜରେ ଅଦୃଶ୍ୟ ! କି ଆଶ୍ଚର୍ଯ୍ୟ ! ସେ ବୃଦ୍ଧା ଏହିଠାରେ ପ୍ରଘଟ ହୋଇଥିଲେ । ମୋ କାମ ବାକୀ ଥିବା ସେ ଜାଣିଲେ କିପରି ? ମୋ ସକାଶେ ତାଙ୍କର ଏତେ ଦରଦ କାହିଁକି ?'' ଏହିପରି ଭାବି ଭାବି ଆସିଲେ ନାମଦେବଙ୍କ ପାଖକୁ । ତାଙ୍କୁ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ସକଳ ଘଟଣା କହିଲେ । ଆଉ ବାରବାର ପଚାରୁଥିଲେ, ''ସେ ବୃଦ୍ଧା କିଏ ? ଗଲେ କୁଆଡ଼େ ?'' ନାମଦେବଜି ସବୁ ଶୁଣିଲେ, ତାଙ୍କ ନେତ୍ରରୁ ଅଶ୍ରୁ ବର୍ଷା ହେଲା, ସେ ଗଦ୍‌ଗଦ କଣ୍ଠରେ କହିଲେ, ''ଜନା, ତୁ ଧନ୍ୟା ! ଲୁଗା ଧୋଇବା ବୃଦ୍ଧା ସାଧାରଣ ବୃଦ୍ଧା ନୁହନ୍ତି, ତୁ ଯାହାଙ୍କୁ



ନିରନ୍ତର ସ୍ମରଣ କରୁଛୁ ସେହି ଆସିଥିଲେ ବୃଦ୍ଧାରୂପେ । ସେହି ଦେବ-ଅଗମ୍ୟ, ପୁରୁଷ-ପୁରାଣ ତୋ ଭକ୍ତିବଶ ହୋଇ ବୃଦ୍ଧାରୂପେ ଆସି ତୋତେ ସାହାଯ୍ୟ କଲେ । ଜନା, ତୁ ଧନ୍ୟା, ତୋ ପିତାମାତା ତଥା ପୂର୍ବପୁରୁଷ ମଧ୍ୟ ଆଜି ତୋ ସକାଶେ ଧନ୍ୟ ହେଲେ । ତୋ ଦର୍ଶନ ଲାଭ କରି କେତେ ତ୍ରିତାପପୀଡ଼ିତ ଜୀବ ଉଦ୍ଧାର ହେଲେ ।''

ନାମଦେବଙ୍କର ଏକଥା ଶୁଣି ଜନାଙ୍କ ହୃଦୟ ଭଗବତ୍ ପ୍ରେମରେ ଓ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଭଗବତ୍ ଦର୍ଶନ ସକାଶେ ସେ ବ୍ୟାକୁଳ ହୋଇଉଠିଲେ । ସେ ଘରର ସମସ୍ତ କାର୍ଯ୍ୟ ସମାପ୍ତ କରି ଚକିରେ ଗହମ ଚୂରନ୍ତି । ଭଗବାନଙ୍କ ଲୀଳାରୂପ ଗୀତ ତାଙ୍କ ହୃଦୟରୁ ଉଦ୍‌ଗାରିତ ହୁଏ । ସେ ସେହି ଗୀତ ଗାନ କରନ୍ତି, ଗୀତରଚିତ ଲୀଳାକୁ ସାମନାରେ ଦେଖୁଥା'ନ୍ତି, ହାତରେ ଚକି ବୁଲାଇ ଗହମ ଚୂରନ୍ତି । କେବେ କେବେ ସେ ଲୀଳାରେ ଏତେ ତନ୍ମୟ ହୋଇଯାଆନ୍ତି ଯେ ଗହମ ଚକିରେ ଦେବାକୁ ଭୁଲିଯାଆନ୍ତି । ବହୁତ ସମୟ ପରେ ପ୍ରକୃତିସ୍ଥ ହୋଇ ଦେଖନ୍ତି ଗହମ ଦେବାରେ କୌଣସି ତ୍ରୁଟି ନ ଥାଏ, ଅଟା ତିଆରି ହୋଇଥାଏ; କେବେ କେବେ ଗୀତ ଗାନ ଏବଂ ଭଗବାନଙ୍କ ଲୀଳା ଦର୍ଶନରେ ସମାଧିସ୍ଥ ହୋଇଯାଆନ୍ତି, କେତେ ଘଣ୍ଟା ପରେ ସମାଧି ଭଙ୍ଗ ହେଲେ ଦେଖନ୍ତି ଗହମ ଚୂରା ସମାପ୍ତ ହୋଇଛି । ତାଙ୍କ ସମାଧି ତଥା ଭଗବନ୍ମୟ ଅବସ୍ଥାରେ କିଏ ଚକିରେ ଗହମ ଦିଏ, କିଏ ଗହମ ଚୂରେ, ସେ ତାକୁ ଦେଖିପାରନ୍ତି ନାହିଁ । ତାଙ୍କୁ ଦେଖିବାକୁ ସେ ବ୍ୟାକୁଳ ହୋଇପଡ଼ିଲେ । ଜନାଙ୍କ ବ୍ୟାକୁଳତାରେ ଭଗବାନ୍ ପ୍ରକଟ ହୋଇ ଜନାଙ୍କ ସହିତ ଗହମ ଚୂରିବାକୁ ଆରମ୍ଭ କଲେ । ଜନା ଭଗବାନଙ୍କୁ ଗହମ ଚୂରୁଥିବା ଅବସ୍ଥାରେ ଦର୍ଶନ କରି ତାଙ୍କର ଅଭିଳାଷ ପୂର୍ଣ୍ଣ କଲେ । ଗହମ ଚୂରିବା ସମୟରେ ଜନାବାଈ ଶ୍ରୀକୃଷ୍ଣଙ୍କୁ ଗହମ ଚୂରୁଥିବାର ଦେଖନ୍ତି ଏବଂ ତାଙ୍କର ରୂପଲାବଣ୍ୟରେ ତନ୍ମୟ ହୋଇ ଗୀତ ଗାଆନ୍ତି । ଯାହାଙ୍କ ଚରଣରଜ ପ୍ରାପ୍ତ କରିବାକୁ ଯୋଗୀମାନେ ଯୁଗ ଯୁଗ ଧରି ତପସ୍ୟା କରନ୍ତି; ବ୍ରହ୍ମା, ଶିବ ଯାହାଙ୍କ ଦର୍ଶନ ଲାଭ କରିବାକୁ

ଅଭୀପ୍ସୁ, ଆଜି ସେହି ତ୍ରିଭୁବନପତି, ପରମେଶ୍ୱର, ଭକ୍ତଭାବବିନୋଦିଆ ହରି ଜନାଙ୍କର ପବିତ୍ର ଭକ୍ତି-ପ୍ରେମ-ବଶରେ ତାଙ୍କ ସହିତ ଗହମ ଚୂରୁଛନ୍ତି ଏବଂ ତାଙ୍କର ଭକ୍ତିପ୍ରେମାପ୍ଲୁତ ଗୀତକୁ ସାଗ୍ରହେ ଶୁଣୁଛନ୍ତି । ସେଇଥିପାଇଁ ଭଗବାନ୍ କହିଛନ୍ତି—

''ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ ।
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।।''

ଜନାବାଈ ଜୀବିତ ଅବସ୍ଥାରେ ଭଗବତ୍ ଦର୍ଶନ ତଥା ଭଗବତ୍ ପ୍ରେମରେ ନିମଗ୍ନ ରହିଥିଲେ । ଶରୀରତ୍ୟାଗ ପରେ ଭଗବାନଙ୍କର ନିତ୍ୟଧାମକୁ ପ୍ରାପ୍ତ ହେଲେ । ମହାରାଷ୍ଟ୍ର ଭକ୍ତମଣ୍ଡଳୀରେ ଜନାବାଈଙ୍କ ନାମ ଖୁବ୍ ପ୍ରସିଦ୍ଧ । ତାଙ୍କ ରଚିତ ଗୀତ ଆଜି ବି ଘରେ ଘରେ ଗାନ କରାହେଉଅଛି ।

ବୋଲ ଭକ୍ତ ତଥା ଭଗବାନଙ୍କର ଜୟ ।

(ନାଭାଜିଙ୍କ 'ଭକ୍ତମାଳ' ତଥା 'ମହିଳା-ରତ୍ନ' ଆଧାରରେ ଲିଖିତ)

# ଭକ୍ତିମତୀ ରବିୟା

ବାର ଶହ ବର୍ଷ ପୂର୍ବେ ତୁର୍କୀସ୍ଥାନରେ ବସରା ନାମକ ଏକ ଗ୍ରାମରେ ରବିୟାର ଜନ୍ମ ହୋଇଥିଲା । ତା'ର ପିତାମାତା ଥିଲେ ବହୁତ ଗରିବ ମୁସଲମାନ । ରବିୟା ଥିଲା ତାଙ୍କର ଚତୁର୍ଥ କନ୍ୟା । ବାଲ୍ୟାବସ୍ଥାରେ ମାତା ରବିୟାକୁ ଛାଡ଼ି ପରଲୋକ ଗମନ କରିଥିଲେ । ତା'ର ବାର ବର୍ଷ ବୟସରେ ପିତା ମଧ୍ୟ ଶରୀରତ୍ୟାଗ କଲେ । ପିତାମାତାବିହୀନ ଭାଇଭଉଣୀମାନେ ଅନ୍ୟ ଘରେ କାମଧନ୍ଦା କରି କୌଣସିମତେ ଜୀବନଧାରଣ କରିଥିଲେ । ଯାହା ଉପରେ ବିପତ୍ତି ଆସେ, ବାରଂବାର ଆସୁଥାଏ । କିଛି ଦିନ ପରେ ସେ ଦେଶରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା । ଅନ୍ନ ବିନା ବହୁତ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିଲେ । ଚାରିଆଡ଼େ ହାହାକାର । ସେ ସମୟରେ ଧନୀ ଲୋକ ତ ଖାଇବାକୁ ପାଉ ନ ଥିଲେ, ଏ ଗରିବ ପିଲାଙ୍କୁ କିଏ ଦେବ ? ପେଟ ସବୁକିଛି କରାଏ । ଏହି ସୁଯୋଗରେ କୌଣସି ଧୂର୍ତ୍ତ ଲୋକ ଅନାଥ ବାଳକବାଳିକାମାନଙ୍କୁ ନେଇ କୌଣସି ଧନୀ ଲୋକଙ୍କୁ ବିକ୍ରି କରି ଧନ ନେଇନିଅନ୍ତି । ରବିୟାର ଭାଇଭଉଣୀଗୁଡ଼ିକ ଏହିରୂପେ କିଏ କୁଆଡ଼େ ଚାଲିଗଲେ । ରବିୟାକୁ ମଧ୍ୟ ଗୋଟିଏ ଧୂର୍ତ୍ତ ବ୍ୟକ୍ତି ନେଇ ଜଣେ ନିଷ୍ଠୁର ଧନୀ ଲୋକକୁ ବିକ୍ରି କରି ଟଙ୍କା ନେଇ ଚାଲିଗଲା । ସେହି ଯୁଗରେ ଗୋରୁଛେଳି ସଦୃଶ ମନୁଷ୍ୟ ବିକ୍ରି ହେଉଥିଲେ । ଖର୍ଦ୍ଦି କରିବା ବ୍ୟକ୍ତି ମଧ୍ୟ ସେମାନଙ୍କ ସହିତ ଠିକ୍ ପାଳିତ ପଶୁ ତୁଲ୍ୟ ବ୍ୟବହାର କରୁଥିଲେ । ବିକ୍ରି ହୋଇଥିବା ବ୍ୟକ୍ତି ଠିକ୍ ପଶୁ ସଦୃଶ କାମ କରିବ ଓ ମାଡ଼ଗାଳି ମଧ୍ୟ ଖାଇବ । ସେମାନଙ୍କ ପାଇଁ ହାରିଗୁହାରି ନ ଥାଏ । ରବିୟାର ମାଲିକ ବହୁତ ସ୍ୱାର୍ଥପର ଏବଂ ନିର୍ଦ୍ଦୟସ୍ୱଭାବର ଲୋକ ଥିଲା । ସେ ରବିୟା ଉପରେ ନାନା ପ୍ରକାର ଅତ୍ୟାଚାର କରୁଥିଲା । କଥା କଥାରେ ମାଡ଼ଗାଳି ଦେଉଥିଲା ।

ମନୁଷ୍ୟ ସବୁଆଡୁ ନିରାଶ ହେଲେ ହତାଶ ହୋଇ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼େ ଅଥବା ଭଗବାନଙ୍କ ଆଶ୍ରୟ ନିଏ । ଭଗବାନ୍ ବଡ଼ ଦୟାଳୁ, କରୁଣାର ସମୁଦ୍ର, ଦରିଦ୍ରର ବନ୍ଧୁ । ସେ ଜାତି, କୁଳ, ମର୍ଯ୍ୟାଦା, ବିଦ୍ୟା, ବୁଦ୍ଧି, ଯୋଗ୍ୟତା, ସ୍ତ୍ରୀ, ପୁରୁଷ ଦେଖନ୍ତି ନାହିଁ, ଦେଖନ୍ତି କେବଳ ନିଷ୍କପଟ ଭାବ । ବ୍ୟକ୍ତି ଯେତେ ଅପରାଧୀ, ଯେତେ ପାପୀ, ଯେତେ ଦୁରାଚାରୀ ହୋଇଥାଉ, ଯେତେବେଳେ ସେ କାତର ହୋଇ ଅନନ୍ୟଭାବେ ଭଗବାନଙ୍କ ଶରଣ ନିଏ, ଭଗବାନ୍ ତା'ର ସମସ୍ତ ପୂର୍ବ ଅପରାଧକୁ ନ ଦେଖି ତା' ରକ୍ଷା ସକାଶେ ଦୌଡ଼ିଆସନ୍ତି । ରବିୟା ନାନାପ୍ରକାର ଜୋର୍‌ଜୁଲମରେ ବ୍ୟତିବ୍ୟସ୍ତ ହୋଇପଡ଼ିଲା । ତା' ସକାଶେ ଚାରିଆଡ଼ ଅନ୍ଧାର ଥିଲା । କେହି ଜଣେ ପଦେ କଥା କହି ସାନ୍ତ୍ୱନା ଦେବାକୁ ନ ଥିଲା । ରବିୟାର ସମସ୍ତ ସତ୍ତାକୁ ନିରାଶା ଓ ହତାଶାର ଅନ୍ଧକାର ଆବୃତ କରି ପକାଇଲା । କିନ୍ତୁ ଏହି ଦୁଃଖତାପ-ତମସାଚ୍ଛନ୍ନ ଘୋର ନିଶାରେ ତା'ର ଅନ୍ତରରୁ ବିଜୁଳି ସଦୃଶ ଗୋଟିଏ ବାଣୀ ଚମକି ପଡ଼ିଲା– ''ରବିୟା; ତୁ ନିରାଶ ହେଉଛୁ କାହିଁକି ? ଅନାଥର ନାଥ, ନିରାଶ୍ରୟର ଆଶ୍ରୟ ଦୀନବନ୍ଧୁଙ୍କ ଶରଣ ନେ, ସେ ତୋତେ ରକ୍ଷା କରିବେ ।'' ଏହା ଶବ୍ଦ ନ ଥିଲା, ତା' ସୁପ୍ତ ଆତ୍ମାକୁ ଜାଗ୍ରତ୍ କରିବାର ଦେବଦୂତ ଥିଲା । ରବିୟା ସଚେତ ହୋଇଗଲା, ତା' ହୃଦୟରେ ବିଜୁଳି ସଦୃଶ କୌଣସି ଅଲୌକିକ ବସ୍ତୁ ପ୍ରବେଶ କରିଗଲା । ତା'ର ମନ, ପ୍ରାଣରେ ଗୋଟିଏ ନୂତନ ଆଶା ସଞ୍ଚାର ହେଲା । ସେ କାତର ହୋଇ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲା –

''ହେ ନାଥ, ହେ ଅନାଥର ନାଥ, ହେ ଦୀନବନ୍ଧୁ, ହେ କରୁଣାସିନ୍ଧୁ, ଦୟାମୟ, ଏହି ଦୀନା, ହୀନା, ଅନାଥା, ଦରିଦ୍ରା, ନିରାଶ୍ରୟା ବାଳିକାକୁ ନିଜ ଶରଣରେ ସ୍ୱୀକାର କର । ପ୍ରଭୋ, ତୁମେ ତ ଅନ୍ତର୍ଯାମୀ, ମୋ ବେଦନା ତୁମକୁ ଅଗୋଚର ନାହିଁ । ତୁମେ ସକଳ ସ୍ଥାନରେ ପରିପୂର୍ଣ୍ଣ, ସବୁ ଦେଖୁଛ, ସବୁ ଶୁଣୁଛ । ପ୍ରଭୋ, ମୁଁ ତୁମ୍ଭଠାରୁ ଧନ, ମାନ, ଯଶଃ ଚାହୁଁ ନାହିଁ, ଚାହୁଁଛି ଏହି ଧନୀ କବଳରୁ ମୁକ୍ତ ହୋଇ ତୁମକୁ ସ୍ମରଣ କରିବାକୁ ।''



କୌଣସି ବ୍ୟକ୍ତି ଆନ୍ତରିକତା ସହ ଭଗବାନଙ୍କୁ ଡାକିଲେ ଭଗବାନ୍ ଶୁଣନ୍ତି ଏବଂ ତତ୍‌କ୍ଷଣାତ୍ ତା' ଅନ୍ତରରେ ମୂକ ଭାଷାରେ ଉତ୍ତର ଦିଅନ୍ତି । ସେ ଉତ୍ତର ଆସେ ଶାନ୍ତି, ସନ୍ତୋଷ, ଆନନ୍ଦରୂପେ, ନିରାଶାରେ ଆଶା ସଞ୍ଚାର କରେ, ହତୋତ୍ସାହରେ ଉତ୍ସାହ ଜାଗ୍ରତ୍ କରାଏ, ଭଗ୍ନମନୋରଥରେ ନୂତନ ଆନନ୍ଦଦାୟକ ମନୋରଥ ସୃଷ୍ଟି କରାଏ, ଭୟ ସ୍ଥାନରେ ନିର୍ଭୟ, ଚିନ୍ତା ସ୍ଥାନରେ ସାହସ ଓ ଧୈର୍ଯ୍ୟ ଆଣିଦିଏ ।

ସେହିଦିନଠାରୁ ରବିୟାର ବାହ୍ୟ ଦୁଃଖକଷ୍ଟ କ୍ରମଶଃ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତା' ଅନ୍ତରରେ ସୁଖ, ଶାନ୍ତି, ଆନନ୍ଦ ମଧ୍ୟ ବୃଦ୍ଧି ହେଲା । ରବିୟା ଆଉ ପୂର୍ବ ରବିୟା ହୋଇ ରହିଲା ନାହିଁ । ତା'ର ଚେତନାର ରୂପାନ୍ତର ହୋଇଗଲା । ସେ ଆଉ ନିଜକୁ ଅନାଥିନୀ ବୋଲି ଅନୁଭବ କଲା ନାହିଁ, ଅନୁଭବ କଲା ତା'ର ସର୍ବଶକ୍ତିମାନ୍ ପ୍ରଭୁ, ଅନାଥର ନାଥ ଭଗବାନଙ୍କୁ । ବାହାରେ ଯଦ୍ୟପି ତା' ଉପରେ ନାନାପ୍ରକାର ଅତ୍ୟାଚାର ହେଉଥାଏ ତଥାପି ଭିତରେ ସେ ଆନନ୍ଦ ଅନୁଭବ କରୁଥାଏ । ଉଠିବା ସମୟରୁ ଶୋଇବା ପର୍ଯ୍ୟନ୍ତ ଭଗବତ୍ ନାମ ସ୍ମରଣ ସହିତ ଘରର କାମଧନ୍ଦା କରେ, ଘରର ବ୍ୟକ୍ତି ଖାଇସାରିବା ପରେ ଯାହା ବଳିଥାଏ ତାକୁ ତାହାହିଁ ଖାଇବାକୁ ମିଳେ । ସେଥିରେ ସେ ସନ୍ତୁଷ୍ଟ ହୁଏ । ଦିନରେ ସମୟ ପାଏ ନାହିଁ । ରାତ୍ରିରେ ଘରର ସମସ୍ତ ବ୍ୟକ୍ତି ଶୋଇବା ପରେ ସେ ଭଗବାନଙ୍କୁ ପ୍ରାର୍ଥନା କରେ, କାନ୍ଦି କାନ୍ଦି ନିଜ ଦୁଃଖକଷ୍ଟ ନିବେଦନ କରେ । ତା'ର ତ ଆଉ ସଂସାରରେ କେହି ନ ଥା'ନ୍ତି, ଥାଆନ୍ତି କେବଳ ଅନାଥର ନାଥ, ଦରିଦ୍ରର ବନ୍ଧୁ ଭଗବାନ୍ । ସେ ସବୁ ଦୁଃଖ ଶୁଣନ୍ତି, ଅନ୍ତରରେ ଶାନ୍ତି ଦିଅନ୍ତି । ନିଦ ଆସିବା ପର୍ଯ୍ୟନ୍ତ ରବିୟା ଭଗବାନଙ୍କ ଧ୍ୟାନରେ ମଗ୍ନ ରହେ, ସେହି ଧ୍ୟାନାବସ୍ଥାରେ ଭଗବତ୍ ଆନନ୍ଦରେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନିଏ । କିନ୍ତୁ ଘରର ପ୍ରତ୍ୟେକ ବ୍ୟକ୍ତି ତା' ଉପରେ ହୁକୁମ ଚଳାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖୁସି କରାଇବା ଜଣକ ପକ୍ଷେ ସମ୍ଭବ ନୁହେଁ, ଯାହାର ଇଚ୍ଛାନୁସାରେ ସେ କାମ କରି ନ ପାରିଲା, ହୁକୁମ ପାଳନ କରି ନ ପାରିଲା, ସେ ମାଡ଼ଗାଳି

ଦେଲା । ସହିବାର ଗୋଟାଏ ସୀମା ଥାଏ । ତା'ର ବି ଶରୀର । କିନ୍ତୁ ଧନୀ, ସ୍ୱାର୍ଥୀ ବ୍ୟକ୍ତିମାନେ ଖୁବ୍ ନିଷ୍ଠୁର ହୁଅନ୍ତି । ନିଜ ଶରୀରଠାରୁ ଅନ୍ୟକୁ ପୃଥକ୍, ଏପରିକି ଜଡ଼ ସଦୃଶ ମନେକରନ୍ତି । ବିଚାରୀ ରବିୟା ସମସ୍ତଙ୍କ ଆଗରୁ ଉଠି ପୁନଶ୍ଚ ରାତ୍ରିରେ ସମସ୍ତେ ଶୋଇବା ପର୍ଯ୍ୟନ୍ତ ଖଟୁଥିବ, ବିଶ୍ରାମର ନାମ ନାହିଁ, ସେଥିରେ ପୁଣି ମାଡ଼ଗାଳି । ସେ ଆଉ କେତେ ସହିବ ? ରବିୟା ସେମାନଙ୍କ ଅତ୍ୟାଚାର ଆଉ ସହି ନ ପାରି ଦିନେ ରାତ୍ରି ସମୟରେ ମାଲିକର ଅଜ୍ଞାତରେ ଘରୁ ଲୁଚି ପଳାଇଗଲା । ଯଦି ମାଲିକ ଆସି ଧରେ, ତେବେ ତା'ର ଆଉ ରକ୍ଷା ନାହିଁ । ଏହି ଭୟରେ ସେ ଅସ୍ତବ୍ୟସ୍ତ ହୋଇ ଖାଲଢିପ, ବାଡ଼ବୁଦା, ବଣପାହାଡ଼ ନ ଦେଖି ଦୌଡୁଥିଲା । ବୋଧହୁଏ ଭଗବାନଙ୍କ ବିଧାନ କିଛି ଅନ୍ୟପ୍ରକାର ଥିଲା । ଅନ୍ଧକାର ରାତ୍ରି, ଅଚିହ୍ନା ରାସ୍ତା, ହୃଦୟରେ ଭୟ ଏବଂ ଉଦ୍‌ବେଗ । ତା' ଗୋଡ଼ ପଡ଼ିଗଲା ଗୋଟାଏ ଖାଲରେ । ସେ ପଡ଼ିଯାଇ ତା'ର ଡାହାଣ ହାତ ଭାଙ୍ଗିଗଲା । ଏହି ନୂତନ ବିପଦରେ ତା'ର ସାହସ ଭାଙ୍ଗିପଡ଼ିଲା । ତା'ର ଚତୁର୍ଦ୍ଦିଗରେ ଯେପରି ଘନ ଅନ୍ଧକାର ଘୋଟି ଆସିଲା । ତା'ର ତ ଏ ସଂସାରରେ ଆଉ କେହି ନାହିଁ; କାହା ମୁହଁରୁ ପଦେ ଆଶ୍ୱାସନା ଶବ୍ଦ ଶୁଣି ହୃଦୟରେ ଶାନ୍ତି ପାଇବା ତା' ଭାଗ୍ୟରେ ନାହିଁ । ସେ ବ୍ୟାକୁଳ ହୋଇ କାନ୍ଦି ଏକମାତ୍ର ଆଶ୍ରୟ ଭଗବାନଙ୍କୁ କହିଲା, ''ହେ ମୋର ମାଲିକ, ମୁଁ ବାଲ୍ୟାବସ୍ଥାରୁ ଚିରଦୁଃଖିନୀ, ପିତୃମାତୃହୀନା ଅରକ୍ଷିତା ଦୀନା ବାଳିକା । କଏଦିଖାନାରେ ପଶୁଭଳି ଖଟି ପେଟ ପାଳୁଥିଲି । ଏବେ ତ କାମ କରିପାରିବି ନାହିଁ । ମୋର ନିଷ୍ଠୁର ମାଲିକ କି କଠୋର ଦଣ୍ଡ ଦେବ ତାହା ମନେ ପଡ଼ିବାମାତ୍ରେ ସାହସ ଉଡ଼ିଯାଉଛି । ମୋର କେହି ମାତ୍ର ଭରସା ନାହିଁ, ତୁହିଁ ଏକମାତ୍ର ଆଶ୍ରୟ । କ'ଣ ତୁ ବି ମୋ ଉପରେ ରୁଷ୍ଟ ହୋଇଗଲୁ ? ମୋ ଦୁଃଖକଷ୍ଟ କ'ଣ ତୋ ପାଖରେ ଅଜ୍ଞାତ ରହିଲା ? ହେ ମୋର ପ୍ରଭୁ, ତୁ ଯଦି ମୋ ଉପରେ ଅସନ୍ତୁଷ୍ଟ, ତେବେ ମୋତେ ଏ ସଂସାରରୁ ବିଦାୟ ଦେ । ଏହି ଦୁଃଖପୂର୍ଣ୍ଣ ସଂସାରରେ କାହା ଆଶ୍ରୟରେ ମୁଁ ବଞ୍ଚି ରହିବି ?'' ରବିୟାର କାତର ପ୍ରାର୍ଥନାରେ ତା'ର



ସମସ୍ତ ବନ୍ଦ ଦ୍ୱାର ଉନ୍ମୁକ୍ତ ହୋଇଗଲା । ଭଗବାନ୍ ତ ଦୂରରେ ନ ଥା'ନ୍ତି, ଥାଆନ୍ତି ସର୍ବଦା ପାଖରେ; ଭକ୍ତର ଡାକକୁ ସର୍ବଦା ଅପେକ୍ଷା କରିଥାଆନ୍ତି । କିନ୍ତୁ ବ୍ୟକ୍ତିର ସମସ୍ତ ସତ୍ତା ଏକମୁଖୀ ହୋଇ ଭଗବାନଙ୍କୁ ଚାହେଁ ନାହିଁ । ମନ ଏକ ବସ୍ତୁ ଚାହିଁଲେ, ପ୍ରାଣ ଅନ୍ୟ ଏକ ବସ୍ତୁ ଚାହେଁ, ଜିହ୍ୱା ରସାସ୍ୱାଦନରେ ଆସକ୍ତ ହେଲେ ନେତ୍ର ଦୃଶ୍ୟମାନ ବସ୍ତୁରେ ବ୍ୟସ୍ତ ଥାଏ, କର୍ଣ୍ଣ ଅନ୍ୟ କଥା ଶୁଣିବାରେ ଅଭ୍ୟସ୍ତ । ସେହି ସକାଶେ ଭଗବାନଙ୍କ ପ୍ରବେଶଦ୍ୱାର ରୁଦ୍ଧ ହୋଇଥାଏ । ଯେତେବେଳେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ ହୋଇଯାଏ, ବିପଦ-ସମୁଦ୍ରରେ ବୁଡିଯାଏ, କୂଳକିନାରା ପାଏ ନାହିଁ, ସେତିକିବେଳେ ତା'ର ସମସ୍ତ ଇନ୍ଦ୍ରିୟ ଭଗବନ୍ମୁଖୀ ହୁଅନ୍ତି ଅଥବା ଭଗବତ୍ ଶାନ୍ତି, ଆନନ୍ଦରେ ସମସ୍ତ ସତ୍ତା ଉଦ୍‌ଭାସିତ ହେଲେ ସେହିସବୁ ଇନ୍ଦ୍ରିୟ-ବିଷୟରୁ ନିବୃତ୍ତ ହୋଇ ଭଗବତ୍ ପ୍ରାପ୍ତି ସକାଶେ ବ୍ୟାକୁଳ ହୋଇପଡ଼ନ୍ତି । ଏହି ଦୁଇ ଅବସ୍ଥାରେ ଭଗବାନ୍ ନିଜକୁ ଭକ୍ତ ପାଖରେ ପ୍ରକଟ ନ କରି ରହିପାରନ୍ତି ନାହିଁ ।

ରବିୟାର ଦୁଃଖକଷ୍ଟ ସୀମା ଲଂଘନ କରିସାରିଥିଲା । ତା' ସକାଶେ ଭଗବାନଙ୍କ ଛଡ଼ା ଆଶା ଭରସାର ଅନ୍ୟ କୌଣସି ବସ୍ତୁ ନ ଥିଲା । ''ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ ।''– ଏହି ବାକ୍ୟଟି ରବିୟା ସକାଶେ ପୂର୍ଣ୍ଣ ରୂପେ ପ୍ରଯୁଜ୍ୟ ହୋଇଥିଲା । ଭଗବାନଙ୍କର ସ୍ୱାଭାବିକ ଗୁଣ ହେଲା ''ଦୀନର ବନ୍ଧୁ'' । ଭକ୍ତର ଆର୍ତ୍ତ ବାଣୀ ଶୁଣି ସେ ଧୈର୍ଯ୍ୟ ଧରି ରହିପାରନ୍ତି ନାହିଁ । ଗଜକୁ କୁମ୍ଭୀର ଧରିଥିବା ସମୟରେ ଗଜ ଡାକିବା ସଙ୍ଗେ ସଙ୍ଗେ ନିଜ ବାହନ ଗରୁଡ଼ ପିଠିରୁ ଉତରି ପଡ଼ି ଦୌଡ଼ି ଆସିଲେ । ରବିୟାର ଆର୍ତ୍ତ କ୍ରନ୍ଦନ ଶୁଣି ସେ ବା କିପରି ନ ଆସି ରହିପାରନ୍ତେ ? ରବିୟାର ହୃଦୟ ଶାନ୍ତି, ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା; ତା'ର ସମସ୍ତ ସତ୍ତା ଦିବ୍ୟଜ୍ୟୋତିଃରେ ଦେଦୀପ୍ୟମାନ ହେବାକୁ ଲାଗିଲା; ମୁଖରୁ ଆଉ ବାକ୍ୟର ଉଚ୍ଚାରଣ ହେଲା ନାହିଁ । ସେ ଆନନ୍ଦ ଓ ଶାନ୍ତିର ସମୁଦ୍ରରେ ବୁଡ଼ିଗଲା । ହୃଦୟର ଗଭୀରରୁ ମେଘଗମ୍ଭୀର ସ୍ୱର ତା' କର୍ଣ୍ଣକୁହରରେ ପ୍ରବେଶ କଲା, ''ରବିୟା, ତୁ ଆଉ ଶୋକ କର ନାହିଁ; ତୋର ଦୁଃଖକଷ୍ଟର ସମୟ

ଅନ୍ତ ହୋଇଯାଇଛି; ଆନନ୍ଦର ସୂର୍ଯ୍ୟ ପ୍ରକାଶ ହେବାକୁ ଚାହୁଁଛି । ତୋ ଯଶଃ ପ୍ରକାଶ ହେବାର ସମୟ ଆସିଛି । ତୁ ଧୈର୍ଯ୍ୟ ଧରି ମୋତେ ସ୍ମରଣ କର ।''

ରବିୟାର ପ୍ରତିଲୋମ ଆନନ୍ଦ ଏବଂ କୃତଜ୍ଞତାରେ ପୂର୍ଣ୍ଣ । ସମସ୍ତ ସତ୍ତାରେ ଶାନ୍ତି ଓ ଆନନ୍ଦର ସ୍ରୋତ ପ୍ରବାହିତ ହେଉଛି । ତା'ର ଜୀବନଧାରା ଏକେବାରେ ପରିବର୍ତ୍ତିତ ହୋଇଯାଇଛି । ସେ ଭଗବତ୍ ଆନନ୍ଦରେ ମସ୍ତ ହୋଇ ମାଲିକ ଘରକୁ ଫେରିଆସିଲା । ଭଗବାନଙ୍କ କୃପାରୁ ଭାଙ୍ଗିଯାଇଥିବା ହାତ ମଧ୍ୟ ଠିକ୍ ହୋଇଗଲା । ସେ ସବୁଦିନ ପରି ଘରର ସମସ୍ତ କର୍ମ କରିବାକୁ ଲାଗିଲା । ସେ ଶରୀରରେ କାର୍ଯ୍ୟ କରୁଥାଏ । କିନ୍ତୁ ତା' ମନ-ମଧୁକର ଭଗବାନଙ୍କ ଚରଣକମଳରେ ବିଚରଣ କରୁଥାଏ । ତାକୁ ଆଉ ଦୁଃଖକଷ୍ଟ ସ୍ପର୍ଶ କରୁ ନ ଥାଏ । ସେ ଚାହୁଁଥାଏ କେବଳ ନିରନ୍ତର ଭଗବତ୍ ସ୍ମରଣ । ଦିନବେଳା କାମ ଯୋଗୁଁ ସମୟ ମିଳେ ନାହିଁ, ରାତ୍ରିରେ ସମସ୍ତେ ଶୋଇଯିବା ପରେ ସେ ଭଗବତ୍ ଧ୍ୟାନରେ ମଗ୍ନ ହୋଇ ପ୍ରାର୍ଥନା କରେ । ଭଜନ ପ୍ରଭାବରେ ତା'ର ମୁଖମଣ୍ଡଳର ତେଜଃ ବୃଦ୍ଧି ହେଉଥାଏ ।

ଦିନେ ନିତ୍ୟନିୟମାନୁସାରେ ସେ ନିଜ ଶୟନକକ୍ଷରେ ଆନନ୍ଦମଗ୍ନ ହୋଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ସେହି ସମୟରେ ତା' ମାଲିକର ନିଦ ଭାଙ୍ଗିଗଲା । ସେ ରବିୟାର ସ୍ୱରକୁ ଲକ୍ଷ୍ୟ କରି ପାଦ ଦାବି ଆସ୍ତେ ଆସ୍ତେ ରବିୟାର ଶୋଇବା ଘରର ଦ୍ୱାରରେ ପହଞ୍ଚିଲା । ରବିୟାର କକ୍ଷ ଆଲୋକରେ ପୂର୍ଣ୍ଣ । ସେ ନିର୍ନିମେଷ ନୟନରେ ଧ୍ୟାନମଗ୍ନ ହୋଇ ପ୍ରାର୍ଥନା କରୁଥାଏ, ''ହେ ମୋର ପ୍ରଭୁ, ମୁଁ ଚାହୁଁଛି ନିରନ୍ତର ତୋରି ସେବା କରିବାକୁ, ତୋତେହିଁ ସ୍ମରଣ କରିବାକୁ, କିନ୍ତୁ ମୁଁ ଅନ୍ୟ ହାତରେ ବିକ୍ରି ହୋଇଥିବା ଗୋଲାମ, ଅନ୍ୟର ସେବାରୁ ଛୁଟି କେଉଁଠି ଅଛି ?'' ଏହା ଶୁଣିବା ମାତ୍ରେ ଘରମାଲିକର ହୃଦୟ ଏକେବାରେ ପରିବର୍ତ୍ତିତ ହୋଇଗଲା । ସେ ଦୃଶ୍ୟ ଦେଖି ତା'ର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ନିଜକୁ ବହୁତ ଅପରାଧୀ ମନେକରି ନିଜକୁ ଧିକ୍କାର କରିବାକୁ ଲାଗିଲା । ସେ ଭାବିଲା, ''ଏପରି ଭକ୍ତିମତୀ ଦେବୀ ଉପରେ ମୁଁ



ନୃଶଂସତାପୂର୍ବକ କେତେ ଜୋର୍‌ଜୁଲମ କରିଛି, କେତେ କଷ୍ଟ ଦେଇଛି ! ଏହି ଅପରାଧରୁ ଭଗବାନ୍ କିପରି ମୋତେ କ୍ଷମା ଦେବେ ? ଏପରି ପରମଭକ୍ତା ଦେବୀର ପୂଜା କରିବା ଉଚିତ; କିନ୍ତୁ ତାକୁ ମୁଁ ପଶୁ ଭଳି ସେବାରେ ଖଟାଇ ରଖିଛି । ଏହି ପାପରୁ ମୁକ୍ତ ହେବାର ଏକମାତ୍ର ଉପାୟ– ଏହି ଭକ୍ତିମତୀ ଦେବୀର ସେବା କରିବା ।'' ଏହା ଭାବି ରବିୟା ପାଖକୁ ଯାଇ ହାତ ଯୋଡ଼ି କହିଲା, ''ଦେବି, ମୁଁ ତୋର ବହୁତ ଅପରାଧ କରିଛି । ମୋତେ କ୍ଷମା ଦେ । ଆଉ ତୋତେ ସେବା କରିବାକୁ ହେବ ନାହିଁ । ଆଜିଠାରୁ ମୁଁ ତୋର ସେବା କରିବି । ତୁ ଆନନ୍ଦରେ ଏହିଠାରେ ରହି ଭଗବତ୍ ସ୍ମରଣ କର ।''

ରବିୟା ହାତ ଯୋଡ଼ି ବିନୀତ ସ୍ୱରରେ କହିଲା, ''ମାଲିକ, ଯଦି ମୋତେ ଏଠାରୁ ଯିବାକୁ ଆଜ୍ଞା ଦିଅନ୍ତି, ତେବେ ଆପଣଙ୍କର ମୋ ଉପରେ ବିଶେଷ କୃପା ହେବ; ମୁଁ ଏକାନ୍ତରେ ରହି ଭଗବାନଙ୍କୁ ସ୍ମରଣ କରିବି ।'' ଯଦିଓ ମାଲିକର ବିଶେଷ ଆଗ୍ରହ ଥିଲା ରବିୟାକୁ ଘରେ ରଖି ତା'ର ସେବା କରିବାକୁ ତଥାପି ସେ ଭାବିଲା,– ''ରବିୟାର ଇଚ୍ଛା ବିରୋଧରେ କାର୍ଯ୍ୟ କରିବା ଠିକ୍ ନୁହେଁ, ସେ ଯେଉଁଥିରେ ଖୁସି ହେବ ତାହାହିଁ ଠିକ୍ ।'' ମାଲିକ କହିଲା, ''ଦେବୀ ରବିୟା, ତୋର ଯେପରି ଖୁସି ସେପରି କର । ତୋ ଇଚ୍ଛା ବିରୋଧରେ ମୁଁ କିଛି କରିବାକୁ ଚାହୁଁ ନାହିଁ; କିନ୍ତୁ ଦେବି, ମୋ ଅପରାଧକୁ କ୍ଷମା କର, ଆଉ ମୋ ଉପରେ କୃପା କର ।'' ଏହା ଶୁଣିବା ମାତ୍ରେ ରବିୟାର ହୃଦୟ ଭଗବାନଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ଭଗବାନଙ୍କ କୃପା ସ୍ମରଣ କରି ତା' ନେତ୍ରରୁ ଅଶ୍ରୁ ବର୍ଷା ହେବାକୁ ଲାଗିଲା । ସେ ନିଷ୍କପଟ ଭାବରେ ବିନୀତ ସ୍ୱରରେ କହିଲା, ''ମାଲିକ, ତୁମର କୌଣସି ଦୋଷ ବା ଅପରାଧ ହୋଇ ନାହିଁ, ତୁମେ ଏତେ ଦିନ ମୋତେ ଆଶ୍ରୟ ଦାନ କରି ମୋ ଉପରେ ଦୟା କରିଛ, ଯଦି ତୁମେ ନିଜର ଅପରାଧ ବୋଲି କିଛି ମନେକରୁଛ, ତେବେ ମୁଁ ମୋ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛି ସେ ତୁମକୁ କ୍ଷମା ଦେବେ, ତୁମେ ଆନନ୍ଦରେ ରୁହ, ଭଗବାନ୍ ତୁମର ମଙ୍ଗଳ କରିବେ ।'' ଏହିପରି କଥାବାର୍ତ୍ତା ହେଉ ହେଉ

ରାତ୍ରି ବ୍ୟତୀତ ହୋଇଗଲା । ରବିୟା ମାଲିକଠାରୁ ବିଦାୟ ନେଇ ଭଗବତ୍ ଆନନ୍ଦରେ ବିଭୋର ହୋଇ କୌଣସି ଏକାନ୍ତ ସ୍ଥାନରେ ରହିବା ସକାଶେ ଯାତ୍ରା କଲା ।

ବାସ୍ତବିକ ଭଗବାନଙ୍କର ପ୍ରତିଟି ବିଧାନ ତାଙ୍କର ଅସୀମ ଦୟାର ସୂଚନା ଦେଇଥାଏ । କିନ୍ତୁ ମନୁଷ୍ୟ ଉପସ୍ଥିତ ଦୁଃଖକଷ୍ଟରେ ବିଚଳିତ ହୋଇଯାଏ, ଭଗବାନଙ୍କ ପ୍ରତି ଅବିଶ୍ୱାସ କରିବାକୁ ଲାଗେ । କିନ୍ତୁ ବିପଦ ସମୟରେ ବ୍ୟକ୍ତି ଧୈର୍ଯ୍ୟ ଏବଂ ସାହସ ରଖି ଭଗବତ୍ ବିଶ୍ୱାସକୁ ଜାବୁଡ଼ି ଧରି ରଖିପାରିଲେ ପରେ ବିନା ଦୁଃଖକଷ୍ଟରେ ଭଗବତ୍ କୃପାକୁ ଉପଲବ୍ଧି କରିପାରେ । ରବିୟା ମଧ୍ୟ ଭଗବତ୍ କୃପାକୁ ଅନୁଭବ କରିବାକୁ ଲାଗିଲା । ସେ ଭାବିଲା, ‘‘ଯଦି ମୋ ଉପରେ ବିପଦ ନ ଆସିଥାଆନ୍ତା ତେବେ ମୁଁ ଏପରି ତୀବ୍ରଭାବେ ଭଗବାନଙ୍କୁ ସ୍ମରଣ କରିପାରି ନ ଥା’ନ୍ତି, କେବଳ ଖାଇପିଇ ଶୋଇ ଜୀବନକୁ ନଷ୍ଟ କରିଥାଆନ୍ତି । ଏହି ଦୁଃଖକଷ୍ଟ ମୋର ପରମ ମିତ୍ର, ଯାହାଦ୍ୱାରା ମୁଁ ଭଗବତ୍ ଶରଣ ହୋଇପାରିଲି ଏବଂ ଚିରଦିନ ସକାଶେ ମହାନ୍, ଘୋର ଯମଯାତନା ରୂପ ଭୟଙ୍କର ଜନ୍ମମରଣଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଚିର ଆନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ ହୋଇପାରିଲି ।’’

ରବିୟା ଭଗବାନଙ୍କ ଦୟା କରୁଣାକୁ ସ୍ମରଣ କରୁଥା’ନ୍ତି, ହୃଦୟରେ ଭଗବାନଙ୍କର ଦିବ୍ୟ ରୂପର ପ୍ରକାଶ ଥାଏ, ତାଙ୍କ ମନ ଅପାର୍ଥିବ ଦିବ୍ୟାନନ୍ଦକାନନରେ ବିଚରଣ କରୁଥାଏ । ସେ ଆନନ୍ଦବିଭୋର ହୋଇ କ୍ଷୁଧାତୃଷା ଭୁଲି ଚାଲିଥାଆନ୍ତି । କେତେଦୂର ଚାଲିଯିବା ପରେ ଗୋଟିଏ ଇଚ୍ଛାନୁରୂପ ଏକାନ୍ତ ସ୍ଥାନ ଦେଖି ସେହିଠାରେ ରହି ଭଗବାନଙ୍କୁ ନିର୍ଦ୍ୱନ୍ଦ୍ୱରେ ସ୍ମରଣ କରିବାରେ ନିମଗ୍ନା ରହିଲେ ।

ଏବେ ରବିୟା ସମସ୍ତ ଜଞ୍ଜାଳମୁକ୍ତ । ଭଗବତ୍ ସ୍ମରଣ ଛଡ଼ା ଆଉ ତାଙ୍କର କିଛି ନାହିଁ । ବହୁତ ଦିନର ଅଭିଳାଷ ଭଗବାନ୍ ପୂର୍ଣ୍ଣ କରିଛନ୍ତି । ସେ ଗୋଟିଏ ସ୍ଥାନରେ ରହି ଦିବାରାତ୍ରି ଭଗବାନଙ୍କୁ ସ୍ମରଣ କରୁଥାଆନ୍ତି । ତାଙ୍କର



ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ । ସେ ଅନୁଭବ କରୁଥିଲେ ଭଗବାନ୍ ବିଶ୍ୱମ୍ଭରଙ୍କୁ । ସେ ନିଜ ଉଦରପୂର୍ତ୍ତି ସକାଶେ କୌଣସି ପ୍ରଯତ୍ନ କରୁ ନ ଥିଲେ । ପ୍ରକୃତରେ ଯେ ଭଗବାନଙ୍କ ଉପରେ ନିର୍ଭରଶୀଳ ହୁଏ, ତା’ ଖବର ଭଗବାନ୍ ନ ବୁଝି ରହିପାରନ୍ତି ନାହିଁ । କିନ୍ତୁ ପ୍ରଥମେ ତାକୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ । ରବିୟା ନିଜ ନିଷ୍ଠାରେ ଅଟଳ ଥିଲେ । ପିନ୍ଧିବାକୁ ଲୁଗା ନ ଥାଏ, ଖାଇବାକୁ ଅନ୍ନ ନ ଥାଏ, ଖଣ୍ଡିଏ ଲୁଗାକୁ ସିଲେଇ କରି ପିନ୍ଧନ୍ତି, କେହି ଭୋଜନ ଦେଇଗଲେ ଖାଆନ୍ତି ।

ମନୁଷ୍ୟର ସଦ୍‌ଗୁଣ ବା ଦୁର୍ଗୁଣ ଲୁଚି ରହେ ନାହିଁ । ରବିୟାଙ୍କର ନିର୍ଲୋଭତା, ଅନାସକ୍ତି, ତ୍ୟାଗ, ଶାନ୍ତି, ଆନନ୍ଦାଦି ଦିବ୍ୟଗୁଣ ଦେଖି ଭକ୍ତ ଲୋକମାନେ ପ୍ରଭାବିତ ହେଲେ ।

ଦିନେ ରବିୟା ଖଣ୍ଡେ ଫଟା, ପୁରୁଣା, ସିଲାଇ ହୋଇଥିବା ଲୁଗା ପିନ୍ଧି ବସିଥିଲେ । ଜଣେ ଧନୀ ଲୋକ ତାଙ୍କୁ କହିଲା, ‘‘ହେ ତପସ୍ୱିନି, ତୁମ ପାଖରେ ଲୁଗା ନାହିଁ, ମୋତେ କହିଲେ ମୁଁ ତୁମର ଦରିଦ୍ରତା ଦୂର କରିଦେବି ।’’ ରବିୟା ଉତ୍ତର ଦେଲେ, ‘‘ସମସ୍ତ ଜଗତ୍ ମୋ ପ୍ରଭୁଙ୍କର । ତାଙ୍କୁ ଛାଡ଼ି ଅନ୍ୟକୁ ମୁଁ କାହିଁକି ମାଗିବି ? ମୋର ଦରକାର ହେଲେ ମୋ ପ୍ରଭୁଙ୍କଠାରୁ ମାଗି ନେବି ।’’

ରବିୟାଙ୍କ ଫୁଟା ଲୋଟା, ଫଟା ଚିଥଡ଼ା ଦେଖି ଜଣେ ଲୋକ କହିଲା, ‘‘ଦେବି, ମୋର ବହୁତ ଧନୀ ମିତ୍ର ଅଛନ୍ତି, ତୁମେ ଆଜ୍ଞା ଦେଲେ ତୁମ ସକାଶେ ସମସ୍ତ ଆବଶ୍ୟକ ବସ୍ତୁ ନେଇଆସିବି ।’’

ରବିୟା ଉତ୍ତର ଦେଲେ, ‘‘ତୁମେ ଭୁଲ୍ କରୁଛ, ଧନୀ ଲୋକ ମୋର ଅନ୍ନଦାତା ନୁହନ୍ତି, ଯେ ଯଥାର୍ଥରେ ଜୀବନଦାତା ସେ କ’ଣ ଦରିଦ୍ରତା କାରଣରୁ ଦରିଦ୍ରଙ୍କୁ ଭୁଲିଯାଆନ୍ତି ଏବଂ ଧନ କାରଣରୁ ଧନୀମାନଙ୍କୁ ମନେ ରଖନ୍ତି ?’’

ଦିନେ ରବିୟା ବିମର୍ଷ ହୋଇ ବସିଥିଲେ, ତାଙ୍କ ଦର୍ଶନକୁ ଆସିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ପଚାରିଲେ, ‘‘ଆଜି ତୁମେ ବିମର୍ଷ କାହିଁକି ?’’ ରବିୟା ଉତ୍ତର ଦେଲେ, ‘‘ଆଜି ସକାଳେ ମୋ ମନ ସ୍ୱର୍ଗ ଆଡ଼କୁ ଚାଲିଯାଇଥିଲା,

ସେହି ସକାଶେ ମୋର ଅନ୍ତରର ପରମ ମିତ୍ର ମୋତେ ଧମକ ଦେଇ ସଚେତ କରାଇ ଦେଲେ ।'' ରବିୟା ଈଶ୍ୱରଙ୍କୁ ସଖାରୂପେ ଭକ୍ତି କରୁଥିଲେ ।

ଥରେ ରବିୟା ଖୁବ୍ ଅସୁସ୍ଥା ଥିଲେ । ସୁଫିୟାନ୍ ନାମକ ଜଣେ ଅଧ୍ୟାତ୍ମ ସାଧକ ତାଙ୍କୁ ଦର୍ଶନ କରିବାକୁ ଆସିଥିଲେ । ରବିୟାଙ୍କୁ ଅସୁସ୍ଥ ଅବସ୍ଥାରେ ଦେଖି ସେ ବହୁତ ଦୁଃଖିତ ହେଲେ । କିନ୍ତୁ ସଙ୍କୋଚ ଯୋଗୁଁ ସେ କିଛି କହିଲେ ନାହିଁ । ରବିୟା ତାଙ୍କ ମନୋଭାବ ବୁଝିପାରି କହିଲେ, ''ତୁମେ ଯାହା କହିବାକୁ ଚାହୁଁଛ, କୁହ ।''

ସୁଫିୟାନ୍ କହିଲେ– ''ଦେବି, ତୁମେ ପ୍ରଭୁଙ୍କୁ ପ୍ରାର୍ଥନା କର, ପ୍ରଭୁ ତୁମର ବେମାର ଅବଶ୍ୟ ଦୂର କରିଦେବେ ।''

ରବିୟା ମନ୍ଦହାସ୍ୟରେ କହିଲେ– ''ସୁଫିୟାନ୍, ତୁମେ କ'ଣ ଜାଣ ନାହିଁ, ରୋଗ କାହା ଇଚ୍ଛାରେ ହୁଏ ? କ'ଣ ଏଥିରେ ମୋ ପ୍ରଭୁଙ୍କର ସମ୍ମତି ନାହିଁ ?''

ସୁଫିୟାନ୍– ହଁ, ତାଙ୍କ ସମ୍ମତି ବିନା କ'ଣ ହେବ ?

ରବିୟା– ଯଦି ମୋ ପ୍ରଭୁଙ୍କର ସମ୍ମତି ଏଥିରେ ଅଛି, ତେବେ ପ୍ରଭୁଙ୍କ ଇଚ୍ଛାବିରୋଧରେ ରୋଗନିବୃତ୍ତି ସକାଶେ ତାଙ୍କୁ ପ୍ରାର୍ଥନା କରିବି କାହିଁକି ? ଯାହାଙ୍କର ପ୍ରତ୍ୟେକ ବିଧାନ ଆଶ୍ରିତର କଲ୍ୟାଣ ସକାଶେ ଏବଂ ସେଥିରେ ତାଙ୍କର ପ୍ରେମ ଓତପ୍ରୋତ ଥାଏ, ଏହାର ବିପରୀତ ଆଚରଣ କରିବା କ'ଣ ଉଚିତ ?

ସୁଫିୟାନ୍– ତୁମେ କୌଣସି ଜିନିଷ ଖାଇବାକୁ ଇଚ୍ଛା କରୁଛ କି ?

ରବିୟା– ତୁମେ ଜାଣ, ମୁଁ ଖଜୁରିକୁ ବହୁତ ଭଲପାଏ, କିନ୍ତୁ ଦଶ ବର୍ଷ ହେଲା ଏଠାରେ ରହିଛି, ଖଜୁରି ଏଠାରେ ପ୍ରଚୁର, କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ଖଜୁରି ମୁଖରେ ଦେଇ ନାହିଁ । ମୁଁ ସେହି ପ୍ରଭୁଙ୍କର ସେବିକା, ସେବିକାର ସ୍ୱତନ୍ତ୍ର ଇଚ୍ଛା କିପରି ? ମୋ ପ୍ରଭୁଙ୍କ ଇଚ୍ଛାର ବିରୁଦ୍ଧ ସମସ୍ତପ୍ରକାର ଇଚ୍ଛା ସର୍ବଥା ତ୍ୟାଜ୍ୟ ।



ଥରେ ସନ୍ଥ ହୁସୈନବସରି ରବିୟାଙ୍କୁ ପଚାରିଲେ– ''କ'ଣ ତୁମେ ବିବାହ କରିବାକୁ ଚାହୁଁଛ ?''

ରବିୟା ଉତ୍ତର ଦେଲେ– ''ବିବାହ ଶରୀରରେ ହୁଏ, ମନ ସେଥିରେ ସମ୍ମତି ଦିଏ, ମନ ସହିତ ଏହି ଶରୀରକୁ ମୁଁ ଭଗବାନଙ୍କ ଚରଣରେ ସମର୍ପଣ କରିସାରିଛି, ଏହି ଶରୀର ମୋ ପ୍ରଭୁଙ୍କ ସେବା ସକାଶେ ନିଯୁକ୍ତ ହୋଇସାରିଛି । ପ୍ରଭୁଙ୍କ ବସ୍ତୁ ଅନ୍ୟକୁ ଦେବାର ପ୍ରଶ୍ନ ଉଠିପାରେ ନାହିଁ ।''

ରବିୟା ପୂର୍ଣ୍ଣରୂପେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିସାରିଥିଲେ । ତାଙ୍କର ନିଜର ବୋଲି କିଛି ନ ଥିଲା । ନିଜର ଧାରଣା କରେ 'ଅହଂ'; 'ଅହଂ' ସମର୍ପିତ ହେଲେ ଯଥାର୍ଥରେ ନିଜର କିଛି ରହେ ନାହିଁ ।

ଆଉ ଥରେ ସନ୍ଥ ହୁସୈନବସରି ପଚାରିଲେ– ''ଦେବି, ତୁମେ ଏପରି ଉଚ୍ଚ ସ୍ଥିତିକୁ କିପରି ପ୍ରାପ୍ତ ହେଲ ?''

ରବିୟା– ମୋର ବୋଲି ଯାହାକିଛି ଥିଲା ତାହାସବୁ ଦେଇ ଏପରି ସ୍ଥିତିକୁ ପାଇଅଛି ।

ହୁସୈନ– ତୁମେ ଯେଉଁ ପ୍ରଭୁଙ୍କୁ ଭକ୍ତି କର, କ'ଣ କେବେ ତାଙ୍କୁ ଦେଖିଛ ?

ରବିୟା– ଦେଖି ନ ଥିଲେ ପୂଜା କରନ୍ତି କିପରି ? କିନ୍ତୁ ମୋ ପ୍ରଭୁଙ୍କ ସ୍ୱରୂପ ବର୍ଣ୍ଣନା କରିବାକୁ ବାଣୀ ସର୍ବଥା ଅସମର୍ଥ ।

ହୁସୈନ– ମୋ ମନ ଏକ ମୁହୂର୍ତ୍ତ ପ୍ରଭୁଙ୍କ ସ୍ମରଣ ଛାଡ଼ି ମୁକ୍ତି ଆଡ଼କୁ ଗଲେ ମୁଁ ଏପରି ବିଳାପ କରିବି ଯେ ଦେବତାଙ୍କ ହୃଦୟ ମଧ୍ୟ ଦୟାରେ ତରଳିଯିବ ।

ରବିୟା– ଏହା ବହୁତ ସୁନ୍ଦର ଭାବ । କିନ୍ତୁ ଏହା ହେବ କାହିଁକି ?

ରବିୟା ସମସ୍ତଙ୍କୁ ଭଲପାଆନ୍ତି, ପାପୀ ଉପରେ ମଧ୍ୟ ତାଙ୍କର ଦୟା ଭାବ ଥାଏ । ଦିନେ ଜଣେ ରବିୟାଙ୍କୁ ପଚାରିଲେ– ''ତୁମେ ସମସ୍ତଙ୍କୁ ଭଲପାଅ, କିନ୍ତୁ ପାପରୂପ ରାକ୍ଷସକୁ ଶତ୍ରୁ ମନେକରୁଥିବ ତ ?''

ରବିୟା କହିଲେ– ''ଈଶ୍ୱରପ୍ରେମରେ ମଗ୍ନ ରହିବାରୁ କାହା ସହିତ ଶତ୍ରୁତା କରିବାକୁ ହୋଇ ନାହିଁ । କିଂବା କାହା ସହିତ ଯୁଦ୍ଧ-ବିବାଦ କରିବାକୁ ହୋଇ ନାହିଁ । ଭଗବତ୍ କୃପାରୁ ମୋର କେହି ଶତ୍ରୁ ନାହାନ୍ତି ।''

ରବିୟାଙ୍କ ପାଖକୁ ବହୁତ ବ୍ୟକ୍ତି ଆସନ୍ତି । ଦିନେ ସେ ଜଣକୁ ପଚାରିଲେ– ''ତୁମେ ଈଶ୍ୱରଙ୍କୁ ଭକ୍ତି କରୁଛ କାହିଁକି ?'' ସେ ବ୍ୟକ୍ତି ଉତ୍ତର ଦେଲେ– ''ନରକର ଭୟାନକ ପୀଡ଼ାରୁ ମୁକ୍ତ ହେବା ସକାଶେ ।'' ଅନ୍ୟ ଜଣେ କହିଲେ– ''ସ୍ୱର୍ଗ ଅତ୍ୟନ୍ତ ରମଣୀୟ ସ୍ଥାନ, ସେଠାରେ ବହୁପ୍ରକାରର ଭୋଗ ତଥା ଅସୀମ ସୁଖ, ସେହି ସୁଖପ୍ରାପ୍ତି ସକାଶେ ମୁଁ ଭଗବାନଙ୍କୁ ଭକ୍ତି କରୁଅଛି ।''

ରବିୟା କହିଲେ– ''ହେ ଅବୋଧ, ଭକ୍ତ ଭଗବାନଙ୍କୁ ଭୟ ବା ଲୋଭ ସକାଶେ ଭକ୍ତି କରେ ନାହିଁ; ଯଦ୍ୟପି ଭକ୍ତି ନ କରିବାଠାରୁ ଏହା ଉତ୍ତମ । କିନ୍ତୁ ସ୍ୱର୍ଗ ବା ନରକ ଯଦି ନ ଥା'ନ୍ତା, ତୁମ୍ଭେମାନେ ଭଗବାନଙ୍କୁ ଭକ୍ତି କରୁ ନ ଥା'ନ୍ତ । ଭଗବାନଙ୍କର ସଦ୍‌ଭକ୍ତ ଲୋକ ପରଲୋକ କାମନାରେ ଭଗବାନଙ୍କୁ ଭକ୍ତି କରନ୍ତି ନାହିଁ; ତା' ହୁଏ ଅହୈତୁକ ।''

ଏହାହିଁ ଆଦର୍ଶ ଭକ୍ତି ।

ଥରେ ଜଣେ ଧନୀ ବ୍ୟକ୍ତି ଟଙ୍କାଥଳି ନେଇ ହୁସୈନବସରିଙ୍କ ସହିତ ରବିୟାଙ୍କ ପାଖକୁ ଗଲେ ଏବଂ ଟଙ୍କା ଗ୍ରହଣ କରିବା ସକାଶେ ପ୍ରାର୍ଥନା କଲେ ।

ରବିୟା କହିଲେ– ''ଏହି ସଂସାରରେ ଭଗବାନଙ୍କୁ ଯେ କେହି ନିନ୍ଦା କରନ୍ତି ତାଙ୍କ ଉପରେ ସେ ନାରାଜ ହୋଇ ତାଙ୍କ ଭୋଜନ ବନ୍ଦ କରନ୍ତି ନାହିଁ, ଫେର୍ ପରମ ଉଦାର ପ୍ରଭୁ ନିଜ ଆଶ୍ରିତ ପାଇଁ କୃପଣ ହେବେ କାହିଁକି ? ମୁଁ ଯେଉଁଦିନଠାରୁ ତାଙ୍କର ଏହି ମହତ୍ତ୍ୱ ବୁଝିପାରିଲି ସେହି ଦିନଠାରୁ ମୋର କୌଣସି ବସ୍ତୁ ପ୍ରାପ୍ତ ହେବାର ବାସନା ଦୂର ହେଲା । ଏହି ଧନ ନେଇ ମୁଁ କ'ଣ କରିବି ?''

ରବିୟା କେବେ କେବେ ବଡ଼ ଜୋର୍‌ରେ ବ୍ୟାକୁଳ ସ୍ୱରରେ ପ୍ରଭୁଙ୍କୁ



ଡାକନ୍ତି । ଲୋକେ ତାଙ୍କୁ ପଚାରନ୍ତି, ''କ'ଣ ତୁମର କୌଣସି ରୋଗ ହୋଇଛି ?''

ରବିୟା କହନ୍ତି– ''ମୋର କୌଣସି ବାହାରି ବେମାରି ନାହିଁ, ଯାହାକୁ ବୈଦ୍ୟ ଭଲ କରି ପାରିବେ । ମୋର ବେମାରି ଭିତରର, ସେ ବେମାରି ଭଲ ହେବ ସେହି ମନୋମୋହନଙ୍କୁ ଦେଖିଲେ ।''

ରବିୟାଙ୍କ ମନ ସଦାସର୍ବଦା ଭଗବାନଙ୍କ ଚରଣାରବିନ୍ଦମକରନ୍ଦରେ ଚଞ୍ଚରିକ ହୋଇ ବିଚରଣ କରୁଥିଲା । ସେ ଦିନରାତି ଭଗବତ୍ ସ୍ମରଣରେ ମଗ୍ନ ରହୁଥିଲେ । ରବିୟାଙ୍କର ଗୋଟିଏ ଅତି ସୁନ୍ଦର ପ୍ରାର୍ଥନା ଏହିପରି :

''ହେ ସ୍ୱାମିନ୍ ! ତୁ ମୋର ସର୍ବସ୍ୱ, ମୁଁ ତୋ ଛଡ଼ା ଆଉ କିଛି ଜାଣେ ନାହିଁ । ପ୍ରଭୁ ! ଯଦି ନରକ ଭୟରେ ମୁଁ ତୋତେ ପୂଜା କରୁଥାଏ, ତେବେ ତୁ ମୋତେ ନରକାଗ୍ନିରେ ଭସ୍ମ କରିଦେ । ଯଦି ସ୍ୱର୍ଗପ୍ରାପ୍ତି ଲୋଭରେ ମୁଁ ତୋ ସେବା କରୁଥାଏ, ତେବେ ମୋ ସକାଶେ ଚିରକାଳ ପାଇଁ ସ୍ୱର୍ଗଦ୍ୱାର ରୁଦ୍ଧ କରିଦେ । ଯଦି କେବଳ ତୋ ସକାଶେ ତୋତେ ପୂଜା କରୁଥାଏ, ହେ ନାଥ, ମୋତେ ତୁ ଦର୍ଶନ ଦେଇ କୃତାର୍ଥ କର ।''

ରବିୟା ଶେଷ ଜୀବନରେ ଖୁବ୍ ଉଚ୍ଚ ସ୍ଥିତି ଲାଭ କରିଥିଲେ । ସେ ସବୁ ସ୍ଥାନରେ, ସବୁ ଅବସ୍ଥାରେ, ସବୁ ସମୟରେ ଭଗବାନଙ୍କର ମନୋହର ସ୍ୱରୂପ ଦର୍ଶନାନନ୍ଦରେ ନିମଗ୍ନା ରହୁଥିଲେ । ଦିନେ ରାତ୍ରିରେ ଯେତେବେଳେ ଚନ୍ଦ୍ରାଲୋକ ପ୍ରକାଶିତ ହୋଇଥିଲା, ରବିୟା ନିଜ କୁଟୀର ମଧ୍ୟରେ କୌଣସି ଦିବ୍ୟ ସୃଷ୍ଟିର ଶୋଭାରେ ନିମଗ୍ନା ଥିଲେ । ସେହି ସମୟରେ ଜଣେ ପରିଚିତା ସ୍ତ୍ରୀ ଆସି ଧ୍ୟାନମଗ୍ନା ରବିୟାଙ୍କୁ ଡାକିଲେ, ''ରବିୟା, ବାହାରି ଆସି ଦେଖ, କିପରି ସୁନ୍ଦର ଚନ୍ଦ୍ରକିରଣର ଶୋଭା !''

ସେତେବେଳେ ରବିୟାଙ୍କ ହୃଦୟରେ ଯେଉଁ ସୌନ୍ଦର୍ଯ୍ୟର ସାଗର କଲ୍ଲୋଳିତ ହେଉଥିଲା, ତାହାରି ଏକ ବିନ୍ଦୁ ସୌନ୍ଦର୍ଯ୍ୟ ସହିତ ସଂସାରର ସମସ୍ତ ସୌନ୍ଦର୍ଯ୍ୟର ତୁଳନା ହୋଇପାରୁ ନ ଥିଲା ।

ରବିୟା ଉତ୍ତର ଦେଲେ– ''ତୁ ଥରେ ମୋ ହୃଦୟରେ ପ୍ରବେଶ କରି ଦେଖିଲେ ବୁଝିପାରିବୁ, ମୁଁ ଯେଉଁ ସୌନ୍ଦର୍ଯ୍ୟ ଦେଖୁଛି, ତାହା ତୁଳନାରେ ଏହା ନିରର୍ଥକ ।'' ଅର୍ଥାତ୍, ରବିୟାଙ୍କ ହୃଦୟରେ ଯେଉଁ ଶୋଭାରାଶି ପ୍ରକାଶିତ ହୋଇଥିଲା ତାହା ତୁଳନାରେ ଏହି ଚନ୍ଦ୍ରକିରଣର ଶୋଭା ତୁଚ୍ଛମାତ୍ର ।

ରବିୟା ଶେଷ ଜୀବନ ପର୍ଯ୍ୟନ୍ତ ଭଗବାନଙ୍କ ସ୍ମରଣରେ ନିମଗ୍ନ ରହି ହିଜରୀ ସନ ୧୩୫ ରେ ନଶ୍ୱର ଶରୀର ତ୍ୟାଗ କରି ଭଗବାନଙ୍କ ଶାଶ୍ୱତ ସେବା ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

('ମହିଳା-ରତ୍ନ' ଆଧାରରେ ଲିଖିତ)

# ପରମଭକ୍ତା ଶବରୀ

ତ୍ରେତା ଯୁଗର ଘଟଣା । ଶବରୀ ନାମରେ ଗୋଟିଏ ଭିଲ୍ଲ ଜାତିର କନ୍ୟା ଅରଣ୍ୟରେ ପ୍ରସିଦ୍ଧ ତପୋନିଷ୍ଠ ମତଙ୍ଗ ଋଷିଙ୍କ ଆଶ୍ରମରେ ନିବାସ କରୁଥିଲେ । ଶ୍ରୀରାମଙ୍କ ବନବାସ ସମୟରେ ରାବଣ ଦ୍ୱାରା ହରଣ ହୋଇଥିବା ସୀତାଙ୍କୁ ଖୋଜିବା ସମୟରେ ମହାନ୍ ତପସ୍ୱୀ ମୁନିମାନଙ୍କ କୁଟୀରକୁ ନ ଯାଇ ରାସ୍ତା ପଚାରି ଶବରୀ କୁଟୀରରେ ଶ୍ରୀରାମ ପହଞ୍ଚିଥିଲେ । ଏବଂ ଶବରୀର ପ୍ରେମଭକ୍ତିଯୁକ୍ତ ଅର୍ପିତ ଫଳମୂଳରେ ଏପରି ସ୍ୱାଦ ଅନୁଭବ କରିଥିଲେ ଯେ ମାତା କୌଶଲ୍ୟା, ଶାଶୂ ସୁନୟନାଙ୍କ ଗୃହରେ ଭୋଜନ କରିବା ସମୟରେ ଶବରୀ ଫଳର ସ୍ୱାଦ ପ୍ରଶଂସା କରିଥିଲେ ।

ଭଗବାନଙ୍କୁ ଭକ୍ତି ଅତ୍ୟନ୍ତ ପ୍ରିୟ । ଯେ ଭଗବାନଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରି ଭକ୍ତି କରେ, ଭଗବାନ୍ ତା' ପ୍ରେମରେ ନିଜ ଐଶ୍ୱର୍ଯ୍ୟ ଭୁଲିଯା'ନ୍ତି । ଅଶେଷ ବ୍ରହ୍ମାଣ୍ଡନାୟକ ଭଗବାନ୍, ଯାହାଙ୍କ ଇଙ୍ଗିତମାତ୍ରେ ତାଙ୍କ ଶକ୍ତି କ୍ଷଣକରେ କୋଟି କୋଟି ବ୍ରହ୍ମାଣ୍ଡ ସୃଜନ, ସଂହାର କରିପାରେ, ସେହି ଭଗବାନ୍ ଭକ୍ତକୁ ସୁଖ ଦେବା ସକାଶେ ତା' ମନ ଯୋଗାଉଥା'ନ୍ତି । ଛାୟା ସଦୃଶ ତା' ସଙ୍ଗେ ରହି ତାକୁ ସମସ୍ତପ୍ରକାର ଦୁଃଖକଷ୍ଟ, ବିପଦ-ଆପଦରୁ ରକ୍ଷା କରୁଥା'ନ୍ତି । ସେ ଭକ୍ତର ଦୋଷ, ଗୁଣ, ବିଦ୍ୟା, ବୁଦ୍ଧି, କୁଳ, ଗୋତ୍ର ଦେଖନ୍ତି ନାହିଁ । ଦେଖନ୍ତି କେବଳ ଆନ୍ତରିକ ଶୁଦ୍ଧ ଭକ୍ତି । ଭକ୍ତିବିହୀନ ବ୍ରତ, ଉପବାସ, ଦାନ, ତପଜପ, ଯାଗଯଜ୍ଞ, କର୍ମକାଣ୍ଡରେ ସେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଏହିସବୁ ଗୁଣହୀନ, ସଦାଚାରବିହୀନ, ଜାତିଗୋତ୍ରରୁ ପତିତ, ଲୋକଦୃଷ୍ଟିରେ ଅତ୍ୟନ୍ତ ନୀଚ, ଅନ୍ତ୍ୟଜର ଭକ୍ତିଯୁକ୍ତ ହୃଦୟମନ୍ଦିରରେ ସେ ଦିବାନିଶି ସର୍ବଦା ନିବାସ କରନ୍ତି । ଭକ୍ତ-ହୃଦୟ ଛଡ଼ା ତାଙ୍କୁ ବୈକୁଣ୍ଠ ଏବଂ ଭକ୍ତିବିହୀନ ଯୋଗୀ-ହୃଦୟ ପସନ୍ଦ ହୁଏ ନାହିଁ । ସେ ସ୍ୱୟଂ କହିଛନ୍ତି :

''ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ,
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।''

ଭଗବାନଙ୍କର ଏହି ବାକ୍ୟ ଯେଉଁ ଅସଂଖ୍ୟ ଭକ୍ତଙ୍କ ଜୀବନରେ ଚରିତାର୍ଥ ହୋଇଛି, ସେମାନଙ୍କ ମଧ୍ୟରେ ଶବରୀ ହେଉଛନ୍ତି ଜଣେ । ସେହି ପରମଭକ୍ତା ଶବରୀଙ୍କ ଉପାଖ୍ୟାନ ବା ଚରିତ ତାଙ୍କ ସାଧନା ସମୟରୁ ଶରୀରତ୍ୟାଗ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଛି ବାଲ୍ମୀକି ରାମାୟଣ ତଥା ଗୋସ୍ୱାମୀ ତୁଳସୀଦାସଙ୍କ ରାମଚରିତ ମାନସରେ । ସେହି ଚରିତ ନାଭାଜିଙ୍କ ଭକ୍ତମାଳରେ ମଧ୍ୟ ବର୍ଣ୍ଣିତ ହୋଇଛି । କୌଣସି ମୂଳ ଗ୍ରନ୍ଥରେ ଶବରୀଙ୍କ ଜନ୍ମ ଏବଂ ବାଲ୍ୟାବସ୍ଥାର ଚରିତ ଆଲୋଚିତ ହୋଇ ନାହିଁ; ହୋଇଛି ଭକ୍ତମାଳର ଟୀକାରେ । ସେହି ଭକ୍ତମାଳର ଟୀକା ଆଧାରରେ ଶବରୀଙ୍କ ବାଲ୍ୟଚରିତ ଏବଂ ରାମାୟଣ ତଥା ଭକ୍ତମାଳ ଆଧାରରେ ତାଙ୍କର ଭକ୍ତିଯୁକ୍ତ ଜୀବନଚରିତ ଏଠାରେ ଆଲୋଚନା କରିବା ।

## ବାଲ୍ୟାବସ୍ଥା

ତ୍ରେତା ଯୁଗରେ ଶବରୀ ଗୋଟିଏ ଜଙ୍ଗଲନିବାସୀ ଶବର ସରଦାରର କନ୍ୟା ଥିଲେ । ସେ ସମୟରେ ଜଙ୍ଗଲରେ ନିବାସ କରୁଥିବା କୋହ୍ଲ, ଭିଲ୍ଲମାନଙ୍କର ଶରୀର-ଆକୃତି ଥିଲା ମନୁଷ୍ୟର; କର୍ମ, ରହଣି, ଚଳଣି ଥିଲା ପଶୁର । ସେମାନେ ଜଙ୍ଗଲରେ ରହୁଥିଲେ, ପଶୁ ସଦୃଶ ଫଳମୂଳ, ପଶୁପକ୍ଷୀଙ୍କ ମାଂସରେ ଉଦର ପୂର୍ଣ୍ଣ କରୁଥିଲେ । ଲେଖାପଢ଼ା, ଶାସ୍ତ୍ରପୁରାଣ, ଧର୍ମନୀତିଠାରୁ ସେମାନେ ବହୁ ଦୂରରେ ଥିଲେ । ଭଗବାନଙ୍କ ବିଧାନ ବିଚିତ୍ର । କାଇଞ୍ଚ ବିକ୍ରେତାକୁ ମୁକ୍ତା ପ୍ରାପ୍ତ ହେବା ସଦୃଶ ଭିଲ୍ଲ ସରଦାରର ଘରେ ଶବରୀ ଜନ୍ମଗ୍ରହଣ କଲେ । ତାଙ୍କ ପିତାମାତାଙ୍କ ସ୍ୱଭାବ, ସମାଜର ପ୍ରଭାବ ଥିଲା ପଶୁ ସଦୃଶ, ତଥାପି ଶବରୀଙ୍କର ପୂର୍ବଜନ୍ମର ସଂସ୍କାର ଥିଲା ଉତ୍ତମ, ତାଙ୍କ ଅନ୍ତରାତ୍ମା ଜାଗ୍ରତ୍



ହୋଇଥିଲା ବାଲ୍ୟାବସ୍ଥାରୁ । ତାଙ୍କୁ ବାଲ୍ୟକାଳରୁ ତାଙ୍କ ସମାଜର ପିଲାଙ୍କ ସହିତ ଖେଳିବାକୁ ଭଲ ଲାଗୁ ନ ଥିଲା । ସେ ଏକା ଚୁପ୍‌ଚାପ୍ ନୀରବରେ ବସିରହିବାକୁ ପସନ୍ଦ କରୁଥିଲେ । ଅଳ୍ପ ବଡ଼ ହେବା ପରେ ପିତାମାତାଙ୍କ ସଙ୍ଗେ ଅରଣ୍ୟରେ କାଠ, ଫଳମୂଳ ସଂଗ୍ରହ କରିବା ସମୟରେ ମୁନିଋଷିଙ୍କ ଦର୍ଶନରେ ତାଙ୍କୁ ବିଶେଷ ଆନନ୍ଦ ଅନୁଭବ ହେଉଥିଲା । ସେ ଦୂରରୁ ପ୍ରଣାମ କରି କୃତକୃତ୍ୟ ହେଉଥିଲେ ।

କ୍ରମଶଃ ତାଙ୍କୁ ଯୌବନ ପ୍ରାପ୍ତ ହେଲା । ପିତାମାତା ବିବାହ ଦେବା ସକାଶେ ଦିନ ନିର୍ଦ୍ଧାରିତ କଲେ । ବହୁ ବନ୍ୟ ପଶୁପକ୍ଷୀ ଜୀବିତ ଅବସ୍ଥାରେ ଧରିଆଣି ବନ୍ଦି କରି ରଖିଲେ । ଶବରୀର ବିବାହ ଦିନ ସେସବୁ ବଧ ହେବେ, ସେମାନଙ୍କ ମାଂସ ବିବାହରେ ଆସିଥିବା ବନ୍ଧୁବାନ୍ଧବଙ୍କ ଭୋଜନରେ ଲାଗିବ । ଏକଥା ଜାଣି ଶବରୀଙ୍କୁ ବହୁତ ଦୁଃଖ ହେଲା । ସେ ମନେ ମନେ ଅତ୍ୟନ୍ତ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କଲେ : ''ହେ ନାଥ, ଦୟାକର । ମୋତେ ନୀଚ, ଅଧମ, ଅଜ୍ଞାନ, ଅସ୍ପୃଶ୍ୟ, ଅନ୍ତ୍ୟଜ ଜାଣି ଘୃଣା କରି ତ୍ୟାଗ କର ନାହିଁ । ମୋତେ ଏହି ଦାନବିକ ବନ୍ଧନରୁ ମୁକ୍ତ କର । ମୁଁ ପତିତା ହୋଇଥିବାରୁ ତୁମ ଭକ୍ତଙ୍କ ସମୀପରେ ରହିବାର ଯୋଗ୍ୟା ନୁହେଁ । ଦୂରରେ ରହି ସେମାନଙ୍କର ଦର୍ଶନ କରିବି, ତୁମ ନାମ ସ୍ମରଣ କରି ନିଜକୁ ତୁମ ଚରଣରେ ସମର୍ପଣ କରିଦେବି । ହେ ନାଥ, ଏତିକି ଦୟା କର ।'' ଏହିପରି ଅନ୍ତରର ଗଭୀରତମ ପ୍ରଦେଶରୁ ଯେଉଁ ପ୍ରାର୍ଥନା ଉଠୁଥିଲା, ଶବରୀ ନିଜ ଭାଷାରେ ତାହାହିଁ କହୁ କହୁ ଆନ୍ତର ଚେତନାରେ ବୁଡିଗଲେ । ଅନ୍ତରରୁ ନିର୍ଦ୍ଦେଶ ହେଲା, ''ଶବରି, ତୁ ଭୟ କର ନାହିଁ, ତୋ ସକାଶେ ଏହା ଦେବମୁହୂର୍ତ୍ତ, ତୁ ବର୍ତ୍ତମାନ ଏଠାରୁ ଚାଲିଯା ।'' ଅନ୍ତରର ନିର୍ଦ୍ଦେଶ ଶୁଣିବାମାତ୍ରେ ଶବରୀ ସଜାଗ ହୋଇଗଲେ । ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ସେଠାରୁ ଚାଲିଯିବା ଲାଗି ନିଶ୍ଚିତ କଲେ । ବନ୍ଦୀ ହୋଇଥିବା ସବୁ ପଶୁପକ୍ଷୀଙ୍କୁ ମୁକ୍ତ କରିଦେଲେ । ଅର୍ଦ୍ଧରାତ୍ରି ସମୟ, ଘୋର ଜଙ୍ଗଲ, ହିଂସ୍ରଜନ୍ତୁରେ ପୂର୍ଣ୍ଣ । କିନ୍ତୁ ଶବରୀ ସେହି ସମୟରେ

ଚେତନାର ଅନ୍ୟ ରାଜ୍ୟରେ । ସେଠାରେ ଭୟ, ତ୍ରାସ, ସନ୍ଦେହର ପ୍ରବେଶ ନ ଥାଏ । ସେ ସେହି ଜଙ୍ଗଲ ମାର୍ଗରେ ଘୋର ନିଃଶବ୍ଦ ରାତ୍ରିରେ ଯାତ୍ରା କଲେ । ଯେଉଁଠାରେ ଦିନ ହେଉଥିଲା ସେଠାରେ ଜଙ୍ଗଲର ଫଳମୂଳ ଭୋଜନ କରୁଥିଲେ, ଜଳ ମିଳିଲେ ପାନ କରୁଥିଲେ, ରାତ୍ରିରେ ଜଙ୍ଗଲରେ କୌଣସି ଗଛମୂଳରେ ଶୋଇଯାଉଥିଲେ । ଏହିପରି ଘୋର ଜଙ୍ଗଲରେ କେତେକ ଦିନ ଭ୍ରମଣ କଲା ପରେ ପହଞ୍ଚିଲେ କିଷ୍କିନ୍ଧାରଣ୍ୟର ପମ୍ପା ସରୋବର ପାଖରେ । ସେସମୟରେ ସେଠାରେ ମତଙ୍ଗ ତଥା ଅନ୍ୟାନ୍ୟ ବହୁ ମୁନିଋଷି ନିବାସ କରୁଥିଲେ । ତପଃ, ଜପ, ହୋମ, ଯଜ୍ଞ, ବେଦପାଠ ତଥା ଭଗବତ୍ ଭକ୍ତି ପ୍ରଭାବରେ ସେ ସ୍ଥାନର ବାତାବରଣ ଅତ୍ୟନ୍ତ ପବିତ୍ର ଥିଲା । ଶବରୀ ସେଠାରେ ପହଞ୍ଚି ଅତ୍ୟନ୍ତ ଖୁସି ହେଲେ । ସେ କୋଟିନିଧି ପାଇବା ସଦୃଶ ବିଶେଷ ଆନନ୍ଦ ଅନୁଭବ କଲେ । ସେହିଠାରେ ରହି ଦୂରରୁ ମୁନିଋଷିମାନଙ୍କୁ ଦର୍ଶନ କରିବା ନିଶ୍ଚୟ କଲେ । ମୁନିଋଷିମାନେ ଯେଉଁଠାରେ ରହନ୍ତି ସେଠାରୁ କିଛିଦୂର ଜଙ୍ଗଲରେ ପର୍ଣ୍ଣକୁଟୀ ତିଆରି କରି ରହିବାକୁ ଆରମ୍ଭ କଲେ ।

ତାଙ୍କର ମୁନିଋଷିଙ୍କ ଚରଣରେ ଭକ୍ତି ଥିଲା । ସେ କିଛି ସେବା କରିବାକୁ ଚାହୁଁଥିଲେ, କିନ୍ତୁ ନୀଚ ଜାତି ହୋଇଥିବାରୁ ତାହା କରିପାରୁ ନ ଥିଲେ । କିଷ୍କିନ୍ଧାର ଜଙ୍ଗଲ ଅଞ୍ଚଳରେ ଗୋଖୁର କଣ୍ଟା ହୁଏ, ଆଉ ଗୋଟିଏ ପ୍ରକାର ଘାସ ଅଛି, ସେଥିରେ ମଧ୍ୟ କଣ୍ଟା ହୁଏ । ସେହି କଣ୍ଟାସବୁ ଟିକିଏ ପବନ ହେଲେ ରାସ୍ତାରେ ଆସି ପଡ଼ନ୍ତି । ଆଜିକାଲି ମଧ୍ୟ ସେହି ଅଞ୍ଚଳରେ ଖାଲି ଗୋଡ଼ରେ ଚାଲିବା ସମ୍ଭବ ନୁହେଁ ।

ନାଭାଜିଙ୍କ ଭକ୍ତମାଳ ଉପରେ ପ୍ରିୟାଦାସଙ୍କ ଟୀକା :

''ବନମେ ରହତି ନାମ 'ଶବରୀ'
କହତ, ଚାହତ ଟହଲ ସାଧୁ,
ତନୁ ନ୍ୟୂନତାଇ ହୈ ।



ରଜନୀ କେ ଶେଷ, ଋଷି ଆଶ୍ରମ ପ୍ରବେଶ କରି
ଲକରୀନ ବୋଝ
ଧରି ଆବ, ମନ ଭାଇ ହୈ ॥
ନ୍ହାଇବେ କୋ ମଗ ଝାରି,
କାଁକରନି ବୀନି ଡାରି, ବେଗି ଉଠ ଜାୟ,
ନୈକୁ ଦେତ ନ ଲଖାଇ ହୈ ।
ଉଠତ ସବାରେ କହୈ କୌନ ଧୌଂ
ବୁହରି ଗୟୌ ଭୟୌ ହିଏ ସୋଚ
କୋଉ ବଡ଼ୋ ସୁଖ-ଦାଇ ହୈ ॥''

''ଶବରୀ ଜଙ୍ଗଲରେ ବାସ କରୁଥିଲେ । ମୁନିଋଷିଙ୍କୁ ସେବା କରିବା ତାଙ୍କର ସ୍ୱାଭାବିକ ପ୍ରବୃତ୍ତି ଥିଲା । ସେ ନୀଚ ଜାତି ହୋଇଥିବାରୁ ମୁନିଋଷିଙ୍କ ସେବା ଦୂରେ ଥାଉ ସେମାନଙ୍କ ସମ୍ମୁଖକୁ ଆସୁ ନ ଥିଲେ । କୁଟିର ବାହାରେ ସେ କାଠବିଡ଼ା ରଖିଦିଅନ୍ତି । ସେମାନେ ସ୍ନାନକୁ ଯିବା ରାସ୍ତାକୁ ପହଁରି କଣ୍ଟା ପଥର ସଫା କରିଦିଅନ୍ତି । ସେ ଏପରି ସମୟରେ ସେହି କାମ କରନ୍ତି ଯେ ତାଙ୍କୁ କେହି ଦେଖିପାରନ୍ତି ନାହିଁ । ଜଣେ ଅନ୍ୟ ଜଣଙ୍କୁ ପଚାରନ୍ତି, 'ଏ କାର୍ଯ୍ୟ କିଏ କରି ଯାଉଛି ?' 'ଏହା କୌଣସି ବଡ଼ ଭକ୍ତର କାମ'– ମତଙ୍ଗ ଋଷି ଉତ୍ତର ଦେଲେ ।''

ଏହିପରି ସେବାରେ ମତଙ୍ଗ ଋଷି ଅତ୍ୟନ୍ତ ଆନନ୍ଦିତ ହୋଇ କୌତୂହଳରେ ଶିଷ୍ୟମାନଙ୍କୁ କହିଲେ, ''ତୁମେମାନେ ସଜାଗ ହୋଇ ଚୋରିରେ ସେବା କରୁଥିବା ସରସହୃଦୟ ଭକ୍ତକୁ ଧର ।'' କେତେଜଣ ଶିଷ୍ୟ ରାତ୍ରିରେ ଅନିଦ୍ରା ହୋଇ ଲୁଚି ପହରା ଦେଉଥିଲେ । ଶବରୀ କାଠ ବୋଝଟି ଆସ୍ତେ ରଖିବା ସମୟରେ ଶିଷ୍ୟମାନେ ତାଙ୍କ ପାଖକୁ ଚାଲିଯାଇ ତାଙ୍କ ଚାରିପାଖରେ ଘେରିଗଲେ ଯେପରି ସେ ପଳାଇ ଯାଇ ନ ପାରନ୍ତି । ଚୋର ଧରିଥିବା ଖବର

ଶିଷ୍ୟମାନେ ସଙ୍ଗେ ସଙ୍ଗେ ଗୁରୁଙ୍କୁ ଜଣାଇଦେଲେ । ମତଙ୍ଗ ଋଷି ଖବର ପାଇବା ସଙ୍ଗେ ସଙ୍ଗେ ଶବରୀ ପାଖକୁ ଆସି ତାଙ୍କୁ ଦେଖି ବିଶେଷ ଆନନ୍ଦିତ ହେଲେ । ଶବରୀ ଋଷିମାନଙ୍କ ଦ୍ୱାରା ଧରାପଡ଼ିବାରୁ ନୀଚ ଜାତିର ଅନଧିକାର ସେବା ଦ୍ୱାରା ମୁନିମାନେ ରୁଷ୍ଟ ହୋଇଯିବେ, ଏହି ଆଶଙ୍କାରେ ଭୟଭୀତା ହୋଇଗଲେ । ମତଙ୍ଗ ଋଷି ମହାନ୍ ଜ୍ଞାନୀ ଥିଲେ । ଶବରୀ ଦେଖିବା ମାତ୍ରେ ତାଙ୍କର ଆନ୍ତର ଚେତନାର ବିକାଶ, ଭବିଷ୍ୟତରେ ଉଚ୍ଚତର ଅଧ୍ୟାତ୍ମ ଉପଲବ୍ଧି ବିଷୟ ସ୍ପଷ୍ଟରୂପେ ବୁଝିପାରିଲେ । ଶବରୀଙ୍କୁ ଭୟଭୀତା ଦେଖି ଦୟାପୂର୍ଣ୍ଣ କୋମଳ ସ୍ୱରରେ ତାଙ୍କୁ ସମ୍ବୋଧନ କରି କହିଲେ, ''ପୁତ୍ରି, ତୁ ଭୟ କର ନାହିଁ, ତୋ ନାମ କ'ଣ ? ତୁ କେଉଁଠି ରହୁ ? ଆମ୍ଭମାନଙ୍କ ଦୃଷ୍ଟିର ଅଗୋଚରରେ ଏପରି ସେବା କରିବାର ଅଭିପ୍ରାୟ କ'ଣ ?'' ମୁନିଙ୍କର ଅତ୍ୟନ୍ତ ଆଶ୍ୱାସନା ବାଣୀ ଶୁଣି ଶବରୀ ହାତ ଯୋଡ଼ି ପ୍ରଣାମ କରି କହିଲେ, ''ପ୍ରଭୁ, ମୋ ନାମ ଶବରୀ, ମୁଁ ଅତ୍ୟନ୍ତ ନୀଚ ଜାତି, ବୁଦ୍ଧିବିଦ୍ୟାବିହୀନା ଶବରକନ୍ୟା; ମୁଁ ଏହି ଜଙ୍ଗଲରେ କିଛି ଦୂରରେ ରହେ ଏବଂ ଦୂରରୁ ଆପଣମାନଙ୍କୁ ଦର୍ଶନ କରି ଆନନ୍ଦ ଅନୁଭବ କରେ । ଆପଣମାନଙ୍କର କୌଣସି ସେବା କରିବାର ଯୋଗ୍ୟା ମୁଁ ନୁହେଁ । କିନ୍ତୁ ମୋ ଛାୟା ପବିତ୍ର ଋଷିମାନଙ୍କର ସ୍ପର୍ଶ ନ ହେଉ, ସେମାନଙ୍କର ପବିତ୍ର ଦୃଷ୍ଟି ମୋ ଉପରେ ପଡ଼ିବା ଦ୍ୱାରା ସେମାନଙ୍କୁ କଷ୍ଟ ନ ହେଉ, ସେହି ସକାଶେ ମୁଁ ଋଷିମାନଙ୍କ ଉଠିବା ଆଗରୁ ଝାଡୁ ଦେଇ ରାସ୍ତା ପରିଷ୍କାର କରିଯାଏ ଏବଂ କାଠ ବିଡ଼ାଏ ରଖିଯାଏ । ମୋର ଏହି ଧୃଷ୍ଟତା କ୍ଷମା କରିବେ ।'' ଋଷି ମତଙ୍ଗ କହିଲେ, ''ପୁତ୍ରି, ତୋ ଆତ୍ମା ମହାନ୍, ଉନ୍ନତ, ତୁ ନୀଚ ନୋହୁଁ, ତୁ ଭଗବାନଙ୍କର ଭକ୍ତ । ତୋ ହୃଦୟରେ ପରମପାବନ ଭଗବତ୍ ଭକ୍ତି ବିଦ୍ୟମାନ । ତୁ ଆଜିଠାରୁ ଏହି ଆଶ୍ରମରେ ରହ ଏବଂ ଏଠାରେ ଭଗବତ୍ ପ୍ରସାଦ ସେବନ କର । ଏହା କହି ଋଷି ଶବରୀକୁ ପଞ୍ଚସଂସ୍କାର ସହିତ ରାମତାରକ ଷଡ଼ାକ୍ଷର ମନ୍ତ୍ର, ଶ୍ରୀରାମ ଶରଣାଗତି ମନ୍ତ୍ର ଉପଦେଶ ଦେଲେ ଏବଂ ଆଶ୍ରମର ଏକ ପର୍ଣ୍ଣକୁଟୀରରେ ରହିବାକୁ ନିର୍ଦ୍ଦେଶ ଦେଲେ । ଶବରୀ ସିଦ୍ଧଗୁରୁଙ୍କଠାରୁ ମନ୍ତ୍ରଦୀକ୍ଷା ତଥା ସାଧନ-



ଭଜନର ରହସ୍ୟ ପାଇବାମାତ୍ରେ ତାଙ୍କ ଅନ୍ତରର ରୁଦ୍ଧ ଦ୍ୱାର ଉନ୍ମୁକ୍ତ ହୋଇଗଲା । ସେ ଅନ୍ତରରେ ପରମାନନ୍ଦ ପ୍ରାପ୍ତ ହୋଇ ସେଥିରେ ବୁଡିରହିଲେ । ସାକ୍ଷାତ୍ ଗୁରୁଙ୍କର କୃପା ସେ ପାଇବାରୁ ତାଙ୍କ ହୃଦୟ ଗୁରୁଭକ୍ତିରେ ପୂର୍ଣ୍ଣ ହୋଇଗଲା । ସେ ଗୁରୁଙ୍କ ସେବା ତଥା ଆଶ୍ରମସେବା ଏବଂ ଭଗବତ୍ ଭଜନରେ ତନ୍ମୟ ହୋଇଗଲେ ।

ସେ ସମୟରେ ବର୍ଣ୍ଣଧର୍ମର ପ୍ରଚଣ୍ଡ ଶିଖା ସମାଜରେ ପ୍ରଜ୍ୱଳିତ ଥିଲା । ସେଥିରୁ ଅଧ୍ୟାତ୍ମ ସନ୍ନ୍ୟାସ ଆଶ୍ରମ ବାଦ୍ ଯାଇ ନ ଥିଲା । ମତଙ୍ଗ ଋଷି ନୀଚ ଜାତି ଶବରୀଙ୍କୁ ଶିଷ୍ୟାରୂପେ ଗ୍ରହଣ କରି ତାଙ୍କୁ ଆଶ୍ରମରେ ସ୍ଥାନ ଦେବା ଶାସ୍ତ୍ରର ନିୟମବିରୁଦ୍ଧ ଜାଣି ସେହି ଅରଣ୍ୟର ଅନ୍ୟ ଋଷିମାନେ ମତଙ୍ଗ ଋଷିଙ୍କୁ ସମାଜରୁ ବହିଷ୍କୃତ କଲେ ଏବଂ ତାଙ୍କ ଆଶ୍ରମ ସହିତ କୌଣସି ସମ୍ବନ୍ଧ ରଖିଲେ ନାହିଁ ।

ମତଙ୍ଗ ଋଷିଙ୍କର ଅଗାଧ ଜ୍ଞାନ ଥିଲା । ବର୍ଣ୍ଣାଶ୍ରମ ଧର୍ମ ନୈତିକତାର ଅନ୍ତର୍ଗତ ବୋଲି ସେ ଜାଣିଥିଲେ । ସମାଜରେ ଶୃଙ୍ଖଳା ପ୍ରତିଷ୍ଠା କରିବା ସକାଶେ ଦେଶ, କାଳ, ପାତ୍ର ଓ ଅବସ୍ଥାନୁସାରେ ମନ ଦ୍ୱାରା ନିର୍ଦ୍ଧାରିତ ନୈତିକ ଧର୍ମର ସୃଷ୍ଟି ହୋଇଥିଲା । ଭିନ୍ନ ଭିନ୍ନ ଦେଶ, ଭିନ୍ନ ଭିନ୍ନ କାଳ, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସକାଶେ ନୈତିକ ଧର୍ମ ପରିବର୍ତ୍ତିତ ହେଉଥିଲା । କିନ୍ତୁ ଅଧ୍ୟାତ୍ମ ଧର୍ମ ମନୋନିର୍ମିତ ହେଉ ନ ଥିଲା । ତାହା ନୈତିକତା ଓ ବର୍ଣ୍ଣଧର୍ମର ବହୁ ଊର୍ଦ୍ଧ୍ୱରେ; ସର୍ବ ଦେଶ, ସର୍ବ କାଳ, ସର୍ବ ବ୍ୟକ୍ତିଙ୍କ ସକାଶେ ଅପରିବର୍ତ୍ତନୀୟ ଭାଗବତ ଧର୍ମ । ଏହା ସେ ଭଲରୂପେ ହୃଦୟଙ୍ଗମ କରିଥିଲେ । ସେହି ସକାଶେ ସେ ଋଷିମାନଙ୍କ ବିରୋଧକୁ ପରବାୟ ନ କରି ଶବରୀଙ୍କୁ ଆଶ୍ରମରେ ସ୍ଥାନ ଦେଇଥିଲେ । ଗୁରୁକୃପା, ମୁନିଋଷିଙ୍କ ସେବା ଓ ଭଗବତ୍ ଭକ୍ତିରେ ଶବରୀଙ୍କର ଜ୍ଞାନ, ଭକ୍ତି ଉତ୍ତରୋତ୍ତର ବୃଦ୍ଧି ହେବାକୁ ଲାଗିଲା । ସେ ଭଗବତ୍ ଭକ୍ତି, ଆନନ୍ଦରେ ନିମଗ୍ନ ରହି ସେବାକାର୍ଯ୍ୟ ଆନନ୍ଦରେ କରୁଥିଲେ । କ୍ରମଶଃ ତାଙ୍କୁ ବୃଦ୍ଧାବସ୍ଥା ମଧ୍ୟ ପ୍ରାପ୍ତ ହେବାକୁ ଲାଗିଲା ।

ମହାନ୍ ଋଷି ମତଙ୍ଗ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମକୁ

ଯାତ୍ରା କରିବା ଉଦ୍ଦେଶ୍ୟରେ ସମସ୍ତ ଶିଷ୍ୟ ତଥା ଶବରୀଙ୍କୁ ଡାକି କହିଲେ, ‘‘ସମୟ ହୋଇଗଲା, ମୁଁ ଏହି ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଦିବ୍ୟଧାମକୁ ଯିବାକୁ ଚାହୁଁଛି ।’’ ଏହା ଯଦ୍ୟପି ଅତ୍ୟନ୍ତ ସୌଭାଗ୍ୟର ବିଷୟ, ଯେଉଁ ପରମପଦ ସକାଶେ ସାଧକମାନେ ଜନ୍ମଜନ୍ମାନ୍ତର ତପଃ, ଜପ, ଭକ୍ତି, ଜ୍ଞାନ ସାଧନା କରନ୍ତି, ସେହି ପରମପଦ ପ୍ରାପ୍ତ କରିବାକୁ ଗୁରୁଦେବ ଯାଉଛନ୍ତି, ସେଥିରେ ଶିଷ୍ୟମାନେ ବାଧା ଦିଅନ୍ତେ କିପରି ? କିନ୍ତୁ ଗୁରୁଙ୍କ ବିୟୋଗରେ ସମସ୍ତଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ଶବରୀ ଅତ୍ୟନ୍ତ ଶୋକସନ୍ତପ୍ତା ହୋଇ କହିଲେ, ‘‘ଗୁରୁଦେବ, ମୋତେ ସଙ୍ଗରେ ନିଅନ୍ତୁ । ମୁଁ ତୁମର ବିୟୋଗ ବରଦାସ୍ତ କରିପାରିବି ନାହିଁ ।’’ ଗୁରୁଦେବ କହିଲେ, ‘‘ଶବରି, ପରାତ୍ପର ପୁରୁଷୋତ୍ତମ ସଚ୍ଚିଦାନନ୍ଦ ଭଗବାନ୍ ଶ୍ରୀରାମ ଅଯୋଧ୍ୟାରେ ରାଜା ଦଶରଥଙ୍କ ପୁତ୍ରରୂପେ ଅବତାର ନେଇଛନ୍ତି, ତୁ ଅପେକ୍ଷା କର, ସେ ବନବାସ ସମୟରେ ଏଠାକୁ ଆସିବେ । ତାଙ୍କୁ ଦର୍ଶନ କରିବା ପରେ ଶରୀରତ୍ୟାଗ କରି ଦିବ୍ୟଲୋକ ପ୍ରାପ୍ତ ହେବୁ ।’’ ଶବରୀ ତଥା ଅନ୍ୟ ଶିଷ୍ୟମାନଙ୍କୁ ଗୁରୁଦେବ ସାନ୍ତ୍ୱନା ଦେଇ ନଶ୍ୱର ଶରୀର ତ୍ୟାଗ କରି ଭଗବତ୍ ଧାମ ପ୍ରାପ୍ତ ହେଲେ । ଶବରୀ ଗୁରୁଙ୍କ ବାକ୍ୟ ଶିରୋଧାର୍ଯ୍ୟ କରି ଭଗବାନ୍ ଶ୍ରୀରାମଙ୍କ ଦର୍ଶନ ଆଶାରେ ନିରନ୍ତର ଭଗବତ୍ ନାମ ସ୍ମରଣ, ଭଗବାନଙ୍କ ରୂପ ହୃଦୟରେ ଧ୍ୟାନ, ଭଗବତ୍ ଉଦ୍ଦେଶ୍ୟରେ ସମସ୍ତ କର୍ମ କରି ସମର୍ପଣ କରୁଥିଲେ ଏବଂ ଭଗବତ୍ ଆନନ୍ଦରେ ବୁଡି ରହୁଥିଲେ । ତାଙ୍କ ଅନ୍ତରରେ ଭଗବତ୍ ଦର୍ଶନର ଅଭୀପ୍ସାବହ୍ନି ପ୍ରଜ୍ୱଳିତ ହେବାକୁ ଲାଗିଲା । ଭଗବତ୍ ଦର୍ଶନ ଲାଳସାରେ ତାଙ୍କର ସମସ୍ତ ସତ୍ତା ଏକ ହୋଇଗଲା । ତାଙ୍କର ଚିନ୍ତାର ବିଷୟ ରହିଲା କେବଳ ଶ୍ରୀରାମଙ୍କ ଦର୍ଶନ । ଭଗବତ୍ ଧ୍ୟାନରେ ଉନ୍ମତ୍ତ ହୋଇ ସେ ଜଙ୍ଗଲକୁ ଚାଲିଯା’ନ୍ତି ଏବଂ ସୁସ୍ୱାଦୁ ଫଳମୂଳ ଆଣି ଶ୍ରୀରାମଙ୍କୁ ଭୋଜନ କରାଇବା ସକାଶେ ରଖନ୍ତି । ପ୍ରାତଃକାଳରେ ଧାରଣା କରନ୍ତି, ଆଜି ଶ୍ରୀରାମ ଆସିବେ, ସନ୍ଧ୍ୟା ହେଲେ କାଲି ଆସିବାକୁ ପ୍ରତୀକ୍ଷା କରନ୍ତି । ତାଙ୍କ କୁଟୀର ସମୀପରେ କୌଣସି ବ୍ୟକ୍ତି ଚାଲିଗଲେ ପଚାରନ୍ତି, ‘‘ଶ୍ରୀରାମ କେତେ



ଦୂରରେ ଅଛନ୍ତି, କେବେ ଆସିବେ ?’’ ଯେବେ ଜଙ୍ଗଲରେ ପଡ଼ିଥିବା ପତ୍ରର କୌଣସି ଶବ୍ଦ ହୁଏ, ଶ୍ରୀରାମ ଆସୁଛନ୍ତି ବୋଲି ଭାବି ଉଠି ଦୌଡ଼ିଯା’ନ୍ତି । ଏହିପରି ପ୍ରତୀକ୍ଷା କରିବାରେ ବହୁତ ଦିନ ବିତିଗଲା । ଶ୍ରୀରାମ ଆସିଲେ ନାହିଁ । ତାଙ୍କ ଆସିବା ଯେତେ ବିଳମ୍ବ ହେଉଥାଏ, ଶବରୀଙ୍କ ଉତ୍କଣ୍ଠା ସେତେ ବୃଦ୍ଧି ହେଉଥାଏ । ଶେଷରେ ଶ୍ରୀରାମଙ୍କ ଛଡ଼ା ତାଙ୍କର ଅନ୍ୟ କୌଣସି ବସ୍ତୁ ଚିନ୍ତାର ବିଷୟ ହୋଇ ରହିଲା ନାହିଁ ।

ଶବରୀ ଶ୍ରୀରାମଙ୍କ ପ୍ରତୀକ୍ଷାରେ ଥିବା କଥା ଅରଣ୍ୟବାସୀ ସମସ୍ତ ମୁନିଋଷି ଜାଣିଥିଲେ । ଦିନେ ଋଷିବାଳକମାନେ ଆସି କହିଲେ, ‘‘ଶବରି, ତୋ ଶ୍ରୀରାମ ଆସୁଛନ୍ତି ।’’ ଏକଥା ଶୁଣିବାମାତ୍ରେ ଶବରୀ ପରମାନନ୍ଦରେ ବିଭୋର ହୋଇଗଲେ । ଜଙ୍ଗଲରୁ ଆଣିଥିବା ଫଳସବୁ କୁଟୀରରେ ରଖି ଉନ୍ମତ୍ତ ସଦୃଶ ଶରୀର-ଶୁଦ୍ଧି ଭୁଲି ଜଳ ଆଣିବାକୁ ସରୋବରକୁ ଦୌଡ଼ିଲେ । ସେହି ସମୟରେ ଜଣେ ଋଷି ସ୍ନାନ କରି ଆସୁଥିଲେ । ଶବରୀ ତାଙ୍କୁ ନ ଦେଖି ଦୌଡ଼ିବା ସମୟରେ ଋଷିଙ୍କ ଶରୀରସ୍ପର୍ଶ ହୋଇଗଲା । ଋଷି କ୍ରୁଦ୍ଧ ହୋଇ କହିଲେ, ‘‘ତୁ କେଡ଼େ ଦୁଷ୍ଟା, ଆମ୍ଭଙ୍କୁ ତିରସ୍କାର କରି ଛୁଇଁଦେଲୁ ?’’ ଶବରୀ ଭଗବତ୍ ଦର୍ଶନ ପାଇବା ଆନନ୍ଦରେ ବିଭୋରା । ସେ ଋଷିଙ୍କୁ ସ୍ପର୍ଶ କରିବା ଏବଂ ଋଷି କ୍ରୁଦ୍ଧ ହୋଇ ଗାଳିଦେବା, କିଛି ନ ଜାଣି ନ ଶୁଣି ସରୋବରରୁ ଜଳ ନେଇ କୁଟୀରକୁ ଚାଲିଗଲେ । ଶବରୀ ଛୁଇଁଦେବାରୁ ଋଷି ଅପବିତ୍ର ହୋଇଥିବା ଧାରଣାରେ ପବିତ୍ର ହେବା ଉଦ୍ଦେଶ୍ୟରେ ପୁନରାୟ ସ୍ନାନ କରିବାକୁ ଗଲେ । ଋଷି ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ଜଳ ରକ୍ତ ସଦୃଶ ହୋଇଗଲା, ସେହି ଜଳରେ ପୋକ ଭର୍ତ୍ତି ହୋଇଗଲେ । କିନ୍ତୁ ପରମଭକ୍ତା ଶବରୀଙ୍କୁ ଘୃଣା ଏବଂ ତିରସ୍କାର କରିବା, ଏହି ପରିଣାମକୁ ଋଷି ବୁଝିପାରିଲେ ନାହିଁ ।

ଶବରୀ କୁଟିରରେ ଜଳ ରଖି ଶ୍ରୀରାମଙ୍କୁ ପାଛୋଟି ଆଣିବା ସକାଶେ କିଛିଦୂର ଯାଇଛନ୍ତି । ସେହି ସମୟରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ମୁନିଋଷିମାନଙ୍କ ଆଶ୍ରମକୁ ନ ଯାଇ ଶବରୀର କୁଟିର ପଚାରି ପଚାରି ଆସୁଥା’ନ୍ତି ।

'ଭକ୍ତମାଳ'ର ପ୍ରିୟାଦାସଙ୍କ କବିତାରେ ଅଛି :

''ଆଗୂ ଚଲେ ରାମ, ଆଈ ଆଗୂ ଲେନ ଶବରୀହୂ,
ଚରଣ ପରନ ଧାଈ ବେ ମିଳନେକୋ ଧାୟେ ହୈଂ ।।
ଗିରି ଦଣ୍ଡହୀସୀ, ଭୁଜଦଣ୍ଡସୋଂ ଉଠାୟ ଲୀହ୍ନୀ,
ଫିରିକୈ ଗିରୀ ସୋ ପୁନି ଭୁଜ ପସରାୟେ ହୈଂ ।।
ପ୍ରେମ-ଦଶା କହୀ ନହୀଂ ଜାତ, 'ରଘୁରାଜ' ଦୋଉ,
ତନ ମନ ବଚନକୀ ସୁଧି ବିସରାୟେ ହୈଂ ।।
ଉଲେ ଆପ ମିଲେ ମୋହିଂ ଉଲୀ ମିଲୀ ତୋ ହୂଁ ୟହ,
କହତ ଦୁହୁନକେ ଡାକାରେ ଉରି ଆୟେ ହୈଂ ।।
ତନୁକୋ ସଁଭାରି କରି ତାକୋ ମିଳୀ ବାର-ବାର,
ବାରିଜ-ବିଲୋଚନନି ପ୍ରେମବାରି ଢାରିକୈ ।।
କରକୋ ପକରି ତାସୁ ତାହିକୀ କୁଟୀକୋ ଚଲେ,
'ରଘୁରାଜ' ରାମ ମୁନିମଣ୍ଡଳ ବିସାରିକୈ ।।
ପୁନି ପୁନି ପୁଛୈ ପ୍ରଭୁ, 'ତେରୀ କୁଟି କେତୀ ଦୂରି',
ଜାମେଂ ହୌଂ ବସୌଂଗୋ ଔଧ-ଆନଁଦଲୋ ବାରିକୈ ।।
କୌଶଲତେ ମିଥିଲାତେ କମଳା-ନିବାସହୂଁତେ,
ପାୟୋ ମୈଂ ସନେହ-ସୁଖ ତୋହୀଁକୋ ନିହାରିକୈ ।''

''ଶ୍ରୀରାମ ଶବରୀ କୁଟିରର ମାର୍ଗ ପଚାରି ପଚାରି ଆସିବା ସମୟରେ ଶବରୀ ପାଛୋଟି ନେବାକୁ ପହଞ୍ଚିଗଲେ । ଶବରୀ ଶ୍ରୀରାମଙ୍କୁ ଦେଖିବାମାତ୍ରେ ତାଙ୍କ ଚରଣରେ ସାଷ୍ଟାଙ୍ଗ ଦଣ୍ଡବତ କରିବାକୁ ଦୌଡ଼ିଗଲେ । ଶ୍ରୀରାମ ମଧ୍ୟ ଶବରୀଙ୍କୁ ଦେଖିବାମାତ୍ରେ ତାଙ୍କ ସହିତ ମିଳିବା ସକାଶେ ଧାଇଁ ଆସିଲେ । ଶବରୀ ଗଛ କାଟିଲା ସଦୃଶ ଶ୍ରୀରାମଙ୍କ ଚରଣରେ ପଡ଼ିଯିବା ସଙ୍ଗେ ସଙ୍ଗେ ଶ୍ରୀରାମ ତାଙ୍କୁ ଭୁଜଦଣ୍ଡରେ ଉଠାଇନେଲେ । ବାରଂବାର ଶବରୀ ଶ୍ରୀରାମଙ୍କ



ଚରଣରେ ଦଣ୍ଡବତ କରୁଥିଲେ, ଶ୍ରୀରାମ ବାରଂବାର ଉଠାଇ ନେଉଥିଲେ । ଭକ୍ତ ଭଗବାନଙ୍କର ମିଳନର ଯେଉଁ ପ୍ରେମ ଅବସ୍ଥା ତାହା ମନ-ବଚନରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଭକ୍ତ ଭଗବାନ୍ ଉଭୟେ ପ୍ରେମରେ ଶରୀରଶୁଦ୍ଧି ଭୁଲିଯାଇଥିଲେ । ସେହି ପ୍ରେମୋନ୍ମତ୍ତ ଅବସ୍ଥାରେ ଶବରୀ କହୁଥିଲେ, 'ତୁମେ ବହୁତ ଦୟାକରି ଦର୍ଶନ ଦେଲ', ଶ୍ରୀରାମ କହୁଥିଲେ, 'ତୋ ସଙ୍ଗେ ଦେଖା ହେବାରେ ମୋତେ ବଡ଼ ଆନନ୍ଦ ମିଳିଲା ।' ଏହିପରି ଉଭୟେ କହିବା ସମୟରେ ଆନନ୍ଦଶୋକରେ ଏପରି ଭୋ ଭୋ ହୋଇ କାନ୍ଦିଉଠିଲେ ଯେ ତାଙ୍କ ଗଳା ରୁଦ୍ଧ ହୋଇଗଲା, ଆଉ ଶବ୍ଦ ଉଚ୍ଚାରଣ କରିପାରିଲେ ନାହିଁ । କିଛି ସମୟ ପରେ ସାବଧାନ ହୋଇ ବାରଂବାର ଭକ୍ତ ଭଗବାନ୍ ମିଳୁଥା'ନ୍ତି ଓ ନେତ୍ରରୁ ଅଶ୍ରୁ ବର୍ଷା ହେଉଥାଏ । ସେହି ଅବସ୍ଥାରେ ଶ୍ରୀରାମ ଶବରୀ ହାତ ଧରି ମୁନିମାନଙ୍କ କୁଟୀରକୁ ନ ଯାଇ ଶବରୀ କୁଟିରକୁ ଗମନ କଲେ । ଶ୍ରୀରାମ ଶବରୀଙ୍କୁ ବାରଂବାର ପଚାରୁଥା'ନ୍ତି, 'ତୋ କୁଟି କେତେ ଦୂର ? ତୋରି କୁଟିରେ ବସି ଅବଧ ଆନନ୍ଦକୁ ଭୁଲିଯିବି । ତୋତେ ଦେଖି ମୋତେ ଏତେ ଆନନ୍ଦ ପ୍ରାପ୍ତ ହେଉଛି, ମୁଁ ଅଯୋଧ୍ୟା (କୌଶଳ), ମିଥିଳା ତଥା କମଳାସଦନଠାରୁ ଅଧିକ ଆନନ୍ଦ ପାଉଛି' ।''

ରାମଚରିତ ମାନସରେ ଉଲ୍ଲେଖ ଅଛି :

''ଶବରୀ ଦେଖି ରାମ ଗୃହଁ ଆଏ ।
ମୁନି କେ ବଚନ ସମୁଝି ଜିୟଁ ଭାଏ ।।
ସରସିଜ ଲୋଚନ ବାହୁ ବିସାଲା ।
ଜଟା ମୁକୁଟ ଶିର ଉର ବନମାଲା ।।
ଶ୍ୟାମ ଗୌର ସୁନ୍ଦର ଦୋଉ ଭାଈ ।
ଶବରୀ ପରୀ ଚରନ ଲପଟାଈ ।।
ପ୍ରେମ ମଗନ ମୁଖ ବଚନ ନ ଆବା ।
ପୁନି ପୁନି ପଦ ସରୋଜ ସିର ନାବା ।।''

(ଅରଣ୍ୟକାଣ୍ଡ)

ଶବରୀ କୁଟିରେ ଶ୍ରୀରାମ ପହଞ୍ଚିବା ପରେ ଶ୍ରୀରାମଙ୍କ ଦର୍ଶନ ହେବା କଥା ଗୁରୁ ମତଙ୍ଗ ଋଷିଙ୍କ ବାକ୍ୟ ସ୍ମରଣ ହୋଇଆସିଲା । ନିଜ କୁଟୀରରେ ଶ୍ରୀରାମଲକ୍ଷ୍ମଣଙ୍କୁ ଦର୍ଶନ କରି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଶରୀର ଭୁଲିଗଲେ; ପ୍ରେମଭକ୍ତିରେ ଉନ୍ମତ୍ତ ହୋଇ ନୃତ୍ୟ କରିବାକୁ ଲାଗିଲେ । ଶବରୀ କୁଟିରରେ ଶ୍ରୀରାମଲକ୍ଷ୍ମଣ ଛିଡ଼ା ହୋଇଥା'ନ୍ତି, ଶବରୀ ଶରୀରଶୁଦ୍ଧି, ବୁଦ୍ଧି ଭୁଲି ନୃତ୍ୟ କରୁଥା'ନ୍ତି । ଶ୍ରୀରାମ ଶବରୀ ପ୍ରେମରେ ଏକେବାରେ ବିଭୋର । ଲକ୍ଷ୍ମଣ ଏହି ଅବସ୍ଥା ଦେଖି ଶବରୀଙ୍କୁ ସାବଧାନ କରିବା ସକାଶେ ହସି କରି କହିଲେ, ''ଶବରି, ତୁ ନୃତ୍ୟ କରୁଥିବୁ ନା ଶ୍ରୀରାମଙ୍କୁ ସତ୍କାର କରିବୁ ?'' ଲକ୍ଷ୍ମଣଙ୍କ କଥା ଶୁଣିବା ମାତ୍ରେ ଶବରୀ ସାବଧାନ ହୋଇ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଚରଣ ଧୋଇ ସୁନ୍ଦର ଆସନରେ ବସାଇ ପୂଜା କଲେ ।

''ତୌ ଦୃଷ୍ଟ୍ୱା ତୁ ତଦା ସିଦ୍ଧା ସମୁତ୍‌ଥାୟ କୃତାଞ୍ଜଳିଃ ।
ପାଦୌ ଜଗ୍ରାହ ରାମସ୍ୟ ଲକ୍ଷ୍ମଣସ୍ୟ ଚ ଧୀମତଃ ॥
ପାଦ୍ୟମାଚମନୀୟଂ ଚ ସର୍ବଂ ପ୍ରାଦାଦ୍ ଯଥାବିଧିଃ ।
ତାମୁବାଚ ତତୋ ରାମଃ ଶ୍ରମଣୀଂ ଧର୍ମସଂସ୍ଥିତାମ୍ ॥''

(ବାଲ୍ମୀକି ରାମାୟଣ)

''ଧର୍ମପରାୟଣା ତାପସୀ ସିଦ୍ଧା ସନ୍ନ୍ୟାସିନୀ ଶବରୀ ଧୀମାନ୍ ଶ୍ରୀରାମଲକ୍ଷ୍ମଣଙ୍କୁ ଦେଖି ହାତ ଯୋଡ଼ି ପ୍ରଣାମ କଲେ ଏବଂ ପାଦ୍ୟ ଆଚମନ ଦେଇ ପୂଜା କଲେ ।''

ନିର୍ବିଘ୍ନରେ ସାଧନା ସିଦ୍ଧ ହୋଇଥିବା ବିଷୟ ଶ୍ରୀରାମ ପଚାରିବାରୁ ଉତ୍ତରରେ ଶବରୀ କହିଲେ :

''ଅଦ୍ୟ ପ୍ରାପ୍ତା ତପଃସିଦ୍ଧିସ୍ତବ ସଂଦର୍ଶନାନ୍ମୟା ।
ଅଦ୍ୟ ମେ ସଫଳଂ ଜନ୍ମ ଗୁରବଶ୍ଚ ସୁପୂଜିତାଃ ॥



ଅଦ୍ୟ ମେ ସଫଳଂ ତପ୍ତଂ ସ୍ୱର୍ଗଶ୍ଚୈବ ଭବିଷ୍ୟତି ।
ତ୍ୱୟି ଦେବବରେ ରାମ ପୂଜିତେ ପୁରୁଷର୍ଷଭ ॥''

(ବାଲ୍ମୀକି ରାମାୟଣ)

''ହେ ଭଗବନ୍, ଆଜି ତୁମ ଦର୍ଶନରେ ମୋର ସମସ୍ତ ତପଃ ସିଦ୍ଧ ଏବଂ ମୋ ଜନ୍ମ ସଫଳ ହୋଇଗଲା । ଆଜି ଗୁରୁଙ୍କ ପୂଜା ଏବଂ ତପ ସାର୍ଥକ ହେଲା । ହେ ପୁରୁଷୋତ୍ତମ, ତୁମେ ଦେବତାଙ୍କଠାରୁ ଶ୍ରେଷ୍ଠ, ତୁମରି କୃପାରେ ଏବେ ମୋତେ ସ୍ୱର୍ଗାପବର୍ଗ ପ୍ରାପ୍ତିରେ କୌଣସି ସନ୍ଦେହ ନାହିଁ ।'' ଶବରୀ ଆପେ ଆଉ କିଛି କହିପାରିଲେ ନାହିଁ । ତାଙ୍କ କଣ୍ଠ ରୁଦ୍ଧ ହୋଇଗଲା । କିଛି ସମୟ ପରେ ସାବଧାନ ହେବାରୁ ଶ୍ରୀରାମଙ୍କ ସକାଶେ ଅତ୍ୟନ୍ତ ଆନନ୍ଦରେ ସଂଗ୍ରହ କରି ରଖିଥିବା ଫଳମୂଳ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କୁ ନିବେଦନ କଲେ ।

''ଫଲାନି ଚ ସୁପକ୍ୱାନି ମୂଲାନି ମଧୁରାଣି ଚ ।
ସ୍ୱୟମାସ୍ୱାଦ୍ୟ ମାଧୁର୍ଯ୍ୟଂ ପରୀକ୍ଷ୍ୟ ପରିଭକ୍ଷ୍ୟ ଚ ॥
ପଶ୍ଚାନ୍ନିବେଦୟାମାସ ରାଘବାଭ୍ୟାଂ ଦୃଢ଼ବ୍ରତା ।
ଫଲାନ୍ୟାସ୍ୱାଦ୍ୟ କାକୁତ୍‌ସ୍ଥସ୍ତସ୍ୟୈ ମୁକ୍ତିଂ ପରାଂ ଦଦୌ ॥''

(ପଦ୍ମପୁରାଣ)

''ଶବରୀ ଶ୍ରୀରାମଙ୍କ ପ୍ରେମରେ ବିଭୋର ହୋଇ ସୁପକ୍ୱ ଫଳମୂଳର ସ୍ୱାଦ ଚାଖି ଦୁଇଭାଇଙ୍କୁ ଦେଉଥା'ନ୍ତି । ଶ୍ରୀରାମ ମଧ୍ୟ ଫଳମୂଳର ସ୍ୱାଦ ପ୍ରଶଂସା କରି ଭକ୍ଷଣ କରୁଥା'ନ୍ତି । ଏପରିକି ଶ୍ରୀ ଅବଧ ଏବଂ ମିଥିଳାରେ ଯେତେବେଳେ ମା' କୌଶଲ୍ୟା ତଥା ଶାଶୂ ସୁନୟନା ଅତ୍ୟନ୍ତ ପ୍ରେମରେ ନାନାପ୍ରକାର ଭୋଜନ କରାଉଥା'ନ୍ତି ସେତେବେଳେ ବି ଶବରୀ ଦେଇଥିବା ଫଳମୂଳର ସେ ପ୍ରଶଂସା କରୁଥା'ନ୍ତି । ଶବରୀଙ୍କ ଫଳ ଭକ୍ଷଣ କରି ଶ୍ରୀରାମ ତାଙ୍କୁ ପରମପଦ ପ୍ରଦାନ କଲେ ।''

ଏ ବିଷୟରେ ଶ୍ରୀ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି :

''କନ୍ଦ ମୂଲ ଫଲ ସୁରସ ଅତି ଦିଏ ରାମ କହୁଁ ଆନି ।
ପ୍ରେମ ସହିତ ପ୍ରଭୁ ଖାଏ ବାରଂବାର ବଖାନି ॥''
(ରାମଚରିତ ମାନସ, ଅରଣ୍ୟ କାଣ୍ଡ)

ଶ୍ରୀରାମଲକ୍ଷ୍ମଣ ଭୋଜନ କରିସାରିବା ପରେ ଶବରୀ ତାଙ୍କୁ ଆଚମନ କରାଇ ଆସନରେ ବସାଇଦେଲେ । ହୃଦୟରେ ଅତ୍ୟନ୍ତ ପ୍ରେମୋନ୍ମାଦ ହେବାରୁ ସେ ହାତ ଯୋଡ଼ି ଛିଡ଼ାହୋଇ କହିଲେ, ''ହେ ପ୍ରଭୁ, ତୁମ ସ୍ତୁତି କରିବାକୁ ମୁଁ ଯୋଗ୍ୟ ନୁହେଁ, ତୁମ ପରମ ଐଶ୍ୱର୍ଯ୍ୟ, ଭକ୍ତି, ଦୟା, କରୁଣା, ଭକ୍ତବତ୍ସଳତାଦି ଗୁଣ ଯଦି ଜାଣିଥା'ନ୍ତି, ତେବେ ମୁଁ ସ୍ତୁତି କରିପାରିଥା'ନ୍ତି । ମୁଁ ଜାତିରେ ନୀଚ, ବୁଦ୍ଧି ଅତ୍ୟନ୍ତ ଜଡ଼, ଅଧମରୁ ଅଧମ ନାରୀ, ସେଥିରେ ପୁଣି ମୋ ମତି ଅତ୍ୟନ୍ତ ମନ୍ଦ, ଏହି କାରଣରୁ ତୁମ ସ୍ତୁତି କରିବାରେ ମୁଁ ଅସମର୍ଥ ।'' ଶବରୀଙ୍କର ପ୍ରେମଯୁକ୍ତ ନିଷ୍କପଟ ବିନୟବାଣୀ ଶୁଣି ଶ୍ରୀରାମ କହିଲେ :

''ଉତ୍ତମ କୁଳ, ଉତ୍ତମ ଜାତି, ଧାର୍ମିକ, ଅଧିକାର, ଧନ, ବଳ, ଗୁଣ, ଚାତୁର୍ଯ୍ୟଯୁକ୍ତ ଭକ୍ତିବିହୀନ ମୋତେ ଜଳବିହୀନ ମେଘ ସଦୃଶ ପ୍ରିୟ ନୁହେଁ । କିନ୍ତୁ ଏହିସବୁ ଗୁଣ, ଜାତି, ଐଶ୍ୱର୍ଯ୍ୟବିହୀନ ଭକ୍ତିଯୁକ୍ତ ବ୍ୟକ୍ତି ମୋତେ ଅତ୍ୟନ୍ତ ପ୍ରିୟ । ଯେ କେହି ବ୍ୟକ୍ତି ମୋତେ ଭକ୍ତି କରେ, ସେ ମୋର, ମୁଁ ତା'ର । ତା' ସଙ୍ଗେ ଛାୟା ସଦୃଶ ରହି ମୁଁ ତାକୁ ରକ୍ଷା କରେ ।''

''ତସ୍ମାଦ୍ ଭାମିନି ସଂକ୍ଷେପାଦ୍ ବକ୍ଷେଽହଂ ଭକ୍ତିସାଧନମ୍ ।
ସତାଂ ସଙ୍ଗତିରେବାତ୍ର ସାଧନଂ ପ୍ରଥମଂ ସ୍ମୃତମ୍ ॥
ଦ୍ୱିତୀୟଂ ମତ୍କଥାଲାପସ୍ତୃତୀୟଂ ମଦ୍‌ଗୁଣେରଣମ୍ ।
ବ୍ୟାଖ୍ୟାତୃତ୍ୱଂ  ଶଦ୍‌ବଚସାଂ ଚତୁର୍ଥଂ ସାଧନଂ ଭବେତ୍ ॥



ଆଚାର୍ଯୋପାସନଂ ଭଦ୍ରେ ମଦ୍‌ବୁଦ୍ଧ୍ୟାମାୟୟା ସଦା ।
ପଞ୍ଚମଂ ପୁଣ୍ୟଶୀଲତ୍ୱଂ ଯମାଦି ନିୟମାଦି ଚ ॥
ନିଷ୍ଠା ମତ୍‌ପୂଜନେ ନିତ୍ୟଂ ଷଷ୍ଠଂ ସାଧନମୀରିତମ୍ ।
ମମ ମନ୍ତ୍ରୋପାସକତ୍ୱଂ ସାଂଗଂ ସପ୍ତମମୁଚ୍ୟତେ ॥
ମଦ୍‌ଭକ୍ତେଷ୍ୱଧିକା ପୂଜା ସର୍ବଭୂତେଷୁ ମନ୍ମତି ।
ବାହ୍ୟାର୍ଥେଷୁ ବିରାଗିତ୍ୱଂ ଶମାଦିସହିତଂ ତଥା ॥
ଅଷ୍ଟମଂ ନବମଂ ତତ୍ତ୍ୱବିଚାରୋ ମମ ଭାମିନି ।
ଏବଂ ନବବିଧା ଭକ୍ତିଃ ସାଧନଂ ଯସ୍ୟ କସ୍ୟ ବା ॥''
(ଅଧ୍ୟାତ୍ମ ରାମାୟଣ)

ଏଠାରେ ଏହି ଯେଉଁ ନବଧା ଭକ୍ତି ବର୍ଣ୍ଣିତ ହୋଇଛି ଏହାଠାରୁ ସାଧାରଣତଃ କିଛି ଭିନ୍ନଭାବେ ଗୋସ୍ୱାମୀ ତୁଳସୀଦାସ ରାମଚରିତ ମାନସରେ କହିଛନ୍ତି :

''ନବଧା ଭଗତି କହଉଁ ତୋହି ପାହୀଂ ।
ସାବଧାନ ସୁନୁ ଧରୁ ମନ ମାହୀଂ ॥
ପ୍ରଥମ ଭଗତି ସଂତନ୍ହ କର ସଂଗା ।
ଦୂସରି ରତି ମମ କଥା ପ୍ରସଂଗା ॥
ଗୁରୁ ପଦ ପଂକଜ ସେବା ତୀସରି ଭଗତି ଅମାନ ।
ଚୌଥି ଭଗତି ମମ ଗୁନ ଗନ କରଇ କପଟ ତଜି ଗାନ ॥
ମଂତ୍ର ଜାପ ମମ ଦୃଢ଼ ବିସ୍ୱାସା ।
ପଂଚମ ଭଜନ ସୋ ବେଦ ପ୍ରକାସା ॥
ଛଠ ଦମ ସୀଲ ବିରତି ବହୁ କରମା ।
ନିରତ ନିରଂତର ସଜ୍ଜନ ଧରମା ॥

ସାତବଁ ସମ ମୋହି ମୟ ଜଗ ଦେଖା ।
ମୋତେଂ ସଂତ ଅଧିକ କରି ଲେଖା ।।
ଆଠବଁ ଜଥାଲାଭ ସଂତୋଷା ।
ସପନେହୁଁ ନହିଂ ଦେଖଇ ପରଦୋଷା ।।
ନବମ ସରଲ ସବ ସନ ଛଲହୀନା ।
ମମ ଭରୋସ ହିୟଁ ହରଷ ନ ଦୀନା ।।
ନବମହୁଁ ଏକଉ ଜିନ୍ହ କେଂ ହୋଈ ।
ନାରୀ ପୁରୁଷ ସଚରାଚର କୋଈ ।।
ସୋଇ ଅତିସୟ ପ୍ରିୟ ଭାମିନି ମୋରେଂ ।
ସକଲ ପ୍ରକାର ଭଗତି ଦୃଢ଼ ତୋରେଂ ।।''

(ଅରଣ୍ୟ କାଣ୍ଡ, ଦୋ. ୩୫-୩୬)

ଏହି ଚରିତ ବିସ୍ତାର ନ କରିବା ଯୋଗୁଁ ଏଠାରେ ନବଧା ଭକ୍ତି ସଂକ୍ଷପରେ ଆଲୋଚନା କରାହେଲା ।

ଶ୍ରୀରାମ ନବଧା ଭକ୍ତି ବର୍ଣ୍ଣନା କରି ଶବରୀଙ୍କୁ କହିଲେ, ''ଏହି ନଅଟି ଭକ୍ତି ମଧ୍ୟରୁ ଯାହାର ଗୋଟିଏ ଥାଏ, ସେ ନାରୀ, ପୁରୁଷ, ସଚରାଚରର କୌଣସି ପ୍ରାଣୀ ହେଉ, ସେ ମୋର ଅତ୍ୟନ୍ତ ପ୍ରିୟ ହୁଏ । କିନ୍ତୁ ତୋର ସମସ୍ତପ୍ରକାର ଭକ୍ତି ଦୃଢ଼ଭାବେ ରହିଛି । ସେହି ସକାଶେ ସମସ୍ତ ଯୋଗୀମାନଙ୍କୁ ଯେଉଁ ଗତି ଅତି ଦୁର୍ଲଭ, ତୋ ସକାଶେ ତାହା ଅତ୍ୟନ୍ତ ସୁଲଭ ହୋଇଛି ।''

ପୁଷ୍କରିଣୀ ଜଳ ନଷ୍ଟ ହୋଇଯିବାରୁ ମୁନିଋଷିମାନଙ୍କର ବହୁତ ଚିନ୍ତା ଥିଲା । ସେମାନେ ଭାବିଥିଲେ ଯେ ଶ୍ରୀରାମ ଆସିଲେ ଜଳ ଅଶୁଦ୍ଧ ହେବାର କାରଣ ଏବଂ ଜଳ ସ୍ୱଚ୍ଛ ହେବାର ଉପାୟ ପଚାରିବେ । ସେମାନେ ଶୁଣିବାକୁ ପାଇଲେ, ଶ୍ରୀରାମ ଶବରୀ କୁଟିରରେ ବିରାଜମାନ ହୋଇଛନ୍ତି । ସେମାନେ ସମସ୍ତେ ଶବରୀ କୁଟିରକୁ ଆସିଲେ । ଶ୍ରୀରାମଲକ୍ଷ୍ମଣ ମୁନିଋଷିମାନଙ୍କୁ ଦେଖି



ଉଠି ଛିଡ଼ାହେଲେ ଏବଂ ପ୍ରଣାମ କରି ସେମାନଙ୍କୁ କୁଶଳ ସମାଚାର ପଚାରି ବସିବାକୁ କହିଲେ । ମୁନିଋଷିମାନେ କହିଲେ, ''ଆପଣଙ୍କ କୃପାରୁ ଆଉ ସମସ୍ତ ଠିକ୍ ଅଛି, କିନ୍ତୁ ଏହି ପୁଷ୍କରିଣୀ ଜଳ ଦୂଷିତ ହେବାରୁ ଆମ୍ଭେମାନେ ବଡ଼ କଷ୍ଟ ପାଉଛୁ । ଏହି ଜଳ ନଷ୍ଟ ହେବାର କାରଣ ଏବଂ ଏହା ସ୍ୱଚ୍ଛ ହେବାର ଉପାୟ ଦୟାକରି କହନ୍ତୁ ।'' ଲକ୍ଷ୍ମଣ କହିଲେ, ''ଆପଣମାନେ ପବିତ୍ର ଆତ୍ମା, ତପସ୍ୱୀ, ତପୋନିଷ୍ଠ, କିନ୍ତୁ ପରମଭକ୍ତା ଶବରୀଙ୍କୁ ତିରସ୍କାର କରିବା ଯୋଗୁଁ ପୁଷ୍କରିଣୀ ଜଳ ଦୂଷିତ ହୋଇଛି । ଶବରୀ ସେହି ଜଳ ସ୍ପର୍ଶ କଲେ ସ୍ୱଚ୍ଛ ହୋଇଯିବ ।'' ଋଷିମାନେ ଏକଥା ଶୁଣିବାରୁ ଶବରୀଙ୍କ ପ୍ରତି ଯେଉଁ ଘୃଣା, ତିରସ୍କାର ଭାବ ଥିଲା ତାହା ଦୂର କରିଦେଲେ । ସେମାନେ ଆଗ୍ରହପୂର୍ବକ ଶବରୀଙ୍କୁ ସରୋବରକୁ ନେଇଗଲେ । ଶବରୀ ପୁଷ୍କରିଣୀରେ ପ୍ରବେଶ କରିବା ମାତ୍ରେ ଜଳ ପୂର୍ବାପେକ୍ଷା ଅଧିକ ସ୍ୱଚ୍ଛ ହୋଇଗଲା । ପ୍ରତ୍ୟକ୍ଷରୂପେ ଶବରୀ ପ୍ରତି ଭଗବାନଙ୍କର ପରମକୃପା ଦେଖି ସେମାନେ ଭକ୍ତିର ମହତ୍ତ୍ୱ ତଥା ଭଗବାନଙ୍କ ଭକ୍ତବତ୍ସଳତା ଗୁଣ ବୁଝିପାରିଲେ । ଶବରୀ କୁଟିରକୁ ଫେରିଆସି ଶ୍ରୀରାମଙ୍କ ଚରଣ ନିଜ ହୃଦୟରେ ଧାରଣ କରି ଶ୍ରୀରାମଲକ୍ଷ୍ମଣ ତଥା ମୁନିଋଷିଙ୍କ ସାମନାରେ ଯୋଗାଗ୍ନିରେ ଶରୀର ଭସ୍ମକରି ପରମପଦ ପ୍ରାପ୍ତ ହେଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

# ଭକ୍ତିମତୀ ରାଜକନ୍ୟା

ଗଛର ଦୁଇଟି ପତ୍ର ଯେପରି ସମାନ ନୁହନ୍ତି, ସଂସାରରେ ଦୁଇଟି ବ୍ୟକ୍ତିଙ୍କ ରୂପ ଗୁଣ ଯେପରି ଏକପ୍ରକାର ନୁହେଁ, ସେହିପରି ଭଗବତ୍ ଭକ୍ତ । ଯେତେ ଭକ୍ତ ସେତେ ମାର୍ଗ । ତାହା ସ୍ୱତଃସ୍ଫୂର୍ତ୍ତଭାବେ ପ୍ରକାଶ ହୁଏ ନିଜ ଅନ୍ତରରୁ । ଭକ୍ତଚରିତ ପଢ଼ିବା ତଥା ଶୁଣିବାରେ ନିଜ ମଧ୍ୟରେ ଭକ୍ତି ଜାଗ୍ରତ୍ ହୁଏ । ଭଗବାନଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ଉତ୍ପନ୍ନ ହୁଏ କିନ୍ତୁ ଅନ୍ୟର ଭକ୍ତିକୁ ଅନୁକରଣ କରାହୁଏ ନାହିଁ । ଜଣକ ଭକ୍ତିମାର୍ଗ ଅନ୍ୟ ଜଣକ ସକାଶେ ବିପଜ୍ଜନକ ହୋଇପାରେ ।

ଆଚାର୍ଯ୍ୟ ଶଙ୍କରଙ୍କ ସମୟର ଘଟଣା । ସେ କେତେଜଣ ଶିଷ୍ୟଙ୍କ ସହିତ ଭ୍ରମଣ କରୁଥିଲେ । ସେ ଧୋବଣୀଠାରୁ ଭୋଜନ କଲେ । ତାଙ୍କ ସଙ୍ଗେ ଥିବା ଶିଷ୍ୟମାନଙ୍କ ମଧ୍ୟରୁ କେତେଜଣ ଗୁରୁଙ୍କୁ ଅନୁକରଣ କରି ସେହି ଧୋବଣୀଠାରୁ ମଧ୍ୟ ଅନ୍ନ ଭୋଜନ କଲେ । କିଛି ଦୂର ଯିବା ପରେ ଆଉଟା ହେଉଥିବା ସୀସାକୁ ଆଚାର୍ଯ୍ୟ ପିଇ ନେଇ ଧୋବଣୀଠାରୁ ଅନ୍ନ ଭୋଜନ କରିଥିବା ଶିଷ୍ୟଙ୍କୁ ସେହି ସୀସା ପିଇବାକୁ କହିଲେ । ଶିଷ୍ୟମାନେ ଉତ୍ତର ଦେଲେ, ''ଆଉଟା ହେଉଥିବା ସୀସା ପିଇବା ମାତ୍ରେ ଆମେ ମରିଯିବୁ । ଆପଣ ସମର୍ଥ, ଆପଣ ପିଇପାରନ୍ତି, ଆମେ ପିଇବୁ କିପରି ?'' ଗୁରୁ ଉତ୍ତର ଦେଲେ, ''ମୋତେ ଅନୁକରଣ କରି ଧୋବଣୀଠାରୁ ଅନ୍ନ ଖାଇଲ କିପରି ?'' ଏହା କହି ସେମାନଙ୍କୁ ପତିତ କରିଦେଲେ ଅର୍ଥାତ୍ ନିଜ ସଂପ୍ରଦାୟରୁ ବାହାର କରିଦେଲେ । ସେସମୟରେ ସମାଜରେ ବର୍ଣ୍ଣଧର୍ମର ବିଶେଷ ମାନ୍ୟ ଥିଲା । କିନ୍ତୁ ପରେ ଅନ୍ୟ ଶିଷ୍ୟମାନଙ୍କ ପ୍ରାର୍ଥନାରେ ସେମାନଙ୍କୁ ବିନା ଦଣ୍ଡର ସନ୍ନ୍ୟାସୀ କରିଥିଲେ । ଆଜି ମଧ୍ୟ ସେମାନଙ୍କ ସଂପ୍ରଦାୟର ସନ୍ନ୍ୟାସୀମାନେ ଦଣ୍ଡ ଧାରଣ କରନ୍ତି ନାହିଁ ।

ଏଠାରେ ଯେଉଁ ଭକ୍ତଚରିତଟି ଆଲୋଚନା କରିବା, ପାଠକମାନେ



ତାହାର ଅନୁକରଣ କରିବା ଉଚିତ ନୁହେଁ । ଏହି ଭକ୍ତଚରିତଟି ଷୋଳଶହ ସମ୍ବତ୍ସରର ବହୁ ପୂର୍ବରୁ । ସେହି ସମୟରେ ଇତିହାସ ଲେଖିବାର ପନ୍ଥା ନ ଥିଲା । ସେହି କାରଣରୁ ଭାରତର ବହୁତ ଅଲୌକିକ ଘଟଣା ଗୁପ୍ତ ହୋଇଯାଇଛି । ଗୁରୁଙ୍କ ଆଜ୍ଞାରେ ନାଭାଜି ଭକ୍ତମାଳ ରଚନାରେ ଭକ୍ତମାନଙ୍କ ଜନ୍ମତିଥି, ନାମ, ଗ୍ରାମ ପ୍ରତି ବିଶେଷ ଲକ୍ଷ୍ୟ ନ ରଖି ସନ୍ଥମାନଙ୍କ ପରମ୍ପରାରୁ ଯେଉଁ ଭକ୍ତମାନଙ୍କ ଚରିତର ସନ୍ଧାନ ପାଇଲେ ନିଜ ଆନ୍ତର ଯୌଗିକ ଦୃଷ୍ଟିରେ ତାହାର ସତ୍ୟତା ଜାଣି ନିଜ ଭକ୍ତମାଳରେ ସ୍ଥାନ ଦେଲେ । ସେହି ସକାଶେ ତାଙ୍କ ଭକ୍ତମାଳ ସନ୍ଥ ତଥା ବିଦ୍ୱାନ୍‌ସମାଜରେ ପ୍ରାମାଣିକ ମାନ୍ୟ ହେଉଛି ତଥା ଆଦର ପାଉଛି । ଆଜି ଶ୍ରୀ ନାଭାଜିଙ୍କ ଭକ୍ତମାଳର ଗୋଟିଏ ପରମା ଭକ୍ତିମତୀ ରାଜକନ୍ୟାର ଚରିତ ଗାନ କରି ଭଗବାନଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ଲାଭ କରିବାରେ ବିଶେଷ ସାହାଯ୍ୟ ପାଇବା ।

ଷୋଳଶହ ସମ୍ବତ୍ସରର ବହୁ ପୂର୍ବରୁ ଜାଗିରିଦାର ସଦୃଶ ଜଣେ ଛୋଟ ରାଜା ଶାସନ କରୁଥିଲେ । ସେ ଥିଲେ ଭଗବାନଙ୍କର ପରମ ଭକ୍ତ । ଘରେ ପ୍ରତିଦିନ ଭଗବାନଙ୍କ ଚରିତ ଗାନ ହେଉଥିଲା । ନାମ କୀର୍ତ୍ତନ ହେଉଥିଲା, ସାଧୁସନ୍ଥଙ୍କ ଯିବା ଆସିବା ଲାଗିରହିଥିଲା । ସନ୍ଥମାନେ ଆସନ୍ତି, ଭଗବାନଙ୍କ କୃପା ତଥା ତାଙ୍କ ଗୁଣ ଚରିତ କୁହନ୍ତି, ରାଜାଙ୍କ ପରିବାର ଏବଂ ଦାସଦାସୀମାନେ ଶୁଣନ୍ତି । ଗୃହରେ ଥିଲା ଅଧ୍ୟାତ୍ମ ବାତାବରଣ । ସମସ୍ତ ବ୍ୟକ୍ତି ଭଗବତ୍ ଭକ୍ତି କରୁଥିଲେ । ରାଜାଙ୍କ ପରିବାର ମଧ୍ୟରେ ତୁଳସୀ ଦୁଇପତ୍ରରୁ ବାସିଲା ସଦୃଶ ରାଜକନ୍ୟାର ବାଲ୍ୟକାଳରୁ ଭଗବତ୍ ଭକ୍ତି ପ୍ରକାଶ ହୋଇଥିଲା । ପିତାମାତାଙ୍କ ଉତ୍ତମ ସଂସ୍କାର ତଥା ସାଧୁସନ୍ଥଙ୍କ ଦର୍ଶନ ଏବଂ ନିଜ ଅନୁଭୂତିରୁ ପ୍ରାପ୍ତ ଘଟଣା ଯୋଗୁଁ ତାଙ୍କର ଭଗବାନଙ୍କ ପ୍ରତି ଭକ୍ତି, ବିଶ୍ୱାସ, ନିଷ୍ଠା ଉତ୍ତରୋତ୍ତର ବୃଦ୍ଧି ହେଉଥିଲା । ତାଙ୍କୁ ଭଗବାନଙ୍କ ନାମସ୍ମରଣ, ଚରିତ ଗାନ ତଥା ଶ୍ରବଣ ଛଡ଼ା ଅନ୍ୟ କିଛି ଭଲ ଲାଗୁ ନ ଥିଲା ।

ତାଙ୍କର ବିବାହଯୋଗ୍ୟ ବୟସ ହେବାରୁ ଜଣେ ରାଜପୁତ୍ର ସହିତ ବିବାହ

ହେଲା । ସେହି ରାଜାଙ୍କ ଘର ଥିଲା ରାଜକନ୍ୟାଙ୍କ ସ୍ୱଭାବର ପ୍ରତିକୂଳ । ସେହି ପରିବାରରେ କେହି ଭଗବତ୍ ଭକ୍ତ ନ ଥିଲେ, ଘରେ ଭଗବାନଙ୍କ ପୂଜା ହେଉ ନ ଥିଲା । ସାଧୁସନ୍ଥଙ୍କ ଦର୍ଶନ ଦୁର୍ଲଭ ଥିଲା । ରାଜପରିବାର ଈଶ୍ୱରଙ୍କୁ ବିଶ୍ୱାସ କରୁ ନ ଥିଲେ । ଏହିପରି ବିପରୀତ ବାତାବରଣରେ ରାଜକନ୍ୟାଙ୍କୁ ଅସହ୍ୟ ଦୁଃଖ ହେଲା । ରାଜକନ୍ୟା ଭଗବତ୍ କୃପା ପ୍ରାପ୍ତ କରିଥିଲେ । ତାଙ୍କର ବିବେକ ଉତ୍ପନ୍ନ ହୋଇଥିଲା । ପ୍ରତିକୂଳ ଅବସ୍ଥା ଦ୍ୱାରା ସାଧନାରେ ଅଗ୍ରଗତି ହେବା ଏବଂ ଭଗବତ୍ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେବା ସେ ଅନୁଭବ କରିଥିଲେ । ଦିନ ଯିବାରେ ବିଳମ୍ବ ହୁଏ ନାହିଁ । କେତେକ ଦିନ ବ୍ୟତୀତ ହୋଇଗଲା । ରାଜକନ୍ୟାଙ୍କର ଗୋଟିଏ ସୁନ୍ଦର ପୁତ୍ର ଉତ୍ପନ୍ନ ହେଲା । ସଂସାରମୋହଗ୍ରସ୍ତ ବ୍ୟକ୍ତିମାନଙ୍କର ଧନ, ପୁତ୍ର ଭୋଗବିଳାସ ସର୍ବସ୍ୱ । ଏହାଛଡ଼ା ସେମାନେ ଅନ୍ୟକିଛି ଜାଣନ୍ତି ନାହିଁ । ରାଜପରିବାରରେ ଅତ୍ୟନ୍ତ ସୁନ୍ଦର, ପ୍ରଥମ ସନ୍ତାନ ଉପରେ ସମସ୍ତ ପରିବାରର ଆସକ୍ତି ଏବଂ ସ୍ନେହ ଏକତ୍ରିତ ହେଲା । ଶିଶୁଟି ସମସ୍ତଙ୍କ ନୟନର ତାରା ହୋଇ ରହିଲା । ଘରେ ଭଗବତ୍ ଭକ୍ତିର ବାତାବରଣ ତଥା ସାଧୁସନ୍ଥଙ୍କ ସମାଗମ ରାଜବଧୂ ଅନ୍ତର ସହିତ ଚାହୁଁଥା'ନ୍ତି ଏବଂ ଭଗବାନଙ୍କୁ ପ୍ରାର୍ଥନା କରୁଥା'ନ୍ତି । ଦିନେ ସେ ଗୋଟିଏ ଉପାୟ ନିଜ ଅନ୍ତରରୁ ପାଇଲେ । ନିଜ ଗୃହରୁ ତାଙ୍କ ସଙ୍ଗେ ଆସିଥିବା ଅତ୍ୟନ୍ତ ବିଶ୍ୱସ୍ତ ଦାସୀକୁ କହିଲେ, ''ତୁ ସନ୍ଧାନ କରୁଥିବୁ, ଯେଉଁ ଦିନ ଏହି ରାଜଧାନୀକୁ ସାଧୁସନ୍ଥ ଆସିବାର ଦେଖିବୁ ସେଦିନ ମୋତେ କହିବୁ ।''

ଭଗବାନ୍ ଭକ୍ତ ସଙ୍ଗେ ଛାୟା ସଦୃଶ ରହିଥା'ନ୍ତି । ତାଙ୍କ ନିବାସ ଭକ୍ତର ହୃଦୟ-ମନ୍ଦିରରେ । ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କୁ ଭକ୍ତି କଲେ ତା'ର ମନ ବ୍ୟକ୍ତିକୁ ପରିଚାଳନା କରେ ନାହିଁ, ପରିଚାଳନା କରେ ଅନ୍ତରାତ୍ମା । ଅନ୍ତରାତ୍ମାରୁ ଯେଉଁ ପ୍ରେରଣା ଉତ୍ପନ୍ନ ହୁଏ ତାହା ପୂର୍ଣ୍ଣ ହେବାରେ ବିଳମ୍ବ ହୁଏ ନାହିଁ । ଅତି ଅଳ୍ପ ଦିନ ପରେ ଭ୍ରମଣ କରୁଥିବା ଗୋଟିଏ ସାଧୁଙ୍କ ଜମାଉତ ବା ମଣ୍ଡଳୀ ଏହି ରାଜଧାନୀରେ ପହଞ୍ଚିଲା । ଦାସୀ ତାହା ଶୁଣି ଏବଂ



ଦେଖି ରାଜବଧୂଙ୍କୁ ଖବର ଦେଇଦେଲା । ରାଜବଧୂ ଏକଥା ଶୁଣି ଅବସର ପାଇ ନିଜ ଜନ୍ମିତ ଏକମାତ୍ର ପୁତ୍ରକୁ ରାତିରେ ବିଷ ଦେଇଦେଲେ । ବିଷ ତୀବ୍ର ଥିଲା, କିଛି ସମୟ ପରେ ପୁତ୍ରର ମୃତ୍ୟୁ ହୋଇଗଲା । ପୁତ୍ରର ମୃତ୍ୟୁ ଦେଖି ନିଜ ପତିଙ୍କୁ ଉଠେଇ ରୋଦନ କରିବାକୁ ଆରମ୍ଭ କଲେ । ରୋଦନ ଶୁଣିବାରୁ ସମସ୍ତ ବ୍ୟକ୍ତି ନିଦ୍ରାରୁ ଉଠିପଡ଼ିଲେ ଏବଂ ଏକମାତ୍ର ସନ୍ତାନର ମୃତ ଅବସ୍ଥା ଦେଖି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ଗୃହର ସମସ୍ତ ବ୍ୟକ୍ତିଙ୍କୁ ଅତ୍ୟନ୍ତ ଆତଙ୍କିତ ଦେଖି ରାଜବଧୂ କହିଲେ, ''ଯଦି କୌଣସି ସନ୍ଥ ଆସି ନିଜ ଚରଣାମୃତ ଏହି ପୁତ୍ର ମୁଖରେ ଦିଅନ୍ତି, ତେବେ ଏହି ପୁତ୍ର ଜୀବିତ ହୋଇପାରିବ । ଏହିପରି ସତ୍ୟ ଘଟଣା ମୁଁ ମୋ ପିତୃଗୃହରେ ଦେଖିଛି ।'' ଏପରି ବିପଦ ଅବସ୍ଥାରେ ବ୍ୟକ୍ତି ଯୁକ୍ତିତର୍କ ଭୁଲି ଯାଇଥା'ନ୍ତି । ଏକଥା ଶୁଣିବା ମାତ୍ରେ ଘରର ସମସ୍ତ ବ୍ୟକ୍ତି କହିଲେ, ''ସନ୍ଥମାନେ କେଉଁଠି ଅଛନ୍ତି ଖୋଜ ।'' ରାଜା ଏବଂ ରାଜପୁତ୍ର ଦାସୀ ସହିତ ସନ୍ଥଙ୍କ ରହିବା ସ୍ଥାନରେ ପହଞ୍ଚି ଦାସୀ କହିବା ଅନୁସାରେ ସାଷ୍ଟାଙ୍ଗ ଦଣ୍ଡବତ କଲେ ଏବଂ ନିଜ ଘରେ ଚରଣରଜ ଦେବାକୁ ପ୍ରାର୍ଥନା କଲେ । ରାଜାଙ୍କ ପ୍ରାର୍ଥନା ସ୍ୱୀକାର କରି ସନ୍ଥମାନେ ରାଜମହଲରେ ପ୍ରବେଶ କଲେ । ରାଜବଧୂ ବହୁଦିନ ପରେ ସନ୍ଥମାନଙ୍କୁ ଦର୍ଶନ କରି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସନ୍ଥମାନଙ୍କ ଚରଣ ଧୋଇ ନିଜ ମୃତ ପୁତ୍ରର ଶଯ୍ୟା ନିକଟକୁ ନେଇଗଲେ । ସମସ୍ତ ପରିବାରର ସମ୍ମୁଖରେ ସନ୍ଥମାନଙ୍କ ଚରଣାମୃତ ମୃତ ପୁତ୍ରର ମୁଖରେ ଦେଇଦେଲେ ଏବଂ ପୁତ୍ର ଜୀବିତ ହେବା ସକାଶେ ସନ୍ଥମାନଙ୍କୁ ପ୍ରାର୍ଥନା କଲେ । ସନ୍ଥମାନେ ଭକ୍ତିବିହ୍ୱଳ ହୋଇ ଭଗବାନଙ୍କ ଭକ୍ତିରେ ନାମକୀର୍ତ୍ତନ କରିବାକୁ ଲାଗିଲେ । ରାଜବଧୂ ମଧ୍ୟ ସନ୍ଥଙ୍କ ସହିତ ଭକ୍ତି-ଆନନ୍ଦରେ ବୁଡ଼ିଗଲେ । ଭଗବାନଙ୍କ କୃପାରୁ କିଛି ସମୟ ପରେ ମୃତ ଶିଶୁ କାନ୍ଦିବାକୁ ଆରମ୍ଭ କଲା । ପୁତ୍ରର ରୋଦନରେ ରାଜବଧୂଙ୍କର ଭକ୍ତି-ସମାଧି ଭଙ୍ଗ ହୋଇଗଲା । ରାଜପରିବାର ତଥା ରାଜ୍ୟର ବହୁ ବ୍ୟକ୍ତିଙ୍କ ସମ୍ମୁଖରେ ମୃତ ଶିଶୁ ଜୀବିତ ହେବାରୁ ରାଜପରିବାର ସହିତ ଦର୍ଶନାର୍ଥୀମାନେ ଭଗବାନଙ୍କ କୃପା-ଆନନ୍ଦରେ

ଡୁବିଗଲେ । ସନ୍ଥମାନଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ଉତ୍ପନ୍ନ ହେଲା । ରାଜପରିବାରର ସମସ୍ତେ ଭଗବାନଙ୍କ ଭକ୍ତ ହୋଇଗଲେ । ଘରେ ଭଗବାନଙ୍କ ପ୍ରତିମା ରଖି ପୂଜା କଲେ ଏବଂ ସନ୍ଥମାନଙ୍କୁ ସେବା କଲେ । ଗୋଟିଏ ଭକ୍ତିପରାୟଣା ପୁତ୍ରବଧୂର ଭଗବତ୍ ଭକ୍ତି ଓ ଭଗବତ୍ ବିଶ୍ୱାସ ଫଳରେ ସମସ୍ତ ରାଜପରିବାର ସହିତ ରାଜ୍ୟର ପ୍ରଜାମାନେ ଭଗବତ୍ ଭକ୍ତିରେ ପରିବର୍ତ୍ତିତ ହୋଇ ପାରିଥିଲେ । ଏହାହିଁ ଭଗବତ୍ ଭକ୍ତିର ମହିମା । ପାଠକମାନେ ଆନ୍ତରିକ ନିଷ୍ଠା ସହିତ ଭଗବାନଙ୍କୁ ଭକ୍ତି କଲେ ଭଗବାନଙ୍କ କୃପା ସବୁ ସମୟରେ ପାଇପାରିବେ । କିନ୍ତୁ ମାନସିକ ଧାରଣାରେ ରାଜକନ୍ୟାର ଆନ୍ତରିକ ନିଷ୍ଠାର ଅନୁକରଣ କରି ନିଜ ପୁତ୍ରକୁ ବିଷ ଦେବେ ନାହିଁ ।

ବୋଲ ଭଗବାନ୍ ଏବଂ ତାଙ୍କ ଭକ୍ତ ରାଜକନ୍ୟାର ଜୟ ।

# କରମୈତୀ ବାଈ

''ନଶ୍ୱର ପତି-ରତି ତ୍ୟାଗୀ କୃଷ୍ଣପଦସୋଂ ରତି ଜୋରୀ ।
ସବୈ ଜଗତକୀ ଫାଁସ ତରକି ତିନୁକା ଜ୍ୟୋଂ ତୋରୀ ॥
ନିର୍ମଳ କୁଳ କାଁଥଡ଼ା ଧନ୍ୟ ପରସା ଜେହି ଜାଈ ।
କରି ବୃନ୍ଦାବନ-ବାସ ସନ୍ଥ-ମୁଖ କରତ ବଡ଼ାଈ ॥
ସଂସାର ସ୍ୱାଦସୁଖ ତ୍ୟାଗ କରି ଫେରି ନହୀଂ ତିନ ତନ ଚହୀ ।
କଠିନ କାଲ କଲିଯୁଗମହଁ କରମୈତୀ ନି-କଳଁକ ରହୀ ।''

(ନାଭାଜି)

''କରମୈତୀ ନଶ୍ୱର ପତିପ୍ରୀତିକୁ ତ୍ୟାଗ କରି ଶ୍ରୀକୃଷ୍ଣଚରଣରେ ପ୍ରୀତି କଲେ । ଜଗତର ସମସ୍ତପ୍ରକାର ବନ୍ଧନ ସମ୍ବନ୍ଧେ ସତର୍କ ହୋଇ ତାହାକୁ ଘାସର ଫାଶ ପରି ଛିଣ୍ଡାଇ ପକାଇଲେ । କରମୈତୀ ବାଈଙ୍କ ତୁଲ୍ୟ ଭକ୍ତା କନ୍ୟାକୁ ଯେ ଜନ୍ମ ଦେଇଅଛନ୍ତି, ପବିତ୍ର କାନ୍ଥଡ଼ା ବ୍ରାହ୍ମଣ କୁଳରେ ଜାତ ସେହି ପରଶୁରାମଜି ଧନ୍ୟ । ସନ୍ଥମାନେ ଯେଉଁ କରମୈତୀ ବାଈଙ୍କୁ ପ୍ରଶଂସା କରନ୍ତି ସେହି କରମୈତୀବାଈ ବୃନ୍ଦାବନରେ ନିବାସ କଲେ । ସେ ସଂସାର ସୁଖ-ସ୍ୱାଦକୁ ତ୍ୟାଗ କରି ପୁଣି କେବେ ବି ତା' ଆଡ଼କୁ ଦୃଷ୍ଟି ଦେଇ ନ ଥିଲେ । ଏହି କଠିନ କଳିକାଳରେ କରମୈତୀ ବାଈ ଅକଳଙ୍କ ରହିଥିଲେ ।''

ଯାହାଙ୍କ ମନ ଶ୍ରୀନନ୍ଦନନ୍ଦନ, ଶ୍ୟାମବଦନ ମନୋମୋହନଙ୍କ ମାଧୁରୀ ଓ ରୂପଲାବଣ୍ୟରେ ମୋହିତ ହୋଇଯାଏ ତାଙ୍କୁ ଜଗତର ସମସ୍ତ ରୂପ, ସମସ୍ତ ସୁଖ ନୀରସ ବୋଧହୁଏ । ଫେର୍ ସଂସାରର ଯେଉଁ ସୁଖ ସେହି ପ୍ରିୟତମଙ୍କଠାରୁ ବିମୁଖ କରେ ତାହା ବିଷବତ୍ ପ୍ରତୀତ ହୁଏ । ସଂସାରର ବିଷୟବସ୍ତୁ ଯଦି ଭଗବାନଙ୍କ ପ୍ରେମରେ ସହାୟକ ହୁଏ, ପ୍ରିୟତମ ଶ୍ୟାମସୁନ୍ଦରଙ୍କ ପୂଜାସାମଗ୍ରୀ

ହୋଇପାରେ, ତେବେ ତ' କୌଣସି ଆପତ୍ତି ନାହିଁ । ସେସବୁ ରହିଲେ ସୁଖ ମିଳେ, କାରଣ ତାହାଦ୍ୱାରା ପ୍ରିୟତମଙ୍କ ପଦକମଳର ପୂଜା ପୂର୍ଣ୍ଣ ହୁଏ । କିନ୍ତୁ ଯେଉଁ ବିଷୟବସ୍ତୁ ପ୍ରିୟତମଙ୍କ ପ୍ରେମରେ ବାଧକ ତାହାକୁ ତ୍ୟାଗ କରିବା ଶ୍ରେୟସ୍କର । ସେଥିପାଇଁ ଭକ୍ତଗଣ ସମସ୍ତ ସଂସାରକୁ ଭଗବତ୍ ପୂଜାର ସାମଗ୍ରୀରୂପେ ଦେଖନ୍ତି ଅଥବା ବାଧକ ଜାଣି ସର୍ବଥା ତ୍ୟାଗ କରନ୍ତି । ବିଷୟାସକ୍ତି ତ୍ୟାଗ କରିବାକୁହିଁ ହୁଏ । କେଉଁଠି ଯଦି ସଂସାରରେ ବିଷୟବସ୍ତୁ ରହେ ତାହା ଭୋଗରୂପେ ରହେ ନାହିଁ, ଯେବେ ଭକ୍ତ ସ୍ୱୟଂ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦିଏ, ତେବେ ତା'ର ଭୋଗ୍ୟ ବସ୍ତୁ ରହିବ କିପରି ? ସେ ନିଜେ ଯେତେବେଳେ ଭଗବାନଙ୍କର, ତାହାର ଥିବା ସମସ୍ତ ବସ୍ତୁ ମଧ ଭଗବାନଙ୍କର ହୋଇଯାଏ । ଯେଉଁ ବସ୍ତୁ ଭଗବାନଙ୍କର ହୋଇ ରହିବାକୁ ଚାହେଁ ନାହିଁ, ଅଥବା ପ୍ରିୟତମଙ୍କ ଚରଣରେ ଆତ୍ମସମର୍ପଣ କରିବାରେ ପ୍ରତିବନ୍ଧକ ହୁଏ, ତାହା ନିଶ୍ଚୟହିଁ ତ୍ୟାଜ୍ୟ । କରମୈତୀ ବାଈ ନିଜ ଆତ୍ମସମର୍ପଣରେ ପିତା ଓ ପତିଙ୍କୁ ବାଧକ ଦେଖି ଗୃହତ୍ୟାଗ କରି ବୃନ୍ଦାବନକୁ ଯାତ୍ରା କରିଥିଲେ ।

ଜୟପୁର ଅନ୍ତର୍ଗତ ଖଣ୍ଡେଲା ନାମକ ସ୍ଥାନରେ ସେଖାବତ୍ ନାମକ ଜନୈକ ସରଦାର ରାଜ୍ୟଶାସନ କରୁଥିଲେ । ପଣ୍ଡିତ ପରଶୁରାମଜି ଖଣ୍ଡେଲା ରାଜ୍ୟର କୁଳପୁରୋହିତ ଥିଲେ । କରମୈତୀ ଏହି ପରଶୁରାମଜିଙ୍କ କନ୍ୟା ଥିଲେ । ପୂର୍ବସଂସ୍କାରରୁ ପିଲାଦିନରୁ କରମୈତୀଙ୍କ ମନ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପ୍ରତି ଭକ୍ତିରେ ଲାଗିଗଲା । ସେ ନିରନ୍ତର ଶ୍ରୀକୃଷ୍ଣଙ୍କ ନାମ ଜପ କରନ୍ତି, ଏକାନ୍ତ ସ୍ଥାନରେ ତାଙ୍କୁ ଧ୍ୟାନ କରନ୍ତି ଆଉ କେବେ କେବେ ବ୍ୟାକୁଳ ହୋଇ ''ହା ନାଥ'', ''ହା ନାଥ'' କହି ତାଙ୍କୁ ଡାକନ୍ତି । ଧ୍ୟାନ ସମୟରେ ଏବଂ ଶ୍ରୀକୃଷ୍ଣଙ୍କ ଲୀଳା ଚିନ୍ତନରେ ତାଙ୍କ ନେତ୍ରରୁ ପ୍ରେମାଶ୍ରୁ ପ୍ରବାହିତ ହୁଏ, ଶରୀରରେ ପୁଲକ ଜାତ ହୁଏ । ପ୍ରେମାବେଶରେ ସେ କେବେ ହସନ୍ତି, କେବେ ରୋଦନ କରନ୍ତି, କେବେ ମଧୁର ସ୍ୱରରେ କୀର୍ତ୍ତନ କରନ୍ତି । ଛୋଟ ବାଳିକାର ଭଗବତ୍ ପ୍ରେମ ଦେଖି ଘରର ଲୋକ ଏବଂ ପଡ଼ୋଶୀମାନେ ବହୁତ ପ୍ରସନ୍ନ ହୁଅନ୍ତି । କେତେ



ବର୍ଷ ପରେ କରମୈତୀ ବିବାହଯୋଗ୍ୟା ହୋଇଗଲେ । ପିତାମାତା ତାଙ୍କ ପାଇଁ ଗୋଟିଏ ସୁଯୋଗ୍ୟ ବର ଖୋଜିବାକୁ ଲାଗିଲେ । କରମୈତୀ ବାଈଙ୍କୁ ବିବାହ ଚର୍ଚ୍ଚା ଆଦୌ ଭଲ ଲାଗେ ନାହିଁ । ସେ ଲଜ୍ଜାବଶତଃ ପିତାମାତାଙ୍କୁ କିଛି କହନ୍ତି ନାହିଁ, ଆଉ ବିଷୟଚର୍ଚ୍ଚା ତାଙ୍କୁ ବିଷ ପରି ଲାଗେ । ନିଜ ଇଚ୍ଛା ନ ଥିବା ସତ୍ତ୍ୱେ ପିତାଙ୍କ ଇଚ୍ଛାନୁସାରେ ତାଙ୍କର ବିବାହ ହୋଇଗଲା । ଏହା ଥିଲା ବାଲ୍ୟକୃତ୍ୟ । ସେ ବହୁ ପୂର୍ବରୁ ଅର୍ଥାତ୍ ବହୁ ଜନ୍ମରୁ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିସାରିଥିଲେ । ଭଗବାନଙ୍କ ବସ୍ତୁ ଉପରେ ଅନ୍ୟର ଅଧିକାରକୁ ସେ କିପରି ସହ୍ୟ କରିପାରନ୍ତେ ? ସେ ଏହି ସଂସାରର ଊର୍ଦ୍ଧ୍ୱରେ ଦିବ୍ୟ ପ୍ରେମରାଜ୍ୟର ଅଧୀଶ୍ୱର, ନିତ୍ୟନବୀନ, ଚିରକୁମାର, ସକଳ ସୌନ୍ଦର୍ଯ୍ୟର ଆକର, ଶ୍ୟାମସୁନ୍ଦର ସଚ୍ଚିଦାନନ୍ଦଙ୍କୁ ବରଣ କରି ଦିନରାତି ତାଙ୍କରି ସ୍ମରଣରେ ମଗ୍ନ ରହୁଥିଲେ । କେତେଦିନ ଏହିପରି କଟିଯିବା ପରେ ତାଙ୍କର ଯୌବନାବସ୍ଥା ପ୍ରାପ୍ତ ହେଲା, ଶ୍ୱଶୁରଗୃହକୁ ନେଇଯିବା ପାଇଁ ଲୋକ ଆସିଲେ । ସେ ଜାଣିଥିଲେ ଯେ ତାଙ୍କ ପତିଗୃହର ବ୍ୟକ୍ତିମାନେ ଭଗବାନଙ୍କୁ ମାନନ୍ତି ନାହିଁ, ବୈଷ୍ଣବ ଏବଂ ସନ୍ଥଙ୍କ ବିରୋଧୀ । ଏପରି ଅବସ୍ଥାରେ ସେଠାରେ ତାଙ୍କ ପ୍ରାଣଠାରୁ ଅଧିକ ପ୍ରିୟ ଶ୍ୟାମସୁନ୍ଦରଙ୍କ ସେବା କରିବାରେ ନାନାପ୍ରକାର ବାଧା ପଡ଼ିବ ଏବଂ ମନପ୍ରାଣକୁ ବି ବିଷୟରେ ଲଗାଇବାକୁ ପଡ଼ିବ । ଏହା ସ୍ମରଣ କରିବାମାତ୍ରେ ତାଙ୍କ ହୃଦୟ ବ୍ୟାକୁଳ ହୋଇପଡ଼ିଲା । ଏହି ରାତିଟି ପାହିଲେ ତହିଁ ଆରଦିନ ପତିଗୃହକୁ ଯିବାକୁ ହେବ, ଏହି ଚିନ୍ତାରେ ଦିନଟା ଗୋଟାଏ ଦୁଃଖମୟ ଯୁଗ ପରି ବିତିଗଲା । କରମୈତୀ ଶୋଇବା ବାହାନାରେ ଶୀଘ୍ର ଘର ଭିତରକୁ ଯାଇ ଦ୍ୱାର ବନ୍ଦ କରିଦେଲେ ।

ଜୀବନର ଯଥାର୍ଥ ନିତ୍ୟ ସମ୍ବନ୍ଧ ଏକମାତ୍ର ଭଗବାନଙ୍କ ସହିତ । ସାଂସାରିକ ସମ୍ବନ୍ଧ ସର୍ବଦାହିଁ ଅସ୍ଥାୟୀ; ମାୟା, ସ୍ୱାର୍ଥରେ ପରିପୂର୍ଣ୍ଣ— ବିକୃତ ସୁଖ ସହିତ ମିଶ୍ରିତ ଘୋର ଦୁଃଖ । ଯେଉଁ ବ୍ୟକ୍ତି ସେହି ଭଗବତ୍ ପରମାନନ୍ଦକୁ ଲେଶମାତ୍ର ଆସ୍ୱାଦନ କରିଛି ସେ କିପରି ଏହି ବିଷୟ ଭୋଗ କରିବ ? କରମୈତୀଙ୍କ ହୃଦୟ କମ୍ପିଗଲା । ସେ ହତାଶ ହୋଇ ବ୍ୟାକୁଳ ଭାବେ

ଆର୍ତ୍ତସ୍ୱରରେ ଡାକିଲେ, ''ହେ ନାଥ, ହେ ପ୍ରାଣ ନାଥ, କ'ଣ ତୁ ଏ ଦାସୀ ପାଇଁ କୌଣସି ଉପାୟ କରିପାରିବୁ ନାହିଁ; ଏ ଦାସୀ ଆଜି ସଂସାର ମୋହମାୟା ଜାଲରେ ପଡ଼ି କ'ଣ ତୋ ଚରଣରୁ ବିମୁଖ ହେବ ? ନାହିଁ, ନାହିଁ, ତୁ ଦୟାମୟ, ଦୀନଜନଙ୍କ ବନ୍ଧୁ ! ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ସମୟରେ ତୁ ନିଜେହିଁ ବସ୍ତ୍ର ରୂପ ଧାରଣ କରି ଦ୍ରୌପଦୀଙ୍କର ଲଜ୍ଜା ନିବାରଣ କରିଥିଲୁ । ହେ ପ୍ରଭୁ, ତୁ ତ୍ରିଭୁବନର ନାଥ ହୋଇ ମଧ୍ୟ ତୋ ଶରଣାଗତ ଜନର ଚାକର ହୋଇ ତା' ସେବା କରିବାରେ ତୋତେ ଆନନ୍ଦ ମିଳେ ।'' ଏହିପରି ପ୍ରାର୍ଥନା କରୁ କରୁ କରମୈତୀଙ୍କ ଗଳା ରୁଦ୍ଧ ହୋଇଗଲା; ନେତ୍ରରୁ ଅଶ୍ରୁଧାର ପ୍ରବାହିତ ହେବାକୁ ଲାଗିଲା । ଏହି ଅବସ୍ଥାରେ ସେ ସମାଧିସ୍ଥ ହୋଇଗଲେ । ତାଙ୍କ ହୃଦୟକନ୍ଦରରୁ କେହି ଡାକି କହିଲେ, ''କରମୈତି, ତୁ ଚିନ୍ତା କରୁଛୁ କାହିଁକି ? ମୋତେ ଯେ ନିଜକୁ ଦେଇଦିଏ ମୁଁ ମଧ୍ୟ ନିଜକୁ ତା' ହାତରେ ବିକିଦିଏ, ତା' ସଙ୍ଗେ ସଙ୍ଗେ ରହି ତାକୁ ରକ୍ଷାକରେ । ତୁ ଏକା ନାହୁଁ, ତୋ ସଙ୍ଗରେ ମୁଁ ସର୍ବଦା ରହିଛି । ତୁ ମୋ ବ୍ରଜଧାମକୁ ଯା ।'' ଏହି ଶବ୍ଦ ଶୁଣିବା ମାତ୍ରକେ କରମୈତୀଙ୍କ ସମାଧି ଭଗ୍ନ ହେଲା । ସେ ଆନନ୍ଦରେ ବିହ୍ୱଳା ହୋଇଗଲେ । ଭାବିଲେ, ''ହା ଦୟାମୟ ପ୍ରଭୁଙ୍କର ଏ ଦୀନାହୀନା ବାଳିକା ପ୍ରତି ଏତେ କୃପା ! ହେ ପ୍ରଭୁ, ଦୟାକର, ଚିରଦିନ ପାଇଁ ଏ ଦାସୀକୁ ତୋ ଚରଣସେବାରେ ସ୍ୱୀକାର କର ।'' ଏହା ଭାବି ତତ୍‌କ୍ଷଣାତ୍ ଘୋର ନିଶା ରାତ୍ରିରେ ଘରୁ ବାହାରି ଚାଲିଗଲେ ।

ଏଣେ ପିତା ପରଶୁରାମଜି କନ୍ୟାର ବିଦାୟ ସକାଶେ ସାରାଦିନ କାମ କରି ହାଲିଆ ହୋଇପଡ଼ିଥିଲେ । ସେ ବିଛଣା ଧରିବା ମାତ୍ରକେ ନିଦ୍ରାଦେବୀଙ୍କ କୋଳରେ ନିଜକୁ ପୂର୍ଣ୍ଣରୂପେ ଅର୍ପଣ କରିଦେଲେ । ଏହି ଜନ୍ମରେ ବ୍ୟକ୍ତି ଯେପରି ପୂର୍ବଜନ୍ମର କଥା ଭୁଲିଯାଏ, ପରଶୁରାମଜି ସେହିପରି ଗଭୀର ନିଦ୍ରାଭିଭୂତ ହୋଇ ଜାଗ୍ରତ୍ ଅବସ୍ଥାର କର୍ମ ସଂପୂର୍ଣ୍ଣରୂପେ ଭୁଲିଗଲେ ।

ସକାଳ ହେଲା । ସୂର୍ଯ୍ୟ ଉଦୟ ହୋଇଗଲେ, କିନ୍ତୁ ଆଜି ପରଶୁରାମଜି ବିଛଣାରୁ ଉଠି ନାହାନ୍ତି । ସାଧାରଣତଃ ସେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନାଦି



କର୍ମ ସମାପନ କରି ପୂଜାପାଠ କରନ୍ତି । ତାଙ୍କ ସ୍ତ୍ରୀ ତାଙ୍କୁ ଉଠେଇ ଦେଲେ । ତା'ପରେ କରମୈତୀଙ୍କୁ ସ୍ନାନ କରିବା ସକାଶେ କହିବାକୁ ତାଙ୍କ ଶୋଇବା ଘରକୁ ଗଲେ । ଦେଖିଲେ ସେ ଘରେ ନାହାନ୍ତି । ଏଆଡ଼େ ସେଆଡ଼େ, ଘରେ, ବାଡ଼ିଦାଣ୍ଡରେ ଖୋଜି ନ ପାଇ ତ୍ରସ୍ତବ୍ୟସ୍ତ ହୋଇ ଉଦ୍‌ବେଗ ସ୍ୱରରେ ପତିଙ୍କୁ କହିଲେ, ''କରମୈତୀକୁ ମୁଁ ଖୋଜି ଖୋଜି ପାଉ ନାହିଁ ।'' ଏକଥା ଶୁଣି ପରଶୁରାମଜି ଚମକିପଡ଼ି ଧଡ଼ପଡ଼ ହୋଇ ଉଠି ଚତୁର୍ଦ୍ଦିଗରେ ଖୋଜିବାକୁ ଲାଗିଲେ । ଶେଷରେ ନ ପାଇ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ସଂସାରରୀତି ଅନୁସାରେ ଝିଅ ଘରୁ ପଳାଇଗଲେ ନାନା ଲୋକେ ନାନାପ୍ରକାର ଆଲୋଚନା କରନ୍ତି । ତା'ଛଡ଼ା ଝିଅ ସ୍ୱାମିଗୃହକୁ ଯିବା ପୂର୍ବରୁ ରାତ୍ରିରେ ପଳାଇଯିବା ଅତିଶୟ ନିନ୍ଦାଜନକ ଘଟଣା । କିନ୍ତୁ ପରଶୁରାମଜି ତାଙ୍କ କନ୍ୟାର ଚରିତ୍ର ସମ୍ବନ୍ଧେ ନିଶ୍ଚିତ ଥିଲେ । ସେ ଜାଣିଥିଲେ ତାଙ୍କ କନ୍ୟାର ମନ ବିଷୟରେ ଆସକ୍ତ ନ ଥିଲା, ସେଥିପାଇଁ ତାଙ୍କ ମନରେ କୌଣସି ସନ୍ଦେହ ସ୍ଥାନ ପାଇଲା ନାହିଁ । କିନ୍ତୁ ଲୋକେ ତ ଏହା ବୁଝିବେ ନାହିଁ । ସେମାନେ ନାନାପ୍ରକାର ସନ୍ଦେହ କରିବେ ଏବଂ ତାଙ୍କ ସତୀ କନ୍ୟା ଉପରେ ବୃଥା କଳଙ୍କ ଲଗାଇବେ । ଏହା ବଡ଼ ଅସହ୍ୟ ଓ ଲଜ୍ଜାର ବିଷୟ । ଏହି କଥାରେ ପରଶୁରାମଜି ବିଶେଷ ଚିନ୍ତିତ ହୋଇ ନିଜ ଯଜମାନ ରାଜାଙ୍କ ପାଖକୁ ଯାଇ ସମସ୍ତ ଘଟଣା କହିଲେ । ରାଜା ପୁରୋହିତଙ୍କ ପ୍ରତି ବହୁତ ସହାନୁଭୂତି ଦେଖାଇ ତତ୍‌କ୍ଷଣାତ୍ କେତେକ ଘୋଡ଼ାସବାର ସୈନ୍ୟଙ୍କୁ କରମୈତୀଙ୍କୁ ଖୋଜିବା ସକାଶେ ଚାରିଆଡ଼େ ପଠାଇ ଦେଲେ । ଯେଉଁ ରାସ୍ତାରେ କରମୈତୀ ଯାଉଥିଲେ ସେହି ରାସ୍ତାରେ ଘୋଡ଼ାସବାର ଅନୁସରଣ କଲେ । ଦୂରରୁ ଘୋଡ଼ାଙ୍କ ଟାପୁ ଶୁଣି ସେ ମନେକଲେ, ''ସମ୍ଭବତଃ ମୋତେ ଖୋଜିବା ନିମିତ୍ତ ସୈନିକ ଆସୁଛନ୍ତି ।'' କିନ୍ତୁ ସେ ଲୁଚିବେ କେଉଁଠି ? ସେଠାରେ ପାହାଡ଼, ଗୁମ୍ଫା, ବଣ ବା ଜଙ୍ଗଲ କିଛି ନ ଥିଲା, ଥିଲା କେବଳ ଖୋଲା ନିର୍ଜନ ଅପନ୍ତରା ଭୂମି । ସେ ଭୟରେ ଅସ୍ତବ୍ୟସ୍ତ ହୋଇ ଭଗବାନଙ୍କୁ ସ୍ମରଣ କରି ଚାରିଆଡ଼କୁ ଦୃଷ୍ଟିପାତ କଲେ । ଦେଖିଲେ ଗୋଟିଏ ମୃତ ଓଟର କଙ୍କାଳ ପଡ଼ିଛି, ତା'

ପେଟର ମାଂସ ଜୀବଜନ୍ତୁ ଖାଇଯାଇଥିବାରୁ ସେହି ପେଟ ଗୋଟାଏ କନ୍ଦରା ପରି ହୋଇଛି । ଲୁଚିବାର ସେହି ସ୍ଥାନଟି ଦେଖି ଝଟ୍ କରି ଯାଇ ସେହି ଶଢ଼ା ଦୁର୍ଗନ୍ଧମୟ କଙ୍କାଳ ମଧ୍ୟରେ ଲୁଚିଗଲେ । ସୈନିକମାନେ ସେହି ରାସ୍ତା ଦେଇ ଆଗକୁ ବହୁଦୂରକୁ ଗଲେ ଏବଂ ଶେଷରେ ତାଙ୍କୁ ନ ପାଇ ନିରାଶ ହୋଇ ସେହି ରାସ୍ତାରେ ଫେରିଲେ । କିନ୍ତୁ ଥରେହେଲେ ଯାଇ ସେହି ଓଟ କଙ୍କାଳକୁ ଦେଖିଲେ ନାହିଁ । ଦେଖିବେ କିପରି ? ତାହା କ'ଣ ମନୁଷ୍ୟ ଲୁଚିବାର ସ୍ଥାନ ? ସେଠାରେ ଏପରି ଦୁର୍ଗନ୍ଧ ହେଉଥିଲା ଯେ କୌଣସିମତେ ଲୁଗାରେ ନାକ ବନ୍ଦ କରି ପଳାଇବାକୁ ହେଲା । ସେ ଆଡ଼କୁ ଦୃଷ୍ଟି ସ୍ୱାଭାବିକରୂପେ ଗଲା ନାହିଁ । ''ଆହା, ଯେଉଁ ଦାମ୍ପତ୍ୟ ପ୍ରେମ ସାଧାରଣ ମନୁଷ୍ୟଜୀବନରେ ସର୍ବାପେକ୍ଷା ଶ୍ରେଷ୍ଠ, ଯାହା ପାଇଁ ମନୁଷ୍ୟ ନିଜର ଧର୍ମ, କର୍ମ, ନିଜ ଆତ୍ମା ଓ ସବୁକିଛିକୁ ଜଳାଞ୍ଜଳି ଦିଏ, ସେହି ପ୍ରେମ ଆଜି ତୁମ ସମ୍ମୁଖରେ ରହିଛି, କିନ୍ତୁ ତୁମେ ଯେଉଁ ଅଲୌକିକ ଦିବ୍ୟ ପ୍ରେମ ପ୍ରାପ୍ତ ହୋଇଛ, ତାହା ତୁଳନାରେ ମାନୁଷୀ ପ୍ରେମ ତୁମ ଦୃଷ୍ଟିରେ ଓଟର ଶଢ଼ା କଙ୍କାଳଠାରୁ ବି ଅଧିକ ଦୁର୍ଗନ୍ଧମୟ ବୋଲି ପ୍ରତୀତ ହେଉଛି !''

ନାଭାଜିଙ୍କ ''ଭକ୍ତମାଳ'' ଗ୍ରନ୍ଥର ଟୀକାକାର ପ୍ରିୟାଦାସଜିଙ୍କ ବର୍ଣ୍ଣନା କରିଛନ୍ତି–

''ଆଧି ନିସି ନିକସୀ ୟୋଂ ବସୀ ହିୟେ ମୂରତି ସୋ,
ପୂରନ ସନେହ ତନୁ-ସୁଧି ବିସରାଇ ହୈ ।
ଭୋର ଭୟେ ଶୋର ପର୍‌ୟୋ ପିତା-ମାତ ସୋଚ କର୍‌ୟୋ,
କରିବୈ ୟତନ ଠୌର-ଠୌର ଢୁଁଢ଼ବାଇ ହୈ ॥
ଚାରୋଂ ଓର ଦୌରେ ନର ଆୟେ ଢିଗ ଟରୀ ଜାନି,
ଊଁଟକେ କରଁକ ମଧ୍ୟ-ଦେହ ଜା ଦୁରାଇ ହୈ ।
ଜଗ-ଦୁରଗନ୍ଧ କୋଉ ଐସୀ ବୁରୀ ଲାଗୀ ଜାମେଂ,
ବହୁ ଦୁରଗନ୍ଧ ସୋଂ ସୁଗନ୍ଧ ଲୋଂ ସରାହୀ ହୈ ॥''



ଅର୍ଥାତ୍, ''କରମୈତୀ ଅର୍ଦ୍ଧରାତ୍ରିରେ ଘରୁ ବାହାରିପଡ଼ିଲେ, ତାଙ୍କ ହୃଦୟରେ ଇଷ୍ଟଦେବ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ବିରାଜମାନ କରୁଥିଲେ । ଭଗବାନଙ୍କଠାରେ ତାଙ୍କର ପୂର୍ଣ୍ଣ ପ୍ରେମ ହେବାରୁ ସେ ଶରୀରଜ୍ଞାନ ଭୁଲି ଯାଇଥିଲେ ।

''ଭୋର ହେଲା । କରମୈତୀ ଚାଲିଯିବାର ଖବର ଚାରିଆଡ଼େ ବ୍ୟାପିଗଲା । ପିତାମାତା ବହୁତ ଦୁଃଖରେ ପଡ଼ିଲେ ଏବଂ ରାଜାଙ୍କ ସୈନ୍ୟ ପଠାଇ ସ୍ଥାନେ ସ୍ଥାନେ ଖୋଜାଇଲେ । ଚାରିଆଡ଼େ ସୈନ୍ୟ ଦୌଡ଼ିଛନ୍ତି ମାତ୍ର କରମୈତୀ ଓଟ କଙ୍କାଳ ମଧ୍ୟରେ ଲୁଚି ରହିବାରୁ ତାଙ୍କୁ କେହି ପାଇଲେ ନାହିଁ । ସଂସାର ବିଷୟ ତାଙ୍କୁ ଏପରି ଦୁର୍ଗନ୍ଧ ଲାଗିଥିଲା ଯେ ସେ ଶଢ଼ା ଓଟର ବିକଟ ଦୁର୍ଗନ୍ଧକୁ ସୁଗନ୍ଧ ମନେକଲେ !''

ବୋଧହୁଏ ଏହି ସୁଯୋଗ କରମୈତୀଙ୍କ ସକାଶେ ଭଗବାନଙ୍କ ବିଧାନ ଥିଲା । ସେ ଆନନ୍ଦମଗ୍ନ ହୋଇ ଘୋର ନିଶାରାତ୍ରିରେ ଏକା– ନା ନା, ସେ ଏକା ନ ଥିଲେ, ତାଙ୍କ ସଙ୍ଗେ ଅଦୃଶ୍ୟରୂପେ ଥିଲେ ସମସ୍ତ ଜଗତର ପ୍ରଭୁ ଶ୍ରୀକୃଷ୍ଣ– ଘରୁ ବାହାରି ବ୍ରଜପୁରୀକୁ ଯାତ୍ରା କଲେ । ମନୁଷ୍ୟ ଯେବେ ମନ-ପ୍ରାଣ-ଚେତନାରେ ପରିଚାଳିତ ହୁଏ, ତେବେ ପଦେ ପଦେ ଭୟ କରେ, କିନ୍ତୁ ସେ ଯଦି ଭୟହାରୀ ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହୁଏ, ତେବେ ସେ ଭୟ କରିବ କାହାକୁ ? ପ୍ରଭୁ ତ ସର୍ବତ୍ର ବିଦ୍ୟମାନ । କରମୈତୀ ଅଳ୍ପବୟସର ବାଳିକା, ଘୋର ନିଶାରାତ୍ରିରେ ଦୌଡୁଛନ୍ତି । ରାତି ଶେଷପର୍ଯ୍ୟନ୍ତ ସେ କେତେଦୂର ଯାଇଛନ୍ତି, କେଉଁ ରାସ୍ତାରେ କେଉଁ ଆଡ଼େ ଯାଇଛନ୍ତି ସେ ନିଜେ ଜାଣନ୍ତି ନାହିଁ, ଜାଣିବ ବା କିଏ ? ସମସ୍ତ ଚେତନା ତାଙ୍କର କୃଷ୍ଣମୟ ହୋଇଯାଇଛି ।

କରମୈତୀ ଆଜି ଭଗବତ୍ ଭକ୍ତିରେ ପାଗଳିନୀ । ଭଗବାନ୍ ବି ତାଙ୍କ ହୃଦୟରେ ସ୍ପଷ୍ଟରୂପେ ବିଦ୍ୟମାନ । ସେ ସେହି ପ୍ରେମାବେଶରେ ତିନିରାତି ତିନିଦିନ ଓଟ କଙ୍କାଳ ଭିତରେ ପଡ଼ିରହିଲେ । ଯେଉଁ ଭଗବାନଙ୍କ କୃପାରୁ ଅଗ୍ନି ଶୀତଳ, ବିଷ ଅମୃତ ହୋଇଯାଏ, ତାଙ୍କ କୃପାରୁ ଦୁର୍ଗନ୍ଧ ସୁଗନ୍ଧରେ ପରିଣତ ହେବା ଆଶ୍ଚର୍ଯ୍ୟ କ'ଣ ? ଚତୁର୍ଥ ଦିନ ସକାଳୁ ସେଠାରୁ ବାହାରି ସେ କିଛି ଦୂର

ଆଗେଇଯିବା ପରେ କେତେଜଣ ଭକ୍ତ ସାଥୀ ମିଳିଗଲେ । ସେମାନଙ୍କ ସଙ୍ଗେ ହରିଦ୍ୱାରରେ ପହଞ୍ଚି ସେ ଗଙ୍ଗାରେ ସ୍ନାନ କଲେ । ଦର୍ଶନ ଶେଷ କରି ପ୍ରିୟତମ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବୃନ୍ଦାବନ ଯାତ୍ରା କଲେ । ସେଠାରେ ପହଞ୍ଚିବାମାତ୍ରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ସମୟରେ ବୃନ୍ଦାବନ କେବଳ ବୀତରାଗ ବୈଷ୍ଣବ ସାଧୁମାନଙ୍କର କେନ୍ଦ୍ର ଥିଲା । ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତରୁ ମହାମନା ଭକ୍ତମାନେ ଆସି ସେଠାରେ ଏକତ୍ର ହେଉଥିଲେ । ସେହି ଦିବ୍ୟ ଲୀଳାଭୂମିରେ ଦିବ୍ୟ ପ୍ରେମ ପ୍ରବାହିତ ହେଉଥିଲା । କରମୈତୀ ସେହି ପ୍ରେମପ୍ରବାହରେ ନିଜକୁ ନିମଜ୍ଜିତ କଲେ ।

ବୃନ୍ଦାବନରେ ଜଙ୍ଗଲସ୍ଥ ବ୍ରହ୍ମକୁଣ୍ଡ ଉପରେ ସେ ରହିଗଲେ । ସେ ପ୍ରଭୁଙ୍କ ପ୍ରେମରେ ମଗ୍ନ ହୋଇ ନିଜ ଶରୀରକୁ ଭୁଲିଗଲେ । ରାଜାଙ୍କ ଘୋଡ଼ାସବାର ସୈନ୍ୟ କରମୈତୀଙ୍କୁ ନ ପାଇ ଫେରି ଆସିବାରୁ ପରଶୁରାମଜିଙ୍କ ମନରେ ବଡ଼ ଦୁଃଖ ହେଲା । ସେ କନ୍ୟାକୁ ଖୋଜିବା ଉଦ୍ଦେଶ୍ୟରେ ଘରୁ ବାହାରି ପଡ଼ିଲେ । କରମୈତୀ ବୃନ୍ଦାବନ ଯାଇଥିବ, ଏହା ଅନୁମାନ କରି ସେଠାରେ ପହଞ୍ଚିଲେ । ସେହି ଜଙ୍ଗଲରେ ସେ କନ୍ୟାକୁ ପାଇବେ କିପରି ? କରମୈତୀ ଜଗତ୍ ସମ୍ମୁଖରେ କୌଣସି ପ୍ରସିଦ୍ଧା ଭକ୍ତା ନ ଥିଲେ । ସେ ତ କେବଳ ତାଙ୍କ ପ୍ରିୟତମଙ୍କ ପ୍ରେମରେ ବିଭୋର ହୋଇ ଜଙ୍ଗଲରେ ଗୋଟିଏ ଏକାନ୍ତ ସ୍ଥାନରେ ରହୁଥିଲେ । ଦିନେ ପରଶୁରାମଜି ଗୋଟିଏ ଗଛ ଉପରେ ଚଢ଼ି ଦେଖିଲେ ଯେ ବ୍ରହ୍ମକୁଣ୍ଡ ଉପରେ ଗୋଟିଏ ବୈରାଗିଣୀ ବସିଅଛନ୍ତି । ସେ ତତ୍‌କ୍ଷଣାତ୍ ଗଛରୁ ଓହ୍ଲାଇ ସେଠାକୁ ଦୌଡ଼ିଗଲେ । ଦେଖିଲେ କରମୈତୀ ସାଧୁବେଶରେ ଧ୍ୟାନମଗ୍ନ ହୋଇ ବସିଅଛନ୍ତି । ତାଙ୍କ ମୁଖମଣ୍ଡଳରେ ଭଜନର ନିର୍ମଳ ଶୀତଳ ତେଜଃ ପ୍ରକାଶିତ; ଆଖିରୁ ଅନବରତ ପ୍ରେମଜଳଧାରା ପ୍ରବାହିତ । କନ୍ୟାର ପ୍ରେମ-ଭକ୍ତି ଦେଖି ପରଶୁରାମଜି ହର୍ଷ ଆଉ ଶୋକରେ ବୁଡ଼ିଗଲେ । ବାତ୍ସଲ୍ୟସ୍ନେହ ଯୋଗୁଁ କନ୍ୟାର ବାହ୍ୟ ବେଶ ଆଉ କଠୋର ତ୍ୟାଗ ତାଙ୍କ ହୃଦୟକୁ ଯେପରି ବ୍ୟଥିତ କଲା, ସେହିପରି ଅନ୍ୟ ଦିଗରେ ତା'ର ଭଗବତ୍ ପ୍ରେମ ତାଙ୍କୁ



ଆନନ୍ଦପ୍ରବାହରେ ଭସାଇଦେଲା । ସେ ଏପରି ଭକ୍ତିମତୀ ଦେବୀର ପିତା ହୋଇଥିବାରୁ ନିଜକୁ ସୌଭାଗ୍ୟବାନ୍ ମନେକଲେ ।

ପରଶୁରାମଜି ନିଜ କନ୍ୟା ପାଖରେ ବସିବାର କେତେ ଘଣ୍ଟା ବିତିଗଲା, କିନ୍ତୁ କରମୈତୀ ଜାଗ୍ରତ୍ ହେଲେ ନାହିଁ । ଶେଷରେ ପରଶୁରାମଜି ତାଙ୍କୁ ହଲେଇ ସଚେତନ କଲେ, ଆଉ ବହୁତ ସ୍ନେହ ଅନୁନୟ ବିନୟ ସହିତ ଘରକୁ ଫେରିଯାଇ ଭଜନ କରିବା ସକାଶେ କହିଲେ । କରମୈତୀ କହିଲେ, ''ଏଠାକୁ ଆସି କିଏ ଫେରି ଯାଇଛି ? ଫେର୍ ମୁଁ ତ ସେହି ପ୍ରେମମୟଙ୍କ ପ୍ରେମସାଗରରେ ନିଜକୁ ବିସର୍ଜନ କରିଦେଇଛି । ଶରୀରରେ ଜୀବନ ଥିବା ସତ୍ତ୍ୱେ ମୃତ୍ୟୁକୁ ପ୍ରାପ୍ତ ହୋଇଛି ! ଏହି ମୃତପିଣ୍ଡ ଏଠାରୁ ଯିବ କିପରି ? ଆପଣ ଘରକୁ ଯାଇ ମୋ ମା' ସହିତ ଭଗବାନଙ୍କୁ ଭଜନ କରନ୍ତୁ, ଭଗବାନଙ୍କ ଭଜନ ସମାନ ସୁଖ ଆଉ ତିନିଲୋକରେ କେଉଁଠି ନାହିଁ ! ଭଗବାନଙ୍କ ଗୁଣଗାନ କରୁ କରୁ କରମୈତୀ ପ୍ରେମାବେଶରେ ମୂର୍ଚ୍ଛିତା ହୋଇଗଲେ । କନ୍ୟାର ଏପରି ପ୍ରେମାବସ୍ଥା ଦେଖି ଓ ତାଙ୍କର ଭକ୍ତିଯୁକ୍ତ ପ୍ରଭାବପୂର୍ଣ୍ଣ ବାଣୀ ଶୁଣି ନିଜ ସଂସାରୀ ଜୀବନକୁ ପରଶୁରାମଜି ବାରଂବାର ଧିକ୍‌କାର କଲେ । କରମୈତୀଙ୍କୁ ମୂର୍ଚ୍ଛାରୁ ଜାଗ୍ରତ୍ କରାଇ ଶ୍ରୀକୃଷ୍ଣଙ୍କ ଭଜନ କରିବାକୁ ପ୍ରତିଜ୍ଞା କଲେ ଏବଂ କନ୍ୟାର ବିଚ୍ଛେଦରେ ବ୍ୟଥିତ ହୃଦୟରେ ଘରକୁ ଫେରିଲେ । ଘରେ ପହଞ୍ଚି ପରଶୁରାମଜି ସ୍ତ୍ରୀଙ୍କ ପାଖରେ କନ୍ୟାର ସମସ୍ତ ଖବର ବର୍ଣ୍ଣନା କଲେ ଏବଂ କହିଲେ, ''ତୁ ଧନ୍ୟା, ତୋ ମାତାପିତା ଧନ୍ୟ ! ଏପରି ଭକ୍ତିମତୀ ପୁତ୍ରୀ ତୋ ଗର୍ଭରୁ ଉତ୍ପନ୍ନ ହେଲା ! ଆଜି ଆମ କୁଳ ପବିତ୍ର ଓ ଧନ୍ୟ ।''

ରାଜା ନିଜ ପୁରୋହିତ ପରଶୁରାମଜିଙ୍କଠାରୁ କରମୈତୀଙ୍କ ସମାଚାର ପାଇ ତାଙ୍କୁ ଦର୍ଶନ କରିବାକୁ ବୃନ୍ଦାବନ ଯାତ୍ରା କଲେ । ରାଜାଙ୍କ ମସ୍ତକ ଭକ୍ତିଭରେ ସ୍ୱତଃ ତାଙ୍କ ଚରଣରେ ନଇଁଗଲା । ରାଜା ଗୋଟିଏ ଛୋଟ କୁଟୀର ତାଙ୍କ ସକାଶେ ତିଆରି କରିବାକୁ ବହୁତ ପ୍ରାର୍ଥନା କଲେ । କିନ୍ତୁ କରମୈତୀ ମନା କରୁଥିଲେ, ଶେଷରେ ରାଜାଙ୍କୁ ବହୁତ ନିରାଶ ହେବା ଦେଖି ତାଙ୍କ ଆଗ୍ରହରେ

ବାଧା ଦେଲେ ନାହିଁ । ରାଜା ତାଙ୍କ ପାଇଁ ଗୋଟିଏ ଛୋଟ କୁଟୀର ତିଆରି କରିଦେଲେ । ଶୁଣାଯାଏ କରମୈତୀଙ୍କ କୁଟୀରର ଧ୍ୱଂସାବଶେଷ ଆଜିପର୍ଯ୍ୟନ୍ତ ବି ଅଛି ।

କରମୈତୀ ବାଈ ବହୁତ ତ୍ୟାଗପୂତ ବୃତ୍ତିରେ ରହୁଥିଲେ । ତାଙ୍କ ମନ ପ୍ରତିକ୍ଷଣ ଶ୍ରୀକୃଷ୍ଣଙ୍କ ରୂପ ଦର୍ଶନ କରି ଉନ୍ମତ୍ତ ହେଉଥିଲା । ତାଙ୍କ ଚକ୍ଷୁରୁ ନିରନ୍ତର ପ୍ରେମାଶ୍ରୁ ବର୍ଷା ହୋଇ ହୃଦୟକୁ ପ୍ଲାବିତ କରୁଥିଲା । ସେହି ପରମ ତପସ୍ୱିନୀ ଦେବୀ ତପୋମୟ ଜୀବନ ଯାପନ କରି ନଶ୍ୱର ଦେହ ତ୍ୟାଗ କରି ଶେଷରେ ଗୋଲୋକକୁ ଯାତ୍ରା କଲେ ।

ବୋଲ ଭକ୍ତ ଓ ଭଗବାନଙ୍କର ଜୟ ।

# ଭକ୍ତିବିଭୂଷିତା
# ନାରୀରତ୍ନ

**ଶ୍ରୀ ରାମକୃଷ୍ଣ ଦାସ**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ**
**ପଣ୍ଡିଚେରୀ**

**ଭକ୍ତିବିଭୂଷିତା ନାରୀରତ୍ନ**

ପ୍ରଥମ ମୁଦ୍ରଣ : ୧୯୬୬, ଷଷ୍ଠ ସଂସ୍କରଣ : ୨୦୦୮

ଲେଖକ : ଶ୍ରୀ ରାମକୃଷ୍ଣ ଦାସ

ସର୍ବସ୍ୱତ୍ୱ ସଂରକ୍ଷିତ
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୧୯୬୬

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**BHAKTIBIBHUSHITA NARIRATNA (Oriya)**

First Edition : 1966, Sixth Impression : 2008

by Ramakrishna Das

Price Rs. 60/-

© Sri Aurobindo Ashram Trust 1966

Published by Navajyoti Publication
A unit of Sri Aurobindo Ashram Publication Department
Pondicherry - 605 002

---

Printed at Sri Aurobindo Ashram Press, Pondicherry
PRINTED IN INDIA

## ସୂଚନା
(୨ୟ ସଂସ୍କରଣ)

ଏହି ପୁସ୍ତକର ପ୍ରଥମ ମୁଦ୍ରଣ ''ସାଧିକା-ସଂସାର'' ନାମରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏହାର ଦ୍ୱିତୀୟ ସଂସ୍କରଣରେ ନାମ ପରିବର୍ତ୍ତନ କରି ''ଭକ୍ତିବିଭୂଷିତା ନାରୀରତ୍ନ'' ରଖାହୋଇଛି । ପୁସ୍ତକଟିର କଳେବର ମଧ ବୃଦ୍ଧି ପାଇଛି । ''ବିଚିତ୍ର ବିଭୂତି'' ଓ ''ନବଜ୍ୟୋତି'' ପତ୍ରିକାର ବିଭିନ୍ନ ସଂଖ୍ୟାରେ ପୂର୍ବରୁ ପ୍ରକାଶିତ ନାରୀ-ଭକ୍ତମାନଙ୍କର ଜୀବନୀଗୁଡ଼ିକ ସଂଗ୍ରହ କରି ଏଠାରେ ଏକତ୍ର ସ୍ଥାନ ଦିଆଯାଇଛି । ଏହାଦ୍ୱାରା ଭକ୍ତି-ସାଧକ ତଥା ଭକ୍ତି-ଅନୁରାଗୀ ସାଧାରଣ ପାଠକମାନେ ବିଶେଷ ଉପକୃତ ହେବେ ବୋଲି ଆଶାକରୁ ।

— ପ୍ରକାଶକ

## ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ରାଣୀ ରତ୍ନାବତୀ | ... | ... | ୧ |
| ନିର୍ମଳା | ... | ... | ୧୮ |
| ଭଉଣୀ ସରସ୍ୱତୀ | ... | ... | ୨୯ |
| ଭକ୍ତିମତୀ ଲୀଳାବତୀ | ... | ... | ୪୦ |
| ଭକ୍ତିମତୀ ହସିନା ଓ ହମିଦା | ... | ... | ୫୮ |
| ଭକ୍ତିପରାୟଣା କୁଅଁର ରାଣୀ | ... | ... | ୬୭ |
| ଭକ୍ତିପରାୟଣା ଅଣ୍ଡାଳ ବା ରଙ୍ଗନାୟିକା | ... | ... | ୭୭ |
| ମୀରାବାଈ | ... | ... | ୯୨ |
| ଭକ୍ତିଦେବୀ ଫୁଲୀବାଈ | ... | ... | ୧୨୦ |
| ଜନାବାଈ | ... | ... | ୧୩୪ |
| ଭକ୍ତିମତୀ ରବିୟା | ... | ... | ୧୪୦ |
| ପରମଭକ୍ତା ଶବରୀ | ... | ... | ୧୫୪ |
| ଭକ୍ତିମତୀ ରାଜକନ୍ୟା | ... | ... | ୧୭୧ |
| କରମୈତୀ ବାଈ | ... | ... | ୧୭୬ |